ପ୍ରେମିକ ଗୁରୁ : ଏକ ଅଧ୍ୟୟନ

ଦୁର୍ଗାଚରଣ ମହାନ୍ତି

ପ୍ରେମିକଗୁରୁ : ଏକ ଅଧ୍ୟୟନ

ଶ୍ରୀ ଦୁର୍ଗାଚରଣ ମହାନ୍ତି

ପ୍ରକାଶକ:ନୀଳାଚଳ ସାରସ୍ୱତ ସଂଘ, ପୁରୀ

ପ୍ରେମିକଗୁରୁ : ଏକ ଅଧ୍ୟୟନ

ପ୍ରକାଶକ :

ନୀଳାଚଳ ସାରସ୍ୱତ ସଂଘ ପୁରୀ

ପ୍ରାପ୍ତିସ୍ଥାନ :

ନୀଳାଚଳ ସାରସ୍ୱତ ସଂଘ

ଶାଖା : ବାରଙ୍ଗ

ପୋ : ବାରଙ୍ଗ, ଜି : ପୁରୀ

ଏବଂ

ଶ୍ରୀ ଚୈତନ୍ୟ ଚରଣ ଦାସ

ସମାଜ ଅଫିସ, କଟକ-୧

ପ୍ରଥମ ପ୍ରକାଶ :

ଶ୍ରୀଗୁଣ୍ଡିଚ୍ଚ, ୧୯୮୫

ପ୍ରଚ୍ଛଦ :

ଅସିତ ମୁଖାର୍ଜୀ

ମୁଦ୍ରଣ :

ଗୁରୁପ୍ରସନ୍ନ ପ୍ରେସ୍

ନଭ କଲୋନୀ

ଖୋଲସାହି, କଟକ-୧

ମୂଲ୍ୟ :

ବାର ଟଙ୍କା ମାତ୍ର

●

ଦୟାମୟ ! ଯେନ ଗୁହାର
ଦିଅ ମୋତେ ତୁମ ପ୍ରେମ-ପାଗଲ କରି । ୦ ।

ପଲକ ପାଶୋରି ହେଉ ଆଖି ତୁମ ରୂପ ଚାହିଁ
ବାଉଲା କରି ହେ ମୋତେ ସରଗ ଶୋଭା ଦେଖାଇ
ତୁମ ନାମ ଗୀତ-ସୁର କାନରେ ଗୋ ଦିଅ ଭରି । ୧ ।

ହାତକୁ ଚଲାଅ ମୋର ତୁମରି ଚରଣ ତଳେ
ଶୋକ ଶୋଷ ମେଣ୍ଟି ଯାଉ ପିଇ ନାମ-କୃପା ଜଳେ
ସୁଖ ଦୁଃଖ ଏକା ହେଉ ତୁମରି ନାମ ସୁମରି । ୨ ।

ଯାହା ତୁମେ କର ସବୁ ମୋହରି ମଙ୍ଗଳ ପାଇଁ
ତୁମ ବିନେ ନ ମାଗିବି କାହାକୁ ହାତ ପତାଇ
ଶୟନେ ସ୍ୱପନେ ଖାଲି ତୁମ ଲାଗି ହେବି ଝୁରି । ୩ ।

— ଗୁରୁଦାସ —

ପରମହଂସ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ

ନିବେଦନ

ନମାମି ନଦୀୟାନାଥଂ ନିଗମାନନ୍ଦ ବିଗ୍ରହମ୍
ହଂସଂ ପରମପୂର୍ବାକ୍ଷ୍ୟଂ ସାରସ୍ୱତମଠେଶ୍ୱରମ୍ ।।
ଯୋଗୀଗୁରୁ—ଜ୍ଞାନୀଗୁରୁ—ସ୍ତାନ୍ତ୍ରିକଃ—ପ୍ରେମିକାଗ୍ରଣୀଃ ।
ପ୍ରେମ—ବୈରାଗ୍ୟବାନ୍, ଧୀରଃ, ପ୍ରକାମୀ, ପ୍ରେମଲୁବ୍ଧକଃ ।।
(ଶ୍ରୀ ଶ୍ରୀ ନିଗମାନନ୍ଦ ସହସ୍ରନାମ ସ୍ତୋତ୍ରମ୍)

ଶ୍ରୀ ଶ୍ରୀ ଠାକୁରଙ୍କ ଅପାର କରୁଣା ବଳରୁ ତାଙ୍କ ପ୍ରଣୀତ ପ୍ରେମିକ ଗୁରୁ ଗ୍ରନ୍ଥର କେତେକ ଆଲୋଚନା "ପ୍ରେମିକ ଗୁରୁ : ଏକ ଅଧ୍ୟୟନ' ନାମରେ ନାମିତ ହୋଇ ସ୍ୱତନ୍ତ୍ର ପୁସ୍ତକାକାରରେ ପ୍ରକାଶିତ ହେଲା ।

'ପ୍ରେମିକ ଗୁରୁ' ପୁସ୍ତକର ଓଡ଼ିଆ ଭାଷାନ୍ତରର ପ୍ରଥମ ସଂସ୍କରଣ ୧୯୬୧ ମସିହାରେ ପ୍ରକାଶିତ ହୋଇଥିଲା । ଏହି ସଂସ୍କରଣରେ 'ଅନୁବାଦକଙ୍କର ନିବେଦନ' ଶୀର୍ଷକ ଏକ ସୁଦୀର୍ଘ ମୁଖବନ୍ଧ ସନ୍ନିବେଶିତ ହୋଇଥିଲା । ପୁସ୍ତକଟିର ଦ୍ୱିତୀୟ ସଂସ୍କରଣରେ ଏହି ମୁଖବନ୍ଧକୁ ବାଦ୍ ଦେଇ ତଦପେକ୍ଷା ଏକ ସଂକ୍ଷିପ୍ତ ମୁଖବନ୍ଧ ସଂଯୋଜିତ ହୋଇଅଛି । କିନ୍ତୁ ବାଦ୍ ଦିଆଯାଇଥିବା ମୁଖବନ୍ଧରେ ଗ୍ରନ୍ଥପ୍ରଣେତା ପ୍ରେମିକଗୁରୁ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ସଂକ୍ଷିପ୍ତ ଜୀବନ ଚରିତ ସମେତ ପ୍ରେମତତ୍ତ୍ୱ, ରସତତ୍ତ୍ୱ, ଲୀଳା-ତତ୍ତ୍ୱ, ଭକ୍ତତତ୍ତ୍ୱ, ଅରବିନ୍ଦ ଦର୍ଶନ, ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗ ଦେବଙ୍କ ସାଧ୍ୟ ସାଧନ ତତ୍ତ୍ୱ, ଶ୍ରୀକୃଷ୍ଣ ଶ୍ରୀରାଧା ତତ୍ତ୍ୱ, ବୈଷ୍ଣବ ଦର୍ଶନ ପ୍ରଭୃତି ବହୁବିଧ ଉପାଦେୟ ବିଷୟର ବର୍ଣ୍ଣନା ଓ ବିଶ୍ଳେଷଣ ବହୁ ବୈଷ୍ଣବ ଗ୍ରନ୍ଥ, ପତ୍ରପତ୍ରିକା ଓ ପୁରାତନ 'ଆର୍ଯ୍ୟ ଦର୍ପଣ'ରୁ ସଂଗୃହୀତ ହୋଇ ପ୍ରଦତ୍ତ ହୋଇଥିବାରୁ ପୁସ୍ତକାକାରରେ ଏହାର ପ୍ରକାଶ ନିମିତ୍ତ ବହୁଭକ୍ତ ଆମକୁ ଅନୁରୋଧ ଜଣାଇଥିଲେ । ଆଜି ଭକ୍ତମାନଙ୍କର ସେହି ଇଚ୍ଛାପୂରଣ କରିବାକୁ ସମର୍ଥ ହୋଇ ଥିବାରୁ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣ ତଳେ ବିନମ୍ର ପ୍ରଣତି ଓ କୃତଜ୍ଞତା ଜ୍ଞାପନ କରୁଅଛୁଁ ।

ପ୍ରେମ କହିଲେ ସମସ୍ତେ ସୁଖ ପାଇବା ଭାବକୁ ହିଁ ବୁଝନ୍ତି । ଏହି ପ୍ରେମ ଯୁଗପତ୍ ଦେହସାପେକ୍ଷ ଓ ଦେହ ନିରପେକ୍ଷ । ଏହି ନିରପେକ୍ଷ ସୁଖ ପାଇବା ହିଁ ଯଥାର୍ଥ ପବିତ୍ର ପ୍ରେମ; ତାହା ଆକାଶର ଜଳଧାରା ସଦୃଶ ସ୍ୱଚ୍ଛ । ଦେହ ସଂସ୍ପର୍ଶରେ ଆସି ତାହା ଯେତେବେଳେ ନିର୍ଝର ପରି ନିର୍ମଳ ରହେ ସେତେବେଳେ ତାହାର ନାମ ପ୍ରୀତି ବା ପ୍ରଣୟ । ମର୍ତ୍ତ୍ୟଲୋକ ବା ଭାବରାଜ୍ୟର ଅନାବିଲ ସ୍ୱଚ୍ଛ ପ୍ରେମର ଆଭାସ ଏ ଜଗତର ପ୍ରତ୍ୟେକଙ୍କଠାରେ ପ୍ରତିଭାସିତ ହୋଇଅଛି । ତାହା ମୁଖ୍ୟତଃ ସ୍ୱାର୍ଥ-କେନ୍ଦ୍ରିକ ହେତୁ ଅର୍ଥାତ୍ ବିଷୟବାସନା ପୂର୍ତ୍ତି ହେତୁ କାମ ନାମରେ ଅଭିହିତ । ଏହାର ଅନ୍ୟନାମ ସୁର-ଗରଳ ।

ଗୋଟିଏ କଥାରେ ନିଜର ସ୍ୱାର୍ଥପର ଭୋଗ କଳୁଷିତ ଭାବ ହିଁ କାମ । ତ୍ୟାଗ ରୂପ ପରାର୍ଥପରତା ଯଦି ଭଗବତ୍‌ଜ୍ଞାନ ମିଶ୍ରିତ ହୁଏ, ତେବେ ତାହା 'ପ୍ରେମ' ନାମରେ କୀର୍ତ୍ତିତ ହୁଏ । ଅର୍ଥାତ୍ ଶ୍ରୀଗୁରୁଦେବ, ଶ୍ରୀ ଭଗବାନ ବା ଇଷ୍ଟଦେବଙ୍କ ତୁଷ୍ଟିସାଧନ ଉଦ୍ଦେଶ୍ୟରେ ଯେଉଁ କର୍ମ କରାଯାଏ ତାହା ହିଁ ପ୍ରେମ କର୍ମ । ପ୍ରେମକର୍ମ ପ୍ରେମଭାବରୁ ଜାତ । ଏହି ଭାବ ଈଶ୍ୱରଙ୍କୁ କେନ୍ଦ୍ର କରି ସାଧକଙ୍କ ପ୍ରାଣରେ ସ୍ୱତଃସ୍ଫୂର୍ତ୍ତ ହୋଇଥାଏ । ତେଣୁ ଈଶ୍ୱରଜ୍ଞାନରେ ଜଗତ୍‌କୁ ସୁଖ ପାଇବାରେ ହିଁ ପ୍ରେମର ସାର୍ଥକତା ।

ଏହି ଦୃଶ୍ୟମାନ ଜଗତ୍ କେତେ ନୟନ ମନୋମୁଗ୍ଧକର, ମଧୁର ଓ ଆନନ୍ଦଦାୟକ । ତେବେ ଏହାର ସ୍ରଷ୍ଟା, ଏହାର ପରିଚାଳକ ତଥା ସୃଷ୍ଟିର ଭାରସାମ୍ୟ ରକ୍ଷକ ବା ସାମଞ୍ଜସ୍ୟ ବିଧାୟକ ଶ୍ରୀଭଗବାନ ଯେ କିଭଳି ମନ-ମୋହନ, ନୟନାଭିରାମ, ମଧୁମୟ, ଆନନ୍ଦମୟ ହୋଇଥିବେ ତାହା ସହଜରେ ଅନୁମେୟ । ଏହାଙ୍କୁ ହିଁ ଶାସ୍ତ୍ର କହିଛନ୍ତି ଶ୍ରୀନନ୍ଦନନ୍ଦନ । ଯାହାଙ୍କ ଠାରୁ ସୌନ୍ଦର୍ଯ୍ୟର ଅଭିବ୍ୟକ୍ତି ହୁଏ ତାଙ୍କୁ ହିଁ ରସ କୁହାଯାଏ । ଏହି ରସ ହିଁ ସୌନ୍ଦର୍ଯ୍ୟ ଉପଲବ୍ଧିର ମୂଳ କାରଣ । ସମସ୍ତ ଜୀବର ଜୀବନ ସତେ ଯେପରି ଏହି ରସାନୁସନ୍ଧାନ ପାଇଁ ନିର୍ଦ୍ଦିଷ୍ଟ । ଅଭାବ ଓ ଅପୂର୍ଣ୍ଣତା ହିଁ ଅପୂର୍ଣ୍ଣ ଜୀବକୁ ଏହି ରସ ବା ଆନନ୍ଦ ସ୍ୱରୂପଙ୍କ ଅନୁସନ୍ଧାନ କରିବା ନିମିତ୍ତ ଲାଳାୟିତ ଓ ବ୍ୟସ୍ତ କରେ ।

ମାନବ ଇନ୍ଦ୍ରିୟ ମାଧ୍ୟମରେ ଯେଉଁ ସୌନ୍ଦର୍ଯ୍ୟ ଉପଭୋଗ କରେ ତାହା ଖଣ୍ଡସୌନ୍ଦର୍ଯ୍ୟ । କିନ୍ତୁ ସୌନ୍ଦର୍ଯ୍ୟ ପ୍ରକୃତପକ୍ଷରେ ଅଖଣ୍ଡ । ଯାହା

ପରିପୂର୍ଣ୍ଣ ଓ ଅଖଣ୍ଡ, ତାହା ହିଁ ରସ । ଶ୍ରୀ ଭଗବାନ୍ ହିଁ ଅଖଣ୍ଡରସ ସ୍ୱରୂପ ଅର୍ଥାତ୍ ଅନନ୍ତ ସୌନ୍ଦର୍ଯ୍ୟର ଆକର । ଥରେ ସେ ଜୀବର ନୟନପଥରେ ପଡ଼ିଲେ ତାଙ୍କୁ ଆଉ ଭୁଲିହୁଏ ନାହିଁ । ନୟନ ମନ ପୁଣି ତାଙ୍କୁ ଦର୍ଶନ କରିବାକୁ ଆକୁଳ ହୁଏ । ଏଥିପାଇଁ ଅଦ୍ୱୈତବାଦୀ ଆଚାର୍ଯ୍ୟ ଶଙ୍କର ଭକ୍ତି-ଗଦ୍‌ଗଦ୍ କଣ୍ଠରେ ଗାଇଛନ୍ତି—

'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।'

ସାଧକଙ୍କ ସ୍ତରଭେଦରେ ସେହି ଆନନ୍ଦସାଗର ଭଗବାନ ବିଭିନ୍ନ ଭାବରେ ସାଧକ ଭକ୍ତଙ୍କ ହୃଦୟରେ ଆତ୍ମପ୍ରକାଶ କରିଥାଆନ୍ତି । ପ୍ରାଣରେ ଐକାନ୍ତିକତା ବିରାଜିତ ଥିଲେ ସଂସାର କ୍ଷେତ୍ରରେ ମଧ୍ୟ ଏହି ଭାବସାଧନାରେ ପ୍ରତିକୂଳତା ଦେଖାଦିଏ ନାହିଁ । ଆନନ୍ଦରୁ ହିଁ ଜୀବଜଗତ୍ ଉତ୍ପନ୍ନ, ସ୍ଥିତ, ବିଲୀନ । ଆମେ ତାହା ଦେଖିବା ଭଳି ଦେଖୁନାହିଁ କି ବୁଝିବା ଭଳି ବୁଝୁ-ନାହିଁ—ଏପରି ସ୍ଥଳେ ଆନନ୍ଦ ଉପଲବ୍‌ଧି ବା ଭାବର ଅନୁଭୂତି ପ୍ରଶ୍ନ ମୂଳରୁ ଉଠେ ନାହିଁ । ସ୍ଥୂଳରେ ସେହି ପ୍ରେମାନନ୍ଦଭାବ କିଭଳି ସର୍ବତ୍ର କ୍ରିୟାଶୀଳ ହେଉଛି, ତାହା ପ୍ରତ୍ୟକ୍ଷ କରିବାର ବିଷୟ । ଆମେ ଯଦି ଶିଶୁର ହାସ୍ୟମଧ୍ୟରେ ଭଗବତ୍‌ହାସ୍ୟର ମାଧୁର୍ଯ୍ୟ, କ୍ରନ୍ଦନରେ ତାଙ୍କର କାରୁଣ୍ୟ, କ୍ରୀଡ଼ାରେ ତାଙ୍କର ଲୀଳାଚଞ୍ଚଳତା, ବନ ଉପବନରେ ତରୁଲତାଦିର ହରିତ୍ ଅଙ୍ଗରେ ପ୍ରସ୍ଫୁଟିତ କୁସୁମାବଳୀର ବର୍ଣ୍ଣାଢ଼୍ୟ, ନୀଳ ଆକାଶରେ ଚଳମାନ ଶ୍ୱେତ ମେଘମାଳା ତଥା ପ୍ରାବୃଟର ମେଦୁର ବିତାନ ତଳେ ବକାଳିମାଳା ଓ ଇନ୍ଦ୍ରଧନୁର ବର୍ଣ୍ଣବୈଭବ, ଜୀବଜଗତର ରୂପ ବୈଭବରେ ବିସ୍ମୟକର ବିବିଧତ୍ୱ' ସରିତ୍‌ସାଗରରେ ନୟନସ୍ତମ୍ଭନକାରୀ ବିସ୍ତୀର୍ଣ୍ଣ ନୀଳ ଜଳ ରାଶି, ପ୍ରତ୍ୟୁଷ ଓ ପ୍ରଦୋଷରେ ଚନ୍ଦ୍ରସୂର୍ଯ୍ୟଙ୍କର ଉଦୟାସ୍ତ ପ୍ରଭୃତି ମନୋହର ସୌନ୍ଦର୍ଯ୍ୟ ମଧ୍ୟରେ ସେହି ପରମ ଶୋଭାମୟଙ୍କୁ ଭାବୁକ ଭକ୍ତଗଣ ଭାବ-ନେତ୍ରରେ ଦର୍ଶନ କରି ଶ୍ରୀଗୁରୁ ଭଗବାନ ଜ୍ଞାନରେ ସର୍ବଜୀବ ସେବାରେ ସ୍ନେହଶ୍ରଦ୍ଧା ସହାନୁଭୂତି ପୂର୍ଣ୍ଣ ହୃଦୟ ଧରି ସେବା କରିବାରେ ତଥା ଗୁରୁ ଗୁରୁଜନଙ୍କ ଆଜ୍ଞା ଆନନ୍ଦରେ ପାଳନ କରି ସେମାନଙ୍କ ସନ୍ତୋଷ ବିଧାନ କରିବାରେ ଯଦି ଅଭ୍ୟସ୍ତ ହୋଇଯାଉଁ ତେବେ ତାହା ବିକାଶମୟରେ

ଭଗବତ୍ ପ୍ରେମରସ ଅନୁଭବ କରିପାରିବା ସମ୍ଭବ ହେବ । ଏହା ହିଁ ଆମର ଭବରଙ୍ଗମଞ୍ଚରେ ହେବ ସାର୍ଥକ ଅଭିନୟ ।

ଆମେ ଅନିତ୍ୟଧାମରେ ନିତ୍ୟପ୍ରେମର ସାଧନା କରିବାକୁ ଆସିଛୁ, ଏହା ଯେପରି ଆମର ଘାତ ପ୍ରତିଘାତ ମଧ୍ୟ ଦେଇ ସ୍ମରଣ ରହି ପାରିବ ସେଥିନିମିତ୍ତ ପରମ କାରୁଣିକ ପ୍ରେମମୟ ପରମ ଆରାଧ୍ୟ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ଅନ୍ତରର ଐକାନ୍ତିକ ପ୍ରାର୍ଥନା ଜଣାଇବା ଶ୍ରେୟସ୍କର ହେବ । ସଙ୍ଘସେବୀ ପ୍ରେମିକ ଭକ୍ତମାନେ ସେହି ପ୍ରେମମୟଙ୍କୁ ସେବା ଶେଷରେ ପ୍ରାର୍ଥନା କରୁଛନ୍ତି—

ଏଇ ଧନଜନ ବିଶ୍ୱ ସକଳ ତୁମର
ଅରପିବ କିବା ଧନ ଅଛି ବା କି ମୋର ।

ଗୃହସ୍ଥ ଭାବରେ ନିଜର ବୋଲି ଯାହା କିଛି ଅଛି ସମସ୍ତ ତାଙ୍କ ସେବା, ତାଙ୍କ ନିଜ ଜନ ଅର୍ଥାତ୍ ପରିଜନମାନଙ୍କ ସେବାରେ ବିନିଯୋଗ କରି ପ୍ରେମିକ ଭକ୍ତ ନିଜର ଦୈନ୍ୟ ପ୍ରକାଶ କରିଛନ୍ତି ।

ଭକ୍ତି ଅର୍ଥ ନିରନ୍ତର ଶ୍ରୀଗୁରୁଭଗବାନଙ୍କୁ ଭଜନ ସ୍ମରଣ କରିବା । ଆସକ୍ତି ଅଥବା ଅହମିକା ଭକ୍ତିର ଘୋର ପରିପନ୍ଥୀ । ଭକ୍ତି ଶାସ୍ତ୍ର ବର୍ଣ୍ଣିତ ତ୍ରିବିଧ ଅପରାଧ ସମୂହ ଏହି ଅହମିକା ରାକ୍ଷସୀର ଗର୍ଭସମ୍ଭୂତ । ଏହି ଭକ୍ତି ଦେବୀଙ୍କୁ ରକ୍ଷା କରିବା ନିମିତ୍ତ ପ୍ରାଥମିକ ସାଧକମାନେ ବିବେକ ପ୍ରହରୀ କର୍ତ୍ତୃକ ନିୟମ ନିଷ୍ଠାର ବାଡ଼ ଘେରାଇ ନିର୍ଭରତାପୂର୍ଣ୍ଣ ଭାବ ଧରି ବାହ୍ୟ କଠୋର ମଧୁର ଶାସନ ମାଧ୍ୟମରେ ଅପରାଧ ହସ୍ତୀକୁ ନିର୍ମୂଳ କରିବାର ସଯତ୍ନ ପ୍ରୟାସ କରିବା ସର୍ବାଦୌ ପ୍ରୟୋଜନ । ତାହା ନ ହେଲେ ସାଧକଙ୍କର ସମସ୍ତ ଚେଷ୍ଟା ଯେପରି ମରୁଭୂମିରେ ମରୀଚିକା ଦର୍ଶନ ତୁଲ୍ୟ ନିରର୍ଥକ ହେବ । ଅଧିକନ୍ତୁ ଦେହରେ ମନୁଷ୍ୟ ହୋଇ ଦେବତ୍ୱ, ଈଶ୍ୱରତ୍ୱର ଆଲୋକ ଲାଭ ପରିବର୍ତ୍ତେ ପଶୁତ୍ୱର ଅତଳ ଅନ୍ଧକାର ମଧ୍ୟକୁ କ୍ରମଶଃ ନିମ୍ନଗତି କରି ସ୍ୱରୂପ ଜ୍ଞାନ ହରାଇ ପ୍ରକୃତିର ଆବର୍ତ୍ତିରେ ପ୍ରେତ ପରି ଘୂରିବୁଲିବା ହିଁ ସାର ହେବ ।

ଶ୍ରୀ ଶ୍ରୀ ଠାକୁର ଯାହା କହିଛନ୍ତି—ମୁଁ ସତ୍ୟଯୁଗର ବିମଳ ଆଲୋକ ଦର୍ଶନ କରୁଛି । ଜ୍ଞାନ ପ୍ରେମର ସାଧନାରେ ଭାରତବାସୀ ନିକଟ-

ଭବିଷ୍ୟତରେ ସତ୍ୟର ବିମଳ ଆଲୋକ ଦର୍ଶନ କରି ଧନ୍ୟ ହେବେ— ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବରେ ଆଜି ସର୍ବତ୍ର ତାହାର ଆଭାସ ଦେଖା ଗଲାଣି । ଏତକବେଳେ ପରମପିତା ଶ୍ରୀଗୁରୁଦେବଙ୍କ ଗୁରୁଗିରିର ସାର୍ଥକତା ରକ୍ଷା କରିବା ପାଇଁ ଆମମାନଙ୍କୁ ସଂଘବଦ୍ଧ ଭାବରେ ସତର୍କ ହୋଇ ଏହି ପ୍ରେମ ଭକ୍ତିର ସାଧନାରେ ଅଗ୍ରସର ହେବାକୁ ପଡ଼ିବ । ଏହା ବ୍ୟତୀତ ଲକ୍ଷ୍ୟସାଧନର ଅନ୍ୟ ପନ୍ଥା ନାହିଁ ।

ଜ୍ଞାନସ୍ନାନ କର୍ମକୁ ଶ୍ରଦ୍ଧା ବିରହିତ ଯଜ୍ଞ କୁହାଯାଏ । ଶ୍ରଦ୍ଧାହୀନ ଯଜ୍ଞ ଯେପରି ସୁଫଳ ଦାୟକ ନୁହେଁ, ସେହିପରି ଇଷ୍ଟପୂର୍ତ୍ତିର ମଧ୍ୟ ବିରୋଧୀ । ସୁତରାଂ ତାହା ସର୍ବପ୍ରଥମ ବର୍ଜ୍ଜନୀୟ । ଶ୍ରଦ୍ଧା ଥିଲେ ପ୍ରାଣରେ ପ୍ରେମର ତରଙ୍ଗ ପ୍ରବାହିତ ହୁଏ । ଶ୍ରଦ୍ଧାରୁ ରତିର ଉଦୟ ହୁଏ । ଏହି ସମର୍ଥାରତିରୁ ଉଦ୍ଗତ ପ୍ରେମର ଆଲୋକରେ ଶ୍ରୀଗୁରୁନାରାୟଣ ଲୀଳାୟିତ ହୋଇ ଉଠନ୍ତି । ଶ୍ରୀ ଚରିତାମୃତ କାରଙ୍କ ଭାଷାରେ ସେତେବେଳେ 'ଯହିଁ ଯହିଁ ନେତ୍ର ପଡ଼େ, ତହିଁ ତହିଁ ହରି ସ୍ଫୁରେ ।' ପ୍ରେମିକ ଗୋବିନ୍ଦ ଦାସଙ୍କ ପଦରେ ମଧ୍ୟ ଏହାର ସମର୍ଥନ ଦେଖିବାକୁ ମିଳେ ।

ସେତେବେଳେ ସାଧକଙ୍କ ମୁଖରେ ସୁମଧୁର ହାସ୍ୟ ଓ ଗଦ୍ ଗଦ ଭାଷା ଏବଂ ନୟନରୁ ପ୍ରେମାଶ୍ରୁର ମନ୍ଦାକିନୀଧାରା ନିର୍ଗତ ହୋଇଥାଏ । ଶ୍ରୀଗୁରୁଦେବଙ୍କ ପ୍ରେମ ଲାଭ କଲେ ସାଧକ ଭକ୍ତ ଭାବଭକ୍ତିର ମଣିରେ ରୂପାନ୍ତରିତ ହୋଇଯାନ୍ତି । ମହାତ୍ମା ଜ୍ଞାନଦାସଙ୍କ ପଦରେ—

ପରଶ ମଣିର ସାଥେ କି ଦେବ ତୁଳନାରେ
ପରଶ ଲାଗିଲେ ହୁଏ ସୁନା,
(ଆମର) ଶ୍ରୀଗୌରାଙ୍ଗ ଗୁଣେ ନାଚି ଗାଇ କେତେ ପାପୀ
ହୋଇଗଲେ ସୁନା ।

ଶ୍ରୀ ଶ୍ରୀ ଠାକୁର ହିଁ ଶ୍ରୀଗୁରୁ ଗୌରାଙ୍ଗଦେବ କେବଳ ପ୍ରେମିକ-ଶିରୋମଣି ନୁହନ୍ତି ଶ୍ରୀ ଶ୍ରୀ ଠାକୁର ଆମର ପ୍ରେମିକଗୁରୁ । ତାଙ୍କ ସ୍ପର୍ଶରେ ଯେ କ'ଣ ନ ହେବ ?—ଏ କଥା ଟିକିଏ ଚିନ୍ତାକରି ଦେଖିଲେ ତାହାର ନିର୍ଭୁଲ ସତ୍ୟତା ଉପଲବ୍ଧି କରି ହେବ । ସେତେବେଳେ ନିତ୍ୟ ପରମ-ପୁରୁଷଙ୍କ ପ୍ରେମ ଲାଭ କରି ସାଧକ ଭକ୍ତମାନେ ଧର୍ମଜଗତ, ଦେଶ ଓ

ପୃଥିବୀର ଘଡ଼ିସନ୍ଧି ମୁହୂର୍ତ୍ତରେ ଜଗତକୁ ଉନ୍ନତ ସ୍ତରକୁ ଘେନିଯିବାରେ ଅଗ୍ରଦୂତ ହେବେ; ସମସ୍ତ ବିରୋଧର ପ୍ରକୃତ ଅବସାନ ଘଟିବ; ଏହି ମରଧାମ ଅଚିରେ ବିଳମ୍ବେ ଅମୃତ ଆନନ୍ଦଧାମରେ ପରିଣତ ହେବ ।

ସାଧକ ଭକ୍ତମାନଙ୍କୁ ଆହୁରି ମଧ୍ୟ ସ୍ମରଣ କରାଇ ଦିଆଯାଉଛି ଯେ ସାଧାରଣ ଗୃହସ୍ଥ ଏବଂ ସଙ୍ଘାନ୍ତର୍ଭୁକ୍ତ ସମସ୍ତେ ଆମର ନିଜର ଏବଂ ଶ୍ରୀ ଶ୍ରୀ ଠାକୁର ଯୁଗ ପ୍ରୟୋଜନରେ ବ୍ୟକ୍ତି, ପରିବାର, ଦେଶ, ସମ୍ପ୍ରଦାୟ ନିର୍ବିଶେଷରେ ଆମ ସମସ୍ତଙ୍କର । ଆଉ ଜଣଙ୍କର ମୁକ୍ତି ନ ହେବା ପର୍ଯ୍ୟନ୍ତ ମୁଁ ମଧ୍ୟ ନିଷ୍କୃତି ପାଉ ନାହିଁ ବୋଲି ଶ୍ରୀ ଶ୍ରୀ ଠାକୁର ନିଜ ମୁଖରେ ଯାହା କହିଛନ୍ତି, ସେଥିରୁ କ'ଣ ଏହା ହିଁ ଅନୁମିତ ହୁଏ ନାହିଁ ଯେ ସେହି ପରମକାରୁଣିକ ଆଜି ମଧ୍ୟ ପ୍ରତ୍ୟେକ ଅଧମ ପତିତ ଭକ୍ତଙ୍କ ଉଦ୍ଧାର ନିମିତ୍ତ ବିସ୍ତା ପଛରେ ଧେନୁ ପରି ଘୁରି ବୁଲୁଛନ୍ତି ! !

ଅତଏବ ଆନନ୍ଦରେ ଦେହ, ମନ, ପ୍ରାଣର ସମ୍ୟକ୍ ସମର୍ପଣ ଦ୍ୱାରା ଭକ୍ତମାନେ ସମସ୍ତ ବିଷୟ ସାମଞ୍ଜସ୍ୟପୂର୍ଣ୍ଣ ଭାବରେ ଉପଲବ୍ଧି କରିପାରିବେ ଏବଂ ଶ୍ରୀଗୁରୁଦେବଙ୍କ ପ୍ରେମଶାଣିତ ପଥରେ ସଙ୍ଘମାଧ୍ୟମରେ ଭାବର ପ୍ରତିଷ୍ଠା କରି ଶ୍ରୀ ଶ୍ରୀ ଠାକୁରଙ୍କ ଇଚ୍ଛାକୁ ଫଳବତୀ କରିବାରେ ଯେପରି କୃତକାର୍ଯ୍ୟ ହୋଇପାରିବେ ଏହା ହିଁ ପରିଶେଷରେ ଆମର ନିବେଦନ ।

ଏହି ପୁସ୍ତକରେ 'ପ୍ରେମିକ ଗୁରୁର ପ୍ରଥମ ଓଡ଼ିଆ ସଂସ୍କରଣରେ ପ୍ରଦତ୍ତ ଅନୁବାଦକଙ୍କ ନିବେଦନ' ବ୍ୟତୀତ ପ୍ରେମିକ ଗୁରୁ ଗ୍ରନ୍ଥର ବିଷୟବସ୍ତୁ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଓ 'ପ୍ରେମିକ ଗୁରୁ ଗ୍ରନ୍ଥର ବୈଶିଷ୍ଟ୍ୟ' ବିଷୟରେ କିଛି ଆଲୋଚନା ପ୍ରଦତ୍ତ ହେଲା । ଶ୍ରୀ ଶ୍ରୀ ଠାକୁରଙ୍କ ଲିଖିତ ଗ୍ରନ୍ଥାବଳୀ, ଚିଠି ଓ ଉପଦେଶାବଳୀରୁ ସଂଗୃହୀତ ହୋଇ 'ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିରେ ପ୍ରେମ ପରିଶିଷ୍ଟରେ, ତାହା ସଂଯୋଜିତ ହୋଇଅଛି, ଆଶାକରୁଁ ପୁସ୍ତକଟି ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରେମିକ ଭକ୍ତ ଓ ପାଠକସମାଜରେ ସମାଦୃତ ହେବ । ଜୟଗୁରୁ ।

ଶ୍ରୀ ଶ୍ରୀ ଠାକୁର ଚରଣାଶ୍ରିତ

ବୀରତୁଙ୍ଗ — ଦୁର୍ଗାଚରଣ ମହାନ୍ତି

ତା ୨୭ । ୨ । ୧୯୮୩ — ସମ୍ପାଦକ, ନୀଳାଚଳ ସାରସ୍ୱତ ସଙ୍ଘ, ପୁରୀ

ରାଧାବ୍ରଜେନ୍ଦ୍ରାତ୍ମଜଭାବମୂର୍ତ୍ତିଦେ
ବୃନ୍ଦାବନ-ପ୍ରେମସୁଧାମରଦ୍ରୁମେ
କାରୁଣ୍ୟଧାରାଂ ନିଧାୟ ମହାତ୍ମନେ
ପରାତ୍ ପରସ୍ମୈ ଗୁରବେ ନମୋଽସ୍ତୁତେ ।

ଯେଉଁ ମହାପୁରୁଷ କୃପାପରବଶ ହୋଇ ଶ୍ରୀବୃନ୍ଦାବନପ୍ରେମସୁଧାମର-ଦ୍ରୁମରେ ରାଧାକୃଷ୍ଣଙ୍କ ଭାବମୂର୍ତ୍ତି ଦର୍ଶନ କରାଇଥାନ୍ତି, ସେହି ପରାତ୍ପର ଶ୍ରୀଗୁରୁଦେବଙ୍କୁ ପ୍ରଣତ ନିବେଦନପୂର୍ବକ ପ୍ରେମିକଗୁରୁ ଗ୍ରନ୍ଥର ଅବତାରଣା କରୁଅଛୁ ।

ପରମାରାଧ୍ୟତମ ଶ୍ରୀ ଶ୍ରୀ ଗୁରୁଦେବଙ୍କ ଅହେତୁକୀ କୃପାବଳରୁ 'ପ୍ରେମିକ ଗୁରୁ : ଏକ ଅଧ୍ୟୟନ' ପ୍ରେମିକ ଭକ୍ତ ଓ ପାଠକମାନଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ହେଲା ।

ପ୍ରେମ ହିଁ ଭଗବାନଙ୍କର ସ୍ୱରୂପ ଏବଂ ଅପ୍ରାକୃତ । ସେହି ଭଗବତ୍-ପ୍ରେମ ଲାଭ ହେଲେ ଏହି ସଂସାରରେ ରହି ନିତ୍ୟାନନ୍ଦ ଭୋଗକରି ଭକ୍ତମାନେ କୃତାର୍ଥ ହୁଅନ୍ତି । ଭଗବାନ ପ୍ରେମର ପ୍ରସ୍ରବଣ । ସେହି ପ୍ରସ୍ରବଣର ସାମାନ୍ୟ ଉତ୍ସ ଏହି ଜଗତରେ କ୍ଷୀଣ ଭାବରେ ପ୍ରବାହିତ । ଏହାର ନାମ ଭକ୍ତି । ସେହି ଉତ୍ସକୁ ଅବଲମ୍ବନ କରି ଏକନିଷ୍ଠ ଭାବରେ ତାଙ୍କର ଲକ୍ଷ୍ୟରେ ଅଗ୍ରସର ହୋଇପାରିଲେ ସହଜରେ ଭଗବତ୍ ସାକ୍ଷାତ୍କାର ଲାଭ ହୋଇଥାଏ ।

ଭକ୍ତିର ପରିଣତ ଅବସ୍ଥା ହିଁ ପ୍ରେମ; କିନ୍ତୁ ଏହି ପ୍ରେମଭକ୍ତି ଭଗବାନଙ୍କ ଇଚ୍ଛାବ୍ୟତୀତ କେହି ଲାଭ କରିପାରନ୍ତି ନାହିଁ । ଯାହାଙ୍କ ଇଚ୍ଛାରେ ଏହି ଜଗତର ସୃଷ୍ଟି-ସ୍ଥିତି-ଲୟ ସାଧିତ ହେଉଅଛି, ଦିନେ ତାଙ୍କର ଇଚ୍ଛାରେ ଜୀବଜଗତ ପ୍ରେମ ଲାଭ କରି ଧନ୍ୟ ହେବ ଏବଂ ସେତେବେଳେ ସମସ୍ତ

ଜଗତ ପ୍ରେମବନ୍ୟାରେ ଭାସମାନ ହେବ । ପୂର୍ବ ପୂର୍ବଜନ୍ମର ବହୁ ତପସ୍ୟା-ଫଳରେ ଏହି ପ୍ରେମ ଲାଭ ହୋଇଥାଏ । ପ୍ରେମ ହିଁ ଭଗବାନଙ୍କର ଆଶୀର୍ବାଦ । ଭଗବତ୍ ପ୍ରେମିକ ଏହି ଜଗତରେ ଦେହ ଧାରଣ କଲେ ତାଙ୍କୁ ବହୁ କଷ୍ଟ ସହ୍ୟ କରିବାକୁ ପଡ଼ିଥାଏ । ପ୍ରେମ ଅପ୍ରାକୃତ, ନିତ୍ୟାନନ୍ଦପ୍ରଦ ଓ ସ୍ୱର୍ଗୀୟ ବସ୍ତୁ ହୋଇଥିଲେ ମଧ୍ୟ ଆଧୁନିକ ପାଶ୍ଚାତ୍ୟ ଶିକ୍ଷାଦୃପ୍ତ ନବ୍ୟ ଯୁବକମାନେ ଏହି ପବିତ୍ର ପ୍ରେମଭାବକୁ ଅପବିତ୍ରଭାବରେ ଗ୍ରହଣ କରି ଅତି ନିନ୍ଦନୀୟଭାବରେ ହାସ୍ୟରସରେ ବ୍ୟବହାର କରିବାକୁ କୁଣ୍ଠାବୋଧ କରୁ-ନାହାନ୍ତି । ଯାହା ଭଗବାନଙ୍କର ସ୍ୱରୂପ, ଯାହା ପ୍ରତ୍ୟେକ ଅବତାରଙ୍କ ଅଙ୍ଗର ଭୂଷଣ ଓ ହୃଦୟର ଧନ, ଯେଉଁ ପ୍ରେମ ଜଗତରେ ଅତୁଳନୀୟ ମହାମୂଲ୍ୟ ସମ୍ପତ୍ତି, ସେହି ପ୍ରେମକୁ ଏପରି ବ୍ୟଙ୍ଗବିଦ୍ରୂପଭାବରେ ଗ୍ରହଣ କରିବା ଅତିଶୟ ପରିତାପର ବିଷୟ । କେତେ ଯୋଗୀଋଷି ସେହି ପ୍ରେମରୁ ବିନ୍ଦୁଏ ମାତ୍ର ପାଇବାପାଇଁ କାନ୍ଦି-କାନ୍ଦି ପ୍ରାଣ ତ୍ୟାଗ କରିଛନ୍ତି; ସେହି ପବିତ୍ର ଗୋପୀ-ପ୍ରେମଲାଭନିମିତ୍ତ ଶ୍ରୀକୃଷ୍ଣ, ଚୈତନ୍ୟ ଦେବ ଓ ଶ୍ରୀରାମକୃଷ୍ଣ ପରମହଂସ ଦେବ ପ୍ରଭୃତି କଳିଯୁଗର ଅବତାରମାନେ ବ୍ୟାକୁଳଭାବରେ କାନ୍ଦିଛନ୍ତି । ସେହି ଗୋପୀଭାବ ଆଜି ଆଧୁନିକ ଶିକ୍ଷିତ ସମାଜରେ ଅଶ୍ଳୀଳ କୁରୁଚିପୂର୍ଣ୍ଣ ବୋଲି ପ୍ରଚାରିତ ହେଉଅଛି । ତାହା ହେଲେ ମଧ୍ୟ ପ୍ରେମର କୌଣସି କ୍ଷତିବୃଦ୍ଧି ଘଟିବ ନାହିଁ । ଏହି ପ୍ରେମ ସାଗରରେ ଯେ ନିମଜ୍ଜିତ ହୋଇଛନ୍ତି, ତାଙ୍କ ବ୍ୟତୀତ ଅନ୍ୟ କେହି ଏହି ପ୍ରେମଧର୍ମର ମହତ୍ତ୍ୱ କେବେ ହେଲେ ହୃଦୟଙ୍ଗମ କରିପାରିବେ ନାହିଁ । କର୍ମ, ଜ୍ଞାନ ଓ ଭକ୍ତି ସେହି ପ୍ରେମର ଅଦୃଶ୍ୟ ଅଙ୍କୁରସଦୃଶ ।

ଆମେ ସମସ୍ତେ ସୌନ୍ଦର୍ଯ୍ୟପିପାସୁ । କାରଣ ଭଗବାନ ଅନନ୍ତ ସୌନ୍ଦର୍ଯ୍ୟ-ମୟ । ତାଙ୍କର ସୌନ୍ଦର୍ଯ୍ୟର ବିନ୍ଦୁମାତ୍ର ବିକାଶରେ ଏହି ଅନନ୍ତ ବ୍ରହ୍ମାଣ୍ଡର ଅନନ୍ତ ସୌନ୍ଦର୍ଯ୍ୟ ସୃଷ୍ଟି ହୋଇଅଛି । ସୌନ୍ଦର୍ଯ୍ୟ ମଧ୍ୟରେ ମାଧୁର୍ଯ୍ୟର ବିକାଶ । ସେହି ମାଧୁର୍ଯ୍ୟକୁ ସମସ୍ତେ ସର୍ବଦା ଅନ୍ତରରେ ଉପଲବ୍ଧି କରିବାପାଇଁ ବ୍ୟାକୁଳ । ଭକ୍ତମାନଙ୍କ ପ୍ରାଣ ସ୍ୱାଭାବିକ ଭାବରେ କୋମଳ ଓ ମଧୁମୟ । ସେହି ଚିତ୍ତକୁ ସାଂସାରିକ କାଳିମାଶୂନ୍ୟ କରି ରଖିପାରିଲେ ସେଥିରେ ତାହା

ଚିରଦିନ ମଧୁମୟ ହୋଇ ରହେ । ଏହି କାରଣରୁ ଶୈଶବରେ ଶିଶୁଚିତ୍ତ ସ୍ୱାଭାବିକ ଭାବରେ ଆନନ୍ଦମୟ ଥାଏ । ସେହି ଶୈଶବକାଳୀନ ଚିତ୍ତକୁ ଯେଉଁମାନେ ଯୌବନ ଓ ବୃଦ୍ଧ ବୟସ ପର୍ଯ୍ୟନ୍ତ ରକ୍ଷା କରିପାରିଛନ୍ତି, ସେହି-ମାନଙ୍କ ପ୍ରାଣରେ ଏହି ମାଧୁର୍ଯ୍ୟଭାବ ସହଜରେ ଅନୁଭୂତ ହୋଇଥାଏ । ଦୁଇ ବସ୍ତୁର ସମାନ ଆକାରପ୍ରକାର ହେଲେ ସେମାନେ ପରସ୍ପର ପରସ୍ପରକୁ ଆକର୍ଷଣ କରିଥାଆନ୍ତି । ଯାହାଙ୍କ ପ୍ରାଣ ଶିଶୁପରି ମଧୁମୟ ଥାଏ, ତାଙ୍କ ପ୍ରାଣ ସହଜରେ ସୌନ୍ଦର୍ଯ୍ୟପ୍ରତି ଆକୃଷ୍ଟ ହୋଇଥାଏ । ଯାହାଙ୍କ ଚିତ୍ତ ଯେତେ ମଧୁର ଓ ସରଳ, ସେ ସୌନ୍ଦର୍ଯ୍ୟପ୍ରତି ସେତିକି ଆକୃଷ୍ଟ ହୋଇଥାନ୍ତି ।

ଭକ୍ତିପଥ ସହଜସାଧ୍ୟ ହେଲେ ମଧ୍ୟ ଏହାର ଅଧିକାରୀଭେଦ ଥିବାରୁ ଏହି ତତ୍ତ୍ୱକୁ ଗୋପନ ରଖାଯାଇଛି । ମାନବ-ଚିତ୍ତର କ୍ରମବିକାଶ ସଂଘଟିତ ହେଉଅଛି । ଆଜି ଯାହା ସାଧାରଣଙ୍କ ନିକଟରେ ଗୋପନ କରାଯାଉଛି, କିଛି ଦିନ ଅତୀତ ହେବା ପରେ ମାନବସମାଜ ତାହା ସ୍ୱତଃ ହୃଦୟଙ୍ଗମ କରିପାରିବ । ଆଜି ଯାହା ସାଧାରଣରେ ଅପ୍ରକାଶ୍ୟ ବୋଲି ନିଷେଧ କରାଯାଉଛି, କିଛି ଦିନ ପରେ ସେହି ତତ୍ତ୍ୱ ସାଧାରଣରେ ପ୍ରଚାରିତ ହେବାକୁ ଋଷିମାନେ ଆଦେଶ ଦେବେ । ମାନବ କ୍ରମୋନ୍ନତି ପଥରେ ଯେତେ ଅଧିକ ଅଗ୍ରସର ହେବ, ତତ୍ତ୍ୱ ରାଜ୍ୟର ଗୁପ୍ତ ବିଷୟ ସେହି ପରିମାଣରେ ମହାପୁରୁଷମାନେ ଜନସାଧାରଣଙ୍କ ନିକଟରେ ବ୍ୟକ୍ତ କରିବେ ଏବଂ ତାହା ହେବ ଜନସାଧାରଣଙ୍କ ସାଧନାର ବିଷୟ ।

ଏ ଜଗତରେ ଭଗବାନ ସମସ୍ତ ରଖିଛନ୍ତି । କାଳକ୍ରମେ ନୂତନ କିଛି ପ୍ରବର୍ତ୍ତିତ ହେବ ନାହିଁ । ବର୍ତ୍ତମାନ ଯାହା ଗୋପନ ଅଛି, ସୁସମୟ ଉପସ୍ଥିତ ହେଲେ ତାହା ପ୍ରକାଶିତ ଓ ପ୍ରଚାରିତ ହେବ, ଏତିକି ମାତ୍ର ପ୍ରଭେଦ । ସିଦ୍ଧ ମହାପୁରୁଷମାନେ ସବୁକାଳରେ ନିତ୍ୟ ବର୍ତ୍ତମାନ ଅଛନ୍ତି । ସେମାନେ ମାନବ-ଜାତିର ଗୁରୁ ଓ ଅଭିଭାବକ ଏବଂ ମାନବର କ୍ରମବିକାଶର ନିୟାମକ ଓ ପରିଚାଳକ । ଏହି ମହର୍ଷିମାନେ ସେମାନଙ୍କର ଅନୁଗତ ଓ ଅନୁଗୃହୀତ ସାଧନାଶୀଳ ଶିଷ୍ୟମାନଙ୍କୁ ନେଇ ମଣ୍ଡଳୀ ବା ସଂଘ ଗଠନପୂର୍ବକ ଗୋପନରେ ନାନାବିଧ ତତ୍ତ୍ୱ ଏବଂ ସତ୍ୟର ସାଧନା ଓ ପରୀକ୍ଷା କରୁଛନ୍ତି । ଫଳରେ

ସତ୍ୟଜ୍ଞାନ ସମ୍ବନ୍ଧରେ ନାନାବିଧ ଅଭିଜ୍ଞତା ସଞ୍ଚିତ ହେଉଅଛି । ବହୁକାଳରୁ ଗୁରୁଶିଷ୍ୟ-ପରମ୍ପରାକ୍ରମେ, ଏହି ସାଧନା ଓ ତପସ୍ୟା ଚାଲିଆସୁଛି । ଯେବେ ଉପଯୁକ୍ତସମୟ ଆସିଲେ ମହର୍ଷିମାନେ ଉପର୍ଯ୍ୟୁକ୍ତ ଗୁହ୍ୟତତ୍ତ୍ୱକୁ ଶିଷ୍ୟ-ମାନଙ୍କର ଉପଯୁକ୍ତ ଆଧାର ମାଧ୍ୟମରେ ଜଗତକୁ ବିତରଣ କରିବେ ।

ଯେତେବେଳେ ସାଧାରଣ ଜନସମାଜକୁ ସେମାନେ ଏହି ସାଧନରହସ୍ୟ ଦାନ କରିବାକୁ ଇଚ୍ଛା କରନ୍ତି, ସେତେବେଳେ ସିଦ୍ଧଗୁରୁ ଓ ଅବତାରଙ୍କ ଆବିର୍ଭାବ ଘଟେ ଏବଂ ସେମାନେ ଆଚରଣଦ୍ୱାରା ଏହି ତତ୍ତ୍ୱର ସାଧନା ଜଗଦ୍‌ବାସୀଙ୍କ ସମ୍ମୁଖରେ ପ୍ରଦର୍ଶନ କରି ଆଦର୍ଶ ସ୍ଥାପନ କରନ୍ତି । କିନ୍ତୁ ଯେବେ ଶିକ୍ଷାଦାନ କଲାପରେ ସେମାନେ ଅପ୍ରକଟ ହେଲେ ମଧ୍ୟ ଏକାବେଳକେ ଏ ଜଗତରୁ ଚାଲିଯାଆନ୍ତି ନାହିଁ । ସେ ଯେଉଁ ଯୁଗଧର୍ମ ପ୍ରବର୍ତ୍ତନ କରିବେ, ଅଦୃଶ୍ୟ ଭାବରେ ରହି ଉପଯୁକ୍ତ ଅଧିକାରୀଙ୍କଠାରେ ଶକ୍ତିସଞ୍ଚାରପୂର୍ବକ ସେହି ଧର୍ମ ପ୍ରତିପାଳନ କରାନ୍ତି । ଉପର୍ଯ୍ୟୁକ୍ତ ପ୍ରକାରରେ ମାନବଜାତିର ଚିତ୍ତକ୍ଷେତ୍ରର ଉନ୍ନତି ସାଧିତ ହୋଇଆସୁଛି—ଏହା ହିଁ ବିଶ୍ୱସୃଷ୍ଟିର ଧାରା ।

ଅରବିନ୍ଦ ଦର୍ଶନର ମୂଳସୂତ୍ର ହେଲା —(୧)ସାଧନା ଓ ସିଦ୍ଧିର ଲକ୍ଷ୍ୟ କେବଳ ଆତ୍ମମୁକ୍ତି ନୁହେଁ, ଜଗତର ଅତିମାନସ ରୂପାନ୍ତର ହିଁ ଅଧ୍ୟାତ୍ମ ସାଧନାର ପରମସାଧ୍ୟ । ଏହି କାର୍ଯ୍ୟ ସହଜସାଧ୍ୟ ନ ହେଲେ ମଧ୍ୟ ଯେଉଁମାନେ ଜଗତର ହିତ ଉଦ୍ଦେଶ୍ୟରେ ଜୀବନକୁ ସମର୍ପଣ କରିବେ, ସେହି ସାଧକମାନଙ୍କ କାର୍ଯ୍ୟରେ ମହାଶକ୍ତି ସହାୟକ ହେବେ । ତେଣୁ ଜଗତର ହିତନିମିତ୍ତ ତପସ୍ୟାର ପ୍ରୟୋଜନ । ପରମପୁରୁଷ ସୃଷ୍ଟି ଆରମ୍ଭରୁ ଏହି ତପସ୍ୟା କରିଆସୁଛନ୍ତି । ଆମମାନଙ୍କୁ ତାଙ୍କର ପ୍ରୀତି ନିମିତ୍ତ ତପସ୍ୟାନିରତ ହେବାକୁ ପଡ଼ିବ । ତାହା ହେଲେ ଆମ ଭିତରେ ଆତ୍ମଶକ୍ତି ଜାଗ୍ରତ ହୋଇ ଉଠିବ । ଏହା ହିଁ ତାଙ୍କ ଭାଷାରେ ଚୈତ୍ୟପୁରୁଷ (**Psychic being**) ଏହି ଚୈତ୍ୟପୁରୁଷ ବିଜ୍ଞାନଘନ ପୁରୁଷରେ ରୂପାନ୍ତରିତ ହେଲେ ଯାଇ ସାଧନାର ପରିସମାପ୍ତି ଘଟିବ । ତେଣୁ ବ୍ୟକ୍ତି

ବା ବ୍ୟଷ୍ଟିଶକ୍ତିର ରୂପାନ୍ତର ହେଲେ ସମଷ୍ଟି ରୂପାନ୍ତରିତ ହେବ । ବ୍ୟକ୍ତିକୁ ଅବଲମ୍ବନ କରି ବିଶ୍ୱଚେତନା ବିସ୍ତାରିତ ହୁଏ । ସେହି ବିଜ୍ଞାନଘନ ପୁରୁଷଙ୍କୁ ଆଶ୍ରୟ କରି ଜଗତରେ ଗଢ଼ି ଉଠିବ ଗୋଟିଏ ଦିବ୍ୟସଂଘ । ତାହାର ମାଧ୍ୟମରେ ଧୀରେ-ଧୀରେ ବ୍ରହ୍ମର ଅତିମାନସ ଚେତନା (Suparmental consciousness) ବିଶ୍ୱରେ ସଂକ୍ରମିତ ହେବ । ଏହା ହିଁ ଶ୍ରୀ ଅରବିନ୍ଦଙ୍କ ମତରେ ମାନବ ଜୀବନର ଭବିଷ୍ୟତ ମାଳିକା ।

ଉପର୍ଯ୍ୟୁକ୍ତ ଲକ୍ଷ୍ୟକୁ ସମ୍ମୁଖରେ ରଖି ଶ୍ରୀ ଅରବିନ୍ଦଙ୍କର ପୂର୍ଣ୍ଣଯୋଗ ପ୍ରତିଷ୍ଠିତ । ବ୍ୟକ୍ତିକୁ ନିମିତ୍ତ କରି ଏହି ଯୋଗ ଦିନେ ବିଶ୍ୱସାରା ସଞ୍ଚାରିତ ହୋଇଯିବ । ସମାଜ ହେବ ଯୋଗୀର ସମାଜ । ଏହି ଶକ୍ତିଲାଭନିମିତ୍ତ ଚିତ୍ତଶୁଦ୍ଧିର ଏକାନ୍ତ ପ୍ରୟୋଜନ । ଦେହ, ମନ, ପ୍ରାଣ ସମର୍ପଣ କରି ସାଧକ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରି ଦିଅନ୍ତି । ଭଗବାନ ବା ମହାଶକ୍ତି ସେହି ଆଧାରକୁ ଅବଲମ୍ବନ କରି ଜଗତର କାର୍ଯ୍ୟ କରାଇନେଇଥାନ୍ତି । ପୁରୁଷୋତ୍ତମରୂପରେ ଯେ ପ୍ରକୃତିର ହିଁ ଭର୍ତ୍ତା, ସେ ହିଁ ପୂର୍ଣ୍ଣଯୋଗୀର ଜୀବନ ଦେବତା । ଏହି ପୁରୁଷୋତ୍ତମ-ତତ୍ତ୍ୱ ହିଁ ଅରବିନ୍ଦଦର୍ଶନର ସର୍ବସ୍ୱ । ତାଙ୍କ ମତରେ ଜୀବ ଏହି ପୁରୁଷୋତ୍ତମ ବା ମହେଶ୍ୱରଙ୍କୁ ଲାଭ କରି ମହେଶ୍ୱର ହୋଇଯିବ ।

ଗ୍ରନ୍ଥପ୍ରଣେତା ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ ଦେବଙ୍କ ଜୀବନାଦର୍ଶ ସଙ୍ଗରେ ଏହି ଦର୍ଶନର ଯୋଗ ଅତିଶୟ ଗଭୀର । ସେ ମଧ୍ୟ କହିଛନ୍ତି ଯେ ସାଧକ ଅନ୍ତରମଧ୍ୟରେ ନିଜକୁ ନିତ୍ୟଜୀବ ବୋଲି ଉପଲବ୍ଧି କରି ପାରିଲେ ସେ ହିଁ ପୂର୍ଣ୍ଣବ୍ରହ୍ମରେ ପରିଣତ ହେବ । ଏଥିରେ ପ୍ରାଣ-ମନ-ନିରୋଧର ପ୍ରୟୋଜନ ନାହିଁ । ସାଧକମାନେ କେବଳ ପ୍ରେମ-ପ୍ରୀତିବଳରେ ଜୀବନ-ଦେବତାଙ୍କୁ ସୁଖ ପାଇ ଏହି ସିଦ୍ଧି ତନୁ ଲାଭ କରି ସଂସାରକୁ ପ୍ରେମର ସଂସାରରେ ବା ଆନନ୍ଦବୃନ୍ଦାବନରେ ପରିଣତ କରି ପାରିବେ । ତାଙ୍କୁ କେନ୍ଦ୍ର କରି ଗୋଟିଏ ଶକ୍ତିଶାଳୀ ସଂଘ ଗଠିତ ହୋଇ ତାଙ୍କ କଳ୍ପନାକୁ ରୂପ ପ୍ରଦାନ କରିବ । ମାନବ-ମନର ରୂପାନ୍ତର ହେଲେ ଦେହ, ପ୍ରାଣର ମଧ୍ୟ ରୂପାନ୍ତର ସାଧିତ

ହୋଇଥାଏ । ଏବଂବିଧ ସାଧକ ଭଗବାନଙ୍କୁ ଏହି ଦେହ, ମନ, ପ୍ରାଣ ଦେଇ ଉପଲବ୍ଧି କରିପାରିବେ—ଶ୍ରୀଶ୍ରୀ ଠାକୁର ଏହି ଆଶୀର୍ବାଦ ପ୍ରଦାନ କରିଛନ୍ତି । *

ଆଜକୁ ସାଢ଼େ ଚାରି ଶହ ବର୍ଷ ପୂର୍ବରୁ ଆମରି ଏହି ଭାରତ ଭୂମିରେ ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗ ଦେବଙ୍କର ଆବିର୍ଭାବ ହୋଇଥିଲା । ଶ୍ରୀଗୌରାଙ୍ଗ ଦେବ ନିଜେ ଆଚରଣ କରି ଏହି ପ୍ରେମତତ୍ତ୍ୱ ସାଧନର ଅଧିକାର ସାଧାରଣଙ୍କୁ ପ୍ରଦାନ କଲେ । ଏହି ପ୍ରେମତତ୍ତ୍ୱ ହିଁ ତତ୍ତ୍ୱରାଜ୍ୟର ଚରମ ଗୁପ୍ତ ରହସ୍ୟ, ଯାହାର ଅଦ୍ଭୁତ ପ୍ରଭାବ ଏହି ଗୌରାଙ୍ଗ ଦେବଙ୍କଦ୍ୱାରା ସର୍ବ ସାଧାରଣ ଅବଗତ ହେଲେ । ଏହି ପ୍ରେମ ସାଧନାର ଶକ୍ତି ଓ ଅଧିକାର ସେ ସାଧାରଣଙ୍କୁ ପ୍ରଦାନ କଲେ । ସେ ମାନବ-ସମାଜକୁ ଗୋଟିଏ ଅଭିନବ ଦୃଷ୍ଟି, ନୂତନ ଆଶା ଓ ନୂତନ ଆଗ୍ରହ ପ୍ରଦାନ କରି ନବବୃନ୍ଦାବନର ସୂତ୍ରପାତ କଲେ । ସେ ଶ୍ରୀକୃଷ୍ଣ ଚୈତନ୍ୟ ରୂପରେ ପ୍ରଥମେ ନିଜକୁ ଦାନ କଲେ । ମେଘ ଯେପରି ବୃଷ୍ଟିଧାରା-ରୂପରେ ନିଜକୁ ଢାଳି ଦେଇ ଜଗତର ଉପକାର କରେ, ସେହିପରି ପାପୀ-ତାପୀମାନଙ୍କ ଚେତନାରେ ସେ ଏହି ତତ୍ତ୍ୱ ଉପଲବ୍ଧିର ଅଭିନବ ସାମର୍ଥ୍ୟ ବା ଶକ୍ତି ସଞ୍ଚାର କଲେ । ଏହି ସାମର୍ଥ୍ୟର ନାମ ହିଁ ଶ୍ରୀକୃଷ୍ଣ ଚୈତନ୍ୟ ଅର୍ଥାତ୍ ଶ୍ରୀଗୌରାଙ୍ଗ ମହାପ୍ରଭୁ ହିଁ ସେହି ଶକ୍ତିର ଘନୀଭୂତ ବିଗ୍ରହ । ସେ ନିଜଗୁଣରେ ଜଗଦ୍‌ବାସୀଙ୍କୁ ସୁଖ ପାଇ ସେମାନଙ୍କୁ ଆପଣାର କରିନେଲେ ଏବଂ ସେ ସମସ୍ତଙ୍କର ଆପଣାର ବୋଲି ଧାରଣା କରାଇଲେ; କିନ୍ତୁ ବର୍ତ୍ତମାନ ତାଙ୍କୁ କିପରି ନିଜର ବୋଲି ଧାରଣା କରି ସୁଖ ପାଇପାରିବା, ତାହା ହିଁ ବିଚାର କରିବାର କଥା । ତାଙ୍କୁ ନିଜର ବୋଲି ଅନୁଭବ କରିପାରିଲେ ସାଧକଙ୍କ ଚିତ୍ତରେ ଏକ ଅଭିନବ ଚେତନାର ସାମର୍ଥ୍ୟ ଉଦ୍ଭୂତ ହେବ ଏବଂ

*ଶ୍ରୀଯୁକ୍ତା ନାରାୟଣୀ ଦେବୀଙ୍କ କୃତ 'ବାଂଲାର ସାଧନାୟେ ନିଗମାନନ୍ଦ' ପୁସ୍ତକରୁ ଗୃହୀତ । ଏହି ପୁସ୍ତକଟିର ଦ୍ୱିତୀୟ ପରିବର୍ଦ୍ଧିତ ସଂସ୍କରଣ 'ବାଂଲାର ସାଧନା ଓ ଶ୍ରୀଶ୍ରୀ ନିଗମାନନ୍ଦ ଦେବ' ନାମରେ ସାରସ୍ୱତ ମଠ ତରଫରୁ ପ୍ରକାଶିତ ହୋଇଅଛି ।

ସେହି ସାମର୍ଥ୍ୟଦ୍ୱାରା ସମସ୍ତେ ନିତ୍ୟ ବୃନ୍ଦାବନର ପରିଚୟ ପାଇପାରିବେ । ଶ୍ରୀବୃନ୍ଦାବନର ରାଧାକୃଷ୍ଣ ଏହି ତତ୍ତ୍ୱର ପ୍ରକଟବିଳାସ । ତେଣୁ ରାଧାପ୍ରେମ ସାଧ୍ୟ ସୀମା । ଏହି ପ୍ରେମ ଲଭ କରିବାନିମିତ୍ତ ଶ୍ରୀଗୌରାଙ୍ଗ ଦେବ ଗୋଟିଏ ସାର୍ବଜନୀନ ସାଧନୋପାୟ ପ୍ରବର୍ତ୍ତନ କରିଛନ୍ତି; ତାହା ହେଉଛି ହରିନାମ ସଂକୀର୍ତ୍ତନ । ଏହା ହିଁ ସର୍ବଯଜ୍ଞର ସାର ବା କଳିର ଯୁଗଧର୍ମ ।

ଏହି କଳିଯୁଗରେ ଏକମାତ୍ର ଆଲୋଚ୍ୟ ତତ୍ତ୍ୱ ହେଉଛି ପ୍ରେମ । ଏହି ପ୍ରେମତତ୍ତ୍ୱର ପୋଷକ ଭାବରେ କିମ୍ବା ସହାୟକରୂପରେ ଅନ୍ୟାନ୍ୟ ତତ୍ତ୍ୱର ଆଲୋଚନା ବା ଅନୁଶୀଳନ କରିବା କର୍ତ୍ତବ୍ୟ । ଏହି ପ୍ରେମ ବ୍ୟତୀତ ଆମର ଅନ୍ୟ କିଛି ପ୍ରାପ୍ତବ୍ୟ ବା ପ୍ରାର୍ଥନୀୟ ବସ୍ତୁ ନାହିଁ । ପ୍ରେମ ହିଁ ପରମ ପୁରୁଷାର୍ଥ । ପ୍ରେମ ହିଁ ପ୍ରୟୋଜନ । ନାମ ବ୍ୟତୀତ ସାଧନ ନାହିଁ, ପ୍ରେମ ବ୍ୟତୀତ ସାଧ୍ୟ ନାହିଁ—ଏହାହିଁ ଯୁଗଧର୍ମ । ତେଣୁ ପ୍ରେମର ସାର ଭାବ, ଭାବର ସାର ମହାଭାବ; ଶ୍ରୀରାଧା ହିଁ ମହାଭାବସ୍ୱରୂପିଣୀ । ତେଣୁ ଶ୍ରୀରାଧା ହିଁ ଭାବୁକମାନଙ୍କର ମହାଧନ, ରସିକମାନଙ୍କର ହୃଦୟରଞ୍ଜନ ।

ଉପନିଷଦ୍‌ରେ ଅଛି 'ଆନନ୍ଦ ହିଁ ବ୍ରହ୍ମ' । ଏହି ଆନନ୍ଦରୁ ସମସ୍ତେ ଜାତ ହୋଇଛନ୍ତି । ଆନନ୍ଦରେ ଜୀବିତ ଅଛନ୍ତି ଏବଂ ଦିନେ ସମସ୍ତେ ଆନନ୍ଦରେ ଲୀନ ହେବେ । ଏହି ଆନନ୍ଦର ଅପର ନାମ ମଧୁ । ଏହି ମଧୁମୟ ମନ୍ତ୍ର ଋଷି-ତପୋବନରୁ ଆରମ୍ଭ ହୋଇ ଶେଷ ପରିଣତି ଲଭ କଲା ବୃନ୍ଦାବନ-ଲୀଳାରେ । ତପୋବନର ସାଧନା ବୃନ୍ଦାବନରେ ସିଦ୍ଧିଲଭ କଲା । ବେଦର ଯେଉଁ ଆନନ୍ଦ ବ୍ରହ୍ମ, ବୃନ୍ଦାବନରେ ତାଙ୍କରି ନାମ ହେଲା ନନ୍ଦନନ୍ଦନ ଶ୍ରୀକୃଷ୍ଣ । ଶ୍ରୀବୃନ୍ଦାବନରେ ତାଙ୍କର ଦିବ୍ୟପ୍ରକାଶ ଘଟିଛି 'ମଧୁରାଧିପତେଃ ଅଖିଳଂ ମଧୁରଂ' ମୂର୍ତ୍ତିରେ । ଏହି ଆନନ୍ଦ ସର୍ବଦା ନିଜକୁ ଆନନ୍ଦରୂପରେ ଜାଣୁଛନ୍ତି, ଅନୁଭବ କରୁଛନ୍ତି ଓ ଆସ୍ୱାଦନ କରୁଛନ୍ତି ଏବଂ ସେହି ସର୍ବରସକଳେବର ଶ୍ୟାମସୁନ୍ଦର ଶ୍ରୀଗୋବିନ୍ଦ ତାଙ୍କର ଏହି ଅନୁଭବ ଓ ଆସ୍ୱାଦନକୁ ସର୍ବତ୍ରସଞ୍ଚାରିତ କରି ସମସ୍ତଙ୍କୁ ଆନନ୍ଦମୁକ୍ତ କରୁଛନ୍ତି । ଶ୍ରୀଭଗବାନ ଓ ଆନନ୍ଦବ୍ରହ୍ମଙ୍କ ସ୍ୱରୂପର ଯେଉଁ ନିତ୍ୟଶକ୍ତିଦ୍ୱାରା ନିତ୍ୟ ଏହି କାର୍ଯ୍ୟ ସାଧିତ ହେଉଅଛି, ତାହାର ନାମ ହ୍ଲାଦିନୀଶକ୍ତି ।

ଏହି ବିଶ୍ୱଲୀଳାରେ ଭଗବାନଙ୍କର ଏହା ହିଁ ପ୍ରଧାନ କାର୍ଯ୍ୟ । ହ୍ଲାଦିନୀ-ଶକ୍ତିଦ୍ୱାରା ସେ ତାଙ୍କର ଏହି କାର୍ଯ୍ୟ ସାଧନ କରନ୍ତି ।

ଭକ୍ତପୋଷଣ ଓ ବିଶ୍ୱପୋଷଣ ଏକାକଥା । ଏହି ହ୍ଲାଦିନୀଶକ୍ତି ହିଁ ଶାସ୍ତ୍ରରେ ଶ୍ରୀରାଧା ନାମରେ ଖ୍ୟାତ । ଶ୍ରୀରାଧାରାଣୀ ହିଁ ଭାବୁକଙ୍କର ମହାଧନ, ରସିକଙ୍କର ହୃଦୟରଞ୍ଜନ । ଶ୍ରୀରାଧା ହିଁ ପ୍ରେମସ୍ୱରୂପିଣୀ । ପ୍ରେମର ସାର ଭାବ, ଭାବର ସାର ମହାଭାବ । ଶ୍ରୀରାଧା ହିଁ ମହାଭାବସ୍ୱରୂପିଣୀ । ପ୍ରେମ ହିଁ ପରମ ପୁରୁଷାର୍ଥ । ସଦ୍‌ଗୁରୁଙ୍କ କୃପା ବ୍ୟତୀତ ଏହି ସାଧନାପଥରେ କେହି କେବେ ଅଗ୍ରସର ହୋଇପାରନ୍ତି ନାହିଁ । ସଦ୍‌ଗୁରୁ ହିଁ ଏହି ପଥର ସୁଦକ୍ଷ ପରିଚାଳକ ।

ପ୍ରେମ ବା ଭକ୍ତି ହିଁ ମୁକ୍ତାତ୍ମା ମାନବ-ପ୍ରାଣର ଅମୂଲ୍ୟ ସମ୍ପଦ । ପ୍ରେମ ହିଁ ମୁକ୍ତି ଓ ମୁକ୍ତିଲାଭପରେ ପ୍ରେମ ଲାଭ ହୋଇଥାଏ । ମୁକ୍ତି ପରେ ପ୍ରେମସେବାର ଆରମ୍ଭ । ମୁକ୍ତାତ୍ମାଗଣ ଭାବର ବନ୍ଧନଦ୍ୱାରା ଏକ ଅଭିନବ ପ୍ରେମଜଗତ ନିର୍ମାଣ କରିଥା'ନ୍ତି । ସେହି ନୂତନ ପ୍ରେମଜଗତର ନାମ ବୃନ୍ଦାବନ । ଶ୍ରୀରାଧା ହିଁ ଏହି ବୃନ୍ଦାବନର ଅଧୀଶ୍ୱରୀ । ଏହି ବୃନ୍ଦାବନ ପ୍ରତ୍ୟେକଙ୍କ ଅନ୍ତରରେ ଓ ବାହାରେ ନିତ୍ୟ ବିଦ୍ୟମାନ । ପ୍ରେମ ହିଁ ଏହି ବୃନ୍ଦାବନର ପ୍ରାଣ । ଏହି ପ୍ରାଣରୂପିଣୀ ଶ୍ରୀରାଧାଙ୍କ ଅନ୍ୱେଷଣ ସମଗ୍ର ଜଗତ ବର୍ତ୍ତମାନ ପୁଣି କରୁଅଛି; କିନ୍ତୁ ଏହି ଶ୍ରୀରାଧା କେବଳ ଖୋଜୁଛନ୍ତି ଶ୍ରୀକୃଷ୍ଣଙ୍କୁ । ଏହି ଶ୍ରୀକୃଷ୍ଣଙ୍କୁ ଲାଭ କରିବାକୁ ହେଲେ ଶ୍ରୀରାଧାଙ୍କ ପ୍ରେମଲାଭ କରିବାକୁ ହେବ । ଶ୍ରୀକୃଷ୍ଣଙ୍କୁ ନାନାଭାବରେ ଋଷିଗଣ, ଶ୍ରୁତିଗଣ, ଦେବୀଗଣ ଅର୍ଥାତ୍ ଗୋପୀମାନେ ଅନ୍ୱେଷଣ କରିଥିଲେ; କିନ୍ତୁ ଶେଷରେ ଶ୍ରୀରାଧାଙ୍କ ପଦାଙ୍କ ଅନୁସରଣ କରି ଶ୍ରୀରାଧାଙ୍କୁ ଲାଭ କରି ତାଙ୍କ ସହିତ ଏକପ୍ରାଣ ହୋଇ ଶ୍ରୀକୃଷ୍ଣଙ୍କୁ ଆହ୍ୱାନ କରିବାଫଳରେ ଶ୍ରୀରାସମଣ୍ଡଳରେ ସେମାନେ ଶ୍ରୀକୃଷ୍ଣଙ୍କୁ ଲାଭ କଲେ । ତେଣୁ ଶ୍ରୀରାଧାଙ୍କୁ ପାଇଲେ ଭଗବାନଙ୍କୁ ପାଇବାରେ କୌଣସି ବାଧା ରହିବ ନାହିଁ ।

ଏହି ଅନିତ୍ୟ ଜଗତରେ ପ୍ରେମଧନ ହିଁ ନିତ୍ୟ ବା ଅମୃତ । ଚିରସୁନ୍ଦରଙ୍କ ଉପାସନାକଲେ ଭକ୍ତମାନେ ମଧ୍ୟ ନିଜକୁ ଅନ୍ତରରେ ସୁନ୍ଦର

ବୋଲି ଅନୁଭବ କରିପାରିବେ । ଭକ୍ତମାନଙ୍କ ଦେହ, ମନ ମଧ୍ୟ ସୁନ୍ଦର ହୋଇଯିବ । ଯେଉଁମାନେ ସେହିଭାବରୂପୀ ଜନାର୍ଦ୍ଦନଙ୍କୁ ସତ୍ୟ ବୋଲି ଅନୁଭବ କରନ୍ତି, ସେହିମାନେ ହିଁ ମୁକ୍ତାତ୍ମା । ଭାବବନ୍ଧନ ଓ ପ୍ରେମ ଏହି ମୁକ୍ତାତ୍ମାମାନଙ୍କର ପ୍ରାଣର ସମ୍ପଦ । ପ୍ରେମ ହିଁ ମୁକ୍ତି । ତେଣୁ ମୁକ୍ତାତ୍ମାମାନେ ହିଁ ପ୍ରେମିକ । ଧର୍ମ ସାଧନାର ଶେଷ ସ୍ତର ମୁକ୍ତି ନୁହେଁ । ମୁକ୍ତିଲାଭ ସେତେ କଷ୍ଟ ସାଧ୍ୟ ମଧ୍ୟ ନୁହେଁ । ନାମର ଆଶ୍ରୟରେ ମଧ୍ୟ ମୁକ୍ତିଲାଭ ହୋଇଥାଏ । ଭଗବାନଙ୍କପ୍ରତି ଦ୍ୱେଷବୁଦ୍ଧି ପୋଷଣ କରି ମଧ୍ୟ ବହୁ ସାଧକ ମୁକ୍ତିଲାଭ କରିଛନ୍ତି । ମୁକ୍ତିଲାଭପରେ ପ୍ରେମ-ସେବାର ଆରମ୍ଭ । ମୁକ୍ତାତ୍ମାମାନେ ଜଗତକୁ ଭାବ ବା ପ୍ରେମବନ୍ଧନରେ ଆବଦ୍ଧ କରି ଗୋଟିଏ ଅଭିନବପ୍ରେମ ଜଗତର ସୃଷ୍ଟି କରିଥାନ୍ତି । ଏହି ନୂତନ ପ୍ରେମ ଜଗତର ନାମ ବୃନ୍ଦାବନ । ମହାଭାବରୂପିଣୀ ଶ୍ରୀରାଧାରାଣୀ ହିଁ ଏହି ବୃନ୍ଦାବନର ଅଧିଶ୍ୱରୀ । ଏହି ବୃନ୍ଦାବନ ବ୍ରହ୍ମାଣ୍ଡର ବାହାରେ ଏବଂ ପିଣ୍ଡରେ ପ୍ରତିଭକ୍ତଙ୍କ ଅନ୍ତରରେ ବିଦ୍ୟମାନ । ବାହାରେ ଏହାର ନାମ ଭାବଲୋକ ଏବଂ ଅନ୍ତରରେ ଏହା ଭାବତତ୍ତ୍ୱରୂପରେ ଅନୁଭୂତ ହୋଇଥାଏ । ପ୍ରେମ ହିଁ ଏହି ବୃନ୍ଦାବନର ପ୍ରାଣ । ଶ୍ରୀରାଧା ହିଁ ପ୍ରେମ-ସ୍ୱରୂପିଣୀ । ତେଣୁ ଆମର ଭାବ ଶ୍ରୀକୃଷ୍ଣ ଓ ପ୍ରାଣ ଶ୍ରୀରାଧା । ବହୁ ଭକ୍ତ ସାଧକ ଏହି ପ୍ରାଣ ଉପାସନା କରି ସିଦ୍ଧମନୋରଥ ହୋଇଛନ୍ତି । ଶ୍ରୀ ମନ୍‌ମହାପ୍ରଭୁ ଗୌରାଙ୍ଗ ଦେବଙ୍କ ଆବିର୍ଭାବପୂର୍ବରୁ ଜୟଦେବ, ବିଦ୍ୟାପତି ଓ ଚଣ୍ଡୀଦାସ ପ୍ରଭୃତି ଏବଂ ପ୍ରକଟକାଳରେ ଶ୍ରୀ ରାୟ ରାମାନନ୍ଦ, ସ୍ୱରୂପ ଦାମୋଦର ଓ ଶ୍ରୀ ରୂପ ଗୋସ୍ୱାମୀ ପ୍ରଭୃତି ମହାଜନମାନେ ଏହି ଉପାସନାରେ ସିଦ୍ଧ ମନୋରଥ ହୋଇ ଜଗତକୁ ସେମାନଙ୍କର ଅମିୟ ଭାବଧାରା ଦାନ କରିଛନ୍ତି । ବର୍ତ୍ତମାନ କାଳରେ ମଧ୍ୟ ବହୁ ସାଧକ ଏହି ଆନନ୍ଦର ଅନ୍ୱେଷଣରେ ଧ୍ୟାନମଗ୍ନ ଅଛନ୍ତି; ଶ୍ରୀରାଧାକୃଷ୍ଣଙ୍କୁ ଅନ୍ୱେଷଣକରୁଛନ୍ତି ଏବଂ ଜଗଦ୍‌ବାସୀ ଶ୍ରୀରାଧାଙ୍କଅନ୍ୱେଷଣରେ ତତ୍ପର ଅଛନ୍ତି କିନ୍ତୁ ଏହି ଶ୍ରୀରାଧା କେବଳ ଖୋଜୁଛନ୍ତି ଶ୍ରୀକୃଷ୍ଣଙ୍କୁ । ଏହି ଶ୍ରୀକୃଷ୍ଣଙ୍କୁ ଲାଭ କରିବାକୁ ହେଲେ ଶ୍ରୀରାଧାଙ୍କ ପ୍ରେମ ଲାଭ କରିବାକୁ ହେବ ।

ଶ୍ରୀକୃଷ୍ଣଙ୍କୁ ନାନାଭାବରେ ଋଷିମାନେ ଅର୍ଥାତ ଗୋପୀମାନେ ଅନ୍ୱେଷଣ କଲେ; କିନ୍ତୁ ପାଇ ପାରିଲେ ନାହିଁ । ଶେଷରେ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ପଦଚିହ୍ନ

ପ୍ରାପ୍ତ ହୋଇ ସେହି ଚନ୍ଦ୍ରର ଅନେ୍ୱଷଣ କରୁ- କରୁ ଲଭ କଲେ ବୃନ୍ଦାବନେଶ୍ୱରୀ ଶ୍ରୀ ରାଧାଙ୍କୁ । ସେମାନେ ସେହି ରାଧାଙ୍କସହିତ ନିଜ ମନ ପ୍ରାଣ ଏକ କରି ବ୍ୟାକୁଳ ଭାବରେ ପୂର୍ଣ୍ଣପ୍ରାଣରେ ଆହ୍ୱାନ କରିବାଫଳରେ ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ ହେଲେ । ସେମାନଙ୍କ ଅନେ୍ୱଷଣ ସଫଳ ହେଲା ଶ୍ରୀରାସମଣ୍ଡଳରେ ସେମାନେ ଶ୍ରୀରାଧାକୃଷ୍ଣଙ୍କୁ ଦର୍ଶନ କରି ଧନ୍ୟ ହେଲେ । ସୁତରାଂ ଏହି ପଥରେ ଭକ୍ତମାନେ ଅଗ୍ରସର ହେଲେ ଶ୍ୟାମସୁନ୍ଦରଙ୍କୁ ଲଭକରି ପାରିବେ । ଆମ୍ଭମାନଙ୍କର ଶ୍ରୀଗୌରାଙ୍ଗଦେବ ହିଁ ଶ୍ରୀରାଧା । ତେଣୁ ଶ୍ରୀଗୌରାଙ୍ଗ ଦେବଙ୍କ ପ୍ରଦର୍ଶିତ ପଥରେ ଗତିକଲେ ସମସ୍ତେ ଲକ୍ଷ୍ୟସ୍ଥଳରେ ଉପନୀତ ହୋଇପାରିବେ ଏଥି ପାଇଁ ଆମ ମାନଙ୍କ ଆରାଧ୍ୟା ହିଁ ଶ୍ରୀରାଧା । ଶ୍ରୀରାଧାକୃଷ୍ଣଙ୍କ ଉପାସନା ଅର୍ଥାତ ଯୁଗଲ-ଉପାସନା ହିଁ ଯଥାର୍ଥ ଉପାସନା । ଏହା ହିଁ ଭକ୍ତ ମାନଙ୍କର କାମ୍ୟ ।

ଶ୍ରୀଗୋବିନ୍ଦଂ ବ୍ରଜାନନ୍ଦସନ୍ଦୋହାମନ୍ଦିରମ୍ ।
ବନ୍ଦେ ବୃନ୍ଦାବନାନନ୍ଦଂ ଶ୍ରୀରାଧାସଙ୍ଗନନ୍ଦିତମ୍ ॥ ”

ଉପର୍ଯ୍ୟୁକ୍ତ ଭାବରେ ଯୁଗଲ-ଉପାସନାଫଳରେ ପ୍ରେମ ଲଭ ହୋଇଥାଏ ।

ଶ୍ରୀବୃନ୍ଦାବନଧାମରେ ରାସଲୀଳାରେ ହିଁ ଏହି ପ୍ରେମ ପୂର୍ଣ୍ଣତା ଲଭ କରିଥିଲା । ଶ୍ରୀରାଧାକୃଷ୍ଣତତ୍ତ୍ୱରେ ପ୍ରେମର ନିର୍ମଳ ବିକାଶ । ପ୍ରେମ ଅନିର୍ବଚନୀୟ ଆନନ୍ଦ ସ୍ୱରୂପରେ ବିଶୁଦ୍ଧ ଚୈତନ୍ୟମୟ । ଏହି ପ୍ରେମ ସ୍ପର୍ଶମଣି । ଏହାର ସାମାନ୍ୟ ପରଶମାତ୍ରେ ଜଡ-ଚେତନ ସମସ୍ତ ଚିନ୍ମୟ ହୋଇଯାଏ । ମାନବ ଅନ୍ତରରେ ଏହି ପ୍ରେମାନନ୍ଦର କିଞ୍ଚିତ ଆସ୍ୱାଦନ ଅଛି । ଏହି ଚିନ୍ମୟ ଆନନ୍ଦ ବା ପ୍ରେମାନନ୍ଦ ଯେତେବେଳେ ଆସ୍ୱାଦିତ ହୁଏ ସେତେବେଳେ ତାହା ଜଗତର ସୁଖପାଇଁ ବା ଭଗବାନଙ୍କ ସୁଖ ନିମିତ୍ତ ସମ୍ପାଦିତ ଓ ଆରୋପିତ ହୁଏ, ସେତେବେଳେ ତାହା ପ୍ରେମ ନାମରେ ଅଭିହିତ ହୋଇଥାଏ । ଏହା କାମର ବିପରୀତ ବୃତ୍ତି । ପ୍ରୀତି ଇଚ୍ଛା ଜୀବର ସ୍ୱାଭାବିକ ଅବସ୍ଥା । ଏହା ଜୀବର ପ୍ରାଣସହିତ ନିବିଡଭାବରେ ସଂଯୁକ୍ତ । ଏହିପ୍ରେମ ଯଦି ନିଜର ଇନ୍ଦ୍ରିୟପ୍ରୀତି-

ନିମିତ୍ତ ବା ଅନିତ୍ୟ ବସ୍ତୁପ୍ରତି ଆରୋପିତ ହୁଏ, ତେବେ ସେତେବେଳେ ତାହା କାମ ନାମରେ ଅଭିହିତ ହୁଏ ମାତ୍ର ଏହି ଇଚ୍ଛା ଯଦି ସମଷ୍ଟିର ହିତ ବା ଅପରର ସୁଖ-ସାଧନ ନିମିତ୍ତ ଉଦ୍ଦିଷ୍ଟ ହୁଏ ଏବଂ କ୍ରମଶଃ ପ୍ରସାରିତ ହୋଇ ସର୍ବକାରଣ କାରଣ ସର୍ବଭୂତାତ୍ମା ଭଗବାନଙ୍କ ନିମିତ୍ତ ଉଦ୍ଦିଷ୍ଟ ହୁଏ, ତେବେ ତାହାର ନାମ ହୁଏ ପ୍ରେମ । କାମ ଅନ୍ଧତମ ; ମାତ୍ର ପ୍ରେମ ଉଜ୍ଜ୍ୱଳ ଭାସ୍କରସଦୃଶ । ତେଣୁ ରାସଲୀଳା ଆସ୍ୱାଦନରେ କାମ ପ୍ରଶମିତ ହେଲା ।

ସର୍ବଭୂତାତ୍ମା ଶ୍ରୀକୃଷ୍ଣ ଭଗବାନ ସମସ୍ତଙ୍କୁ ବଶୀଭୂତ କରି ରଖିଛନ୍ତି । ତାଙ୍କର ଶାସନାଧୀନରେ ଜଗତ୍ ପରିଚାଳିତ ହେଉଅଛି । ତାଙ୍କର ଭୟରେ ସୂର୍ଯ୍ୟ ଓ ଅଗ୍ନି ଉତ୍ତାପ ପ୍ରଦାନ କରୁଛନ୍ତି; ଇନ୍ଦ୍ର ଜଳଧାରା ବର୍ଷଣ କରୁଛି, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସୃଷ୍ଟି-ସ୍ଥିତି-ଲୟ ସାଧନା କରୁଛନ୍ତି । ଏହି ଭଗବାନ ସମସ୍ତଙ୍କୁ ବଶୀଭୂତ କରି ରଖିଥିଲେ ମଧ୍ୟ ତାଙ୍କୁ ବଶୀଭୂତ କରିବା-ନିମିତ୍ତ କୌଣସି ବିଦ୍ୟା ନଥିଲା । ଏହି ନୂତନ ବିଦ୍ୟାର ନାମ ବା ମନ୍ତ୍ରର ନାମ ପ୍ରେମ । ଏହି ମନ୍ତ୍ର ସାଧନାରେ ଯଦି କେହି ସିଦ୍ଧି ଲଭି କରିପାରିବେ, ତେବେ ତାଙ୍କୁ ଆଉ ଭଗବତ୍ ଅନ୍ୱେଷଣ କରିବାକୁ ପଡ଼ିବ ନାହିଁ କିମ୍ବା ଭଗବାନଙ୍କୁ ଲାଭ କରିବାନିମିତ୍ତ ଅକାରଣରେ ନାନାବିଧ ସାଧନାରେ ପ୍ରବୃତ୍ତ ହୋଇ କଷ୍ଟ ଭୋଗ କରିବାକୁ ପଡ଼ିବ ନାହିଁ । ଏହି ମନ୍ତ୍ର ବା ବିଦ୍ୟାପ୍ରଭାବରେ ଭଗବାନ ଯେଉଁଠାରେ ଥିଲେ ମଧ୍ୟ ସ୍ୱତଃ ଆକର୍ଷିତ ହୋଇଆସି ଭକ୍ତମାନଙ୍କ ସମ୍ମୁଖରେ ଉପସ୍ଥିତ ହେବେ ଏବଂ ଭକ୍ତଙ୍କର ବାଧ୍ୟ ଓ ବଶୀଭୂତ ହୋଇ ରହିବେ । ତେଣୁ ପ୍ରେମର ଲକ୍ଷଣ—ଭଗବତ୍‌ବଶୀକାର । ଶ୍ରୀମତୀ ରାଧାରାଣୀ ହିଁ ଏହି ପ୍ରେମମନ୍ତ୍ର ବା ଭଗବତ୍‌ବଶୀକାର ଜଗତକୁ ଶିକ୍ଷା ଦେଲେ ।

ଭାରତର ଇତିହାସ ଆଲୋଚନା କଲେ ଜଣାଯାଏ, ଏହି ବିଦ୍ୟା ବା ମନ୍ତ୍ରରେ ଜଣେ ମାତ୍ର ସିଦ୍ଧମନୋରଥ ହୋଇଥିଲେ ଏବଂ ସେହି କେବଳ ଭଗବାନଙ୍କୁ ପରିପୂର୍ଣ୍ଣଭାବରେ ବଶୀଭୂତ କରିପାରିଥିଲେ । ତାଙ୍କର ନାମ ଶ୍ରୀମତୀ ରାଧିକା । ଶ୍ରୀବୃନ୍ଦାବନ ହିଁ ତାଙ୍କର ଭଗବତ୍ ଆରାଧନା ବା ପ୍ରେମମନ୍ତ୍ର

ସାଧନାରକ୍ଷେତ୍ର । ଗୋପୀମାନେ ହିଁ ତାଙ୍କର କାୟବ୍ୟୂହରୂପ ଅର୍ଥାତ ଅନ୍ତରରେ ଓ ବାହାରେ ରାଧାଙ୍କ ସଦୃଶ । ସେମାନେ ତାଙ୍କଠାରୁ ଭିନ୍ନ ହୋଇ ମଧ୍ୟ ଅଭିନ୍ନ । ବୃନ୍ଦାଦେବୀ ସେମାନଙ୍କମଧ୍ୟରୁ ଅନ୍ୟତମା । ସେ ଦିନେ ଏହି ପ୍ରେମମନ୍ତ୍ରସିଦ୍ଧା ଶ୍ରୀ ରାଧାଙ୍କୁ ଲକ୍ଷ୍ୟ କରି କହିଲେ—"ରାଧେ ! ତୁମେ ଧନ୍ୟ । ତୁମର ନାରୀଜନ୍ମ ସାର୍ଥକ । ଜଗତର ସମସ୍ତବ୍ୟକ୍ତି ଶ୍ରୀକୃଷ୍ଣଙ୍କୁ ଅନ୍ୱେଷଣ କରୁଛନ୍ତି; ମାତ୍ର ସେହି ଶ୍ରୀକୃଷ୍ଣ ତୁମପାଇଁ ପାଗଳ । ତୁମେ ତାଙ୍କ ବିରହରେ ଏପରି ବ୍ୟାକୁଳ ହେଉଛ କାହିଁକି ନିଜେ ସ୍ଥିର ହୋଇ ବସ । ଶ୍ରୀକୃଷ୍ଣଙ୍କୁ ଅନ୍ୟ କେଉଁ ସ୍ଥାନ ଦେବେ ନାହିଁ, ସେ ନିଶ୍ଚୟ ତୁମ ନିକଟକୁ ଆକର୍ଷିତ ହୋଇ ଆସିବେ । ତୁମ ଚରଣ ଧରି ପଦବନ୍ଦନା କରିବେ ।" ଏହି ଶ୍ରୀମତୀ ହିଁ ପ୍ରେମମନ୍ତ୍ରରେ ମହାସିଦ୍ଧି ଲାଭ କରିଥିଲେ ଅର୍ଥାତ ସେ ମହାବିଦ୍ୟା ପ୍ରେମର ମୂର୍ତ୍ତି ବିଗ୍ରହ ।

ଏହି ପ୍ରେମଧର୍ମର ପ୍ରଥମ ଓ ପ୍ରଧାନ କାର୍ଯ୍ୟ ମଧ୍ୟରୁ ଶ୍ରୀଭଗବାନଙ୍କର କାମନା ଆବିଷ୍କାର । ଏପର୍ଯ୍ୟନ୍ତ ତାଙ୍କର ଐଶ୍ୱର୍ଯ୍ୟଭାବ ମାନବର ଗୋଚରୀଭୂତ ଥିଲା । ସମସ୍ତେ ଜାଣିଥିଲେ ଯେ ଭଗବାନ ଆପ୍ତକାମ, ପୂର୍ଣ୍ଣ । ହଠାତ୍ ଜଣେ ମାନବଋଷି ଗଭୀର ଅନୁସନ୍ଧାନ ଫଳରେ ଆବିଷ୍କାର କଲେ ଯେ "ତୁମେମାନେ ଯେଉଁ ଭଗବାନଙ୍କୁ ପୂର୍ଣ୍ଣ, ଆପ୍ତ କାମ, ଆତ୍ମାରାମ ବୋଲି କହୁଛ, ସେହି ଭଗବାନଙ୍କ ମଧ୍ୟରେ କାମନା ଅଛି । ତାହା ଅନ୍ୟ ସୁଖ ନିମିତ୍ତ ନୁହେଁ କେବଳ ନିଜସୁଖନିମିତ୍ତ । ସେହି ପୂର୍ଣ୍ଣଭଗବାନ ଭକ୍ତ ମାନବମାନଙ୍କ ନିକଟରୁ କିଛି କାମନା କରନ୍ତି । ଯେଉଁ ଭଗବାନ ଅସୀମ, ପୂର୍ଣ୍ଣ, ସେ ପୁଣି ନିଜକୁ ସସୀମ କରିବା ନିମିତ୍ତ ଅର୍ଥାତ ନିଜକୁ ପୂର୍ଣ୍ଣ ବୋଲି ଅନୁଭବ କରିବାପାଇଁ ଭକ୍ତମାନଙ୍କ ନିକଟରୁ କିଛି ଆଶା କରନ୍ତି । ସେ ପ୍ରେମର ଭିକାରୀ ।" ଏହା ହିଁ ପ୍ରେମଧର୍ମର ପ୍ରଥମ ଅନୁଭବ ।

ମାନବ ଏପର୍ଯ୍ୟନ୍ତ ଅନୁଭବ କରିଆସୁଥିଲା ଯେ ଭଗବାନ ଐଶ୍ୱର୍ଯ୍ୟଶାଳୀ, ତାଙ୍କର କିଛି ଅଭାବ ନାହିଁ—ସେ ପୂର୍ଣ୍ଣ । ମାନବ ଦୀନ ହୀନ କାଙ୍ଗାଳ । ତେଣୁ ସେ ଭଗବାନଙ୍କ ନିକଟରୁ କିଛି ଐଶ୍ୱର୍ଯ୍ୟ ଲାଭ କରିବା ନିମିତ୍ତ ପ୍ରାର୍ଥନା କରୁଥିଲା ବା ପୂଜାକରୁଥିଲା । ସେତେବେଳେ ମାନବ ଥିଲା ଅଜ୍ଞାନ ଶିଶୁ ।

ତାହାର ହୃଦୟ ଭୟ ଓ ଲୋଭରେ ପୂର୍ଣ୍ଣଥିଲା । ତାକୁ ସ୍ୱାର୍ଥପର ଓ କ୍ଷୁଦ୍ରଚେତା ବୋଲି ଅଭିହିତ କରାଯାଉଥିଲା । ତେଣୁ ସେ ଦେବତାଙ୍କ ପଶୁଭାବରେ ପରିଗଣିତ ହେଉଥିଲା । ବର୍ତ୍ତମାନ କ୍ରମୋନ୍ନତିଫଳରେ ମାନବର ଜ୍ଞାନ ବୃଦ୍ଧି ପାଇଛି; ସେ ଯୌବନରେ ପଦାର୍ପଣ କରିଛି । ସେ ପଶୁତ୍ୱ ପରି-ହାରପୂର୍ବକ ମନୁଷ୍ୟତ୍ୱରେ ପ୍ରତିଷ୍ଠିତ ହେଲାଣି, କିମ୍ବା ପ୍ରକୃତ ମନୁଷ୍ୟତ୍ୱରେ ପ୍ରତିଷ୍ଠିତ ହେବାର ସାଧନା କଲାଣି । ଏହା ହିଁ ବର୍ତ୍ତମାନ ଯୁଗର ସଂଗ୍ରାମ ଏବଂ ପ୍ରେମଧର୍ମ ହିଁ ବର୍ତ୍ତମାନଯୁଗର ଏକମାତ୍ର ଧର୍ମ । ଅନ୍ୟଯୁଗରେ ମାନବ ନିଜକୁ ପୂର୍ଣ୍ଣତ୍ୱରେ ପ୍ରତିଷ୍ଠିତ କରିବାନିମିତ୍ତ ଭଗବାନଙ୍କୁ ଅନ୍ୱେଷଣ କରୁଥିଲା । ବର୍ତ୍ତମାନ ଭଗବାନ ନିଜକୁ ପୂର୍ଣ୍ଣ କରିବାନିମିତ୍ତ ମନୁଷ୍ୟ ଖୋଜୁଛନ୍ତି । ମାନବ ପୂର୍ବରୁ ନିଜର କାମନା ପୂରଣନିମିତ୍ତ ଭଗବତ୍ ଆରାଧନା କରୁଥିଲା ଏବଂ ବର୍ତ୍ତମାନ ଭଗବାନଙ୍କ ଉଦ୍ଦେଶ୍ୟସିଦ୍ଧି ନିମିତ୍ତ ସେ ସେବା-ପୂଜାର ଆୟୋଜନ କରି ତାଙ୍କ ଆଗମନ-ପ୍ରତୀକ୍ଷାରେ ବସିରହିଛି । ଶ୍ରୀରାଧାଙ୍କ ମହାସିଦ୍ଧି ଲାଭପରେ ମାନବ-ସମାଜ ଏହି ଶିକ୍ଷା ଲାଭ କରିଛି ଏବଂ ଏହି ନବ ଅନୁଭବପ୍ରାପ୍ତି ନିମିତ୍ତ ଶ୍ରୀଗୁରୁଦେବଙ୍କ ଚରଣ ତଳେ ଆଶ୍ରୟ ନେବାକୁ ଆକାଂକ୍ଷିତ ହୋଇ ଉଠୁଛି ।

ଭଗବାନଙ୍କର ଏହି କ୍ରମିକ ଆଗମନ ବା ଅବତରଣ ଭକ୍ତଙ୍କହୃଦୟରେ ଭଗବାନଙ୍କର ଆତ୍ମାନ୍ୱେଷଣ ଏବଂ ନିଜକୁ ପୂର୍ଣ୍ଣ ଓ ସଫଳ କରିବାନିମିତ୍ତ ତାଙ୍କର ଯେଉଁ ଆକୁଳ ପ୍ରଚେଷ୍ଟା, ତାହାର ଅନ୍ୟ ନାମ ଲୀଳା । ଭକ୍ତମାନଙ୍କ ବ୍ୟତୀତ ଏହି ଲୀଳାନନ୍ଦ କେବେ ହେଲେ ସଫଳ ହୋଇପାରିବ ନାହିଁ ଏବଂ ମାନବ ବ୍ୟତୀତ ଅନ୍ୟତ୍ର ଭକ୍ତ ଦେଖାଯାଆନ୍ତି ନାହିଁ; କିନ୍ତୁ ଦେବତାଙ୍କ ବଂଶରେ ଭକ୍ତଙ୍କର ଉଦ୍ଭବ ହୁଏନାହିଁ; ଅସୁରବଂଶ ବା ପ୍ରତିକୂଳ ପରିସ୍ଥିତିରେ ଭକ୍ତଙ୍କର ଜନ୍ମ । ମାନବ-ଜୀବନରେ ହିଁ ଭକ୍ତିର ବିକାଶ ଏବଂ ଭକ୍ତିର ପୂର୍ଣ୍ଣତା । ଭକ୍ତଙ୍କ-ହୃଦୟରେ ଆବିର୍ଭୂତ ହେଲେ ଭଗବାନ ଲୀଳାନନ୍ଦ ଭୋଗ ଏବଂ ନିଜକୁ ପୂର୍ଣ୍ଣ ଭାବରେ ଆସ୍ୱାଦନ କରି ପାରନ୍ତି । ତେଣୁ ତାଙ୍କର ନରଲୀଳା ହିଁ ସର୍ବୋତ୍ତମ । ପୃଥିବୀରେ ଭଗବାନଙ୍କର ଆସନ କେବେ ଶୂନ୍ୟ ହେବ

ନାହିଁ; କିନ୍ତୁ ଭକ୍ତ ନ ଥିଲେ, ଭକ୍ତପୂଜା ନ ଥିଲେ ଭଗବାନଙ୍କ ଅସ୍ତିତ୍ୱ ଏ ଜଗତରେ କେହି ଅନୁଭବ କରିପାରିବେ ନାହିଁ । ଭକ୍ତପୂଜା କହିଲେ ଭକ୍ତର ପୂଜାକୁ ହିଁ ବୁଝାଇଥାଏ । ଶ୍ରୀଗୁରୁ ହିଁ ଶ୍ରେଷ୍ଠ ଭକ୍ତ । ତାଙ୍କର ବାହାରେ ଭକ୍ତ-ଭାବ ଓ ଅନ୍ତରରେ ଭଗବଦ୍‌ଭାବ ନିତ୍ୟ-ବର୍ତ୍ତମାନ । ତେଣୁ ଭଗବାନଙ୍କୁ ପାଇବାକୁ ଚେଷ୍ଟା ନକରି କେବଳ ଭକ୍ତି ବା ପ୍ରେମ ଅନ୍ୱେଷଣ କରିବା କର୍ତ୍ତବ୍ୟ । ଏହି ପ୍ରେମ କେବଳ ସିଦ୍ଧ ପ୍ରେମିକଗୁରୁ ଦାନ କରିପାରନ୍ତି । ପ୍ରେମ ଲାଭ ହେଲେ ଭଗବାନ ଆପଣା ମନକୁ ଧରିଦିଅନ୍ତି । ତେଣୁ ସାଧକମାନେ ଶ୍ରୀକୃଷ୍ଣଙ୍କୁ ପାଇବାକୁ ଇଚ୍ଛାକରନ୍ତି ନାହିଁ; କୃଷ୍ଣ ପ୍ରେମଲାଭ ନିମିତ୍ତ ବ୍ୟାକୁଳ ହୁଅନ୍ତି । ଏହି କୃଷ୍ଣପ୍ରେମ ହିଁ ଶ୍ରୀରାଧା । ଶ୍ରୀକୃଷ୍ଣ ଏହି ପ୍ରେମନିମିତ୍ତ ପାଗଳ । ତେଣୁ ଶ୍ରୀଭଗବାନ ସାଧକଦେହ ବା ଭକ୍ତଦେହ ଧାରଣ କରି ଅର୍ଥାତ୍ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ଭାବ ଓ କାନ୍ତି ଧାରଣ କରି ନଦୀୟାରେ ଅବତୀର୍ଣ୍ଣ ହୋଇଥିଲେ । ଏହାଙ୍କର ନାମ ଶ୍ରୀମନ୍ମହାପ୍ରଭୁ ଗୌରାଙ୍ଗ ଦେବ । ତାଙ୍କୁ ଆମେ ଯେତିକି ଜାଣୁ ,ତାହା ବ୍ୟକ୍ତ ବା ଆଲୋକ ବା ଶ୍ରୀରାଧା ଏବଂ ଯାହା ଅବ୍ୟକ୍ତ ବା ଅନ୍ଧକାର ତାହା ହିଁ ଶ୍ରୀକୃଷ୍ଣ । ଶ୍ରୀମନ୍ମହାପ୍ରଭୁଙ୍କ ପୂର୍ବରୁ ପ୍ରେମର ପ୍ରକୃତ ଅର୍ଥ ବା ମହିମା କେହି ଅବଗତ ନଥିଲେ; କିନ୍ତୁ ସେ କୃପାପରବଶ ହୋଇ ସମସ୍ତଙ୍କୁ ସେହି ଅଧିକାର ପ୍ରଦାନ କଲେ । ଅନ୍ତରଙ୍ଗ ଭକ୍ତମାନେ କହିଛନ୍ତି ଯେ ପ୍ରେମର ଆଦି ଜନ୍ମସ୍ଥାନ କାମ । ପ୍ରେମ କାମଜ, ରୂପଜ ଓ ଦେହଜ । ପ୍ରଥମରୁ ଏହା ଏକ ପ୍ରକାର ମୋହମୟୀ ଅବସ୍ଥା ବା ଅବିଦ୍ୟା ବୋଲି ଧାରଣା ହୁଏ; କିନ୍ତୁ ଏହି ସୁଖ ପାଇବା ବୃତ୍ତି ବା କାମ ଯଦି ସର୍ବଦା ଧ୍ୱଂସର କାରଣ ଥାଇ ମଧ୍ୟ ନଷ୍ଟ ହୋଇ ନ ଯାଏ, ତେବେ ଏହି କାମ ବା ଅବିଦ୍ୟା ଶେଷରେ ପ୍ରେମ ବା ଜ୍ଞାନରେ ରୂପାନ୍ତରିତ ହୋଇଯାଏ । ଏହି ପ୍ରେମଦ୍ୱାରା ଅମୃତ ଲାଭ ହୋଇଥାଏ ।

ଏହି ସୁଖ ପାଇବାର ପ୍ରଥମ ଜନ୍ମସ୍ଥାନ ମନ । ତେଣୁ ଏହି ପ୍ରେମ ପ୍ରୀତିର ପ୍ରଥମ ଦେବତା ମନସିଜ ବା ମଦନ । ମନ ଉଭୟମୁଖୀ । ସତ୍-ଅସତ୍ ଜଡ଼-ଚେତନ ନିତ୍ୟ-ଅନିତ୍ୟର ମଧ୍ୟବର୍ତ୍ତୀ ଯୋଗ ସୂତ୍ର ଏହି ମନ । ତେଣୁ ସୁଖ ପାଇବା ନିତ୍ୟାଶ୍ରୟୀ ବା ସଦଭିମୁଖୀ ହୋଇପାରେ । ପୁଣି ଅସଦ୍‌ଭିମୁଖୀ

ବା ଅନିତ୍ୟାଶ୍ରୟୀ ମଧ୍ୟ ହୋଇପାରେ । ଏହି ସୁଖ ପାଇବା ବା କାମ ଯଦି ସଦଭିପ୍ରାୟ ବା ନିତ୍ୟାଶ୍ରୟ ଗ୍ରହଣ କରେ, ତାହାକୁ କୁହାଯାଏ ପ୍ରେମ ଏବଂ ଅନିତ୍ୟ ବସ୍ତୁକୁ ଆଶ୍ରୟ କଲେ ତାହାର ନାମ ହୁଏ କାମ ।

ପ୍ରକଟଲୀଳାରେ କାମ ପ୍ରେମକୁ ପୃଥକ୍ କରାଯାଇ ପାରେ ନାହିଁ । ତେଣୁ ମାନବ ମଦନଦହନ ପନ୍ଥା ତ୍ୟାଗକରି ମଦନମୋହନଙ୍କ ପଥ ଆଶ୍ରୟ କରିଛନ୍ତି । ମଦନକୁ ଦଗ୍ଧ ନ କରି ତାକୁ ଭଗବତ୍ ଅଭିମୁଖୀ କରି ମୁଗ୍ଧ କରିବାକୁ ପଡ଼ିବ । ରାସଲୀଳା ସେହି ମନ୍ମଥର ମନ୍ଥନ । ଶ୍ରୀ ଭଗବାନଙ୍କୁ ଆଶ୍ରୟ କରିବାହେତୁ ଏହା ନିତ୍ୟ ଓ ପ୍ରେମପୂର୍ଣ୍ଣ; କାମ ଗନ୍ଧ ରହିତ ଲୀଳାବିଳାସ । ଏହା ହିଁ ଶ୍ରୀମଦ ଭାଗବତର ପ୍ରାଣ । ଭାଗବତ ହିଁ ବେଦାନ୍ତର ଭାଷ୍ୟ; କାରଣ ପ୍ରଥମେ ତତ୍ତ୍ୱ, ପରେ ଲୀଳା । ଶ୍ରୀଭଗବାନଙ୍କ ଜନ୍ମକର୍ମ ସମସ୍ତ ହିଁ ଦିବ୍ୟ । ଏହା ତତ୍ତ୍ୱତଃ ବୁଝିବାକୁ ହେବ । ଲୀଳାତତ୍ତ୍ୱରେ ନାୟକ ସ୍ୱୟଂ ଶ୍ରୀଭଗବାନ । ତତ୍ତ୍ୱଜ୍ଞାନ ନ ହେଲେ ଲୀଳାତତ୍ତ୍ୱ ବିଷୟରେ କୌଣସି ଧାରଣା ଜାତ ହୋଇପାରିବ ନାହିଁ । ଯେତେ ପ୍ରକାର ଲୀଳାଅଛି ଶ୍ରୀବୃନ୍ଦାବନ ଲୀଳା ସର୍ବାପେକ୍ଷା ଉଚ୍ଚ ଓ ମଧୁର । ତେଣୁ ଏହା ସାଧାରଣଙ୍କର ବୋଧଗମ୍ୟ ନୁହେଁ । ଶୁଦ୍ଧଚିତ୍ତ ଜ୍ଞାନୀମାନଙ୍କ ବ୍ୟତୀତ ଏହି ଲୀଳାତତ୍ତ୍ୱ ଆଲୋଚନାରେ ଅନ୍ୟର ଅଧିକାର ନାହିଁ । ବେଦରେ ଯେଉଁ ପୁରୁଷତତ୍ତ୍ୱ ଏବଂ ଗୀତାରେ ଯେଉଁ ପୁରୁଷୋତ୍ତମତତ୍ତ୍ୱ ବର୍ଣ୍ଣିତ ଅଛି, ସେହି ପୁରୁଷ ସମସ୍ତଙ୍କୁ ଦେଖୁଛନ୍ତି, ଅଗଚ ତାଙ୍କୁ କେହି ଦେଖିପାରୁ ନାହାନ୍ତି । ସେ ସମସ୍ତଙ୍କୁ ମନନ କରୁଛନ୍ତି, ଅଥଚ ତାଙ୍କୁ କେହି ମନନ କରି ପାରୁ ନାହାନ୍ତି । ତାଙ୍କୁ କେହି ବିଶିଷ୍ଟ ରୂପରେ ଜାଣିପାରନ୍ତି ନାହିଁ; ମାତ୍ର ସେ ସମସ୍ତଙ୍କୁ ବିଶିଷ୍ଟ ରୂପରେ ଜାଣନ୍ତି । ତାଙ୍କ ବ୍ୟତୀତ ଅନ୍ୟ କେହି ଶ୍ରୋତା, ମନ୍ତା ଏବଂ ବିଜ୍ଞାତା ନାହାନ୍ତି । ତାଙ୍କୁ ହିଁ କହନ୍ତି ଅନ୍ତର୍ଯାମୀ ନିତ୍ୟ ପୁରୁଷ । ସେହି ଅନ୍ତର୍ଯାମୀ ପୁରୁଷଙ୍କ ବିଷୟ ବୃହଦାରଣ୍ୟକ ଉପନିଷଦ୍‌ରେ ଅଛି —

ଇୟଂ ପୃଥିବୀ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟୈ ପୃଥିବ୍ୟୈ ସର୍ବାଣି
ଭୂତାନି ମଧୁଯଶ୍ଚାୟମସ୍ୟାଂ ତେଜୋମୟୋଽମୃତମୟଃ

ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ଶରୀରସ୍ତେଜୋମୟୋଽମୃତମୟଃ
ପୁରୁଷୋଽୟମେବ ସ ଯୋଽୟମାତ୍ମେଦମମୃତମିଦଂ ବ୍ରହ୍ମେଦଂ ସର୍ବମ୍ ।

ଏହି ପୃଥିବୀ ସର୍ବଭୂତପକ୍ଷରେ ମଧୁମୟ । ଏହି ପୃଥିବୀ ପକ୍ଷରେ ମଧ୍ୟ ସର୍ବଭୂତ ମଧୁମୟ । ଏହାର ଅନ୍ତର୍ଗତରେ ଯେଉଁ ତେଜୋମୟ, ଅମୃତମୟ ପୁରୁଷ ଅଛନ୍ତି ଏବଂ ଏହି ଶରୀରମଧ୍ୟରେ ଯେଉଁ ତେଜୋମୟ ଅମୃତମୟ ଅଧ୍ୟାତ୍ମ ପୁରୁଷ ଅଛନ୍ତି , ସେ ମଧ୍ୟ ମଧୁମୟ ଏବଂ ସମସ୍ତ ଭୂତ ମଧ୍ୟ ତାଙ୍କ ପକ୍ଷରେ ମଧୁମୟ । ତାଙ୍କୁ ହିଁ ଆତ୍ମା ଓ ବ୍ରହ୍ମ କୁହାଯାଏ ।

ଉପର୍ଯ୍ୟୁକ୍ତ ତେଜୋମୟ ଅନ୍ତର୍ଯ୍ୟାମୀ ପୁରୁଷ ହିଁ ଶାସ୍ତ୍ରରେ ଆନନ୍ଦବ୍ରହ୍ମ ବା ରସସ୍ୱରୂପ ଭଗବାନ୍ । ଉପର୍ଯ୍ୟୁକ୍ତ ବେଦାନ୍ତବର୍ଣ୍ଣିତ ତତ୍ତ୍ୱ ଯେଉଁମାନେ ବିଶେଷଭାବରେ ହୃଦୟଙ୍ଗମ କରିପାରିଛନ୍ତି, ସେମାନଙ୍କ ପକ୍ଷରେ ଶ୍ରୀରାଧା-କୃଷ୍ଣତତ୍ତ୍ୱ ଓ ଲୀଳାତତ୍ତ୍ୱ ବୁଝିବା ଅତିଶୟ କଠିନ ହେବ ନାହିଁ; କିନ୍ତୁ ବେଦାନ୍ତର ଉପର୍ଯ୍ୟୁକ୍ତ ତତ୍ତ୍ୱ ଯେଉଁମାନେ ଧ୍ୟାନଯୁକ୍ତ ଶୁଦ୍ଧଚିତ୍ତରେ ହୃଦୟଙ୍ଗମ କରିପାରିନାହାନ୍ତି, ସେମାନେ ଯଦି ପ୍ରଥମରୁ ଏକାବେଳକେ ଶ୍ରୀରାଧାକୃଷ୍ଣ-ତତ୍ତ୍ୱରେ ପ୍ରବେଶ କରି ତାହା ହୃଦୟଙ୍ଗମ କରିବାକୁ ଚେଷ୍ଟା କରନ୍ତି, ତେବେ ତାହା ସେମାନଙ୍କ ପକ୍ଷରେ କେବଳ କଠିନ ହେବନାହିଁ, ଅସମ୍ଭବ ମଧ୍ୟ ହେବନାହିଁ । ବେଦାନ୍ତପରେ ଗୀତାରେ ମଧ୍ୟ ଏହି ତତ୍ତ୍ୱ ଆଲୋଚିତ ହୋଇଅଛି ଏବଂ ଶ୍ରୀକୃଷ୍ଣଙ୍କୁ ପୁରୁଷୋତ୍ତମ ବୋଲି କୁହାଯାଇଛି । ଯାହାଦ୍ୱାରା ସମସ୍ତ ପୂର୍ଣ୍ଣ ହୁଏ କିମ୍ବା ଯେ ପୁରରେ ଶୟନ କରନ୍ତି, ତାଙ୍କୁ କୁହାଯାଏ ପୁରୁଷ । ଶ୍ରୀମତ୍ ଶଙ୍କରାଚାର୍ଯ୍ୟଙ୍କ ମତରେ—"ପୁରୁଷଃ ପୂର୍ଣ୍ଣମନେନ ସର୍ବମିତି, ପୁରେ ଶୟନାଦ୍ୱା ପୁରୁଷଃ । ଆଦିତ୍ୟମଣ୍ଡଳମଧ୍ୟବର୍ତ୍ତୀ ହିରଣ୍ୟଗର୍ଭ ପୁରୁଷ, ଯେ କି ସମସ୍ତ ପ୍ରାଣୀଙ୍କର ଇନ୍ଦ୍ରିୟସମୂହକୁ ଶକ୍ତିଯୁକ୍ତ କରନ୍ତି, ସେହି ଅଧିଯଜ୍ଞ ପୁରୁଷ ହିଁ ବିଷ୍ଣୁ ଏବଂ ସେ ସମସ୍ତ ଯଜ୍ଞର ଅଧିଷ୍ଠାତୃ ଦେବତା । ଗୀତା ପରେ ଶ୍ରୀମଦ୍‌ଭାଗବତରେ ଏହି ପୁରୁଷତତ୍ତ୍ୱ ହୃଦୟଙ୍ଗମ କରିପାରିଲେ ଶ୍ରୀକୃଷ୍ଣତତ୍ତ୍ୱ ବୁଝିହେବ ଏବଂ ଶ୍ରୀକୃଷ୍ଣତତ୍ତ୍ୱ ବୁଝିପାରିଲେ ଶ୍ରୀରାଧାତତ୍ତ୍ୱ ବୁଝିବାକୁ ସେତେ କଠିନ ହେବ ନାହିଁ ।

ଆମ୍ଭଦେଶରେ ସାଂଖ୍ୟଦର୍ଶନରେ ବହୁ ପୁରୁଷବାଦ ସ୍ୱୀକୃତ ହୋଇଅଛି । ସମସ୍ତଙ୍କ ଭିତରେ ପୁରୁଷ ଅଛନ୍ତି, ତେଣୁ ଏହି ଯୋଗ-ଦର୍ଶନଭୂମିରୁ ଶ୍ରୀରାଧାକୃଷ୍ଣତତ୍ତ୍ୱ ବୁଝାଇବାକୁ ଚେଷ୍ଟା କରାଯାଇଛି; କିନ୍ତୁ ତାହା ପ୍ରକୃତ ତଥ୍ୟ ନୁହେଁ । ସମସ୍ତଙ୍କ ଭିତରେ ଯେଉଁ ପ୍ରେମ-ପ୍ରୀତିଭାବ ଅଛି, ତାହା କେଉଁଠାରୁ ଆସୁଛି ଏବଂ ଏହାର ପରିଣତି କେଉଁଠି ? ଯେତେବେଳେ ଆମ୍ଭେ ଆମ ପ୍ରତ୍ୟେକଙ୍କ ମଧ୍ୟରେ ଏହି ପୁରୁଷୋତ୍ତମଙ୍କର ଲୀଳା ଅନୁଭବ କରୁଁ, ସେତେବେଳେ ମନେ ହୁଏ ଏହାର ଆଦି ଅନ୍ତ କେଉଁଠି ? ଏହାପରେ ଲୀଳାତତ୍ତ୍ୱ ବୁଝିହୁଏ । ସେହି ପୁରୁଷୋତ୍ତମ ଭଗବାନ ପ୍ରତ୍ୟେକଙ୍କ ଅନ୍ତରରେ ଓ ବାହାରେ ବିରାଜିତ ଅଛନ୍ତି, ଏହାର ନାମ ଲୀଳା ବା ନିତ୍ୟର ପ୍ରାକଟ୍ୟ । ଏହା ହିଁ ଭାଗବତର ପ୍ରତିପାଦ୍ୟ ବିଷୟ ।

ବୈଷ୍ଣବ ଶାସ୍ତ୍ରକାରମାନେ କହନ୍ତି ଯେ ଶ୍ରୀକୃଷ୍ଣ ହିଁ ଏକମାତ୍ର ନାୟକ । ତେଣୁ ସେ ସ୍ୱୟଂ ଭଗବାନ । ପ୍ରେମ-ଲୀଳା ହିଁ ତାଙ୍କର ଏକମାତ୍ର କାମ୍ୟ । ଏହା ବ୍ୟତୀତ ତାଙ୍କର ଦ୍ୱିତୀୟ କାର୍ଯ୍ୟ ନାହିଁ । ଏହି ପ୍ରେମ ହିଁ ତାଙ୍କର ସ୍ୱଭାବ ବା ସ୍ୱରୂପ । ସେ ହିଁ କେବଳ ଆନନ୍ଦ, ରସ ବା ମଧୁସ୍ୱରୂପ । ତେଣୁ ଶାସ୍ତ୍ରକାର କହିଛନ୍ତି—"ନାୟକାନାଂ ଶିରୋରତ୍ନଂ କୃଷ୍ଣସ୍ତୁ ଭଗବାନ୍ ସ୍ୱୟଂ ।" ନାୟକଙ୍କର ଛୟାନବେଟି ଗୁଣ ଓ ଅବସ୍ଥା ପରିପୂର୍ଣ୍ଣଭାବରେ ଶ୍ରୀକୃଷ୍ଣଙ୍କଠାରେ ବିଦ୍ୟମାନ ଥିଲା ।

ସନାତନ ଧର୍ମର ବିଶେଷତ୍ୱ ହେଉଛି ଯେ ଏଠାକୁ କେହି ଈଶ୍ୱରଙ୍କ ବାଣୀ ବହନ କରି ଆଣନ୍ତି ନାହିଁ । ସତ୍ୟ ଏଠାରେ ପୂର୍ବରୁ ଥିଲା, ବର୍ତ୍ତମାନ ଅଛି ଓ ଭବିଷ୍ୟତକୁ ମଧ୍ୟ ରହିବ । ନୂତନ ଅବତାର ଓ ପ୍ରଚାରକମାନେ ସେହି ସତ୍ୟର ଯୁଗୋପଯୋଗୀ ବ୍ୟାଖ୍ୟା କରିଛନ୍ତି ମାତ୍ର । ତେଣୁ ସବୁ ସମ୍ପ୍ରଦାୟର ମହାପୁରୁଷମାନେ ଗୀତା, ଉପନିଷଦାଦିର ଭାଷ୍ୟ ରଚନା କରିଛନ୍ତି । ଏଥିପାଇଁ ସେହି ଭାଷ୍ୟରୁ ସେମାନଙ୍କୁ ବୁଝାଯାଏ । ଦର୍ଶନ ବିଜ୍ଞାନ ପରେ ମଧ୍ୟ ସତ୍ୟ ରହିଛି । ଯାହା ଜ୍ଞାନର

ବିଷୟ ତାହା ହିଁ ବେଦାନ୍ତ ପ୍ରଭୃତି ଦର୍ଶନରେ ଆଲୋଚିତ ହୋଇଅଛି । ଜ୍ଞାନର ଅଗୋଚରରେ ମଧ୍ୟ ବହୁ ସତ୍ୟ ନିହିତ ଅଛି । ଦର୍ଶନଶାସ୍ତ୍ର ଜ୍ଞାନରେ ଯେତିକି ପ୍ରତିଷ୍ଠା ଲାଭ କରିଛନ୍ତି, ତା' ଉପରେ ମଧ୍ୟ ଏପରି ଏକ ଜଗତ ଅଛି, ଯାହା ସମାଧିସ୍ଥ ଯୋଗୀମାନେ ମଧ୍ୟ ଦର୍ଶନ କରିପାରି ନାହାନ୍ତି । ଏହା ହିଁ ନିତ୍ୟ ଭାବଜଗତ୍ । ଏହି ତତ୍ତ୍ୱର ସନ୍ଧାନ କେହି ସହଜରେ ପାଇପାରନ୍ତି ନାହିଁ । ଉପନିଷଦ୍‌ରେ ଏହାର ଆଭାସ ମାତ୍ର ରହିଛି । ଉପନିଷଦ୍‌ରେ ଅଛି, ଅସତରୁ କେବେହେଲେ ସତ୍‌ର ଉତ୍ପତ୍ତି ହୁଏ ନାହିଁ । ମୂଳ ଭାବଜଗତରେ ଯଦି ପ୍ରେମପ୍ରୀତିର ପ୍ରସ୍ରବଣ ନାହିଁ, ତେବେ ତାହାର ଉତ୍ସ ବା ଦୟା, ପ୍ରେମ ପ୍ରୀତି ପ୍ରଭୃତି ଆସିଲା କେଉଁଠୁ ? ଜଗତରେ ସର୍ବତ୍ର ପ୍ରେମ-ପ୍ରୀତି ଦେଖାଯାଇଛି ।

ବେଦାନ୍ତ ଆତ୍ମାରେ ହିଁ ପ୍ରେମର ପ୍ରତିଷ୍ଠା କରିଛନ୍ତି; କିନ୍ତୁ ପ୍ରେମପ୍ରୀତିନିମିତ୍ତ ବହୁ ସାଧକ ଆତ୍ମତ୍ୟାଗ କରିବାର ଦେଖାଯାଉଛି । ତେବେ ଜଗତ୍‌ମୂଳରେ ଯଦି ଭଗବାନଙ୍କର ଆତ୍ମ ତ୍ୟାଗ ନ ଥିବ, କେବେହେଲେ ଜୀବଭିତରେ ସେ ଭାବ ଦେଖାଦେଇପାରିବ ନାହିଁ । ତେଣୁ ଜ୍ଞାନରାଜ୍ୟପରେ ହିଁ ଭାବରାଜ୍ୟ ଅବସ୍ଥିତ । ପରମହଂସ ରାମକୃଷ୍ଣଦେବ ଏହି ରାଜ୍ୟର ଆଭାସ ମାତ୍ର ପ୍ରଦାନ କରିଛନ୍ତି । ସେ କହିଛନ୍ତି-"ସଚ୍ଚିଦାନନ୍ଦସାଗର ଭକ୍ତ ମନରେ ଜମାଟ ବାନ୍ଧି ବରଫ ହୋଇରହିଛି; ପୁଣି ଜ୍ଞାନସୂର୍ଯ୍ୟ ଉଦୟରେ ଏହା ତରଳିଯିବ ।" ଏଥିରୁ ଜଣାପଡୁଛି ଯେ ଭାବଜଗତ୍‌ଟା ଯେପରି ଭକ୍ତମାନଙ୍କର କଳ୍ପନା; ଏହାର କୌଣସି ବାସ୍ତବ ସତ୍ତା ନାହିଁ କିନ୍ତୁ ପ୍ରକୃତ ପକ୍ଷରେ ଏହା ନୁହେଁ । ଭାବଜଗତ୍ ହିଁ ନିତ୍ୟ । ଜ୍ଞାନରେ କେବଳ ତତ୍ତ୍ୱଗୁଡ଼ିକର ବିଚାର କରାଯାଇଛି; ମାତ୍ର ଏହି ତତ୍ତ୍ୱ ଅନ୍ତରାଳରେ ପୁଣି କି ତତ୍ତ୍ୱ ନିହିତ ଅଛି ତାହାର ସନ୍ଧାନ ଜ୍ଞାନୀ ପାଇପାରି ନାହାନ୍ତି । ତେଣୁ ଭାବଜଗତ୍‌କୁ କେହି ତତ୍ତ୍ୱରେ ପ୍ରତିଷ୍ଠା କରିପାରି ନାହାନ୍ତି । କିନ୍ତୁ ଏପରି ଜଣେ ମହାପୁରୁଷ ଆସିପାରନ୍ତି, ଯେ କି ତତ୍ତ୍ୱ ଦେଇ ଭାବଜଗତର ପ୍ରତିଷ୍ଠା କରିଯିବେ ।

ଜ୍ଞାନର ଚରମ ସ୍ତରକୁ ଯିବାପରେ ଭାବର ସନ୍ଧାନ ମିଳେ । ଶ୍ରୀମଦ୍ ଭାଗବତରେ ଏହାର ବିକାଶ ହୋଇଅଛି । ଏହି କାରଣରୁ ଶ୍ରୀମଦ୍ ଭାଗବତ

ହିଁ ବେଦାନ୍ତର ଭାଷ୍ୟ । ପ୍ରକୃତ ପକ୍ଷରେ ଭାଗବତ ଜ୍ଞାନୀମାନଙ୍କର ଗ୍ରନ୍ଥ ; ପରମହଂସ ସଂହିତା । ଏଥିରେ ପରମହଂସ ଭିନ୍ନ ଅନ୍ୟକାହାର ଅଧିକାର ନାହିଁ । ରାସପଞ୍ଚାଧ୍ୟାୟ ବ୍ୟତୀତ ଗୌରାଙ୍ଗଦେବ ସମସ୍ତ ଭାଗବତ ସନ୍ନ୍ୟାସଗ୍ରହଣ ପୂର୍ବରୁ ପାଠ କରିଥିଲେ । ପୁଣି ଏହି ତତ୍ତ୍ୱ ଆକୁମାର ବ୍ରହ୍ମଚାରୀ ଜୀବନ୍ମୁକ୍ତ ଶୁକଦେବଙ୍କ ନିକଟରେ ପ୍ରକାଶିତ ହୋଇଥିଲା । ବ୍ୟାସଦେବ ଅଷ୍ଟାଦଶ ପୁରାଣ ରଚନା କରି ମଧ୍ୟ ତୃପ୍ତି ଲାଭ କରି ପାରିଲେ ନାହିଁ । ସେ ତପସ୍ୟାନିରତ ହେଲେ । ତପସ୍ୟାମଧ୍ୟରେ ତାଙ୍କ ଅନ୍ତରରେ ଯେଉଁ ଲୀଳାତତ୍ତ୍ୱ ପ୍ରକାଶିତ ହେଲା, ତାହା ସେ ଲିପିବଦ୍ଧ କଲେ । ବ୍ୟାସ କେବଳ ଲେଖକ ।

ମନେକର, ସୂର୍ଯ୍ୟ ଓ ସୂର୍ଯ୍ୟକିରଣ ଏକ ନୁହେଁ; କିନ୍ତୁ ଏହାକୁ କେହି ପୃଥକ କରିପାରିବେ ନାହିଁ । ଯେଉଁ ରଶ୍ମିଗୁଡ଼ିକ ବିଶ୍ୱବ୍ୟାପ୍ତ ହୋଇରହିଛି, ତାହା ହିଁ ସୂର୍ଯ୍ୟମଣ୍ଡଳରେ ଜମାଟ ବାନ୍ଧି ରହିଛି । ପୁଣି ସୂର୍ଯ୍ୟମଣ୍ଡଳ ଭିତରେ ମଧ୍ୟ ମୂର୍ତ୍ତି କଳ୍ପନା କରାଯାଇ ପାରେ । ଭାବଜଗତଟା ମଧ୍ୟ ସେହିପରି । ଏହି ଭାବଜଗତର ଆକାର କିପରି ? ତାହାର ପ୍ରତି ଅଣୁ ଆନନ୍ଦ ଦେଇ ଗଠିତ । ସେହି ଚିଦାନନ୍ଦର କଣିକା ଆସି ଚିତ୍‌କଣ ରୂପରେ ଆମ ପ୍ରତ୍ୟେକଙ୍କ ଶରୀରରେ ଆତ୍ମାରୂପରେ ବର୍ତ୍ତମାନ । ତାଙ୍କୁ ନେଇ ସଂସାରଲୀଳା ଚାଲିଛି । ସୁତରାଂ ଭାବଜଗତର ପ୍ରତ୍ୟେକ ରୂପ, ଆନନ୍ଦ ଓ ଭାବ-ଉପାଦାନରେ ଗଠିତ, ସେଠାରେ ସମସ୍ତେ ଭିନ୍ନ ହୋଇ ମଧ୍ୟ ଅଭିନ୍ନ । ସଂସାରରେ ସମସ୍ତେ ମା ବୋଲି କହିଲେ ଜଣେ ନିର୍ଦ୍ଦିଷ୍ଟ ନାରୀଙ୍କୁ ବୁଝାଏ । କିନ୍ତୁ ଭାବଜଗତ ସେପରି ନୁହେଁ । ଜଗତର ସମସ୍ତ ମାତୃଭାବକୁ ଏକତ୍ରିତ କରି ଯଦି ମୂର୍ତ୍ତି ଗଠନ କରାଯାଏ, ତାହା ହିଁ ହେବ ମାତୃଭାବମୟୀ ମୂର୍ତ୍ତି । ସେହି ମୂର୍ତ୍ତିଙ୍କୁ ଦର୍ଶନ କଲେ ଜଗତର ଯେ କୌଣସି ପ୍ରାଣୀ ତାଙ୍କୁ ମା ବୋଲି ଅନୁଭବ କରିପାରିବେ, ସମସ୍ତଙ୍କଭିତରେ ମାତୃଭାବ ଜାଗ୍ରତ ହେବ । ଏହା ହିଁ ନିତ୍ୟ ମାତୃମୂର୍ତ୍ତି । ଅନ୍ୟାନ୍ୟ ଭାବସମ୍ବନ୍ଧରେ ମଧ୍ୟ ସେହି ଏକପ୍ରକାର କଥା । ତେଣୁ ତାହା ନିରାକାର ଅର୍ଥାତ୍ ଏ ଜଗତର କୌଣସି ମୂର୍ତ୍ତି ସହିତ ତାହାର ତୁଳନା ହୋଇପାରେ ନାହିଁ । ଏଥିପାଇଁ ଭାବମୟୀ ମୂର୍ତ୍ତି ନିରାକାର । ପୁଣି ତାହାର ବ୍ୟଞ୍ଜନାଶକ୍ତି ମଧ୍ୟ ଅସୀମ । କିନ୍ତୁ ଧ୍ୟାନନିମିତ୍ତ ଯେଉଁ ମୂର୍ତ୍ତି

କଳ୍ପିତ ହୋଇଅଛି, ତାହା ଅବଲମ୍ବନ ମାତ୍ର । ମନ ସ୍ଥିର କରିବାନିମିତ୍ତ ସେହି ମୂର୍ତ୍ତିର ଧ୍ୟାନ ଧାରଣ କରିବାକୁ ପଡ଼େ । ସିଦ୍ଧଦଶାରେ ସେହି ମନୋମୟୀ ମୂର୍ତ୍ତିଙ୍କର ଦର୍ଶନ ହୁଏ । ତାହା ସତ୍ୟ, ବା ନିତ୍ୟମୂର୍ତ୍ତି ନୁହେଁ । ମନ ନିରୁଦ୍ଧ ଭୂମିରେ ଅଧିରୋହଣ କଲେ ସେହି ମୂର୍ତ୍ତିଙ୍କର କ୍ରମେ ଲୟ ହୋଇଯାଏ । ତତ୍ପରେ ଭାବମୟୀ ମୂର୍ତ୍ତି ଫୁଟିଉଠେ । ତେଣୁ ସ୍ଥୂଳ ଅବଲମ୍ବନଠାରୁ ସୂକ୍ଷ୍ମ ଅବଲମ୍ବନ ଶ୍ରେଷ୍ଠ । ସେହି ସୂକ୍ଷ୍ମଅବଲମ୍ବନକୁ ନିରାକାର କୁହାଯାଉଥିଲେ ମଧ୍ୟ ତାହା ଅବଲମ୍ବନ ଶୂନ୍ୟ ନୁହେଁ । ଜ୍ଞାନ ପରପାରରେ ଏହି ଭାବରାଜ୍ୟର ପ୍ରତିଷ୍ଠା । ତେଣୁ ଯେଉଁଠାରେ ବେଦାନ୍ତର ଶେଷ, ସେହିଠାରେ ହିଁ ଭାଗବତର ଆରମ୍ଭ । କିନ୍ତୁ ଜ୍ଞାନ ନ ଥିଲେ, ତତ୍ତ୍ୱ ନ ଜାଣିଲେ କାହାକୁ ବା ସୁଖ ପାଇବ ? ସାଧାରଣ ଯେଉଁ ଭକ୍ତିପଥ ତାହା ନିମ୍ନାଧିକାରୀମାନଙ୍କ ନିମିତ୍ତ; ସେଥିସହିତ ଭାବର କୌଣସି ସମ୍ପର୍କ ନାହିଁ । ଭାବହେଉଛି ପୂର୍ଣ୍ଣଜ୍ଞାନର ବସ୍ତୁ । ଭାବ ଓ ଜ୍ଞାନର ସାମଞ୍ଜସ୍ୟରେ ହିଁ ଧର୍ମର ପୂର୍ଣ୍ଣ ପ୍ରତିଷ୍ଠା । କିନ୍ତୁ ଭାଗବତରେ ଶ୍ରୀରାଧାଙ୍କର ଉଲ୍ଲେଖ ନାହିଁ ଗୋପୀଭାବର କଥା ଅଛି ମାତ୍ର । ଗୋପୀମାନେ ଭାବର ସାଧକ ଓ ସେମାନଙ୍କମଧ୍ୟରୁ ଯେ ଶ୍ରେଷ୍ଠ ବା ଯେ ଭାବସାଧନାରେ ସିଦ୍ଧ, ତାଙ୍କର ନାମ ରାଧା ବା ପ୍ରଧାନା ଗୋପୀ । ସେହି ରାଧାଙ୍କୁ ଅବଲମ୍ବନ କରି ଅନ୍ୟମାନେ ସିଦ୍ଧଦଶାରେ ଉପନୀତ ହୋଇ ଭାବରାଜ୍ୟରେ ପ୍ରବେଶ କରନ୍ତି । *

ଶ୍ରୀକୃଷ୍ଣତତ୍ତ୍ୱ, ଲୀଳାତତ୍ତ୍ୱ ପ୍ରଭୃତି ଯେଉଁସବୁ ତତ୍ତ୍ୱର ଆଲୋଚନା କରାଗଲା, ସେଥିରୁ ଶ୍ରୀରାଧାତତ୍ତ୍ୱର ଆଲୋଚନା କରାଯାଇପାରେ ।

ସଂସାରରେ ସମସ୍ତେ ସୁଖନିମିତ୍ତ ସଂସାର କରୁଛନ୍ତି । ଏହି ସୁଖଆସ୍ୱାଦନ ହିଁ ରସ-ଆସ୍ୱାଦନ । ଭାବଦ୍ୱାରା ରସର ଆସ୍ୱାଦନ ହୋଇଥାଏ । ଖାଦ୍ୟଦ୍ରବ୍ୟ ଅତି ଉପାଦେୟ ଓ ମଧୁର; ସେଥିରେ ରସ ଅଛି । ମାନବ ରସାସ୍ୱାଦନନିମିତ୍ତ ଲୋଲୁପ । ଖାଦ୍ୟ ଉପସ୍ଥିତ, ଖାଇବାର ଅଧିକାର ମଧ୍ୟ ସାଧକ ଲାଭ କଲା

---

* ପୁରାତନ ଆର୍ଯ୍ୟଦର୍ପଣର "ବିଚିତ୍ର ପ୍ରସଙ୍ଗ" ପ୍ରବନ୍ଧର ଅବଲମ୍ବନରେ ।

ଅଥଚ ଖାଦ୍ୟ ଆଦୌ ସୁଖ ଲଗିଲା ନାହିଁ କିମ୍ବା ସେଥିରୁ ମନୁଷ୍ୟ ରସର ଆସ୍ୱାଦନ ଲାଭ କରିପାରିଲା ନାହିଁ । ଯେପରି ଅବସ୍ଥାରେ ଥିଲେ ରସ ଆସ୍ୱାଦିତ ହେବାର କଥା, ଖାଦକ ସେ ଅବସ୍ଥାରେ ନ ଥିଲା; ତାହାର ଦେହ-ମନ ଅସୁସ୍ଥ ଥିବାରୁ କ୍ଷୁଧାବୋଧ ନ ଥିଲା; ତେଣୁ ଖାଦ୍ୟର ସ୍ୱାଦଗ୍ରହଣରୁ ସେ ବଞ୍ଚିତ ହେଲା । ପ୍ରତ୍ୟେକ ସୁଖାସ୍ୱାଦନନିମିତ୍ତ ଅନୁକୂଳ ଭାବ(mood) ନିତାନ୍ତ ଆବଶ୍ୟକ । ନିତ୍ୟ ସୁଖର ନାମହେଲା ଅମୃତ ।

ସେହି ଅମୃତମୟ ପୁରୁଷ ହିଁ ରସରାଜ ଶ୍ରୀକୃଷ୍ଣ । ରସଲାଭ କରିବାକୁ ଯେପରି ଭାବର ଆବଶ୍ୟକ, ରସରାଜଙ୍କୁ ଲାଭ କରିବା ନିମିତ୍ତ ସେହିପରି ମହାଭାବ ଆବଶ୍ୟକ । ଏହି ମହାଭାବର ଅନ୍ୟ ନାମ ଶ୍ରୀମତୀ ରାଧିକା ।

ଆମେ ଯଦି ସେହି ରସରାଜଙ୍କୁ ନିଜ ଭୋଗନିମିତ୍ତ ପାଇବାକୁ ଇଚ୍ଛା କରିବା, ତେବେ କେବେ ହେଲେ ସେ ମିଳିବେ ନାହିଁ । ତ୍ୟାଗଦ୍ୱାରା ହିଁ ଭୋଗ କରାଯାଏ । ସେହି ରସରାଜଙ୍କ ତୃପ୍ତି ନିମିତ୍ତ ତାଙ୍କୁ ଲାଭ କରିବା ହିଁ ଆମର ପ୍ରୟୋଜନ । ସେ ସର୍ବକାମ ଓ ସିଦ୍ଧକାମ । ତେଣୁ ସିଦ୍ଧକବି ଜୟଦେବ ଗାଇଛନ୍ତି—

"ହରିରଭିମାନୀ ରଜନିରିଦାନୀମିୟମପି ଯାତି ବିରାମମ୍ ।
"କୁରୁମମ ବଚନଂ ସତ୍ୱର ରଚନଂ ପୂରୟ ମଧୁରିପୁକାମମ୍ ॥"
—ଶ୍ରୀଗୀତଗୋବିନ୍ଦ-୧୧-୨

ଏକମାତ୍ର ପୁରୁଷୋତ୍ତମ ହିଁ ମଧୁରିପୁ । ତାଙ୍କର କାମନା ହିଁ ସତ୍ୟ । ତାଙ୍କର କାମନା ପୂରଣ କରିବାକୁ ହେବ । ଯେ ନିଜ ସୁଖକାମନାରେ ଦିବାରାତ୍ର ବ୍ୟସ୍ତ ସେ ମଧୁରିପୁ ଭଗବାନଙ୍କ କାମନା ପୂର୍ତ୍ତି କରିବ ବା କିପରି ? ଯେ ସର୍ବଦା ନିଜ ସୁଖ-ଚିନ୍ତା ନେଇ ଚିନ୍ତିତ, ସେ ଭଗବତ୍‌ଚିନ୍ତା କରିବ କେତେବେଳେ ? ଯେଉଁମାନେ ବ୍ୟଷ୍ଟିନେଇ ସର୍ବଦା ବିବ୍ରତ, ସେମାନେ ସମଷ୍ଟି ଚିନ୍ତା କରିବେ କିପରି ? ଅତଏବ ସାଧନା, ସତ୍‌ସଙ୍ଗ, ତତ୍ତ୍ୱବିଚାର ଏବଂ ତାହା ସଙ୍ଗେସଙ୍ଗେ ଶ୍ରବଣ, କୀର୍ତ୍ତନ ଓ ସ୍ମରଣ ଏକାନ୍ତ ଆବଶ୍ୟକ । ଶ୍ରୀରାଧାଙ୍କ ତତ୍ତ୍ୱ ଶ୍ରବଣ କର ।

ଶ୍ରୀମତୀ ରାଧିକା ଶ୍ରୀକୃଷ୍ଣଙ୍କର ହ୍ଲାଦିନୀଶକ୍ତି । ବର୍ତ୍ତମାନ ଏହି ଶକ୍ତିଙ୍କ ସ୍ୱରୂପ ବିଷୟରେ କହିବା । ଭଗବାନଙ୍କ ଅନନ୍ତ ଶକ୍ତିମଧ୍ୟରୁ ତିନୋଟି ଶକ୍ତି ପ୍ରଧାନ—ମାୟାଶକ୍ତି, ସ୍ୱରୂପଶକ୍ତି ଓ ତଟସ୍ଥାଶକ୍ତି । ମାୟାଶକ୍ତିଦ୍ୱାରା ସୃଷ୍ଟିଲୀଳା, ସ୍ୱରୂପ-ଶକ୍ତିରେ ନିତ୍ୟଲୀଳା ଓ ତଟସ୍ଥା ବା ଜୀବଶକ୍ତିଦ୍ୱାରା ସଂସାର-ଲୀଳା ସାଧିତ ହୁଏ । ଏହି ସ୍ୱରୂପଶକ୍ତି ମଧ୍ୟ ତିନି ଭାଗରେ ବିଭକ୍ତ—ସତ୍, ଚିତ୍ ଓ ଆନନ୍ଦ । ସତ୍ ଅର୍ଥାତ ସେ ନିତ୍ୟବର୍ତ୍ତମାନ । ସମସ୍ତେ ମନେକରୁଛନ୍ତି, ସେ ଅଛନ୍ତି । ଜଗତ୍ ଅଛି, ଦେବତା, ଯକ୍ଷ, ରକ୍ଷ, ଗନ୍ଧର୍ବ ପ୍ରଭୃତି ସମସ୍ତେ ଅଛନ୍ତି, କିନ୍ତୁ ସତ୍ତାର ଅନ୍ତରାଳରେ ଏକମାତ୍ର ସେହି ଅଦ୍ୱିତୀୟ ଭୂମା ପରମପୁରୁଷ ହିଁ ବିଦ୍ୟମାନ । ତାଙ୍କର ସତ୍ତାରେ ସତ୍ତ୍ୱବାନ୍ ହୋଇ ଆମେ-ତୁମେ ଓ ବିଶ୍ୱଜଗତ ରହିଛୁ । ତାଙ୍କନିମିତ୍ତ ଆମର ଜୀବନ ଧାରଣ ବା ଅସ୍ତିତ୍ୱ । ସେ ମୂଳରେ ସତ୍‌ଭାବରେ ଆଶ୍ରୟ-ତତ୍ତ୍ୱରୂପରେ ଅଛନ୍ତି ବୋଲି ଆମର ସତ୍ତା ସମ୍ଭବ ହୋଇଅଛି; ତେଣୁ ସେ ସତ୍ । ସେ ଅସୀମ ସତ୍ତା (Infinite and absolute existence) ସେ ପୁରୁଷୋତ୍ତମଙ୍କୁ ଅସୀମ ସତ୍ତାରୂପରେ ଅନୁଭବ କରିବାକୁ ଯିବାବେଳେ ତାଙ୍କ ସ୍ୱରୂପରେ ଯେଉଁ ଶକ୍ତିର ବିଳାସ ବା କ୍ରିୟା ଅନୁଭବ କରାଯାଏ, ସେହି ସତ୍‌ଶକ୍ତିର ନାମ ସନ୍ଧିନୀଶକ୍ତି । ଅନନ୍ତ ସତ୍ତାସମ୍ପନ୍ନ ଶ୍ରୀଭଗବାନ୍ ଯେଉଁ ଶକ୍ତିଦ୍ୱାରା ନିଜେ ସତ୍ତ୍ୱବାନ୍ ହୁଅନ୍ତି ଏବଂ ଅପରକୁ ସତ୍ତ୍ୱବାନ୍ କରନ୍ତି ସେହି ଶକ୍ତିର ନାମ ସନ୍ଧିନୀ ।

ସେହି ପୁରୁଷୋତ୍ତମଙ୍କୁ ଅନୁଭବ କରିବାର ଦ୍ୱିତୀୟ ପ୍ରଣାଳୀ ହେଲା ସେ ଚିତ୍‌ସ୍ୱରୂପ ଅର୍ଥାତ ସେ ଜ୍ଞାନମୟ, ଜ୍ଞାନସ୍ୱରୂପ । ଏକମାତ୍ର ତାଙ୍କର ଜ୍ଞାନ ଅସୀମ । ସେ ସ୍ୱତଃସିଦ୍ଧ ଜ୍ଞାନରୂପ (Infinite and absolute consciousness) । ଅନ୍ୟମାନେ ତାଙ୍କ ଜ୍ଞାନରେ ଜ୍ଞାନୀ । ଶ୍ରୀଭଗବାନ ତାଙ୍କ ସ୍ୱରୂପର ଯେଉଁ ଶକ୍ତିଦ୍ୱାରା ଜ୍ଞାନବାନ ହୋଇଛନ୍ତି ଏବଂ ଅପରକୁ ଜ୍ଞାନଯୁକ୍ତ କରାଉଛନ୍ତି, ସେହି ଶକ୍ତିର ନାମ ସମ୍ବିତ୍‌ଶକ୍ତି । ତେଣୁ ସତ୍ତା ଓ ଚୈତନ୍ୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ।

ଏହା ବ୍ୟତୀତ ଏହି ଶକ୍ତିର ମୂଳ ରୂପରେ ଶ୍ରୀଭଗବାନଙ୍କ ସ୍ୱରୂପରେ ଆଉ ଗୋଟିଏ ଶକ୍ତି ଅଛି । ଶ୍ରୀଭଗବାନ ଆନନ୍ଦମୟ । ସମଗ୍ର ଆନନ୍ଦର ସେ ହିଁ

ଏକ ମାତ୍ର କାରଣ । ତାଙ୍କର ଆନନ୍ଦରେ ଜଗତ୍ ଆନନ୍ଦଯୁକ୍ତ । ଶ୍ରୀଭଗବାନଙ୍କ ଯେଉଁ ଶକ୍ତିର ବିଳାସଦ୍ୱାରା ସେ ନିଜେ ଆନନ୍ଦଯୁକ୍ତ ହୁଅନ୍ତି ଓ ଅପରକୁ ଆନନ୍ଦଯୁକ୍ତ କରାନ୍ତି, ସେହି ଶକ୍ତିର ନାମ ହ୍ଲାଦିନୀଶକ୍ତି ।

ଶ୍ରୀଭଗବାନ ସୁଖ ଆସ୍ୱାଦନ କରୁଛନ୍ତି,ଏହା ଅନୁଭବ କରିବା ଅତିଶୟ କଠିନ ଏବଂ ସାଧନସାପେକ୍ଷ । ଭାବ-ସାଧନାରେ ବିଶେଷଭାବରେ ଅଭ୍ୟସ୍ତ ନ ହେଲେ ଏହି ତତ୍ତ୍ୱ କେବେ ହେଲେ ହୃଦୟଙ୍ଗମ ହୋଇପାରିବ ନାହିଁ । ସାଧାରଣ ଲୋକେ ଭଗବାନଙ୍କୁ ଶାସନକର୍ତ୍ତା ବୋଲି ଅନୁଭବ କରିଥାଆନ୍ତି; ମାତ୍ର ତାଙ୍କ ସ୍ୱରୂପଚିନ୍ତାରେ କେହି ଅଭ୍ୟସ୍ତ ନୁହନ୍ତି । ତେଣୁ ସାଧନ-ପଞ୍ଚକ ଅନୁସରଣ ଅର୍ଥାତ ସାଧୁସଙ୍ଗ, ଗୁରୁସେବା, ନାମଭଜନ, ଭାଗବତ-ପାଠ ଏବଂ ତାଙ୍କ ଲୀଳାସ୍ଥାନରେ ବାସବ୍ୟତୀତ ଏହି ତତ୍ତ୍ୱ ବୁଝିବା ଅତିଶୟ କଠିନ ହୋଇଥିବାରୁ ସାଧାରଣଙ୍କ ପକ୍ଷରେ ରାଧାକୃଷ୍ଣଙ୍କ ଲୀଳାତତ୍ତ୍ୱ ବୁଝିବା ଏତେ କଠିନ ହୋଇଥାଏ ଏବଂ ସାଧାରଣଙ୍କ ମନରୁ ସଂଶୟ ଦୂର ହୁଏ ନାହିଁ । ଆନନ୍ଦସ୍ୱରୂପ ଭଗବାନଙ୍କ ସହିତ ଜୀବର ନିତ୍ୟ ସମ୍ବନ୍ଧ ବିଦ୍ୟମାନ ବୋଲି ଜୀବମଧ୍ୟରେ ସୁଖ ବାସନାର ଉଦୟ ହୋଇଥାଏ । ଏହି ବାସନା ପ୍ରକୃତପକ୍ଷରେ ଆନନ୍ଦ ବା ରସସ୍ୱରୂପ ଶ୍ରୀଭଗବାନଙ୍କନିମିତ୍ତ; କିନ୍ତୁ ଜୀବ ମାୟାବଶରୁ ତାହା ବୁଝିପାରେ ନାହିଁ । ତେଣୁ ସେ ନାନାବିଧ ଦୁଃଖ ଭୋଗ କରେ । ଆନନ୍ଦମୟ ରସସ୍ୱରୂପ ପରମବ୍ରହ୍ମଙ୍କ ବ୍ୟତୀତ ଅନ୍ୟ କୌଣସି-ଠାରେ ସୁଖ-ବାସନାର ତୃପ୍ତି ସାଧିତ ହୁଏ ନାହିଁ । ତେଣୁ ଉପନିଷଦ୍‌କାର କହୁଛନ୍ତି, "ରସୋ ବୈ ସଃ । ରସଂ ହ୍ୟେବାୟଂ ଲବ୍‌ଧ୍ୱାନନ୍ଦୀ ଭବତି ।" (ତୈତ୍ତିରୀୟ) ଅର୍ଥାତ ରସସ୍ୱରୂପ ଭଗବାନଙ୍କୁ ପାଇଲେ ଜୀବ ପ୍ରକୃତ ଆନନ୍ଦ ଲାଭ କରେ । ଏହି ଆନନ୍ଦସ୍ୱରୂପ ଲାଭ ହିଁ ଜୀବର ସ୍ୱାଭାବିକ ବାସନା । ଏହି ବାସନାର ଚରିତାର୍ଥ ହିଁ ଜୀବର ପରମ ପୁରୁଷାର୍ଥ । ଆନନ୍ଦସ୍ୱରୂପ ଲାଭ ହେଲେ ଜୀବର ଅନ୍ୟ କୌଣସି ବାସନା ଓ ସଂଶୟ ରହେ ନାହିଁ । ଜୀବ ସ୍ୱରୂପତଃ ଶ୍ରୀକୃଷ୍ଣଙ୍କର ନିତ୍ୟ ଦାସ । ତେଣୁ ତାଙ୍କର ନିତ୍ୟ ସେବା ଏକମାତ୍ର କାମ୍ୟ । ଶ୍ରୀକୃଷ୍ଣ ଯଦି ତାଦୃଶ ସେବକମାନଙ୍କୁ ଉପଯାଚକ ହୋଇ ମୋକ୍ଷ ପ୍ରଦାନ କରନ୍ତି, ତେବେ ସୁଦ୍ଧା ସେମାନେ ସେବା ବ୍ୟତୀତ ଅନ୍ୟ କିଛି ଗ୍ରହଣ କରନ୍ତି ନାହିଁ । ତେଣୁ ଶ୍ରୀମଦ୍‌ଭାଗବତରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି—

ଧୀୟମାନଂ ନ ଗୃହ୍ଣନ୍ତି ବିନା ମତ୍ ସେବନଂ ଜନାଃ''

...ଶ୍ରୀମଦ୍‌ଭାଗବତ ୨।୨୯।୧୩—

କେବଳ ମାତ୍ର ଭଗବତ୍‌ସେବାନିମିତ୍ତ ଏହି ଜୀବନର ଅସ୍ତିତ୍ୱ ଏବଂ ତାଙ୍କର ସେବା ବା ତାଙ୍କୁ ହିଁ ସୁଖପ୍ରଦାନ କରିବାନିମିତ୍ତ ଭକ୍ତଙ୍କର ଜୀବନ ଧାରଣ। ଏହା ବ୍ୟତୀତ ଜୀବର ଅନ୍ୟ କୌଣସି ପ୍ରୟୋଜନ ନାହିଁ । ଏହି ବୋଧ ବା ଜ୍ଞାନ ହିଁ ଜୀବର ପ୍ରକୃତ ଆତ୍ମଜ୍ଞାନ। ଆମ ଜୀବନଦ୍ୱାରା ଯଦି ତାଙ୍କର ଆସ୍ୱାଦନ ବାଧାପ୍ରାପ୍ତ ହେଉଛି, ତେବେ ଆମେ କେବେହେଲେ ଭକ୍ତପଦବାଚ୍ୟ ହୋଇପାରିବା ନାହିଁ । ଯଦି ଆମ ଜୀବନଦ୍ୱାରା ତାଙ୍କର ସୁଖ-ଆସ୍ୱାଦନ ବା ସେବା ଅବ୍ୟାହତ ରହେ, ତେବେ ଆମର ଜୀବନ-ଧାରଣ ସାର୍ଥକ। ଯେ ଶ୍ରୀଭଗବାନଙ୍କ ଇଚ୍ଛାକୁ ଯେତେ ପରିମାଣରେ ରୂପ ଦେଇ ତାଙ୍କୁ ସୁଖ ଆସ୍ୱାଦନ କରାଇପାରିଛନ୍ତି, ତାଙ୍କର ଜୀବନ ସେତିକି ପରିମାଣରେ ସତ୍ୟପଥରେ ଅଗ୍ରସର ହେଉଛି ବୋଲି ଜାଣିବ।

ଏହି ବିଶ୍ୱରେ ଭକ୍ତ ଓ ଭକ୍ତି ନିତ୍ୟ, ଅନ୍ୟ ସମସ୍ତ ବସ୍ତୁ ବ୍ୟାବହାରିକ ବା ଅନିତ୍ୟ। ବ୍ରହ୍ମାଣ୍ଡରେ ବହୁ ଭକ୍ତ ଭିନ୍ନ-ଭିନ୍ନ ସ୍ତରରେ ବିରାଜିତ ଅଛନ୍ତି। ଜଳ ଯେପରି ନାନା ସ୍ଥାନରେ ନାନା ଆକାର ଧାରଣକଲେ ମଧ୍ୟ ସମସ୍ତ ଜଳ ଯେପରି ମହାସାଗରରୁ ଉତ୍ପନ୍ନ ହୋଇଅଛି ଏବଂ ବାଧାପ୍ରାପ୍ତ ନ ହେଲେ ପୁନର୍ବାର ସମୁଦ୍ରରେ ମିଶି ସ୍ୱରୂପରେ ଅବସ୍ଥାନ କରି ସାର୍ଥକତା ଲଭ କରିବ, ସେହିପରି ବ୍ରହ୍ମାଣ୍ଡରେ ଯେତେ ଭକ୍ତ ଅଛନ୍ତି ଓ ହେବେ ସେମାନଙ୍କର ଯେଉଁ ଭାବ ଥିଲେ ମଧ୍ୟ ସମସ୍ତେ ଦିନେ ସେହି ମହାଭାବରୂପିଣୀ ଶ୍ରୀରାଧାରୂପା ମହା-ସମୁଦ୍ରରୁ ଆସିଛନ୍ତି ଏବଂ ପରିଣାମରେ ସେହି ମହାଭାବ-ସମୁଦ୍ରରେ ନିମଜ୍ଜିତ ହେବେ । ଶ୍ରୀରାଧା ହିଁ ଶ୍ରୀକୃଷ୍ଣଙ୍କ ପ୍ରଣୟର ଘନୀଭୂତ ମୂର୍ତ୍ତି। ଶ୍ରୀକୃଷ୍ଣ ହିଁ ଚରମ ଓ ପରମ ତତ୍ତ୍ୱ। ଏହାଙ୍କୁ ନିଜର ବୋଲି ଜ୍ଞାନ କରିବା ସନ୍ଧିନୀଶକ୍ତିର କାର୍ଯ୍ୟ ଏବଂ ଯାହାଙ୍କୁ ନିଜର ବୋଲି ଧାରଣା କରି ସୁଖ ପାଉଛ, ସେ ହେଉଛନ୍ତି ପୂର୍ଣ୍ଣ ଭଗବାନ। ଏହି ଜ୍ଞାନ କାହାର ଏବଂ ଏହି ଜ୍ଞାନର ଜ୍ଞାତା କିଏ ? ଭଗବାନଙ୍କ ବ୍ୟତୀତ ଯଦି ଅନ୍ୟ କେହି ଅଛନ୍ତି, ତାହା ହେଲେ ଭଗବାନ ସୀମିତ ହୋଇଗଲେ। କିଏ ସେହି ଶ୍ରୀକୃଷ୍ଣଙ୍କୁ ? ଜାଣନ୍ତି ଶ୍ରୀକୃଷ୍ଣ ହିଁ ଶ୍ରୀକୃଷ୍ଣଙ୍କୁ

ଜାଣନ୍ତି । ଯେ ଶ୍ରୀକୃଷ୍ଣଙ୍କୁ ଜାଣନ୍ତି ସେ ନିଜେ ଜାଣନ୍ତି ନାହିଁ ଯେ ତାଙ୍କର ସ୍ୱରୂପଶକ୍ତି ଭକ୍ତଙ୍କୁ ଆଶ୍ରୟ କରି ବା ଭକ୍ତଙ୍କମାଧ୍ୟମରେ ଶ୍ରୀକୃଷ୍ଣଙ୍କୁ ଜାଣୁଛନ୍ତି । ତେଣୁ ଗୀତାକାର କହୁଛନ୍ତି—"ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପରମେଶ୍ୱର ।" "ହେ ପରମେଶ୍ୱର ! ତୁମେ ନିଜେ ହିଁ ନିଜକୁ ଜାଣ ।" ଏଠାରେ କର୍ତ୍ତା, କର୍ମ, କରଣ ଓ କ୍ରିୟା ଏକ ହୋଇ ମଧ୍ୟ ପୃଥକ ଏବଂ ପୃଥକ ହୋଇ ମଧ୍ୟ ଏକ । ଆଉ କିଏ ଶ୍ରୀକୃଷ୍ଣଙ୍କୁ ସୁଖ ପାଇ ତୃପ୍ତ ହୁଅନ୍ତି ? (It is the Divine that loves the Divine) ଏହି ସୁଖ ପାଇବା ବା ତୃପ୍ତିବିଧାନର ଯେଉଁ ପୂର୍ତ୍ତିତା, ତାଙ୍କୁ ହିଁ କୁହାଯାଏ ଶ୍ରୀରାଧା । ଶ୍ରୀରାଧା ହିଁ ତାଙ୍କର ସ୍ୱରୂପ ହ୍ଲାଦିନୀଶକ୍ତି ଏବଂ ଶ୍ରୀକୃଷ୍ଣଙ୍କ ସୃଷ୍ଟିଲୀଳାରେ ଯେଉଁମାନେ ସହାୟକ ସେମାନଙ୍କର ବିସ୍ତାର ଏହି ଶ୍ରୀରାଧାଙ୍କଠାରୁ । ଲକ୍ଷ୍ମୀମାନେ ଶ୍ରୀରାଧିକାଙ୍କର ଅଂଶ ବିଭୂତି । ସେମାନେ ଶ୍ରୀରାଧିକାଙ୍କର ବିମ୍ବ ଓ ପ୍ରତିବିମ୍ବସ୍ୱରୂପା । ବ୍ରଜ-ଗୋପୀମାନେ ଶ୍ରୀରାଧାଙ୍କର କାୟବ୍ୟୂହସ୍ୱରୂପା । ଶକ୍ତିତତ୍ତ୍ୱ ଆଲୋଚନାକାଳରେ ସ୍ମରଣ ରଖିବା କର୍ତ୍ତବ୍ୟ ଯେ ଶକ୍ତିମାନ୍‌କେ ଅମୂର୍ତ୍ତି; ଶକ୍ତିମାନଙ୍କୁ ଆଶ୍ରୟ କରି ଶକ୍ତିର ବିକାଶ ହୋଇଅଛି । ଏହି ଶ୍ରୀରାଧାଙ୍କର ବିବିଧ ତତ୍ତ୍ୱ ଏହି ଗ୍ରନ୍ଥରେ ବିଶେଷଭାବରେ ବର୍ଣ୍ଣିତ ହୋଇଅଛି ।

ପ୍ରେମତତ୍ତ୍ୱ ସମ୍ବନ୍ଧରେ ମଧ୍ୟ କିଞ୍ଚିତ୍ ଧାରଣା ଥିବା ଆବଶ୍ୟକ । ପୂଜ୍ୟପାଦ ରୂପଗୋସ୍ୱାମୀ ଲେଖିଛନ୍ତି :—

"ସର୍ବଥା ଧ୍ୱଂସରହିତଂ ସତ୍ୟପି ଧ୍ୱଂସକାରଣେ
ଯ ଭାବ ବନ୍ଧନଂ ଯୂନୋ ସ ପ୍ରେମା ପରିକୀର୍ତ୍ତିତଃ"

—ଉଜ୍ଜ୍ୱଳ ନୀଳମଣି

ଭାଙ୍ଗିବାର କାରଣ ଥିଲେ ମଧ୍ୟ ଯେଉଁ ଭାବ ଭାଙ୍ଗି ଯାଏ ନାହିଁ, ଏହି-ପ୍ରକାର ଯେଉଁ ଭାବବନ୍ଧନ, ତାହାର ନାମ ପ୍ରେମ ।

ସୁତରାଂ ଏହି ଅନିତ୍ୟ ଜଗତରେ ଏହି ଅନିତ୍ୟ ବିଷୟକୁ ଆଶ୍ରୟ କରି ମାନବ-ଅନ୍ତରରେ ପ୍ରକୃତ ପ୍ରେମର ଉଦୟ ହୋଇପାରେ ନାହିଁ । ପ୍ରେମ

ନିତ୍ୟାଶ୍ରୟୀ ଅର୍ଥାତ୍ ନିତ୍ୟବସ୍ତୁ ଯେଉଁ ଭଗବାନ୍, ତାଙ୍କପ୍ରତି ସେହି ପ୍ରେମଭାବ ଜାଗରିତ ହୋଇଥାଏ । ପ୍ରେମ ହିଁ ହ୍ଲାଦିନୀଶକ୍ତି । ଏହି ଶକ୍ତି ଚିନ୍ମୟ, ତେଣୁ କଥିତ ଅଛି, ପ୍ରେମ ହିଁ ଭଗବାନ୍‌ଙ୍କ ସ୍ୱରୂପ (Love is Divine, Love is God and God is Love.) । ଏଥିପାଇଁ ମୃତ୍ୟୁମୟ ଜଗତରେ ପ୍ରେମ ହିଁ ଅମୃତ । ଜଗତରେ ସମସ୍ତ ନଶ୍ୱର, ଏକମାତ୍ର ପ୍ରେମ ହିଁ ନିତ୍ୟ ଶାଶ୍ୱତ । ଆତ୍ମସୁଖ, କାମନା ଥିବାପର୍ଯ୍ୟନ୍ତ ପ୍ରେମ କେବଳ ବସ୍ତୁ, ତାହା କେହି ହୃଦୟଙ୍ଗମ କରିପାରନ୍ତି ନାହିଁ । ଆତ୍ମସୁଖବୋଧ ପରିତ୍ୟାଗ କଲେ ପ୍ରେମର ଆବିର୍ଭାବ ହୁଏ । ଯେଉଁମାନଙ୍କର ଏହି ପ୍ରେମ ଲାଭ ହୁଏ, ସେମାନଙ୍କଠାରେ ଆତ୍ମସୁଖର ବାସନା ନ ଥାଏ ।

ଶ୍ରୀମନ୍ମହାପ୍ରଭୁ ଗୌରାଙ୍ଗଦେବ ଏହି ପ୍ରେମର ସାଧନତତ୍ତ୍ୱ ଆମ ଦେଶରେ ପ୍ରବର୍ତ୍ତନ କଲେ । ରାୟ ରାମାନନ୍ଦଙ୍କ ମତରେ—

"ରାୟ କହେ ରାଧାପ୍ରେମ ସାଧ୍ୟଶିରୋମଣି
ଯାହାର ମହିମା ସର୍ବଶାସ୍ତ୍ରରେ ବଖାଣି ।"

କେବଳ ଭାବ-ସାଧନାରେ ସାଧାରଣ ବ୍ୟକ୍ତି ଭାବ ଲାଭ କରି ପ୍ରେମତତ୍ତ୍ୱ ଅର୍ଥାତ୍ ଶ୍ରୀରାଧା-ପ୍ରେମ ବା ରାଧାତତ୍ତ୍ୱ ହୃଦୟଙ୍ଗମକରି ଶ୍ରୀରାଧାରାଣୀଙ୍କ କାରୁଣ୍ୟାମୃତ ଲାଭ କରିପାରିବେ ଅର୍ଥାତ୍ ସାଧ୍ୟସାଧନତତ୍ତ୍ୱ ସମ୍ବନ୍ଧରେ ଶ୍ରୀଗୌରାଙ୍ଗ ମହାପ୍ରଭୁ ଓ ରାୟ ରାମାନନ୍ଦଙ୍କ ମଧ୍ୟରେ ଯେଉଁ କଥୋପକଥନ ହୋଇଥିଲା, ସେଥିରୁ ସାଧନାର କ୍ରମିକ ଉନ୍ନତି କେଭଳି ସାଧିତ ହୋଇପାରିବ, ତାହାର କ୍ରମ ଏହି ପୁସ୍ତକରେ ନିରୂପିତ ହୋଇଅଛି । ସ୍ୱଧର୍ମାଚରଣରୁ ଆରମ୍ଭ ହୋଇ ଧର୍ମ-ଜୀବନ ଉପରି କ୍ରମେ କୃଷ୍ଣକର୍ମାର୍ପଣ, ସ୍ୱଧର୍ମ-ତ୍ୟାଗ, ଜ୍ଞାନମିଶ୍ରା ଭକ୍ତି, ଜ୍ଞାନଶୂନ୍ୟା ଭକ୍ତି, ପ୍ରେମ ଭକ୍ତି, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର-ପ୍ରେମ ଏବଂ ସର୍ବଶେଷରେ ରାଧାପ୍ରେମ ଲାଭପୂର୍ବକ ଶ୍ରୀକୃଷ୍ଣ-ମାଧୁର୍ଯ୍ୟରେ ପରିଣତ ହୁଏ ଏବଂ ଯେଉଁ ରାଗମାର୍ଗରେ ଗମନ କଲେ ଭକ୍ତ ସେହି ମାଧୁର୍ଯ୍ୟ ଲାଭକରିପାରନ୍ତି ଶ୍ରୀରାଧାକୃଷ୍ଣଙ୍କ ଅଚିନ୍ତ୍ୟ ଭେଦାଭେଦବାଦ ପ୍ରଭୃତି ବହୁ ତତ୍ତ୍ୱ ଏହି 'ପ୍ରେମିକ-ଗୁରୁ'ଗ୍ରନ୍ଥରେ ଶ୍ରୀଶ୍ରୀଠାକୁର ଲିପିବଦ୍ଧ କରିଛନ୍ତି ।

ଯଦି କେହି ମନେ କରନ୍ତି ଯେ ପ୍ରାକୃତ ଜଗତରେ କ'ଣ ଏହିଭଳି ସୁଖ ପାଇବା ସମ୍ଭବ ? ଶାସ୍ତ୍ରରେ ଋଷିମାନେ ବର୍ଣ୍ଣନା କରିଛନ୍ତି ଯେ—ହିଁ, ଗୋପୀମାନଙ୍କମଧ୍ୟରେ ଏହି ପ୍ରେମ-ପ୍ରୀତିଭାବ ଜାଗରିତ ହୋଇଥିଲି । ଏହି ସୁଖ ପାଇବା ବା ଭଗବାନଙ୍କୁ ଅପଣାର ଜ୍ଞାନରେ ସୁଖ ପାଇବା ହିଁ ଭକ୍ତ-ମାନଙ୍କର ସୁଖ । ଆତ୍ମା ସ୍ୱୟଂ ସୁଖସ୍ୱରୂପ । ଆତ୍ମା ମାୟାଆବରଣରେ ଆବୃତ ଥିବାରୁ ତାଙ୍କରସ୍ୱରୂପସ୍ଫୁରିତ ହୋଇପାରେ ନାହିଁ । ତେଣୁ ତାଙ୍କ ପଦରେ ନିଜକୁ ସମର୍ପଣ କରିଦେଲେ ଏବଂ ତିଳେମାତ୍ର ତାଙ୍କ ବିଷୟରେ ବିସ୍ମରଣ ନ ହେଲେ ପ୍ରକୃତ ପ୍ରେମ ଲାଭ ହୋଇଥାଏ । ପ୍ରେମ-ପ୍ରଭାବରେ ଭଗବାନ୍ ନିରାକାର ଓ ସର୍ବଶକ୍ତିମାନ୍ ହୋଇ ମଧ୍ୟ ସାକାର ମାନବଭାବରେ ଅବତରଣ କରନ୍ତି । ଶ୍ରୀଭଗବାନଙ୍କର ମନୁଷ୍ୟ-ଶରୀରରେ ବା ଋଷିଦେହରେ ଅବତରଣ କରିବା ଶ୍ରୀକୃଷ୍ଣଲୀଳାର ଆଶ୍ଚର୍ଯ୍ୟ ବିଶେଷତ୍ୱ । ଗୋପୀ-ଭାବରେ ଏହି ଲୀଳା-ତତ୍ତ୍ୱର ଉପଲବ୍ଧି ହୋଇଥାଏ । ଗୋପୀମାନଙ୍କର ଭଗବତ୍‌ବିଷୟକ ଧାରଣାକୁ ଗୋପୀଭାବ କୁହାଯାଏ ।

ପୂର୍ବରୁ କୁହାଯାଇଛି ଯେ ଗୋପୀଭାବ ଜଗତର ଶ୍ରେଷ୍ଠତମ ଭାବ । ସାଧାରଣତଃ ଗୋପୀ ଅର୍ଥରେ ଗଉଡଘରର ସ୍ତ୍ରୀ ଓ ଭାବ ଅର୍ଥରେ ଭଗବାନଙ୍କୁ ବୁଝାଇଥାଏ ଅର୍ଥାତ ଗୋପୀମାନଙ୍କର ଭଗବତ୍‌ବିଷୟରେ ଯେଉଁ ଧାରଣା, ତାହା ହିଁ ଜଗତର ଶ୍ରେଷ୍ଠତମ ଭାବ । ଏଥିରୁ ଅନେକଙ୍କର ଧାରଣା ଜାତ ହୋଇପାରେ ଯେ, ବହୁ ମୁନିଋଷି ଦୀର୍ଘଦିନ ତପସ୍ୟାକରି ଭଗବତ୍-ସମ୍ବନ୍ଧୀୟ ଯେଉଁ ଭାବ ଲିପିବଦ୍ଧ କଲେ, ତାହା ଆଦର୍ଶ ନ ହୋଇ କେତେ-ଗୁଡ଼ିଏ ଗାଉଁଲି ସ୍ତ୍ରୀ-ଲୋକଙ୍କ ଭଗବତ୍‌ବିଷୟକ ଧାରଣା କିପରି ଓ କାହିଁକି ଶ୍ରେଷ୍ଠ ହେଲା ?

ମନୁଷ୍ୟ ବ୍ୟକ୍ତିଗତ ସ୍ୱାର୍ଥ ସାଧନାରେ ସର୍ବଦା ବ୍ୟସ୍ତ ରହିଥିବା ହେତୁ ପ୍ରେମଭକ୍ତି ଲାଭ କରିପାରେ ନାହିଁ । ସ୍ୱାର୍ଥ ତିନି ଭାଗରେ ବିଭକ୍ତ—(୧) ସ୍ଥୂଳ ଦେହର ସୁଖ ସମ୍ଭୋଗ, (୨) ମନର ବାସନା ଚରିତାର୍ଥ ନିମିତ୍ତ ପ୍ରବଳ ଆଗ୍ରହ ଏବଂ (୩) ନିଜ ସଂସାର ଓ ବିଷୟ ସମ୍ପତ୍ତିର ଉନ୍ନତି ସାଧନ

କରିବା ପାଇଁ ଇଚ୍ଛା । ଏହି ତ୍ରିବିଧ ସ୍ୱାର୍ଥ ଥିବାରୁ ମନୁଷ୍ୟ ଭିତରେ ପ୍ରେମ ପ୍ରୀତିର ପ୍ରତିଷ୍ଠା ହୋଇପାରେ ନାହିଁ । ସ୍ୱାର୍ଥ ତ୍ୟାଗ କରି ନ ପାରିଲେ କୌଣସି ମାନବ ଆଧ୍ୟାତ୍ମିକତାର ଉଚ୍ଚ ସୋପାନକୁ କେବେହେଲେ ଉନ୍ନୀତ ହୋଇପାରିବ ନାହିଁ । ଯୋଗୀ ଋଷି ଓ ଅବତାର ସଦୃଶ ମହାପୁରୁଷମାନେ ସମସ୍ତ ସ୍ୱାର୍ଥ ପରିତ୍ୟାଗ କରିଥିବାରୁ ସିଦ୍ଧ ଦଶାରେ ଉପନୀତ ହୋଇଥାଆନ୍ତି । ସିଦ୍ଧ ହେବାପରେ ମଧ୍ୟ ଜଗତର ହିତ ନିମିତ୍ତ ସେମାନେ ସେହି ସିଦ୍ଧି ଫଳକୁ ବିତରଣ କରିଥାନ୍ତି । ମନଭିତରେ ସ୍ୱାର୍ଥଭାବ ବିରାଜିତ ହେଲେ ସେଠାରେ ସଙ୍କୋଚ, ଆଶଙ୍କା, ଭୟ, ଦୁର୍ବଳତା ଏବଂ ବୁଦ୍ଧିର ସଂକୀର୍ଣ୍ଣତା ଉପସ୍ଥିତ ହୁଏ । ଏହିପରି ସ୍ୱାର୍ଥଜଡ଼ିତ ଦୁର୍ବଳ ଓ ସଂକୀର୍ଣ୍ଣ ମନଦ୍ୱାରା କୌଣସି ମହତ୍ କାର୍ଯ୍ୟ ସାଧିତ ହୋଇପାରେ ନାହିଁ । ସ୍ୱାର୍ଥଭାବ ନେଇ ଯେକୌଣସି ମହତ୍ କାର୍ଯ୍ୟ କଲେ ମଧ୍ୟ ସେଥିରେ ଅନ୍ୟ ପ୍ରତି ବିଦ୍ୱେଷ ଜାତ ହୁଏ ଏବଂ ଅପରଠାରୁ ସ୍ୱାର୍ଥସିଦ୍ଧି ନିମିତ୍ତ ଆଶା ବଳବତୀ ହୁଏ । ଏପରି କ୍ଷେତ୍ରରେ ପରସ୍ପର ପ୍ରତି ସ୍ନେହ, ପ୍ରୀତି ଓ ନିଃସ୍ୱାର୍ଥ ଭାବରେ ସୁଖ ପାଇବା ବୃତ୍ତି ଲୋପ ପାଇଯାଏ । କାମକାମନା ଓ ବାସନା ଚରିତାର୍ଥର ଅପର ନାମ ସ୍ୱାର୍ଥ । 'କାମ' ଅର୍ଥ ଦେହ ମନର ତୃପ୍ତି ନିମିତ୍ତ ପିପାସା ବା ଆତ୍ମସୁଖଭୋଗ ସ୍ପୃହା । ସୁତରାଂ ସ୍ୱାର୍ଥ ହେଉଛି କାମ ଏବଂ ନିଃସ୍ୱାର୍ଥ ହିଁ ପ୍ରେମ । ତେଣୁ କାମ ଓ ପ୍ରେମ ପରସ୍ପରର ବିପରୀତ । ଅତଏବ ସ୍ୱାର୍ଥର ଗନ୍ଧ ଥିଲେ ସେଠାରେ ଯଥାର୍ଥ ଜ୍ଞାନ ବା ପ୍ରେମ ବିରାଜିତ ହୋଇପାରେ ନାହିଁ । *

ପାଠକମାନଙ୍କୁ ସ୍ମରଣ ରଖିବାକୁ ହେବ ଯେ ପିତୃଶକ୍ତି ଓ ମାତୃଶକ୍ତି-ଦ୍ୱାରା ଜଗତର ସୃଷ୍ଟି ହୋଇଅଛି । ପିତୃଶକ୍ତିରେ ଜ୍ଞାନର ଏବଂ ମାତୃଶକ୍ତିରେ ଆନନ୍ଦର ବିକାଶ । ପୁରୁଷମଧ୍ୟରେ ଜ୍ଞାନଶକ୍ତିର ବିକାଶହେତୁ ସେ ଆତ୍ମ-ନିର୍ଭରଶୀଳ ଏବଂ ନାରୀମାନେ ସେମାନଙ୍କ ପତିଙ୍କ ଉପରେ ନିର୍ଭରଶୀଳା । ନିର୍ଭରଶୀଳ ବ୍ୟକ୍ତିର କିଛି ଦାୟିତ୍ୱ ନ ଥିବାରୁ ତାଙ୍କର ହୃଦୟ ସର୍ବଦା

---

* ଶ୍ରୀମତ୍ ସ୍ୱାମୀ ଯୋଗାନନ୍ଦ ହଂସଙ୍କ କୃତ 'ଯୋଗବ୍ରହ୍ମ ବିଦ୍ୟା' ପୁସ୍ତକ ଦ୍ରଷ୍ଟବ୍ୟ ।

ଆନନ୍ଦରେ ପୂର୍ଣ୍ଣ । ଶ୍ରୀଭଗବାନ୍‌ଙ୍କ ଆକର୍ଷଣୀ ଶକ୍ତିର ନାମ କୃଷ୍ଣ । ସେ ପୁରୁଷଶ୍ରେଷ୍ଠ ବୋଲି ହ୍ଲାଦିନୀର ଆଧିକ୍ୟଯୁକ୍ତ ଜୀବ ବା ନାରୀମାନଙ୍କୁ ଆତ୍ୟନ୍ତିକ ଆକର୍ଷଣରେ ଆକୃଷ୍ଟ କରିଥାନ୍ତି । ପ୍ରାକୃତ ଜଗତରେ ଦେଖିବାକୁ ମିଳେ ଯେ ଆତ୍ମପ୍ରତିଷ୍ଠିତ ପୁରୁଷ ନାରୀମାନଙ୍କୁ ସହଜରେ ଆକର୍ଷଣ କରିପାରନ୍ତି ତେଣୁ ଯେଉଁ ନାରୀମାନେ ସିଦ୍ଧ ମହାପୁରୁଷଙ୍କ ଧ୍ୟାନରେ ତନ୍ମୟ, ସେହିମାନେ ହିଁ ପ୍ରକୃତ ସତୀ । ସେମାନଙ୍କ ସୁଖ ଶ୍ରୀକୃଷ୍ଣଙ୍କ ସୁଖରେ ପର୍ଯ୍ୟବସିତ । ଏହି ଯୋଗୀମାନଙ୍କ ଭାବ ହିଁ ମୂର୍ତ୍ତିମାନ ଶ୍ରୀକୃଷ୍ଣ । ଏହି ଶ୍ରୀକୃଷ୍ଣ ହିଁ ଜଗତର ପରମ ଉପାସ୍ୟ ଏବଂ ପରମତତ୍ତ୍ୱ । ତାଙ୍କର ଅଦର୍ଶନରେ ସେମାନେ ଭାବରେ ଏଭଳି ବିଭୋର ହୋଇପଡନ୍ତି ଯେ ସେମାନେ ନିଜକୁ ଭୁଲିଯାଇ ଚତୁର୍ଦ୍ଦିଗରେ ଶ୍ରୀକୃଷ୍ଣଙ୍କୁ ହିଁ ଉପଲବ୍ଧ କରିଥାଆନ୍ତି ଏବଂ ସେମାନଙ୍କଭିତରେ ଯେ ପ୍ରଧାନା ସେହି ଗୋପୀଙ୍କୁ ଶ୍ରୀକୃଷ୍ଣଙ୍କ ସେବା ଉଦ୍ଦେଶ୍ୟରେ ପ୍ରେରଣ କରି ତାଙ୍କର ମିଳନାନନ୍ଦରେ ନିଜେ ଆନନ୍ଦ ଆସ୍ୱାଦନ କରନ୍ତି । ଏହା ହିଁ ଗୋପୀ-ପ୍ରେମର ସ୍ୱରୂପ ।

ଏହି ପ୍ରେମ ସାଧ୍ୟବସ୍ତୁ ନୁହେଁ ଅର୍ଥାତ କୌଣସି ସାଧନାରେ ଏହା ଲଭ୍ୟ ହୋଇପାରେ ନାହିଁ । ତେଣୁ ନିତ୍ୟସିଦ୍ଧମାନେ ହିଁ ଏହି ପ୍ରେମଭାବର ଅଧିକାରୀ । ଆତ୍ମଶକ୍ତି ଉପରେ ନିର୍ଭର କରି ଭଗବତ୍ ଦର୍ଶନ ବା ଆତ୍ମଜ୍ଞାନ ଲାଭ ସମ୍ଭବ ହୋଇପାରେ; କିନ୍ତୁ ପ୍ରେମଲାଭ ଏକମାତ୍ର ଭଗବତ୍‌ସ୍ୱରୂପ ସିଦ୍ଧ ପ୍ରେମିକଗୁରୁଙ୍କ କୃପାସାପେକ୍ଷ । ଶାସ୍ତ୍ରରେ ଭକ୍ତିପଥର ଯେଉଁ ସାଧନା ବର୍ଣ୍ଣିତ ହୋଇଅଛି, ତାହା କେବଳ ଚିତ୍ତଶୁଦ୍ଧି ନିମିତ୍ତ ।

ଯେତେ ପ୍ରକାର ଉପାୟ ଅଛି, ତନ୍ମଧ୍ୟରେ ଭକ୍ତିପୂର୍ବକ ଭଗବାନଙ୍କ-ନିମିତ୍ତ ଅଶ୍ରୁବିସର୍ଜ୍ଜନ ହିଁ ପ୍ରଧାନ । ମାନବ ପାର୍ଥିବ ପଦାର୍ଥ ଅଭାବରେ ଅଶ୍ରୁପାତ କରିପାରେ; ମାତ୍ର ଭଗବତ୍ ଅଭାବରେ ତାହାର ପାଷାଣ ସଦୃଶ ଜଡହୃଦୟ ଦ୍ରବୀଭୂତ ହୁଏ ନାହିଁ । ମହତ୍ କୃପାରୁ ବା ସଦ୍‌ଗୁରୁ କୃପା-ପରବଶ ହୋଇ ଭଗବତ୍ ଅଭାବ-ବୋଧ ଜାତ ହେବାଭଳି ନାମ ପ୍ରଦାନ କଲେ ସେହି ନାମଜପର ସିଦ୍ଧଦଶାରେ ସେହି ଅଭାବ-ବୋଧ ତୀବ୍ରଭାବରେ

ଉତ୍ପନ୍ନହୋଇ ତାଙ୍କନମିତ୍ତ ବ୍ୟାକୁଳତା ଜାତ କରାଏ । ସେତେବେଳେ ହୃଦୟର କାଳିମା ସେହି ବାରିରେ ବିଧୌତ ହୋଇଯାଏ । ତେଣୁ ବାହାରେ ଦୁଃଖ ଓ ଅନ୍ତରରେ ଆନନ୍ଦ ପ୍ରେମର ନିତ୍ୟ ସହଚର । ନାମଗାନରେ ଯଦି ଚକ୍ଷୁ ସଜଳ ନ ହେଲା, ତେବେ ଚନ୍ଦନରେ ତୁଳସୀ ସଂଯୁକ୍ତ ହୋଇପାରିବ ନାହିଁ । ସଚନ୍ଦନ-ତୁଳସୀଦଳ ହିଁ ନାରାୟଣଙ୍କର ପ୍ରକୃତ ପୂଜାର ଉପଚାର । ନାମର ସିଦ୍ଧଦଶାରେ ଭକ୍ତଙ୍କର ମନେହେବ ଯେ ସେ ନାମସହିତ ନାମୀଙ୍କୁ ହୃଦୟର ନିଭୃତ କନ୍ଦରରେ ଅତି ଅନ୍ତରଙ୍ଗଭାବରେ ଲାଭ କରିଛନ୍ତି । ଏହା ହିଁ ଭାବଲାଭ । ତେଣୁ ଏକମାତ୍ର ନାମ-ସାଧନାରେ ଏହି ଗୋପୀଭାବ ଲାଭ ହୋଇଥାଏ । ଯେଉଁ ପ୍ରେମଧର୍ମ ସଂସ୍ଥାପନ ନିମିତ୍ତ ଶ୍ରୀକୃଷ୍ଣ ବ୍ରଜଧାମରେ ଅବତୀର୍ଣ୍ଣ ହୋଇଥିଲେ, ସେହି ଧର୍ମ ଗୋପୀ ଭାବରେ ପରିପୂର୍ଣ୍ଣରୂପେ ପ୍ରକଟିତ । ଯେଉଁମାନେ ଏହି ପ୍ରେମଭାବକୁ ଗ୍ରହଣ କରି-ପାରନ୍ତି କିମ୍ବା ଯେଉଁମାନେ ଆତ୍ମତତ୍ତ୍ୱାନୁସନ୍ଧିତ୍ସୁ ସେମାନଙ୍କ ପକ୍ଷରେ ମନ୍ତ୍ର-ଗ୍ରହଣ ସମ୍ବନ୍ଧରେ କୌଣସି ବାଧ ବାଧକତା ନାହିଁ; କାରଣ, ମନ୍ତ୍ରପ୍ରଦାନ କରି ଶିଷ୍ୟର ଆଧ୍ୟାତ୍ମିକ ଉନ୍ନତି ବିଧାନ କରିବା ଅତି ନିମ୍ନସ୍ତରର କ୍ରିୟା । ଦେଶର ଦୁର୍ଭାଗ୍ୟ; ତେଣୁ ଏପରି ବ୍ୟବସ୍ଥା ପ୍ରଦାନ କରିବାକୁ ପଡ଼େ । ଅନ୍ୟଥା ସାଧନ-ଜଗତରେ ଏହା ସେପରି କିଛି ବଡ଼କଥା ନୁହେଁ । *

ଭଗବାନଙ୍କୁ ସୁଖ ପାଇବା କିମ୍ବା କୌଣସି ଭାବକୁ ଆଶ୍ରୟ କରିବା—ଏହା ସାଧନାର ଅତି ଉଚ୍ଚ ଅବସ୍ଥା । ତେଣୁ ଭାବ ଉତ୍ପନ୍ନ ହେଲେ ଜ୍ଞାନ ସ୍ୱତଃ ଲାଭ ହୋଇଥାଏ । ଭାବ ଓ ଜ୍ଞାନ ଓତପ୍ରୋତଭାବରେ ଜଡ଼ିତ ।

କାମନା ବା ଆସକ୍ତି ଅଭାବରୁ ଉତ୍ପନ୍ନ ଏବଂ ଭକ୍ତି ବା ପ୍ରେମ ଭାବରୁ ସଂଜାତ । କାମନାର ମୂଳ ଅଭାବ ଅପୂର୍ଣ୍ଣତା ଏବଂ ଭାବର ତାତ୍ପର୍ଯ୍ୟ ସ୍ୱଭାବ ଓ ପୂର୍ଣ୍ଣତା । ଅପୂର୍ଣ୍ଣର ପୂର୍ଣ୍ଣପ୍ରତି ସ୍ୱଭାବସଙ୍ଗତ ପ୍ରବଣତା ହିଁ କାମ ଏବଂ ପୂର୍ଣ୍ଣର ପୂର୍ଣ୍ଣବସ୍ତୁପ୍ରତି ସ୍ୱଭାବସୁଲଭ ପ୍ରବଣତାର ନାମ ଭକ୍ତି । ତେଣୁ

---

* ସନ ୧୩୬୪ ସାଲ ଆର୍ଯ୍ୟଦର୍ପଣର ୪।୬୩ 'ଶ୍ରୁତିସ୍ତୁତି' ପ୍ରବନ୍ଧ ଅବଲମ୍ବନରେ ଲିଖିତ ।

ଭକ୍ତି ସାଧନାରେ ଜୀବ-ସ୍ୱଭାବର ପୂର୍ଣ୍ଣତା ଫୁଟିଉଠେ । ପୂର୍ଣ୍ଣସ୍ୱରୂପଙ୍କ ପ୍ରତି ପୂର୍ଣ୍ଣଙ୍କର ଅଭିସାର ବା ଅଗ୍ରଗତିର ନାମ ଭକ୍ତି ବା ପ୍ରେମ । ଏଥିପାଇଁ ଭକ୍ତି କାମନା ନୁହେଁ । ଚିତ୍ତବୃତ୍ତିର ନିରୋଧ ନ ହେଲେ ଜ୍ଞାନଭକ୍ତିର ସ୍ଫୁରଣ ହୋଇପାରେ ନାହିଁ । ବାସନା ହିଁ ଚିତ୍ତର ଚଞ୍ଚଳ ଅବସ୍ଥା । ଏହା ବିଦୂରିତ ନ ହେଲେ ଜ୍ଞାନଭକ୍ତି କୌଣସି ପ୍ରକାରରେ ସମ୍ଭବ ହୁଏ ନାହିଁ । ଚିତ୍ତର ପାଞ୍ଚଗୋଟି ସ୍ତର ବା ଭୂମିକା ଅଛି—କ୍ଷିପ୍ତ, ବିକ୍ଷିପ୍ତ, ମୂଢ଼, ଏକାଗ୍ର ଓ ନିରୁଦ୍ଧ । ସାଧାରଣ ମାନବର କାମନାଯୁକ୍ତ ଚଞ୍ଚଳ ଚିତ୍ତ ଭୂମିକୁ କ୍ଷିପ୍ତ ବୋଲି-ଯାଏ । କାମନାର କ୍ଷଣିକ ତୃପ୍ତିରେ ଯେଉଁ ଭାବ ଜାଗେ, ତାହା ବିକ୍ଷିପ୍ତ ଓ ତମୋମସ୍ତ ଜଡ଼ ଅବସ୍ଥାର ନାମ ମୂଢ଼ । ସଂସାରପ୍ରତି ବୈରାଗ ଏବଂ ଭଗବାନଙ୍କ ପ୍ରତି ଅନୁରାଗ ଜାତ ହେଲେ ଚିତ୍ତର ସେହି ଅବସ୍ଥାକୁ ଏକାଗ୍ର କୁହାଯାଏ । ଏହି ଏକାଗ୍ରତା ହିଁ ଭକ୍ତିର ବୀଜ । ଯଦି ଜଣକପ୍ରତି ଅନୁରାଗ ହୁଏ ଏବଂ ସେ ବହୁ ସଙ୍ଗ ବର୍ଜ୍ଜନ କରନ୍ତି, ସେହି ପ୍ରକାର ଇଷ୍ଟନିଷ୍ଠାଫଳରେ ଚିତ୍ତନିରୁଦ୍ଧ ହୋଇ ପ୍ରେମ ଲାଭ ହୋଇଥାଏ । ପ୍ରେମଦ୍ୱାରା ଭକ୍ତ-ଭଗବାନଙ୍କର ମିଳନ ସଂଘଟିତ ହୁଏ; ତାହା ହିଁ ସମାଧି ବା ନିରୁଦ୍ଧ ଅବସ୍ଥା । ତେଣୁ ଚିତ୍ତନିରୋଧ ହିଁ ଭକ୍ତିର ସ୍ୱରୂପଲକ୍ଷଣ । ବାସନାତ୍ୟାଗ ହିଁ ପ୍ରକୃତ ତ୍ୟାଗ । ଅନ୍ୟଆଶ୍ରୟ ତ୍ୟାଗ କରି ଏକମାତ୍ର ଭଗବତ୍ ଆଶ୍ରୟ ଗ୍ରହଣର ନାମ ଅନନ୍ୟତା । ଯେତେବେଳେ ଭକ୍ତମାନେ ଭଗବାନଙ୍କୁ ଅନ୍ତରରେ ଲାଭ କରନ୍ତି, ସେତିକିବେଳେ ସେମାନେ ନିଜର ଅସ୍ତିତ୍ୱ ଉପଲବ୍ଧି କରନ୍ତି । ଅନ୍ତରରେ ଉପଲବ୍ଧି କଲେ ଭକ୍ତମାନେ ଅନ୍ତରରେ ଓ ବାହାରେ ତାଙ୍କୁ ଦର୍ଶନ କରନ୍ତି । ବାହାରକୁ ତ୍ୟାଗ କରି ଅନ୍ତରରେ ତାଙ୍କ ଆସନପ୍ରତିଷ୍ଠାକୁ ଅନନ୍ୟତା, ଇଷ୍ଟନିଷ୍ଠା, ଆତ୍ମସମର୍ପଣ ବା ଭକ୍ତଙ୍କର ସନ୍ନ୍ୟାସ କୁହାଯାଏ । ସାଧାରଣତଃ ଜୀବ କର୍ମରେ ଲିପ୍ତ ହୋଇପଡ଼େ । ଅହଙ୍କାରକୁ ଭଗବାନଙ୍କ ନିକଟରେ ସମର୍ପଣ କରି ଦେଇ ଯେଉଁ କର୍ମ କରାଯାଏ, ତାହାର ନାମ ସେବା । ଭକ୍ତ-ମାନଙ୍କର ନିଷ୍କାମ କର୍ମ ଅଥବା ନାରାୟଣଜ୍ଞାନରେ ଅପରର ତୃପ୍ତି ନିମିତ୍ତ ଯେଉଁ କର୍ମ, ତାହାର ନାମ ସେବା । ମାନବର ଜୀବନଧାରଣ କେବଳ ଭଗବାନଙ୍କ ସେବାନିମିତ୍ତ । ଏହି ଶରୀର-ରକ୍ଷାନିମିତ୍ତ ଯେତିକି ଲୌକିକ ପ୍ରଚେଷ୍ଟା

ଆବଶ୍ୟକ ଜୀବର ସେବକ ହିଁ କର୍ତ୍ତବ୍ୟ କର୍ମ । ସେହି କର୍ମକୁ ତ୍ୟାଗ କରିବାକୁ କେହି କେବେ ଉପଦେଶ ଦେଇ ନାହାନ୍ତି । ଗୋପୀମାନେ ଏତେ ଉଚ୍ଚକୋଟିର ଭକ୍ତ ହୋଇ ମଧ୍ୟ ସଂସାରାନୁରାଗ ଆଦୌ ସେମାନଙ୍କଠାରେ ନ ଥିଲେ ସୁଦ୍ଧା ସେମାନେ ଶରୀରରକ୍ଷାନିମିତ୍ତ ଗୃହକର୍ମ ସମ୍ପାଦନ କରୁଥିଲେ ।

ଭକ୍ତି ସ୍ୱରୂପତଃ ନିର୍ଗୁଣା ହେଲେ ମଧ୍ୟ ଆଚରଣରେ ତାହାର କିଞ୍ଚିତ୍ ଅଭିବ୍ୟକ୍ତି ହୋଇଥାଏ । ମହର୍ଷି ବ୍ୟାସଦେବ ଲେଖିଛନ୍ତି ଯେ ଯେଉଁ-ମାନଙ୍କ ଅନ୍ତରରେ ଭଗବତ୍ ପ୍ରୀତି ଜାତ ହୋଇଛି, ସେମାନଙ୍କର "ତତ୍-ପୂଜାଦିଷୁ ଅନୁରାଗଃ" ସ୍ୱତଃ ଜାତ ହୋଇଥାଏ । ଏହା ହିଁ ଭକ୍ତିର ବାହ୍ୟ ଲକ୍ଷଣ । ଏହି ପୂଜା ଦ୍ୱାରା ଅହଂଜ୍ଞାନ ଲୋପପାଇଥାଏ । ତେଣୁ ବିଧିଅନୁଯାୟୀ ବାହ୍ୟ ପୂଜା ଭକ୍ତିଶାସ୍ତ୍ରର ଅନ୍ତର୍ଗତ । ଏହା ଚିତ୍ତଶୁଦ୍ଧିର ସହାୟକ; କିନ୍ତୁ ଏହି ପୂଜାରେ ଯଦି ଅନୁରାଗ ନ ଥାଏ, ଅର୍ଥାତ୍ ବିତ୍ତଶାଠ୍ୟ, ଗତାନୁଗତିକତା, ବାହ୍ୟାଡ଼ମ୍ବର ଇତ୍ୟାଦି ପ୍ରବଳ ଥାଏ, ତେବେ ସେଥିରେ କେବେ ହେଲେ ଭକ୍ତିର ଉନ୍ମେଷ ହୁଏ ନାହିଁ । ଦେହ-ମନ-ପ୍ରାଣ ଦେଇ କର୍ମ କରାଯାଏ ସତ; କିନ୍ତୁ ଏମାନଙ୍କୁ ଇଷ୍ଟଦେବଙ୍କଠାରେ ସମର୍ପଣ ନ କଲେ ସେବା ହୋଇପାରେ ନାହିଁ ।

ଭକ୍ତିର ଦ୍ୱିତୀୟ ଲକ୍ଷଣପ୍ରସଙ୍ଗରେ ମହର୍ଷି ଗର୍ଗ କହିଛନ୍ତି, "ଭକ୍ତି ତତ୍କଥାଦିଷୁ ଅନୁରାଗଃ ।" ଯେଉଁମାନେ ଜ୍ଞାନୀ, ମାନସିକ ଶକ୍ତି ସମ୍ପନ୍ନ, ସେମାନେ ବାହ୍ୟପୂଜାକୁ ଗୌଣ ମନେକରି ଭକ୍ତମାନଙ୍କ ମେଳରେ ଭଗବତ୍-କଥା ଶ୍ରବଣ, କୀର୍ତ୍ତନ, ଚିନ୍ତନ ଇତ୍ୟାଦି ଅନ୍ତର ବ୍ୟାପାରରେ ବିଶେଷ ମନୋଯୋଗୀ ହୋଇଥାନ୍ତି । ପ୍ରଥମେ ବାହ୍ୟପୂଜାଦ୍ୱାରା ଚିତ୍ତ ଶୁଦ୍ଧ ଓ ଏକାଗ୍ରଭାବ ପ୍ରାପ୍ତ ହେଲେ ତାହା ତ୍ୟାଗ କରି ମାନସକ୍ରିୟା ଅର୍ଥାତ୍ ଶ୍ରବଣ; କୀର୍ତ୍ତନ, ସ୍ମରଣ, ମନନ କରିବାକୁ ହେବ । ତତ୍ପରେ ଚିତ୍ତ ଉନ୍ନତ ହେଲେ ଆତ୍ମରତିମୂଳକ ପ୍ରେମଭାବର ଉପାସନାରେ ରତ ରହିବାକୁପଡ଼ିବ । ତେଣୁ ଶାଣ୍ଡିଲ୍ୟ ଋଷିଙ୍କ ନିର୍ଦ୍ଦେଶ, "ଆତ୍ମରତ୍ୟାବିରୋଧେନ ଅନୁରାଗଃ" ଅର୍ଥାତ୍ ଭଗବତ୍ ସୁଖନିମିତ୍ତ ସମସ୍ତ କର୍ମ କରଯାଅ—ଏହା ହିଁ ଅନୁରାଗର ଲକ୍ଷଣ ।

ଏହା ହିଁ ଅନୁରାଗର ସ୍ୱଭାବ । ଏହି ଭଗବତ୍ ସୁଖ-ଆସ୍ୱାଦନର ଅପର ନାମ ଆତ୍ମରତି । ଆତ୍ମାଦ୍ୱାରା ଆତ୍ମଦର୍ଶନ—ଏହା ହିଁ ଶାଣ୍ଡିଲ୍ୟ ଋଷିଙ୍କ ମତରେ ଭକ୍ତିର ଚରମ ସାଧନ । ଯେ ସୁଖ ପାଆନ୍ତି ଓ ଯାହାଙ୍କୁ ସୁଖ ପାଆନ୍ତି, ସେ ଉଭୟେ ଏକ ଆତ୍ମା ।

ତେଣୁ ଶ୍ରୀଶ୍ରୀ ଠାକୁର ତାଙ୍କର ଏହି ଗ୍ରନ୍ଥରେ ଗୋପୀଭାବର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ସଙ୍ଗେ-ସଙ୍ଗେ କିଭଳି ସାଧନାରେ ତାହା ଲାଭ ହେବ, ତାହାର କ୍ରମ ବିସ୍ତାରିତଭାବରେ ପ୍ରଦାନ କରିଛନ୍ତି ।

ଯେଉଁମାନଙ୍କ ଭିତରେ ଏହି ପ୍ରେମ ବା ଭାବ ଜାତ ହୋଇଛି, ସେହି ପ୍ରେମିକଙ୍କର ପ୍ରେମ-ଲକ୍ଷଣ ସମ୍ବନ୍ଧରେ ମହର୍ଷି ନାରଦ ଲେଖିଛନ୍ତି, ତଦର୍ପିତାଖିଳ ଚାରିତା ଓ ତଦ୍‌ବିସ୍ମରଣେ ପରମ ବ୍ୟାକୁଳତା ।" ଏହା ହିଁ ଭକ୍ତିର ଲକ୍ଷଣ । ବ୍ୟାସଦେବଙ୍କ ମତରେ ଭକ୍ତିର ପ୍ରକାଶ ପୂଜାର୍ଚ୍ଚନାରେ ଓ ଗର୍ଗଙ୍କ ମତରେ ଶ୍ରବଣ-କୀର୍ତ୍ତନରେ ଅନୁରାଗ ହିଁ ଭକ୍ତି । ଏହା ପୂଜା ଅପେକ୍ଷା ଉତ୍କୃଷ୍ଟ; କାରଣ, ଏଥିରେ ନାମ ଜପର ବ୍ୟବସ୍ଥା ଅଛି । ଜପ ଶ୍ୱାସ-ପ୍ରଶ୍ୱାସ ମାଧ୍ୟମରେ ଚାଲିଲେ ସର୍ବଦା ନାମ ଜାଗରୁକ ରହିବ । ଆମେ ନିଃଶ୍ୱାସ-ପ୍ରଶ୍ୱାସ ଯେପରି ସହଜଭାବରେ ଗ୍ରହଣ କରୁଁ, ସେହିପରି ନାମ ଯଦି ସ୍ୱାଭାବିକଭାବରେ ଅନ୍ତରରେ ସ୍ଫୁରିତ ହୁଏ ଏବଂ କ୍ଷଣକପାଇଁ ନିଃଶ୍ୱାସ-ପ୍ରଶ୍ୱାସ ବନ୍ଦ ହେଲେ ଯେପରି ପ୍ରାଣରେ ଜ୍ୱାଳା ଉପସ୍ଥିତ ହୁଏ, ସେହିପରି ଯଦି ନାମ-ସ୍ମରଣ-ଅଭାବରେ ବ୍ୟଥା ଜାଗ୍ରତ ହୁଏ, ତେବେ ବାହ୍ୟ ଶ୍ରବଣ-କୀର୍ତ୍ତନାଦିର କୌଣସି ପ୍ରୟୋଜନ ରହିବ ନାହିଁ । ଅହଂସ୍ଥାନରେ ପ୍ରିୟତମଙ୍କୁ ସ୍ଥାନ ଦେଇ, ତାଙ୍କୁ ସୁଖ ପାଇ ତାଙ୍କପାଇଁ କର୍ମ କରିଗଲେ ସହଜରେ ଭଗବତ୍ ସ୍ମୃତି ଜାଗରୁକ ରହିବ ।

ସାଧକମାନେ ଯେତେବେଳେ ନିଜକୁ ଏକାକୀ ମନେ କରନ୍ତି, ସେତେବେଳେ ସେମାନେ ଦୁଃଖ ପାଆନ୍ତି; କାରଣ ବେଦରେ ଅଛି, ପରମପୁରୁଷ ସୃଷ୍ଟି ଆରମ୍ଭପୂର୍ବରୁ ଏକ ଥିଲେ; ମାତ୍ର, ସେଥିରେ ସେ ତୃପ୍ତିବୋଧ ନ କରିବାରୁ ଦୁଇ ଭାଗରେ ବିଭକ୍ତ ହେଲେ । ତେଣୁ ଏକାକୀ ଥିଲେ, କେବଳ

ନିଜପାଇଁ କର୍ମ କଲେ ସେହି କର୍ମରେ ବନ୍ଧନଦଶା ଉପସ୍ଥିତ ହୁଏ । ଏଥିପାଇଁ କର୍ମକୁ ସରସ କରିବାକୁ ଆଉ ଜଣଙ୍କର ପ୍ରୟୋଜନ । "ଯେ ଆସିବେ, ସେ ଯେପରି ମୋର ଅନ୍ତରଙ୍ଗ ହେବେ" ଅର୍ଥାତ ଆତ୍ମାଦ୍ୱାରା ଆତ୍ମ ଦର୍ଶନ ହେଲେ ପ୍ରକୃତ ଆନନ୍ଦ ଲାଭ ହୋଇଥାଏ ।

ଯଦି କେହି ଭାବନ୍ତି ଯେ ଜଗତରେ ଏଭଳିଭାବରେ କେହି କଣ ଭଗବତ୍ ଉପଲବ୍ଧି କରିଥିଲେ ? ଶାସ୍ତ୍ର କହୁଛନ୍ତି "ହଁ, ଏହିଭଳି ସୁଖ ପାଇବା ଗୋପୀମାନଙ୍କଭିତରେ ଜାତ ହୋଇଥିଲା ।" ତେଣୁ ଭଗବାନ କହୁଛନ୍ତି, "ଯେଉଁମାନେ ମୋପ୍ରତି ଉନ୍ମୁଖ ହୋଇ ରହୁଛନ୍ତି, ସେହିମାନେ ହିଁ ମୋର ଅନ୍ତରଙ୍ଗ ଓ କେବଳ ସେମାନେ ଏକାନ୍ତଭାବରେ ମୋର, ମୁଁ ମଧ୍ୟ ସେମାନଙ୍କର ।" ଏହି ସୁଖ ପାଇବାରେ ହିଁ ଭକ୍ତ ବା ଗୋପୀମାନଙ୍କର ସୁଖ । ଏହାର ନାମ ଆତ୍ମରତି । ଆତ୍ମା ସ୍ୱୟଂ ପ୍ରୀତିସ୍ୱରୂପ । ଆତ୍ମା ମାୟା ଆବରଣରେ ଆବୃତ ଥିବାରୁ ତାଙ୍କର ଆତ୍ମାନନ୍ଦ ସ୍ୱରୂପର ସ୍ଫୁର୍ତ୍ତି ହୁଏ ନାହିଁ । ଏହି ଆବରଣକୁ ସତ୍ୟ ବୋଲି ଜ୍ଞାନ କରି ଜୀବ ପ୍ରତାରିତ ହେଉଅଛି । ତେଣୁ ତାଙ୍କ ପଦରେ ସମସ୍ତ ସମର୍ପଣ କରିଦେଲେ ଓ ତାଙ୍କୁ ଛଳେମାତ୍ର ବିସ୍ମୃତ ନ ହେଲେ ପ୍ରକୃତ ପ୍ରେମ ଲାଭ ହେବ । *

ସୁଖ ପାଇବା ଜାତହେଲେ ତାଙ୍କ ନାମର ସ୍ମରଣ ହୋଇଥାଏ । ନାମ ନାମୀ ଅଭିନ୍ନହେତୁ ନାମୀଙ୍କପ୍ରତି ସୁଖପାଇବା ଫଳରେ ବା ନାମୀଙ୍କ ଧ୍ୟାନକରିବା ଫଳରେ ନାମର ସ୍ଫୁରଣ ହୋଇଥାଏ । ଏଥିପାଇଁ ଗୁରୁଦେବଙ୍କ ନିକଟରୁ ଭଗବତ୍‌ବିଷୟକ ଜ୍ଞାନ ଆହରଣପୂର୍ବକ ଦେବତା-ଜ୍ଞାନରେ ତାଙ୍କ ସେବାପରାୟଣ ହୋଇ ଭାଗବତ ଧର୍ମ ଶିକ୍ଷାକରିବା ଓ ଭଗବତ୍ ନାମ ଗ୍ରହଣ କରିବା ବିଧେୟ; କାରଣ, ନାମ ହିଁ ସର୍ବ ପାପ କ୍ଷୟ କରି ଆନନ୍ଦ ଦାନ କରେ । ନାମ-ମହିମା ପ୍ରସଙ୍ଗରେ ଅଛି—

---

* ୧୩୩୩ ସାଲ 'ଆର୍ଯ୍ୟଦର୍ପଣ'ର ପ୍ରବନ୍ଧ ଅନୁକଳ୍ପରେ ଲିଖିତ ।

"ଆକୃଷ୍ଟିଃ କୃତ ଚେତସାଂ ସୁମହତାମୁଚ୍ଚାଟନଂ ଚାଂହସା—
ମା ଚଣ୍ଡାଲମମୂକ ଲୋକସୁଲଭୋ ବଶ୍ୟାଶ୍ଚ ମୁକ୍ତିଶ୍ରିୟଃ ।
ନୋ ଦୀକ୍ଷାଂ ନ ଚ ସତ୍କ୍ରିୟାଂ ନ ଚ ପୁରଶ୍ଚର୍ଯ୍ୟା ମନାଗୀକ୍ଷତେ
ମନ୍ତ୍ରୋଽୟଂ ରସନାସ୍ପୃଗେବ ଫଳତି ଶ୍ରୀକୃଷ୍ଣ-ନାମାତ୍ମକଃ ।"

ଶ୍ରୀକୃଷ୍ଣ-ନାମ ଦୀକ୍ଷାର ଅପେକ୍ଷା ରଖେ ନାହିଁ, ସଦାଚାରର ଅପେକ୍ଷା ରଖେ ନାହିଁ କିମ୍ବା ସେଥିରେ ପୁରଶ୍ଚରଣର ଆବଶ୍ୟକ ହୁଏ ନାହିଁ । କେବଳ ମାତ୍ର ଜିହ୍ବାସ୍ପର୍ଶରେ ଏହା ଚିତ୍ତକୁ ଆକର୍ଷଣ କରିଥାଏ ଏବଂ ପାପସମୂହ ଏଥିରେ ଦୂର ହୋଇଯାଏ । ଏହା ଆଚଣ୍ଡାଳ ସମସ୍ତଙ୍କ ପକ୍ଷରେ ସୁଲଭ ଓ ମୋକ୍ଷ-ପ୍ରାପକ । ନାମ ଅନ୍ୟ କାହାର ଅପେକ୍ଷା ରଖେ ନାହିଁ । ତେଣୁ ଯେ କେହି ଭଗବତ୍‌ନାମ ଗ୍ରହଣକଲେ ସେଥିରେ ଚିତ୍ତଶୁଦ୍ଧି ଓ ଯଥାସମୟରେ କୃଷ୍ଣପ୍ରେମ ପ୍ରାପ୍ତି ହୋଇଥାଏ ।

"ଚକ୍ରାୟୁଧସ୍ୟ ନାମାନି ସଦା ସର୍ବତ୍ର କୀର୍ତ୍ତୟେତ୍ ।"
—ବିଷ୍ଣୁଧର୍ମୀକ୍ତର

ନାମ ଯେପରିଭାବରେ ନେଲେ ମଧ୍ୟ ସାଧକ ଯଦି ସିଦ୍ଧଗୁରୁ ଅର୍ଥାତ୍ ଶିଷ୍ୟମାନଙ୍କ ମଧ୍ୟରେ ସ୍ୱୀୟ ଶକ୍ତିସଞ୍ଚାରକ୍ଷମ ଦିବ୍ୟଜ୍ଞାନପ୍ରଦାୟକ ଗୁରୁଙ୍କ ଶରଣଗ୍ରହଣପୂର୍ବକ ତାଙ୍କ ଆଦେଶ ପାଳନ ଓ ସେବା କରିପାରନ୍ତି, ତେବେ ସେଥିରେ କୃଷ୍ଣ-ପ୍ରେମ ଲଭ ହୁଏ ।*

ଏଥିପାଇଁ ସାଧନ-ପଥଠାରୁ ଭକ୍ତିପଥ ଶ୍ରେଷ୍ଠ । ଆର୍ଯ୍ୟସଂସ୍କୃତିର ବିକାଶ ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନଗୋଟି ସାଧନାର ଆଦର୍ଶ ପ୍ରଚଳିତ ହୋଇଥିଲା । ଅତି ପ୍ରାଚୀନ କାଳରେ ଥିଲା କର୍ମର ପ୍ରାଧାନ୍ୟ । ଯାଗଯଜ୍ଞ, ମନ୍ତ୍ର, ଦେବତା ଇତ୍ୟାଦି ନେଇ ଗୋଟିଏ ଯୁଗ କଟିଗଲା । ତାପରେ କର୍ମର ପରିପୁଷ୍ଟି ନିମିତ୍ତ ଜ୍ଞାନଯୋଗର ପ୍ରଚାର ହେଲା ।

* ୧୩୩୩ ସାଲ "ଆର୍ଯ୍ୟଦର୍ପଣ"ର ୯୮୦ ପୃଷ୍ଠାର 'ପ୍ରେମ ଓ ମହମଙ୍ଗଳ' ପ୍ରବନ୍ଧ ଅନୁଶରଣରେ ଲିଖିତ ।

ବେଦାନ୍ତନିର୍ଦ୍ଦିଷ୍ଟ ସନାତନ ପଥ ଏହି ଦୁଇଭାଗରେ ବିଭକ୍ତ ହେଲା—କର୍ମକାଣ୍ଡ ଓ ଜ୍ଞାନକାଣ୍ଡ । ଯାହା ହେଉ, ବେଦାନ୍ତନିର୍ଦ୍ଦିଷ୍ଟ ଜ୍ଞାନପନ୍ଥାର ବିଶ୍ଳେଷଣରେ ପରବର୍ତ୍ତୀ ଯୁଗରେ ଗୋଟିଏ ଅଭିନବ ବିଚାରପନ୍ଥାର ଆବିଷ୍କୃତ ହେଲା । ବେଦରେ ଏହାର ବୀଜ ଥିଲେ ମଧ୍ୟ ସାଧନପ୍ରଣାଳୀରେ ଏହା ବୈଦିକ ସନାତନ ରୀତିଠାରୁ କିଞ୍ଚିତ ପୃଥକ ଓ ସ୍ୱତନ୍ତ୍ର । ମହର୍ଷି କପିଳ ଏହାର ପ୍ରବର୍ତ୍ତକ । ବୃତ୍ତିର ଆନ୍ତଃସଙ୍କୋଚନଦ୍ୱାରା ଆତ୍ମତତ୍ତ୍ୱ ନିରୂପଣ ଏହାର ଲକ୍ଷ୍ୟ । ଏହି ଦର୍ଶନର ଯେଉଁ ଅଂଶ ବିଚାରସହିତ ସଂଯୁକ୍ତ, ତାହା ସାଙ୍ଖ୍ୟ ନାମରେ ଖ୍ୟାତ ଏବଂ ସାଧନାସହିତ ଯୁକ୍ତ ଅଂଶ ଯୋଗ ନାମରେ ଅଭିହିତ । ଲକ୍ଷ୍ୟ ବିଷୟରେ ପାର୍ଥକ୍ୟ ନ ଥିବାରୁ ଉଭୟେ ଯୋଗମାର୍ଗ ନାମରେ ଖ୍ୟାତ । କାଳକ୍ରମେ ଏହି ଯୋଗ ମଳିନତା ପ୍ରାପ୍ତ ହେବାରୁ ଭକ୍ତିଧର୍ମର ପ୍ରଚାର ହେଲା ।

ବର୍ତ୍ତମାନ ଯୁଗରେ ଭକ୍ତିଧର୍ମର ପ୍ରାବଲ୍ୟ ପରିଦୃଷ୍ଟ ହେଉଅଛି । ଏହା ହିଁ ବର୍ତ୍ତମାନ ଯୁଗଧର୍ମରୂପରେ ପ୍ରତିଷ୍ଠିତ । ପ୍ରାଣର ଆତ୍ୟନ୍ତିକ ସ୍ଫୁରଣ ବ୍ୟତୀତ କର୍ମପଥରେ ସିଦ୍ଧି ଲାଭ କରିବା ସହଜସାଧ୍ୟ ନୁହେଁ । ବିଶେଷତଃ କର୍ମପଥର ସଫଳତା ସମଗ୍ରସମାଜର ସାର୍ବଭୌମ ଏକମୁଖୀ ଶିକ୍ଷାଉପରେ ନିର୍ଭର କରେ । ତନ୍ମଧ୍ୟରେ କର୍ମର ଆଦର୍ଶ ଅତି କ୍ଷୀଣଭାବରେ ପ୍ରବହମାନ । ତଥାପି ବେଦପନ୍ଥୀ ସମାଜର ଶାସନ ଶିଥିଳ ହୋଇଯିବାଫଳରେ ଜାତୀୟ ଧର୍ମ-ରୂପରେ କର୍ମପନ୍ଥାକୁ ସଞ୍ଜୀବିତ କରି ରଖିବା ସମ୍ଭବପର ହେଲା ନାହିଁ । ଉପନିଷଦ୍‌ର ଜ୍ଞାନ ଆଜିକାଲି ମୁମୁକ୍ଷୁଙ୍କର ଗତିରେ ପ୍ରଚାରିତ ହେଉଥିଲେ ମଧ୍ୟ ବର୍ତ୍ତମାନ ମାନବର ଦେହ ଅଶକ୍ତ, ମେଧା ନିସ୍ତେଜ, ପ୍ରତିଭା ମ୍ଳାନ, ବୃତ୍ତି ଅସଂଯତ ଓ ବହିର୍ମୁଖୀ । ତେଣୁ ଜ୍ଞାନଯୋଗର ସୁଶାନ୍ତ ଆନନ୍ଦ ରସ ଏ ଯୁଗରେ କେହି ପାନ କରିପାରୁ ନାହାନ୍ତି । ଯୋଗ-ସାଧନପ୍ରତି ଲୋକମାନଙ୍କର ଆଗ୍ରହ ଅଛି, ତାହା କେବଳ ଅଲୌକିକ ଶକ୍ତିଲାଭ କାମନାରେ । କିନ୍ତୁ ଯୋଗ-ସାଧନାର ଉପଯୋଗୀ ଦେହ ସାମର୍ଥ୍ୟ, ଶ୍ରଦ୍ଧା, ଉତ୍ସାହ ପ୍ରାୟ ଅଧିକାଂଶଙ୍କର ନାହିଁ କହିଲେ ଚଳେ । ଭକ୍ତିଧର୍ମ ହିଁ ଆମର ଏକମାତ୍ର ଆଶ୍ରୟ । ମହର୍ଷି ନାରଦଙ୍କମତରେ କର୍ମ, ଜ୍ଞାନ, ଯୋଗ ଅପେକ୍ଷା ଭକ୍ତି ଅଧିକତର ଶ୍ରେଷ୍ଠ; କାରଣ ଭକ୍ତି ସ୍ୱୟଂ ଫଳସ୍ୱରୂପା । ଏହା ଅଭିମାନ

ନାଶ କରେ ଓ ଭଗବତ୍‌ଚରଣରେ ଶରଣାଗତ ଆଣିଦିଏ । ଭକ୍ତି ପଥରେ ଦୀନଭାବ ପୋଷଣ ଅତିଶୟ ମଧୁର । ପ୍ରେମ ଲାଭ ହେଲେ ଭକ୍ତ ନିଜକୁ ଅଧମ ଦୀନାତିଦୀନ ବୋଲି ଜାଣି ମଧ୍ୟ ଆନନ୍ଦ ଲାଭ କରିଥାନ୍ତି । ଭକ୍ତମାନେ ଭଗବାନଙ୍କ ନିକଟରେ ପ୍ରେମାନନ୍ଦର ଭିଖାରି ସାଜିବାକୁ ସୁଖ ପାଆନ୍ତି । ଭଗବାନଙ୍କ ଅନନ୍ତ ଭଣ୍ଡାରରୁ କଣାଟିଏ ମାତ୍ର ଲାଭ କରି ତୃପ୍ତ ହେଲେ ଚଳେ ନାହିଁ । ହୃଦୟ-ପାତ୍ର ଯେ ପରିମାଣରେ ଶୂନ୍ୟ ହେବ, ଭଗବାନ୍ ସେହି ପରିମାଣରେ ପୂର୍ଣ୍ଣରୂପରେ ଉଦ୍ଭାସିତ ହେବେ । ଭକ୍ତ ଦୀନଭାବ ପୋଷଣ କରିବା ଅର୍ଥ ନୁହେଁ ଯେ, ଭାବ ଅକ୍ଷମ । ଏଥିପାଇଁ ନିଜର ଆତ୍ମବିଶ୍ୱାସ କ୍ଷୁଣ୍ଣ ନ କରି ଭଗବତ୍‌ପ୍ରେମରେ ବିଭୋର ହୋଇ ରହିବା ଦରକାର । ଭକ୍ତିପଥରେ ବିଧିନିଷେଧର ଭୟ ନାହିଁ । ଭୟ ଥିଲେ ପ୍ରାଣରେ ସଂକୋଚ ଆସେ, ପ୍ରାଣର ପ୍ରେରଣା କମିଯାଏ । ଭୟ, ଲଜ୍ଜା ଓ ଘୃଣା ଭକ୍ତିପଥର ତିନିଗୋଟି କଣ୍ଟକ । ତେଣୁ ଲଜ୍ଜାଶୂନ୍ୟ ଚିତ୍ତରେ ସମସ୍ତ ଭଗବାନ୍‌ଙ୍କୁ ସମର୍ପଣ କରି ତାଙ୍କର ଆରାଧନାରେ ପ୍ରବୃତ୍ତ ହେବାକୁ ପଡ଼ିବ । ଭଗବାନ୍‌ଙ୍କ ସଙ୍ଗରେ ଦୂରତ୍ୱ ବା ବ୍ୟବଧାନ ନ ରଖି ତାଙ୍କୁ ନିଜର ଜଣେ ଆପଣାର ବ୍ୟକ୍ତି ବୋଲି ମନେକରି ଉପାସନା କଲେ ଅତି ଦ୍ରୁତଭାବରେ ଚିତ୍ତ ପରିବର୍ତ୍ତିତ ହେବାଫଳରେ ପ୍ରେମ ଲାଭ ହୁଏ । ପ୍ରତ୍ୟେକଙ୍କ ଜୀବନରେ ଯେ କୌଣସି ବିଷୟରେ ଆସକ୍ତି ଅଛି । ସେହି ଆସକ୍ତିକୁ ଭଗବାନଙ୍କଠାରେ ବା ଶ୍ରୀଗୁରୁ-ଦେବଙ୍କଠାରେ ସମର୍ପଣ କଲେ ତାହା କ୍ରମେ ପ୍ରେମରେ ରୂପାନ୍ତରିତ ହୋଇ ଅଧ୍ୟାତ୍ମ ରାଜ୍ୟର ଚରମ ସୀମାରେ ଉପନୀତ କରାଇଥାଏ ।

ଭଗବତ୍‌ପ୍ରେମଜାତ ହେଲେ ଭକ୍ତମାନେ ତାଙ୍କୁ ପିତା, ମାତା, ସଖା, ବନ୍ଧୁ ଓ ସର୍ବସ୍ୱ ବୋଲି ମନେକରନ୍ତି । ଏପରିକି ଭକ୍ତଙ୍କର ନିଜ ଦେହପ୍ରୀତି ମଧ୍ୟ କୃଷ୍ଣପ୍ରେମରେ ପର୍ଯ୍ୟବସିତ ହୋଇଯାଏ; କାରଣ ସେ ଦେହ ତାଙ୍କର ନୁହେଁ, ଶ୍ରୀକୃଷ୍ଣଙ୍କର ସମ୍ଭୋଗ-ସାଧନନିମିତ୍ତ ସେ ଦେହ ଉଦ୍ଦିଷ୍ଟ; ସୁତରାଂ ଏହା ଶ୍ରୀକୃଷ୍ଣଙ୍କର । ସେ ଦେହର ଦର୍ଶନରେ-ସ୍ପର୍ଶନରେ କୃଷ୍ଣଙ୍କର ଆନନ୍ଦ ସଂଜାତ ହେବ । ତେଣୁ ପ୍ରତ୍ୟହ ତାକୁ ସୁଚାରୁରୂପେ ମାର୍ଜ୍ଜନ ଓ ଭୂଷଣ-ବିମଣ୍ଡିତ କରିବା ଇଚ୍ଛା ଭକ୍ତମାନଙ୍କ ମଧ୍ୟରେ ଜାତ ହୁଏ । ଗୋପୀ-ପ୍ରେମରେ ଏହା ସ୍ପଷ୍ଟ ପ୍ରମାଣିତ ।

ଗୋପୀମାନେ ହିଁ ପରମ ସତ୍ୟ ଆସ୍ୱାଦନର ମୂର୍ତ୍ତି ବିଗ୍ରହ । ଏହି ଗୋପୀ-ଦେହ ପ୍ରାକୃତ ଦେହ ନୁହେଁ । ଏହା ଆନନ୍ଦଘନ ଭାବ-ବିଗ୍ରହ । ଭାବଦ୍ୱାରା ଏହି ଦେହ ଗଠିତ । ଶ୍ରୀଗୁରୁଦେବଙ୍କ କୃପାରୁ ସାଧକମାନେ ଏହି ସିଦ୍ଧ ଦେହର ସନ୍ଧାନ ଲାଭ କରନ୍ତି । ଏହି ଗୋପୀ-ଦେହ ସହିତ ନିଜକୁ ଅଭିନ୍ନ ମନେ କରି ସେହି ଦେହଦ୍ୱାରା ଶ୍ରୀଗୁରୁ-ଭଗବାନ୍‌ଙ୍କ ସେବା କରିବାକୁ ହୁଏ । ସାଧକଙ୍କ ଦେହ ଏହି ଦେହର ଆଭରଣ ମାତ୍ର । ଏହି ସାଧକ ଦେହର ଅଭ୍ୟନ୍ତରରେ ଅନ୍ତଶ୍ଚିନ୍ତିତାଭୀଷ୍ଟ ଦେହ ବିଦ୍ୟମାନ । ଏହି ଦେହରେ ନିରନ୍ତର ଅନ୍ତର୍ମନା ହୋଇ ଶ୍ରୀଗୁରୁ-ଭଗବାନ୍‌ଙ୍କର ସେବା କରିବାକୁ ପଡ଼େ । ତେଣୁ ଶ୍ରୀରାଧାକୃଷ୍ଣଙ୍କ ଚରଣସେବା ପାଇବାକୁ ହେଲେ ଗୋପୀଭାବ ବା ସଖୀଭାବ ଅବଲମ୍ବନଭିନ୍ନ ଅନ୍ୟ ଉପାୟ ନାହିଁ । ଏହି ଗୋପୀଙ୍କ ଅନୁଗତ ହୋଇ ଭଜନ କଲେ ଭଗବତ୍-କୃପା ଲାଭ ହୋଇଥାଏ । ଜୀବ ସ୍ୱରୂପରେ ଭଗବାନଙ୍କର ନିତ୍ୟ ଦାସ । ପ୍ରତ୍ୟେକ ଜୀବର ଭଗବତ୍‌ସେବୋପଯୋଗୀ ସିଦ୍ଧଦେହ ଶ୍ରୀଭଗବତ୍‌ଧାମରେ ନିତ୍ୟ ବିଦ୍ୟମାନ । ଶ୍ରୀଗୁରୁଦେବଙ୍କ କୃପାରୁ ଏହି ନିତ୍ୟଦେହପ୍ରାପ୍ତି ଘଟେ । ଶ୍ରୀଗୁରୁଦେବଙ୍କଠାରେ ଆତ୍ମସମର୍ପଣ କରିପାରିଲେ ତାଙ୍କ କୃପାରୁ ନିତ୍ୟ ସେବାର ଅଧିକାର ଲାଭ ହୁଏ । ଯେଉଁ ଦେହ ଲାଭ କରି ଭକ୍ତମାନେ ଶ୍ରୀଭଗବାନଙ୍କ ସାକ୍ଷାତ୍ ସେବା କରନ୍ତି, ଭକ୍ତି-ଶାସ୍ତ୍ରରେ ସେହି ଦେହର ନାମ ସିଦ୍ଧଦେହ । ଏହି ଦେହର ଅପର ନାମ ମଞ୍ଜରୀ ଦେହ । ନିଜ ସ୍ଥୂଳ ଦେହ ବିଷୟ ଭୁଲିଯାଇ ଏହି ସିଦ୍ଧଦେହଦ୍ୱାରା ବ୍ରଜଧାମରେ ବା ଗୁରୁଧାମରେ ଶ୍ରୀଗୁରୁ ଭଗବାନଙ୍କର ସେବା କରିବାକୁ ହେବ । ମଞ୍ଜରୀମାନେ ସଖୀମାନଙ୍କର ସଖୀ ଓ ଅନୁଗତା । ଲଳିତା, ବିଶାଖା ପ୍ରଭୃତି ସଖୀ ଭଗବାନଙ୍କର ସ୍ୱରୂପ ଶକ୍ତି । ତେଣୁ ଗୋପୀମାନଙ୍କୁ ସଖୀ ଓ ମଞ୍ଜରୀ ଏହି ଦୁଇ ଭାଗରେ ବିଭକ୍ତ କରାଯାଇଛି । ଏମାନେ ଉଭୟ ଲୀଳାବିଳାସରେ ସହାୟିକା । ଯେଉଁମାନେ ମଧୁରଭାବରେ କୃଷ୍ଣସେବା କରନ୍ତି, ସେମାନେ ନିତ୍ୟସିଦ୍ଧା ସଖୀ ଏବଂ ଯେଉଁମାନେ ସାଧନପ୍ରଭାବରେ ସିଦ୍ଧିଲାଭପୂର୍ବକ ନିତ୍ୟସିଦ୍ଧା ସଖୀମାନଙ୍କ ଆନୁଗତ୍ୟରେ ଶ୍ରୀକୃଷ୍ଣଙ୍କ ସେବାକରନ୍ତି, ସେହି ମାନଙ୍କୁ କୁହାଯାଏ ମଞ୍ଜରୀ । ଏକାକୀ ଲୀଳା ସମ୍ଭବ ହୁଏ ନାହିଁ ବୋଲି

ବହୁ ସଖୀ ଓ ମଞ୍ଜରୀଙ୍କର ପ୍ରୟୋଜନ ହୋଇଥାଏ । ମଞ୍ଜରୀଭାବରେ ପ୍ରତ୍ୟେକ ଭକ୍ତଙ୍କର ସେବା ସୁନିର୍ଦ୍ଦିଷ୍ଟ ଅଛି । ମଞ୍ଜରୀମାନେ ସଖୀଙ୍କ ଅନୁଗତା ହୋଇ ସେବା ଶିକ୍ଷା କରନ୍ତି । ମଞ୍ଜରୀମାନେ ଯେପରି ସଖୀଙ୍କ ଅନୁଗତା, ସଖୀମାନେ ସେହିପରି ଶ୍ରୀରାଧାଙ୍କ ଅନୁଗତା । ଶ୍ରୀରାଧାକୃଷ୍ଣଙ୍କ ନିତ୍ୟ ସେବାରଅଧିକାର ଲାଭ କରିବାକୁ ହେଲେ ଉପର୍ଯ୍ୟୁକ୍ତ ଭାବରେ ସିଦ୍ଧଦେହ ଧାରଣ କରିବାକୁ ପଡ଼େ ।

ଏହି ସିଦ୍ଧଦେହ-ଧାରଣ ଏ ଯୁଗରେ କିଛି ଅସମ୍ଭବ ବ୍ୟାପାର ନୁହେଁ । ତୀବ୍ର ଭାବନା ବା ଧ୍ୟାନ ଫଳରେ ପ୍ରକୃତିର ଦ୍ରୁତ ରୂପାନ୍ତର ଘଟେ । ଭୟରେ, ସ୍ନେହରେ, ଭକ୍ତିରେ କିମ୍ବା ଦ୍ୱେଷଭାବରେ ଯେ କୌଣସି ପ୍ରକାରରେ ହେଉ, ଏକାଗ୍ରଭାବରେ ଯେ କୌଣସି ବିଷୟରେ ତନ୍ମୟ ହୋଇପାରିଲେ ପ୍ରକୃତିର ପରିବର୍ତ୍ତନ ସାଧିତ ହୋଇଥାଏ । ତେଣୁ ପ୍ରକୃତି-ପରିବର୍ତ୍ତନରେ ଭକ୍ତର ସାଧନା ହିଁ ପ୍ରକୃଷ୍ଟ ଉପାଦାନ । ସାଧନାଦ୍ୱାରା ଏହି ପ୍ରାକୃତ ଦେହର ମଧ୍ୟ କିଭଳି ଆଣବିକ ପରିବର୍ତ୍ତନ କରାଯାଇପାରେ ଶ୍ରୀଅରବିନ୍ଦ ତାଙ୍କର ଦିବ୍ୟ-ଜୀବନ ପୁସ୍ତକରେ ସେହି ସାଧନାର ଧାରାକୁ ହିଁ ପ୍ରମାଣିତ କରିଛନ୍ତି । କଠୋର ସଂଯମ ନ ଥିଲେ କେବେ ହେଲେ ଏହି ଦୈବୀଶକ୍ତି ଲାଭ ହୋଇପାରେ ନାହିଁ ।

ପ୍ରତ୍ୟେକଙ୍କର ନିତ୍ୟସିଦ୍ଧଦେହ ନିତ୍ୟ ଭାବଲୋକରେ ଥିଲେ ମଧ୍ୟ ସାଧନାଦ୍ୱାରା ଅପ୍ରାକୃତ ସିଦ୍ଧଦେହ ଲାଭ ହିଁ ସାଧନ-ଜଗତର ଅପୂର୍ବ କୃତିତ୍ୱ । ଏହି ମଞ୍ଜରୀଭାବ ହିଁ ଯଥାର୍ଥ ଦ୍ରଷ୍ଟାର ଭାବ । ନିଜ ମିଳନ ଅପେକ୍ଷା ମଞ୍ଜରୀମାନେ ଯୁଗଳ-ମିଳନଜନିତ ଆନନ୍ଦରେ ସମଧିକ ଆନନ୍ଦିତା । ଶ୍ରୀଗୁରୁ ଭଗବାନଙ୍କ ସେବାଉପଯୋଗୀ ଦେହ ମନ ଲାଭ କରିବାକୁ ଇଚ୍ଛାହେଲେ ଆନୁଗତ୍ୟ ସାଧନାରେ ଭାବଦେହ ଲାଭ କରିବାକୁ ପଡ଼ିବ । ଭକ୍ତିଶାସ୍ତ୍ର ଅନୁସାରେ ଏକମାତ୍ର ଶ୍ରୀକୃଷ୍ଣ ହିଁ ପରମ ପୁରୁଷ; ଅନ୍ୟମାନେ ପ୍ରକୃତି । ସୁତରାଂ ସମସ୍ତେ ତାଙ୍କର ସେବକ । ଶ୍ରୀଗୁରୁ ଯୋଗ୍ୟତା ବୁଝି ସେବାର ଅଧିକାର ପ୍ରଦାନ କରନ୍ତି; ପ୍ରାଥମିକ ସାଧକମାନେ ବିଧିମାର୍ଗ ଅବଲମ୍ବନ କରି ନାମଜପ, କୀର୍ତ୍ତନ,

ଭଗବତ୍କଥା-ଶ୍ରବଣ ପ୍ରଭୃତି ସାଧନ ଭକ୍ତିର ଅନୁଷ୍ଠାନ କରିବା ବିଧେୟ । ପରିଶେଷରେ ଶ୍ରୀଗୁରୁ ଭଗବାନଙ୍କ ପ୍ରିୟଭକ୍ତଙ୍କର ଅନୁଗତ ହୋଇ ସେମାନଙ୍କ ପ୍ରାଣରେ ପ୍ରାଣ ମିଶାଇ ସେବାର ଅନୁଶୀଳନ କରିପାରିଲେ ଅର୍ଥାତ୍ ବୈଷ୍ଣବଶାସ୍ତ୍ରମତରେ 'ଅନୁଗାଭଜନ' ରେ ରତ ରହିଲେ ଯଥାସମୟରେ ସାକ୍ଷାତ୍ ସେବାର ଅଧିକାର ଲଭହୋଇଥାଏ । ଅନ୍ତରରେ ଅନ୍ତଶ୍ଚିନ୍ତିତାଭୀଷ୍ଟ ଦେହରେ ସୂକ୍ଷ୍ମ ଭଗବାନଙ୍କ ସେବା ଓ ବାହାରେ ସ୍ଥୂଳଦେହରେ ଶ୍ରୀଗୁରୁ ଦେବଙ୍କ ସେବା ହିଁ ରାଗମାର୍ଗ ସାଧନର ଏକମାତ୍ର ସୋପାନ । *

ଶ୍ରୀରୂପଗୋସ୍ୱାମୀଙ୍କ ପ୍ରଣୀତ 'ଉଜ୍ଜ୍ୱଳ ନୀଳମଣି' ଗ୍ରନ୍ଥରେ ମଞ୍ଜରୀମାନଙ୍କର ବିଶେଷ ବିବରଣ ବର୍ଣ୍ଣିତ ହୋଇଅଛି । ସେହିମାନେ ହିଁ ଶ୍ରୀରାଧାକୃଷ୍ଣଙ୍କର ସେବିକା । ଏହି ଯୁଗଲ ହିଁ ପରମ ସତ୍ୟ । ମଞ୍ଜରୀମାନେ ଯୁଗଲ-ମିଳନଜନିତ ଆନନ୍ଦ ଆସ୍ୱାଦନ କରିଥା'ନ୍ତି । ଶ୍ରୀମନ୍‌ମହାପ୍ରଭୁ ଗୌରାଙ୍ଗଦେବ ତାଙ୍କର ଶେଷ ଲୀଳାରେ ବିଶେଷ ଭାବରେ ଏହି ମଞ୍ଜରୀସ୍ୱରୂପର ଆସ୍ୱାଦନ କରିଥିବାର ଦୃଷ୍ଟାନ୍ତ ଚରିତାମୃତକାର ସ୍ପଷ୍ଟାକ୍ଷରରେ ଲିପିବଦ୍ଧ କରିଛନ୍ତି । ତେଣୁ ପ୍ରତ୍ୟେକ ଭକ୍ତ ଏହି ମଞ୍ଜରୀସ୍ୱରୂପରେ ବା ସିଦ୍ଧ ଦେହରେ ଅବସ୍ଥାନ କରି କିଭଳି ଭଗବତ୍‌ମିଳନଜନିତ ସୁଖ ଅନୁଭବ ବା ଆସ୍ୱାଦନ କରିପାରିବେ, ସେସବୁର ବିଶଦ ବିବରଣ ଶ୍ରୀଶ୍ରୀ ଠାକୁର ତାଙ୍କର ଏହି 'ପ୍ରେମିକଗୁରୁ' ଗ୍ରନ୍ଥରେ ଆଲୋଚନା କରିଛନ୍ତି ।

ଶ୍ରୀକୃଷ୍ଣଲୀଳା ନିତ୍ୟ ଓ ପୂର୍ଣ୍ଣ । ନିତ୍ୟ କହିଲେ ଏତିକି ବୁଝିବାକୁ ହେବ ଯେ ପୂର୍ବେ ଯେଉଁ ଆନନ୍ଦରସ ବୃନ୍ଦାବନରେ ପ୍ରବାହିତ ହୋଇଥିଲା, ଆଜି ମଧ୍ୟ ଭକ୍ତମାନଙ୍କ ହୃଦୟ-ବୃନ୍ଦାବନରେ ସେହି ରସପ୍ରବାହିତ ହେଉଅଛି । ପୂର୍ଣ୍ଣ କହିଲେ ବୁଝିବାକୁ ହେବ ଯେ ଏହା ସବୁପ୍ରକାର ଅଧିକାରୀଙ୍କପକ୍ଷରେ ଉପଯୁକ୍ତ । ଯେ ଯେଭଳି ଭାବରେ ତାଙ୍କୁ ପାଇବାକୁ ଇଚ୍ଛାକରନ୍ତି ବା କରିଛନ୍ତି, ସେ ସେହିଭାବରେ ତାଙ୍କୁ ଲଭ କରିପାରନ୍ତି ଏବଂ ପାଇଛନ୍ତି ମଧ୍ୟ ।

---

* ଶ୍ରୀମତ୍ ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀଙ୍କ କୃତ "ପ୍ରେମସେବୋତ୍ତର ଗୀତ" ପୁସ୍ତକର ଅବଲମ୍ବନରେ ଲିଖିତ

ଶ୍ରୀକୃଷ୍ଣ ଶ୍ରୀଭଗବତୀ-ସତ୍ତାରୁ ମାନୁଷ୍ୟ ସତ୍ତାରେ ଅବତୀର୍ଣ୍ଣ ହୋଇ ବୃନ୍ଦାବନରେ ଯେପରି ଲୀଳା କରିଥିଲେ, ଯୁଗଯୁଗାନ୍ତରର କ୍ରମିକ ଅଭିବ୍ୟକ୍ତି-ଫଳରେ ସେହି ନିତ୍ୟଲୀଳା ଦିନେ ବିଶ୍ୱବୃନ୍ଦାବନରେ ପୁନର୍ବାର ଅଭିନୀତ ହେବ । ସମଗ୍ର ବିଶ୍ୱ ଦିନେ-ନା-ଦିନେ ସେହି ରସମାଧୁରୀ ଉପଲବ୍ଧି କରି ନିଶ୍ଚୟ ଧନ୍ୟ ହେବ । ଭାରତବର୍ଷର ସାଧନଜଗତ୍ ଇତିହାସରେ ଏହି ପରିଣତିର ଅତି ସହଜ ଅନୁଧାବନ କରାଯାଇଛି । ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗଦେବ ଶ୍ରୀକୃଷ୍ଣଙ୍କ ମାଧୁର୍ଯ୍ୟଭାବର ସନ୍ଧାନ ଲାଭ କରି ତାହା ଆସ୍ୱାଦନ କରିଛନ୍ତି । ତାଙ୍କପୂର୍ବରୁ ଶ୍ରୀମତ୍ ଜୟଦେବ, ଚଣ୍ଡୀଦାସ, ବିଦ୍ୟାପତି ପ୍ରମୁଖ ରସିକ କବିମଣ୍ଡଳୀ ଭଗବାନଙ୍କ ନରଲୀଳା-କଥା ବିଚିତ୍ର ଛନ୍ଦରେ ବର୍ଣ୍ଣନା କରିଛନ୍ତି । ଯୁଗ-ଯୁଗାନ୍ତରବ୍ୟାପି କ୍ରମୋନ୍ନତିଫଳରେ ଆମେ ପୂର୍ଣ୍ଣଭଗବାନଙ୍କୁ ମନୁଷ୍ୟରୂପରେ ପ୍ରାପ୍ତ ହୋଇଅଛୁଁ । ଭଗବାନଙ୍କର ମନୁଷ୍ୟଭାବରେ ଲୀଳାଖେଳା ହିଁ ଶ୍ରୀକୃଷ୍ଣ-ଅବତାରର ବିଶେଷତ୍ୱ । ପ୍ରାଚୀନଯୁଗର ଶ୍ରୀକୃଷ୍ଣ ସମସ୍ତଙ୍କ ନିକଟରେ ଭଗବାନ । ଯୁଗାନ୍ତରବ୍ୟାପି ସାଧନାର ବିବର୍ତ୍ତନରେ ଆଜି ଅନ୍ତରଙ୍ଗ ଭକ୍ତମାନଙ୍କ ନିକଟରେ ସେ ଜଣେ ମନୁଷ୍ୟ । ବହିରଙ୍ଗ ବ୍ୟକ୍ତିଙ୍କ ନିକଟରେ ଏପରି କି ବ୍ରହ୍ମା-ଇନ୍ଦ୍ରାଦିଙ୍କ ନିକଟରେ ଏହି ଲୀଳା ଅଲୌକିକ ଓ ଅତି ଆଶ୍ଚର୍ଯ୍ୟ ବ୍ୟାପାର । ସେମାନଙ୍କ ନିକଟରେ ଶ୍ରୀକୃଷ୍ଣ ଅମାନୁଷୀ ଶକ୍ତିସମ୍ପନ୍ନ ଭଗବାନ ଏବଂ ଅନ୍ତରଙ୍ଗ ଭକ୍ତ ଗୋପୀମାନଙ୍କ ନିକଟରେ ସେହି ଭଗବାନ ଜଣେ ମନୁଷ୍ୟ ଭାବରେ ଲୀଳାରତ । ଭାରତବର୍ଷ ଆଜି ସେହି ଭଗବାନଙ୍କୁ ଜଣେ ମନୁଷ୍ୟ ଭାବରେ ପ୍ରାପ୍ତ ହୋଇ ଧନ୍ୟ ହୋଇଛି । ଭଗବାନଙ୍କୁ ସାଧକ ଭକ୍ତ ମନୁଷ୍ୟ ଭାବରେ ଲାଭ କରିବା ହିଁ ଚରମସିଦ୍ଧି । ଶ୍ରୀକୃଷ୍ଣତତ୍ତ୍ୱର ଏହି ଧାରାରୁ ସାଧକ ଗୁରୁଗୋବିନ୍ଦ ଅଭେଦସିଦ୍ଧାନ୍ତରେ ଉପନୀତ ହୋଇ ସାଧନରାଜ୍ୟର ନୂତନ ଦ୍ୱାର ଉଦ୍‌ଘାଟନ କରିଛନ୍ତି ।

ରାଗାନୁଗାମାର୍ଗର ଭକ୍ତମାନେ ସାଧନଭକ୍ତିଆଶ୍ରୟରେ ସାଧନ କରୁ କରୁ ଜନ୍ମାନ୍ତରର ସୁକୃତିବଶରୁ ବ୍ରଜଭାବରେ ଲୁବ୍ଧ ହୋଇ ଯେତେବେଳେ ବୁଝିପାରିଲେ ଯେ ଗୁଣମୟୀ ସାଧନଭକ୍ତିଦ୍ୱାରା ପ୍ରେମଭକ୍ତି ଲାଭ କରାଯାଇପାରେ

ନାହିଁ, ସେତେବେଳେ ସେମାନେ ସବୁ ଧର୍ମ ପରିତ୍ୟାଗ କରି ସିଦ୍ଧିପ୍ରେମିକ-ଗୁରୁଙ୍କ କୃପାଭିକ୍ଷା ଓ ତାଙ୍କ ଚରଣରେ ଆତ୍ମସମର୍ପଣ କରିଥା'ନ୍ତି । ଶ୍ରୀଗୁରୁ ଭକ୍ତମାନଙ୍କ ପ୍ରତି କୃପାପରବଶ ହୋଇ ସାକ୍ଷାତ୍ ଭଜନକ୍ରିୟା ପ୍ରଦାନ କଲେ ଭକ୍ତମାନେ ଶ୍ରୀଗୁରୁଦେବଙ୍କୁ ଭଗବାନ ବୋଲି ମନେ କରି ନିଜନିଜ ଭାବାନୁଯାୟୀ ତାଙ୍କୁ ହିଁ ଆଶ୍ରୟ କରିଥା'ନ୍ତି । ନିଜ ନିଜ ଭାବାନୁଯାୟୀ ପ୍ରଭୁ, ପିତାମାତା, ଭାଇବନ୍ଧୁ, ପୁତ୍ର ଅଥବା ସ୍ୱାମୀଜ୍ଞାନରେ ଶ୍ରୀଗୁରୁଦେବଙ୍କ ସେବାରେ ଅନୁରକ୍ତ ହୁଅନ୍ତି । ବ୍ରଜବିହାରୀ ଶ୍ରୀକୃଷ୍ଣ ଯେପରି ପ୍ରକଟଲୀଳାରେ ବ୍ରଜବାସୀ-ମାନଙ୍କର ମନ-ପ୍ରାଣ ଅପହରଣପୂର୍ବକ ସେମାନଙ୍କୁ ନିଜପ୍ରତି ଅନୁରକ୍ତ ରଖିଥିଲେ, ପ୍ରେମିକଶିରୋମଣି ରାଗମାର୍ଗର ପଥପ୍ରଦର୍ଶକ ଗୁରୁଦେବ ମଧ୍ୟ ସେହିଭଳି ଭାବରେଭାବଲୁବ୍ଧ ଶିଷ୍ୟମାନଙ୍କର ଚିତ୍ତବୃତ୍ତି ଅଧିକାର କରିବସନ୍ତି । ଶ୍ରୀଗୁରୁ ଏକାଧାରରେ ଭକ୍ତ ଓ ଭଗବାନ । ତାଙ୍କର ଅନ୍ତରରେ ଭଗବାନ ଏବଂ ବାହାରେ ଭକ୍ତଭାବ । ତେଣୁ ସେ ହିଁ ଗୌରାଙ୍ଗଦେବଙ୍କର ସ୍ୱରୂପ । ତେଣୁ ଭାବାଶ୍ରିତ ଭକ୍ତମାନେ ଶ୍ରୀଗୁରୁଦେବଙ୍କୁ ହିଁ ଭଗବତ୍‌ବୁଦ୍ଧିରେ ଚିନ୍ତା କରିଥା'ନ୍ତି । ଏହି ପ୍ରକାର ଗୁରୁଚିନ୍ତାଫଳରେ ଭକ୍ତମାନଙ୍କର ମନୋମୟ ସିଦ୍ଧଦେହ କ୍ରମେ ପରିପୁଷ୍ଟି ଲାଭ କରେ । ଏହା ହିଁ ଭାରତର ବୈଶିଷ୍ଟ୍ୟ ସାଧନସମ୍ପଦ ।

ଶ୍ରୀଗୁରୁଦେବଙ୍କଠାରେ ଉପର୍ଯ୍ୟୁକ୍ତ ଭଗବତ୍‌ବୁଦ୍ଧି ଆରୋପ ଅଶାସ୍ତ୍ରୀୟ ନୁହେଁ । ବେଦରେ ଅଛି—'ଆଚାର୍ଯ୍ୟଦେବୋ ଭବ ।' ଉପନିଷଦରେ ଅଛି—''ଆଚାର୍ଯ୍ୟୋ ବ୍ରହ୍ମଣୋ ମୂର୍ତ୍ତିଃ ।'' ଶ୍ରୀମଦ୍‌ଭାଗବତର 'ଆଚାର୍ଯ୍ୟଂ ମାଂ ବିଜାନୀୟାତ୍' ପ୍ରଭୃତି ଉକ୍ତିଦ୍ୱାରା ଶ୍ରୀଗୁରୁଦେବଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୋଇଅଛି । ଶ୍ରୀଗୁରୁଦେବଙ୍କ ପ୍ରତି ମାହାତ୍ମ୍ୟଜ୍ଞାନ ରଖି ତାଙ୍କୁ ସହଜଭାବରେ ସୁଖ ପାଇବା ହିଁ ଯଥାର୍ଥ ଗୋପୀଭାବର ସାଧନା । ଏହି ସାଧନାରେ ଶ୍ରୀଗୁରୁଦେବ ହିଁ ଶ୍ରୀକୃଷ୍ଣ ବା ନିରାକାରପରବ୍ରହ୍ମ । ତାଙ୍କୁ ହିଁ ସହଜ ମନୁଷ୍ୟ କୁହାଯାଏ । ସାଧନଜଗତରେ ଏହି ସହଜଭାବ ପ୍ରୀତିମାଧ୍ୟମରେ ଅପ୍ରାକୃତ ବୃନ୍ଦାବନର ମାଧୁର୍ଯ୍ୟ ଫୁଟିଉଠି ପାରେ । ଶାସ୍ତ୍ରରେ କଥିତ ଅଛି—

"ଗୋଲକ ଉପରେ ମାନୁଷ୍ୟ ବସତି ତାହାର ଉପରେ ନାହିଁ ।
ମନୁଷ୍ୟଭାବରେ ବସତ କରଲେ ତେବେ ସେ ମନୁଷ୍ୟ ପାଇ ।"

ଶାସ୍ତ୍ରରେ ଧର୍ମ, ଅର୍ଥ, କାମ, ମୋକ୍ଷକୁ ପୁରୁଷାର୍ଥ ବୋଲି ବର୍ଣ୍ଣନା କରାଯାଇଛି । ସଂସାରରେ ନାନାପ୍ରକାର ଲୋକ ଅଛନ୍ତି । ସେମାନଙ୍କ ରୁଚି ଓ ପ୍ରବୃତ୍ତି ଭେଦରେ କାମ୍ୟବସ୍ତୁକୁ—ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚାରିଶ୍ରେଣୀରେ ବିଭକ୍ତ କରାଯାଇଛି । ଏହାକୁ ଚାରିଗୋଟି ପୁରୁଷାର୍ଥ କୁହାଯାଏ । **କାମ** ଅର୍ଥ ସ୍ଥୂଳ ଇନ୍ଦ୍ରିୟତୃପ୍ତି ଜନିତ ସୁଖକୁ ବୁଝାଇଥାଏ । କାମୀଜନମାନେ ଇନ୍ଦ୍ରିୟଭୋଗ ବ୍ୟତୀତ ଅନ୍ୟ କିଛି ଚାହାନ୍ତି ନାହିଁ । ମାନବମାନଙ୍କ ମଧ୍ୟରେ ପଶୁପ୍ରକୃତିବିଶିଷ୍ଟ ଲୋକଙ୍କର ଅଭାବ ନାହିଁ; ଅର୍ଥାତ୍ ପ୍ରତ୍ୟେକ ଲୋକଙ୍କ-ଭିତରେ ପାଶବବୃତ୍ତି ଅଳ୍ପାଧିକ ପରିମାଣରେ ବିଦ୍ୟମାନ । ସେମାନେ ସଂଯମ ଅଭାବରୁ ଏହି ବୃତ୍ତିପ୍ରଭାବରେ ଚାଳିତହୋଇ କାମ ଭୋଗ କରିଥାନ୍ତି । ତେଣୁ ଏହି ଶ୍ରେଣୀର ଲୋକଙ୍କ ସଂଯମହୀନ ସ୍ଥୂଳ ଇନ୍ଦ୍ରିୟଭୋଗକୁ କାମ କୁହାଯାଏ । ଏହା ହିଁ ପ୍ରଥମ ପୁରୁଷାର୍ଥ ।

କାମର ପରବର୍ତ୍ତୀ ପୁରୁଷାର୍ଥର ନାମ **ଅର୍ଥ** । ଏହି ଶ୍ରେଣୀର ବ୍ୟକ୍ତିମାନେ ଇନ୍ଦ୍ରିୟଭୋଗସହିତ ଅର୍ଥ, ସମ୍ମାନ ଓ ପ୍ରତିପତ୍ତି ପ୍ରଭୃତି ଇଚ୍ଛା କରିଥାନ୍ତି । ଦେହ, ମନ ଏବଂ ସମାଜର ଯେପରି ଉନ୍ନତି ହେବ, ସେଥିପ୍ରତି ସେମାନଙ୍କର ଯଥେଷ୍ଟ ଦୃଷ୍ଟି ଥାଏ । ସେମାନଙ୍କର ଭୋଗ-ଆକାଙ୍କ୍ଷା ଗୋଟିଏ ନୀତି ଉପରେ ପ୍ରତିଷ୍ଠିତ । ଦିନେ-ନା ଦିନେ ସେମାନେ ଅନୁତପ୍ତ ହୋଇ ଆତ୍ମ-ଶୋଧନର ଚେଷ୍ଟା କରନ୍ତି । ଜନହିତକର କାର୍ଯ୍ୟରେ ମଧ୍ୟ ସେମାନେ ବିଶେଷ ସହଯୋଗ କରନ୍ତି । ଏଥିପାଇଁ ଅର୍ଥର ଆବଶ୍ୟକ । ତେଣୁ ସେମାନଙ୍କର ଦ୍ୱିତୀୟ ପୁରୁଷାର୍ଥ ଅର୍ଥ ।

ଆଉ ଗୋଟିଏ ଶ୍ରେଣୀର ଲୋକ ଅଛନ୍ତି; ସେମାନେ କାମ ଓ ଅର୍ଥ ସହିତ ପରକାଳର ଭୋଗ ମଧ୍ୟ ଇଚ୍ଛା କରନ୍ତି । ସେମାନେ କେବଳ ଇହ-କାଳର ଭୋଗରେ ତୃପ୍ତ ନ ହୋଇ ମୃତ୍ୟୁପରେ କିପରି ପରଲୋକରେ ସ୍ୱର୍ଗସୁଖ ଭୋଗ କରିବେ, ତାହା ହିଁ ସେମାନଙ୍କର କାମ୍ୟ । ସ୍ୱର୍ଗରେ

ସୁଖଭୋଗ କରିବାକୁ ହେଲେ ଶାସ୍ତ୍ରନିର୍ଦ୍ଦିଷ୍ଟ ପନ୍ଥାରେ ଧର୍ମକାର୍ଯ୍ୟର ସାଧନ ଏକାନ୍ତ ପ୍ରୟୋଜନ । ତେଣୁ ସେମାନେ ସ୍ୱଧର୍ମାଚରଣର ଅନୁଷ୍ଠାନପୂର୍ବକ ଇହକାଳରେ ସୁଖସମ୍ପଦ ଭୋଗ କରି ପରକାଳରେ ମଧ୍ୟ ସ୍ୱର୍ଗସୁଖ ଭୋଗ କରନ୍ତି । ଏଥିପାଇଁ ସେମାନଙ୍କର ପୁରୁଷାର୍ଥ ବା କାମ୍ୟ ବସ୍ତୁର ନାମ **ଧର୍ମ** । ସ୍ୱର୍ଗସୁଖ ମଧ୍ୟ ଦେହ-ସୁଖ ମଧ୍ୟରେ ଗଣ୍ୟ ।

ବେଦବର୍ଣ୍ଣିତ ପନ୍ଥାରେ ଗମନ କରି ମାନବ ବ୍ରହ୍ମଲୋକର ସୁଖ ଅନୁଭବ କରେ ସତ୍ୟ, କିନ୍ତୁ ପୁଣ୍ୟ କ୍ଷୟ ହେଲେ ପୁନର୍ବାର ମର୍ତ୍ତ୍ୟକୁ ପ୍ରତ୍ୟାଗମନ କରେ । ତେଣୁ ସେ ସୁଖ ମଧ୍ୟ ଅନିତ୍ୟ । ସ୍ୱର୍ଗରେ ମଧ୍ୟ ନିରବଚ୍ଛିନ୍ନ ସୁଖ ନାହିଁ । କିନ୍ତୁ ଜୀବ ଆଶାକରେ ଦୁଃଖଶୂନ୍ୟ ନିରବଚ୍ଛିନ୍ନ ଆନନ୍ଦ ବା ନିତ୍ୟସୁଖ । ଉପର୍ଯ୍ୟୁକ୍ତଭାବରେ ବିଚାର କରି ସହସ୍ର ସହସ୍ର ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିତ୍ୟସୁଖ ବା ସିଦ୍ଧିଲାଭ ନିମିତ୍ତ ଯତ୍ନ କରନ୍ତି ସେମାନେ ମାୟାବନ୍ଧନ ଛିନ୍ନ କରି ମୁକ୍ତିଲାଭ କରନ୍ତି । ଯେଉଁମାନେ ମୋକ୍ଷ ଲାଭ କରନ୍ତି, ସେମାନଙ୍କର ଆଉ ପୁନରାଗମନ ହୁଏ ନାହିଁ । ସେମାନେ ଆନନ୍ଦସ୍ୱରୂପ ଭଗବାନଙ୍କ ସହିତ ମିଳିତ ହୁଅନ୍ତି । ଏହା ଚତୁର୍ଥ ପୁରୁଷାର୍ଥ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ହୋଇଅଛି । ଏହାକୁ ଚତୁର୍ବର୍ଗ ମଧ୍ୟ କୁହାଯାଏ । ସ୍ୱଧର୍ମାଚରଣଦ୍ୱାରା ଅର୍ଥ ଓ କାମ ଲାଭ ହେଲେ ମଧ୍ୟ ସେଥିରେ ସଂସାରବାସନାର ନିବୃତ୍ତି ହୁଏ ନାହିଁ । ଧର୍ମସାଧନାଦ୍ୱାରା ଚିତ୍ତ ଶୁଦ୍ଧଭାବ ଧାରଣ କରେ ଏବଂ ମୋକ୍ଷନିମିତ୍ତ ସ୍ପୃହା ଜାତ ହୁଏ । ତେଣୁ ଧର୍ମପଥ ଅବଲମ୍ବନ କରି ବନ୍ଧସାଧକ ଅର୍ଥ, କାମ ଲାଭ କରିବାକୁ ଚେଷ୍ଟା କରନ୍ତି । ସେମାନେ ପରବ୍ରହ୍ମ ଭଗବାନଙ୍କ ବାସନାକୁ ନିଜର ବୋଲି ଭ୍ରମ ଧାରଣା ପୋଷଣ କରି ଦେହସୁଖନିମିତ୍ତ ଧର୍ମସାଧନାରେ ପ୍ରବୃତ୍ତ ହୁଅନ୍ତି । **ମୋକ୍ଷ** ଏବଂ ମୁକ୍ତି ଏକା କଥା । ମୁକ୍ତି ଅର୍ଥାତ ମାୟାବନ୍ଧନରୁ ଜୀବ ମୁକ୍ତି ଲାଭ କରେ । ମୁକ୍ତି ମଧ୍ୟ ପାଞ୍ଚ ପ୍ରକାର । କାରଣ, ଭଗବାନ ଏକ ଏବଂ ଅଦ୍ୱିତୀୟ ହେଲେ ମଧ୍ୟ ଭକ୍ତମାନେ ନିଜ ନିଜ ଭାବଅନୁଯାୟୀ ତାଙ୍କୁ ପ୍ରାପ୍ତ ହୁଅନ୍ତି । ଅନନ୍ତ କୋଟି ଜୀବ ଭଗବାନଙ୍କ ତଟସ୍ଥାଶକ୍ତିର ଅଂଶ । ଏହି ଶକ୍ତି ଭଗବାନଙ୍କର ସେବିକା । ସେବାଦ୍ୱାରା ଭଗବାନଙ୍କର ପ୍ରୀତିସମ୍ପାଦନ ହିଁ ଜୀବଶକ୍ତିର ପ୍ରଧାନ ବାସନା ।

ସାଧୁସଙ୍ଗପ୍ରଭାବରୁ ଭଗବତ୍‌କୃପାରୁ ଏହି ସେବା-ବାସନାର ଉଦ୍ରେକ ହୋଇଥାଏ । ଉପର୍ଯ୍ୟୁକ୍ତ ପଞ୍ଚବିଧ ମୁକ୍ତିର ନାମ ସାଯୁଜ୍ୟ, ସାଲୋକ୍ୟ, ସାରୂପ୍ୟ, ସାର୍ଷ୍ଟି ଓ ସାମୀପ୍ୟ । ସାଯୁଜ୍ୟ ମୁକ୍ତି ହେଉଛି ବ୍ରହ୍ମାନନ୍ଦରେ ନିମଜ୍ଜିତ ହେବା । ବ୍ରହ୍ମାନନ୍ଦ ଅନୁଭବରେ ସାଯୁଜ୍ୟମୁକ୍ତି ଲାଭହୁଏ । ସାଯୁଜ୍ୟ ମୁକ୍ତିଲାଭ ହେଲେ ଜୀବ ଏପରି ତନ୍ମୟ ହୋଇପଡ଼ନ୍ତି ଯେ ନିଜର ଅସ୍ତିତ୍ୱବୋଧ ପର୍ଯ୍ୟନ୍ତ ସେମାନଙ୍କର ଲୋପପାଇଯାଏ । ଏହି ମୁକ୍ତିରେ ଭଗବତ୍‌କୃପାରୁ ସେମାନେ କିଞ୍ଚିତ୍ ଶକ୍ତି ଲାଭ କରି ଆନନ୍ଦର କଣାମାତ୍ର ଉପଭୋଗ କରନ୍ତି । ଏହି ମୁକ୍ତିରେ ସେବା-ଉପଯୋଗୀ ପୃଥକ୍ ଦେହ ନଥାଏ । ସେମାନଙ୍କର ସେବା-ବାସନା ମଧ୍ୟ ଜାଗ୍ରତ ହୁଏ ନାହିଁ ।

ସମାନ ଲୋକରେ ଅବସ୍ଥାନକୁ ସାଲୋକ୍ୟ ମୁକ୍ତି କୁହାଯାଏ । ଭଗବାନଙ୍କ କୃପାରୁ ସାଧକମାନେ ପାର୍ଷଦ ଦେହ ଲାଭ କରନ୍ତି । ଏହି ଦେହ ଅପ୍ରାକୃତ ଓ ନିତ୍ୟ । ସାରୂପ୍ୟମୁକ୍ତି ହେଉଛି ସମାନରୂପତା । ଏଥିରେ ପୃଥକ୍ ଅସ୍ତିତ୍ୱ ଥାଏ ଏବଂ ଏହି ଦେହ ମଧ୍ୟ ଅପ୍ରାକୃତ । ସାର୍ଷ୍ଟି ମୁକ୍ତିରେ ଭଗବାନଙ୍କ ସମାନ ଐଶ୍ୱର୍ଯ୍ୟ ଲାଭ କଲେ ମଧ୍ୟ ତାହା ଭଗବାନଙ୍କଠାରୁ ଅତି ନ୍ୟୂନ ଧରଣର । ଯେଉଁ ମୁକ୍ତିରେ ଭଗବାନଙ୍କ ସମୀପରେ ବାସ କରାଯାଏ, ତାହା ସାମୀପ୍ୟ । ଏହି ମୁକ୍ତିପ୍ରାପ୍ତ ସାଧକମାନେ ନିତ୍ୟଚିନ୍ମୟ ଦେହ ଲାଭ କରି ଭଗବାନଙ୍କ ନିକଟରେ ଅବସ୍ଥାନ କରନ୍ତି । ମୁକ୍ତପୁରୁଷ-ମାନେ ଭଗବତ୍‌ଗୁଣ ଶ୍ରବଣ କରିବା ମାତ୍ରେ ଭଗବାନଙ୍କ ପ୍ରତି ଏପରି ଆକୃଷ୍ଟ ହୋଇପଡ଼ନ୍ତି ଯେ, ସେମାନଙ୍କ ନିକଟରେ ଭଜନାନନ୍ଦଠାରୁ ବ୍ରହ୍ମାନନ୍ଦ ତୁଚ୍ଛ ବୋଧ ହୁଏ । ଶ୍ରୀ ଶୁକଦେବ ଗୋସ୍ୱାମୀ ଆଜନ୍ମରୁ ବ୍ରହ୍ମାନନ୍ଦ-ସାଗରରେ ନିମଗ୍ନ ଥିଲେ; କିନ୍ତୁ ଭାଗବତରୁ ହରିଙ୍କ ମହିମା ଶ୍ରବଣ ମାତ୍ରକେ ସେଥିପ୍ରତି ଏପରି ଆକୃଷ୍ଟ ହୋଇପଡ଼ିଲେ ଯେ ପୂର୍ବର ବ୍ରହ୍ମାନନ୍ଦ ମଧ୍ୟ ତାଙ୍କ ନିକଟରେ ତୁଚ୍ଛ ବୋଧ ହେଲା । ବହୁସିଦ୍ଧ ମୁନିଋଷି ଶ୍ରୀକୃଷ୍ଣଙ୍କ ଗୁଣାବଳୀ-ଶ୍ରବଣରେ ଆକୃଷ୍ଟ ହୋଇ ଭଗବତ୍-ଭଜନରେ ପ୍ରବୃତ୍ତ ହୋଇଥିଲେ ।

ଭଗବତ୍‌ସାକ୍ଷାତ୍‌କାର ଦୁଇ ପ୍ରକାରର । ଆନ୍ତର ଓ ବାହ୍ୟ । ଭଗବାନ୍ କୃପା କରି ଭକ୍ତଙ୍କ ଅନ୍ତର ମଧ୍ୟରେ ଦର୍ଶନ ଦାନ କରିବାକୁ

ଅନ୍ତଃସାକ୍ଷାତ୍କାର ଏବଂ ସାକ୍ଷାତ୍ ଦର୍ଶନକୁ ବହିଃସାକ୍ଷାତ୍କାର କୁହାଯାଏ । ଯେତେ ପ୍ରକାର ଦର୍ଶନ ଅଛି ତନ୍ମଧ୍ୟରେ ବାହ୍ୟସ୍ଥୂଳଭାବରେ ଦର୍ଶନ ହିଁ ଅଧିକତର ଲୋଭନୀୟ । ଯୋଗୀମାନେ ଅନ୍ତଃସାକ୍ଷାତ୍କାର ଲାଭ କରନ୍ତି । ବହୁ ସୌଭାଗ୍ୟଫଳରେ କେବଳ ବ୍ରଜବାସୀମାନେ ତାଙ୍କର ସାକ୍ଷାତ୍ ଦର୍ଶନ ସ୍ପର୍ଶନ ଲାଭ କରି ଧନ୍ୟ ହୋଇଥିଲେ । ନାରଦ ସର୍ବଦା ଅନ୍ତର ମଧ୍ୟରେ ଭଗବଦ୍ଦର୍ଶନ କରୁଥିଲେ ମଧ୍ୟ ବହିର୍ଦ୍ଦର୍ଶନନିମିତ୍ତ ଲାଳାୟିତ ହୋଇ ଦ୍ୱାରକାକୁ ଗମନ କରୁଥିଲେ ।

ପଞ୍ଚବିଧା ମୁକ୍ତିମଧ୍ୟରେ ସାମୀପ୍ୟ-ମୁକ୍ତି ବ୍ୟତୀତ ଅନ୍ୟ ମୁକ୍ତ ପୁରୁଷମାନେ ଅନ୍ତଃସାକ୍ଷାତ୍କାର ଲାଭ କରନ୍ତି; କିନ୍ତୁ ସାମୀପ୍ୟ-ମୁକ୍ତିପ୍ରାପ୍ତ ଭକ୍ତ ତାଙ୍କୁ ଦର୍ଶନ କରି ଧନ୍ୟ ହୁଅନ୍ତି । ତାଙ୍କ ଭାଗ୍ୟରେ ଲୀଳାଦର୍ଶନ ଘଟେ ଏବଂ ଆଦେଶପ୍ରାପ୍ତ ହେଲେ ସେମାନେ ସେବା ମଧ୍ୟ କରିଥାନ୍ତି । ତେଣୁ ଏହି ମୋକ୍ଷର କିଞ୍ଚିତ୍ ପୁରୁଷାର୍ଥତା ଅଛି । କିନ୍ତୁ, ଏହାବ୍ୟତୀତ ଆଉ ଗୋଟିଏ ପୁରୁଷାର୍ଥ ଅଛି; ତାହାର ନାମ ପଞ୍ଚମ ପୁରୁଷାର୍ଥ ପ୍ରେମ । ପରବ୍ରହ୍ମ ହିଁ ଜୀବର ଏକମାତ୍ର ପ୍ରିୟ । ସେହି ପ୍ରିୟତମଙ୍କର ପ୍ରୀତିସାଧନ ହିଁ ଜୀବର ଏକମାତ୍ର କାମ୍ୟ । ତାଙ୍କ ନିକଟରେ ନିଜପାଇଁ ଯାହା କିଛି ପ୍ରାର୍ଥନା କରାଯାଏ, ତାହା କାମ ମଧ୍ୟରେ ଗଣ୍ୟ । ଭଗବତ୍-ସେବାପ୍ରାପ୍ତି ପୂର୍ବରୁ ସେବାର ବାସନା ବଳବତୀ ନ ଥିଲେ ସେବାଧିକାର ମିଳେ ନାହିଁ । କେବଳ ଆଦେଶ ପ୍ରତିପାଳନ ଦ୍ୱାରା ସେବାର ସାର୍ଥକତା ସମ୍ପାଦିତ ହୋଇପାରେ ନାହିଁ । ଶ୍ରୀକୃଷ୍ଣଙ୍କ ସେବାନିମିତ୍ତ ସ୍ୱତଃସ୍ଫୂର୍ତ୍ତି ବଳବତୀ ଇଚ୍ଛାର ନାମ ପ୍ରେମ । ଯେପରି ମିଷ୍ଟ ପଦାର୍ଥକୁ କେବଳ ରସନାଦ୍ୱାରା ଆସ୍ୱାଦନ କରାଯାଏ, ସେହିପରି ଭଗବତ୍ମାଧୁର୍ଯ୍ୟ ଆସ୍ୱାଦନର କାରଣ ହେଉଛି ପ୍ରେମ । ଯେଉଁମାନଙ୍କ ଅନ୍ତରରେ ଏହି ପ୍ରେମ ଯେତେ ବିକଶିତ ହୋଇଉଠିଛି, ସେମାନେ ସେତେ ପରିମାଣରେ ଭଗବତ୍-ମାଧୁର୍ଯ୍ୟ-ଉପଲବ୍ଧିରେ ସମର୍ଥ ।

ଏହି ପ୍ରେମ ଲାଭହେଲେ ଭଗବାନ ଆମ୍ଭ ନିଜର ବୋଲି ବୋଧ ହୁଅନ୍ତି । ପ୍ରେମ-ଭକ୍ତିଦ୍ୱାରା ହିଁ ଭଗବତ୍-ମାଧୁର୍ଯ୍ୟ ବାହାରେ ତରଙ୍ଗାୟିତ

ହୋଇଥାଏ । ବ୍ରଜଧାମରେ ଶ୍ରୀକୃଷ୍ଣ ଯେତେବେଳେ ଶ୍ରୀରାଧାଙ୍କ ସାନ୍ନିଧିରେ ଅବସ୍ଥାନ କଲେ, ଶ୍ରୀରାଧାଙ୍କ ପ୍ରେମପ୍ରଭାବରେ ତାଙ୍କର ମାଧୁର୍ଯ୍ୟ ଏତେ ପରିମାଣରେ ବର୍ଦ୍ଧିତହେଲା ଯେ ସେଥିରେ ସ୍ୱୟଂ ମଦନ ମଧ୍ୟ ମୋହିତ ହୋଇଗଲେ । ତେଣୁ କଥିତ ଅଛି—

["ରାଧାସଙ୍ଗେ ଯଦା ଭାତି ତଦା ମଦନ-ମୋହନ ।"

—ଗୋବିନ୍ଦ ଲୀଳାମୃତ

କିନ୍ତୁ ସେହି ମଦନମୋହନ ଯେତେବେଳେ ମଥୁରା ଓ ଦ୍ୱାରକାକୁ ଗମନ କଲେ, ସେତେବେଳେ ତାଙ୍କର ସେହି ମଦନ-ମୋହନ-ରୂପ ଦୃଶ୍ୟ ହେଲା ନାହିଁ; କାରଣ, ମଥୁରା ଓ ଦ୍ୱାରକାରେ ତାଙ୍କର ସେହି ମଦନ-ମୋହନ-ରୂପମାଧୁର୍ଯ୍ୟକୁ ଅଭିବ୍ୟକ୍ତ କରିବା ଉପଯୋଗୀ ପ୍ରେମିକ ଭକ୍ତର ଅଭାବ । ଭକ୍ତ ପ୍ରେମର ଆଶ୍ରୟ ସ୍ଥଳ ଓ ଭଗବାନ ତାହାର ବିଷୟ । ତେଣୁ ଶ୍ରୀକୃଷ୍ଣ ଆଶ୍ରୟଜାତୀୟ ସୁଖ ଅନୁଭବ କରି ନ ପାରି ସେହି ସୁଖ-ଆସ୍ୱାଦନନିମିତ୍ତ ଗୌରାଙ୍ଗରୂପରେ ଆବିର୍ଭୂତ ହୋଇଥିଲେ । ଭକ୍ତମାନଙ୍କ ଚିତ୍ତରେ ଏହି ପ୍ରେମର ଅବସ୍ଥାନ । ଭକ୍ତିଶବ୍ଦର ଅର୍ଥ ଭଜନ ବା ସେବା । ମୁକ୍ତ-ଜୀବ ପକ୍ଷରେ ସେବାର ଅଧିକାର ଲାଭ କରିବାକୁ ହେଲେ ତାଙ୍କ ସେବାର ଉପଯୋଗୀ ସିଦ୍ଧଦେହ ଆବଶ୍ୟକ । ନିଜର ପୃଥକ୍ ଅସ୍ତିତ୍ୱ ଓ ସେବ୍ୟ ସମ୍ବନ୍ଧରେ ତାଙ୍କର ସ୍ପଷ୍ଟ ଜ୍ଞାନ ଥିବା ଦରକାର । ତା ନ ହେଲେ ସେବା ସମ୍ଭବପର ହେବ ନାହିଁ । ଭକ୍ତି ବା ସେବାର ଆନନ୍ଦ ତୁଳନାରେ ବ୍ରହ୍ମଜ୍ଞାନ ତୁଚ୍ଛ ବୋଧ ହୋଇଥାଏ । ତେଣୁ ମୁକ୍ତିଲାଭ ଅପେକ୍ଷା ଭକ୍ତି ଲାଭ ଶ୍ରେଷ୍ଠ । ଭକ୍ତିଲାଭନିମିତ୍ତ ଭକ୍ତିର ଚତୁଃଷଷ୍ଟୀ ଅଙ୍ଗର ସାଧନ ଏବଂ ନବଧା ଭକ୍ତି-ଅନୁଶୀଳନର ବିଭିନ୍ନ ଉପାୟ ମଧ୍ୟ ଏହି ପୁସ୍ତକରେ ବର୍ଣ୍ଣିତ ହୋଇଅଛି ।

ଶୁଦ୍ଧ ଭକ୍ତମାନେ ଭଗବତ୍‌ସେବାକୁ ହିଁ ଏକମାତ୍ର ପୁରୁଷାର୍ଥ ବୋଲି ମନେ କରିଥାନ୍ତି ଏବଂ ତାହା ହିଁ ସେମାନଙ୍କର ଏକମାତ୍ର କାମ୍ୟ । ନିଜର ଅଭୀଷ୍ଟ ସେବା-ଉପଯୋଗୀ ପାର୍ଷଦ ଦେହର ଚିନ୍ତାଦ୍ୱାରା ଅନ୍ତରେ ଶୁଦ୍ଧଭାବ ଧାରଣ

କରେ । ଏହା ହିଁ ଭକ୍ତମାନଙ୍କର ଭୂତଶୁଦ୍ଧି । ପାର୍ଷଦ ଦେହ ଭଗବାନଙ୍କ ଚିତ୍‌ଶକ୍ତିର ବୃତ୍ତି ଓ ସ୍ୱୀୟ ସତ୍ତ୍ୱବିଗ୍ରହ—ଏହି ଦେହସହିତ ଭଗବାନଙ୍କର ସାମ୍ୟ ବା ଏକତା ଅଛି । ଏହି ଦେହରେ ଭଗବତ୍ ଭଜନ କରିବାକୁ ହୁଏ । ନାମ ଓ ନାମୀ ଅଭିନ୍ନ । ପରବ୍ରହ୍ମ ଭଗବାନଙ୍କର ନାମ ତାଙ୍କଠାରୁ ଅଭିନ୍ନ ବୋଲି ଭଗବାନ ଯେପରି ପୂର୍ଣ୍ଣ, ତାଙ୍କର ନାମ ମଧ୍ୟ ସେହିପରି ପୂର୍ଣ୍ଣ ।

"ନାମ ଚିନ୍ତାମଣିଃ କୃଷ୍ଣଶ୍ଚୈତନ୍ୟ ରସବିଗ୍ରହଃ ।
ପୂର୍ଣ୍ଣଃ ଶୁଦ୍ଧୋ ନିତ୍ୟମୁକ୍ତୋଽଭିନ୍ନ ତ୍ୱାନ୍ନାମନାମିନୋଃ ॥"

—ପଦ୍ମପୁରାଣ-ବଚନ

ନାମ ଯେପରି ପୂର୍ଣ୍ଣ, ନାମ-କୀର୍ତ୍ତନ ମଧ୍ୟ ସେହିପରି ପୂର୍ଣ୍ଣ । ଅନ୍ୟାନ୍ୟ ଭଜନାଙ୍ଗ ନାମୀ ଭଗବାନଙ୍କ ସହିତ ଅଭିନ୍ନ ନୁହନ୍ତି । କଳିଯୁଗରେ ନାମକୀର୍ତ୍ତନ-ସଂଯୋଗରେ ଭକ୍ତର ଅନ୍ୟାନ୍ୟ ଅଙ୍ଗଗୁଡ଼ିକ ଅନୁଷ୍ଠାନ କରିବାକୁ ପଡ଼େ । ନାମକୀର୍ତ୍ତନ ହିଁ କଳିର ଯୁଗଧର୍ମ । ପ୍ରତ୍ୟେକ ସାଧନ-ଭଜନ ସମୟରେ ମନର ସଂଯୋଗ ସ୍ଥାପନ କରିବାକୁ ହେବ । ବାହ୍ୟ ଇନ୍ଦ୍ରିୟଦ୍ୱାରା ଶ୍ରବଣକୀର୍ତ୍ତନ ଅନୁଷ୍ଠିତ ହୁଏ ଏବଂ ମାନସିକ ଚିନ୍ତାଦ୍ୱାରା ଅନ୍ତର ସାଧନା-ସମ୍ପନ୍ନ କରାଯାଏ । ସାଧକ ନିଜର ଅନ୍ତଶ୍ଚିନ୍ତିତ ସିଦ୍ଧଦେହ ଚିନ୍ତାକରି ସେହି ଦେହରେ ବ୍ରଜଧାମରେ ଭଗବତ୍‌ସେବା କରିଥାନ୍ତି । ସିଦ୍ଧଦେହ ସମ୍ବନ୍ଧରେ ମଧ୍ୟ ପାଠକମାନଙ୍କର ବିହିତ ଧାରଣା ଥିବା ଆବଶ୍ୟକ ।

ସାଧକ ଭଗବାନଙ୍କ କୃପାରୁ ଅନ୍ତର-ସାଧନାରେ ସିଦ୍ଧିଲାଭ କଲେ ନିଜ ଅଭୀଷ୍ଟ ସେବାର ଯେଉଁ ଉପଯୋଗୀ ଦେହ ଲାଭ କରନ୍ତି, ଅର୍ଥାତ ଯେଉଁ ଦେହରେ ସାଧକ ଭଗବତ୍‌ସେବା କରିବାର ବାସନା ପୋଷଣ କରନ୍ତି, ତାହା ହିଁ ସାଧକଙ୍କର ପ୍ରକୃତ ସିଦ୍ଧଦେହ । ସାଧକଙ୍କପ୍ରତି କୃପାପରବଶ ହୋଇ ଶ୍ରୀଭଗବାନ ଶ୍ରୀଗୁରୁଦେବଙ୍କ ଚିତ୍ତରେ ସେହି ସିଦ୍ଧଦେହର ସ୍ଫୁରଣ କରାଇଦିଅନ୍ତି । ତେଣୁ ଶ୍ରୀଗୁରୁଦେବ ଶିଷ୍ୟଙ୍କୁ ସେହି ସିଦ୍ଧଦେହ ବିଷୟରେ ଜ୍ଞାନ ପ୍ରଦାନ କରନ୍ତି । ସାଧନ ସମୟରେ ଏହି ଦେହକୁ ମନେ ମନେ ଚିନ୍ତାକରି ସେହି ଦେହସହିତ ନିଜକୁ ଅଭିନ୍ନ ମନେ କରି ଯଥାଯୋଗ୍ୟଭାବରେ ମାନସପୂଜା

କରିବାକୁ ହୁଏ । ଏହି ଦେହକୁ ଶାସ୍ତ୍ରରେ ଅନ୍ତଃଶ୍ଚିନ୍ତିତ ଦେହ ବୋଲି ମଧ୍ୟ କୁହାଯାଇଥାଏ । ମଧୁରଭାବରେ ସେବାରେ କେବଳମାତ୍ର ଗୋପୀମାନଙ୍କର ଅଧିକାର । ସାଧକ ନିଜକୁ ଗୋପକିଶୋରୀ ବା ମଞ୍ଜରୀ ବୋଲି ଚିନ୍ତାକରି ସେବାନିରତ ହେବା ଦରକାର । ଏହି ସିଦ୍ଧଦେହରେ ଯେଉଁ ସେବା କରାଯାଏ ତାହା କେବଳ ମନେ ମନେ ଚିନ୍ତା ମାତ୍ର । ତେଣୁ ବାହ୍ୟଦେହରେ ଏହି ଦେହର ଅନୁରୂପ ବେଶଭୂଷା କେବେହେଲେ ଧାରଣ କରିବା ଉଚିତ ନୁହେଁ । ମହାପ୍ରଭୁ ଚୈତନ୍ୟଦେବ ନିଜକୁ ଶ୍ରୀରାଧାଭାବରେ ଅନୁପ୍ରାଣିତ କରୁଥିଲେ ମଧ୍ୟ କେବେ ହେଲେ ଶ୍ରୀରାଧାଙ୍କପରି ପୋଷାକ ପରିଧାନ କରୁ ନଥିଲେ । ସାମାନ୍ୟ ସ୍ୱସୁଖ ବାସନା ଥିଲେ କେବେ ହେଲେ ଭଗବତ୍ ସେବାର ଅଧିକାର ମିଳେ ନାହିଁ । ପ୍ରେମଭକ୍ତି ସାଧନପଥରେ ପ୍ରଥମେ ଶ୍ରଦ୍ଧା, ତତ୍ପରେ ସାଧୁସଙ୍ଗ, ତାଁପରେ ଭଜନକ୍ରିୟା, ତାହାପରେ ଅନର୍ଥ ନିବୃତ୍ତି, ତତ୍ପରେ ନିଷ୍ଠା, ରୁଚି, ଭାବ ଓ ପରେ ପ୍ରେମ ଲାଭ ହୋଇଥାଏ । ସାଧକଙ୍କ ଚିତ୍ତରେ ସେବାପ୍ରାପ୍ତି ନିମିତ୍ତ ବଳବତୀ ଇଚ୍ଛା ଜାଗ୍ରତ ହେଲେ ଭଗବାନ କୃପା କରି ଭକ୍ତଙ୍କର ସାଧକଦେହରେ ସ୍ୱପ୍ନ ଯୋଗରେ କିମ୍ବା ସାକ୍ଷାତ୍ଭାବରେ ପରିକର-ମାନଙ୍କସହ ତାଙ୍କୁ ଦର୍ଶନ ଦିଅନ୍ତି ଏବଂ ସାଧକଙ୍କୁ ତଦ୍ଭାବଭାବିତ ଗୋପୀ-ଦେହ ପ୍ରଦାନ କରିଥାନ୍ତି । ଏହି ଦେହକୁ ଚିଦାନନ୍ଦମୟ ଚିନ୍ମୟ ଦେହ ମଧ୍ୟ କୁହାଯାଏ । ସ୍ଥୂଳଦେହ ଥିବା ପର୍ଯ୍ୟନ୍ତ ସାଧକ ଦେହରେ ଭକ୍ତ ଏହି ଦେହ ଚିନ୍ତାକରନ୍ତି ଏବଂ ପ୍ରଗାଢ଼ଚିନ୍ତା ଫଳରେ ଦେହତ୍ୟାଗପରେ ଭକ୍ତ ସେହି ସିଦ୍ଧଦେହ ପ୍ରାପ୍ତ ହୁଅନ୍ତି । ଏହି ଦେହକୁ ଆଶ୍ରୟ କରି ଜୀବ ସ୍ଥୂଳଦେହ ତ୍ୟାଗ କରେ ।

ଭଗବାନଙ୍କୁ ପ୍ରୀତିପୂର୍ବକ ଭଜନ କରିବା ଫଳରେ ଏହି ସିଦ୍ଧଦେହ ଲାଭ ହୋଇଥାଏ । ସାଧକ ଶ୍ରୀଗୁରୁଦେବଙ୍କ ଉପଦେଶ ଅନୁସାରେ ମନେ ମନେ ଗୋପୀମୂର୍ତ୍ତିର ଚିନ୍ତା କରି ତାଙ୍କର ଅନୁଧ୍ୟାନରେ ରତ ରହି ତାଙ୍କର ସାକ୍ଷାତ୍ ସେବା ପ୍ରାର୍ଥନା କରିବା ଆବଶ୍ୟକ । ଭକ୍ତଙ୍କର ଇଷ୍ଟଚିନ୍ତା ବଳବତୀ ହେଲେ ପ୍ରପଞ୍ଚାତୀତ ନିତ୍ୟସିଦ୍ଧ ଇଷ୍ଟଦେବୀ ଭକ୍ତଙ୍କୁ ସ୍ୱରୂପରେ ଦର୍ଶନ ଦିଅନ୍ତି ଏବଂ ନିତ୍ୟସେବାର ଯୋଗ୍ୟତା ପ୍ରଦାନ କରନ୍ତି । ତାଙ୍କର ଅତୁଳନୀୟ ରୂପମାଧୁରୀ

ଦର୍ଶନ କରି ସାଧକ ଆତ୍ମହରା ହୋଇଥାଆନ୍ତି । ଏହି ସିଦ୍ଧଦେହ ଦର୍ଶନ ପରେ ସାଧକ ଗୁରୁ ହାବିଷ୍ଟଙ୍କପରି ସେହି ମୂର୍ତ୍ତିଚନ୍ତନରେ ଓ ନାମଗାନରେ ସର୍ବଦା ତନ୍ମୟ ରହିବାକୁ ସୁଖ ବୋଧ କରନ୍ତି । ଏହି ଇଷ୍ଟମୂର୍ତ୍ତିଚନ୍ତାଫଳରେ ସାଧକଙ୍କ ଅନ୍ତରରେ ଗୋପୀଦେହର ଉଦୟ ହୁଏ । ଏହା ହିଁ ଶ୍ରୀକୃଷ୍ଣସେବା ଉପଯୋଗୀ ସିଦ୍ଧଦେହ । ସେତେବେଳେ ସାଧକ ଗୋପୀ ହିଁ ଶ୍ରୀବୃନ୍ଦାବନେଶ୍ୱରୀ ବୋଲି ପ୍ରତୀୟମାନ ହୁଅନ୍ତି ଏବଂ ସ୍ୱକୀୟ ଆତ୍ମସ୍ୱରୂପ ତଦନୁଗତ ତତ୍ପ୍ରତିବମ୍ବରୂପରେ ପ୍ରତୀତ ହୁଏ । ତେଣୁ ସାଧକ ଶ୍ରୀଗୁରୁଦେବଙ୍କୁ ବାହ୍ୟକଭାବରେ ଭଗବତ୍ ଜ୍ଞାନରେ ସେବାକରିବା ବିଧେୟ ଏବଂ ଅନ୍ତରରେ ସିଦ୍ଧଦେହଦ୍ୱାରା ବ୍ରଜଧାମରେ ମାନସସେବାରେ ରତ ରହିବା ଦରକାର । ଉପର୍ଯ୍ୟୁକ୍ତଭାବରେ ଗୋପୀଭାବାପନ୍ନ ଭକ୍ତମାନଙ୍କ ହୃଦୟ ପରମ ପ୍ରେମର ଉତ୍ସ । ସେମାନଙ୍କ ସ୍ୱଭାବରେ ତ୍ରିଭୁବନ ଆକୃଷ୍ଟ ହୋଇଥାଏ । ତେଣୁ ଭଗବତ୍‌ସେବା ମାନସିକଭାବରେ ସମ୍ପନ୍ନ ହେଲେ ବାହ୍ୟକଭାବରେ ଭକ୍ତସେବା କରି ଭକ୍ତି ଲାଭ କରିବାକୁ ଶାସ୍ତ୍ରକାରମାନେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏଥିପାଇଁ ଭଗବାନଙ୍କ ଅପେକ୍ଷା ତାଙ୍କଭକ୍ତମାନଙ୍କର ଗୌରବ ଏବଂ ଭଗବତ୍-ଅର୍ଚ୍ଚନା ଠାରୁ ତାଙ୍କ ଭକ୍ତମାନଙ୍କର ପୂଜା ଶ୍ରେଷ୍ଠ ।

"ମଦ୍ଭକ୍ତଃ ପୂଜାଭ୍ୟଧିକା ସର୍ବଭୂତେଷୁ ମନ୍ମତି ।"

—ଶ୍ରୀମଦ୍‌ଭାଗବତ

"ଯେଉଁମାନେ କେବଳ ମୋର ଭଜନ କରନ୍ତି, ସେମାନେ ପ୍ରକୃତ ପକ୍ଷରେ ମୋର ଭକ୍ତ ନୁହନ୍ତି । ବରଂ ଯେଉଁମାନେ ମୋ ଭକ୍ତମାନଙ୍କର ଆରାଧନା କରନ୍ତି, ମୁଁ ସେମାନଙ୍କୁ ଶ୍ରେଷ୍ଠଭକ୍ତ ବୋଲି ଜ୍ଞାନ କରେଁ ।' ଉପର୍ଯ୍ୟୁକ୍ତ ଭାବର ପ୍ରେମଭକ୍ତି ଭବସାଗରର ଅମୂଲ୍ୟ ଯନ୍ତ୍ର । ଗୋପୀଭାବ ଶ୍ରୀକୃଷ୍ଣଙ୍କଚରଣର ଅଚ୍ଛେଦ୍ୟ ଶୃଙ୍ଖଳ । ଏଥିପାଇଁ ସ୍ୱୟଂ ଶ୍ରୀକୃଷ୍ଣ ଏହି ପ୍ରେମ ସହଜରେ କାହାକୁ ଦାନ କରନ୍ତି ନାହିଁ । ଏହି ଗୋପୀଦେହରେ ଶ୍ରୀରାଧାକୃଷ୍ଣ ପ୍ରଚ୍ଛନ୍ନଭାବରେ ଅବସ୍ଥାନ କରନ୍ତି । ମହାପ୍ରଭୁ ଶ୍ରୀଗୌରାଙ୍ଗ ଦେବଙ୍କ ଦେହ ମଧ୍ୟ ଏହି ଗୋପୀଦେହର ଅନ୍ତର୍ଗତ ।

ଶ୍ରୀଗୁରୁଦେବ ହିଁ ଗୌରାଙ୍ଗସ୍ୱରୂପ । ତାଙ୍କର ହୃଦୟ-କମଳ ଶ୍ରୀରାଧା-କୃଷ୍ଣଙ୍କର ବିଳାସମନ୍ଦିର । କିନ୍ତୁ ପ୍ରାଥମିକସାଧକମାନେ ଶ୍ରୀଗୁରୁଦେବଙ୍କର ଏହି ଚିନ୍ମୟସ୍ୱରୂପ ଉପଲବ୍ଧ କରିପାରନ୍ତି ନାହିଁ । ମାୟାନେତ୍ରରେ ତାଙ୍କର ବାହ୍ୟ ମୂର୍ତ୍ତିର ହିଁ ଦର୍ଶନ ଘଟେ; କିନ୍ତୁ ଶ୍ରୀଗୁରୁଦେବଙ୍କ ପ୍ରତି ଶିଷ୍ୟମାନଙ୍କର ଯେଉଁଭଳି ଶ୍ରଦ୍ଧା ପ୍ରୀତି ଜାଗ୍ରତ ହେବ, ସିଦ୍ଧ ଦଶାରେ ତାହା ଠିକ୍ ସେହିଭଳି ଭଗବତ୍ ପ୍ରୀତିରେ ପରିଣତ ହୋଇଯିବ । ଏହି କାରଣରୁ ଗୁରୁଭକ୍ତି ହିଁ କୃଷ୍ଣଭକ୍ତିର ନିଦାନ । ଗୁରୁସେବା ହିଁ କୃଷ୍ଣସେବା ଲାଭର କାରଣ । ଗୁରୁଭକ୍ତିବଳରେ ମନର ନିରୋଧ ହୁଏ ଓ ଗୁରୁସେବା ଫଳରେ ଅବିଦ୍ୟା ଭ୍ରମ ଦୂର ହୁଏ । ତେଣୁ ଭକ୍ତମାନେ ଶ୍ରୀଗୁରୁଦେବଙ୍କ ଚରଣରେ ଅହେତୁକୀ ଭକ୍ତିକଲେ ଶ୍ରୀକୃଷ୍ଣଙ୍କର ସାକ୍ଷାତ୍ ସେବାପ୍ରାପ୍ତ ହୁଅନ୍ତି । ସୁତରାଂ ଗୁରୁସେବା ସବୁ ପ୍ରକାର ସାଧନଭକ୍ତିର ସର୍ବଶ୍ରେଷ୍ଠ ଅଙ୍ଗ । ଗୁରୁସେବା ସମସ୍ତ ପୁରୁଷାର୍ଥର ପ୍ରସୂତି । ଗୁରୁସେବାଦ୍ୱାରା ଭଗବାନ ଯେପରି ସନ୍ତୁଷ୍ଟ ହୁଅନ୍ତି; ଯଜ୍ଞ, ତପସ୍ୟା, ପ୍ରଜାତି, ଇନ୍ଦ୍ରିୟସଂଯମ ଏପରି କି ସର୍ବଭୂତର ପରିଚର୍ଯ୍ୟାରେ ମଧ୍ୟ ସେପରି ତୁଷ୍ଟ ହୁଅନ୍ତି ନାହିଁ । ଗୁରୁଭକ୍ତି ହିଁ ଶିଷ୍ୟମାନଙ୍କୁ ଗୁରୁସେବାରେ ପ୍ରବର୍ତ୍ତିତ କରାଏ । ଭକ୍ତିର ଭେଦ ଅନୁସାରେ ସେବାର ମଧ୍ୟ ପ୍ରକାରଭେଦ ପରିଦୃଷ୍ଟ ହୁଏ । ଭକ୍ତମାନେ ସାଧକ ଦେହରେ ଶ୍ରୀଗୁରୁଦେବଙ୍କ ସେବା କରି ପରିଣାମରେ ସିଦ୍ଧ ଦେହରେ ଶ୍ରୀକୃଷ୍ଣଙ୍କ ସେବା ଲାଭ କରନ୍ତି । ଭକ୍ତି ଶାସ୍ତ୍ରରେ ସେବା ଦୁଇଭାବରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଧମ ଅଧିକାରୀମାନଙ୍କ ନିମିତ୍ତ ଶ୍ରୀମୂର୍ତ୍ତିଙ୍କ ସେବା ଓ ଉତ୍ତମ ଅଧିକାରୀ ମାନଙ୍କପାଇଁ ସିଦ୍ଧ ପ୍ରେମିମଗୁରୁଙ୍କ ସେବାର ବ୍ୟବସ୍ଥା କରାଯାଇଛି । ସାଧନଲଭ୍ୟ ଗୋପୀଦେହ ପ୍ରାକୃତ ନାରୀମୂର୍ତ୍ତି ନୁହେଁ; ତାହା ଆନନ୍ଦଘନ ବିଗ୍ରହ । ଶ୍ରୀଗୁରୁଦେବଙ୍କ ପ୍ରେମଘନ ମୂର୍ତ୍ତି ହିଁ ତାଙ୍କର ସିଦ୍ଧ ସ୍ୱରୂପ । ଏହାଙ୍କୁ ଚୈତ୍ୟଗୁରୁ କୁହାଯାଏ । ଶ୍ରୀଭଗବାନ ନିତ୍ୟ ଓ ତାଙ୍କର ଲୀଳା ମଧ୍ୟ ନିତ୍ୟ । ସେ ବୃନ୍ଦାବନ ପରିତ୍ୟାଗ କରନ୍ତି ନାହିଁ । ଶ୍ରୀକୃଷ୍ଣ ହିଁ ମୂର୍ତ୍ତିମାନ ମାଧୁର୍ଯ୍ୟ । ଗୋପୀମାନେ ତାଙ୍କର ମୂର୍ତ୍ତିମତୀ ମାଧୁର୍ଯ୍ୟଶକ୍ତି । ସେ କେବେ ହେଲେ ଭକ୍ତମାନଙ୍କୁ ତ୍ୟାଗକରି ଅନ୍ୟତ୍ର ଅବସ୍ଥାନ କରନ୍ତି ନାହିଁ । ଏଥିପାଇଁ ସାଧୁ-ଭକ୍ତମାନେ ହିଁ ଶ୍ରୀଭଗବାନଙ୍କର ଦ୍ୱିତୀୟ ମୂର୍ତ୍ତି । ଏହି କାରଣରୁ ସାଧୁସଙ୍ଗ ଓ

ସାଧ୍‌ସେବା ଦ୍ୱାରା ଶ୍ରୀକୃଷ୍ଣଙ୍କ ସେବା ସମ୍ପନ୍ନ ହୋଇଥାଏ । ଶ୍ରୀକୃଷ୍ଣ ହିଁ ନରାକୃତ ପରବ୍ରହ୍ମ ଏବଂ ଶ୍ରୀରାଧା ତାଙ୍କର ନାରୀମୂର୍ତ୍ତି ପରାଶକ୍ତି । ତେଣୁ ପ୍ରାଥମିକ ସାଧକମାନେ କେବଳ ସଖୀଭାବ ଆଶ୍ରୟ କରି ଶ୍ରୀଗୁରୁଦେବଙ୍କ କୃପାରୁ ସିଦ୍ଧଦେହ ପ୍ରାପ୍ତ ହୋଇ ଭଗବତ୍‌ସେବାର ଅଧିକାର ଲାଭକରନ୍ତି ତାହା ମଧ୍ୟ ଏହି ପ୍ରେମିକଗୁରୁ ଗ୍ରନ୍ଥରେ ବିଶେଷଭାବରେ ବର୍ଣ୍ଣିତ ହୋଇଅଛି ।

ଶ୍ରୀରାଧାକୃଷ୍ଣ ସ୍ୱରୂପରେ ଏକ ମୂର୍ତ୍ତି ହେଲେ ମଧ୍ୟ ଦ୍ୱାପର ଯୁଗରେ ଭେଦ ଦେହ ପ୍ରାପ୍ତ ହୋଇଥିଲେ । ପରେ ସେହି ଉଭୟ ମୂର୍ତ୍ତି ହିଁ ପୁନରାୟ ଏକ ହୋଇ କଳିଯୁଗରେ ଶ୍ରୀଗୌରାଙ୍ଗ ରୂପରେ ଅବତୀର୍ଣ୍ଣ ହୋଇ ଏହି ପ୍ରେମ-ଧର୍ମର ପ୍ରଚାର କରିଥିଲେ । ଶ୍ରୀରାଧାକୃଷ୍ଣତତ୍ତ୍ୱ ଅତି ନିଗୂଢ଼ । ଅନ୍ତରଙ୍ଗ ଭକ୍ତମାନଙ୍କ ବ୍ୟତୀତ ଏହି ତତ୍ତ୍ୱ ଆଲୋଚନା କରିବା ନିଷିଦ୍ଧ । ତେଣୁ ମହାପ୍ରଭୁ କେତେ ଜଣ ଅନ୍ତରଙ୍ଗ ଭକ୍ତଙ୍କୁ ନେଇ ଗୋପନରେ ଏହି ତତ୍ତ୍ୱ ଆସ୍ୱାଦନ କରୁଥିଲେ । କେଉଁ ଅଧିକାରୀ ହେଲେ ଏହି ତତ୍ତ୍ୱ ଶ୍ରବଣ କରିବାର ଯୋଗ୍ୟ ହେବେ, ତାହା ମଧ୍ୟ ଶାସ୍ତ୍ରକାରମାନେ ଉଲ୍ଲେଖ କରିଛନ୍ତି । ଗୁରୁ ଏବଂ ଶାସ୍ତ୍ର ପ୍ରତି ଯାହାଙ୍କର ଶ୍ରଦ୍ଧା ଅଛି, ଶ୍ରୀଭଗବାନଙ୍କ ଅସ୍ତିତ୍ୱରେ ଯାହାଙ୍କର ବିଶ୍ୱାସ ପ୍ରଗାଢ଼, ଯେ ଭଜନ କରିବାକୁ ଇଚ୍ଛୁକ, ଶ୍ରୀଗୁରୁଦେବଙ୍କ ସେବାରେ ଯାହାଙ୍କର ଆଗ୍ରହ ବିଦ୍ୟମାନ, ଯେ ଜିତେନ୍ଦ୍ରିୟ ଓ ଶ୍ରୀଗୁରୁଦେବଙ୍କ ନିକଟରେ ତତ୍ତ୍ୱ ଆଲୋଚନା କରିବାକୁ ଯେ ସଙ୍କୋଚ ବୋଧ କରନ୍ତି ନାହିଁ ଅର୍ଥାତ୍ ଯେ ତତ୍ତ୍ୱଜିଜ୍ଞାସୁ, ଯେ ଦମ୍ଭ-ଦର୍ପାଦି ବିହୀନ, ଭୋଗ୍ୟ ବସ୍ତୁରେ ଯେ ଆସକ୍ତିହୀନ, ସେହି ବ୍ୟକ୍ତି ହିଁ ଏହି ତତ୍ତ୍ୱ ଶ୍ରବଣର ଉପଯୁକ୍ତ ପାତ୍ର । ଶିଷ୍ୟମାନେ ଶ୍ରୀଗୁରୁଦେବଙ୍କୁ ସାକ୍ଷାତ୍ ଭଗବାନ ଜ୍ଞାନରେ ସେବା କରିବା ବିଧେୟ । ଗୁରୁ, କୃଷ୍ଣ ଏକ ହେଲେ ମଧ୍ୟ, ଭକ୍ତ ଭଗବାନଙ୍କ ସହିତ ଅଭେଦବୁଦ୍ଧି ପୋଷଣ କରିପାରିଲେ ମଧ୍ୟ ଶ୍ରୀଗୁରୁଦେବଙ୍କ ସହିତ ଅଦ୍ୱୈତ ବୁଦ୍ଧି ପୋଷଣ କରିବା ଉଚିତ ନୁହେଁ । ଭଗବାନ କହିଛନ୍ତି "ପ୍ରଥମେ ଗୁରୁଦେବଙ୍କ ପୂଜାକରି ପରେ ମୋ ପୂଜା କରିବ । ଯେ ଏପରି କରନ୍ତି ସେ ହିଁ ସିଦ୍ଧିଲାଭ କରନ୍ତି ।" ଏଥିରୁ ଜଣାଯାଉଛି ଯେ ଶ୍ରୀଗୁରୁଦେବ ଶ୍ରୀକୃଷ୍ଣଙ୍କସଦୃଶ ପୂଜ୍ୟ ।

ପୂଜାସମୟରେ ଶ୍ରୀଗୁରୁଦେବ ଏବଂ ଭଗବାନ ଅଭିନ୍ନ ହେଲେ ମଧ୍ୟ ଭକ୍ତ ଭଗବାନଙ୍କର ନିତ୍ୟଦାସ । ଶ୍ରୀଗୁରୁଦେବଙ୍କ ସହିତ ଅଦ୍ୱୈତ ବୁଦ୍ଧି ପୋଷଣ କରିବା ଉଚିତ ନୁହେଁ । ପଦ୍ମପୁରାଣରେ ଅଛି—

"ଭକ୍ତିର୍ଯଥା ହରୌ ମେଽସ୍ତି ତଦ୍ୱଦ୍ ନିଷ୍ଠା ଗୁରୌ ଯଦି ।
"ମମାସ୍ତି ତେନ ସତ୍ୟେନ ସ୍ୱଂ ଦର୍ଶୟତୁ ମେ ହରିଃ ।।"

—ପଦ୍ମପୁରାଣ

ଶ୍ରୀହରିଙ୍କ ପ୍ରତି ମୋର ଯେପରି ଭକ୍ତି ଅଛି, ଶ୍ରୀଗୁରୁଦେବଙ୍କ ପ୍ରତି ମୋର ଯଦି ସେହିଭଳି ନିଷ୍ଠା ଥାଏ, ସେହି ସତ୍ୟଦ୍ୱାରା ଶ୍ରୀହରି ମୋତେ ନିଜର ରୂପ ପ୍ରଦର୍ଶନ କରନ୍ତୁ ।

ଗୁରୁଭକ୍ତିଦ୍ୱାରା ଭଗବାନଙ୍କ କଥାର ସ୍ମରଣ ହୁଏ ଏବଂ ତା' ଫଳରେ ସେ ଲଭ୍ୟ ହୋଇଥାଆନ୍ତି । ଏଥିପାଇଁ ଭକ୍ତମାନେ ଶ୍ରୀଗୁରୁଦେବଙ୍କୁ ହିଁ ସେବା କରିଥାଆନ୍ତି; କିନ୍ତୁ ଅହମିକାପରାୟଣ ବ୍ୟକ୍ତିମାନେ ଶ୍ରୀଭଗବାନଙ୍କ ସହିତ ମିଳିତ ହୋଇଛନ୍ତି ବୋଲି ମନେ କରୁଥିଲେ ମଧ୍ୟ ତାହା ପ୍ରକୃତ ପକ୍ଷରେ ମିଳନ ନୁହେଁ; ଆତ୍ମପ୍ରବଞ୍ଚନା ମାତ୍ର । ସେପରି ଭକ୍ତମାନେ କେବେହେଲେ ଭଗବାନଙ୍କୁ ଲଭ୍ୟ କରିପାରନ୍ତି ନାହିଁ ।

"ଗୁରୁଭକ୍ତ୍ୟା ସ ମିଳତି ସ୍ମରଣାତ୍ ସେବ୍ୟତେ ବୁଧୈଃ ।
ମିଳିତୋଽପି ନ ଲଭ୍ୟତେ ଜୀବୈ ରହମିକାପରୈଃ ।।"

—ଭକ୍ତିସନ୍ଦର୍ଭ ବ୍ରହ୍ମବୈବର୍ତ୍ତ ପୁରାଣବଚନ

ପିତା ପ୍ରଭୃତି ପରମାର୍ଥ ଗୁରୁ ନୁହନ୍ତି । ସେମାନେ ବ୍ୟାବହାରିକ ଗୁରୁ ବୋଲି ଜାଣିବ । ଯେ ଭକ୍ତମାନଙ୍କୁ ଭଗବତ୍ ସ୍ୱରୂପ ଜ୍ଞାନ ଦାନ କରନ୍ତି, ସେ ହେଉଛନ୍ତି ପ୍ରକୃତ ଗୁରୁ । ଏହି ଜ୍ଞାନର ଅପର ନାମ ଦିବ୍ୟଜ୍ଞାନ । ତେଣୁ ଶ୍ରୀଗୁରୁଦେବଙ୍କ ପ୍ରତି ଦେବତାବୁଦ୍ଧି ପୋଷଣ କରି ତାଙ୍କଠାରୁ ଭଗବତ୍-ତତ୍ତ୍ୱ ଶିକ୍ଷା କରିବା ବିଧେୟ ।

ହରିନାମ ଚିଦାନନ୍ଦମୟ । ଭଗବାନଙ୍କ ସହିତ ଅଭିନ୍ନ ବୋଲି ନାମ ମଧ୍ୟ ପରମ, ସ୍ୱତନ୍ତ୍ର ଓ ସ୍ୱପ୍ରକାଶ । ନାମର ସ୍ମରଣ ହେଲେ ଶ୍ରୀକୃଷ୍ଣ ପ୍ରେମର ଆବିର୍ଭାବ ହୁଏ । ତେଣୁ ଶ୍ରୀଗୁରୁଦେବଙ୍କଠାରୁ ନାମମନ୍ତ୍ରାଦି ଗ୍ରହଣପୂର୍ବକ ସାଧନ, ଭଜନରେ ପ୍ରବୃତ୍ତ ହେବା ବିଧେୟ । ଶ୍ରୀଗୁରୁଦେବଙ୍କ ପ୍ରତି ଭକ୍ତିଥିଲେ ଭଜନର ସମସ୍ତ ବାଧା ବିଦୂରିତ ହୋଇଯାଏ ।

"ଯୋ ମନ୍ତ୍ରଃ ସ ଗୁରୁଃ ସାକ୍ଷାତ୍ ଯୋ ଗୁରୁଃ ସ ହରିଃସ୍ୱୟଂ ।
ଗୁରୁର୍ଯସ୍ୟ ଭବେତ୍ ତୁଷ୍ଟସ୍ତସ୍ୟ ତୁଷ୍ଟୋ ହରିଃ ସ୍ୱୟଂ ।"

—ବାମନକଳ୍ପ

ଯେ ମନ୍ତ୍ର, ସେ ଗୁରୁ ଏବଂ ଯେ ଗୁରୁ, ସେ ସ୍ୱୟଂ । ହରି ଶ୍ରୀଗୁରୁ ଯାହାଙ୍କ ପ୍ରତି ପ୍ରସନ୍ନ; ସ୍ୱୟଂ ଭଗବାନ ମଧ୍ୟ ତାଙ୍କ ପ୍ରତି ପ୍ରସନ୍ନ ବୋଲି ଜାଣିବ । ତେଣୁ ଭଗବତ୍ ସେବା ଓ ଗୁରୁସେବା ଉଭୟ ହିଁ କର୍ତ୍ତବ୍ୟ ।

ଅନେକଙ୍କ ଧାରଣା ହୋଇପାରେ ଯେ, ଗୋପୀଭାବ ଅନ୍ତର୍ଜଗତର ସାଧନ ବ୍ୟାପାର; ବାହ୍ୟଜଗତରେ ସାଧାରଣ ଲୋକେ ସେଥିରୁ କିଭଳି ଆଦର୍ଶ ଶିକ୍ଷା କରିପାରିବେ, ଏହି ପ୍ରସଙ୍ଗରେ ପାଠକମାନଙ୍କର ସ୍ମରଣ ରଖିବା ଦରକାର ଯେ, ପ୍ରାକୃତ ମନ, ବୁଦ୍ଧି ନେଇ ସେହି ଅପ୍ରାକୃତ ତତ୍ତ୍ୱ ଆସ୍ୱାଦନ କରିବା ଅତିଶୟ କଠିନ; କାରଣ, ଯଦି ଏହି ଲୀଳାକୁ ପ୍ରାକୃତ ମନେକରି କେହି ଆଲୋଚନା କରନ୍ତି, ତେବେ ସେମାନଙ୍କର ସ୍ନାୟବିକ ଦୁର୍ବଳତା ଲାଭ ହେବ । ତେଣୁ କଠୋର ନିୟମ ସଂଯମ ଅଭ୍ୟାସ ପରେ ଏହି ଅପ୍ରାକୃତ ତତ୍ତ୍ୱ ଆଲୋଚନା କରାଯାଏ । ଗୋପୀମାନଙ୍କର ଭାବ ଅତି ଉଚ୍ଚ । ବେଦାନ୍ତର ସାକ୍ଷୀଭାବ ସହିତ ଏହି ତତ୍ତ୍ୱର ତୁଳନା ହୋଇପାରେ । ଗୋପୀଭାବରେ କାମର ନାମ ଗନ୍ଧ ନାହିଁ । ଅପରର ସୁଖରେ ନିଜକୁ ସୁଖୀ କରିବା, ଅପରର ଆନନ୍ଦରେ ନିଜେ ଆନନ୍ଦିତ ହେବା କେବେ ହେଲେ ସାଧାରଣଙ୍କ ଦ୍ୱାରା ସମ୍ଭବପର ହୋଇପାରେ ନାହିଁ । ଭକ୍ତମାନଙ୍କ ମଧ୍ୟରେ ଆତ୍ମସମ୍ବରଣର ଅସାଧାରଣ କ୍ଷମତା ବିଦ୍ୟମାନ । ତେଣୁ ସେମାନେ ଲୀଳାନନ୍ଦ-ସୁଖଆସ୍ୱାଦନର ଏକମାତ୍ର ଅଧିକାରୀ । ଗୋପୀପ୍ରେମ-ସାଧନାରେ ସହଜରେ ଆତ୍ମୋନ୍ନତି

ହୋଇଥାଏ । ଭଗବତ୍‌ସୁଖ ନିମିତ୍ତ ସେମାନେ ସର୍ବଧର୍ମ ତ୍ୟାଗ କରିବାକୁ ସର୍ବଦା ପ୍ରସ୍ତୁତ ଥାଆନ୍ତି । ନିଜ ପ୍ରାଣରେ କେତେ ପରିମାଣରେ ବଳ ଓ ପବିତ୍ରତା ଥିଲେ ଏପରି ସମର୍ପଣଭାବ ଓ ଅପରର ସେବାନିମିତ୍ତ ବ୍ୟାକୁଳତା ଜାଗ୍ରତ ହୁଏ, ତାହାଚିନ୍ତା କରିବାର ବିଷୟ । ତେଣୁ ଗୋପୀପ୍ରେମ ଅନିର୍ବଚନୀୟ । ଯେଉଁ ଆତ୍ମସୁଖ-ବାସନାରେ କୃଷ୍ଣସୁଖ ବାଧାପ୍ରାପ୍ତ ହୁଏ ସେଭଳି ଆତ୍ମାନନ୍ଦକୁ ଭକ୍ତ ତୁଚ୍ଛ ଜ୍ଞାନରେ ଉପେକ୍ଷା କରିଥାନ୍ତି ।

"କାମଗନ୍ଧହୀନ ସ୍ୱାଭାବିକ ଗୋପୀ-ପ୍ରେମ ।
ନିର୍ମଳ ଉଜ୍ଜ୍ୱଳ ଶୁଦ୍ଧ ଯଥା ଦଗ୍ଧ ହେମ ।।"

—ଚରିତାମୃତ

ଅନ୍ତରର କାମନା ବାସନା ଭସ୍ମୀଭୂତ ହେଲେ ଶୁଦ୍ଧ ସୁବର୍ଣ୍ଣପରି ନିର୍ମଳ ପ୍ରେମର ଅନୁଭବ ହୋଇଥାଏ । ତପସ୍ୟାଦ୍ୱାରା ନିଜର ମଳିନ ବାସନା ଦଗ୍ଧ ନହେଲେ ଭଗବାନଙ୍କର ମହତୀ ଇଚ୍ଛା ପ୍ରକୃତ ଭାବରେ ଉପଲବ୍ଧ ହୋଇପାରେ ନାହିଁ । ଗୋପୀମାନେ ବିବିଧ ବ୍ରତ, ନିୟମ ଓ ତପସ୍ୟା କରି ଚିତ୍ତଶୁଦ୍ଧି ଲାଭ କରିଥିଲେ; ଫଳରେ ସେମାନଙ୍କର ସ୍ୱଚ୍ଛ ହୃଦୟ-ଦର୍ପଣରେ ଭଗବାନଙ୍କର ମହତୀ ଇଚ୍ଛା ସ୍ୱତଃ ପ୍ରତିଫଳିତ ହେଉଥିଲା । ଚିତ୍ତ ଶୁଦ୍ଧ ନଥିଲେ କିଏ ନିଜର ବାସନା, ପୁଣି କିଏ ବା ଭଗବତ୍‌ଇଚ୍ଛା, ତାହା ସହଜରେ ଧରାପଡ଼େ ନାହିଁ । ଯେଉଁମାନେ ନିଜର ଇଚ୍ଛାକୁ ଭଗବତ୍ ଇଚ୍ଛା ବୋଲି ଭ୍ରମ ଧାରଣା ପୋଷଣ କରନ୍ତି; ସେମାନେ ପ୍ରତାରିତ ହୁଅନ୍ତି । ଫଳରେ ସେମାନଙ୍କ ଅନ୍ତରରେ ଅବସାଦ ଓ ନୈରାଶ୍ୟ ଦେଖାଦେଇଥାଏ । ଶୁଦ୍ଧ ଆଧାରରେ ହିଁ ଭଗବାନଙ୍କ ମହତୀ ଇଚ୍ଛା ପ୍ରତିଫଳିତ ହୋଇଥାଏ । ଏଥିପାଇଁ ଗୋପୀମାନେ ବହୁ ସାଧ୍ୟ ସାଧନା ପରେ ନିଜର ହୃଦୟକୁ ପବିତ୍ର କରିଥିଲେ । ସେମାନେ ନିଜ ଭିତରେ ଭଗବାନଙ୍କ ଇଚ୍ଛାକୁ ଅବତରଣ କରାଇ ଅପାର୍ଥିବ ଲୀଳାନନ୍ଦ ଭୋଗ କରୁଥିଲେ । ତେଣୁ ଗୋପୀପ୍ରେମ ଦୁର୍ଲ୍ଲଭ ଓ କେବଳ ଏହି ପ୍ରେମ ନିକଟରେ ଭଗବାନ ବଶୀଭୂତ । ଭଗବତ୍ ସ୍ମରଣ ମନନଦ୍ୱାରା ଈଶ୍ୱର ସମାଧି ଲାଭ ହୋଇଥାଏ । ଭଗବାନଙ୍କଠାରେ ଶ୍ରଦ୍ଧା ଭକ୍ତି ଥିଲେ ବିନା

ସାଧନାରେ ଚିତ୍ତବୃତ୍ତିର ଭାବ ଧାରଣ କରେ । ଚିତ୍ତର ନିଷ୍ପନ୍ଦ ଅବସ୍ଥା ହିଁ ପ୍ରକୃତ ସମାଧି । ଭଗବାନଙ୍କ ପ୍ରତି ଐକାନ୍ତିକ ଆକର୍ଷଣରେ ସାଧନ ଭଜନ ବ୍ୟତୀତ ଚିତ୍ତସ୍ଥିତପ୍ରଜ୍ଞ ଅବସ୍ଥା ଲାଭକରେ । ତେଣୁ ଶ୍ରୀଶ୍ରୀଠାକୁର ଏହି 'ପ୍ରେମିକଗୁରୁ' ଗ୍ରନ୍ଥରେ ଗୋପୀପ୍ରେମର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି ଓ ସଂଯମ ସାଧନା ନିମିତ୍ତ ମଧ୍ୟ ବିବିଧ ଉପାୟ ପ୍ରଦର୍ଶନ କରିଛନ୍ତି ।

ଶ୍ରୀରାଧାକୃଷ୍ଣଙ୍କ ତତ୍ତ୍ୱ ଭିତରେ କିଭଳି ଆଦର୍ଶ ଅନ୍ତର୍ନିହିତ ଅଛି ତାହା ମଧ୍ୟ ପାଠକମାନଙ୍କର ହୃଦୟଙ୍ଗମ କରିବା ଏକାନ୍ତ ଆବଶ୍ୟକ । ପୂର୍ବରୁ କୁହାଯାଇଛି ଯେ, ଶ୍ରୀକୃଷ୍ଣ ହିଁ ପରମ ପୁରୁଷ ବା ପୁରୁଷୋତ୍ତମ ଏବଂ ଶ୍ରୀରାଧା ହିଁ ପରାପ୍ରକୃତି । ପ୍ରକୃତିର ଯେତେ ଆୟୋଜନ ସମସ୍ତ ପର-ପ୍ରୟୋଜନରେ ଉତ୍ସର୍ଗୀକୃତ । ଏହି ପରକୁ ଶାସ୍ତ୍ରକାରମାନେ 'ପୁରୁଷ' ଆଖ୍ୟା ପ୍ରଦାନ କରିଛନ୍ତି । 'ପୁରୁଷ'ଙ୍କ ସୁଖନିମିତ୍ତ ପ୍ରକୃତିର ଏହି ବିବିଧ ଚେଷ୍ଟା ବା କ୍ରିୟାଶୀଳତା । ପ୍ରକୃତି ସମସ୍ତ ଦେହ, ମନ, ପ୍ରାଣ ପୁରୁଷଙ୍କନିମିତ୍ତ ଉତ୍ସର୍ଗ କରିଥିଲେ ମଧ୍ୟ ଉଦାସୀନ ପୁରୁଷଙ୍କୁ ସେ କେବେ ତୁଷ୍ଟ କରିପାରୁ ନାହାନ୍ତି, ତେଣୁ ତାଙ୍କ ଭିତରେ ଅସାଧାରଣ ବ୍ୟାକୁଳତା ଦେଖାଯାଉଛି । ପ୍ରକୃତିର ଏଭଳି ଆତ୍ମତ୍ୟାଗର ମାଧୁର୍ଯ୍ୟ ଦର୍ଶନ କରି ପୁରୁଷ ମୁଗ୍ଧ ଏବଂ ପରମ ପୁରୁଷଙ୍କ ଅଚଳ ଅଟଳ ସ୍ଥୈର୍ଯ୍ୟଭାବ ଦର୍ଶନ କରି ପ୍ରକୃତି ମଧ୍ୟ ବିମୁଗ୍ଧା । ପୁରୁଷଙ୍କର ସର୍ବାବସ୍ଥାରେ ଅଚଳ, ଅଟଳ ନିର୍ବିକାର ଭାବ ଏବଂ ପ୍ରକୃତିର ଆତ୍ମବିସର୍ଜନ ଶକ୍ତି ଉଭୟ ହିଁ ଭକ୍ତମାନଙ୍କୁ ଆନନ୍ଦ ପ୍ରଦାନ କରିଥାଏ । ତେଣୁ ଗୀତାକାର ଉଭୟଙ୍କୁ ଅନାଦି ବୋଲି କହିଛନ୍ତି; କାରଣ, ପ୍ରକୃତି ପୁରୁଷଙ୍କର ସ୍ଥୈର୍ଯ୍ୟ ଦେଖି ମୁଗ୍ଧା ଏବଂ ପୁରୁଷ ପ୍ରକୃତିର ଅଫୁରନ୍ତ ପ୍ରାଣଶକ୍ତି ଓ ବ୍ୟାକୁଳତା ଦେଖି ମୁଗ୍ଧ, ବିସ୍ମିତ । ପୁରୁଷଙ୍କ ଅଦୃଶ୍ୟ ଶକ୍ତିରେ ପ୍ରକୃତିଙ୍କ ଭିତରେ ଏହି ପ୍ରେମ-ପ୍ରୀତି ଭାବ ଜାଗ୍ରତ ହେଲେ ମଧ୍ୟ ଏହି ଭାବ ନିକଟରେ ପୁରୁଷ ବଶୀଭୂତ । ପ୍ରକୃତିଙ୍କର ସମଗ୍ର ଦେହ-ମନ ପ୍ରାଣ ପୁରୁଷଙ୍କସେବାର ଉତ୍ସର୍ଗୀକୃତ । ଭଗବାନ ଯହିଁରେ ସୁଖୀ ହୁଅନ୍ତି, ସେହି ସୁଖ ପ୍ରଦାନ ନିମିତ୍ତ ପ୍ରକୃତିର ଆକୁଳ ଆକାଂକ୍ଷା । ଏଥିପାଇଁ ପୁରୁଷଙ୍କ ଇଚ୍ଛାକୁ ପ୍ରକୃତି ହିଁ ରୂପ

ପ୍ରଦାନ କରିବାକୁ ବ୍ୟାକୁଳ । ଏହି କାରଣରୁ ପ୍ରକୃତି ଚିରଚଞ୍ଚଳା । ପୁରୁଷ ନିର୍ବିକାର, ନିର୍ଗୁଣ । ତେଣୁ ପୁରୁଷଙ୍କ ତୁଷ୍ଟି ନିମିତ୍ତ ପ୍ରକୃତିଙ୍କର ଏତେ ବ୍ୟାକୁଳତା । ଭୋଗଲୋଲୁପ ପୁରୁଷଙ୍କ ପ୍ରତି ପ୍ରକୃତିଙ୍କର ସ୍ୱାଭାବିକ ବିତୃଷ୍ଣା ଥାଏ । ଶ୍ରୀକୃଷ୍ଣ ରାସମଣ୍ଡଳରେ ନିଜକୁ ଅଟଳ, ଅଚଳ ରଖି ପାରିଥିଲେ ବୋଲି ସେହି ଆତ୍ମାରାମଙ୍କ ନିମିତ୍ତ ଗୋପୀମାନେ ଏତେ ବ୍ୟାକୁଳ ହୋଇଉଠୁଥିଲେ । ନିର୍ଗୁଣ ପୁରୁଷଙ୍କ ମଧ୍ୟରେ ଭୋଗର ଆକାଙ୍କ୍ଷା ବିନ୍ଦୁମାତ୍ର ନ ଥିବାରୁ ପ୍ରକୃତି ପୁରୁଷଙ୍କ ନିକଟରେ ନିଃସଙ୍କୋଚରେ ଆତ୍ମସମର୍ପଣ କରିଥାନ୍ତି । ପ୍ରାକୃତ ଜଗତରେ ଦେଖିବାକୁ ମିଳେ ଯେ, କାମୁକ ପୁରୁଷଙ୍କ ନିକଟକୁ ନାରୀମାନେ କେବେହେଲେ ନିଃସଙ୍କୋଚରେ ଗମନ କରନ୍ତି ନାହିଁ । ପୁରୁଷଙ୍କ ଭୋଗତୃଷ୍ଣା ହିଁ ପ୍ରକୃତିଙ୍କ ଭିତରେ ସଙ୍କୋଚଭାବ ଜାଗ୍ରତ କରିଦିଏ; କିନ୍ତୁ ନିର୍ଗୁଣ ପୁରୁଷଙ୍କ ମଧ୍ୟରେ ବିନ୍ଦୁମାତ୍ର ଭୋଗ-ବାସନା ନ ଥିବାରୁ ଏହି ପୁରୁଷଙ୍କ ସେବାରେ ପ୍ରକୃତିର କୌଣସି ସଙ୍କୋଚଭାବ ଦେଖାଯାଏ ନାହିଁ । ଭୋଗଭିତରେ ବୁଡ଼ିରହି ମଧ୍ୟ ପୁରୁଷ ବିଚଳିତ ହେଉ ନାହାନ୍ତି ଦେଖି ପ୍ରକୃତି ଆଶ୍ଚର୍ଯ୍ୟ, ସ୍ତମ୍ଭିତ ହୋଇଯାଆନ୍ତି । ପୁରୁଷଙ୍କ ବିଶୁଦ୍ଧ-ଭାବର ତାତ୍ପର୍ଯ୍ୟ ପ୍ରକୃତିଙ୍କ ଶୁଦ୍ଧ ହୃଦୟରେ ଫୁଟିଉଠିଲେ ପ୍ରକୃତିଙ୍କ ଶୃଙ୍ଖଳା ଦୂର ହୋଇଯାଏ । ସେତେ-ବେଳେ ପୁରୁଷଙ୍କୁ ଦର୍ଶନ କରି ପ୍ରକୃତି ତନ୍ମୟ ବା ସମାଧିସ୍ଥ ହୋଇଯାଆନ୍ତି । ନିଜ ଭିତରେ ବିନ୍ଦୁମାତ୍ର ଭୋଗ ବାସନା ନ ଥିଲେ ପ୍ରକୃତି ପୁରୁଷଙ୍କର ଯଥାର୍ଥ ସେବାର ଅଧିକାରୀ ହୋଇଥାନ୍ତି । ପୁରୁଷ ପ୍ରକୃତିଙ୍କ ନିକଟରେ ବିଶୁଦ୍ଧ ପ୍ରେମର ଭିକାରୀ । ପ୍ରକୃତି ମଧ୍ୟ ସେବାର ପ୍ରତିଦାନସ୍ୱରୂପ ଏହି ପ୍ରେମ ହିଁ ଲାଭ କରିଥାନ୍ତି ।

କାମନାର ଶେଷ ଅଛି, ଅବସାଦ ଅଛି; କିନ୍ତୁ ପ୍ରେମର ଅବସାଦ ନାହିଁ କିମ୍ବା ଶେଷ ନାହିଁ । ଏହି ପ୍ରେମର ମହିମା ଉପଲବ୍ଧି କରିବା ନିମିତ୍ତ ଭକ୍ତମାନଙ୍କୁ ସମାଧିସ୍ଥ ହେବାକୁ ପଡ଼େ । ପ୍ରକୃତି ପରିଣାମିନୀ ରୂପରେ ଓ ପୁରୁଷ କୂଟସ୍ଥ ରୂପରେ ସତ୍ୟ । ପ୍ରକୃତ ପ୍ରେମର ଉଦୟ ହେଲେ ଦେହଜ୍ଞାନ ଲୋପ ପାଇଯାଏ । ଏଥିପାଇଁ ଶ୍ରୀରାଧା ସର୍ବଦା ମହାଭାବରେ ତନ୍ମୟ ହୋଇ ରହୁଥିଲେ । ପ୍ରକୃତି ପୁରୁଷଙ୍କ ମଧ୍ୟରେ ଦେହ ନିରପେକ୍ଷ ପ୍ରେମ ପ୍ରୀତି ଜାଗ୍ରତ

ହେଲେ ତାହା ହିଁ ଆଦର୍ଶସ୍ଥାନୀୟ ହୋଇଥାଏ ଏବଂ ଏହି ତତ୍ତ୍ୱ ଆଲୋଚନାରେ କାମ-ବାସନାର ତୃପ୍ତି ସାଧିତ ହୁଏ । ଏଥିପାଇଁ ସଂଯମ ଓ ତପସ୍ୟାଦ୍ୱାରା ଚିତ୍ତ-ଶୁଦ୍ଧି କରିବାକୁ ପଡ଼େ । ପୁରୁଷ ପ୍ରକୃତିଙ୍କ ସେବାଭିଳାଷ ଓ ସେବାର କ୍ଷମତା ଦର୍ଶନ କରି ମୁଗଧ୍ ହୋଇଯାଆନ୍ତି । ଭିତରେ ଅଙ୍କୁରନ୍ତ ଶକ୍ତି ଜାଗ୍ରତ ନ ହେଲେ କେହି କେବେ ଦିବାରାତ୍ରି ଅପରର ସେବାରେ ନିଜକୁ ଉତ୍ସର୍ଗ କରି-ପାରନ୍ତି ନାହିଁ । ତେଣୁ ଶକ୍ତି-ସାଧନା ପରେ ଭାବର ସାଧନା ନିର୍ଦ୍ଦିଷ୍ଟ ଅଛି । ଏଥିପାଇଁ ଶାକ୍ତ ଅର୍ଥାତ୍ ଶକ୍ତିଶାଳୀ ସାଧକମାନେ ହିଁ ଭକ୍ତ ପଦବାଚ୍ୟ । ପୁରୁଷଙ୍କର ଯେତେବେଳେ ଯାହା ପ୍ରୟୋଜନ, ପ୍ରକୃତି ତତ୍‌କ୍ଷଣାତ୍ ତାହା ପୂରଣ କରିବାରେ ତତ୍ପର । ତେଣୁ ପ୍ରକୃତିଙ୍କ ଅନ୍ତରରେ ଅଙ୍କୁରନ୍ତ ଶକ୍ତି ନ ଥିଲେ ତାଙ୍କଦ୍ୱାରା କେବେହେଲେ ଶୁଦ୍ଧ ଭାବରେ ଭଗବତ୍‌ସେବା ସମ୍ଭବପର ହେବ ନାହିଁ । ପରର ପ୍ରୟୋଜନ ସିଦ୍ଧି ହିଁ ପ୍ରକୃତିଙ୍କର ଏକମାତ୍ର ଲକ୍ଷ୍ୟ । ତେଣୁ ଦିବାରାତ୍ରି ସେ ପୁରୁଷଙ୍କ ଚିନ୍ତାରେ ତନ୍ମୟ । ଏହି କାରଣରୁ ସେ ନିଜକଥା ଏକାବେଳକେ ଭୁଲିଯାଆନ୍ତି । ନିଜ ଇଚ୍ଛାର ଲୟ ହେବାରୁ ପ୍ରକୃତିଙ୍କ ଭିତରେ ଭଗବତ୍ ଇଚ୍ଛାର ଉଦୟ ହୁଏ ବା ଭଗବତ୍‌ଇଚ୍ଛା ମୂର୍ତ୍ତି ହୋଇ ଫୁଟିଉଠେ । ସେହି ଇଚ୍ଛାକୁ ମୂର୍ତ୍ତି କରିବା ନିମିତ୍ତ ପ୍ରକୃତି ସର୍ବସ୍ୱ ଦାନ କରିବାକୁ ପ୍ରସ୍ତୁତ । ଏଥିପାଇଁ ଦୈବୀ ପ୍ରକୃତିକୁ ଆଶ୍ରୟ କରି ନିର୍ଗୁଣ ପୁରୁଷଙ୍କ ଅବତରଣ ସମ୍ଭବ ହୋଇଥାଏ । ଶୁଦ୍ଧ ଆଧାର ନହେଲେ ପୁରୁଷ ଆତ୍ମପ୍ରକାଶ କରନ୍ତି ନାହିଁ ।

ଆତ୍ମଦାନ ହିଁ ପ୍ରକୃତିଙ୍କ କାର୍ଯ୍ୟ; କିନ୍ତୁ ବର୍ତ୍ତମାନ ଯୁଗରେ ନାରୀମାନଙ୍କ ଭିତରେ ପୌରୁଷ ଭାବ ଜାଗ୍ରତ ହେବା ଫଳରେ ସମାଜରେ ଶାନ୍ତି ତିରୋହିତ ହୋଇଯାଇଛି । ନାରୀ ପୁରୁଷ ଉଭୟଙ୍କ ମଧ୍ୟରେ ସଂଯମର ଅଭାବ ଦେଖା-ଦେଇଛି । ତେଣୁ କେହି କାହାକୁ ଶ୍ରଦ୍ଧାଚକ୍ଷୁରେ ଦେଖିପାରୁ ନାହାନ୍ତି । ଆତ୍ମସ୍ଥ ପୁରୁଷଙ୍କ ନିକଟରେ ଆତ୍ମଦାନ କରିପାରିଲେ ପ୍ରକୃତି ନିଜକୁ ସାର୍ଥକ ଜ୍ଞାନ କରନ୍ତି । ଏଥିପାଇଁ ପ୍ରକୃତ ପୁରୁଷ ଉଭୟଙ୍କର ତପସ୍ୟାର ପ୍ରୟୋଜନ ପଡ଼ିଛି । ଦୈବୀ ପ୍ରକୃତି ବା ପରାପ୍ରକୃତିଙ୍କ ଭିତରେ କାମଗନ୍ଧ ନାହିଁ । ଏହି ଦୈବୀ

ପ୍ରକୃତି ହିଁ ଶ୍ରୀରାଧା । ଶ୍ରୀକୃଷ୍ଣ ବିଶୁଦ୍ଧପ୍ରେମର ଅଭିଳାଷୀ । ଗୋପୀମାନଙ୍କ ମଧ୍ୟରେ ସେହି ଶ୍ରୀରାଧା ହିଁ ପ୍ରେମସ୍ୱରୂପା । ତେଣୁ ଶ୍ରୀରାଧାଙ୍କ ପ୍ରତି ଶ୍ରୀକୃଷ୍ଣଙ୍କର ଏତେ ଆକର୍ଷଣ । ରାସମଣ୍ଡଳରେ ଶ୍ରୀକୃଷ୍ଣ ହିଁ ଥିଲେ ଏକମାତ୍ର କାମଜୟୀ ପୁରୁଷ ଏବଂ ଶ୍ରୀରାଧା ହିଁ ଏକମାତ୍ର କାମଜୟିନୀ ନାରୀ । ସଖୀମାନେ ତାଙ୍କର କାୟବ୍ୟୂହରୂପା । ଶ୍ରୀକୃଷ୍ଣଙ୍କ କାମନା ଏକମାତ୍ର ଶ୍ରୀରାଧା ହିଁ ପୂରଣ କରି ପାରୁଥିଲେ । ରାସମଣ୍ଡଳରେ ଶ୍ରୀକୃଷ୍ଣ କାମଜୟପୂର୍ବକ ଲୀଳା କରିଥିଲେ । ରାଧାକୃଷ୍ଣଙ୍କ ମିଳନ ହିଁ ପ୍ରକୃତି-ପୁରୁଷଙ୍କର ଆଦର୍ଶ ବିଶୁଦ୍ଧ ମିଳନ । ଏହି ମିଳନରେ କାମ ଭସ୍ମୀଭୂତ । ଶିବଙ୍କୁ ଯେପରି ନିର୍ଗୁଣ ପୁରୁଷ କୁହାଯାଏ, ସେହିପରି ଶ୍ରୀରାଧା ହିଁ ନିର୍ଗୁଣା ପ୍ରକୃତି । ଉଭୟେ ଦ୍ରଷ୍ଟା ବା ସାକ୍ଷୀ । ପ୍ରଥମେ ପାର୍ବତୀ କାମନା ନେଇ ହରଙ୍କ ସେବା କରିବାକୁ ଉଦ୍ୟତା ହୋଇଥିଲେ; ତେଣୁ ହର ତାଙ୍କୁ ପ୍ରତ୍ୟାଖ୍ୟାନ କଲେ । ଯେତେବେଳେ ନାମଭଜନ ଓ ସଂଯମ ତପସ୍ୟାଦ୍ୱାରା ପାର୍ବତୀ ନିଜକୁ ଶୁଦ୍ଧ, ପବିତ୍ର କରିପାରିଲେ ଏବଂ ଯେତେବେଳେ ଉଭୟଙ୍କର କାମନା ବାସନା ଭସ୍ମୀଭୂତ ହୋଇଗଲା ସେତେବେଳେ ଶିବ ପାର୍ବତୀଙ୍କୁ ବରଣ କରିନେଲେ । ପ୍ରାକୃତଜଗତର ନରନାରୀ ଯଦି ଜୀବନରେ ହର-ପାର୍ବତୀ ବା ରାଧା-କୃଷ୍ଣଙ୍କ ଆଦର୍ଶରେ ଜୀବନ ଗଠନ କରିପାରିବେ, ତେବେ ଏହି ସଂସାର ହିଁ ନିତ୍ୟ ବୃନ୍ଦାବନ ଓ କୈଳାସରେ ପରିଣତ ହେବ । ପୁରୁଷଙ୍କୁ ଆତ୍ମାରାମ ହେବାକୁ ପଡ଼ିବ; ତେବେ ଯାଇ ବିଶ୍ୱପ୍ରକୃତି ସେହି ଆତ୍ମାରାମଙ୍କ ସେବାନିମିତ୍ତ ବ୍ୟାକୁଳ ହୋଇଉଠିବ । ମାନବ ଭୋଗ ଇଚ୍ଛା କରେ; କିନ୍ତୁ ସେ ସର୍ବଦା ଏହାର ବିପରୀତ କାର୍ଯ୍ୟ କରୁଥିବାରୁ ନାନାବିଧ ଅଶାନ୍ତି ଭୋଗ କରିଥାଏ । ନିଜକୁ ଅଚଳ, ଅଟଳ ବୀର୍ଯ୍ୟବନ୍ତ କରି ନ ପାରିଲେ ପ୍ରକୃତିଙ୍କୁ କେହିକେବେ ବଶୀଭୂତ କରିପାରିବେ ନାହିଁ । ଏହି କାରଣରୁ ଭୋଗାସକ୍ତି କ୍ଷୟ ହେଲେ ପ୍ରାକୃତିକ ନିୟମରେ ଭୋଗର ଉପକରଣ ଆପଣା ମନକୁ ମିଳିଥାଏ । ଭୋଗ-ସୁଖ-ଆଶା ଅନ୍ତରରେ ପୋଷଣ କରି ଭୋଗପାଇଁ ଲାଳାୟିତ ହେଉଥିବାରୁ କାହାରି ବାସନା ପୂରଣ ହୋଇପାରୁ ନାହିଁ । ମାନବକୁ ଊର୍ଦ୍ଧ୍ୱକୁ ଚାଳିତ କରିବା ହିଁ ଦୈବୀ ପ୍ରକୃତିର ପ୍ରଧାନ କାର୍ଯ୍ୟ । ଏହି କାରଣରୁ ଦୈବୀ ପ୍ରକୃତି ସତ୍ୟନିଷ୍ଠ ସାଧକଙ୍କୁ ଆଗ୍ରହୀକର

ଊର୍ଦ୍ଧ୍ୱ ପ୍ରତିଷ୍ଠ ଭଗବାନ ବା ପୁରୁଷଙ୍କ ନିକଟକୁ ନେଇଯାଏ । ଯେଉଁମାନେ ନିମ୍ନପ୍ରକୃତି କବଳରୁ ନିଜକୁ ରକ୍ଷା କରିପାରନ୍ତି ସେହିମାନେ ହିଁ ପରାପ୍ରକୃତି-ସାହାଯ୍ୟରେ ଭଗବନ୍ତସମୀପରେ ଉପନୀତ ହୁଅନ୍ତି । ସେହି ସତ୍ୟନିଷ୍ଠ ସାଧକମାନେ ଦେଖନ୍ତି ପରାପ୍ରକୃତି ମା'ପରି ସେମାନଙ୍କ ଆଡ଼କୁ ସ୍ନେହହସ୍ତ ପ୍ରସାରଣପୂର୍ବକ ସନ୍ତାନକୁ ନିଜକୋଳକୁ ଟାଣିନେବାପାଇଁ ଉତ୍କଣ୍ଠିତା । ତେଣୁ ଆତ୍ମସ୍ଥ ପୁରୁଷ ଏବଂ ଆତ୍ମସ୍ଥା ପ୍ରକୃତି ହିଁ ଜଗତର ନରନାରୀଙ୍କ ଆଦର୍ଶ । ସ୍ୱରୂପରୁ ନାରୀପୁରୁଷ ବିଚ୍ୟୁତ ବୋଲି ବର୍ତ୍ତମାନ ଯୁଗର ସମାଜରେ ନାନାବିଧ ବିଶୃଙ୍ଖଳା ଦୃଷ୍ଟି ଗୋଚର ହେଉଅଛି । ଏଥିପାଇଁ ହରଗୌରୀ ବା ରାଧାକୃଷ୍ଣଙ୍କ ତତ୍ତ୍ୱ ଅବଗତ ହୋଇ ସାଧାରଣ ନରନାରୀ କିଭଳି ଆତ୍ମପ୍ରତିଷ୍ଠ ହୋଇ ପାରିବେ ସେ ସମ୍ପର୍କରେ ଶ୍ରୀଶ୍ରୀଠାକୁର ଏହି ପ୍ରେମିକଗୁରୁ ଗ୍ରନ୍ଥର ପରିଶିଷ୍ଟ ବା ଜୀବନ୍ମୁକ୍ତ ଖଣ୍ଡରେ ବିବିଧ ଉପଦେଶ ପ୍ରଦାନ କରିଛନ୍ତି ।

ଉପର୍ଯ୍ୟୁକ୍ତ ତତ୍ତ୍ୱାଲୋଚନାରୁ ଜଣାଯାଇଛି ଯେ, ପ୍ରେମ ବା ସୁଝପାଇବା ଭିତରେ ମହାଶକ୍ତି ନିହିତ । ତେଣୁ ଯେଉଁମାନେ ଭଗବାନଙ୍କ ପ୍ରତି ଅନୁରକ୍ତ, ସେମାନଙ୍କ ଭିତରେ ଅସାଧାରଣ ପ୍ରାଣବଳ ବିଦ୍ୟମାନ । ସେମାନେ ଭଗବାନଙ୍କ ନିମିତ୍ତ ସମସ୍ତ କରିପାରନ୍ତି । ତେଣୁ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କୁ ପ୍ରେମଗୁରୁ ବୋଲି ସ୍ୱୀକାର କରିଛନ୍ତି ।

ଶ୍ରୀକୃଷ୍ଣ ସ୍ୱୟଂ ଚିନ୍ମୟ ପୂର୍ଣ୍ଣତତ୍ତ୍ୱ ହୋଇ ମଧ୍ୟ ରାଧା-ପ୍ରେମରେ ବିଚଳିତ ହୋଇଥା'ନ୍ତି । ଭକ୍ତମାନଙ୍କର ଆକୁଳ ଆହ୍ୱାନରେ ନିର୍ବିଶେଷ ବ୍ରହ୍ମ ସାକାର ରୂପ ପରିଗ୍ରହ କରି ଭକ୍ତମାନଙ୍କ ସମ୍ମୁଖରେ ଆବିର୍ଭୂତ ହୋଇଥା'ନ୍ତି । ଭକ୍ତମାନେ ଏହି ଆକର୍ଷଣୀ-ଶକ୍ତି କେବଳ ଭଗବାନଙ୍କ ପ୍ରତି ସୁଝପାଇବା ହେତୁ ଲାଭ କରିଥା'ନ୍ତି । ପ୍ରକୃତ ପ୍ରେମ ଯେଉଁଠାରେ ବିଦ୍ୟମାନ, ସେଠାରେ ସମସ୍ତେ ବଶୀଭୂତ । ତେଣୁ ଧାର୍ମିକ ବା ପ୍ରେମିକ ଜାତିର କେବେହେଲେ କୌଣସି ଦିଗରୁ ଦୁର୍ବଳତା ଦେଖାଦେବ ନାହିଁ । ଧର୍ମ ହିଁ ଆଧ୍ୟାତ୍ମିକ ଅନୁଭୂତିର ବିଦ୍ୟୁତ୍ ପ୍ରବାହ । ପ୍ରେମିକ ଜାତି ଭିତରେ ମହାଶକ୍ତିଙ୍କର ଆବିର୍ଭାବ ସ୍ୱତଃ ହୋଇଥାଏ । ପ୍ରେମର ଅସାଧାରଣ ଶକ୍ତି ପ୍ରଭାବରେ ଶ୍ରୀମନ୍‌ମହାପ୍ରଭୁ ଗୌରାଙ୍ଗ-ଦେବ ଆଚଣ୍ଡାଳବ୍ରାହ୍ମଣ, ଧନୀ-ଦରିଦ୍ର, ପଣ୍ଡିତ-ମୂର୍ଖଙ୍କୁ ସମାନ ଭାବରେ

ପ୍ରେମାଲିଙ୍ଗନ କରି ସମସ୍ତଙ୍କ ସହିତ ଆନନ୍ଦରେ ନୃତ୍ୟ କରିପାରିଥିଲେ । ସୁଖ ପାଇବାର ଗୋଟିଏ ଅଦ୍ଭୁତ ଆକର୍ଷଣୀଶକ୍ତି ଅଛି । ସେହି ପ୍ରେମ-ଶକ୍ତି ନିକଟରେ ଭଗବାନ ସ୍ୱତନ୍ତ୍ର ହୋଇ ମଧ୍ୟ ପରତନ୍ତ୍ର । ଭକ୍ତମାନେ ଯାହାଙ୍କୁ ମନ-ପ୍ରାଣ ଦେଇ ସୁଖ ପାଇବେ, ତାଙ୍କର ଶକ୍ତି ଅଲକ୍ଷ୍ୟରେ ଭକ୍ତମାନଙ୍କ ଭିତରେ ସଞ୍ଚାରିତ ହୋଇଯିବ । ବିବେକାନନ୍ଦ କେବଳ ଶ୍ରୀରାମକୃଷ୍ଣଙ୍କୁ ସୁଖ ପାଇଥିଲେ ବୋଲି ତାଙ୍କ ଭିତରେ ଜଗଜ୍ଜୟ କରିବାର ଶକ୍ତି ଜାଗ୍ରତ ଓ ସଞ୍ଚାରିତ ହୋଇଥିଲି । ଏକମାତ୍ର ସୁଖ ପାଇବା ଫଳରେ ଅପରିର ଦୈବୀଶକ୍ତି ଭକ୍ତମାନଙ୍କ ଭିତରେ ସଞ୍ଚାରିତ ହୋଇଥାଏ । ଏହି ପ୍ରେମ ବା ସୁଖପାଇବାରୁ ତ୍ୟାଗଧର୍ମର ଉଦ୍ଭବ । ତେଣୁ ପ୍ରେମପ୍ରୀତି ହିଁ ସମସ୍ତ ଉନ୍ନତିର ମୂଳ । ପ୍ରେମ-ଭକ୍ତି ପ୍ରଭାବରେ ଅନ୍ତରରେ ଆଶ୍ଚର୍ଯ୍ୟ ଶକ୍ତିର ଉଦ୍ଭବ ହୁଏ । ଶ୍ରୀଶ୍ରୀଠାକୁର ଲେଖିଛନ୍ତି—"ଭଗବାନଙ୍କୁ ସୁଖ ପାଇ ତାଙ୍କର ଯେ କୌଣସି ଭାବକୁ ଆଶ୍ରୟ କରି ପ୍ରେମରେ ଜଗଦ୍‌ବାସୀଙ୍କୁ ନିଜର କରିନେବା ହିଁ ସାଧନାର ଅତି ଉନ୍ନତ ଅବସ୍ଥା । ଏହି ପ୍ରେମ ହିଁ ମହାଶକ୍ତିଙ୍କ ସ୍ୱରୂପ । ମା' ହେଉଛନ୍ତି ମହାଶକ୍ତି । ସେ ଅନନ୍ତକୋଟି ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରି ସାକ୍ଷୀ ଭାବରେ ସେସବୁର ଉପଲବ୍ଧି କରୁଛନ୍ତି; କିନ୍ତୁ ସେ ସୃଷ୍ଟବସ୍ତୁରେ ତୃପ୍ତ ହୋଇପାରନ୍ତି ନାହିଁ । ତେଣୁ ନିର୍ଗୁଣ ବୋଧର ନେତା ଶିବଙ୍କର ସେ ଅନୁରାଗିଣୀ । ଏହି ଶିବ ହିଁ ଜଗଦ୍‌ଗୁରୁ । ମହାଶକ୍ତି ପୁରୁଷ ଓ ନାରୀରୂପରେ ଜଗତରେ ବିକଶିତ ହୋଇଛନ୍ତି । ଭଗବାନ କେବଳ ସୁଖ ପାଇବା ବା ପ୍ରେମପ୍ରୀତି ବାଞ୍ଛା କରନ୍ତି । ସେ ପ୍ରେମ ବ୍ୟତୀତ ଅନ୍ୟ କିଛି ଆଶା କରନ୍ତି ନାହିଁ । ଭକ୍ତଙ୍କ ଅନ୍ତରରେ ସାମାନ୍ୟ କାମନା ବାସନା ଥିଲେ ସେ ସହଜଭାବରେ ଧରା ନ ଦେଇ ଆତ୍ମଗୋପନ କରି ରହନ୍ତି । ଯେତେବେଳେ ଜ୍ଞାନ ଓ ଯୋଗାଗ୍ନି ପ୍ରଭାବରେ ଅନ୍ତରର ମାଳିନ୍ୟ ଭସ୍ମୀଭୂତ ହୋଇଯାଏ ଏବଂ ବ୍ୟାକୁଳତାର ବନ୍ୟାରେ ମନର କାଳିମା ବିଧୌତ ହୁଏ, ସେତେବେଳେ ଭଗବାନଙ୍କର ଆବିର୍ଭାବ ଘଟେ । ସେହି ଆବିର୍ଭାବ ନିତ୍ୟ । ଏହି ଆତ୍ମା ପରମାତ୍ମାଙ୍କ ଯୋଗର ନାମ ରାସଲୀଳା । ଏହି ଲୀଳା ସ୍ଥୂଳ, ସୂକ୍ଷ୍ମ; କାରଣ ଜଗତରେ ନିତ୍ୟ ଚାଲିଅଛି । ସୂକ୍ଷ୍ମଲୀଳାକୁ ସ୍ଥୂଳରେ ଆସ୍ୱାଦନ କରିବାନିମିତ୍ତ

ଦ୍ୱାପରଯୁଗର ଶେଷ ସନ୍ଧ୍ୟାରେ ଋଷିମାନଙ୍କ ଆହ୍ୱାନରେ ପୂର୍ଣ୍ଣକାମ ଭଗବାନ ପୂର୍ଣ୍ଣ ରୂପରେ ଆବିର୍ଭୂତ ହୋଇଥିଲେ । ଯେଉଁ ଗୋପୀମାନେ ତାଙ୍କୁ ସ୍ଥୂଳରେ ପ୍ରାପ୍ତହୋଇ ଦର୍ଶନ, ସ୍ପର୍ଶନ, ଆଲିଙ୍ଗନ ଲଭ କରି ଧନ୍ୟ ହୋଇଥିଲେ, ସେମାନେ ସାମାନ୍ୟ ନାରୀ ନ ଥିଲେ । ଆପ୍ତକାମ ସିଦ୍ଧ ମୁନି ଋଷିମାନେ ବହୁ ଜନ୍ମର ଐକାନ୍ତିକ ତପସ୍ୟା ଫଳରେ ଭଗବାନଙ୍କ ବ୍ରଜଲୀଳାର ସହାୟକ ରୂପରେ ବ୍ରଜଗୋପୀମାନଙ୍କ ଦେହ ଧାରଣ କରିଥିଲେ । ସ୍ଥୂଳଭାବରେ ଭଗବାନଙ୍କୁ ଆସ୍ୱାଦନ କରିବା ସାଧନାର ଚରମ କଥା । ମୁନି ଋଷିମାନେ ତାଙ୍କୁ ସୂକ୍ଷ୍ମରେ ଉପଲବ୍ଧି କରି ମଧ୍ୟ ତୃପ୍ତି ଲଭ କରିପାରି ନଥିଲେ । ତେଣୁ ଭଗବାନଙ୍କୁ ସହଜଭାବରେ ଲଭ କରିବାନିମିତ୍ତ ସେମାନେ ମଧ୍ୟ ସହଜ ମନୁଷ୍ୟ ଅର୍ଥାତ୍ ଗୋପାଙ୍ଗନାଭାବରେ ଆବିର୍ଭୂତ ହୋଇଥିଲେ । ପ୍ରେମଭକ୍ତି-ସାଧକ ମାନଙ୍କର ଗୋପୀ ହିଁ ଆଦର୍ଶସ୍ଥାନୀୟା । ଗୋପୀମାନଙ୍କର ଭାବ ସେମାନଙ୍କର ସାଧ୍ୟ । ଗୋପୀମାନଙ୍କ ହୃଦୟର ବ୍ୟାକୁଳତା, ଗୋପୀମାନଙ୍କର ସଂସାର-ବିରକ୍ତି, ସେମାନଙ୍କର ଭଗବତ୍‌ପ୍ରୀତି—ଏ ସମସ୍ତ ପ୍ରତ୍ୟେକ ସାଧକଙ୍କର ଅନୁକରଣୀୟ । ଗୋପୀଭାବ ହିଁ ଶ୍ରୀକୃଷ୍ଣଚରଣର ଅଚ୍ଛେଦ୍ୟ ଶୃଙ୍ଖଳ । ଯେ ଏହାର ଅଧିକାରୀ ତାଙ୍କ ହୃଦୟରେ ଭଗବାନ୍ ଚିରବନ୍ଦୀ ।

ରାସଲୀଳାର ପ୍ରକୃତ ତାତ୍ପର୍ଯ୍ୟ ଅବଗତ ନ ହୋଇ ଅନେକେ ଏହାର ନାନାବିଧ ବିରୁଦ୍ଧ ସମାଲୋଚନା କରିଥାନ୍ତି । 'ଶ୍ରୀକୃଷ୍ଣ ଯଦି ପୂର୍ଣ୍ଣ ଭଗବାନ, ତେବେ ଏପରି ବ୍ୟଭିଚାର କଲେ କାହିଁକି ? ତେବେ ତାଙ୍କଠାରୁ ଆମେ କେଉଁ ଆଦର୍ଶ ଶିକ୍ଷା କରିବା ?' ଏହା ଜିଜ୍ଞାସୁ ପ୍ରାଣର ସରଳ ଅଭିବ୍ୟକ୍ତି ହୋଇପାରେ । କିନ୍ତୁ ରାସଲୀଳା ଯେ କାମଜୟୀ ପୁରୁଷଙ୍କର ଲୀଳା, ଯାହାର ତାତ୍ପର୍ଯ୍ୟ ଅବଗତ ହେଲେ ପ୍ରାକୃତ ନରନାରୀଙ୍କର ମଧ୍ୟ କାମ-ବାସନା ତୃପ୍ତ ହୋଇ ଇନ୍ଦ୍ରିୟସଂଯମ ହୋଇଥାଏ । ରାସଲୀଳା ହେଉଛି ପ୍ରେମଲୀଳା । ତେଜସ୍ୱୀନ ପୁରୁଷଙ୍କ ବ୍ୟତୀତ ଅନ୍ୟର ଏଥିରେ ଅଧିକାର ନାହିଁ । ରାସଲୀଳାରେ ଶ୍ରୀକୃଷ୍ଣଙ୍କ ସଂଯମଶକ୍ତିର ଯେଉଁଳି ନିଦର୍ଶନ ମିଳେ ସେଥିରୁ ପ୍ରମାଣିତ ହୁଏ ଯେ ସେ ଜଣେ ମହାଶକ୍ତିଧର ପୁରୁଷ ଥିଲେ । ରାସକ୍ରୀଡ଼ା ବର୍ଣ୍ଣନାରେ ଅଛି—

"ଏବଂ ଶଶାଙ୍କାଂଶୁ ବିରାଜିତା ନିଶାଃ ସ ସତ୍ୟକାମୋଽନୁରତା ବଲାଗଣଃ ।
ସଖ୍ୟେବ ଆତ୍ମନ୍ୟବରୁଦ୍ଧ ସୌରତଃ ସର୍ବାଃ ଶରତ୍କାବ୍ୟ କଥାରସାଶ୍ରୟାଃ ॥"

ସତ୍ୟସଙ୍କଳ୍ପ ଭଗବାନ ଅନୁରାଗିଣୀ ସଖୀମାନଙ୍କଦ୍ୱାରା ପରିବେଷ୍ଟିତ ହୋଇ ଶାରଦୀୟ ପୂର୍ଣ୍ଣିମା-ନିଶୀଥରେ କାମଜୟପୂର୍ବକ ଲୀଳା କରିଥିଲେ । ଟୀକାକାର ଶ୍ରୀଧରସ୍ୱାମୀ ଲେଖିଛନ୍ତି —"ଏବମପ୍ୟାତ୍ମନେବ ଅବରୁଦ୍ଧସୌରତଃ ଚରମଧାତୁଃ ନ ତୁ ସ୍ଖଳିତୋ ଯସ୍ୟେତି କାମଜୟୋକ୍ତିଃ ।"

ଭଗବାନ ଏପରି ଯୁବତୀବୃନ୍ଦଙ୍କ ସହ କ୍ରୀଡ଼ା କଲେ ମଧ୍ୟ ତାଙ୍କର ଚରମ ଧାତୁ ଅବରୁଦ୍ଧଥିଲା । ତେଣୁ ସେ କିଭଳି ଶକ୍ତିଧର ପୁରୁଷ ଥିଲେ, ତାହା ସହଜରେ ଅନୁମେୟ । କାମକୁ ଜୟ କରିଥିଲେ ବୋଲି ସେହି ଲୀଳା ସାର୍ଥକ ଏବଂ ଆଦର୍ଶସ୍ଥାନୀୟ ହୋଇଥିଲା । ଯେ କାମକୁ ଜୟ କରିପାରନ୍ତି ତାଙ୍କୁ ତେଜସ୍ୱୀନ ପୁରୁଷ କୁହାଯାଏ । ଭୋଗ୍ୟବସ୍ତୁ ସମ୍ମୁଖରେ ରଖି ଯେ ନିର୍ବିକାର ଭାବରେ ଅବସ୍ଥାନ କରିପାରନ୍ତି, ତାଙ୍କୁ ହିଁ ସହଜ ମନୁଷ୍ୟ ଆଖ୍ୟା ଦିଆଯାଏ ତେଣୁ ରାସଲୀଳା ନିବୃତ୍ତିଲୀଳାର ଅନ୍ତର୍ଗତ ।

କେବଳ ଜ୍ଞାନଲାଭ ଜୀବନର ଏକମାତ୍ର ଲକ୍ଷ୍ୟ ନୁହେଁ; ଜ୍ଞାନସହିତ ପ୍ରେମର ଯୋଗ ନହେଲେ ଜୀବନରେ ପୂର୍ଣ୍ଣତା ଆସେ ନାହିଁ । ବ୍ରହ୍ମଜ୍ଞାନର ଅଟଳ ଭିତ୍ତି ଉପରେ ପ୍ରେମର ସୌଧ ଗଠିତ ନ ହେଲେ ଜୀବନ ମଧୁମୟ ହେବ ନାହିଁ । ନୀରସ ଜ୍ଞାନଚର୍ଚ୍ଚାରେ ଯେତେବେଳେ ଦେଶବାସୀଙ୍କ ହୃଦୟ ଶୁଷ୍କ ହୋଇଗଲା, ସେତେବେଳେ ତୃଷାତୁର କଣ୍ଠରେ ପ୍ରେମରଧାରା ବର୍ଷଣ ନିମିତ୍ତ ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗଦେବଙ୍କର ଆବିର୍ଭାବ ହେଲା । ତାଙ୍କ ପ୍ରଭାବରେ ଅହଂଜ୍ଞାନବିଶିଷ୍ଟ ସୋଽହଂବାଦୀମାନଙ୍କର ଅନୁଭୂତିଶୂନ୍ୟ ଜ୍ଞାନ-ପ୍ରେମ ପ୍ଲାବନରେ ଭାସିଗଲା । ସେ ସାଧ୍ୟ-ସାଧନନିର୍ଣ୍ଣୟ ଓ ହରିନାମ-ସଂକୀର୍ତ୍ତନ ପ୍ରବର୍ତ୍ତନ କରି ଧର୍ମ-ଜଗତରେ ପ୍ରବେଶର ଅପୂର୍ବ ପନ୍ଥା ପ୍ରକଟିତ କଲେ । ଯେଉଁ ନାମରେ ଉଦ୍ଧାର ପାଇବାକୁ ହୁଏ, ତାହା ହିଁ ହରିନାମ । ବ୍ରାହ୍ମଣ-ମାନଙ୍କର ଗାୟତ୍ରୀ ମନ୍ତ୍ର ମଧ୍ୟ ହରିନାମ ମଧ୍ୟରେ ଗଣ୍ୟ ।

ଆମ ଦେଶ ପ୍ରେମର ଦେଶ । ଏହି ପ୍ରେମ-ଭକ୍ତି-ପଥର ସାଧନାରେ ଦେଶବାସୀ ଯେତେ ସହଜରେ ସିଦ୍ଧିଲାଭ କରିପାରିବେ ଅନ୍ୟକୌଣସି

ସାଧନାରେ ସେତେ ସହଜରେ ସିଦ୍ଧ ଲାଭ ହୋଇପାରିବ ନାହିଁ । ଏ ଦେଶର ମନୁଷ୍ୟ ମାନେ ପ୍ରେମ ଉପାଦାନରେ ଗଠିତ । ଏଦେଶର ଜଳ, ସ୍ଥଳ, ଆକାଶରେ ପ୍ରେମଭକ୍ତି ପରିପୂର୍ଣ୍ଣ ଭାବରେ ବିଦ୍ୟମାନ । ତେଣୁ ପ୍ରେମ ହିଁ ଆମ ଦେଶବାସୀଙ୍କର ସାଧନା ଏବଂ ପ୍ରେମ ହିଁ ସାଧ୍ୟ । ଏଥିପାଇଁ ଭାରତର ନାନା ସ୍ଥାନରେ ଜ୍ଞାନକର୍ମର ଅବତାର ଆବିର୍ଭୂତ ହୋଇଥିବା ସ୍ଥଳେ ଆମ ଦେଶରେ ପ୍ରେମର ଠାକୁର ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗଦେବ ଅବତୀର୍ଣ୍ଣ ହୋଇଥିଲେ । ତେଣୁ ପ୍ରେମ ହିଁ ଆମର ନିଜସ୍ୱ । କର୍ମ, ଜ୍ଞାନ ଓ ଭକ୍ତିର ସମନ୍ୱୟୀ ପନ୍ଥାରେ ଚାଲିଲେ ଏହି ପ୍ରେମ ଲାଭ ହୋଇଥାଏ । ଏହି ତ୍ରୟର ସମନ୍ୱୟ ହିଁ ପ୍ରେମ ଭକ୍ତିଲାଭର ନିର୍ଦ୍ଦିଷ୍ଟ ପନ୍ଥା । ଅନାସକ୍ତ ଭାବରେ ଶ୍ରୀଗୁରୁଦେବଙ୍କ ଉଦ୍ଦେଶ୍ୟରେ କର୍ମ କରିବା ହିଁ ସାଧନା । ଏହି ପନ୍ଥାରେ ଚାଲିଲେ କ୍ରମେ ବୁଝିପାରିବ ଯେ ଏହି କର୍ମ ମଧ୍ୟରେ କିଭଳି ଜ୍ଞାନ ଓ ଭକ୍ତି ନିହିତ ଅଛି । ଏହି ଜ୍ଞାନ-ଭକ୍ତିର ପରିପକ୍ୱ ଅବସ୍ଥା ହିଁ ପ୍ରେମ ।

ଭାରତର ଚିରବହମାନ ସନାତନ ଧର୍ମର ଶେଷ ପରିଣତି ଶ୍ରୀଚୈତନ୍ୟ-ଦେବଙ୍କଠାରେ ହିଁ ସଂଘଟିତ ହେଲା । ଋଷିଯୁଗରେ ଥିଲା ଶିଶୁ-ସରଳ ଉଦାରପ୍ରାଣରେ ଆନନ୍ଦର ବିକାଶ । ଶ୍ରୀକୃଷ୍ଣଙ୍କଯୁଗରେ ଦେଖିବାକୁ ମିଳିଲା ଯୌବନାସକ୍ତିର ଦୁଃସହ ପ୍ରକାଶ । ଶ୍ରୀବୁଦ୍ଧଦେବଙ୍କଠାରେ ଦେଖିବାକୁ ମିଳିଲା ଯୌବନ-ପ୍ରୌଢ଼ର ଅଚଞ୍ଚଳ ଆକର୍ଷଣ । ଏହାପରେ ଭଗବାନ ଶଙ୍କରାଚାର୍ଯ୍ୟ-ଙ୍କଠାରେ ପ୍ରୌଢ଼ର ଆତ୍ମଜ୍ଞାନ ଲାଭ । ତାହାପରେ ଶ୍ରୀଗୌରାଙ୍ଗଦେବଙ୍କଠାରେ ଦେଖିବାକୁ ମିଳିଲା ପ୍ରେମପ୍ରାପ୍ତି ଓ ଆନନ୍ଦବିଳାସ । ଭାରତ ବର୍ତ୍ତମାନ ବୃଦ୍ଧ । ଶିଶୁର ସରଳ ପ୍ରାଣ, କିଶୋରର ସହଜ ସରଳ ଆନନ୍ଦ, ଯୁବକର କର୍ମୋଦ୍ୟମ, ପ୍ରୌଢ଼ର ଜ୍ଞାନକୁ ଅତିକ୍ରମ କରି ଭାରତର ଅନ୍ତର ବର୍ତ୍ତମାନ ବିଶ୍ୱପ୍ରେମରେ ପରିପୂର୍ଣ୍ଣ । ତେଣୁ ସବୁ ବିଷୟରେ ପୂର୍ଣ୍ଣ ଭାରତ ବର୍ତ୍ତମାନ ଜଗତର ଧର୍ମଗୁରୁ ଆସନରେ ପ୍ରତିଷ୍ଠିତ । ଜ୍ଞାନ ପ୍ରେମ ଭାରତର ନିଜ ସମ୍ପଦ । ଆଜି ଭାରତବାସୀଙ୍କୁ ସେହି ସମ୍ପଦର ଅଧିକାରୀ ହେବାକୁ ପଡ଼ିବ । ଶ୍ରୀମନ୍-ମହାପ୍ରଭୁ ଗୌରାଙ୍ଗଦେବ ହୃଦୟରେ ଜ୍ଞାନର ବହ୍ନି ପ୍ରଜ୍ୱଳିତ କରି ଦେଶକୁ

ଧିଯପର ପ୍ରେମବନ୍ୟାରେ ପ୍ଲାବିତ କରିଥିଲେ, ପ୍ରତ୍ୟେକଙ୍କ ଜୀବନରେ ସେହି ଆଦର୍ଶକୁ କିଭଳି ସେହିଭାବରେ ଫୁଟାଇବାକୁ ପଡ଼ିବ, ଶ୍ରୀଶ୍ରୀଠାକୁର ଏହି ଗ୍ରନ୍ଥରେ ତାହାର ପନ୍ଥା ନିରୂପଣ କରିଛନ୍ତି ।

ଯେତେ ପ୍ରକାର ସାଧନାଙ୍ଗ ପ୍ରଚଳିତ ଅଛି, ସେଗୁଡ଼ିକ ମଧ୍ୟରେ ନବଧାଭକ୍ତି ଓ ନାମକୀର୍ତ୍ତନ ହିଁ ଶ୍ରେଷ୍ଠ । ଶ୍ରବଣ-କୀର୍ତ୍ତନାଦି ନିଷ୍ଠିପୂର୍ଣ୍ଣ ହୋଇପାରେ; ମାତ୍ର ନାମ ସ୍ୱୟଂପୂର୍ଣ୍ଣ । ନାମ ଓ ନାମୀ ଅଭିନ୍ନ । ତେଣୁ ନାମକୀର୍ତ୍ତନ ସ୍ୱୟଂପୂର୍ଣ୍ଣ । ନାମ ହିଁ କଳିର ଯୁଗଧର୍ମ । ତାଙ୍କ ପ୍ରୀତିନିମିତ୍ତ ନାମକୀର୍ତ୍ତନ ଅବଶ୍ୟ କର୍ତ୍ତବ୍ୟ । ଏହି କଳିଯୁଗର ବିଶେଷତ୍ୱ ହେଉଛି ଯେ, ସ୍ୱୟଂ ଭଗବାନ୍ ଗୌରାଙ୍ଗରୂପରେ ଅବତୀର୍ଣ୍ଣ ହୋଇ ନାମକୀର୍ତ୍ତନର ଅଧିକାର ସମସ୍ତଙ୍କୁ ପ୍ରଦାନ କରିଛନ୍ତି । ଏଥିପାଇଁ ଉପଯୁକ୍ତ ଗୁରୁଙ୍କ ଉପଦେଶ ଅନୁସାରେ ଅପରାଧ ବର୍ଜ୍ଜନ ପୂର୍ବକ ନାମ ଭଜନ କଲେ ପ୍ରେମଭକ୍ତି ଲାଭ ହୋଇଥାଏ । ଯେ ଶ୍ରୀକୃଷ୍ଣଙ୍କ ତତ୍ତ୍ୱ ଜାଣନ୍ତି, ତାଙ୍କୁ ହିଁ ଗୁରୁପଦରେ ବରଣ କରି ପ୍ରେମ ଭକ୍ତିର ସାଧନାରେ ବ୍ରତୀ ହେବା ବିଧେୟ । 'ପ୍ରେମିକଗୁରୁ' ଗ୍ରନ୍ଥ ପ୍ରଣେତା ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସଦେବ କିଭଳି ଗୁରୁକୃପାରୁ ଏହି ପ୍ରେମଭକ୍ତି ଲାଭ କରି ପ୍ରେମିକଗୁରୁ ଭାବରେ ପ୍ରତିଷ୍ଠିତ ହେଲେ, ଏଠାରେ ତାହାର ଆଭାସ ପ୍ରଦାନ କରିବା ଅପ୍ରାସଙ୍ଗିକ ହେବ ନାହିଁ ।

ପ୍ରେମିକଗୁରୁ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ

ଅବିଭକ୍ତ ବଙ୍ଗଦେଶର ନଦୀୟା ଜିଲ୍ଲା । ସେହି ଜିଲ୍ଲାର ଯେଉଁ ନବଦ୍ୱୀପ-ଧାମରେ ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗଦେବ ଅବତୀର୍ଣ୍ଣ ହୋଇଥିଲେ, ସେହି ନବଦ୍ୱୀପଧାମର ନିକଟବର୍ତ୍ତୀ ମେହେରପୁର ମହକୁମାର କୁତବପୁର ଗ୍ରାମରେ ଭୁବନମୋହନ ଭଟ୍ଟାଚାର୍ଯ୍ୟ ନାମକ ଜଣେ ନିଷ୍ଠାପର ବ୍ରାହ୍ମଣ ବାସ କରୁଥିଲେ । ସଂସାରରେ ତାଙ୍କର କୌଣସି ଅଭାବ ନ ଥିଲା । ଗୃହିଣୀ ଯୋଗେନ୍ଦ୍ର ମୋହିନୀ (ଡାକନାମ ମାଣିକ୍ୟ ସୁନ୍ଦରୀ) ସାକ୍ଷାତ୍ ଅନ୍ନପୂର୍ଣ୍ଣା ସଦୃଶା ଥିଲେ । ତାଙ୍କ ଦ୍ୱାରରୁ ରିକ୍ତହସ୍ତରେ କେହି ଫେରୁନଥିଲେ । ଭଟ୍ଟାଚାର୍ଯ୍ୟ ପରିବାର ଶାକ୍ତଧର୍ମାବଲମ୍ବୀ

ଥିଲେ ଏବଂ ପୁତ୍ରସନ୍ତାନନିମିତ୍ତ ମହାମାୟାଙ୍କ ନିକଟରେ ସର୍ବଦା ପ୍ରାର୍ଥନା କରୁଥିଲେ ।

୧୨୮୭ ସାଲ ଶ୍ରାବଣ ପୂର୍ଣ୍ଣିମା ଗୁରୁବାର ରାତ୍ରିରେ ଶ୍ୱଶୁରାଳୟ ରାଧାକାନ୍ତପୁରରେ ଭଟ୍ଟାଚାର୍ଯ୍ୟ ମହାଶୟଙ୍କର ଗୋଟିଏ ପୁତ୍ରସନ୍ତାନ ଜାତ ହେଲା । ଭଟ୍ଟାଚାର୍ଯ୍ୟ ମହାଶୟ ସେହି ପୁତ୍ରର ନାମ ଦେଲେ ନଳିନୀକାନ୍ତ । ନଳିନୀ ଶବ୍ଦର ଅର୍ଥ ପଦ୍ମ । ସୂର୍ଯ୍ୟଙ୍କ କିରଣପାତ ଫଳରେ ପଦ୍ମ ପ୍ରସ୍ଫୁଟିତ ହୋଇଉଠେ । ଏଥିପାଇଁ ସୂର୍ଯ୍ୟଙ୍କ ନାମ ନଳିନୀକାନ୍ତ ଅର୍ଥାତ ସୂର୍ଯ୍ୟଦେବ, ପଦ୍ମର କାନ୍ତ ବା ବନ୍ଧୁ । ଏହି ନାମରୁ ହିଁ ସୂର୍ଯ୍ୟଦେବଙ୍କର ସ୍ନିଗ୍ଧ କରୁଣା ଓ ପ୍ରେମର ପରିଚୟ ମିଳେ । ନବଜାତଶିଶୁକୁ ଯେତେବେଳେ ଭୁବନମୋହନ ନଳିନୀକାନ୍ତ ନାମ ପ୍ରଦାନ କଲେ, ସେତେବେଳେ ସେ କେବେ କଳ୍ପନା କରିପାରି ନ ଥିଲେ ଯେ ଏହି ନାମର ପ୍ରକୃତ ଅର୍ଥ ତାଙ୍କ ପୁତ୍ରର ଭବିଷ୍ୟତ ଜୀବନରେ ଦିନେ ସତ୍ୟରେ ପରିଣତ ହେବ । ତାଙ୍କର ଏହି ଶିଶୁପୁତ୍ର ଜ୍ଞାନପ୍ରଭା ବିସ୍ତାର କରି ଦିନେ ସୂର୍ଯ୍ୟଙ୍କପରି ପ୍ରକାଶିତ ହୋଇ ଗୁରୁ ନିଗମାନନ୍ଦ ଭାବରେ ପାପପଙ୍କିଳ ଶତ-ଶତ ମର୍ତ୍ତ୍ୟପ୍ରାଣୀକୁ ଜ୍ଞାନାଲୋକ ପ୍ରଦାନକରି ପ୍ରସ୍ଫୁଟିତ ଓ ଆନନ୍ଦିତ କରିବ । ତାଙ୍କର ଦିବ୍ୟ ନିୟତି ଏହି 'ନଳିନୀକାନ୍ତ' ନାମ ମଧ୍ୟରେ ଲୁକ୍କାୟିତ ଥିଲା ।

ବାଲ୍ୟକାଳରୁ ନଳିନୀକାନ୍ତ ସମସ୍ତ ପ୍ରତିବେଶୀଙ୍କ ଓ ପ୍ରତିବେଶୀମାନେ ନଳିନୀକାନ୍ତଙ୍କ ଆପଣା ଜ୍ଞାନରେ ଅତିଶୟ ସୁଖ ପାଉଥିଲେ । ମା ଯୋଗେନ୍ଦ୍ର ମୋହିନୀ ଜଣେ ତେଜସ୍ୱିନୀ ମହିଳା ଥିଲେ ମଧ୍ୟ ନଳିନୀକାନ୍ତଙ୍କୁ ଅତି ସ୍ନେହ ଓ ଆଦର କରୁଥିଲେ । ନଳିନୀକାନ୍ତ ଗ୍ରାମ୍ୟ ପାଠଶାଳାର ପାଠ୍ୟ ଶେଷକରି ବିଦ୍ୟାଶିକ୍ଷାନିମିତ୍ତ ଦିଗପ୍ୟାପୁର ଇଂରାଜୀବିଦ୍ୟାଳୟକୁ ଗମନ କଲେ । ନଳିନୀକାନ୍ତ ବାଲ୍ୟକାଳରୁ ଯାତ୍ରା, ଅଭିନୟ ଓ ସଙ୍ଗୀତପ୍ରିୟ ଥିଲେ । ଯାତ୍ରାଭିନୟରେ ଶିବଗୃହିଣୀ ସତୀଙ୍କପ୍ରତି ତାଙ୍କର ବିଶେଷ ଶ୍ରଦ୍ଧା ପରିଦୃଷ୍ଟ ହେଉଥିଲା ନବମ ବର୍ଷରେ ସେ ଚଣ୍ଡୀମଣ୍ଡପରେ ତ୍ରିଦୀପହସ୍ତରେ ଉପସ୍ଥିତ ହୋଇ ଦେବୀଙ୍କର ସାକ୍ଷାତ୍ ଦର୍ଶନ ଲାଭ କରିଥିଲେ । ଏକାଦଶ ବର୍ଷ ବୟସରେ

ତାଙ୍କର ଉପନୟନ ସଂସ୍କାର ସମ୍ପନ୍ନ ହେଲା । ଉପନୟନ ପରଠାରୁ ସେ ନିୟମିତ ସନ୍ଧ୍ୟାହ୍ନିକ ପ୍ରଭୃତି ନିତ୍ୟକର୍ମରେ ମନୋନିବେଶ କଲେ ଏବଂ ସୁବିଧା ସୁଯୋଗ ପାଇଲେ ଧର୍ମପୁସ୍ତକାଦି ମଧ୍ୟ ପାଠ କରିବାକୁ ଲାଗିଲେ । ମା ଯୋଗେନ୍ଦ୍ର ମୋହିନୀ ମାତୃଭାବର ସାକ୍ଷାତ୍ ପ୍ରତିମୂର୍ତ୍ତି ଥିଲେ । ସେ ନଳିନୀକାନ୍ତଙ୍କ ଜାତକରୁ ଜାଣିଥିଲେ ଯେ ଭବିଷ୍ୟତରେ ପୁତ୍ରର ସନ୍ନ୍ୟାସୀ ହେବାର ଯୋଗ ଅଛି । ଏହି ଚିନ୍ତାରେ ସେ ସର୍ବଦା ଚିନ୍ତିତା ଥିଲେ । ତେଣୁ ବାଲ୍ୟକାଳରୁ ତାଙ୍କର ଧର୍ମାନୁରାଗ ଦର୍ଶନ କରି ମା ଅତିଶୟ ବିଚଳିତ ହୋଇପଡ଼ିଲେ । ଏଥିପାଇଁ ପିତା ଭୁବନମୋହନ ସୁପାତ୍ରୀ ଅନୁସନ୍ଧାନ କରି ଅଳ୍ପ ବୟସରୁ ପୁତ୍ରକୁ ବିବାହ ଦେବାପାଇଁ ମନସ୍ଥ କଲେ । ଏହି ସମୟରେ ହଠାତ୍ ଯୋଗେନ୍ଦ୍ରମୋହିନୀ ଦେବୀ ବିସୂଚିକା ରୋଗରେ ପ୍ରାଣତ୍ୟାଗ କଲେ । ସେତେବେଳେ ନଳିନୀକାନ୍ତ ମାତୁଳାଳୟ ରାଧାକାନ୍ତ ପୁରରେ ଥିବାରୁ ଜନନୀ ତାଙ୍କର ଶେଷ ସାକ୍ଷାତ୍ ଲାଭ କରିପାରିଲେ ନାହିଁ । ମୃତ୍ୟୁସମୟରେ ନଳିନୀକାନ୍ତଙ୍କୁ ନ ଦେଖି ମା ସମସ୍ତଙ୍କୁ ଡାକି କହିଲେ— "ନଳିନୀକୁ କହିବ, ମୁଁ ତାକୁ ଜଗନ୍ମାତାଙ୍କ ହସ୍ତରେ ସମର୍ପଣ କରି ଦେଇ ଗଲି । ସେ ଆଜୀବନ ନଳିନୀକୁ ରକ୍ଷାକରିବେ ।" ମାତୁଳାଳୟରୁ ଫେରି ମା'ଙ୍କର ଏହି ଆଶୀର୍ବାଦ ଶ୍ରବଣ କରି ନଳିନୀକାନ୍ତ ମନେକଲେ 'ସତେ କ'ଣ ଏ ଜଗତରେ ଜଗନ୍ମାତା ବୋଲି କିଏ ଜଣେ ଅଛନ୍ତି ? ସନ୍ତାନର ଦୁଃଖ ଦେଖିଲେ ଜନନୀ ଯେପରି ଆକୁଳ ହୋଇ ତାହାର ପ୍ରତିକାର କରିବାକୁ ତତ୍ପର ହୁଅନ୍ତି, ସେହି ଜଗନ୍ମାତା କ'ଣ ତାଙ୍କ ପୁତ୍ରମାନଙ୍କୁ ସେହିପରି ସୁଖ ପାଆନ୍ତି ?"

କିନ୍ତୁ ମା'ଙ୍କ କଥା ତ ମିଥ୍ୟା ହେବାର ନୁହେଁ । ଏହି କାରଣରୁ ସେ ସରଳଭାବରେ ମା'ଙ୍କ କଥାକୁ ବିଶ୍ୱାସ କରି ଭଗବତୀଙ୍କୁ ମାତୃମୂର୍ତ୍ତିରେ ଦର୍ଶନ ଦେବାକୁ ବ୍ୟାକୁଳଭାବରେ ବାରମ୍ବାର ପ୍ରାର୍ଥନା କଲେ; ମାତ୍ର ଯେତେ କାତରପ୍ରାର୍ଥନା କଲେ ମଧ୍ୟ ମା'ଙ୍କର ଦର୍ଶନ ଲାଭ ହେଲା ନାହିଁ । ଏହିପରି ନିରାଶ ହୋଇ ସେ ମନେ କଲେ "ସମ୍ଭବତଃ ଭଗବାନ୍ ବା ଜଗନ୍ମାତାଙ୍କସହିତ ଜୀବର ସେପରି ଘନିଷ୍ଠ ସମ୍ପର୍କ ନାହିଁ, କାରଣ ଜଗନ୍ମାତା ହେଲେ

ସମସ୍ତଙ୍କର ମା । ଜନନୀଠାରୁ ମଧ୍ୟ ସେ ଅତି ଆପଣାର—ଏକଥା ସତ୍ୟ । ମା ମଧ୍ୟ ମୋତେ ତାଙ୍କୁ ସମର୍ପଣ କରିଦେଇଗଲେ । ମୁଁ ମାତୃହରା ହୋଇ ତାଙ୍କୁ ଡାକୁଛି । ସେ ନିଶ୍ଚୟ ମୋତେ ଦେଖାଦେବାର କଥା ।" କିନ୍ତୁ ଯେତେ ପ୍ରକାରେ ଡାକିଲେ ସୁଦ୍ଧା ସେ ସ୍ୱପ୍ନରେ ହେଲେ ତାଙ୍କର ଦର୍ଶନ ପାଇଲେ ନାହିଁ । ତେଣୁ ସେ ଭଗବାନ୍‌ଙ୍କ ସମ୍ବନ୍ଧରେ ଏକପ୍ରକାର ନାସ୍ତିକ ଧାରଣା ପୋଷଣ କଲେ । ସେ ମନେ କଲେ, ଭଗବାନ୍ କର୍ମଫଳଦାତା । ସେ ସାଧୁମାନଙ୍କୁ ପୁରସ୍କୃତ ଓ ଅସାଧୁମାନଙ୍କୁ ଦଣ୍ଡବିଧାନ କରନ୍ତି । ତାଙ୍କ ସହିତ ମାନବର ଅନ୍ୟ କିଛି ସମ୍ପର୍କ ନାହିଁ । ତେଣୁ ପୂଜାପାଠ, ସ୍ମରଣ, ମନନ ଅପେକ୍ଷା ଆଦର୍ଶମାନବ ହୋଇ ଦେଶ ଓ ସମାଜର ସେବା କରିବା ହିଁ ମାନବର ଲକ୍ଷ୍ୟ ହେବା ଉଚିତ । ମା'ଙ୍କ ମୃତ୍ୟୁପରେ ତାଙ୍କର ଚପଳତା କମିଗଲା । ସେ ମନେକଲେ, ପରୋପକାର, ସତ୍ୟନିଷ୍ଠା, ଚରିତ୍ରରକ୍ଷା, ପରିଶ୍ରମ କରି କର୍ତ୍ତବ୍ୟନିଷ୍ଠ ହେବା ହିଁ ପରମଧର୍ମ । କ୍ରମେ ସେ ଚରିତ୍ରବାନ୍ ଓ ସେବାପରାୟଣ ହେଲେ ମଧ୍ୟ ଦେବତା ଓ ସାଧୁସନ୍ନ୍ୟାସୀଙ୍କପ୍ରତି ବୀତଶ୍ରଦ୍ଧ ହୋଇପଡ଼ିଲେ । ସାଧୁସନ୍ନ୍ୟାସୀ ବାବାଜୀବୈଷ୍ଣବଙ୍କୁ ଦେଖିଲେ ସେ ବିରାଗାନ୍ୱିତ ହେଉଥିଲେ । ତାଙ୍କର ଧାରଣା ହେଲା ଯେ ଏମାନେ କର୍ମବିମୁଖ ଓ ଶ୍ରମଭୀରୁ ହୋଇ ଭେକଧାରଣ କରି ସମାଜ ଲୋକଙ୍କୁ ଠକି ଜୀବନ ଧାରଣ କରୁଛନ୍ତି । ସାଧୁସନ୍ନ୍ୟାସୀ ଓ ଦେବତାଙ୍କ ପ୍ରତି ଭକ୍ତି ନଥିଲେ ମଧ୍ୟ ସେ ସମାଜସେବାରେ ବିଶେଷ ତତ୍ପର ହେଲେ । ତେଣୁ ସମସ୍ତେ ତାଙ୍କୁ ହୃଦୟବାନ୍ ନ୍ୟାୟନିଷ୍ଠ ଓ ସତ୍ୟନିଷ୍ଠ ବୋଲି ବିଶେଷ ଶ୍ରଦ୍ଧା କରିବାକୁ ଲାଗିଲେ । କିଶୋର ବୟସରେ ପଦାର୍ପଣ କରି ଧର୍ମ ସମ୍ବନ୍ଧରେ ନାସ୍ତିକଭାବ ପୋଷଣ କଲେ ମଧ୍ୟ ସେ ସଦା ହାସ୍ୟମୟ, ସଦାନନ୍ଦମୟ ଓ ପରିହାସପ୍ରିୟ ଥିଲେ । ଗୀତ, ବାଦ୍ୟ ଓ ଅଭିନୟ ପ୍ରତି ତାଙ୍କର ବିଶେଷ ଅନୁରାଗ ଥିଲା । ମୁହଁରେ ଦେବଦେବୀଙ୍କୁ ବିଶ୍ୱାସ କରୁ ନଥିଲେ ମଧ୍ୟ ଭକ୍ତିରସାତ୍ମକ ସଙ୍ଗୀତ ଶୁଣିବା କ୍ଷଣି ସେ ମୁଗ୍ଧ ହୋଇଯାଉଥିଲେ । ବାଲ୍ୟକାଳରେ ସେ ଗୋଟିଏ ସାଧକ-ସଙ୍ଗୀତ ଗାନ କରୁଥିଲେ—ତାହାର ମର୍ମ ହେଉଛି—

"କେବେ ହେବ ମୋର ସେ ପ୍ରେମ ସଞ୍ଚାର
ହେବ ପୂର୍ଣ୍ଣକାମ ଗାଇ ହରିନାମ
ନୟନୁଁ ବହିବ ପ୍ରେମ- ଅଶ୍ରୁଧାର ।"···ଇତ୍ୟାଦି

ନଳିନୀକାନ୍ତ ଯେତେବେଳେ ଗୋପୀଯନ୍ତ୍ରଦ୍ୱାରା ଭକ୍ତିମୂଳକ ସଙ୍ଗୀତଟିକୁ ସୁସ୍ୱରରେ ଗାୟନ କରୁଥିଲେ, ସେତେବେଳେ ଶ୍ରୋତାମାନେ ତାଙ୍କୁ ଅଜସ୍ର ଧନ୍ୟବାଦ ଅର୍ପଣ କରୁଥିଲେ । ମେହେରପୁର ଉଚ୍ଚବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ନଳିନୀକାନ୍ତ ଢାକା ସର୍ଭେ ସ୍କୁଲରେ ଅଧ୍ୟୟନ କଲେ । ଇତିମଧ୍ୟରେ ସତର ବର୍ଷ ବୟସରେ ପିତା ଭୁବନମୋହନ ନଳିନୀକାନ୍ତଙ୍କୁ ବିବାହ ଦେବାର ସ୍ଥିରକଲେ । ଚବିଶ ପ୍ରଗଣା ଜିଲ୍ଲାର ହାଲିସହର ଗ୍ରାମ ନିବାସୀ ୰ ବୈଦ୍ୟନାଥ ମୁଖୋପାଧ୍ୟାୟଙ୍କ ଜ୍ୟେଷ୍ଠାକନ୍ୟା ଅପରୂପ ଲାବଣ୍ୟମୟୀ ପରମାସୁନ୍ଦରୀ ତ୍ରୟୋଦଶ ବର୍ଷୀୟା ସୁଧାଂଶୁବାଳାଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହେଲା । ବିବାହ ପରେ ବୋହୂ କୁଳବପୁରକୁ ଆସି ପିତାଙ୍କ ସେବାରେ ନିଯୁକ୍ତ ହେଲେ । ବୋହୂ ସୁଧାଂଶୁବାଳା ଅତିଶୟ କର୍ମନିପୁଣା ଓ ସେବାପରାୟଣ ଥିଲେ । ନଳିନୀକାନ୍ତ ପଢ଼ା ଶେଷ କରି ଗ୍ରାମ ସ୍କୁଲରେ ଶିକ୍ଷକତା କରିବାକୁ ଆରମ୍ଭ କଲେ । ଏଥିରେ ସମବୟସ୍କ ପିଲାମାନେ ଖୁବ୍ ଆନନ୍ଦିତ ହେଲେ । ପୁନରାୟ ସେମାନଙ୍କୁ ନେଇ ନଳିନୀକାନ୍ତ ଭଜନ-କୀର୍ତ୍ତନରେ ରତ ହେଲେ ଏବଂ ନିଜେ ନାଟକ ରଚନା କରି ବନ୍ଧୁମାନଙ୍କୁ ନେଇ ଅଭିନୟ ଓ ଗୀତବାଦ୍ୟ ଚର୍ଚ୍ଚା କରିବାକୁ ଲାଗିଲେ । ଏହି ସମୟରେ ସେ ଭକ୍ତିମୂଳକ 'ତରଣୀସେନବଧ' ନାଟକ ଓ 'ସୁଧାଂଶୁବାଳା' ନାମକ ଖଣ୍ଡିଏ ଉପନ୍ୟାସ ରଚନା କରିଥିଲେ । ତାଙ୍କ ସାହଚର୍ଯ୍ୟ ଲାଭ କରି ଗ୍ରାମବାସୀମାନେ ଅତିଶୟ ଆନନ୍ଦିତ ହେଉଥିଲେ । କିଛିଦିନ ପରେ ନଳିନୀକାନ୍ତ ବିଦେଶକୁ ଚାକିରି କରିବାପାଇଁ ଚାଲିଗଲେ । ସେହି ସମୟରେ ସେ ଦେବ ଦେବୀ ଓ ସାଧୁସନ୍ନ୍ୟାସୀଙ୍କୁ ଅବିଶ୍ୱାସ କରିବା ସଙ୍ଗେ ସଙ୍ଗେ ପରକାଳର ଅସ୍ତିତ୍ୱ ସମ୍ବନ୍ଧରେ ମଧ୍ୟ ସନ୍ଦିହାନ୍ ହୋଇପଡ଼ିଲେ । କାରଣ, ତାଙ୍କର ମନେ ହେଲା, 'ଯଦି ପରଲୋକର ଅସ୍ତିତ୍ୱ ଥା'ନ୍ତା ତେବେ ମା' କଣ ଥରେ ସାନ୍ତ୍ୱନା ଦେବାକୁ ମୋ ନିକଟକୁ ଆସନ୍ତା ନାହିଁ ?' ସେ

ପରଲୋକରେ ଅବିଶ୍ୱାସୀ ହେଲେ ମଧ୍ୟ ଇହଲୋକର କର୍ତ୍ତବ୍ୟ କର୍ମରେ କେବେ ହେଲେ ଅବହେଳା କରୁ ନଥିଲେ । ସେ ଜିତେନ୍ଦ୍ରିୟ, ସଦାଚାର-ପରାୟଣ ହୋଇ ପିତା, ଭ୍ରାତା ଓ ଧର୍ମ-ପତ୍ନୀଙ୍କ ଭରଣପୋଷଣନିମିତ୍ତ ସତ୍ପଥରେ ରହି ଅର୍ଥାର୍ଜ୍ଜନ କରିବାକୁ ଲାଗିଲେ । ଆଦର୍ଶ ଗୃହସ୍ଥଭାବରେ ପତିପତ୍ନୀ ଉଭୟେ ଉଭୟଙ୍କ ପ୍ରତି ଅନୁରକ୍ତ ରହି ହରଗୌରୀଙ୍କ ପରି ସୁଖମୟ ସଂସାର-ଜୀବନ ଯାପନ କରୁଥିବା ବେଳେ ତାଙ୍କର ଧର୍ମପତ୍ନୀ ସୁଧାଂଶୁବାଳାଙ୍କ ଅକୃତ୍ରିମ ସ୍ନେହପ୍ରୀତି ଓ ସେବାଭାବ ଏବଂ ତାଙ୍କର ଅସାଧାରଣ ଧର୍ମବିଶ୍ୱାସଯୋଗୁଁ ନଳିନୀକାନ୍ତଙ୍କର କେତେକ ପରିମାଣରେ ଧର୍ମମତର ପରିବର୍ତ୍ତନ ହୋଇପାରିଥିଲା । ଗୋଟିଏ ଘଟଣାରୁ ତାଙ୍କ ଜୀବନର ଗତି ହଠାତ୍ ପରିବର୍ତ୍ତିତ ହୋଇଗଲା ।

ଦିନେ ରାତିରେ ନଳିନୀକାନ୍ତ କର୍ମସ୍ଥଳ ନାରାୟଣପୁର କଚେରୀରେ କର୍ମରତ ଅଛନ୍ତି, ଦେଖିଲେ ତାଙ୍କ ସ୍ତ୍ରୀ ସୁଧାଂଶୁବାଳା ସମ୍ମୁଖରେ ଦଣ୍ଡାୟମାନା । କିଛି କ୍ଷଣପରେ ସେହି ମୂର୍ତ୍ତି ଅନ୍ତର୍ହିତା ହୋଇଗଲା । ପରେ କୁତବପୁର ଯାଇ ଜାଣିଲେ ଯେ, ଯେଉଁଦିନ ସେ ସେହି ଛାୟାମୂର୍ତ୍ତି ଦର୍ଶନ କରିଥିଲେ ଠିକ୍ ସେହିଦିନ ପ୍ରୋକ୍ତ ଘଟଣାର ଅବ୍ୟବହିତ ପୂର୍ବରୁ ସୁଧାଂଶୁ-ବାଳାଙ୍କର ବିୟୋଗ ଘଟିଥିଲା । ଏହି ଘଟଣାପରଠାରୁ ତାଙ୍କର ପରକାଳର ଅସ୍ତିତ୍ୱରେ ବିଶ୍ୱାସ ଜାତ ହେଲା । ତେଣୁ ସେ ପରଲୋକ ଓ ଆତ୍ମାସମ୍ବନ୍ଧରେ ବିଶେଷ ଗବେଷଣା କରିବାକୁ ମନସ୍ଥ କଲେ ଏବଂ ମାନ୍ଦ୍ରାଜର ଥିଓସଫି ସମ୍ପ୍ରଦାୟରେ ମିଶି ଆତ୍ମା ଓ ପରକାଳତତ୍ତ୍ୱ ସମ୍ପର୍କରେ ଆଲୋଚନା କରି ମିଡ଼ିୟମ ଦ୍ୱାରା ସ୍ତ୍ରୀଙ୍କ ଆତ୍ମା ଆନୟନ କରି କଥୋପକଥନ କଲେ ମଧ୍ୟ ସାକ୍ଷାତ୍ ଦର୍ଶନ ଲାଭ କରିପାରିଲେ ନାହିଁ । ତାଙ୍କର ଇଚ୍ଛା, ପରକାଳ ଯଦି ସତ୍ୟ, ତେବେ ପରଲୋକବାସୀଙ୍କ ସହିତ ପ୍ରତ୍ୟକ୍ଷ ସଂପର୍କ ପ୍ରତିଷ୍ଠା କରି ନ ହେବ କାହିଁକି ? ଥିଓସଫିରେ ତାଙ୍କର ଏ ଉଦ୍ଦେଶ୍ୟ ସଫଳ ହେଲା ନାହିଁ; କିନ୍ତୁ ସେ ଏତିକି ଧାରଣା କଲେ ଯେ, ଯେଉଁସବୁବିଦ୍ୟା ସେ ଶିକ୍ଷା କରିଛନ୍ତି, ତାହା ସମସ୍ତ ଅଦୃଶ୍ୟ ହିନ୍ଦୁ ଯୋଗୀଋଷିମାନଙ୍କ କୃପାଲବ୍ଧ । ତେଣୁ ସାଧ-

ସନ୍ନ୍ୟାସୀଙ୍କ ପ୍ରତି ତାଙ୍କର ଧାରଣା ପରିବର୍ତ୍ତିତ ହେଲା । ସେ ସାଧୁସନ୍ନ୍ୟାସୀ ଅନୁସନ୍ଧାନରେ ପ୍ରବୃତ୍ତ ହେଲେ ।

ସେହି ସମୟରେ ପୂର୍ଣ୍ଣାନନ୍ଦ ସ୍ୱାମୀ ନାମଧେୟ ଜନୈକ ଉଚ୍ଚ ଶିକ୍ଷିତ ହିନ୍ଦୁ ସାଧୁଙ୍କର ଦର୍ଶନ ମିଳିଲା । ସେ ତାଙ୍କୁ ପରଲୋକବାସୀଙ୍କସହ ସାକ୍ଷାତ୍ ଦର୍ଶନର ଉପାୟ ସମ୍ବନ୍ଧରେ ପ୍ରଶ୍ନ କରିବାରୁ ପୂର୍ଣ୍ଣାନନ୍ଦ ଉତ୍ତର ଦେଲେ ଯେ "ମହାଶକ୍ତିଙ୍କ ଉପାସନା କଲେ ତୁମେ ମୃତ୍ୟୁଞ୍ଜୟ ହୋଇପାରିବ ଏବଂ ତୁମର ସର୍ବାଭୀଷ୍ଟ ସିଦ୍ଧ ହେବ । ତେଣୁ ଉପଯୁକ୍ତ ଗୁରୁଙ୍କ ସନ୍ଧାନ କରି ତାଙ୍କଠାରୁ ଦୀକ୍ଷାଗ୍ରହଣପୂର୍ବକ ସାଧନାରେ ପ୍ରବୃତ୍ତ ହୁଅ ।" ତତ୍ପରେ ସେ ସାତ୍ତ୍ୱିକ ଭାବରେ ଜୀବନ ଯାପନ କରିବାକୁ ଅଭ୍ୟାସ କରିବା ସଙ୍ଗେ ସଙ୍ଗେ ଗୁରୁ ଅନୁସନ୍ଧାନରେ ପ୍ରବୃତ୍ତ ହେଲେ । କିନ୍ତୁ କିପରି ଗୁରୁ ଲାଭ ହେବ ଓ ସେ କିପରି ଜାଣିବେ ଯେ କିଏ ସଦ୍‌ଗୁରୁ ? ଏଥିପାଇଁ ସେ ଭଗବାନଙ୍କ ନିକଟରେ ଗୁରୁଲାଭନିମିତ୍ତ ଆକୁଳ ପ୍ରାର୍ଥନା କରିବାକୁ ଲାଗିଲେ । ପରଲୋକ ବିଶ୍ୱାସ ସଙ୍ଗେ ସଙ୍ଗେ ଭଗବତ୍ ବିଶ୍ୱାସ ମଧ୍ୟ ତାଙ୍କର ପୂର୍ବରୁ ଆସିଥିଲା । ସହଧର୍ମିଣୀ ସ୍ୱାର୍ଗୀ ସୁଧା ଦେବୀଙ୍କ ପ୍ରଭାବରୁ ତାଙ୍କର ଏହି ଭଗବତ୍‌ବିଶ୍ୱାସ ପ୍ରଥମେ ଜାତ ହୋଇଥିଲା । ଦିନେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରି ନଳିନୀକାନ୍ତ ନିଦ୍ରାଭିଭୂତ ହୋଇପଡ଼ିଛନ୍ତି, ହଠାତ୍ ନିଦ୍ରା ଭାଙ୍ଗିଗଲା । ସେ ଦେଖିଲେ ଗୃହରେ ଜଣେ ଜଟାଜୁଟ ବିମଣ୍ଡିତ ଦିବ୍ୟପୁରୁଷ । ତାଙ୍କ ଅଙ୍ଗପ୍ରଭାରେ ଅନ୍ଧକାରଗୃହ ଆଲୋକିତ ହୋଇଯାଇଛି । ମହାପୁରୁଷ ଗୋଟିଏ ବିଲ୍ୱପତ୍ରରେ ରକ୍ତଚନ୍ଦନରେ ଲିଖିତ ଏକାକ୍ଷରୀମନ୍ତ୍ର ପ୍ରଦାନ କରି କହିଲେ, 'ବତ୍ସ ! ନିଅ ତୁମର ମନ୍ତ୍ର ।' ସାଧୁ କି ମନ୍ତ୍ର ଦେଲେ ଆଲୋକ ଜଳାଇ ତାହା ଦେଖିବାକୁ ଉଦ୍ୟମ କରୁଥିବାବେଳେ ସାଧୁ ଅନ୍ତର୍ହିତ ହୋଇଗଲେ । ତେଣୁ ନଳିନୀକାନ୍ତ ଗୁରୁ ଓ ଭଗବାନଙ୍କ ଅସ୍ତିତ୍ୱରେ ପୂର୍ଣ୍ଣବିଶ୍ୱାସୀ ହୋଇ "ଭଗବାନ କୃପା କରି ମୋ ନିମିତ୍ତ ଗୁରୁ ପ୍ରେରଣ କରିଥିଲେ । ମୁଁ ଅବିଶ୍ୱାସ କରି ହରାଇବସିଲି"—ଭାବି ଅତିଶୟ ବ୍ୟାକୁଳିତ ହେଲେ । ତତ୍ପରେ ସେ ବହୁ ସାଧୁସନ୍ନ୍ୟାସୀଙ୍କ ଅନୁସନ୍ଧାନ କରି ମନ୍ତ୍ରର ସାଧନ ପ୍ରଣାଳୀ ଜାଣିବାନିମିତ୍ତ

ପ୍ରୟାସ କଲେ; କିନ୍ତୁ କେହି ସଦୁତ୍ତର ପ୍ରଦାନ କରିପାରିଲେ ନାହିଁ । ସେ କାଶୀଧାମରେ ଉପନୀତ ହୋଇ ବହୁ ଅନୁସନ୍ଧାନ କରି ସୁଦ୍ଧା ମନ୍ତ୍ରର ସାଧନ ବିଷୟରେ କୌଣସି ଆଶା-ଭରସା ଦେଖିଲେ ନାହିଁ । ତେଣୁ ସତ୍ୟ ଲାଭ ନ ହେଲେ ଆତ୍ମହତ୍ୟା କରିବେ ବୋଲି ସଂକଳ୍ପ କରି ଉପବାସରେ ନିଦ୍ରାଭିଭୂତ ହୋଇପଡ଼ିଲେ । ସ୍ୱପ୍ନରେ ବିଶ୍ୱେଶ୍ୱର ଜଣେ ବୃଦ୍ଧ ବ୍ରାହ୍ମଣ ବେଶରେ ଆଦେଶ ଦେଲେ, "ତୁମେ ବୀରଭୂମ୍ ଜିଲାର ତାରାପୀଠକୁ ଗମନ କର । ବାମାକ୍ଷେପା ତୁମର ଗୁରୁ, ସେ ଏହାର ସାଧନପ୍ରଣାଳୀ ଶିଖାଇଦେବେ ।" ଏହି ଘଟଣାରେ ନାସ୍ତିକ ଓ ସଂଶୟୀ ନଳିନୀକାନ୍ତ ଭଗବତ୍‌କୃପାରୁ ଭକ୍ତସାଧକଭାବରେ ରୂପାନ୍ତରିତ ହୋଇଗଲେ ।

ବାମାକ୍ଷେପାଙ୍କ ଉପଦେଶ ଅନୁସାରେ ଓ ଗୋଟିଏ ବର୍ଷର ସାଧନାରେ ନଳିନୀକାନ୍ତ ମା ତାରାଦେବୀଙ୍କୁ ତାଙ୍କର ମନୋମୟୀ ସୁଧାଦେବୀ ମୂର୍ତ୍ତିରେ ଦର୍ଶନ କଲେ ଏବଂ ନିଜର ଇଚ୍ଛାନୁସାରେ ତାଙ୍କୁ ପାଇବାର ବର ଲାଭ କରି କର୍ମସ୍ଥଳକୁ ପ୍ରତ୍ୟାଗମନ କଲେ । ସ୍ମରଣମାତ୍ରକେ ଦେବୀଙ୍କର ଦର୍ଶନ ଲାଭ ହେଲେ ମଧ୍ୟ ସ୍ପର୍ଶକରିବାକୁ ଯିବାସମୟରେ ଦେବୀ ଅନ୍ତର୍ହିତା ହୋଇଗଲେ । ତେଣୁ ତାଙ୍କ ମନରେ ଅତୃପ୍ତି ଜାତ ହେଲା । ସେ ଭାବିଲେ "ମୁଁ ପ୍ରତ୍ୟକ୍ଷ ଦେଖିଲି ଯେ, ତାରାଦେବୀ ମୋ ଦେହରୁ ଜାତ ହେଲେ । ତେବେ ଯେଉଁ ମହାଶକ୍ତି ମୋର ଏହି ଦେହରୁ ଜାତହେଲେ, ସେହି "ମୁଁ" କିଏ ? ସେ ଦେବୀ ବା କିଏ ?" ନଳିନୀକାନ୍ତ ଦେବୀଙ୍କୁ ଏସବୁ ପ୍ରଶ୍ନ କରିଥିଲେ ସେ ସଦୁତ୍ତର ଦେଇଥାନ୍ତେ; ମାତ୍ର ସେ ଭାବିଲେ "ଯେ ମୋଠାରୁ ଜାତ, ସେ ପୁଣି ମୋ ତତ୍ତ୍ୱ କିପରି କହିବେ ଏବଂ ତାଙ୍କ କଥାକୁ ସତ୍ୟ ବୋଲି ମୁଁ ବା କିପରି ଜାଣିବି ? ଏ ଦେବୀ ସତ୍ୟସ୍ୱରୂପା ନା ମାୟା, ଏକଥା କିପରି ବିଶ୍ୱାସ କରିବି ?"

ଏହି ପ୍ରଶ୍ନର ମୀମାଂସା ନିମିତ୍ତ ସେ ପୁନରାୟ ବାମାକ୍ଷେପଙ୍କ ନିକଟକୁ ଗମନ କଲେ । ସେହି ଦେବୀଙ୍କୁ ସର୍ବଶକ୍ତିମୟୀ ବୋଲି ବିଶ୍ୱାସ କରୁଥିଲେ ମଧ୍ୟ ସେ ଜ୍ଞାନଦାୟିନୀ କି ନା, ନଳିନୀକାନ୍ତ ବିଶ୍ୱାସ କରିପାରିଲେ ନାହିଁ ।

କାରଣ ସେ ଭୋଗ ଐଶ୍ୱର୍ଯ୍ୟ ଇଚ୍ଛା କରୁ ନ ଥିଲେ । "ମୁଁ କିଏ ?" "ଜଗତ୍ କ'ଣ ?" "ପୁଣି କି ଉପାୟରେ ମୃତ୍ୟୁକୁ ଜୟ କରାଯିବ ?" "କିଭଳି ସତ୍ୟାସତ୍ୟ ଜ୍ଞାନ ଲାଭ କରାଯିବ ?" ଏହା ହିଁ ତାଙ୍କର ପ୍ରଶ୍ନ ଥିଲା । ସେ ଭଗବତୀଙ୍କୁ ଜ୍ଞାନଦା, ମୋକ୍ଷଦା ବୋଲି ସ୍ୱୀକାର କରୁ ନ ଥିବାରୁ ବାମାକ୍ଷେପା ପ୍ରଥମେ ତାଙ୍କୁ ବହୁତ ତିରସ୍କାର କଲେ ଏବଂ ଦେବୀଙ୍କୁ ଏ ବିଷୟରେ ପ୍ରଶ୍ନ କରି ବୁଝିବାପରେ ହସ ହସ ବଦନରେ ନଳିନୀକାନ୍ତଙ୍କୁ କହିଲେ, "ମା କହିଲେ, ତୁ ଜଗତର ସାର୍ବଭୌମ ଗୁରୁ ହେବୁ । ତେଣୁ ତୋ ମନରେ ଏଭଳି ପ୍ରଶ୍ନ ଜାଗ୍ରତ ହୋଇଅଛି । ତୁ ଜ୍ଞାନୀଗୁରୁ ଅନୁସନ୍ଧାନ କରି ଜ୍ଞାନପଥରେ ଗମନପୂର୍ବକ ବୈଦିକ ସନ୍ନ୍ୟାସ ଗ୍ରହଣ କରିବା ମା'ଙ୍କର ଇଚ୍ଛା । ତୁ ପଶ୍ଚିମ ଭାରତକୁ ଯା, ସେଠାରେ ନିଶ୍ଚୟ ଜ୍ଞାନୀଗୁରୁଙ୍କର ସାକ୍ଷାତ୍ ପାଇବୁ । ଯଥାସମୟରେ ତାଙ୍କର ଦର୍ଶନ ମିଳିବ ।"

ଏହାପରେ ନଳିନୀକାନ୍ତ ପ୍ରକୃତଭାବରେ ସଂସାର ତ୍ୟାଗ କରି ଗୁରୁ ଅନୁସନ୍ଧାନରେ ବହିର୍ଗତ ହେଲେ । ଏତେ ଦିନ ପରେ ଜ୍ୟୋତିଷମାନଙ୍କ ଗଣନା ସତ୍ୟରେ ପରିଣତ ହେଲା । ପିତା ଭୁବନମୋହନ ଦୁଃଖରେ ମୁହ୍ୟମାନ ହୋଇପଡ଼ିଲେ । ବହୁତ ଦିନ ଅପେକ୍ଷା କରି ମଧ୍ୟ ପୁଅ ଆଉ ଗୃହକୁ ଫେରିଲା ନାହିଁ ।

ନଳିନୀକାନ୍ତ ସନ୍ନ୍ୟାସୀ ଗୁରୁଙ୍କ ସନ୍ଧାନ କରୁ କରୁ ଭାରତର ପଶ୍ଚିମାଞ୍ଚଳରେ ପଦାର୍ପଣ କଲେ । ଗୃହସ୍ଥାଶ୍ରମରେ ନଳିନୀକାନ୍ତ ଅତି ଆଦର ଯତ୍ନରେ ଲାଳିତପାଳିତ ହୋଇ ଅତିଶୟ ବିଳାସବ୍ୟସନରେ ଦିନାତିପାତ କରି ଆସିଥିଲେ । ସେ କେବେ କାହା ନିକଟରୁ କିଛି ମାଗିବାକୁ ସୁଖବୋଧ କରୁ ନ ଥିଲେ । ସତ୍ୟ ଲାଭ ନିମିତ୍ତ ସମସ୍ତ ସୁଖ ତ୍ୟାଗକରି ସେ ବର୍ତ୍ତମାନ ପଥର ଭିକାରୀ ସାଜିଲେ । ଅଯାଚିତଭାବରେ କେହି କିଛି ଦାନ କଲେ ତାହା ଗ୍ରହଣ କରନ୍ତି; ନଚେତ୍ ଅନାହାରରେ ଦିନ ବିତିଯାଏ । ତେଣୁ ତାଙ୍କର ଶରୀର ଶୀର୍ଣ୍ଣ ଓ ମଳିନ ହୋଇଗଲା । ତଥାପି ଜ୍ଞାନଲାଭର ପ୍ରବଳ ପିପାସା ଶାନ୍ତ

ହେଲା ନାହିଁ । କୌଣସି ସତ୍ ଉଦ୍ଦେଶ୍ୟ ସାଧନନିମନ୍ତେ କେହି ଯଦି ଦୈହିକ ସୁଖ ସ୍ୱାଚ୍ଛନ୍ଦ୍ୟକୁ ବିସର୍ଜନ ଦେଇ ଏକଧ୍ୟାନରେ ରହିପାରନ୍ତି, ତେବେ ତାହାକୁ ହିଁ ତପସ୍ୟା ନାମରେ ଅଭିହିତ କରାଯାଇଥାଏ । କିଛି ଦିନ ଭ୍ରମଣ କରିବା-ପରେ ସେ ଆଜମୀର ସହରରେ ଉପସ୍ଥିତ ହୋଇ ଶୁଣିଲେ ଯେ କୋଠା ଷ୍ଟେଟ୍‌ର ରାଜଗୁରୁଙ୍କର ବକ୍ତୃତା ଦେବାର କଥା । ନଳିନୀକାନ୍ତ କୌତୂହଳ ବଶବର୍ତ୍ତୀ ହୋଇ ସେହି ସଭାରେ ଉପସ୍ଥିତ ହେଲେ । ଦୂରରୁ ସାଧୁଙ୍କୁ ଦର୍ଶନ କଲାମାତ୍ରେ ସେ ଚମକି ଉଠିଲେ, ଯେଉଁ ସାଧୁ ବକ୍ତୃତା କରୁଛନ୍ତି ସେହି ସାଧୁ ତାଙ୍କୁ ସ୍ୱପ୍ନ ପଥରେ ଏକାକ୍ଷରୀମନ୍ତ୍ର ପ୍ରଦାନ କରିଥିଲେ । ଏହା ଦେଖି ନଳିନୀକାନ୍ତ 'ଗୁରୁ ପାଇଲି' ବୋଲି ଚିତ୍କାର କରି ତାଙ୍କର ଶରଣାପନ୍ନ ହେଲେ । ଉକ୍ତ ମହାପୁରୁଷଙ୍କ ନାମ ଶ୍ରୀମତ୍ ସଚ୍ଚିଦାନନ୍ଦ ପରମହଂସ । ପୁଷ୍କରର ସାବିତ୍ରୀ ପାହାଡ଼ରେ ତାଙ୍କର ଆଶ୍ରମ । ବଙ୍ଗାଳୀ ଶ୍ରମବିମୁଖ ଓ ବିଳାସୀ ବୋଲି ପ୍ରଥମେ ସାଧୁ ନଳିନୀକାନ୍ତଙ୍କୁ ଆଶ୍ରମରେ ରଖିବାକୁ ସମ୍ମତ ହେଉ ନ ଥିଲେ । କିନ୍ତୁ ନଳିନୀକାନ୍ତ ସତ୍ୟ ଲାଭନିମନ୍ତେ ଯେ କୌଣସି କଷ୍ଟ ବରଣ କରିନେବାକୁ ପ୍ରସ୍ତୁତ ଥିଲେ । ସେ ନାନାବିଧ କଷ୍ଟ ସହ୍ୟ କରି ଗୁରୁସେବାରେ ତତ୍ପର ରହି ବେଦାନ୍ତ ଅଭ୍ୟାସ କରିବାକୁ ଲାଗିଲେ । ତାଙ୍କର ଗୁରୁଭକ୍ତିରେ ସନ୍ତୁଷ୍ଟ ହୋଇ ସଚ୍ଚିଦାନନ୍ଦ ତାଙ୍କୁ ସନ୍ନ୍ୟାସ ପ୍ରଦାନପୂର୍ବକ ନିଗମାନନ୍ଦ ନାମ ରଖିଲେ । ନିଗମ ଅର୍ଥ ବେଦ । ନଳିନୀକାନ୍ତ ଅତି ଶୀଘ୍ର ବେଦର ନିଗୂଢ଼ ଅର୍ଥ ହୃଦୟଙ୍ଗମ କରିପାରିଥିବାରୁ ତାଙ୍କୁ ନିଗମାନନ୍ଦ ନାମ ପ୍ରଦାନ କରାଯାଇଥିଲା । ସେ ଥିଲେ ସାକ୍ଷାତ୍ ବେଦର ପ୍ରତିମୂର୍ତ୍ତି । ଜ୍ଞାନ-ସାଧନାରେ ସେ ଅଳ୍ପଦିନ ମଧ୍ୟରେ ସିଦ୍ଧି ଲାଭ କରିବାପରେ ତାଙ୍କର ଉଚ୍ଚସ୍ତରର ସୂକ୍ଷ୍ମାନୁଭୂତି ଲାଭ ହେଲା । ସେ ଏହି ସ୍ଥୂଳଚକ୍ଷୁରେ ମଧ୍ୟ ଭୂତ, ପ୍ରେତ, ପିଶାଚ, ଅପ୍ସରା, ଗନ୍ଧର୍ବ, କିନ୍ନର ଇତ୍ୟାଦି ସୂକ୍ଷ୍ମ ଜୀବମାନଙ୍କୁ ଦେଖିପାରୁଥିଲେ । ସନ୍ନ୍ୟାସ ଗ୍ରହଣପରେ ନିଗମାନନ୍ଦ ଗୁରୁଦେବଙ୍କ ଆଦେଶ-କ୍ରମେ ପରିବ୍ରାଜକ ବେଶରେ ଚାରିଧାମ ଭ୍ରମଣ କଲେ । ସନ୍ନ୍ୟାସ ଗ୍ରହଣପରେ ଗୁରୁଶିଷ୍ୟଙ୍କ ମଧ୍ୟରେ ସହୃଦୟତା ଦେଖାଦେଲା । ନଳିନୀକାନ୍ତ ଗୁରୁଭକ୍ତି କ'ଣ ଜାଣି ନ ଥିଲେ ମଧ୍ୟ ସଚ୍ଚିଦାନନ୍ଦଙ୍କ ପ୍ରତି ତାଙ୍କର ସ୍ୱାଭାବିକ ସୁଖ ପାଇବା ଓ

ଅହେତୁକୀ ଆକର୍ଷଣ ଥିଲା । ସେ ତାଙ୍କୁ ଭୟ ଓ ଶ୍ରଦ୍ଧା କରୁଥିଲେ ଏବଂ ଅନ୍ତରାଳରେ ରହି ତାଙ୍କ ମଧୁର ମୂର୍ତ୍ତି ଦର୍ଶନ କରୁଥିଲେ । ଏହା ହିଁ ପ୍ରେମ ଜଗତରେ ମଧୁର ରତିର ଇଙ୍ଗିତ । ଏହି ବିଦ୍ୟୁତ୍ ବିନିମୟ ଭାବ ନ ଥିଲେ ଗୁରୁଶିଷ୍ୟ ସମ୍ପର୍କ ପ୍ରାଣହୀନ । ଜ୍ଞାନଯୋଗର ନାନାବିଧ ତତ୍ତ୍ୱ ବେଦାନ୍ତବିଦ୍ ଗୁରୁଙ୍କ ମୁଖରୁ-ଶ୍ରବଣ କରି ଚାରି ଧାମ ଭ୍ରମଣପରେ ଗୁରୁ ସଚ୍ଚିଦାନନ୍ଦ ନିଗମାନନ୍ଦଙ୍କୁ ସଙ୍ଗରେ ନେଇ କେଦାରବଦରୀ ମାର୍ଗରେ ଯାଉଥିବାସମୟରେ ମାହେଶ୍ୱରୀସ୍ୱରୂପା ଜଣେ ସନ୍ନ୍ୟାସିନୀଙ୍କୁ ଦେଖାଇଦେଲେ । ଏହାଙ୍କର ନାମ ଗୌରୀ ମା । ଏହି ଦେବୀ ଲୋକଲୋଚନ-ଅଗୋଚରରେ ନିଃସଙ୍ଗଭାବରେ ଅବସ୍ଥାନ କରୁଥିଲେ । ସଚ୍ଚିଦାନନ୍ଦ ମଧ୍ୟ ତାଙ୍କୁ ମା ବୋଲି ସମ୍ବୋଧନ ପୂର୍ବକ ପ୍ରଣାମ କଲେ । ଗୌରୀ ମା ସିଦ୍ଧ ସାଧୁଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଦର୍ଶନ ଦିଅନ୍ତି ନାହିଁ । ଗୁରୁଦେବଙ୍କ ଆଦେଶରେ ନିଗମାନନ୍ଦ ତାଙ୍କୁ ପ୍ରଣାମ କଲେ ଏବଂ ତାଙ୍କର ଅସାଧାରଣ ମହିମା ଶ୍ରବଣ କରି ବିସ୍ମିତ ହୋଇ ସେଠାରୁ ବାହୁଡ଼ିବାବେଳେ ଗୌରୀ ମା ସଚ୍ଚିଦାନନ୍ଦଙ୍କୁ ନିର୍ଦ୍ଦେଶ ଦେଲେ ଯେ—"ଯଦି ତୁମର ଏହି ଶିଷ୍ୟ କେବେ ନିର୍ବିକଳ୍ପ ସମାଧି ଲାଭ କରି ପ୍ରତ୍ୟାବର୍ତ୍ତନ କରନ୍ତି, ତେବେ ତାଙ୍କୁ ମୋ ନିକଟକୁ ପଠାଇଦେବ ।"

କିଛି ଦିନ ପରେ ଜଗନ୍ନାଥଧାମରେ ଚାରି ଧାମ-ଭ୍ରମଣ ଶେଷ ହେଲା । ସେ ଉପଲବ୍ଧି କଲେ ଯେ ଏହି ଜଗତ୍ ହିଁ ଜଗନ୍ନାଥଧାମ । ଦେବତା ହେଲେ ଜଗନ୍ନାଥ । ତାଙ୍କର ଶକ୍ତିକୁ ମାୟା କୁହାଯାଏ ନାହିଁ । ତାଙ୍କ ଶକ୍ତି ଶୁଦ୍ଧ ସତ୍ତ୍ୱସ୍ୱରୂପିଣୀ ମା ବିମଳା, ପରମା ପ୍ରକୃତି । ଏହି ଧାମର ମହାବାକ୍ୟ "ପ୍ରଜ୍ଞାନଂ ବ୍ରହ୍ମ" । ଏହି ମା ବିମଳା ଜଗତ୍ ସହିତ ସଂଶ୍ଳିଷ୍ଟା । ସେହି ବ୍ରହ୍ମ ଜଗନ୍ନାଥରୂପରେ ଜଗଦ୍‌ବାସୀଙ୍କ ସହିତ ନିଜକୁ ସମ୍ମିଶ୍ରଣ କରି ଆନନ୍ଦ ବଜାରରେ ଆଚଣ୍ଡାଳ ସମସ୍ତଙ୍କୁ ମହାପ୍ରସାଦ ବିତରଣ କରୁଛନ୍ତି । ସର୍ବଦା ତାଙ୍କର ନିରବଚ୍ଛିନ୍ନ ସେବା ଲାଗିରହିଛି । ଏହି ଭାବ ପରିବ୍ରାଜକଙ୍କୁ ମୁଗ୍ଧ ଓ ଆକର୍ଷଣ କଲା । ଏହି ଧାମରୁ ସେ ନୂତନ ଭାବନା ନେଇ ସଂଶୟର ନିରସନନିମିତ୍ତ ପୁଷ୍କର ଅଭିମୁଖରେ ପ୍ରସ୍ଥାନ କଲେ । ମନେ ହେଲା, ଏହି ଦ୍ୱୈତବାଦମୂଳକ ବେଦାନ୍ତ କ'ଣ ତାଙ୍କ ଆକାଙ୍କ୍ଷା ପୂରଣ କରିବ ? ବ୍ରହ୍ମ

ଯଦି ସତ୍ୟପ୍ରତିଷ୍ଠ ତେବେ ଜଗତ ମିଥ୍ୟା ହେଲା କିପରି ? ସାଧନାର ପ୍ରଥମାବସ୍ଥାରେ ବୈରାଗ୍ୟ ଅପରିହାର୍ଯ୍ୟ ସତ୍ୟ । ତାକୁ କେହି ଅସ୍ୱୀକାର କରୁ ନାହାନ୍ତି; କିନ୍ତୁ ସିଦ୍ଧାବସ୍ଥାରେ ସେହି ଦୃଷ୍ଟି ଥିଲେ କ'ଣ ତାକୁ ଅଖଣ୍ଡ-ଦର୍ଶନ କୁହାଯାଇପାରିବ ? ସତ୍, ଚିତ୍, ଆନନ୍ଦ ବ୍ରହ୍ମଙ୍କର ସ୍ୱରୂପ ଅଥଚ ଆଧୁନିକ ବେଦାନ୍ତ ଆନନ୍ଦକୁ ସ୍ୱୀକାର କରୁ ନାହାନ୍ତି । ତେବେ ସମାଧିରୁ ବ୍ୟୁତ୍‌ଥାନପରେ ଜ୍ଞାନୀ ଜଗତକୁ କିଭଳି ଦୃଷ୍ଟିରେ ଦେଖିବେ ? ଶିଷ୍ୟ ନିଗମାନନ୍ଦ ଗୁରୁ ସଚ୍ଚିଦାନନ୍ଦଙ୍କୁ ପ୍ରଶ୍ନ କଲେ, "ଆପଣ ଯେଉଁ ଅବସ୍ଥାକୁ ନିର୍ବିକଳ୍ପ ଜ୍ଞାନ କହୁଛନ୍ତି, ସେ ଅବସ୍ଥାରେ ଜଗତ ଥାଏ ନା ଲୟ ହୋଇଯାଏ ?" ସଚ୍ଚିଦାନନ୍ଦ ଉତ୍ତର କଲେ—"ଜଗତ୍ ସେତେବେଳେ ଲୟ ହୋଇଯାଏ ।" ଶିଷ୍ୟ ପ୍ରଶ୍ନ କଲେ—"ତେବେ ତାହା ପୂର୍ଣ୍ଣଜ୍ଞାନ ନୁହେଁ । ଆତ୍ମ ନିର୍ବାଣରେ ଯଦି ଜଗତ୍‌ର ନିର୍ବାଣ ହେଉଥାନ୍ତା, ତେବେ ତାହା ସତ୍ୟ ଦର୍ଶନ ବୋଲି କୁହାଯାଇପାରନ୍ତା । ତାହା ତ ହେଉ ନାହିଁ । ପିଣ୍ଡ ଓ ବ୍ରହ୍ମାଣ୍ଡର ଜ୍ଞାନ ନ ହେଲେ ବ୍ରହ୍ମଭୂତ ଜ୍ଞାନ କିପରି ହେବ ? ବ୍ରହ୍ମ କ'ଣ ଜଗତ୍‌ର ବାହାରେ ନା ପରମାତ୍ମାସ୍ୱରୂପରେ ସେ ହିଁ ଜଗତର ପ୍ରାଣ ?" ଗୁରୁ ସଚ୍ଚିଦାନନ୍ଦ ତାଙ୍କର ଭାବ ବୁଝି ତାଙ୍କୁ କହିଲେ, "ଏହି ତତ୍ତ୍ୱ ବୁଝିବାକୁ ହେଲେ ତୋତେ ଯୋଗୀଗୁରୁ ଅନ୍ୱେଷଣ କରି ଯୋଗସାଧନପୂର୍ବକ ଅସମ୍ପ୍ରଜ୍ଞାତ ଯୋଗ ସମାଧି ଲାଭ କରିବାକୁ ପଡ଼ିବ । ମୁଁ ଆଶୀର୍ବାଦ କରୁଛି, ଯୋଗ ସାଧନ କରି ତୁ ସିଦ୍ଧମନୋରଥ ହୁଅ ।"

ତତ୍ପରେ ସେ ଯୋଗୀଗୁରୁଙ୍କ ଅନୁସନ୍ଧାନରେ ବହିର୍ଗତ ହେଲେ । ପଥମଧ୍ୟରେ ଗୋଟିଏ ଜଙ୍ଗଲରେ ଜଣେ ସିଦ୍ଧା ଯୋଗିନୀଙ୍କସହି ତାଙ୍କର ସାକ୍ଷାତ୍ ହେଲା । ସେ କଲିକତାପର୍ଯ୍ୟନ୍ତ ରେଳ ଭଡ଼ା ଦେଇ ପୂର୍ବ ଦିଗକୁ ଯିବାକୁ ନିର୍ଦ୍ଦେଶ ଦେଲେ । କଲିକତା ଆସି ପରଶୁରାମତୀର୍ଥ ଦର୍ଶନନିମିତ୍ତ କେତେ ଜଣ ସାଧୁଙ୍କସହିତ ଯାଇ ସେଠାରେ ଅସୁସ୍ଥ ହୋଇପଡ଼ିବାରୁ ଏବଂ ସହକାରୀ ସାଧୁମାନେ ତାଙ୍କୁ ଛାଡ଼ି ଚାଲିଯିବାରୁ ଜଣେ ପାହାଡ଼ିଆ ଲୋକ ତାଙ୍କୁ ସେଠାରୁ ନେଇ ନିଜ ଘରେ ଆଶ୍ରୟ ଦେଲେ । କିଛି ଦିନ ସେଠାରେ

ବାସ କରିବା ପରେ ଦିନେ ସେ ଅରଣ୍ୟ ଶୋଭା ଦର୍ଶନ କରିବାକୁ ଯାଇ ବାଟ ହୁଡ଼ିଗଲେ ଓ ଗୋଟିଏ ଗଛର କୋରଡ଼ରେ ରାତ୍ରି ଯାପନ କଲେ । ରାତିଶେଷରେ ଦେଖିଲେ, ଜଣେ ମହାପୁରୁଷ ସେହି ବୃକ୍ଷତଳେ ତାଙ୍କୁ ଅପେକ୍ଷା କରିଛନ୍ତି । ସେହି ମହାପୁରୁଷ ତାଙ୍କୁ ସେହି ଗହନ ଅରଣ୍ୟରୁ ନିଜ ଆଶ୍ରମକୁ ନେଇଗଲେ । ଏହାଙ୍କନାମ ସୁମେରୁ ଦାସ । ଏହାଙ୍କ ପୂର୍ବାଶ୍ରମର ନାମ କୁଥମି ଲାଲ ସିଂ । ଥିଓସଫି ସମ୍ପ୍ରଦାୟସହିତ ଏହି ମହାତ୍ମାଙ୍କ ସମ୍ପର୍କ ଅତି ଘନିଷ୍ଠ । ତାଙ୍କଠାରୁ ଯୋଗବିଦ୍ୟା ଶିକ୍ଷାକରି ଲୋକାଳୟକୁ ଆସି ପ୍ରଥମେ ହରିପୁର ଗ୍ରାମରେ ଓ ତା'ପରେ ଗୌହାଟୀର ଯଜ୍ଞେଶ୍ୱର ବିଶ୍ୱାସଙ୍କ ଆଶ୍ରୟରେ ଯୋଗ ସାଧାନାରେ ବ୍ରତୀ ହେଲେ । ପ୍ରଥମେ ସବିକଳ୍ପ ଓ ପରେ ଗୌହାଟୀଠାରେ ତାଙ୍କର ନିର୍ବିକଳ୍ପ ସମାଧି ଲାଭ ହେଲା । ଏହି ସମାଧିରୁ ସହଜରେ କେହି ଫେରନ୍ତି ନାହିଁ । ଯେଉଁମାନେ ଭଗବତ୍ ଇଚ୍ଛାରେ ଫେରି-ଆସନ୍ତି, ସେହିମାନଙ୍କୁ ଶାସ୍ତ୍ରାନୁସାରେ ଆଧିକାରିକ ପୁରୁଷ କୁହାଯାଏ । ଜୀବଭାବ ପରିବର୍ତ୍ତେ ତାଙ୍କ ଅନ୍ତରରେ ଶିବଭାବ ଜାଗ୍ରତ ଥାଏ । ଏହି ସିଦ୍ଧଙ୍କର ମଧ୍ୟ ସାଧନା ଅଛି । ଏହାର ପ୍ରମାଣ ଶୁକଦେବ । ଏହିମାନେ ହିଁ ଲୀଳା-ତତ୍ତ୍ୱ ବା ପୁରୁଷୋତ୍ତମତତ୍ତ୍ୱର ଅମୃତମୟଫଳ ଆସ୍ୱାଦନ କରିଥାନ୍ତି । ନିଗମାନନ୍ଦ ନିର୍ବିକଳ୍ପ ସମାଧିରୁ ଗୁରୁଭାବ ନେଇ ପ୍ରତ୍ୟାବର୍ତ୍ତନ କଲେ ।

ବାମାକ୍ଷେପାଙ୍କ ନିକଟରେ ନିଗମାନନ୍ଦ ଜପ ଯୋଗବଳରେ ନିଜ ପ୍ରକୃତିକୁ ମନୋମୟୀ ଦେବୀରୂପରେ ପ୍ରତ୍ୟକ୍ଷ କରିଥିଲେ । ହଠଯୋଗରେ ଦେଖିଲେ, ସେହି ଦେବୀ ନିଜ ଆଧାର-କମଳରେ ବିଦ୍ୟୁତ୍‌ବରଣୀ ମୃଣାଳିନୀ-ରୂପରେ ନିତ୍ୟ ଅଧିଷ୍ଠିତା ଅଛନ୍ତି । ଦେହମଧ୍ୟରେ ଚିଦାନନ୍ଦମୟୀଙ୍କୁ ସେ ପ୍ରତ୍ୟକ୍ଷ କରି ପରମାନନ୍ଦ ଲାଭ କଲେ ।

କିଛି ଦିନପରେ ତାଙ୍କର ମନେ ହେଲା, ଯୋଗସମାଧିରେ ସେ ଯେଉଁ ଅନୁଭୂତି ଲାଭ କଲେ, ତାହା ମଧ୍ୟ ସତ୍ୟ ନୁହେଁ ; କାରଣ, ପୁରୁଷ, ପ୍ରକୃତି, ବ୍ରହ୍ମ ଓ ମାୟାକୁ ସେ ଅବଗତ ଅଛନ୍ତି । ସେଥିରୁ ଜାଣିଛନ୍ତି, ପ୍ରକୃତି ଅଷ୍ଟଧା ବିଭକ୍ତ ହୋଇ ଜଗତର-ସୃଷ୍ଟି-ସ୍ଥିତି-ଲୟ ସାଧନ କରୁଛନ୍ତି ।

ପୁରୁଷ ଉଦାସୀନ ହୋଇ ବିଶ୍ୱଲୀଳା ଦର୍ଶନ କରୁଛନ୍ତି । ସେ ସାକ୍ଷୀଚେତା, କେବଳ ଓ ନିର୍ଗୁଣ । ତାହା ହେଲେ ଶଙ୍କରଙ୍କ ବାକ୍ୟ ତ ସତ୍ୟ । ଆନନ୍ଦ ବ୍ରହ୍ମଙ୍କର ଉପାଧି ମାତ୍ର । ପ୍ରକୃତି ବା ମାୟା ତାଙ୍କର ଶକ୍ତି । ମହାପ୍ରକୃତି ମହାଦେବଙ୍କ ଉପରେ ନୃତ୍ୟରତା; କିନ୍ତୁ ଶିବ ସେଠାରେ ତାଙ୍କର ଭୋକ୍ତା ମହେଶ୍ୱର ନୁହନ୍ତି, ଶବସ୍ୱରୂପ । ବ୍ରହ୍ମ ଏବଂ ଆତ୍ମା ଚିତ୍ ସ୍ୱଭାବର ଦୁଇଟି ବିଭାବ ମାତ୍ର । ତନ୍ତ୍ର, ଜ୍ଞାନ ଓ ଯୋଗ ସାଧନାରେ ସେ ହୃଦୟଙ୍ଗମ କଲେ ଯେ, ବସ୍ତୁ ଓ ତତ୍ତ୍ୱ ଉଭୟର ଯୋଗସୂତ୍ର ହେଲା ଭାବ; କିନ୍ତୁ ତତ୍ତ୍ୱ କିପରି ଭାବରେ ପରିଣତ ହୁଏ, ସେହି ବ୍ରହ୍ମବିବର୍ତ୍ତନ ତାଙ୍କ ଜ୍ଞାନର ଅଗୋଚର । ଶିବ ଶକ୍ତିଙ୍କପରି ଯଦି ଉଭୟ ପ୍ରେମପ୍ରୀତିରେ ବନ୍ଧା ନ ପଡ଼ିବେ, ତେବେ ଜଗତ୍ ମିଥ୍ୟା ପ୍ରତିପନ୍ନ ହେବ । ପ୍ରକୃତି କ'ଣ ଚିରଦିନ ପୁରୁଷର ହେୟା ହୋଇ ବିରାଜିତା ଥିବେ ? ସେ କ'ଣ କେବେ ଆନନ୍ଦଦାୟିନୀ ହେବେ ନାହିଁ ? ତାଙ୍କର ଆତ୍ମପ୍ରକୃତି ତାଙ୍କର ବଶୀଭୂତା । ସେ ବୁଝିଲେ ଯେ ତାରାପୀଠରେ ଯେଉଁ ମହାଶକ୍ତିଙ୍କୁ ସେ ଦର୍ଶନ କରିଥିଲେ, ସେ କେବଳ ଶକ୍ତି ବା ପ୍ରକୃତି ନୁହନ୍ତି, ତାହା ବ୍ୟତୀତ ଅନ୍ୟ କିଛି ।

ତତ୍ପରେ ସେ ସଚ୍ଚିଦାନନ୍ଦଙ୍କ ସାକ୍ଷାତ ଇଚ୍ଛାରେ ବହିର୍ଗତ ହୋଇ କାଶୀରେ ଉପସ୍ଥିତ ହେଲେ । ସେତେବେଳେ କାଶୀରେ ଭୀଷଣ ଦୁର୍ଭିକ୍ଷ । ମନେହେଲା, ଯଦି ଦେବୀ ଅନ୍ନପୂର୍ଣ୍ଣା କାଶୀରେ ବିରାଜିତା ଥାଇ ଥାଉ ଲୋକଙ୍କର ଏପରି ଦୁର୍ଦ୍ଦଶା, ତେବେ ତାଙ୍କର କ'ଣ ଅସ୍ତିତ୍ୱ ନାହିଁ ? କେତେ ଜଣ ପଣ୍ଡା ଓ ପଣ୍ଡିତଙ୍କୁ ଅନ୍ନପୂର୍ଣ୍ଣାଙ୍କ ମାହାତ୍ମ୍ୟ ସମ୍ବନ୍ଧରେ ପ୍ରଶ୍ନ କରି ଜାଣିଲେ ଯେ କାଶୀବାସୀମାନେ ପ୍ରତ୍ୟେକେ ନିଜ ନିଜର କର୍ମଫଳ ଭୋଗ କରୁଛନ୍ତି; କେବଳ କେହି ନବାଗତ ଥିଲେ, ସେ କେବଳ ପ୍ରଥମ ଦିନକପାଇଁ ଅଭୁକ୍ତ ରହନ୍ତି ନାହିଁ । ନିଗମାନନ୍ଦ ମନେକଲେ, "ମୁଁ ତ ନବାଗତ । ତେବେ ଦେଖିବି, ଅନ୍ନପୂର୍ଣ୍ଣା କିପରି ମୋତେ ଅନ୍ନ ପ୍ରଦାନ କରିବେ !" ଏହା ଭାବି ସେ ଦଶାଶ୍ୱମେଧଘାଟରେ ବସିରହିଲେ । କିଛି କ୍ଷଣ ପରେ ଜଣେ ବୃଦ୍ଧା ଗୋଟିଏ ପଥର ଠୋଲା ତାଙ୍କ ନିକଟରେ ରଖି 'ସ୍ନାନ ଶେଷ କରି ଆସିଲେ ନେବ' ବୋଲି କହି ଗଙ୍ଗାକୁ ସ୍ନାନ କରିବାପାଇଁ ଗଲେ । ଇତ୍ୟବସରରେ

ନିଗମାନନ୍ଦ ଧ୍ୟାନମଗ୍ନ ହୋଇଗଲେ । ଧ୍ୟାନଭଙ୍ଗପରେ ଶୁଣିବାକୁ ପାଇଲେ ଯେ ଷ୍ଟେସନର ଘଣ୍ଟାରେ ଏଗାରଟା ବାଜିଲା । ସେ ଉଠିବାକୁ ଉପକ୍ରମ କଲାବେଳେ ଦେଖିଲେ ଯେ ବୃଦ୍ଧା ରଖିଯାଇଥିବା ପତ୍ର ଠୋଲା ସେହିପରି ଥୁଆହୋଇଛି । ତାହା ଖୋଲି ସେ ଦେଖିଲେ ଯେ ସେଥିରେ ବର୍ଦ୍ଧମାନର ସୀତାଭୋଗ । ସେ ସେତକ ଉଦରସ୍ଥ କରି ଗୋଟିଏ ଦୁର୍ଗନ୍ଧମୟ କୋଠା ବାରଣ୍ଡାରେ ନିଦ୍ରାଭିଭୂତ ହୋଇପଡ଼ିଲେ । ସ୍ୱପ୍ନରେ ଅନ୍ନପୂର୍ଣ୍ଣାଙ୍କୁ ଦେଖିଲେ —କି ସୁନ୍ଦର ସେ ମୂର୍ତ୍ତି ! ସ୍ପଷ୍ଟ ଦେଖିଲେ, ନିର୍ଗୁଣ-ସଗୁଣତତ୍ତ୍ୱ ସାକାର ହୋଇ ଫୁଟିଉଠିଛନ୍ତି । ତଥାପି ସଂଶୟାକୁଳିତ ମନରେ ପ୍ରଶ୍ନକଲେ, 'ତୁମେ କିଏ ?' ଉତ୍ତର ହେଲା, 'ଆଜି ଯେ ତୋତେ ଅନ୍ନଦାନ କରିଥିଲେ, ମୁଁ ସେହି ଅନ୍ନପୂର୍ଣ୍ଣା । ତୁ ଆତ୍ମତତ୍ତ୍ୱ ଅଧିଗତ କରିଅଛୁ; କିନ୍ତୁ ବ୍ରହ୍ମତତ୍ତ୍ୱ ଜ୍ଞାନ ଲାଭ କରିଛୁ ବୋଲି ଅଭିମାନ ପୋଷଣ କରୁଛୁ । ଭଗବତ୍‌ତତ୍ତ୍ୱ ବର୍ତ୍ତମାନ ମଧ୍ୟ ତୋ ନିକଟରେ ଅଜ୍ଞାତ, ତେଣୁ ତୁ ଅପୂର୍ଣ୍ଣ । ଯେ ନିରାକାର, ସେ ପୁଣି ସଗୁଣ ସାକାର ହୋଇ ଲୀଳା କରୁଛନ୍ତି । ଏପର୍ଯ୍ୟନ୍ତ ତୁ ଏହା ଜାଣିପାରି ନାହୁଁ । ତୁ ଭାବ ସାଧନା କର ।" ଏହି କଥାରେ ପରିବ୍ରାଜକଙ୍କର ଅଭିମାନ ଚୂର୍ଣ୍ଣ ହୋଇଗଲା । ବିନ୍ଦୁରୂପୀ ପରମ ଶିବଙ୍କୁ ଦର୍ଶନ କରି ଜାଣିଲେ, ଯେ 'ସେ ଓ ମୁଁ ଅଭିନ୍ନ' । ମନେ ହେଲା, 'ସତ୍ ଓ ଚିତ୍‌କୁ ମୁଁ ଜାଣିଲି ଅଥଚ ତାଙ୍କର ଆନନ୍ଦମୟୀ ଅଚିନ୍ତ୍ୟ ଶକ୍ତିକୁ ଜାଣିପାରିଲି ନାହିଁ ।' ଅନ୍ନପୂର୍ଣ୍ଣାଙ୍କ ଦର୍ଶନ ଲାଭ କରିବାପରେ ସେ ତାଙ୍କର ଅପୂର୍ଣ୍ଣତା ହୃଦୟଙ୍ଗମ କଲେ; ଅନ୍ନପୂର୍ଣ୍ଣାଙ୍କୁ ସଚ୍ଚିଦାନନ୍ଦସ୍ୱରୂପିଣୀ ବୋଲି ଜ୍ଞାନ ହେଲା । ଭାବତତ୍ତ୍ୱ ଶିକ୍ଷା କରିବାନିମିତ୍ତ ତାଙ୍କର ଗୌରୀ ମା'ଙ୍କ କଥା ମନେ ପଡ଼ିଗଲା । ପୁରୁଷୋତ୍ତମଙ୍କର ଅଚିନ୍ତ୍ୟ ମହିମା ତାଙ୍କର ଉପଲବ୍‌ଧି ହୋଇଛି; କିନ୍ତୁ ତାଙ୍କର ଭଜନପଥ କିପରି ? ଆତ୍ମତତ୍ତ୍ୱଅନୁଶୀଳନ ଫଳରେ ନିଜକୁ ପୁରୁଷ ବୋଲି ସେ ଜାଣିଛନ୍ତି; କିନ୍ତୁ ଏହିଭାବରେ ପ୍ରତିଷ୍ଠିତ ଥାଇ ସେ ପୁଣି କିପରି ଭଗବାନଙ୍କୁ ଲାଭ କରିବେ ? ପ୍ରକୃତିର ଧର୍ମ ପ୍ରେମ, ଭକ୍ତି; ପୁରୁଷର ଧର୍ମ ଜ୍ଞାନ । ଜ୍ଞାନରେ ଯେତେ ଦୂର ଜଣାଯାଏ, ସେ ଜାଣିଛନ୍ତି; କିନ୍ତୁ ପୁରୁଷୋତ୍ତମଙ୍କୁ କିଭଳି ଭକ୍ତି କରିବାକୁ ହୁଏ, ତାଙ୍କୁ ସେ ଶିକ୍ଷା ଲାଭ କରିବାକୁ ହେବ ।

ଗୌରୀ ମା ଥିଲେ ପ୍ରେମସିଦ୍ଧା । ନିଗମାନନ୍ଦ ତାଙ୍କ ନିକଟରେ ଉପନୀତ ହୋଇ ଏହି ପ୍ରଶ୍ନର ମୀମାଂସା କରିନେଲେ । ଗୌରୀ ମା କହିଲେ, "ତୁମେ ପୁରୁଷ, ଏହି ବୁଦ୍ଧିରେ ତୁମେ ପୁରୁଷୋତ୍ତମଙ୍କୁ ଗୁରୁ, ସଖା ଭାବବା-ଫଳରେ ଆନନ୍ଦ ଅନୁଭବ କରିପାରୁ ନାହିଁ । ଏହା ହିଁ ତ ତୁମର ସଂଶୟ । ତେବେ ଶକ୍ତି ଓ ଶକ୍ତିମାନ୍ ଅଭେଦ । ସେ ନାରୀ କିମ୍ବା ପୁରୁଷ ନୁହନ୍ତି । ସେ ସତ୍-ଚିତ୍-ଆନନ୍ଦସ୍ୱରୂପ । ପୁରୁଷୋତ୍ତମ ହିଁ ପୁରୁଷ ପ୍ରକୃତିରେ ମୂଳ ରୂପ । ତୁମେ ତାଙ୍କୁ ପୁରୁଷ ବା ଗୁରୁଜ୍ଞାନରେ ଆତ୍ମସମର୍ପଣ କରିପାର. ଏପରି ନୁହେଁ; ତୁମେ ତାଙ୍କୁ ତୁମର ପ୍ରିୟତମା ହୃଦୟେଶ୍ୱରୀ ବୋଲି ତ ପ୍ରେମାଲିଙ୍ଗନ କରିପାରିବ ।" କିଛି ସମୟପାଇଁ ଉଭୟଙ୍କର ବାଦାନୁବାଦ ଚାଲିଲା । ସ୍ୱାନୁଭବ ଓ ଶାସ୍ତ୍ରଜ୍ଞାନ ଗୌରୀ ମା'ଙ୍କର ବିଶେଷଭାବରେ ଥିଲା । ଗୌରୀ ମା କହିଲେ—"ବ୍ରହ୍ମ ଯେ ଜୀବଜଗତରେ ପରିଣତ ହୋଇଛନ୍ତି, ତାହା ତ ଜାଣିଛ । ସେ ମଧ୍ୟ ତୁମର ମା ଓ ସ୍ତ୍ରୀ ହୋଇ ଆନନ୍ଦ ଦାନ କରୁଛନ୍ତି । ତୁମେ କ'ଣ ଜୀବନରେ ମା ଓ ପ୍ରଣୟିନୀଙ୍କ ସ୍ନେହପ୍ରୀତି ଲାଭ କରି ନାହଁ ? ସେହି ପ୍ରେମ ହିଁ ପ୍ରେମସ୍ୱରୂପ ଭଗବାନଙ୍କର ।" ପରିବ୍ରାଜକ ନିଃସଂଶୟ ହେଲେ । ତାଙ୍କର ମନେ ହେଲା, "ତେବେ ଯେ ଯାହାଙ୍କୁ ନାସ୍ତି ବୋଲି ଉପେକ୍ଷା କରୁଥିଲେ, ସେହି ପ୍ରେମ କ'ଣ ସତ୍ୟ ?" ହଠାତ୍ ପୁରୁଷୋତ୍ତମ ଯୋଗରେ ପ୍ରତିଷ୍ଠିତ ନିଗମାନନ୍ଦଙ୍କ ଦୃଷ୍ଟିସମକ୍ଷରେ ଗୌରୀ ମା ଅନ୍ତର୍ହିତା ହୋଇ ତାଙ୍କର ମନୋମୟୀ ସୁଧା ଦେବୀଙ୍କ ମୂର୍ତ୍ତି ଜୀବନ୍ତଭାବରେ ଫୁଟି-ଉଠିଲା । ଏହା ଦେଖି ସେ ଭାବସମାଧିସ୍ଥ ହୋଇପଡ଼ିଲେ । ତତ୍ପରେ ଗୌରୀ ମା ତାଙ୍କୁ ଦର୍ଶନଶାସ୍ତ୍ରର ନିଗୂଢ଼ ଅର୍ଥ ବୁଝାଇଦେଇ କହିଲେ—"ଜ୍ଞାନରେ ତାଙ୍କୁ ପାଇଲେ ବୁଦ୍ଧିର ତୃପ୍ତି ହୁଏ । ଯୋଗରେ ମନ ଶାନ୍ତ ହେଲେ ମଧ୍ୟ ପ୍ରାଣର ତୃଷ୍ଣା ତୃପ୍ତ ହୁଏ ନାହିଁ । ତେଣୁ ଭାବରେ ତାଙ୍କୁ ଲାଭ କଲେ ଯାଇ ସମ୍ୟକ୍ ଦର୍ଶନ ସାଧିତ ହୁଏ । ଦାର୍ଶନିକମାନେ ଅନୁଭବ କରନ୍ତି ଯେ ସେହି ପରମା ପ୍ରକୃତି ହିଁ ତାଙ୍କର ହ୍ଲାଦିନୀଶକ୍ତି । ଜୀବ ଭକ୍ତଭାବରେ ବିଭୋର ହୋଇ ଭଗବାନଙ୍କୁ ତାଙ୍କର ଆତ୍ମୀୟଜ୍ଞାନରେ ଭଜନ କରିବା ବିଧେୟ । ଏହା ହିଁ ଜଗଦ୍ରହସ୍ୟର ମୂଳ । ଭଗବାନ୍ ସଚ୍ଚିଦାନନ୍ଦ ଘନବିଗ୍ରହ ।

ତନ୍ତ୍ରରେ ତାଙ୍କୁ ଶିବଶକ୍ତ୍ୟାଲିଙ୍ଗିତ ବୋଲି କୁହାଯାଏ । ବ୍ରହ୍ମଜ୍ଞାନରେ ଶକ୍ତିର ନାମ ମାୟା । ଆତ୍ମଜ୍ଞାନରେ ଶକ୍ତିର ନାମ ପ୍ରକୃତି, ଭଗବତ୍‌ଜ୍ଞାନରେ ଶକ୍ତିର ନାମ ଯୋଗମାୟା; ଏହା ଶକ୍ତିର ବହିରଙ୍ଗ ରୂପ । କିନ୍ତୁ ଶକ୍ତିର ଅନ୍ତରଙ୍ଗା ବା ଚିତ୍‌ଶକ୍ତିର ରୂପ ହ୍ଲାଦିନୀଶକ୍ତି ବା ରାଧା ।”

ଏହି ଜ୍ଞାନରୁ ନିଗମାନନ୍ଦ ବୁଝିଲେ ଯେ, ଜୀବନରେ କେବଳ ସୁଖ ପାଇବା ବା ପ୍ରେମପ୍ରୀତି ଭାବ ଲାଭ କରିବାକୁ ହିଁ ଇଚ୍ଛୁକ ଥିଲେ । ତେଣୁ ସେ ରାଗମୟୀ ଦେବୀ ସୁଧାଂଶୁବାଳା ରୂପରେ ଧରା ଦେଇଥିଲେ । ସେ ପୁଣି ତାଙ୍କୁ ନେଇଗଲେ । ତାରାପୀଠରେ ସେହି ପୁଣି ସ୍ତ୍ରୀ ମୂର୍ତ୍ତିରେ ଦର୍ଶନ ଦେଲେ ମଧ୍ୟ ସେ ତୃପ୍ତି ଲାଭ କଲେ ନାହିଁ; କାରଣ, ଜ୍ଞାନଯୋଗ ବ୍ୟତୀତ ପ୍ରେମ ରହିପାରେ ନାହିଁ । ଭକ୍ତି ପ୍ରଥମେ ଜ୍ଞାନମିଶ୍ରାଭାବରେ ଦେଖାଦେଲେ ଯାଇ କେବଳାଭକ୍ତିର ଅଧିକାର ମିଳେ । ଯେପରି ସତୀଙ୍କୁ ହରାଇ ଶିବ ତପସ୍ୟା କରିଥିଲେ, ସେହିପରି ପୂର୍ତ୍ତିଭାବରେ ପ୍ରେମଭକ୍ତି ଲାଭନିମିତ୍ତ ସେ ଜ୍ଞାନଯୋଗର ସାଧନା କରିଥିଲେ । ପ୍ରେମସିଦ୍ଧି-ନିମିତ୍ତ ବୈରାଗ୍ୟର ଆବଶ୍ୟକତା ଅଛି; କାରଣ, ଈଶ୍ୱରଙ୍କପ୍ରତି ପରାନୁରକ୍ତିର ନାମ ପ୍ରେମ । ନିଗମାନନ୍ଦ ତିନି ମାସପର୍ଯ୍ୟନ୍ତ ପ୍ରେମ ସାଧନା କରି ପାଗଳପରି ହୋଇଗଲେ । କେତେବେଳେ ସେ ନିଜକୁ ନାରୀ ବୋଲି ଅନୁଭବ କରନ୍ତି; ପୁଣି କେତେବେଳେ ଦେଖନ୍ତି ସେ ନିଜେ ନିର୍ବିକାର ନିଶ୍ଚଳ ପୁରୁଷ; ଚିଦାନନ୍ଦ ଲହରୀ ତାଙ୍କ ପ୍ରେମରେ ଉନ୍ମାଦିନୀ । ସେ ତାଙ୍କର ଇଷ୍ଟଦେବୀଙ୍କୁ ଜଗନ୍ମୟ ଦର୍ଶନ କରି ପରମାନନ୍ଦ ଲାଭ କଲେ । ଏତେ ଦିନପରେ ପ୍ରେମ-ପଥରେ ଗତି କରି ସେ ମନୋମୟୀ ଦେବୀଙ୍କୁ ପ୍ରକୃତ ଭାବରେ ହ୍ଲାଦିନୀସ୍ୱରୂପରେ ଲାଭ କରିପାରିଥିଲେ ।

ଗୌରୀ ମା'ଙ୍କଠାରୁ ବିଦାୟ ନେଇ ନିଗମାନନ୍ଦ ଗାରେ ପାହାଡ଼ର ଗିରିକନ୍ଦରର କୋଦାଲଧୂଆ ନାମକ ସ୍ଥାନରେ ଆଶ୍ରମ ସ୍ଥାପନ କରି ସେହି ସାଧନାରେ ବ୍ରତୀ ହେଲେ । ଏହିଠାରେ ଦେବୀଙ୍କ କୃପାରୁ ତାଙ୍କର ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱଜ୍ଞାନ ଲାଭ ହେଲା । ଭାବର ବନ୍ୟା କଳ୍ପିତ୍

ପ୍ରଶମିତ ହେବାପରେ ସେ ପ୍ରତ୍ୟାଦେଶ ପ୍ରାପ୍ତ ହୋଇ ଗୁରୁକୃପାରୁ ଯାହା ଉପଲବ୍ଧି କରିଥିଲେ, ସେହି ଉପଲବ୍ଧ ସତ୍ୟକୁ ଜଗତରେ ବିତରଣ କରିବା ନିମିତ୍ତ ନିର୍ଜନ ଗିରିକନ୍ଦର ତ୍ୟାଗ କରି ଲୋକାଳୟକୁ ପ୍ରତ୍ୟାବର୍ତ୍ତନ କଲେ । ଭଗବାନଙ୍କର ଉଦ୍ଦେଶ୍ୟସାଧନ ହିଁ ସିଦ୍ଧମାନଙ୍କର କର୍ତ୍ତବ୍ୟ । ତେଣୁ ଜୀବସେବା ନିମିତ୍ତ ସେ ପ୍ରଥମେ ସତ୍‌ଶିକ୍ଷା ବିସ୍ତାର ଉଦ୍ଦେଶ୍ୟରେ ଗାରୋଗିରିରେ ହାଜଂମାନଙ୍କ ପିଲାଙ୍କୁ ନେଇ ଗୋଟିଏ ପାଠଶାଳା ସ୍ଥାପନ କଲେ ଏବଂ 'ଯୋଗୀଗୁରୁ' ପୁସ୍ତକ ପ୍ରଣୟନ କଲେ । ସଂସାରାଶ୍ରମରୁ ତାଙ୍କ ଭିତରେ ସାହିତ୍ୟସାଧନର ବୀଜ ନିହିତ ଥିଲା ।

ଏହାପରେ ସେ କୁମ୍ଭମେଳାଠାରେ ଗୁରୁଦେବଙ୍କ ଦର୍ଶନ ଲାଭ କଲେ ଓ ସାଧୁମଣ୍ଡଳୀଙ୍କ ଅନୁମତି ନେଇ ଗୁରୁ ସଚ୍ଚିଦାନନ୍ଦ ତାଙ୍କୁ ପରମହଂସ ଉପାଧି ପ୍ରଦାନ କଲେ । ଜ୍ଞାନ, ଭକ୍ତି ଓ କର୍ମର ତ୍ରିବେଣୀସଙ୍ଗମ-ରୂପ ସାଧନା ସାର୍ଥକ ହେଲା । ଏହାପରେ ଗୁରୁ ସଚ୍ଚିଦାନନ୍ଦ ଶିଷ୍ୟ ନିଗମାନନ୍ଦଙ୍କ ନିକଟରେ ଦକ୍ଷିଣାନିମିତ୍ତ ପ୍ରାର୍ଥୀ ହେଲେ । ନିଗମାନନ୍ଦ ମନେ କଲେ, "ଆଜି ସାକ୍ଷାତ୍ ଜଗଦ୍‌ଗୁରୁ ମୋ ନିକଟରେ ପ୍ରାର୍ଥୀ ।" ପ୍ରେମରେ ଅଭିଭୂତ ହୋଇ ନିଗମାନନ୍ଦ କହିଲେ—'ପ୍ରଭୁ ! ମୁଁ ତ ସବୁ ତୁମକୁ ସମର୍ପଣ କରିଦେଇସାରିଛି ତଥାପି ତୁମେ ମୋ'ଠାରୁ କ'ଣ ଇଚ୍ଛା କରୁଛ ?" ଉତ୍ତରରେ ସ୍ୱାମୀ ସଚ୍ଚିଦାନନ୍ଦ କହିଲେ—"ତୁମେ ମୋର ଗୁରୁଭାର ଗ୍ରହଣ କରି ମୋତେ ଏଥିରୁ ମୁକ୍ତ କର ।" ଉତ୍ତରରେ ନିଗମାନନ୍ଦ କହିଲେ—"ମୁଁ ତୁମର ଗୁରୁଭାର ନେବି ସତ୍ୟ; କିନ୍ତୁ ତୁମେ ତୁମର ପୁଷ୍କର ଗାଦୀ ବ୍ରହ୍ମାନନ୍ଦଙ୍କୁ ପ୍ରଦାନ କରି ମୋତେ ବଙ୍ଗଦେଶ ଅର୍ଥାତ୍ ପୂର୍ବାଞ୍ଚଳର ଗୁରୁ ହେବାପାଇଁ ଅନୁମତି ଦିଅ । ମୁଁ ସେଠାରେ ତୁମର ଭାବ ପ୍ରତିଷ୍ଠା କରିବି ।" ସଚ୍ଚିଦାନନ୍ଦ ଏଥିରେ ସମ୍ମତ ହେଲେ ଏବଂ ବଙ୍ଗଳାକୁ ଫେରିଆସି ଗୌହାଟୀଠାରେ ଯଜ୍ଞେଶ୍ୱର ବିଶ୍ୱାସ ଓ ତାଙ୍କ ସ୍ତ୍ରୀଙ୍କୁ ଦୀକ୍ଷା ପ୍ରଦାନ କରି 'ପରିବ୍ରାଜକ ନିଗମାନନ୍ଦ ହେଲେ **'ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ।'**

ଶ୍ରୀ ଶ୍ରୀ ରାମକୃଷ୍ଣ ଦେବ କହନ୍ତି, "ମୋତେ ଗୁରୁ, ସ୍ୱାମୀ ଓ ପିତା— ଏହି ତିନୋଟି କଥା ଅତ୍ୟନ୍ତ କଷ୍ଟଦାୟକ ବୋଧହୁଏ । ଗୁରୁ ହେଲେ ଶିଷ୍ୟର ପାପତାପ ଗ୍ରହଣ କରିବାକୁ ପଡ଼େ । ମୁଁ ଗୁରୁ ନୁହେଁ ।" କିନ୍ତୁ ସେ ଯେ ଅବତାର ଏ କଥା ଅନ୍ତରଙ୍ଗମାନଙ୍କ ନିକଟରେ ଅସ୍ୱୀକାର କରି ନାହାନ୍ତି । ଶ୍ରୀ ଶ୍ରୀ ଠାକୁର ନିଜକୁ କେବେହେଲେ ଅବତାର ବୋଲି ସ୍ୱୀକାର କରି ନାହାନ୍ତି ବରଂ ପ୍ରତିବାଦ କରି କହିଛନ୍ତି—"ତୁମ ଠାକୁର ଅବତାର ନୁହନ୍ତି, ସଦ୍‌ଗୁରୁ । ଲୀଳା ବା ଯୁଗ ପ୍ରୟୋଜନ ଅନୁସାରେ ଜଗଦ୍‌ଗୁରୁଙ୍କ ଇଚ୍ଛା ଯେତେବେଳେ ମୂର୍ତ୍ତି ହୋଇ ସ୍ଥୂଳ ମନୁଷ୍ୟ-ରୂପରେ ଜନ୍ମ ଗ୍ରହଣ କରନ୍ତି, ସେତେବେଳେ ତାଙ୍କୁ ହିଁ ଅବତାର କୁହାଯାଏ; କିନ୍ତୁ ତୁମେ ମୋତେ ସଦ୍‌ଗୁରୁ ବୋଲି ଜାଣିରଖ । ମୁଁ ସାଧନାଦ୍ୱାରା ନିଜେ ମୁକ୍ତ ହୋଇଛି ଓ ତୁମମାନଙ୍କୁ ମୁକ୍ତିପଥ ପ୍ରଦର୍ଶନ କରିବା ହେଲା ମୋର କାର୍ଯ୍ୟ ।"

ଶ୍ରୀ ଶ୍ରୀ ଠାକୁର ୧୩୧୨ ସାଲଠାରୁ ୧୩୨୦ ସାଲମଧ୍ୟରେ 'ବ୍ରହ୍ମଚର୍ଯ୍ୟ ସାଧନ', ଯୋଗୀଗୁରୁ' 'ଜ୍ଞାନୀଗୁରୁ', ତାନ୍ତ୍ରିକ ଗୁରୁ' ଓ 'ପ୍ରେମିକ ଗୁରୁ' ଏହି ପାଞ୍ଚଖଣ୍ଡି ପୁସ୍ତକ ପ୍ରଣୟନ କରି 'ଆର୍ଯ୍ୟଦର୍ପଣ' ନାମକ ଖଣ୍ଡିଏ ମାସିକ ପତ୍ରିକା ପ୍ରଚଳନ କଲେ । ବ୍ରହ୍ମଚର୍ଯ୍ୟପାଳନ ଧର୍ମଜୀବନର ଆଦ୍ୟ ସ୍ତର ଏବଂ ପ୍ରେମଭକ୍ତି ଶେଷକଥା—ଏହା ହିଁ ତାଙ୍କର ପ୍ରତିପାଦ୍ୟ ବିଷୟ । ଶ୍ରୀ ଶ୍ରୀ ଠାକୁର କର୍ମଯୋଗ କହିଲେ ବ୍ରହ୍ମବିଦ୍ ଗୁରୁଙ୍କ ସେବାଦ୍ୱାରା ଗୁଣକ୍ଷୟ ଓ ଚିତ୍ତଶୁଦ୍ଧି ହୁଏ ବୋଲି ବୁଝୁଥିଲେ । ତେଣୁ ସେ 'ପ୍ରେମିକଗୁରୁ ଗ୍ରନ୍ଥର ଉତ୍ତର ସ୍କନ୍ଧରେ ପ୍ରକୃତ ସନ୍ନ୍ୟାସ ଅଧ୍ୟାୟରେ ସନ୍ନ୍ୟାସୀ କିପରି କର୍ମଯୋଗ-ମାଧ୍ୟମରେ ଗତି କରିବେ ତାହା ଉଲ୍ଲେଖ କରିଛନ୍ତି । ବିଧି ଅନୁସାରେ ସନ୍ନ୍ୟାସ ଗ୍ରହଣ ନ କରି ମଧ୍ୟ ସନ୍ନ୍ୟାସରେ କିପରି ସିଦ୍ଧିଲାଭ ହେବ ଏବଂ ଏହି କ୍ଷେତ୍ରରେ ଗୃହୀ-ସନ୍ନ୍ୟାସୀଙ୍କ ମଧ୍ୟରେ କିପରି କିଛି ପାର୍ଥକ୍ୟ ନାହିଁ, ତାହା ସେ ବିଶେଷ ଭାବରେ ଉଲ୍ଲେଖ କରିଛନ୍ତି ।

'ପ୍ରେମିକଗୁରୁ' ତାଙ୍କର ସର୍ବଶେଷ ଗ୍ରନ୍ଥ । ତେଣୁ ସେଥିରେ ସେ ଭାରତୀୟ ଦର୍ଶନ ଏବଂ ପାଶ୍ଚାତ୍ୟ ଦର୍ଶନର ତୁଳନାତ୍ମକ ଆଲୋଚନା କରି

ନିର୍ବାଣମୁକ୍ତିକୁ ସର୍ବଶ୍ରେଷ୍ଠ ବୋଲି ଅଭିହିତ କରିଛନ୍ତି । ନିର୍ବାଣ ଅର୍ଥ ଲିଭିଯିବା ନୁହେଁ । ଏହା ସ୍ୱରୂପରେ ଲୟ । ଏହି ନିର୍ବାଣ ମୁକ୍ତି କିପରି ସେବା-ସହାୟତାରେ ଲଭ ହେବ, ସେଥିପାଇଁ ସେ ସନାତନଧର୍ମ ପ୍ରଚାର, ସତଶିକ୍ଷା ବିସ୍ତାର ଓ ନାରାୟଣ-ଜ୍ଞାନରେ ଜୀବସେବା ଏହି ତିନିଗୋଟି ନିର୍ଦ୍ଦେଶ ଦେଇଛନ୍ତି । ଜ୍ଞାନଦାନକୁ ସେ ମୁଖ୍ୟ ବୋଲି ମନେ କରୁଥିଲେ, ମାତ୍ର ଶୂଦ୍ରଭାବର ସେବାକୁ ସେ ବାରଣ କରି ନାହାନ୍ତି, ବରଂ ବ୍ରାହ୍ମଣ୍ୟ ଭାବର ସହାୟକ ରୂପରେ ଧରିନେଇଛନ୍ତି ।

ମଠ, ଆଶ୍ରମ ପ୍ରଭୃତି ପ୍ରତିଷ୍ଠା କରିବା ତାଙ୍କର ବହିଃରଙ୍ଗ କର୍ମପନ୍ଥା; କିନ୍ତୁ ଅନ୍ତରରେ ସେ ଥିଲେ ସହଜ ମନୁଷ୍ୟ । ନିଜେ ସେ ଭଗବାନଙ୍କୁ ପ୍ରେମଭକ୍ତି-ପଥରେ ଲଭ କରିଥିଲେ । ତେଣୁ ସେ ସର୍ବଦା ଉପଦେଶ ଦେଉଥିଲେ ଯେ, ଭଗବାନ ଯାହାକୁ ଯେଉଁ ଭାବରେ ରଖିବେ ସେହି-ଭାବରେ ରହି ତାଙ୍କର ନାମ କରିଯାଅ, ତାଙ୍କ ନିକଟରେ ପ୍ରାର୍ଥନା କର, ତାଙ୍କପାଇଁ ବ୍ୟାକୁଳ ହୁଅ । ସେ ଆପଣା ମନକୁ ତୁମ ନିକଟରେ ଉପସ୍ଥିତ ହେବେ । ପ୍ରାଣରେ ତାଙ୍କୁ ଲଭ ନ କଲେ ବାହାରେ ପାଇଲେ ମଧ୍ୟ ତାହା ବୃଥା ହୋଇଯିବ ।”

ସେ ପୁଣି କହିଛନ୍ତି—“ସନ୍ନ୍ୟାସ ସାଧନାରେ ମୋର ଏହି ହୃଦୟ ନୀରସ, ଶୂନ୍ୟ ଥିଲା । ବର୍ତ୍ତମାନ ଏହି ଶୂନ୍ୟହୃଦୟରେ ପ୍ରେମର ଗୋଟିଏ ଚିଦ୍‌ଘନ ଜଗତ ମୁଁ ଗଠନ କରିଛି । ତୁମେମାନେ ହିଁ ସେହି ଜଗତର ଲୀଳା ସହାୟକ ।” ଯେତେବେଳେ ମଠ ସ୍ଥାପନ କରାଗଲା ସେତେବେଳେ ମଠର କେନ୍ଦ୍ରରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସ୍ୱୟଂ ଭାବ-ଲୋକର ସୌମ୍ୟପୁରୁଷଭାବରେ ଅଧିଷ୍ଠିତ ରହି ନାରୀ-ପୁରୁଷନିର୍ବିଶେଷରେ ତାଙ୍କର ସବୁ ଶିଷ୍ୟ ଭକ୍ତଙ୍କ ନିକଟରେ ପ୍ରିୟତମ ଠାକୁର ବୋଲି ପୂଜିତ ହେଲେ । ପରତତ୍ତ୍ୱକୁ ସେ ତାଙ୍କର ହ୍ଲାଦିନୀ ଶକ୍ତି ଓ ନିତ୍ୟା ପ୍ରେୟସୀଭାବରେ ସର୍ବଦା ଉପଲବ୍‌ଧି କରି ସେହି ପ୍ରେମରେ ବିଭୋର ହୋଇ କହିଲେ, ବିଦ୍ୟୁତ୍‌ବିକିରଣସଦୃଶ ସେହି ମଧୁରଭାବ ପରିକରମଣ୍ଡଳୀଙ୍କଠାରେ ସଞ୍ଚାରିତ

ହେଉଥିଲା । ସେହି ପ୍ରେମଲାଭ କରି ପୁନରାୟ ସେମାନେ ତାଙ୍କୁ ହିଁ ସେହି ପ୍ରେମଭକ୍ତି ଅର୍ପଣ କଲେ । ଗୁରୁଶିଷ୍ୟଙ୍କ ମଧ୍ୟରେ ଉପଯୁ୍ୟକ୍ତ ପ୍ରକାରରେ ଭାବର ବିନିମୟ ହେବାକୁ ଲାଗିଲା ! ପୂର୍ବବର୍ଣ୍ଣିତ ପୁସ୍ତକ ପାଣ୍ଡୁଲିପି ପ୍ରଣୟନ-କାଳପରେ ଭାବାବିଷ୍ଟ ଅବସ୍ଥାରେ ସେ ଯାହା କହୁଥିଲେ, ତାହା ନିମ୍ନରେ ବିବୃତ ହେଲା ।

ପ୍ରେମଭକ୍ତି, ଭାବଲୋକ, ଗୋପୀଭାବ ଏବଂ ଲୀଳାତତ୍ତ୍ୱ ବିଷୟରେ ସେ ବହୁ ନୂତନ ତଥ୍ୟ ପ୍ରକାଶ କଲେ । ସେ କହିଛନ୍ତି "ସଚ୍ଚିଦାନନ୍ଦଜ୍ୟୋତିର୍ମୟ-ସାଗର; ସେଥିରେ ସଚ୍ଚିଦାନନ୍ଦଘନ ଗୋଟିଏ ଦ୍ୱୀପ; ସେହି ଦ୍ୱୀପରେ ସଚ୍ଚିଦାନନ୍ଦଘନ ବିଗ୍ରହ ଜଣେ ପୁରୁଷ ଅଧିଷ୍ଠିତ । ଏହା ହିଁ ହେଲା ଭାବଲୋକ । ଏହି ଭାବଲୋକ ନିତ୍ୟ; ଏଥିରେ କେବେ ହେଲେ ଆବରଣ ପଡ଼େ ନାହିଁ । ଭାବଲୋକରେ ସଚ୍ଚିଦାନନ୍ଦ ଗୁଣମୟ । କିନ୍ତୁ ଏ ଗୁଣ ଜଗତର ଗୁଣର ବିପରୀତ । ଜଗତର ଗୁଣ ଅର୍ଥ ଆବରଣ ବା ସଂକୋଚ; କିନ୍ତୁ ଭାବଲୋକର ଗୁଣ ବିକାଶ ବା ଆନନ୍ଦର ପୂର୍ଣ୍ଣତମ ଅବସ୍ଥା । ବେଦାନ୍ତ ଜ୍ଞାନ ଲାଭ ହେଲେ ଭାବର ସମ୍ୟକ୍ ବିକାଶ ସମ୍ଭବ ହୁଏ । ଭାବଲୋକ ଜ୍ଞାନ ଉପରେ ପ୍ରତିଷ୍ଠିତ । ଜ୍ଞାନ ଲାଭ ହେଲେ ଭାବ ଆପଣା ମନକୁ ଉଦିତ ହୁଏ । ନିର୍ଗୁଣ-ବ୍ରହ୍ମ ହିଁ ଗୁରୁ । ତାଙ୍କ ଇଚ୍ଛାରୁ ତାଙ୍କ ଶରୀରରୁ ମା'ଙ୍କର ଉଦ୍ଭବ । ଏହି ମା' ହେଉଛନ୍ତି ସଗୁଣ ବ୍ରହ୍ମ । ଏହି ମା'ଙ୍କଠାରୁ ପୁରୁଷ ଓ ପ୍ରକୃତିଙ୍କର ଉଦ୍ଭବ ହୋଇ ଜୀବଜଗତର ସୃଷ୍ଟି ହେଲା । ମା' ଅନନ୍ତ କୋଟି ବ୍ରହ୍ମାଣ୍ଡ ସୃଷ୍ଟି କରି ମଧ୍ୟ ତୃପ୍ତି ଲାଭ କରିପାରିଲେ ନାହିଁ । ଏଥିପାଇଁ ସେ ତପସ୍ୟା କଲେ । ତପସ୍ୟାରେ ନିର୍ଗୁଣ ବ୍ରହ୍ମ ତଳକୁ ଖସିଆସିଲେ । ନିର୍ଗୁଣ-ସଗୁଣର ସନ୍ଧିସ୍ଥଳ ଅପ୍ରାକୃତ ଭୂମିରେ ମା' ତାଙ୍କୁ ନେଇ ଯେଉଁ ସଂସାର କଲେ ତାହା ହିଁ ଭାବଲୋକ ବା ନିତ୍ୟଧାମ । ସମାଧିସ୍ଥ ଯୋଗୀମାନେ ମଧ୍ୟ ଏହି ଲୋକର ସନ୍ଧାନ ପାଇ ନାହାନ୍ତି । ଏକମାତ୍ର ପ୍ରେମିକ ଭକ୍ତଙ୍କର ଏହି ଲୋକରେ ଅଧିକାର । ତୁମ୍ଭେମାନେ ଯଦି ଭାବଜଗତଟିକୁ ବୁଝିପାରିବ ତେବେ ମୃତ୍ୟୁପରେ ସେହି ଭାବଲୋକରେ ଉପନୀତ ହୋଇ ଏଠାରେ ଯେପରି ମୋର ସେବା କରୁଛ, ସେଠାରେ ଚିନ୍ମୟଠାକୁରଙ୍କୁ ଚିନ୍ମୟ ପଙ୍ଖାଦ୍ୱାରା

ସେହିପରି ସେବା କରିପାରିବ । ଏହା ହିଁ ସବୁଠାରୁ ଉଚ୍ଚଭାବ । ମୁଁ ଏହି ଭାବର ସାଧନା ତୁମମାନଙ୍କୁ ପ୍ରଦାନ କରିଛି ।"

ତେଣୁ ଶ୍ରୀ ଶ୍ରୀ ଠାକୁର ଗୁରୁ କମ୍ବା ଭଗବାନଙ୍କ ପ୍ରତି ପ୍ରେମପ୍ରୀତି ଭାବ ରଖିବାକୁ ସର୍ବଦା ଉପଦେଶ ଦେଇଛନ୍ତି ଏବଂ ଶ୍ରୀଗୁରୁଙ୍କୁ ଭଲ ପାଇଲେ ସମସ୍ତ ଲଭ ହୋଇପାରିବ ବୋଲି ଦୃଢ଼ଭାବରେ ବ୍ୟକ୍ତ କରିଛନ୍ତି । ସରଳ-ବିଶ୍ୱାସରେ ଶ୍ରୀଗୁରୁଦେବଙ୍କୁ ଭଲ ପାଇ ଅର୍ଣିମାକୁମାର ନାମଧେୟ ଜଣେ ଭକ୍ତଙ୍କ ପତ୍ନୀ ଶୈଳବାଳା ଯେତେବେଳେ ଅଶ୍ରୁସଜଳ ନୟନରେ ଶ୍ରୀ ଶ୍ରୀ ଠାକୁର କିଭଳି ତାଙ୍କୁ ନାନାବିଧ ବିପଦରୁ ଉଦ୍ଧାର କଲେ ବୋଲି ସମସ୍ତଙ୍କ ନିକଟରେ ବ୍ୟକ୍ତ କଲେ, ଶ୍ରୀ ଶ୍ରୀ ଠାକୁର ଆତ୍ମହରା ହୋଇ ସେହି ଶିଷ୍ୟାଙ୍କୁ ନିକଟକୁ ଡାକିନେଇ ଶିଷ୍ୟ ଭକ୍ତମାନଙ୍କୁ ଲକ୍ଷ୍ୟ କରି କହିଲେ— "ଏହା ହିଁ ସତ୍ୟ ଏବଂ ଅନ୍ୟସବୁ ମିଥ୍ୟା । ଯଦି ଏହି ଶୈଳପରି ମୋତେ ଭଲ ପାଇ ନ ପାରିବ, ତେବେ ତୁମମାନଙ୍କର ସଂଘ ବା ମଠାଶ୍ରମାଦିର କି ପ୍ରୟୋଜନ ଅଛି ? * ଶ୍ରୀଗୁରୁଙ୍କଠାରେ ଶଙ୍କର-ଗୌରାଙ୍ଗଙ୍କ ଭାବ ବିଦ୍ୟମାନ । ତେଣୁ ଗୁରୁଙ୍କଠାରେ ଆତ୍ମାହୁତି ଦେଲେ ହିଁ ନିଜ ନିଜ ଭାବ ଅନାୟାସରେ ଫୁଟିଉଠିବ । ଏହି ଗୁରୁତତ୍ତ୍ୱ ସାର୍ବଭୌମ ଓ ଅତି ମଧୁର । ମହାପୁରୁଷ ସଦ୍‌ଗୁରୁ; ଏସବୁ ଛାଡ଼ି କେବଳ ମନୁଷ୍ୟଭାବରେ ଜଣେ ଆତ୍ମୀୟଜ୍ଞାନରେ ଯଦି କେହି ମୋତେ ସୁଖ ପାଏ, ନିଶ୍ଚୟ ତା' ଚରିତ୍ର ଉତ୍କର୍ଷ ସାଧିତ ହେବ । ମୋର ବ୍ୟକ୍ତ ଓ ଅବ୍ୟକ୍ତ ଇଚ୍ଛାକୁ ରୂପଦେବା ହିଁ ମୋତେ ସୁଖ ପାଇବାର ନିଦର୍ଶନ ।

ଭାବର ସାଧନା ଅତି ଉଚ୍ଚସ୍ତରର । ଏହି ଭାବସାଧନା ଅନୁଗତ ହୋଇ କରିବାକୁ ପଡ଼େ । ଏହାକୁ ଅନୁଗା ଭଜନ କୁହାଯାଏ । ଶ୍ରୀକୃଷ୍ଣଙ୍କ

---

* ଶ୍ରୀଯୁକ୍ତା ନାରାୟଣୀ ଦେବୀଙ୍କ କୃତ "ବାଙ୍ଗଲାର ସାଧନାୟେ ନିଗମାନନ୍ଦ" ପୁସ୍ତକ ଦ୍ରଷ୍ଟବ୍ୟ ।

"ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ" ପୁସ୍ତକ ଦ୍ରଷ୍ଟବ୍ୟ ।

ଆରାଧନା କରି ତାଙ୍କୁ କେହି ଲାଭ କରିପାରି ନାହାନ୍ତି; କାରଣ ଯେ ଯାହାଙ୍କର ଉପାସନା କରନ୍ତି, ସେ ସେହି ସ୍ୱରୂପରେ ଲୟ ହୋଇଯା'ନ୍ତି । ଏଥିପାଇଁ ଶ୍ରୀକୃଷ୍ଣଙ୍କୁ ଲାଭ କରିବାକୁ ହେଲେ ରାଧାଭାବ ଗ୍ରହଣ କରିବାକୁ ପଡ଼େ । ବୈଷ୍ଣବମାନଙ୍କ ଭାବସାଧନା ଅତି ମଧୁର ଓ ବିଜ୍ଞାନସମ୍ମତ ।

ଯେଉଁ ଭକ୍ତ ନିଜ ପିତାଙ୍କୁ ଭଗବତଜ୍ଞାନରେ ଭକ୍ତି କରିବା ଶିକ୍ଷା କରିବେ ସେହି ଭକ୍ତଙ୍କର ଭଗବାନଙ୍କୁ ପିତା ବୋଲି ସମ୍ବୋଧନ କରିବାର ଅଧିକାର ଲାଭ ହେବ । ଅନ୍ୟାନ୍ୟ ଭାବସମ୍ବନ୍ଧରେ ମଧ୍ୟ ସେହି ଗୋଟିଏ କଥା ପ୍ରଯୁଜ୍ୟ । ଯେ ଆତ୍ମ ପ୍ରତିଷ୍ଠ, ସେ ଗୁରୁ ଏବଂ ଯେ ଆତ୍ମବଳି ଦିଅନ୍ତି ସେ ଶିଷ୍ୟ । ଭକ୍ତ ନିଜକୁ ଜୀବ ବୋଲି ମନେକରି ସମସ୍ତଙ୍କୁ ଭଗବତ୍‌ଦୃଷ୍ଟିରେ ଦେଖିଲେ ଜାଣିବ ଯେ ସେ ପ୍ରକୃତରେ ଭକ୍ତିପଥରେ ଗତି କରୁଛନ୍ତି; କାରଣ, ସମସ୍ତ ଜୀବ ହିଁ ଭଗବାନ । ସେହି ଜୀବମାନଙ୍କ ସେବାନିମିତ୍ତ ମନପ୍ରାଣ ଢାଳିଦେଇ ପାରିଲେ ଭଗବାନ୍ ନିଜେ ଆସି ତୁମର ସମସ୍ତ ଭାର ବହନ କରିବେ । ନିଜପାଇଁ କିଛି ଭାବିବାକୁ ପଡ଼ିବ ନାହିଁ । ଭକ୍ତମାନଙ୍କର ଯେଉଁ ପରିମାଣରେ ଭକ୍ତି ଲାଭ ହେବ, ସେମାନେ ନିଜକୁ ସେହି ପରିମାଣରେ ଭକ୍ତିହୀନ ବୋଲି ଜ୍ଞାନ କରିବେ ।

ହରଗୌରୀ ଓ ରାଧାକୃଷ୍ଣତତ୍ତ୍ୱ କିଭଳି ଅଭିନ୍ନ ସେ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର ଲେଖିଛନ୍ତି—"ହରଗୌରୀ ଜ୍ଞାନମୟ ମୂର୍ତ୍ତି ଓ ରାଧାକୃଷ୍ଣ ଭାବମୟ ମୂର୍ତ୍ତି, ହର ରାଧା ଏବଂ ଗୌରୀ କୃଷ୍ଣ । ହରି ସମ୍ବୋଧନରେ ହରେ । ଶିବ ନିର୍ଗୁଣ, ଶକ୍ତି ଗୁଣମୟୀ । ତେଣୁ ରାଧା ନିର୍ଗୁଣ, କୃଷ୍ଣ କର୍ମମୟ । ଏଥିପାଇଁ ଶିବଙ୍କ ନିକଟରେ ଗୌରୀ ଏବଂ ରାଧାଙ୍କ ନିକଟରେ କୃଷ୍ଣ ଯୋଡ଼-ହସ୍ତରେ ଦଣ୍ଡାୟମାନ ।" ଜଣେ ମହାତ୍ମା ଏହି ସତ୍ୟକୁ ଉପଲବ୍ଧି କରି ଲେଖିଛନ୍ତି—

"ଜନନୀ ମନ୍ଦିରେ ପ୍ରବେଶି ଦେଖିଲି କହିବାକୁ ନାହିଁ ବାଧା ।
ଶ୍ୟାମା ହେଲେ ଶ୍ୟାମ, ଚରଣର ଶିବ ଉଠିଣ ହୋଇଲେ ରାଧା ।"

ଭଗବାନ୍ ସଚ୍ଚିଦାନନ୍ଦ ବିଗ୍ରହ । ସେ ଗୁଣମୟ ଶ୍ରୀକୃଷ୍ଣଙ୍କ ଦେହରେ ଆବିଷ୍ଟ ହୋଇଥିଲେ ମାତ୍ର । ବ୍ରଜଲୀଳାରେ ତାଙ୍କର ପୂର୍ଣ୍ଣ ଆବେଶ ଏବଂ ମଥୁରାରେ

ଗୁଣମୟ ଦେହର କ୍ରିୟା । ଯେପରି ଜଡ଼ଜଗତର ବିକାଶନିମିତ୍ତ କେବଳ ସୂର୍ଯ୍ୟଙ୍କ କିରଣ ଆସିଲେ ଚଳିଯାଏ, ସୂର୍ଯ୍ୟଙ୍କର ଆସିବା ଦରକାର ହୁଏ ନାହିଁ; ସେହିପରି ବୃନ୍ଦାବନ-ଲୀଳାରେ ଭଗବାନଙ୍କର କିରଣ ମାତ୍ର ଆସିଥିଲା; ନିତ୍ୟଜଗତ୍‌କୁ ଶୂନ୍ୟ କରି ସେ ବୃନ୍ଦାବନକୁ ଆସି ନ ଥିଲେ । ଭକ୍ତିତତ୍ତ୍ୱ ଦ୍ୱୈତ ହେଲେ ମଧ୍ୟ ଏହା ଅଦ୍ୱୈତ ତତ୍ତ୍ୱର ଲୀଳାଭୂମି । ଭକ୍ତି ହିଁ ଜୀବର ସ୍ୱାଭାବିକ ଧର୍ମ । ଭଗବାନ୍ ସଚ୍ଚିଦାନନ୍ଦଘନ-ବିଗ୍ରହ; ଏହା ଯେ ଆସ୍ୱାଦନ କରନ୍ତି, ସେ ହେଉଛନ୍ତି ସାକ୍ଷୀ ଚୈତନ୍ୟ । ଭକ୍ତିର ଚରମ ଉତ୍କର୍ଷରେ ଭଗବାନ ଏପରି ଗ୍ରେପ୍ତ ହୋଇଯାଆନ୍ତି ଯେ ଭକ୍ତ ତାଙ୍କ କାନ ଧରିବାକୁ ମଧ୍ୟ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ମଧୁର ଭାବରେ ଭଗବାନଙ୍କ ସହିତ ଆତ୍ମସମ୍ମିଶ୍ରଣ ଘଟେ । ତେଣୁ ଗୋପୀଭାବ ଶ୍ରେଷ୍ଠ ଓ ଏହା ଦ୍ରଷ୍ଟାଭାବ ।”

“ମହାଶକ୍ତି ହିଁ ସଗୁଣ ନିର୍ଗୁଣ ଭେଦରେ ଦ୍ୱିଧା ବିଭକ୍ତ ହୋଇଛନ୍ତି । ସଗୁଣ ମା, ନିର୍ଗୁଣ ବାବା । ସଗୁଣ-ନିର୍ଗୁଣାତ୍ମକ ଭାବ ହିଁ ମହାଶକ୍ତି ବା ବ୍ରହ୍ମ । ହରଗୌରୀଙ୍କ ଯୁଗଳମିଳନ ଜ୍ଞାନର ସମନ୍ୱୟ । ଗୌରୀ ସଗୁଣ ମହାଶକ୍ତି; ହର ନିର୍ଗୁଣ ପ୍ରେମର ଭାବ । ଏହାପରେ ରାଧାକୃଷ୍ଣ । ସଚ୍ଚିଦାନନ୍ଦ-ରୂପିଣୀ ମା’ ହିଁ ଶ୍ରୀକୃଷ୍ଣ ଏବଂ ତାଙ୍କର ହ୍ଲାଦିନୀ ଶକ୍ତି ହିଁ ଶ୍ରୀରାଧା । ଜ୍ଞାନ ବିଚାର କରି ଏହିସବୁ ମୂର୍ତ୍ତିର ଆରାଧନା ନ କଲେ ସଂଶୟ ଦୂର ହେବ ନାହିଁ । ବୈଷ୍ଣବମାନଙ୍କର ଭାବସାଧନା ବେଦାନ୍ତ ଉପରେ ପ୍ରତିଷ୍ଠିତ । ସଖୀ-ଭାବର ସାଧକମାନେ କ୍ରମେ ଧିରେ ସଖୀସ୍ୱରୂପରେ ଲୀନ ହୋଇଯା’ନ୍ତି । ସେତେବେଳେ ସେମାନଙ୍କର ଯୁଗଳ ମୂର୍ତ୍ତିର ଦର୍ଶନ ଲାଭ ହୋଇଥାଏ । ସଖୀମାନେ ହିଁ ବେଦାନ୍ତବର୍ଣ୍ଣିତ ସାକ୍ଷୀ ଚୈତନ୍ୟ । ଏହିଭାବରେ ରହି-ପାରିଲେ ସମଗ୍ର ଜଗତରେ ଶ୍ରୀରାଧାକୃଷ୍ଣଙ୍କର ଦର୍ଶନ ହେବ । ଶିବଶକ୍ତି ମା’ଙ୍କର ବହିରଙ୍ଗା ଶକ୍ତି ଏବଂ ଶ୍ରୀରାଧାକୃଷ୍ଣ ତାଙ୍କର ଅନ୍ତରଙ୍ଗା ଚିତ୍‌ଶକ୍ତି; କିନ୍ତୁ ଚିତ୍ତ ଶୁଦ୍ଧି ନ ହେଲେ କେହି ଏହି ତତ୍ତ୍ୱର ଅଧିକାରୀ ହୋଇପାରିବେ ନାହିଁ; ସୁତରାଂ ଆତ୍ମବିଶ୍ୱାସ, ଭଗବତ ନିର୍ଭରତା ଓ ଶ୍ରୀଗୁରୁଦେବଙ୍କ ଚରଣରେ ଶରଣ ଗ୍ରହଣ ଏହି ପଥରେ ଅମୂଲ୍ୟ ସମ୍ପଦ ।”

"ଭକ୍ତପଥରେ ଭଗବାନ ଦୂରରେ ଥିବାପରି ବୋଧ ହୁଏ । ସୁଖ ପାଇବାର ବସ୍ତୁ ଦୂରରେ ଥିଲେ ତାଙ୍କ ସ୍ମୃତି ବା ଚିନ୍ତାରେ ଚିତ୍ତ ସ୍ୱତଃ ଆନନ୍ଦିତ ହୁଏ । ସ୍ୱାମୀ ବିଦେଶରେ ଥିଲେ ସତୀ ନାରୀ ତାଙ୍କ କଥା ମନେ ପକାଇ ଆତ୍ମହରା ହୋଇଯା'ନ୍ତି । ଚତୁର୍ଦ୍ଦିଗରେ ବହୁ ପୁରୁଷ ଥିଲେ ମଧ୍ୟ ସେଥିପ୍ରତି ତାଙ୍କର ଲକ୍ଷ୍ୟ ନ ଥାଏ । ଏହି ସତୀ ନାରୀଙ୍କ ଆଦର୍ଶରେ ଭଜନ କଲେ ସେହି ପ୍ରେମ ପ୍ରୀତିଫଳରେ ଭଗବାନ ଦର୍ଶନ ଦିଅନ୍ତି । ଏପରି ନକରି କେହି ଭଗବାନଙ୍କୁ ଦର୍ଶନ କଲେ ପ୍ରକୃତ ଆନନ୍ଦ ଲାଭ ହୁଏ ନାହିଁ; କିନ୍ତୁ ପ୍ରକୃତ ଭକ୍ତ ଥିଲେ ତାଙ୍କ ସ୍ମୃତିରେ ମଧ୍ୟ ଅପାର ଆନନ୍ଦ ଲାଭ ହୋଇଥାଏ । ଭକ୍ତଙ୍କର ଉପଯୁକ୍ତ ଅବସ୍ଥାରେ ସେ ଆପେ ଆସି ଧରାଦିଅନ୍ତି । ତେଣୁ ଯେଉଁମାନେ ସଦ୍‌ଗୁରୁଙ୍କ ସେବାର ଅଧିକାର ଲାଭ କରିଛନ୍ତି, ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ହୋଇସାରିଛି ବୋଲି ଜାଣିବ । ଚିତ୍ତଶୁଦ୍ଧି ହେଲା ମାତ୍ରେ ସେମାନଙ୍କର ଅନ୍ତର୍ଦ୍ଦୃଷ୍ଟି ଖୋଲିଯିବ ।"*

ସଦ୍‌ଗୁରୁ ଋଷି ନିଗମାନନ୍ଦ ଧ୍ୟାନରେ ମନ୍ତ୍ରରୂପରେ ବା ଭାବରୂପରେ ଯାହା ଦର୍ଶନ କରିଥିଲେ, ସ୍ଥୂଳରେ ସେସବୁକୁ ରୂପ ଦେବା ନିମିତ୍ତ ବିଶେଷ ଭାବରେ ଚେଷ୍ଟା କରିଥିଲେ । ଜ୍ଞାନଭକ୍ତିର ସମନ୍ୱୟ ବ୍ୟତୀତ ଅପୂର୍ଣ୍ଣ ମାନବଜୀବନ କେବେହେଲେ ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ । ଚିତ୍ତଶୁଦ୍ଧି ପଥ ବା ଭକ୍ତିପଥରେ ଚାଲିଲେ ଶୁଦ୍ଧପୂତ ଚିତ୍ତରେ ଜ୍ଞାନର ବିମଳ ଜ୍ୟୋତି ଫୁଟିଉଠେ । ତେଣୁ ଶଙ୍କର ଗୌରାଙ୍ଗ ଅର୍ଥାତ ଜ୍ଞାନ ଭକ୍ତିର ଯୁଗଳରୂପ ହିଁ ମାନବକୁ ଧନ୍ୟ ଓ କୃତାର୍ଥ କରେ । ସମଗ୍ର ମାନବଜାତିକୁ ଶ୍ରୀ ଶ୍ରୀ ଠାକୁର ଉପଦେଶ ଦେଇଛନ୍ତି ଯେ, ଯଦି ପ୍ରକୃତ ଜ୍ଞାନ ଲାଭ କରିବାକୁ ଇଚ୍ଛାକର, ତେବେ ଶଙ୍କରଙ୍କ ମତ ଓ ଗୌରାଙ୍ଗଦେବଙ୍କ ପଥ ଅବଲମ୍ବନ କର । ଶ୍ରଦ୍ଧା-ନିଷ୍ଠା-ଆଗ୍ରହଶୂନ୍ୟ ଜ୍ଞାନ ଓ ଜ୍ଞାନବିହୀନ ଆଗ୍ରହ ବା ଭକ୍ତି ଏଥିରୁ କୌଣସିଟି ମାନବକୁ ଚରମ ସାର୍ଥକତା ବା ଆନନ୍ଦ-ପଥରେ ଉନ୍ନୀତ କରିପାରେ ନାହିଁ ।

ଶୈବ, ଶାକ୍ତ ଓ ବୈଷ୍ଣବମାନଙ୍କର ଦ୍ୱନ୍ଦ୍ୱ ହିନ୍ଦୁସମାଜରେ ଆବହମାନ କାଳରୁ ଚାଲିଆସୁଛି । ଶିବ, କାଳୀ, କୃଷ୍ଣ, ବିଷ୍ଣୁ ପ୍ରଭୃତି ଉପାସ୍ୟ ତତ୍ତ୍ୱର

* ୧୩୩୩ ସାଲ ଆର୍ଯ୍ୟଦର୍ପଣରେ "ଶ୍ରୀଶ୍ରୀ ସ୍ମୃତି" ପ୍ରବନ୍ଧ ଦ୍ରଷ୍ଟବ୍ୟ

ପାର୍ଥକ୍ୟ ଅବଲମ୍ବନ କରି ବହୁ ଦଳ, ବହୁ ମତ, ବହୁ ପଥର ସୃଷ୍ଟିହୋଇଅଛି । ଏହି ଦ୍ୱନ୍ଦ୍ୱଯୁଗରେ ଋଷି ନିଗମାନନ୍ଦଙ୍କର ମାନବସମାଜକୁ ଆଉ ଗୋଟିଏ ଅଭିନବ ମହାଦାନ ସାର୍ବଭୌମ **'ଜୟଗୁରୁ'** ମହାନାମର ପ୍ରଚାର । ଭେଦ-ବିଭେଦ ସୃଷ୍ଟିକାରକ ବହୁ ନାମ, ବହୁ ଇଷ୍ଟମନ୍ତ୍ର ପ୍ରଚାରଯୁଗରେ ପ୍ରେମିକ ଗୁରୁ ଋଷି ନିଗମାନନ୍ଦ 'ଜୟଗୁରୁ' ମହାନାମ ବା ଐକ୍ୟମନ୍ତ୍ର ପ୍ରଚାର କରି ମନ୍ତ୍ରଦ୍ରଷ୍ଟା ଋଷିର ପରିଚୟ ଦେଇଛନ୍ତି । ଏହି ଗୁରୁବାଦର ସାର୍ବଭୌମ ପତାକାତଳେ ସବୁ ସମ୍ପ୍ରଦାୟଙ୍କ ଅବାଧ ସମ୍ମିଳନ ଅନାୟାସରେ ସମ୍ଭବ ହେବ । 'ଜୟଗୁରୁ' ନାମ ଗ୍ରହଣ କରି ଗୁରୁବାଦ ସ୍ୱୀକାରପୂର୍ବକ ସମସ୍ତେ ଆପଣାକୁ ଭାଇ ଭାଇ ବୋଲି ମନେକରି ପରସ୍ପର ପ୍ରେମ-ପ୍ରୀତିବନ୍ଧନରେ ଆବଦ୍ଧ ହୋଇ କାମ୍ଭଳ ଲକ୍ଷ୍ୟ ପଥରେ ଗତି କରିପାରିବେ, ସେଥିପାଇଁ ସେ 'ସାରସ୍ୱତ ସଂଘ' ଏବଂ 'ଭକ୍ତ ସମ୍ମିଳନୀ'ର ପ୍ରବର୍ତ୍ତନ କରି 'ଆଦର୍ଶ ଗୃହସ୍ଥ ଜୀବନ ଗଠନ' 'ସଂଘଶକ୍ତିର ପ୍ରତିଷ୍ଠା' ଓ 'ଭାବବିନିମୟ' କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଚରିତ୍ରଗଠନର ସାଧନାକୁ ସାଧନ-ପଥରେ ମୁଖ୍ୟସ୍ଥାନ ପ୍ରଦାନ କରିଛନ୍ତି ।

ଶ୍ରୀ ଶ୍ରୀ ଠାକୁର ଭାବଲୋକରେ ଉପସ୍ଥିତ ହୋଇ ବୁଝିଲେ ଯେ ଜଗତ ମିଥ୍ୟାମୟ । ଭକ୍ତିଦ୍ୱାରା ହିଁ ଭଗବତଦର୍ଶନ ଲାଭ ହୁଏ । ତାଙ୍କୁ ସୁଖୀ ପାଇପାରିଲେ ଭକ୍ତମାନଙ୍କର କୌଣସି ଅଭାବ ରହେ ନାହିଁ । ଭକ୍ତି ଅର୍ଥ କାୟମନୋବାକ୍ୟରେ ତାଙ୍କର ଭଜନ କରିବା । ଚକ୍ଷୁଦ୍ୱାରା ତାଙ୍କର ଶ୍ରୀମୂର୍ତ୍ତି ଦର୍ଶନ, ପାଦଦ୍ୱାରା ତାଙ୍କ ଲୀଳା ସ୍ଥାନକୁ ଗମନ, ହସ୍ତରେ ତାଙ୍କର ସେବା-ପୂଜା ଏବଂ କର୍ଣ୍ଣଦ୍ୱାରା ତାଙ୍କର ଲୀଳା ଶ୍ରବଣ ହେଲା କାୟଦ୍ୱାରା ଭଜନ । ତାଙ୍କ ଲୀଳା ଶ୍ରବଣ ଓ ମନନ ସର୍ବଦା ତାଙ୍କର ଧ୍ୟାନ ଓ ନାମଜପରେ ତନ୍ମୟ ରହିବା ହେଉଛି ମନଦ୍ୱାରା ଭଜନ । ତାଙ୍କ ଲୀଳା କୀର୍ତ୍ତନ କରିବା, ଶ୍ରଦ୍ଧାବାନ୍ ଜନଙ୍କ ସହିତ ଭଗବତ ଲୀଳା-ପ୍ରସଙ୍ଗ ଆଲୋଚନା କରିବା ସ୍ତବ, ସ୍ତୁତି, ନାମ-କୀର୍ତ୍ତନ ଆଦି ବାକ୍ୟଦ୍ୱାରା ନାମ ଭଜନ । ଉପର୍ଯ୍ୟୁକ୍ତ ପ୍ରକାରରେ ଭକ୍ତମାନେ ତାଙ୍କୁ ଚିନ୍ତାକଲେ ଅହଂଶୂନ୍ୟ ହୋଇପଡ଼ନ୍ତି । ପ୍ରେମ ଅନୁରାଗ ନ ହେଲେ ଭଗବାନଙ୍କୁ ଲାଭ କରିହୁଏ ନାହିଁ । ତ୍ୟାଗୀ ନ ହେଲେ କେହି

ପ୍ରେମଭକ୍ତି ଲାଭ କରିପାରନ୍ତି ନାହିଁ । ଏହି ଭାବର ଅନୁଶୀଳନନିମିତ୍ତ ସେ 'ସାରସ୍ୱତ ସଙ୍ଘ' ପ୍ରତିଷ୍ଠା କରି ଭକ୍ତିସାଧନର ପଥ ଉନ୍ମୁକ୍ତ କରିଛନ୍ତି ।

ଅବଶେଷରେ ସେ ଲୋକ-ଶିକ୍ଷାଦାତା ଗୁରୁରୂପରେ ଭକ୍ତବୃନ୍ଦ-ପରିବେଷ୍ଟିତ ହୋଇ ସଙ୍ଘ ଦେବତା ଭାବରେ ପୂଜିତ ହେଲେ । ଫୁଲ ଫୁଟିଲେ ଭ୍ରମରମାନେ ଯେପରି ଆପଣା ମନକୁ ଆକର୍ଷିତ ହୋଇ ଆସନ୍ତି, ଭକ୍ତମାନେ ଅହେତୁକ ଭାବରେ ସେହିପରି ତାଙ୍କ ଶ୍ରୀଚରଣ-କମଳରେ ଆଶ୍ରୟ ନେଲେ । ସେ କେବେ କହିଲେ ନାହିଁ, 'ମୋ ନିକଟକୁ ଆସିଲେ ସବୁ ମିଳିବ' । ସେ ଉପଦେଶ ଦେଲେ ଯେ, "ଯେ ଯେଉଁ ଭାବରେ ବିଶ୍ୱାସ କରିବେ, ସେହି ବିଶ୍ୱାସବଳରେ ସେ ସତ୍ୟପଥରେ ଅଗ୍ରସର ହେଲେ ସର୍ବାଭୀଷ୍ଟ ପୂର୍ଣ୍ଣହେବ । ତେଣୁ ନିଜ ନିଜ ମତ ଓ ପଥ ପରିତ୍ୟାଗ ନ କରି ସତ୍ୟପଥରେ ଅଗ୍ରସର ହେବା ଦରକାର । ଏହି ବିଶ୍ୱରେ ମନୁଷ୍ୟ ହିଁ ସର୍ବାପେକ୍ଷା ଶକ୍ତିଶାଳୀ, କିନ୍ତୁ ମନୁଷ୍ୟ ତାହା ଜାଣେ ନାହିଁ । ସେହି ଶକ୍ତିକୁ ଜାଗ୍ରତ କରିବାର ନାମ ସାଧନା । ସେହି ସାଧନାରେ ସିଦ୍ଧିଲାଭ କରିବା ନିମିତ୍ତ ବାହାରର ଧୂପ, ଦୀପ, ନୈବେଦ୍ୟ ବା ଯମ-ନିୟମାଦି ଯୋଗ ସାଧନା କିମ୍ବା ପଞ୍ଚମକାରର ଅନୁଶୀଳନର କିଛି ମାତ୍ର ପ୍ରୟୋଜନ ହୁଏ ନାହିଁ । କେବଳ ଭକ୍ତମାନଙ୍କର ପ୍ରାଣ, ଭାବ ଓ ପ୍ରେମ ଆବଶ୍ୟକ । ଭଗବାନ ଅହେତୁକ କୃପାସିନ୍ଧୁ ହେଲେ ମଧ ତାଙ୍କ ନିକଟରେ କେବଳ ଭିକ୍ଷା କଲେ କୃପାମିଳେ ନାହିଁ । ତାଙ୍କୁ ସୁଖ ପାଇବାଦ୍ୱାରା, ତାଙ୍କପାଇଁ ବ୍ୟାକୁଳତାଦ୍ୱାରା ଓ ତାଙ୍କପ୍ରତି ନିର୍ଭରତାଦ୍ୱାରା ହିଁ ସେହି କୃପାସିଦ୍ଧି ମିଳିଥାଏ ।

ଜୀବନ୍ମୁକ୍ତ ପୁରୁଷଙ୍କ ଉପାସନା ସବୁଠାରୁ ଶ୍ରେଷ୍ଠ ବୋଲି ସେ ଉପଦେଶ ଦେଇଛନ୍ତି । ମହାପୁରୁଷମାନଙ୍କର ଚିନ୍ତାଧାରା, ସାଧନା, ତ୍ୟାଗ, ବୈରାଗ୍ୟ, ସଂଯମ ଶିକ୍ଷା ପ୍ରଭୃତି ଆକାଶର ଚିତ୍ରପଟରେ ସୂକ୍ଷ୍ମଭାବରେ ଅଙ୍କିତ ହୋଇ ରହିଛି । ସେହି ମହାତ୍ମାମାନଙ୍କ ଚିନ୍ତାରେ ସେମାନଙ୍କ ଗୁପ୍ତରହସ୍ୟାଙ୍କର ତେଜ ଭକ୍ତମାନଙ୍କର ଅନ୍ଧକାରାଚ୍ଛନ୍ନ ହୃଦୟକୁ ଆଲୋକିତ କରିଦେବ । ଭକ୍ତମାନେ ତାଙ୍କ ଜ୍ଞାନପ୍ରେମ ଅତି ସହଜରେ ଲାଭ କରି ଧନ୍ୟ ହେବେ । ସାମାଜିକ

ଜୀବନନିମିତ୍ତ ଆଦର୍ଶବାଦର ପ୍ରୟୋଜନ ଅଛି; ମାତ୍ର ଆଧ୍ୟାତ୍ମ ଜ୍ଞାନ ଶିକ୍ଷା କରିବାନିମିତ୍ତ ଗୁରୁ ଏବଂ ମହାପୁରୁଷଙ୍କପ୍ରତି ପ୍ରକୃତ ପ୍ରେମ ଥିବା ଏକାନ୍ତ ଆବଶ୍ୟକ । ଉପର୍ଯ୍ୟୁକ୍ତ ନିରଭିମାନ ସଦ୍‌ଗୁରୁଙ୍କ ଦର୍ଶନ କରିବାକୁ ଇଚ୍ଛାକରି କେତେ ମହାପୁରୁଷ, କେତେ ସିଦ୍ଧ ସାଧକ, କେତେ ଭକ୍ତ, ଏହି ଗୃହସ୍ଥ ବେଶଧାରୀ କୌପୀନ-କମଣ୍ଡଳୁହୀନ ପ୍ରେମିକ ଗୁରୁଙ୍କୁ ଦର୍ଶନ କରିବା ମାତ୍ରକେ ପ୍ରଣତିଜ୍ଞାପନପୂର୍ବକ ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁଥିଲେ । କେତେ ରାଜପୁରୁଷ ଏବଂ ସାଧାରଣ ସଙ୍ଗତିସମ୍ପନ୍ନ ଗୃହସ୍ଥ ତାଙ୍କର ଯଥୋପଯୁକ୍ତ ସେବାନିମିତ୍ତ ଲାଳାୟିତ ହେଉଥିଲେ । ତାହାର ସୀମା-ସଂଖ୍ୟା ନାହିଁ । କର୍ମୀମାନେ ଦଳ ଦଳ ହୋଇ ତାଙ୍କର ଆଦେଶପ୍ରାର୍ଥୀ ଭାବରେ ଶ୍ରୀଚରଣସେବାରେ ନିଯୁକ୍ତ ଥିଲେ । ଅର୍ଘ୍ୟଥାଳି ହସ୍ତରେ ଧରି କେତେ ଭକ୍ତ ନରନାରୀ ତାଙ୍କ ମନ୍ଦିର-ପାଦଚ୍ଛତଳେ ସମବେତ ହୋଇ ନୟନ-ନୀରରେ ସିକ୍ତ ହୋଇ ଯୁକ୍ତକରରେ ସେବା ଅପେକ୍ଷାରେ ବସି ରହୁଥିଲେ, ତାହା ବର୍ଣ୍ଣନାତୀତ । ଅହେତୁକ ଭାବରେ ସାଧାରଣ ନରନାରୀ ତାଙ୍କ ପ୍ରତି ଭଗବତ୍‌ଜ୍ଞାନରେ ସହଜଭାବରେ ଆକୃଷ୍ଟ ହେବା ଦେଖି ଜଣେ ଭକ୍ତ ପ୍ରଶ୍ନକଲେ, "ଜଣେ ମନୁଷ୍ୟକୁ ଦର୍ଶନ କରିବାପାଇଁ ଜନସାଧାରଣଙ୍କର ଏତେ ବ୍ୟାକୁଳତା କାହିଁକି ? ଏପରି ଆକର୍ଷଣର କାରଣ କ'ଣ ?" ଶ୍ରୀ ଶ୍ରୀ ଠାକୁର ସ୍ନିଗ୍ଧ ସୌମ୍ୟ ବଦନରେ ସ୍ମିତ ହାସ୍ୟରେ ଉତ୍ତର ଦେଲେ—"ମାନବ ଗୁରୁଙ୍କୁ ବହୁ ଲୋକ ଦର୍ଶନ କରିଛନ୍ତି, ସତ୍ୟ; ମାତ୍ର ଭଗବାନ-ଗୁରୁଙ୍କୁ କେହି ଦେଖି ନାହାନ୍ତି । ତେଣୁ ସେମାନଙ୍କର ଏତେ ଆକର୍ଷଣ ।" * ଶ୍ରୀ ଶ୍ରୀ ଠାକୁରଙ୍କମଧ୍ୟରେ ଏକାଧାରରେ ଗୁରୁତ୍ୱ ଓ ଭଗବତ୍ତ୍ୱ ପ୍ରତିଷ୍ଠିତ ଥିଲା ।

ସମବେତ ଭକ୍ତମାନଙ୍କୁ ଆଦର୍ଶ ଗୃହସ୍ଥ ହେବାକୁ ଉପଦେଶ ଦେଇ ଶ୍ରୀ ଶ୍ରୀ ଠାକୁର କହୁଥିଲେ—"ତୁମେମାନେ ଆଦର୍ଶ ଗୃହସ୍ଥ ଜୀବନ ଯାପନ କର, ଏହା ହିଁ ମୋର କାମନା । ସମାଜକୁ ଜାଗ୍ରତ କରିବାକୁ ହେଲେ ଆଦର୍ଶ ଗୃହସ୍ଥଙ୍କର ବିଶେଷ ପ୍ରୟୋଜନ । ଆଦର୍ଶ ସ୍ୱାମୀ, ଆଦର୍ଶ ପିତା, ଆଦର୍ଶ

---

* 'ଆର୍ଯ୍ୟଦର୍ପଣ' ୧୩୬୮ ସାଲ ଚୈତ୍ର ସଂଖ୍ୟା ଦ୍ରଷ୍ଟବ୍ୟ ।

ଭ୍ରାତାଙ୍କ କର୍ତ୍ତବ୍ୟ ପ୍ରତିପାଳନ କର । ପ୍ରାଚୀନ ଯୁଗରେ ଏହା ଥିଲା ବୋଲି ଦେଶ ଶୀର୍ଷସ୍ଥାନକୁ ଉଠିଥିଲା । ଆଧୁନିକ ସମାଜରେ ଏହା ନ ଥିବାରୁ ଆଜି ଦେଶର ଅଧଃପତନ । ସବୁ ଅବସ୍ଥାରେ ନିଜର ଆନନ୍ଦସ୍ୱରୂପତ୍ୱ ଅକ୍ଷୁଣ୍ଣରଖି ସମସ୍ତଙ୍କୁ ସୁଖ ପାଇ ସମସ୍ତଙ୍କୁ ଆନନ୍ଦ ଦେଇ ସେମାନଙ୍କ ଜୀବନକୁ ମଧ୍ୟ ମଧୁମୟ କରିବାକୁ ଚେଷ୍ଟା କରିବାକୁ ହେବ । ଏହାହିଁ ହେବ ଆଦର୍ଶ ଗୃହସ୍ଥଙ୍କର କର୍ତ୍ତବ୍ୟ । କର୍ମଫଳରେ ବିଶ୍ୱାସ, କର୍ତ୍ତବ୍ୟପରାୟଣତା ଏବଂ ଭଗବତ ନିର୍ଭରତା ଆଦର୍ଶ ଗୃହସ୍ଥମାନଙ୍କର ଅଙ୍ଗର ଭୂଷଣ । ଯାବତୀୟ କର୍ମକୁ ଅର୍ଥାତ ସଂସାର ଓ ସମାଜ ପ୍ରତି କର୍ତ୍ତବ୍ୟକୁ ଭଗବତ୍‌ସେବା ଭାବରେ ଗ୍ରହଣ କରିବା ହିଁ ବର୍ତ୍ତମାନ ଯୁଗର ସାଧନା ।"

ଉପଯୁକ୍ତଭାବରେ ଯେଉଁମାନେ ଭକ୍ତିପଥରେ ଚାଲି ଆତ୍ମଗଠନପୂର୍ବକ ଆଦର୍ଶ ଜୀବନଯାପନ କରିବେ, ସେହି ଭକ୍ତମାନଙ୍କୁ ନେଇ ସଂଘବଦ୍ଧ ଭାବରେ ଭାବବିନିମୟ କରିବା ଏକାନ୍ତ ଆବଶ୍ୟକ । ଏ ଯୁଗରେ ସଂଘଶକ୍ତି ଭିନ୍ନ ଅନ୍ୟ କୌଣସି ଉପାୟରେ ସମାଜର ଉନ୍ନତି ଏବଂ ଆତ୍ମୋନ୍ନତି ହୋଇପାରିବ ନାହିଁ । ଭାବବିନିମୟ ଓ ଆତ୍ମଗଠନ ସଂଘଶକ୍ତି ପ୍ରତିଷ୍ଠାର ମୂଳ ଭିତ୍ତି ବା ରସାୟନ । ତେଣୁ ଯେଉଁଠାରେ ତିନି ଜଣ ଉପର୍ଯ୍ୟୁକ୍ତ ଭାବାପନ୍ନ ଭକ୍ତ ଅଛନ୍ତି, ସେମାନଙ୍କୁ ନେଇ ସଂଘ ପ୍ରତିଷ୍ଠାପୂର୍ବକ ଧର୍ମ, କର୍ମ, ଶିକ୍ଷା ଓ ନୀତି ପାଳନ ସମ୍ପର୍କରେ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇ ଶ୍ରୀ ଶ୍ରୀ ଠାକୁର ସାରସ୍ୱତ ମଠ ଏବଂ ସାରସ୍ୱତ ସଂଘ ପ୍ରତିଷ୍ଠା କରିଥିଲେ ।

ଋଷିମାନଙ୍କ ମତରେ ମାନବର ଜନ୍ମସଂସ୍କାର ହିଁ ପ୍ରଧାନ ସଂସ୍କାର । ଛାତ୍ର-ଜୀବନରୁ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ପରେ ଗୃହସ୍ଥାଶ୍ରମରେ ପ୍ରବେଶ କଲେ ସେମାନଙ୍କଠାରୁ ଉଦ୍ଭୂତ ସନ୍ତାନ-ସନ୍ତତିମାନେ ହୃଷ୍ଟପୁଷ୍ଟ, ବଳିଷ୍ଠ, ସତ୍‌ସାହସୀ ଓ ଦୀର୍ଘଜୀବୀ ହେବେ । ତାହାହେଲେ ସେହିସବୁ କର୍ମବୀର-ମାନଙ୍କୁ ନେଇ ସାମାଜିକ ଉନ୍ନତି, ଜାତୀୟ ଉନ୍ନତି, ଧର୍ମଜୀବନର ଉନ୍ନତି ଇତ୍ୟାଦି ସବୁ ପ୍ରକାର ଉନ୍ନତି ସାଧିତ ହୋଇପାରିବ । କ୍ରମେ ଉପର୍ଯ୍ୟୁକ୍ତ ସତ୍‌ଶିକ୍ଷା ପ୍ରଭାବରେ ଭାରତରୁ ତମୋଗୁଣ ପଳାୟନ କରିବ ଏବଂ ରଜଃ ଓ

ସତ୍ତ୍ୱ ଭାବର ଆବିର୍ଭାବ ଘଟିବ । ଭାରତର ଲୁପ୍ତପ୍ରାୟ ପୂର୍ବଗୌରବ ପୁଣି ଫେରିଆସିବ । ତେଣୁ ଗୁରୁମାନଙ୍କ ମାନସିକ ଶକ୍ତି ଶାରୀରିକ ଶକ୍ତି ବୃଦ୍ଧି-ନିମିତ୍ତ ଠାକୁର ନାନାବିଧ ଉପଦେଶ ପ୍ରଦାନ କରି ସାରସ୍ୱତ ବିଦ୍ୟା ମନ୍ଦିର ଏବଂ ଋଷି ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । * ପ୍ରେମ ସାଧନ ପଥରେ ଯୌଗିକ ଉପାୟରେ କିଭଳି ସଂଯମ ସାଧନା କରାଯାଏ, ତାହା ମଧ୍ୟ ସେ ଏହି ଗ୍ରନ୍ଥରେ ବିବୃତ କରିଛନ୍ତି ।

କେବଳ ମୌଖିକ ଭାବ ପ୍ରଚାରଦ୍ୱାରା ସେ ତାଙ୍କର କର୍ତ୍ତବ୍ୟ ଶେଷ କରିନାହାନ୍ତି । ଯେପରି ଯୁଗ ଯୁଗ ଧରି ତାଙ୍କର ଆଦର୍ଶ, ଉଦ୍ଦେଶ୍ୟ, ମତବାଦ ଓ ଭାବଧାରା ଦେଶମଧ୍ୟରେ ଅବାଧଭାବରେ ପ୍ରଚାରିତ ହୋଇପାରେ, ସେଥିପାଇଁ ସେ ସନାତନ ଧର୍ମର ମୁଖପତ୍ର 'ଆର୍ଯ୍ୟ ଦର୍ପଣ' ନାମକ ମାସିକ ପତ୍ରିକା ମାଧ୍ୟମରେ ତାହା ପ୍ରଚାର କରିଛନ୍ତି ଏବଂ ସାରସ୍ୱତ ଗ୍ରନ୍ଥାବଳୀ ପ୍ରଣୟନ ଓ ପ୍ରଚାର କେନ୍ଦ୍ରରୂପରେ ସାରସ୍ୱତ ମଠ ଓ ଆଶ୍ରମ ଏବଂ ସଙ୍ଘ ପ୍ରତିଷ୍ଠା କରି ସେଥିରେ ସେବା, ଶିକ୍ଷା ଓ କୃଷି ପ୍ରଭୃତି ବିଭିନ୍ନ ବିଭାଗ ପ୍ରବର୍ତ୍ତନ ପୂର୍ବକ ଅକ୍ଷୟ କୀର୍ତ୍ତି ସ୍ଥାପନ କରିଛନ୍ତି ।

ସେ ସାରସ୍ୱତ ମଠ ଓ ଆଶ୍ରମ ପ୍ରତିଷ୍ଠା କରି ସେସବୁର ପରିଚାଳନା-ନିମିତ୍ତ ଗୋଟିଏ ଟ୍ରଷ୍ଟବୋର୍ଡ଼ ବା ନ୍ୟାସମଣ୍ଡଳୀ ଗଠନ ପୂର୍ବକ ସେସବୁର ଭାର ସେମାନଙ୍କ ଉପରେ ଅର୍ପଣ କରି ପୁରୀଧାମ 'ନୀଳାଚଳ କୁଟୀର' ରେ ତାଙ୍କର ଶେଷ ଜୀବନର ଅଧିକାଂଶ ସମୟ ନିର୍ଜ୍ଜନରେ ଅତିବାହିତ କରିଛନ୍ତି । ପୁରୀଧାମରେ ଅବସ୍ଥାନକାଳରେ ଶିଷ୍ୟ ଭକ୍ତମାନଙ୍କୁ ସଙ୍ଘବଦ୍ଧ କରିବା ଉଦ୍ଦେଶ୍ୟରେ ଇଂରାଜୀ ୧୯୩୪ ମସିହା ଝୁଲଣ ପୂର୍ଣ୍ଣିମା ଦିନ ଶ୍ରୀ ଶ୍ରୀ ଠାକୁର ତାଙ୍କ ପବିତ୍ର ଜନ୍ମ ଦିବସରେ "ନୀଳାଚଳ ସାରସ୍ୱତ ସଙ୍ଘ' ପ୍ରତିଷ୍ଠା କରି 'ଆଦର୍ଶ ଗୃହସ୍ଥ ଜୀବନ ଗଠନ' 'ସଙ୍ଘଶକ୍ତିର ପ୍ରତିଷ୍ଠା' ଓ 'ଭାବବିନିମୟ'

* ୧୩୪୮ ସାଲ 'ଆର୍ଯ୍ୟ ଦର୍ପଣ' ଶ୍ରାବଣ, ସଂଖ୍ୟା ଅବଲମ୍ବନରେ ଲିଖିତ ।

କରିବାକୁ ଆଦେଶ ଦେଲେ ଏବଂ ଉତ୍କଳରେ ତାଙ୍କ ଭାବଧାରା ପ୍ରଚାରନିମିତ୍ତ ସୁସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କଲେ ।

ଭକ୍ତମାନଙ୍କୁ ଲକ୍ଷ୍ୟ କରି ଶ୍ରୀ ଶ୍ରୀ ଠାକୁର ଉପଦେଶ ଦେଲେ— "ସମସ୍ତଙ୍କୁ ସୁଖ ପାଅ, ପ୍ରତ୍ୟେକଙ୍କୁ ଦେଖି ଆନନ୍ଦିତ ହୁଅ । ସାଧ୍ୟ ଓ ସୁବିଧାମତେ ଅପରର ଉପକାର କର । ଅପକାରୀକୁ ଉପକାରଦ୍ୱାରା ଜୟ କର । ଶତ୍ରୁକୁ ପ୍ରେମରେ ବଶୀଭୂତ କର । ଦୁର୍ଜ୍ଜନକୁ କ୍ଷମାଦ୍ୱାରା ପରାସ୍ତ କର । ଭଗବତ୍‌ପ୍ରେମରେ ବୁଡ଼ିରହି ତାଙ୍କର ନାମ ଓ ଗୁଣଗାନରେ ମତ୍ତ ରହି ଏବଂ ଆନନ୍ଦ ମନରେ ସଂସାର, ସମାଜ ଓ ଦେଶର ସେବା କରିଯାଅ । ଭଗବାନଙ୍କ ନିକଟରେ ପ୍ରେମଭକ୍ତି ବ୍ୟତୀତ ଅନ୍ୟ କିଛି ପ୍ରାର୍ଥନା କର ନାହିଁ । ସୁଖ ପାଇବାକୁ ସ୍ୱଭାବରେ ପରିଣତ କର । ନିଜକୁ ଭୁଲିଯାଇ ନାରାୟଣଜ୍ଞାନରେ ଅପରର ସେବା କରିପାରିଲେ ଭଗବାନ ତୁମକୁ ଆପଣା ମନକୁ କୋଳକୁ ଟାଣିନେବେ । ମନ୍ତ୍ର, ତନ୍ତ୍ର, ଯୋଗ, ଯାଗର ପ୍ରୟୋଜନ ହେବ ନାହିଁ । ତୁମେ ବ୍ରହ୍ମମୟୀଙ୍କ ସନ୍ତାନ, ବ୍ରହ୍ମସ୍ୱରୂପ । ଆନନ୍ଦ ହିଁ ତୁମର ସ୍ୱଭାବ । ଆତ୍ମଜ୍ଞାନ ଲାଭକଲେ ଜାଣିବ ଯେ ଜଗତର ସମସ୍ତ ଆନନ୍ଦ ସେହି ଆନନ୍ଦ-ପ୍ରସ୍ରବଣରୁ ଉତ୍ସାରିତ ।"

ଉତ୍କଳୀୟ ଭକ୍ତମାନଙ୍କଠାରୁ ବିଦାୟ ନେବାର ପ୍ରାୟ ଏକମାସପରେ କଲିକତାଯାଇ ସେଠାରେ ସେ ଦେହରକ୍ଷା କଲେ । ସେ କହିଛନ୍ତି, ଅନ୍ୟ ପୀଠସ୍ଥାନ ତୁଳନାରେ ଉତ୍କଳ ହିଁ ସିଦ୍ଧପୀଠ ଓ ଉତ୍କଳୀୟମାନେ ଅନନ୍ୟପ୍ରେମ ଭକ୍ତିର ବିଶେଷ ଅଧିକାରୀ । ଏହି କାରଣରୁ ସେ ସେମାନଙ୍କୁ ପ୍ରେମଭକ୍ତିର ସାଧନ ପ୍ରଦାନ କରିଥିଲେ । ତେଣୁ 'ନୀଳାଚଳ ସାରସ୍ୱତ ସଂଘ'ର ସଙ୍ଘପତି ଶ୍ରୀଯୁକ୍ତ ବନମାଳୀ ଦାଶ ମହୋଦୟ ତାଙ୍କ ମହିମା ସମ୍ବନ୍ଧରେ ଲେଖିଛନ୍ତି—

"ଯୁଗ ଯୁଗ ଧରି ଯୋଗୀ, ଗୋପୀ ରୂପେ ହେଲେ ଭୋଗୀ ।"
ଯେଉଁ ପ୍ରେମେ ସେହି ପ୍ରେମ ଶିଷ୍ୟେ ସଞ୍ଚାରି ।"
ସୁଖପାଅ ଟିକିଏ ମୋତେ, ଅଖିଳ ସାଧନ, ସିଦ୍ଧି ଲଭି କରିଥିତେ ।

ଶେଷରେ ଭକ୍ତମାନଙ୍କୁ ଶେଷ ଆଶୀର୍ବାଦ ପ୍ରଦାନ କରି ଶ୍ରୀ ଶ୍ରୀ ଠାକୁର କହିଲେ—"ଯେଉଁମାନେ ମୋତେ 'ମୋର' ବୋଲି ଭାବି ଶରଣନେଇଛନ୍ତି, ସେମାନଙ୍କର ମୁକ୍ତି ନ ହେବାପର୍ଯ୍ୟନ୍ତ ମୁଁ ମଧ୍ୟ ମୁକ୍ତ ହେବି ନାହିଁ। ମୁଁ ମୋର ଶୂନ୍ୟହୃଦୟରେ ପ୍ରେମର ଗୋଟିଏ ଚିଦ୍‌ଘନ ଜଗତ ଗଠନ କରିଛି। ତୁମେମାନେ ହିଁ ସେହି ଲୀଳାର ସହାୟକ। ବତ୍ସ! ଗୁଣ ଓ ଶକ୍ତି ବ୍ୟତୀତ ଯେପରି ଭଗବାନ ନିରର୍ଥକ, ସେହିପରି ଭକ୍ତଙ୍କ ବ୍ୟତୀତ ଗୁରୁଙ୍କର ଗୁରୁତ୍ୱ ନିଫଳ। ଶିଷ୍ୟମାନଙ୍କ ପ୍ରାଣରେ ଗୁରୁଙ୍କର ବିକାଶ ନ ହେଲେ ଶିଷ୍ୟତ୍ୱ ବୃଥା। ଗୁରୁ ଶିଷ୍ୟ ଏକ ଆତ୍ମା, କେବଳ କାୟା ଭିନ୍ନ। ତୁମେ ଗୁରୁଙ୍କର ହେଲେ ତୁମର ସମସ୍ତ ତାଙ୍କର ବୋଲି ଧାରଣା ଜାତ ହେବ। ବତ୍ସ! ବାହାରେ ମୋର ଦର୍ଶନ ନ ପାଇଲେ ମଧ୍ୟ ତୁମର କିଛି କ୍ଷତି ହେବ ନାହିଁ। ବାହ୍ୟିକ ବିଷୟ ମାତ୍ରକେ ମାୟିକ। ତୁମେ ମୋତେ ଅନ୍ତରରେ ଦେଖିବାକୁ ଅଭ୍ୟାସ କର। ତୁମ ନିଜର ଭାବ ଦେଇ ତୁମ କଳ୍ପନା ଅନୁଯାୟୀ ମୋର ଗୋଟିଏ ମୂର୍ତ୍ତି ଗଠନ କର ଏବଂ ତାଙ୍କୁ ହୃଦୟସିଂହାସନରେ ବସାଇ ଚକ୍ଷୁଦ୍ୱାରା ସେହି ମୂର୍ତ୍ତିଙ୍କୁ ପ୍ରତ୍ୟକ୍ଷ କର, ସର୍ବାର୍ଥ ସିଦ୍ଧି ହେବ। ଏହିମୂର୍ତ୍ତିଙ୍କୁ ଭକ୍ତିପୂର୍ବକ ମାନସିକ ସେବା ପୂଜା କର। ବାହ୍ୟ ଦେହଦ୍ୱାରା ବାହ୍ୟିକ କାର୍ଯ୍ୟ କର ଓ ଅନ୍ତରରେ ତାଙ୍କୁ ଧରିରଖ।"

"ମୁଁ ଚିରକାଳ ଅଛି ଓ ରହିବି। ଏହି ଦେହ-ସ୍ଥିତିକାଳରେ ମୁଁ ତୁମମାନଙ୍କ ବାହାରେ ଅଛି ଏବଂ ଦେହରକ୍ଷାପରେ ତୁମମାନଙ୍କ ହୃଦୟ-ମନ୍ଦିରରେ ମୋ ଆସନ ପ୍ରତିଷ୍ଠିତ ହେବ। ତୁମେମାନେ ସବୁ ତ୍ୟାଗ କରି, ସବୁ ଆଶାରେ ଜଳାଞ୍ଜଳି ଦେଇ ଏକମାତ୍ର ମୋର (ଗୁରୁଙ୍କର) ଶରଣାପନ୍ନ ହୁଅ। ମୋତେ ଟିକିଏ ସୁଖ ପାଇବାକୁ ଅଭ୍ୟାସ କର। ଏତିକି କରିପାରିଲେ ତୁମମାନଙ୍କର ସବୁ ଲାଭ ହେବ। ତୁମମାନଙ୍କର କିଛି ଅଭାବ ରହିବ ନାହିଁ। ତୁମମାନଙ୍କୁ କିଛି କରିବାକୁ ହେବ ନାହିଁ। ମୁଁ ଯେଉଁ ଜଗଦ୍‌ହିତକର କର୍ମର ସୂଚନା ଦେଇଛି, ତୁମେମାନେ ତାହାରି ସହାୟକ ହୁଅ। ମୋ ପ୍ରାଣରେ ପ୍ରାଣ ମିଶାଇ ସେହି ବ୍ରତ ଉଦ୍‌ଯାପନରେ ବ୍ରତୀ ହୁଅ। ମୁଁ ପ୍ରତିଜ୍ଞା କରି କହୁଛି, ଏତିକରେ ତୁମମାନଙ୍କର ସବୁ ହେବ। ଅନ୍ୟ ସାଧନ ଭଜନର

କିଛି ମାତ୍ର ପ୍ରୟୋଜନ ପଡ଼ିବ ନାହିଁ । ତୁମେମାନେ ମୋ ଉପରେ ନିର୍ଭର କରି ସେହି ଶୁଭଦିନ ପ୍ରତୀକ୍ଷାରେ ବସିରହ । ଆପଣା ମନକୁ ତୁମ ବାହୁରେ ଶକ୍ତି, ହୃଦୟରେ ଭକ୍ତି ଓ ପ୍ରାଣରେ ପ୍ରେମର ଉନ୍ମାଦନା ଜାଗିଉଠିବ; ତୁମ ଜୀବନ ଧନ୍ୟ ହୋଇଯିବ; ଦେଶ କୃତାର୍ଥ ହେବ, ଧରଣୀ ଧନ୍ୟା ହେବ ।''

''ପ୍ରେମର ସଂସାର ସ୍ଥାପନ କର ଏକାନ୍ତେ ତୁମେ ।
ମୂଳେ କରି ମୋତେ ପ୍ରତିଷ୍ଠା ମୋର ସଂସାର କର୍ମେ ।।
ଅଧ୍ୟାତ୍ମ ଉନ୍ନତି ତୁମର ଗୁରୁକୃପା ସାପେକ୍ଷ ।
ଜପତପ ଯୋଗ ସାଧନ ଭଜନ ଉପଲକ୍ଷ୍ୟ ।।
ତଥାପି କେବଳ ତହିଁର ଲୋଡ଼ା କୃପା କର୍ଷଣେ ।
ସାଧନା ଅଟଇ ତହିଁର ହେତୁ ରଖିବ ମନେ ।।
ନ ହେବ କୃପାରୁ ବଞ୍ଚିତ ହେଲେ ଅନୁପଯୁକ୍ତ ।
ଗ୍ରହଣ କରିଛି ଯେଣୁ ମୁଁ ଶିଷ୍ୟ ରୂପେ ଯୁକତ ।''

କେଉଁ ଭକ୍ତମାନଙ୍କପ୍ରତି ସେ ଏହି ଅଭୟବାଣୀ ପ୍ରଦାନ କରିଛନ୍ତି, ସେସମ୍ବନ୍ଧରେ ସେ ମଧ୍ୟ ସ୍ପଷ୍ଟଭାବରେ ବ୍ୟକ୍ତ କରିଛନ୍ତି । ଯେଉଁମାନେ ସାଧନ ଭଜନର ଅପେକ୍ଷା ନ ରଖି ନିଜର ଅକ୍ଷମତା କଥା ସ୍ମରଣ କରି ତାଙ୍କର ଶରଣ ନେଇଛନ୍ତି, ତାଙ୍କ ବାକ୍ୟକୁ ବେଦବାକ୍ୟ ପରି ପାଳନ କରୁଛନ୍ତି, ତାଙ୍କ ଉଦ୍ଦେଶ୍ୟକୁ ସଫଳ କରିବା ନିମିତ୍ତ ପ୍ରାଣପାତ କରିବାକୁ ପ୍ରସ୍ତୁତ ଅଛନ୍ତି, ଯେଉଁମାନେ ନିଜପାଇଁ କିଛି ପ୍ରାର୍ଥନା ନ କରି କିମ୍ବା କୌଣସି ଫଳ ଆଶା ନ ରଖି ଶ୍ରୀ ଶ୍ରୀ ଠାକୁରଙ୍କ ଇଚ୍ଛାକୁ ସାର୍ଥକ କରିବାନିମିତ୍ତ ବଦ୍ଧପରିକର, ଯେଉଁମାନେ ତାଙ୍କଠାରେ ଆତ୍ମସମର୍ପଣ କରି ଶୂନ୍ୟ ହୋଇ ମଧ୍ୟ ପୂର୍ଣ୍ଣ, ଯେଉଁମାନେ ନିଜକୁ ଦୀନ ହୀନ ମନେ କରି ମଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କୁ ନିଜ ଆତ୍ମୀୟଜ୍ଞାନରେ ଲାଭ କରିଥିବାରୁ ଗୌରବାନ୍ୱିତ, ସେହି ଅଧମ ଶ୍ରେଣୀର ଭକ୍ତମାନଙ୍କୁ ଲକ୍ଷ୍ୟ କରି ସେ ଏହି ବାଣୀ ପ୍ରୟୋଗ କରିଛନ୍ତି । * ତେଣୁ ଭକ୍ତକବି ଯଥାର୍ଥରେ ଲେଖିଛନ୍ତି :—

* 'ଆର୍ଯ୍ୟ ଦର୍ପଣ' ୧୩୪୦ ସାଲ ମାଘସଂଖ୍ୟାର ୪୭୫ ପୃଷ୍ଠା ଦ୍ରଷ୍ଟବ୍ୟ ।

କିଏ ଜାଣେ ସେ କିଭଳି ଜଣେ କାନ୍ଦିଥାଏ ସେ କେଉଁ ଭୁବନେ ।

× × ×

"ପ୍ରେମର ଠାକୁର ପ୍ରେମ କାରବାର ସାର ବୋଲି ଏକା ଜାଣେ ।
ତାହାର ସେ ସଖା ତାକୁ ଦିଏ, ଦେଖା, ତାଙ୍କୁ ଯେ ଆପଣା ମଣେ ॥"

ଗୁରୁଦେବ ହିଁ ଏକମାତ୍ର ଜ୍ଞାନଦାତା ଓ ପ୍ରେମଦାତା । ଦିବ୍ୟଜ୍ଞାନ ପ୍ରଦାନର ନାମ ଦୀକ୍ଷା । ଏଥିପାଇଁ ଜ୍ଞାନଦାତା ଗୁରୁଦେବଙ୍କୁ ଶାସ୍ତ୍ରରେ ବିଶେଷ ସମ୍ମାନ ପ୍ରଦାନ କରାଯାଇଛି । ଏହି ଜ୍ଞାନଦାତା ଗୁରୁ ମହାପୁରୁଷମାନଙ୍କର ନାମ ମାନବସମାଜରେ ଚିର ସ୍ମରଣୀୟ ହୋଇରହିଛି । ମହାପୁରୁଷମାନେ ନିଜ ନିଜ ଜାତିର ଦୀକ୍ଷାଗୁରୁ ଭାବରେ ପୂଜିତ । ସେମାନଙ୍କ ଅନ୍ତର୍ଦ୍ଧାନପରେ ମଧ୍ୟ ସେମାନଙ୍କ ନାମ ମାନବହୃଦୟରେ ପ୍ରତିଷ୍ଠିତ ହୋଇରହିଛି । ପରମାରାଧ୍ୟ ଗୁରୁଦେବ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ ମଧ୍ୟ ସଦ୍‌ଗୁରୁଭାବରେ ନିତ୍ୟ ବର୍ତ୍ତମାନ । ସେ ପୂର୍ବେ ଯେପରି ଥିଲେ, ବର୍ତ୍ତମାନ ମଧ୍ୟ ସେହିପରି ଅଛନ୍ତି । ସେ ଏବେ ମଧ୍ୟ ସ୍ଥୂଳ, ସୂକ୍ଷ୍ମ ଓ କାରଣରୂପରେ ନିତ୍ୟଲୀଳା କରୁଛନ୍ତି । ଆଜି ମଧ୍ୟ ସେ ତାଙ୍କ ଅନୁଗତ ଶିଷ୍ୟ ଭକ୍ତମାନଙ୍କପ୍ରତି କୃପା-ପରବଶ ହୋଇ ସେମାନଙ୍କୁ ଦର୍ଶନ ଦେଇ ଜ୍ଞାନପ୍ରେମ ପ୍ରଦାନ କରୁଛନ୍ତି । ସେ ସ୍ଥୂଳ ମାନବଦେହ ତ୍ୟାଗ କରି ବର୍ତ୍ତମାନ ଦେବଦେହରେ ବିଦ୍ୟମାନ । ସେହି ଦେବତ୍ୱର ଐଶ୍ୱର୍ଯ୍ୟରେ ପ୍ରତିଷ୍ଠିତ ରହି ମାନବର ଅନ୍ତରସ୍ଥ ଦେବ-ଭାବର ବିକାଶନିମିତ୍ତ ସେ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ ସେ ଥିଲେ ଜଣେ ସାଧାରଣ ମାନବ । ତାଙ୍କ ଅନ୍ତରରେ ଦେବତ୍ୱ ବିକଶିତ ହେବାରୁ ଅର୍ଥାତ୍ ଦେବଭାବ ପରିବ୍ୟକ୍ତ ହେବା ଫଳରେ ସେ ଆଜି ଏପରି ଉନ୍ନତ ଅବସ୍ଥା ଲଭ କରିଛନ୍ତି । ଗୁରୁ ଯେପରି ନିତ୍ୟ, ତାଙ୍କର ଭକ୍ତମାନେ ମଧ୍ୟ ସେହିପରି ନିତ୍ୟ । ବର୍ତ୍ତମାନ ସୁଦ୍ଧା ସେ ଆମମାନଙ୍କ ମଧ୍ୟରେ ରହି ନାମ ଓ ରୂପଭାବରେ ନିତ୍ୟ ବର୍ତ୍ତମାନ ଅଛନ୍ତି, ସମସ୍ତଙ୍କୁ ସତ୍‌ମାର୍ଗରେ ଚଳିବାର୍ ପ୍ରେରଣା ପ୍ରଦାନ କରୁଛନ୍ତି । ତାଙ୍କର ଧ୍ୟାନ ଓ ତାଙ୍କ ନାମ ସ୍ମରଣ କଲେ ଯେ କେହି ସାମାନ୍ୟ ଚେଷ୍ଟାରେ ତାଙ୍କର ଦର୍ଶନ ଲଭ କରିପାରୁଛନ୍ତି । ତେଣୁ ଭଗବତ୍‌ନାମ, ଭଗବତ୍ ବିଗ୍ରହ ଓ ଭଗବତ୍‌ସ୍ୱରୂପ ସବୁ ସଚ୍ଚିଦାନନ୍ଦ-

ସ୍ୱରୂପ । ପ୍ରେମତୃଷ୍ଣା ହିଁ ଭକ୍ତମାନଙ୍କର ନିତ୍ୟସିଦ୍ଧ ଭାବ ଏବଂ ତାହା ହିଁ ଏକମାତ୍ର କାମ୍ୟ । ଶ୍ରୀ ଶ୍ରୀ ଠାକୁର କହିଛନ୍ତି—"ଶଙ୍କର ଗୌରାଙ୍ଗଙ୍କ ଭାବ ଓ ଅନ୍ୟ ସମସ୍ତ ଭାବ ଗୁରୁଙ୍କ ଭିତରେ ହିଁ ଅଛି । ଗୁରୁଙ୍କୁ ସୁଖ ପାଇଲେ ନିଜ ଭାବ ଅନାୟାସରେ ଫୁଟିଉଠିବ ଏବଂ ଯାହାଙ୍କର ଯେଉଁ ଲକ୍ଷ୍ୟ, ସେ ତାହା ଲାଭ କରିପାରିବେ । ଏହା ସାର୍ବଭୌମ ଓ ମଧୁରତତ୍ତ୍ୱ ।"

ଉତ୍କଳ ପ୍ରତି ଏବଂ ଉତ୍କଳୀୟମାନଙ୍କ ପ୍ରତି ତାଙ୍କର ସ୍ନେହ ଗଭୀର ଓ ଅନନ୍ୟସାଧାରଣ ଥିଲା । ସେ ବିଦାୟକାଳରେ ତତ୍କାଳୀନ ଶିଷ୍ୟଭକ୍ତ-ମାନଙ୍କୁ ନାନାବିଧ ଆଶୀର୍ବାଦ ପ୍ରଦାନ କରି ଶେଷରେ ତାଙ୍କପ୍ରତି ଭକ୍ତମାନେ ଭକ୍ତିଭାବ ରଖିଲେ ସମସ୍ତ ସାଧନତତ୍ତ୍ୱ ଉପଲବ୍ଧି କରି ତାଙ୍କୁ କିପରି ଲାଭ-କରିପାରିବେ ସେ ସମ୍ବନ୍ଧରେ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କରି କହିଲେ—

"ମୁଁ ବର୍ତ୍ତମାନ ଯେପରି ଗୁରୁ ଅଛି, ଦେହତ୍ୟାଗପରେ ମଧ୍ୟ ସେହିପରି ଗୁରୁ ରହିଲି । ଯେଉଁମାନେ ଭକ୍ତିଭାବରେ ଜୀବନ ଅତିବାହିତ କରିବେ, ସେମାନେ ଏହି ଜନ୍ମରେ ମୁକ୍ତିଲାଭ କରିବେ ଏବଂ ଯେଉଁମାନେ ମୋ ପ୍ରଦତ୍ତ ସାଧନ ଭଜନ କରୁଛନ୍ତି ଅଥଚ ମୋତେ ଗ୍ରହାନ୍ତି ନାହିଁ, ସେମାନେ ପୁନର୍ବାର ଜନ୍ମ ଗ୍ରହଣ କରି ଅନ୍ୟ ସଦ୍‌ଗୁରୁ ଲାଭ କରିବେ ।" ପୁଣି ଏହି ଦେହରେ କିଭଳି ନାମ ଭଜନ କଲେ ତାଙ୍କୁ ପ୍ରତ୍ୟକ୍ଷ ଉପଲବ୍ଧି କରିହେବ ତାହାର ସାଧନପ୍ରଣାଳୀ ପ୍ରଦର୍ଶନ କରି ଯେଉଁ କ୍ରମରେ ଗତି କଲେ ସାଧାରଣ ଜୀବ ସେହି ରାଧା-ପ୍ରେମ ଲାଭ କରି ଧନ୍ୟ ହେବେ, ତାହା ପ୍ରକାଶ କରିଥିଲେ ।

ଯେଉଁମାନେ ତାଙ୍କୁ ଏକାନ୍ତଭାବରେ ଆପଣାର ଜ୍ଞାନ କରିପାରିଛନ୍ତି ସେହିମାନେ ହିଁ ବିଶେଷ ଭାଗ୍ୟବାନ୍ ଭକ୍ତ । ଭକ୍ତମାନେ ଭଗବାନଙ୍କୁ ଏତେ ଆପଣାର ବୋଲି ମନେକରନ୍ତି ଯେ ସେମାନଙ୍କ ଅନ୍ତରରେ ଭଗବତ୍ ଐଶ୍ୱର୍ଯ୍ୟଜ୍ଞାନ ଅନୁଭୂତ ହୋଇପାରେ ନାହିଁ । ଏଥିପାଇଁ ପ୍ରେମ ଐଶ୍ୱର୍ଯ୍ୟ ଜ୍ଞାନଶୂନ୍ୟ ଏବଂ ମମତ୍ୱ ବୁଦ୍ଧିମୟ ବୋଲି ସେମାନେ ପୂର୍ଣ୍ଣପ୍ରାଣରେ ତାଙ୍କର ସେବା କରିପାରନ୍ତି । ଅନ୍ୟ ମାନଙ୍କ ପକ୍ଷରେ ଏହି ଭାବ ଦୁର୍ଲ୍ଲଭ; ଯେଉଁମାନେ

ତାଙ୍କୁ ଆପଣାର ବୋଲି ଜ୍ଞାନ କରନ୍ତି, ଭଗବାନ ମଧ୍ୟ ସେମାନଙ୍କୁ ନିଜର ଅତି ପ୍ରିୟ ବୋଲି ବୋଧ କରିଥାନ୍ତି ।

"ସାଧବୋ ହୃଦୟଂ ମହ୍ୟଂ ସାଧୂନାଂ ହୃଦୟସ୍ତ୍ୱହମ୍ ।
ମଦନ୍ୟତ୍ତେନ ଜାନନ୍ତି ନାହଂ ତେଭ୍ୟୋ ମନାଗପି ॥"

—ଶ୍ରୀମଦ୍‌ଭାଗବତ-୯।୪।୬୮

"ମୋର ଚରଣ ନିତ୍ୟ ଚିନ୍ତି । ଚତୁର୍ଦ୍ଧାମୁକ୍ତି ନ ବାଞ୍ଛନ୍ତି ।
ମୋର ହୃଦୟ ଭକ୍ତଜନ । ମୁହିଁ ଯେ ତାଙ୍କର ଜୀବନ ।
ମୋ ବିନୁ ନ ଜାଣନ୍ତି ଆନ । ମୁହିଁ ତାହାଙ୍କର ଅଧୀନ ॥
ମୁଁ ଯେ ଭକତ-ପରାଧୀନ । ମୋ ବିନୁ ଭକ୍ତ ନୋହେଁ ଭିନ୍ନ ॥
ଭକ୍ତର ଅଧୀନ ମୁଁ ହୋଇ । ସେବକପ୍ରାୟେ ପଛେ ଥାଇ ॥
ସାଧୁଙ୍କ ହୃଦେ ମୁଁ ବସଇ । ତାଙ୍କ ଭକତି ଭାବ ବହି ।
ଭକ୍ତ ଯେ ମୋହର ଶରୀର । ଅଳପ ନାହିଁ ଅଭ୍ୟନ୍ତର ॥
ଭକ୍ତନିମିତ୍ତ ଦେହ ବହି । ସଂସାରେ ନାନାରୂପ ହୋଇ ॥
ଅତ୍ୟନ୍ତ ପ୍ରିୟ ମୋର ଭକ୍ତ । ମୁଁ ଭକ୍ତଜନଙ୍କର ହିତ ॥"

—ଶ୍ରୀମଦ୍‌ଭାଗବତ-ଜଗନ୍ନାଥ ଦାସ

ଜ୍ଞାନପଥ ଅପେକ୍ଷା ଭକ୍ତିପଥ ଶ୍ରେଷ୍ଠ । କାରଣ ଭକ୍ତିପଥ ସହଜ ଏବଂ ସ୍ୱାଭାବିକ । ଜ୍ଞାନପଥ କଠିନ । ଭକ୍ତିପଥରେ ଜ୍ଞାନ ଓ ଭକ୍ତି ଉଭୟ ଲାଭ ହୁଏ । ଜ୍ଞାନର ପ୍ରତିଷ୍ଠାତା ଆଚାର୍ଯ୍ୟ ଶଙ୍କର ଭକ୍ତିପଥକୁ ଅବହେଳା କରି ନାହାନ୍ତି । ସେ ମଧ୍ୟ ଗୁରୁ-ଭକ୍ତ ଥିଲେ ଏବଂ ଗୁରୁଙ୍କ ମହିମା କୀର୍ତ୍ତନ କରି ସ୍ତୋତ୍ର ରଚନା କରିଛନ୍ତି । ତେଣୁ ସାଧାରଣଙ୍କର ଆଉ ଭାବିବାର କିଛି ନାହିଁ । ଏକମାତ୍ର ଏହି ପଥରେ ଜଗତର ସର୍ବଧର୍ମ ସମନ୍ୱୟ ହୋଇପାରେ । ଜଗତ୍ ଯଦି କେବେ ଏହି ତତ୍ତ୍ୱକୁ ଗ୍ରହଣ କରିପାରେ, ତେବେ ଧର୍ମବିଷୟରେ ନିଶ୍ଚୟ ସାମଞ୍ଜସ୍ୟ ଆସିବ ।*

* ୧୩୩୪ ସାଲ ମାଘ ସଂଖ୍ୟା 'ଆର୍ଯ୍ୟ ଦର୍ପଣ'ରୁ 'ଶ୍ରୁତିସ୍ମୃତି'ରୁ ସଂଗୃହୀତ ।

ଉପର୍ଯ୍ୟୁକ୍ତ ଭାବରେ ଜ୍ଞାନଭକ୍ତି ଲାଭର ପଥ ସୁଗମ କରି ଶ୍ରୀ ଶ୍ରୀ ଠାକୁର ୧୯୩୫ ମସିହା ନଭେମ୍ବର ମାସରେ କଲିକତାଠାରେ ମହାସମାଧି ଲାଭ କଲେ ।

ଏହି ପ୍ରବନ୍ଧରେ ଯେଉଁସବୁ ପୁସ୍ତକର ସାହାଯ୍ୟ ଗ୍ରହଣ କରାଯାଇଛି, ତନ୍ମଧ୍ୟରେ ପୁରାତନ ବର୍ଷର 'ଆର୍ଯ୍ୟଦର୍ପଣ', 'ବୈଷ୍ଣବ ଦର୍ଶନ', 'ବ୍ରହ୍ମବିଦ୍ୟା ପତ୍ରିକା', 'ଉଜ୍ଜ୍ୱଳରସ ଚନ୍ଦ୍ରାମଣି', 'ବାଙ୍ଗଲାର ସାଧନାୟ ନିଗମାନନ୍ଦ' ଗ୍ରନ୍ଥ ପ୍ରଧାନ ।

ପରିଶେଷରେ ନିବେଦନ, ଶ୍ରୀ ଶ୍ରୀ ଠାକୁର ମହାରାଜ କୌଣସି ବିଶେଷ ସଙ୍ଘ, ଜାତି ବା ସମ୍ପ୍ରଦାୟର ଗୁରୁ ନୁହନ୍ତି । ତାଙ୍କ ଉଦାର ମତ ଭିତରେ ସବୁ ମତ ଓ ସବୁ ସମ୍ପ୍ରଦାୟପାଇଁ ସ୍ଥାନ ଅଛି । ସ୍ଥୂଳଦେହ ତ୍ୟାଗ କରି ମଧ୍ୟ ସେ ବର୍ତ୍ତମାନ ସୁଦ୍ଧା ଆମର ଗୁରୁ ଭାବରେ ନିତ୍ୟବର୍ତ୍ତମାନ । ତାଙ୍କର ଆଶୀର୍ବାଦ ମଧ୍ୟ ପ୍ରତ୍ୟେକ ଦେଶବାସୀଙ୍କ ଉପରେ ବର୍ଷିତ ହେଉଅଛି । ତାଙ୍କର ପ୍ରବର୍ତ୍ତିତ ଅସାମ୍ପ୍ରଦାୟିକ 'ଜୟଗୁରୁ' ମହାମନ୍ତ୍ରର ଧ୍ୱନି ସମସ୍ତଙ୍କ ପ୍ରାଣରେ ଧ୍ୱନିତ ହେଉ ଏବଂ ଶାକ୍ତ, ଶୈବ, ସୌର, ବୈଷ୍ଣବ ପ୍ରଭୃତି ସମ୍ପ୍ରଦାୟ ସମସ୍ୱରରେ ଗାଇଉଠନ୍ତୁ "ଜୟଗୁରୁ ।"

"ଶୃଣ୍ୱନ୍ତି ଯେ ବୈ ଗୁରୁତତ୍ତ୍ୱ-ଗାଥାଂ
ଗାୟନ୍ତି ଯେ ବୈ ହରିନାମ ମନ୍ତ୍ରଂ
ପୂଜନ୍ତି ସାଧୁଗୁରୁଂ ଦେବତାଞ୍ଚ
ଚୈତନ୍ୟଭକ୍ତାଃ କଲିକାଳମଧ୍ୟେ ॥"

—ଚୈତନ୍ୟ ଶତକ

କଳିଯୁଗରେ ଯେଉଁମାନେ ଶ୍ରୀଗୁରୁଙ୍କ ତତ୍ତ୍ୱକଥା ଶ୍ରବଣ କରନ୍ତି, ଯେଉଁମାନେ ହରିନାମ ମନ୍ତ୍ରଗାନ କରନ୍ତି ଏବଂ ଯେଉଁମାନେ ସାଧୁ, ଗୁରୁ ଓ ଦେବତାମାନଙ୍କର ସେବା କରନ୍ତି, ସେହିମାନେ ହିଁ ଚୈତନ୍ୟଭକ୍ତ ବୋଲି

କଥିତ । ତେଣୁ ଶଙ୍କର ଗୌରାଙ୍ଗଙ୍କର ମିଳିତ ବିଗ୍ରହ ପ୍ରେମିକଗୁରୁଙ୍କ ଶ୍ରୀଚରଣରେ ବିନୟପୂରସରଃ ପ୍ରଣିପାତ ନିବେଦନ କରି ଏହି ପ୍ରବନ୍ଧର ଉପସଂହାର କରୁଅଛୁଁ ।

ନମୋଽସ୍ତୁ ଗୁରବେ ତୁଭ୍ୟଂ ବ୍ରହ୍ମା-ବିଷ୍ଣୁ-ଶିବାତ୍ମନେ ।
ଅବିଦ୍ୟାଗ୍ରସ୍ତ ସଂସାର-ସାଗରୋତ୍ତାରହେତବେ ॥

ଜୟଗୁରୁ

ପୌଷ ପୂର୍ଣ୍ଣିମା
ତା ୩ । ୧ । ୭୧
ବାରତୁଙ୍ଗ

ଶ୍ରୀ ଦୁର୍ଗାଚରଣ ମହାନ୍ତି
ସମ୍ପାଦକ
ନୀଳାଚଳ ସାରସ୍ୱତ ସଙ୍ଘ, ପୁରୀ

ପ୍ରେମିକଗୁରୁ ଗ୍ରନ୍ଥର ବିଷୟବସ୍ତୁ

'ପ୍ରେମିକ ଗୁରୁ' ଗ୍ରନ୍ଥର ବିଷୟବସ୍ତୁ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁର ତାଙ୍କର 'ଗ୍ରନ୍ଥକାରଙ୍କ ନିବେଦନ'ରେ ସମ୍ୟକ୍ ସୂଚନା ପ୍ରଦାନ କରିଛନ୍ତି। 'ଉତ୍ସର୍ଗ ପତ୍ର ଓ ଗ୍ରନ୍ଥକାରଙ୍କ ବକ୍ତବ୍ୟ' ବ୍ୟତୀତ ଗ୍ରନ୍ଥଟି ଦୁଇ ସ୍କନ୍ଧରେ ବିଭକ୍ତ । ପ୍ରଥମ ସ୍କନ୍ଧରେ ପ୍ରେମଭକ୍ତି ଓ ଦ୍ୱିତୀୟ ସ୍କନ୍ଧରେ 'ଜୀବନ୍ମୁକ୍ତି' ବର୍ଣ୍ଣିତ ହୋଇଅଛି ।

ପୂର୍ବସ୍କନ୍ଧ ବା ପ୍ରେମଭକ୍ତି ବିଭାଗରେ ଭକ୍ତି କାହାକୁ କହନ୍ତି, ଭକ୍ତିତତ୍ତ୍ୱ, ସାଧନ-ଭକ୍ତି, ଭାବ-ଭକ୍ତି, ପ୍ରେମ-ଭକ୍ତି, ଭକ୍ତି ବିଷୟରେ ଅଧିକାରୀ, ଭକ୍ତି-ଲାଭର ଉପାୟ, ଚିତ୍ତଶୁଦ୍ଧି, ସାଧୁସଙ୍ଗ, ନାମ ସଙ୍କୀର୍ତ୍ତନ, ଭକ୍ତିର ଚତୁଃଷଷ୍ଠୀ ପ୍ରକାର ସାଧନା, ଚୈତନ୍ୟୋକ୍ତ ସାଧନ ପଞ୍ଚକ, ପଞ୍ଚ ଭାବର ସାଧନା, ଶାନ୍ତ ଭାବ, ଦାସ୍ୟ ଭାବ, ସଖ୍ୟ ଭାବ, ବାତ୍ସଲ୍ୟ ଭାବ, ମଧୁର ଭାବ, ଗୋପୀଭାବ ଓ ପ୍ରେମର ସାଧନା, ରାଧାକୃଷ୍ଣ ଓ ଅଚିନ୍ତ୍ୟ ଭେଦାଭେଦତତ୍ତ୍ୱ, ରସତତ୍ତ୍ୱ ଓ ସାଧ୍ୟ ସାଧନା, ଶାକ୍ତ ଓ ବୈଷ୍ଣବ, ସହଜ ସାଧନ ରହସ୍ୟ, କିଶୋରୀ ଭଜନ, ଶୃଙ୍ଗାର ସାଧନ, ସାଧନାର ସ୍ତର ଓ ସିଦ୍ଧ ଲକ୍ଷଣ ଶୀର୍ଷକ ଛବିଶଗୋଟି ବିଷୟ ଆଲୋଚିତ ହୋଇଅଛି । ପୂର୍ବସ୍କନ୍ଧର ପରିଶେଷରେ ସନ୍ନିବେଶିତ 'ଲେଖକଙ୍କ ମନ୍ତବ୍ୟ'ରେ ଏହି ବିଭାଗରେ ଆଲୋଚିତ ସମସ୍ତ ବିଷୟବସ୍ତୁର ସାରକଥା ପ୍ରଦତ୍ତ ହୋଇଅଛି ।

ପୂର୍ବସ୍କନ୍ଧରେ ଶ୍ରୀ ଶ୍ରୀ ଠାକୁରଙ୍କର ପ୍ରତିପାଦ୍ୟ ବିଷୟ ହେଲା— ଭଗବାନ ଭକ୍ତି ଏବଂ ଭକ୍ତି ସ୍ୱରୂପତଃ ଏକ । ସୁତରାଂ ଭକ୍ତି ଭଗବାନଙ୍କ ପରି ସର୍ବଥା ପୂର୍ଣ୍ଣ । କିନ୍ତୁ ସାଧନ ଭକ୍ତି, ଭାବ ଭକ୍ତି, ପ୍ରେମ ଭକ୍ତି ପ୍ରଭୃତି ନାନାପ୍ରକାରର ଭେଦଭାବ ବର୍ତ୍ତମାନ ଥିଲେ ମଧ୍ୟ ଭକ୍ତିତତ୍ତ୍ୱ ସ୍ୱରୂପତଃ ଏକପ୍ରକାର । ଭକ୍ତିର ସାଧନ ଆରମ୍ଭ କରି ପ୍ରେମଲାଭ ପର୍ଯ୍ୟନ୍ତ ସାଧକଙ୍କର କ୍ରମୋନ୍ନତ ଅବସ୍ଥାର ଗୋଟିଏ ଗୋଟିଏ ନାମାନୁସାରେ ଭକ୍ତି ନାନାପ୍ରକାର

ନାମରେ ବିଭକ୍ତ ହୋଇଅଛି । ତେବେ ଭକ୍ତିଲାଭ ଭକ୍ତ ମାନଙ୍କେ ସମସ୍ତଙ୍କର ଚରମ ଲକ୍ଷ୍ୟ ହୋଇଥିବାରୁ ଶ୍ରୀ ଶ୍ରୀ ଠାକୁର ଏହି ପୁସ୍ତକର ପୂର୍ବସ୍କନ୍ଧରେ ସାଧନ ଭକ୍ତିର ବୈଧୀ ଅନୁଷ୍ଠାନଠାରୁ ଆରମ୍ଭ କରି କ୍ରମଶଃ ଅସମୋର୍ଦ୍ଧ ପ୍ରେମମାଧୁର୍ଯ୍ୟ ଲାଭ ଓ ସେହି ଅବସ୍ଥାର ବିଷୟ ବିଶଦ ଭାବରେ ଆଲୋଚନା କରିଛନ୍ତି । ପ୍ରେମ ଭକ୍ତିର କୌଣସି ଗୋଟିଏ ହେଲେ ଅଙ୍ଗ ଶ୍ରୀ ଶ୍ରୀ ଠାକୁର ପରିତ୍ୟାଗ କରି ନାହାନ୍ତି । ବର୍ତ୍ତମାନ ବୈଷ୍ଣବ ସମାଜରେ ପ୍ରେମଭକ୍ତିର ଯେତେ ପ୍ରକାର ସାଧନ ପ୍ରଣାଳୀ ପ୍ରଚଳିତ ଅଛି, ଏହି ପୁସ୍ତକରେ ସେହିସବୁ ସାଧନାର ସମସ୍ତ ଅଙ୍ଗ ଆଲୋଚିତ ହୋଇଅଛି । ଗୌଡ଼ୀୟ ସମ୍ପ୍ରଦାୟର ଗୋପୀଭାବ, ରାମାନୁଜ ସମ୍ପ୍ରଦାୟର ଦାସ୍ୟଭାବ, ବଲ୍ଲଭାଚାର୍ଯ୍ୟ ସମ୍ପ୍ରଦାୟର ବାତ୍ସଲ୍ୟ ଭାବ, ପଞ୍ଚରସିକଙ୍କର ସହଜଭାବ ପ୍ରଭୃତି ଭିନ୍ନ ଭିନ୍ନ ଭାବ ଓ ସାଧନ ପ୍ରଣାଳୀ ଗୁଡ଼ିକ ସହିତ ବୈଧୀ ଓ ରାଗାତ୍ମିକା ଉଭୟବିଧ ଭକ୍ତିର ବିଷୟ ସମାନ ଭାବରେ ଆଲୋଚିତ ହୋଇଛି । ଭାବସାଧନାର ଶାସ୍ତ୍ରୀୟ ଓ ଅଶାସ୍ତ୍ରୀୟ କିମ୍ବା ବୈଧ ଓ ଅବୈଧ ଉଭୟ ପନ୍ଥା ହିଁ ଆଲୋଚନା କରାଯାଇଛି ।

'ପ୍ରେମିକ ଗୁରୁ' ପୁସ୍ତକରେ ନାନା ଶାସ୍ତ୍ର ପ୍ରମାଣ ଏବଂ ଜ୍ଞାନୀ ଓ ଭକ୍ତମାନଙ୍କର ପ୍ରବଚନ ଓ ପଦାବଳୀ ସଂଗୃହୀତ ହୋଇଥିଲେ ମଧ୍ୟ ଶ୍ରୀମଦ୍ ରୂପ ଗୋସ୍ୱାମୀଙ୍କ ରଚିତ 'ଭକ୍ତି ରସାମୃତ ସିନ୍ଧୁ' ଓ 'ଉଜ୍ଜ୍ୱଳ ନୀଳମଣି', ଶ୍ରୀଯୁକ୍ତ ଯୁଗଳ କିଶୋର ଦାସ ଗୋସ୍ୱାମୀଙ୍କ ରଚିତ 'ଉଜ୍ଜ୍ୱଳ ରସ ଚନ୍ଦ୍ରିକା', ଶ୍ରୀଯୁକ୍ତ ରସମୟ ଦାସଙ୍କର 'ରସସାର' ପ୍ରଭୃତି ବୈଷ୍ଣବ ଗ୍ରନ୍ଥ ହିଁ ପୂର୍ବସ୍କନ୍ଧରେ ଆଲୋଚିତ ପ୍ରେମଭକ୍ତିତତ୍ତ୍ୱର ପ୍ରଧାନ ଭିତ୍ତି ।

ପୁସ୍ତକର ଦ୍ୱିତୀୟ ବା ଉତ୍ତର ସ୍କନ୍ଧ ଜୀବନ୍ମୁକ୍ତି ବିଭାଗରେ ଭକ୍ତି ହିଁ ମୁକ୍ତିର କାରଣ, ମୁକ୍ତିର ସ୍ୱରୂପ ଲକ୍ଷଣ, ବେଦାନ୍ତୋକ୍ତ ନିର୍ବାଣମୁକ୍ତି, ମୁକ୍ତି ଲାଭର ଉପାୟ, ବୈରାଗ୍ୟ ଅଭ୍ୟାସ, ହରଗୌରୀ ମୂର୍ତ୍ତି, ସନ୍ନ୍ୟାସାଶ୍ରମ ଗ୍ରହଣ, ଅବଧୂତାଦି ସନ୍ନ୍ୟାସ, ସନ୍ନ୍ୟାସୀଙ୍କର କର୍ତ୍ତବ୍ୟ, ଭଗବାନ ଶଙ୍କରାଚାର୍ଯ୍ୟ ଓ ତାଙ୍କ ପ୍ରଚାରିତ ଧର୍ମ, ପ୍ରକୃତି ସନ୍ନ୍ୟାସ, ହରିହର ମୂର୍ତ୍ତି, ଆଚାର୍ଯ୍ୟ ଶଙ୍କର ଓ ଗୌରାଙ୍ଗ ଦେବ, ଭଗବାନ ରାମକୃଷ୍ଣ, ଜୀବନ୍ମୁକ୍ତ ଅବସ୍ଥା ଶିଷ୍ୟଙ୍କ

ପନ୍ଦରଗୋଟି ବିଷୟ ଆଲୋଚିତ । ଏହି ବିଭାଗରେ ମୁକ୍ତିର ସ୍ୱରୂପ ଓ ତାହା ଲାଭ କରିବାର ଉପାୟ ବିସ୍ତାରିତ ଭାବରେ ବର୍ଣ୍ଣନା କରାଯାଇଛି । ସନ୍ନ୍ୟାସ ଧର୍ମ ସମ୍ବନ୍ଧରେ ପ୍ରଚଳିତ କୌଣସି ଉଲ୍ଲେଖଯୋଗ୍ୟ ପୁସ୍ତକ ନ ଥିବାରୁ ସନ୍ନ୍ୟାସ ଧର୍ମ ଓ ତଦଧିକାରୀମାନଙ୍କ ବିଷୟ ଏହି ବିଭାଗରେ ମଧ୍ୟ ବିଶଦ ଭାବରେ ଆଲୋଚିତ ହୋଇଅଛି । ତାହା ପାଠ କଲେ ଆଉ ଭଣ୍ଡ ସନ୍ନ୍ୟାସୀ-ମାନଙ୍କ ବଚନରଚନରେ ପ୍ରତାରିତ ହେବାର ଆଶଙ୍କା ରହିବ ନାହିଁ । ଏହି ବିଭାଗରେ ଶଙ୍କର, ଗୌରାଙ୍ଗ ପ୍ରଭୃତି ଅବତାରମାନଙ୍କର ଧର୍ମମତର ସାମଞ୍ଜସ୍ୟ ସମ୍ବନ୍ଧରେ ମଧ୍ୟ ଶ୍ରୀ ଶ୍ରୀ ଠାକୁର ବିଶେଷ ଭାବରେ ଆଲୋଚନା କରିଛନ୍ତି ।

ଶ୍ରୀ ଶ୍ରୀ ଠାକୁରଙ୍କ ନିଜ ଭାଷାରେ—"ଏହି ଗ୍ରନ୍ଥରେ ଉଜ୍ଜ୍ୱଳ ରସାତ୍ମକ ମଧୁର ଭକ୍ତିରସ ଓ ତତ୍ପ୍ରାପ୍ତିର ଉପାୟ ବିଶଦଭାବରେ ବର୍ଣ୍ଣିତ ହୋଇ-ଅଛି । ସୁଧୀଜନଗଣ ଏହି ସମସ୍ତ ଉଚ୍ଚସ୍ତରର ସାଧନାର ଆଲୋଚନା ପୂର୍ବକ ଅନନ୍ୟ ଭାବଭକ୍ତି ଓ ସାଧନଭକ୍ତିର ଆଶ୍ରୟରେ ସାଧନା କରିବା ବିଧେୟ । ଏହି ପୁସ୍ତକରେ ସବୁପ୍ରକାର ଭକ୍ତିଯୋଗର ଆଲୋଚନା କରା-ଯାଇଛି । କାରଣ କୌଣସି ଗୋଟିଏ ବିଶେଷ ସମ୍ପ୍ରଦାୟ ନିମିତ୍ତ ଏହି ଗ୍ରନ୍ଥ ଲିଖିତ ହୋଇ ନାହିଁ । ଭକ୍ତିର ସବୁପ୍ରକାର ଅଧିକାରୀ ଜନସାଧାରଣ ଏହି ଗ୍ରନ୍ଥର ସୁଶୀତଳ ଛାୟାରେ ଆଶ୍ରୟଲାଭ କରିପାରିବେ ।"

'ପ୍ରେମିକ ଗୁରୁ' ଗ୍ରନ୍ଥର ଉତ୍ସର୍ଗ ପତ୍ର ଓ ଉପସଂହାର ପୁସ୍ତକଟିର ଅତ୍ୟନ୍ତ ଆକର୍ଷଣୀୟ ଅଂଶ । ଶ୍ରୀ ଶ୍ରୀ ଠାକୁର ତାଙ୍କର ପ୍ରିୟତମା, ପତିଗତପ୍ରାଣା ସତୀ ଶିରୋମଣି, ଲଲନାକୁଲ ଭୂଷା ଦେବୀ ସୁଧାଂଶୁବାଳାଙ୍କ ପ୍ରେମପ୍ରୀତି ଲାଭକରି କିପରି ସିଦ୍ଧଦଶାରେ ଉପନୀତ ହୋଇଥିଲେ ସେ ସମ୍ପର୍କରେ 'ଉତ୍ସର୍ଗ ପତ୍ର'ରେ ଲେଖିଛନ୍ତି—"ପ୍ରେମମୟୀ ! ତୁମର ପ୍ରେମ-ପ୍ଲାବନର ପଙ୍କୁ ପଡ଼ି ହିଁ ଏହି ଉଷରହୃଦୟ ସରସ ହୋଇଥିଲା । ମୁଁ ଯେତେବେଳେ ଅନ୍ଧକାର ମଧ୍ୟରେ ପଥହରା ହୋଇ ଏଣେ ତେଣେ ଘୂରି ବୁଲୁଥିଲି, ସେତେବେଳେ ତୁମେ ହିଁ ନା ପ୍ରଥମେ ପ୍ରେମର ଆଲୋକ ପ୍ରଜ୍ଜ୍ୱଳିତ କରି ମୋ ହୃଦୟର ଅନ୍ଧକାର ବିଦୂରିତ କରିଥିଲ । ତୁମେ ହିଁ ଗୁରୁରୂପରେ

ମୋର୍ ଏହି ସୁପ୍ତ ପ୍ରାଣରେ ପ୍ରେମର ବୀଜ ଉପ୍ତ କରିଥିଲ । ସେହି ବୀଜରୁ ବୃକ୍ଷ ଜାତ ହୋଇ କଭଳି ପୁଷ୍ପ ଫଳରେ ମଣ୍ଡିତ ହୋଇଛି ତାହାର ନିଦର୍ଶନ ସ୍ୱରୂପ ଏହି 'ପ୍ରେମିକ ଗୁରୁ' ପୁସ୍ତକଟି ତୁମ ଉଦ୍ଦେଶ୍ୟରେ ନିବେଦନ କଲି । ······ଏହି ପୁଷ୍ପରେ ଅଶ୍ରୁଜଳ ମିଶ୍ରିତ କରି ତୁମର ପୂଜା ନ କଲେ ମୋର ବାସନା ଯେ ପୂରଣ ହେବ ନାହିଁ । ହେ ରସମୟୀ ! ଆସ ମୋର ମନୋମୟୀ ମୂର୍ତ୍ତିରେ ମୋ ହୃଦୟାସନରେ ଅଧିଷ୍ଠିତା ହୋଇ ମୋର ପୂଜା ଗ୍ରହଣ କର୍ । ତୁମର ପ୍ରେମସିନ୍ଧୁରେ ମୋର ପ୍ରେମ-ପ୍ରବାହ ମିଳିତ ହୋଇ ବିଲୀନ ହୋଇଯାଉ । ସିନ୍ଧୁରେ ବିନ୍ଦୁ ସମ୍ମିଳିତ ହେଉ । ତେଣୁ ପୁଣି ଥରେ ତୁମକୁ ଆହ୍ୱାନ କରୁଛି—"କରୁଣାମୟୀ ଗୋ ପ୍ରେମରେ ଭସାଇ, ପାଷାଣ ହିଆ ମୋ ଦିଅ ତରଲାଇ ।"

ଶ୍ରୀ ଶ୍ରୀ ଠାକୁର ଦେବୀ ସୁଧାଂଶୁବାଳାଙ୍କୁ ତାଙ୍କର ପ୍ରେମଗୁରୁ, ଇଷ୍ଟ-ଦେବ ତଥା ଭଗବତ୍ତା ଜ୍ଞାନରେ ଜୁପରି ଦର୍ଶନ କରୁଥିଲେ 'ପ୍ରେମିକ ଗୁରୁ'ର ଉତ୍ସର୍ଗପତ୍ର ତାହାର ନିଦର୍ଶନ । ପ୍ରେମମୟୀ ଦେବୀ ସୁଧାଂଶୁବାଳା ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଥମ ଯୌବନରେ ତାଙ୍କ ହୃଦୟ-କ୍ଷେତ୍ରରେ ପ୍ରେମର ବୀଜ ବପନ କରି ନ ଥିଲେ ଆମ୍ଭେମାନେ ଏହି ମହାପୁରୁଷଙ୍କୁ ପ୍ରେମିକଗୁରୁ ରୂପରେ ଲଭ କରିଥାଆନ୍ତୁ କି ନା ସନ୍ଦେହ । ଦେବୀ ସୁଧାଂଶୁବାଳାଙ୍କ ମହାନ ବ୍ୟକ୍ତିତ୍ୱ ହିଁ ନଳିନୀକାନ୍ତଙ୍କର ଅସାମାନ୍ୟ ମହାପୁରୁଷତ୍ୱର ମୂଳଉତ୍ସ । ଦେବୀଙ୍କ ପ୍ରେମପ୍ରୀତିର ମୂଳଉତ୍ସର ଅନୁସନ୍ଧାନ କଲେ ତାଙ୍କର ଅମିୟ ଜୀବନଚରିତ ସ୍ମୃତିପଥରେ ସ୍ୱତଃ ଉଜ୍ଜ୍ୱଳ ହୋଇଉଠେ । ପ୍ରକୃତ ପକ୍ଷରେ ନଳିନୀକାନ୍ତଙ୍କ ଜୀବନରେ ପତ୍ନୀ ସୁଧାଂଶୁବାଳାଙ୍କର ଅସୀମ ପ୍ରଭାବ ଥିଲା । ଦେଖିବାକୁ ଗଲେ ଏକମାତ୍ର ସେ ହିଁ ତାଙ୍କ ସାଧନ ମାର୍ଗର ସହଚରୀ ଓ ସିଦ୍ଧିଲାଭର ସାହାଯ୍ୟକାରିଣୀ, ପଥପ୍ରଦର୍ଶକ ଗୁରୁ ଏବଂ ଇଷ୍ଟଦେବତା । ✻

"ଠାକୁରାଣୀ ସୁଧାଂଶୁବାଳାଙ୍କ ନେପଥ୍ୟବର୍ତ୍ତିନୀ ଷୋଡ଼ଶୀ ପତ୍ନୀ ହିଁ ପରମହଂସ ନିଗମାନନ୍ଦଙ୍କୁ ଦକ୍ଷିଣାମୂର୍ତ୍ତିରେ ପରିପୂର୍ଣ୍ଣ ଭାବରେ ରୂପାନ୍ତରିତ

✻ 'ସଂଘ ସେବକ' ସପ୍ତମ ବର୍ଷ ଚତୁର୍ଥ ସଂଖ୍ୟା ଦ୍ରଷ୍ଟବ୍ୟ ।

କରିଥିଲା ଏବଂ ଜଣେ ନିର୍ବାଣରସିକ ସନ୍ନ୍ୟାସୀଙ୍କୁ 'ପ୍ରେମୀ ପରମହଂସ' କରିଥିଲା । ସମସ୍ତେ ଜାଣନ୍ତି ଯେ, ପରଲୋକଗତା ମନୋବୃତ୍ତ୍ୟନୁସାରିଣୀ ଭାର୍ଯ୍ୟାଙ୍କର ସନ୍ଧାନରେ ନଳିନୀକାନ୍ତ ଚଟ୍ଟୋପାଧ୍ୟାୟ ଉଲ୍‌କା ସଦୃଶ ଅଧ୍ୟାତ୍ମ-ଜଗତର ଅଜ୍ଞାତ ବନ୍ଧୁର ପଥରେ ଛୁଟି ଯାଇଥିଲେ । ମୁକ୍ତି, ମୋକ୍ଷ ବା ଭଗବାନ—କୌଣସିଟି ତାଙ୍କର ଲକ୍ଷ୍ୟ ନ ଥିଲା । ସେ କେବଳ ଗୃହିଁ-. ଥିଲେ ତାଙ୍କର ପ୍ରେମରେ ଆତ୍ମହରା କିଶୋରୀ ବଧୂଟିକୁ ପୁନର୍ବାର ଏ ଜଗତକୁ ଫେରାଇ ଆଣିବେ । କିନ୍ତୁ ଏହି ଆକାଂକ୍ଷାର ମହାଫଳ ହେଲା ସରସ୍ୱତୀ ନାମା ନିଗମାନନ୍ଦଙ୍କର ସମାଧିଯୋଗରେ ନିର୍ବିକଳ୍ପର ଜ୍ଞାନ ବା ବ୍ରହ୍ମାବବୋଧ । ବ୍ରହ୍ମଲୀନ ନିଗମାନନ୍ଦଙ୍କର ମର୍ତ୍ତ୍ୟକୁ ଫେରି ଆସିବାର କଥା ନୁହେଁ । କିନ୍ତୁ ଗୁରୁବ୍ରହ୍ମ ଆବିଷ୍ଟ ହେଲେ ତାଙ୍କର ବ୍ରାହ୍ମୀତନୁରେ । ଆମେ ତାଙ୍କୁ ଗୁରୁଭାବରେ ବ୍ୟୁତ୍ଥିତ ହେବାର ଦେଖିଲୁ । ନିର୍ବିକଳ୍ପ ଲାଭ ନ ହେଲେ କେହି 'ସଦ୍‌ଗୁରୁ' ହୋଇ ପାରନ୍ତି ନାହିଁ । ତେଣୁ ଦେଖିବାକୁ ମିଳେ ଯେ ଠାକୁରାଣୀ ସୁଧାଂଶୁବାଳାଙ୍କ ଅସୀମ ପ୍ରେମ ହିଁ ମୂଳ ନିମିତ୍ତ ହୋଇ ନଳିନୀକାନ୍ତ ଚଟ୍ଟୋପାଧ୍ୟାୟଙ୍କୁ ଶେଷ ପର୍ଯ୍ୟନ୍ତ 'ସଦ୍‌ଗୁରୁ ନିଗମାନନ୍ଦ'ରେ ରୂପାନ୍ତରିତ କରିଥିଲା । କି ଆଶ୍ଚର୍ଯ୍ୟ ମହାଶକ୍ତି ତାଙ୍କ ପ୍ରେମର । × × ଦିନେ ଯେଉଁ କିଶୋରୀ ମୃତ୍ୟୁପୁରୀରୁ ଫେରି ଆସି ତାଙ୍କୁ ପ୍ରଥମ ଜଣାଇଥିଲେ ପ୍ରେମର ଶକ୍ତି କି ପ୍ରଚଣ୍ଡ, ପ୍ରେମ ମୃତ୍ୟୁଞ୍ଜୟ—ଯାହା ନିକଟରେ ଆମ ଠାକୁର ଭିକ୍ଷାପାତ୍ର ତୋଳିଧରି ଗୃହିଁଥିଲେ ସେହିଭଳି ସୁଖପାଇବା ମୋତେ ଶିଖାଅ । ହୃଦୟଭରା ସୁଖପାଇବା ନେଇ ଜୀବଜଗତକୁ ଦୁଇ ହାତରେ କୋଳକୁ ଟାଣିଆଣି ଗୁରୁଦତ୍ତ ମହାବ୍ରତ ଉଦ୍‌ଯାପନ କରେ ।"*

ପ୍ରେମମୟୀ ଦେବୀ ସୁଧାଂଶୁବାଳାଙ୍କର ଏହି ମହାନ୍ ଅବଦାନ ସ୍ମରଣ କରି ଶ୍ରୀ ଶ୍ରୀ ଠାକୁର ତାଙ୍କ 'ପ୍ରେମିକଗୁରୁ' ଗ୍ରନ୍ଥରେ ନିମ୍ନୋକ୍ତ କବିତାଟି ସନ୍ନିବେଶିତ କରିଥିଲେ—

---

* 'ଠାକୁରାଣୀ ସୁଧାଂଶୁବାଳା' ପୁସ୍ତକରେ ସନ୍ନିବେଶିତ ଶ୍ରୀଯୁକ୍ତା ନାରାୟଣୀ ଦେବୀଙ୍କ ଲିଖିତ 'ଶ୍ରଦ୍ଧାଞ୍ଜଳି'ରୁ ଗୃହୀତ ।

ଦେବୀ !

ହୃଦୟ ମନ୍ଦିରେ ମାନସ-ମୁକୁରେ
ତୋଳିଛି ତୁମର ଫଟ,
ଆଉ କେତେ ସ୍ଥାନ ରହିଅଛି ଶୂନ୍ୟ
ଏ ହୃଦ ନୁହେଁ ତ ସ୍ଲେଟ !
ତୁମ ପ୍ରିୟ ଯେତେ ଏ ଜଡ଼ ଜଗତେ
ଅଛି ପ୍ରୀତି ଉପଚାର,
ସେ ସକଳ ନେଇ ଦେବି ମୁଁ ସଜାଇ
ସେହି ପ୍ରତିମା ପାଶର ।
ସନ୍ଧ୍ୟାରେ ଉଷାରେ ଶୁଭ୍ର ଜୋଛନାରେ
ରଖିବି ଦୁଆର ଖୋଲି
ନିଭୃତ କୁଟୀରେ ନିରେଖି ଅନ୍ତରେ
ଆପଣାକୁ ଯିବି ଭୁଲି ।
ସହସ୍ର ଓଁକାରେ ଜପିବି ମୁଁ ଧୀରେ
ବସାଇ ହୃଦୟାସନେ
ଶାରଦୀ ଶେଫାଳି ଅର୍ପିବି ଅଞ୍ଜଳି
ସେହି ସୁରଙ୍ଗ ଚରଣେ ।"*

'ପ୍ରେମିକ ଗୁରୁ' ପୁସ୍ତକର ଉପସଂହାରରେ ଶ୍ରୀ ଶ୍ରୀ ଠାକୁରଙ୍କର ସମସ୍ତ ଆଲୋଚନା ଓ ବକ୍ତବ୍ୟର ସାରକଥା ପ୍ରଦତ୍ତ ହୋଇଅଛି । ଏଥିରେ ଦେଶ, ସମାଜ ଓ ହିନ୍ଦୁଧର୍ମର ଯେଉଁସବୁ ସାମ୍ପ୍ରତିକ ସମସ୍ୟା ଅବତାରଣା କରି ଶ୍ରୀ ଶ୍ରୀ ଠାକୁର ତାହାର ଯେଉଁ ସମାଧାନର ପନ୍ଥା ନିର୍ଦ୍ଦେଶ କରିଛନ୍ତି ତାହା ବିଶେଷ ପ୍ରଣିଧାନ ଯୋଗ୍ୟ । ଏଥିରେ ମଧ୍ୟ ମାନବସମାଜ ପ୍ରତି

---

* ଏହି କବିତାଟି 'ଆର୍ଯ୍ୟ ଦର୍ପଣ' ୧୩୧୯ ସାଲ ଫାଲ୍‌ଗୁନ ସଂଖ୍ୟାରେ ପ୍ରକାଶିତ ଶ୍ରୀମତୀ ବିଜୟଲକ୍ଷ୍ମୀ ଦେବୀଙ୍କ 'ଅର୍ଚ୍ଚନା' କବିତା । ଶ୍ରୀ ଶ୍ରୀ ଠାକୁରଙ୍କୁ ଏହି କବିତାଟି ଅତି ସୁଖକର ବୋଧ ହେବାରୁ ସେ 'ପ୍ରେମିକ ଗୁରୁ' ଗ୍ରନ୍ଥରେ ଏହା ସଂଯୋଜିତ କରିଥିଲେ ।

ଶ୍ରୀ ଶ୍ରୀ ଠାକୁରଙ୍କର ବହୁ ଅମୂଲ୍ୟ ଉପଦେଶ ନିହିତ । ସେ ଲେଖିଛନ୍ତି— ଯେତେ ପ୍ରକାର ସାଧନା ଅଛି, ମୁକ୍ତି ବିଷୟକ ସାଧନା ହିଁ ସର୍ବାପେକ୍ଷା ପ୍ରଧାନ, ମାନବର ପରମ ପୁରୁଷାର୍ଥ । ଏହା ହିଁ ମାନବ ଜୀବନର ଏକମାତ୍ର ଚରମ ଲକ୍ଷ୍ୟ । ତେଣୁ ମୁଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ମୁକ୍ତିଲାଭ କରିବା ନିମିତ୍ତ ସନିର୍ବନ୍ଧ ଅନୁରୋଧ କରୁଅଛି । ......କିନ୍ତୁ ମୁକ୍ତିଲାଭ କରିବାକୁ ହେଲେ ଜଣେ ମୁକ୍ତବ୍ୟକ୍ତିଙ୍କର ସାହାଯ୍ୟ ବିଶେଷ ଆବଶ୍ୟକ, ହିନ୍ଦୁଶାସ୍ତ୍ରରେ ତାଙ୍କୁ ହିଁ ଗୁରୁ କୁହାଯାଏ । ଶ୍ରୀ ଗୁରୁଦେବଙ୍କ କୃପା ନ ହେଲେ ମୁକ୍ତିପଥରେ ଅଗ୍ରସର ହେବାର ଅନ୍ୟ ଉପାୟ ନାହିଁ ।" ତେଣୁ ଉପଯୁକ୍ତ ଗୁରୁଙ୍କ ସହାୟତାରେ ଚିତ୍ତଶୁଦ୍ଧି ଅବଲମ୍ବନ ପୂର୍ବକ ଗୁରୁପ୍ରଦିଷ୍ଟ ସାଧନାରେ ପ୍ରେମଭକ୍ତି ଲାଭହେଲେ ମୁକ୍ତି ଅବଶ୍ୟମ୍ଭାବୀ । ଉପସଂହାରରେ ପ୍ରଦତ୍ତ ଶ୍ରୀ ଶ୍ରୀ ଠାକୁରଙ୍କର ଅମୂଲ୍ୟ ଉପଦେଶଗୁଡ଼ିକ ପାଳନକଲେ ଆମ ଦେଶ ଓ ହିନ୍ଦୁ ସମାଜ ଯେ ଅଚିରେ ଆଧ୍ୟାତ୍ମିକ ଉନ୍ନତିର ଉତ୍ତୁଙ୍ଗ ଶିଖରରେ ଉପନୀତ ହେବ ଏଥିରେ ସନ୍ଦେହ ନାହିଁ ।

ପ୍ରେମିକ ଗୁରୁ ଗ୍ରନ୍ଥର ବୈଶିଷ୍ଟ୍ୟ

ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସଦେବଙ୍କ ପ୍ରଣୀତ ଗ୍ରନ୍ଥଗୁଡ଼ିକ ଭାରତୀୟ ଦର୍ଶନ, ଶାସ୍ତ୍ର ଓ ଧର୍ମଧାରାର ଅମୂଲ୍ୟ ଅଭିବ୍ୟକ୍ତି । ସ୍ୱୟଂ ଶ୍ରୀଶ୍ରୀ-ଠାକୁର 'ପ୍ରେମିକ ଗୁରୁ' ଗ୍ରନ୍ଥର ଉପସଂହାରରେ ଲେଖିଛନ୍ତି—"ପାଠକେ ! ମତ୍ ପ୍ରଣୀତ ବ୍ରହ୍ମଚର୍ଯ୍ୟ ସାଧନ, ଯୋଗୀଗୁରୁ, ଜ୍ଞାନୀଗୁରୁ, ତାନ୍ତ୍ରିକଗୁରୁ ଓ ପ୍ରେମିକଗୁରୁ—ଏହି ପାଞ୍ଚଖଣ୍ଡି ପୁସ୍ତକ ହିନ୍ଦୁଶାସ୍ତ୍ରର ସାରଭୂତ । ହିନ୍ଦୁଶାସ୍ତ୍ର-ସମୁଦ୍ର ମନ୍ଥନରେ ଏହି ସୁଧାର ଉଦ୍ଭବ ହୋଇଅଛି । ଏହି ସୁଧା ପାନକଲେ ମର ଜଗତର ମନୁଷ୍ୟ ଅମରତ୍ୱ ଲାଭକରି ପାରିବେ । ସେମାନଙ୍କର ଆତ୍ମଜ୍ଞାନର ଅପୂର୍ଣ୍ଣ ଆକାଂକ୍ଷା ପୂର୍ଣ୍ଣୀଭୂତ ହେବ । ମୁଁ ଯେଉଁଭଳି ଭାବରେ ନିର୍ବିବାଦରେ ଧର୍ମଲାଭ କରିବାର ଉପାୟମାନ ଏଥିରେ ସନ୍ନିବିଷ୍ଟ କରିଅଛି, ଏହି ପୁସ୍ତକଗୁଡ଼ିକ ପାଠକଲେ ତାହା ସହଜରେ ହୃଦୟଙ୍ଗମ ହୋଇପାରିବ । ଏହି କେତେ ଖଣ୍ଡି ପୁସ୍ତକ ଘରେ ଥିଲେ ଆଉ ବିଶାଳ ହିନ୍ଦୁଶାସ୍ତ୍ର-ସମୁଦ୍ର ମନ୍ଥନକରି ମଥା ଖରାପ କରିବାକୁ ପଡ଼ିବ ନାହିଁ । ଏଥିରେ ଚିତ୍ତଶୁଦ୍ଧି, ଯୋଗ, ଜ୍ଞାନ, କର୍ମ, ଭକ୍ତି ପ୍ରଭୃତି ସମସ୍ତ ହିନ୍ଦୁ ଶାସ୍ତ୍ରର ସାରତଥ୍ୟ ସଂଗୃହୀତ ହୋଇଅଛି ।" ଶ୍ରୀ ଶ୍ରୀ ଠାକୁର ଆହୁରି କହିଛନ୍ତି—"ମୋର ପ୍ରତ୍ୟେକ ପୁସ୍ତକର ଭୂମିକା, ଉତ୍ସର୍ଗପତ୍ର ଏବଂ ଉପସଂହାରରେ ମଧ୍ୟ ବିଶେଷତ୍ୱ ଅଛି ।"

ବାସ୍ତବିକ୍ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଣୀତ ଏହି ପୁସ୍ତକ କେତେଖଣ୍ଡି ଧର୍ମ-ଜଗତରେ ଯୁଗାନ୍ତର ଆଣିପାରିଛି । ଏପରି ସହଜ ଓ ସରଳ ଭାଷାରେ ଲିଖିତ ଆଧ୍ୟାତ୍ମିକ ରହସ୍ୟପୂର୍ଣ୍ଣ ଉଚ୍ଚକୋଟୀର ପୁସ୍ତକ ଅଦ୍ୟାପି ଭାରତର ଅନ୍ୟ କୌଣସି ଭାଷାରେ ପ୍ରକାଶିତ ହୋଇଛି କି ନା ସନ୍ଦେହ । ଜୀବନ୍ତ ଭାଷାର ପ୍ରାଞ୍ଜଳତା ଓ ମନୋହାରିତ୍ୱରେ ଏହି ପୁସ୍ତକଗୁଡ଼ିକର ଚମତ୍କାରିତା

ଅନ୍ତର ସମୃଦ୍ଧିଲାଭ କରିଅଛି । ଏହି ଅସାମ୍ପ୍ରଦାୟିକ ପୁସ୍ତକ କେତେଖଣ୍ଡି ଶ୍ରୀ ଶ୍ରୀ ଠାକୁରଙ୍କର ଜୀବନବ୍ୟାପୀ ସାଧନାର ସୁଧାମୟ ଫଳ । ଆମ ପକ୍ଷରେ ଆନନ୍ଦ ଓ ଗୌରବର କଥା ଯେ, ଏହି ପୁସ୍ତକଗୁଡ଼ିକର ଉପର୍ଯ୍ୟୁକ୍ତ ବିଶେଷତ୍ୱ ଯୋଗୁଁ ଲଣ୍ଡନସ୍ଥ ବ୍ରିଟିଶ ମିଉଜିୟମ୍ ଏଗୁଡ଼ିକୁ ଆଦରରେ ଗ୍ରହଣ କରିଛନ୍ତି ।

'ପ୍ରେମିକଗୁରୁ' ଶ୍ରୀ ଶ୍ରୀ ଠାକୁରଙ୍କର ସର୍ବଶେଷ ଗ୍ରନ୍ଥ । ତାଙ୍କ ରଚିତ ଗ୍ରନ୍ଥଗୁଡ଼ିକ ମଧ୍ୟରେ ଏହାର ଏକ ବିଶେଷ ପ୍ରାଧାନ୍ୟ ରହିଛି । ଶ୍ରୀ ଶ୍ରୀ ଠାକୁରଙ୍କ ଅନବଦ୍ୟ ରଚନା ଶୈଳୀରେ କଠିନ ତତ୍ତ୍ୱକଥାମାନ ଏହି ଗ୍ରନ୍ଥରେ ରସାଳ ସାହିତ୍ୟ ହୋଇ ଫୁଟି ଉଠିଛି । ପାଠକମାନଙ୍କ ସୁବିଧାନିମିତ୍ତ ଶ୍ରୀ ଶ୍ରୀ ଠାକୁର ଶାଣ୍ଡିଲ୍ୟ ସୂତ୍ର, ନାରଦ ସୂତ୍ର, ବିଷ୍ଣୁ ପୁରାଣ, ଗରୁଡ଼ ପୁରାଣ, ଶ୍ରୀମଦ୍ ଭାଗବତ ପୁରାଣ, ଉଜ୍ଜ୍ୱଳ ନୀଳମଣି, ଭକ୍ତିରସାମୃତ ସିନ୍ଧୁ, ଶ୍ରୀ ଚୈତନ୍ୟଚରିତାମୃତ, ଭକ୍ତମାଳା, ସାଧନତତ୍ତ୍ୱସାର, ପଞ୍ଚଦଶୀ, ମହାନିର୍ବାଣ ତନ୍ତ୍ର, ଛାନ୍ଦୋଗ୍ୟ-ଉପନିଷଦ, ଗୋପାଳତାପନୀ ଉପନିଷଦ, ଚଣ୍ଡୀଦାସ ପଦାବଳୀ, ବାଇବେଲ ଦେଓ୍ୱାନ ହାଫେଜ, ଉଇଲ୍ ଡେଭିଡ଼ ଓ କେସ୍ୱାର୍ଡ଼ ପ୍ରଭୃତିଙ୍କ ଗ୍ରନ୍ଥରୁ ବହୁ ତତ୍ତ୍ୱର ବିଶ୍ଳେଷଣ ଉଦ୍ଧାର କରି ଏହି ପ୍ରେମିକଗୁରୁ ଗ୍ରନ୍ଥରେ ଲିପିବଦ୍ଧ କରିଛନ୍ତି ।

ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ଦେବ ପ୍ରେମସିଦ୍ଧ ସଦ୍‌ଗୁରୁ । ସଂସାର ଜୀବନରେ ପ୍ରେମମୟୀ ସହଧର୍ମିଣୀ ସୁଧାଂଶୁ-ବାଳାଙ୍କ ପ୍ରେମ-ସୁଧା ଆସ୍ୱାଦନ କରି ସେ ହୋଇଥିଲେ ତାଙ୍କର ବିଦଗ୍ଧ ପ୍ରେମିକ । ତାଙ୍କର ସେତେବେଳର ସେହି ପ୍ରେମ ପ୍ରାକୃତ ଲୌକିକ ଜଗତର ହେଲେ ମଧ୍ୟ ତାହା ଥିଲା ଆଦର୍ଶ, ଅସାଧାରଣ ଓ ଅସାମାନ୍ୟ । ପରବର୍ତ୍ତୀ ସନ୍ନ୍ୟାସ ଜୀବନରେ ତନ୍ତ୍ରସିଦ୍ଧ, ଜ୍ଞାନସିଦ୍ଧ, ଯୋଗସିଦ୍ଧ, ନିର୍ବିକଳ୍ପ-ସମାଧି ବ୍ୟୁତ୍‌ଥିତ ସ୍ୱାମୀ ନିଗମାନନ୍ଦ ପ୍ରେମସିଦ୍ଧା ପରମ ପ୍ରେମମୟୀ ଯୋଗିନୀ ମା' ଗୌରୀଦେବୀଙ୍କଠାରୁ ପ୍ରେମତତ୍ତ୍ୱ ବା ଭାବତତ୍ତ୍ୱ ଶିକ୍ଷାକରି ରୂପାନ୍ତରିତ ହେଲେ 'ପ୍ରେମିକ ଗୁରୁ' ରୂପରେ । ବୁଝିପାରିଲେ ପ୍ରାକୃତ ଓ ଅପ୍ରାକୃତ ପ୍ରେମର

ସ୍ୱରୂପ ଓ ପାର୍ଥକ୍ୟ । ସେହି ସହଜ ପ୍ରେମମୟ ସ୍ୱରୂପ ତାଙ୍କର ଗୁରୁଜୀବନରେ ଅବ୍ୟାହତ ରହିଥିଲା । ତେଣୁ ପ୍ରାକୃତ ଓ ଅପ୍ରାକୃତ ପ୍ରେମ ଓ ଭାବତତ୍ତ୍ୱ ସମ୍ବନ୍ଧୀୟ ଭାବବ୍ୟକ୍ତ କରିବା ପାଇଁ ସଦ୍‌ଗୁରୁ ନିଗମାନନ୍ଦ ସିଦ୍ଧହସ୍ତ ଆଧିକାରିକ ପୁରୁଷ । ଲୌକିକ ପ୍ରେମ ଓ ଅପ୍ରାକୃତ ଭଗବତ୍ ଅଭିମୁଖୀ ପ୍ରେମ ଉଭୟ ବିଷୟରେ ସେ ତାଙ୍କର ପୁସ୍ତକାବଳୀ, ପତ୍ରମାଳା ଓ ପ୍ରବନ୍ଧ ଗୁଡ଼ିକରେ ଯେଉଁ ଚିନ୍ତା ଓ ବିଶ୍ଳେଷଣ ଜଗତ ସମକ୍ଷରେ ଉପସ୍ଥାପିତ କରିଛନ୍ତି ତାହା ଅନବଦ୍ୟ ।

ଶ୍ରୀ ଶ୍ରୀ ଠାକୁରଙ୍କର ପୂର୍ବାଶ୍ରମରେ ଲିଖିତ 'ସୁଧାଂଶୁବାଳା' ଉପନ୍ୟାସ ଓ ସିଦ୍ଧ ଜୀବନର ପ୍ରଥମ ପୁସ୍ତକ 'ଯୋଗୀଗୁରୁ'ରେ ପ୍ରେମ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁରଙ୍କର ଦୃଷ୍ଟିକୋଣ ଓ ଭାବଧାରା ସୁସ୍ପଷ୍ଟ ହୋଇଥିଲେ ମଧ୍ୟ 'ପ୍ରେମିକଗୁରୁ' ଗ୍ରନ୍ଥରେ ହିଁ ପ୍ରେମ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁରଙ୍କର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ପରିସ୍ଫୁଟ ହୋଇଅଛି । ଏହି ଗ୍ରନ୍ଥରେ ପ୍ରେମ ସମ୍ପର୍କରେ ଲେଖିବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ବହୁ ବିଷୟର ଅବତାରଣା କରିଛନ୍ତି । ଗ୍ରନ୍ଥର ସୂଚୀପତ୍ରରେ ପ୍ରଦତ୍ତ ବିଷୟସୂଚୀରୁ ଏହା ସୁସ୍ପଷ୍ଟ । ଶ୍ରୀ ଶ୍ରୀ ଠାକୁରଙ୍କ ମତରେ ଜୀବନ୍ମୁକ୍ତି ମାନବର ପରମପୁରୁଷାର୍ଥ । ଏହା ପ୍ରେମଭକ୍ତି ବଳରେହିଁ ଲାଭ ହୋଇଥାଏ । ତେଣୁ ପ୍ରେମଭକ୍ତି ହିଁ ମୁମୁକ୍ଷୁ ବ୍ୟକ୍ତିମାନଙ୍କର ଏକମାତ୍ର ଶ୍ରେଷ୍ଠ ସାଧନା ଓ ସାଧ୍ୟ ବସ୍ତୁ । ମୁକ୍ତିଲାଭର ଏକମାତ୍ର ଉପାୟ 'ପ୍ରେମଭକ୍ତି ଲାଭ' ଦ୍ୱାରା ହୋଇଥିବାରୁ ଏହା ସର୍ବଶ୍ରେଷ୍ଠ ସାଧନା ମଧ୍ୟରେ ଗଣ୍ୟ । ସେହି କାରଣରୁ ଶ୍ରୀ ଶ୍ରୀ ଠାକୁର 'ପ୍ରେମିକ ଗୁରୁ' ଗ୍ରନ୍ଥର ପୂର୍ବସ୍କନ୍ଧରେ ପ୍ରେମ ଭକ୍ତି ତତ୍ତ୍ୱର ଦୀର୍ଘ ଆଲୋଚନା ପରେ ଉତ୍ତର ସ୍କନ୍ଧରେ ଜୀବନ୍ମୁକ୍ତି ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋକପାତ କରିଛନ୍ତି ।

ଶ୍ରୀ ଶ୍ରୀ ଠାକୁରଙ୍କ ମତରେ "ମୁକ୍ତିର ଉପାୟ ଜ୍ଞାନ ଏବଂ ଜ୍ଞାନର ଉପାୟ ଭକ୍ତି", ସୁତରାଂ ଭକ୍ତି ହିଁ ମୁକ୍ତିର କାରଣ । ଅତଏବ ଯେଉଁ ସାଧକୋତ୍ତମ ମୁକ୍ତି ଇଚ୍ଛା କରନ୍ତି, ସେ ତଦ୍‌ଭକ୍ତି ପରାୟଣ ହୋଇ ତାଙ୍କର ପୂଜାଦି ପ୍ରସଙ୍ଗରେ ପ୍ରୀତିଯୁକ୍ତମାନସ ହେବା ଆବଶ୍ୟକ; କାୟମନୋବାକ୍ୟରେ

ତାଙ୍କୁ ଆଶ୍ରୟ କରିବା ବିଧେୟ; ସର୍ବଦା ତାଙ୍କରିଠାରେ ମନୋନିବେଶ ପାଇଁ ଚେଷ୍ଟାକରିବା କର୍ତ୍ତବ୍ୟ ଏବଂ ତଦ୍‌ଗତ ପ୍ରାଣ ହୋଇ ରହିବା ବିଧେୟ । ସର୍ବଦା ତାଙ୍କର ପ୍ରସଙ୍ଗ, ତାଙ୍କର ଗୁଣଗାନ ଓ ତାଙ୍କର ନାମ ଜପରେ ସମୁତ୍ସୁକ ରହିବା ଦରକାର । ନିଜ ନିଜର ବର୍ଣ୍ଣାଶ୍ରମୋଚିତ ଓ ବେଦ ବିହିତ ଏବଂ ସ୍ମୃତି-ଅନୁମୋଦିତ ପୂଜା ଯଜ୍ଞାଦିଦ୍ୱାରା ତାଙ୍କର ଅର୍ଚ୍ଚନା କରିବା, ଅର୍ଥାତ୍ କାମନା ବିରହିତ ହୋଇ ଭଗବତ୍ ପ୍ରୀତି ଉଦ୍ଦେଶ୍ୟରେ ହିଁ ଏହି ସମସ୍ତ କ୍ରିୟାନୁଷ୍ଠାନ କରିବା କର୍ତ୍ତବ୍ୟ । ତାହା ଫଳରେ ଯେତେବେଳେ ଭକ୍ତି କ୍ରମେ ଦୃଢ଼ତର ହେବ, ସେତେବେଳେ ତତ୍ତ୍ୱଜ୍ଞାନ ଲାଭ ହେବ । ସେହି ତତ୍ତ୍ୱଜ୍ଞାନ ଦ୍ୱାରା ମୁକ୍ତିଲାଭ ହୋଇଥାଏ ।" × × × ଭଗବାନଙ୍କର ଯେଉଁ ରୂପ ପରମ ସୂକ୍ଷ୍ମ, ସୁନିର୍ମଳ, ନିର୍ଗୁଣ, ନିରାକାର, ଜ୍ୟୋତି ସ୍ୱରୂପ, ସର୍ବ-ବ୍ୟାପୀ ଅଥଚ ନିରଂଶ, ବାକ୍ୟାତୀତ, ସମଗ୍ର ଜଗତର ଅଦ୍ୱିତୀୟ କାରଣ ସ୍ୱରୂପ, ସମସ୍ତ ଜଗତର ଆଧାର ନିରାଲମ୍ବ, ନିର୍ବିକଳ୍ପ, ନିତ୍ୟଚୈତନ୍ୟ, ନିତ୍ୟାନନ୍ଦମୟ; ଭଗବାନଙ୍କର ସେହି ରୂପକୁ ମୁମୁକ୍ଷୁ ବ୍ୟକ୍ତିମାନେ ଦେହ-ବନ୍ଧବିମୁକ୍ତି ନିମିତ୍ତ ଅବଲମ୍ବନ କରିଥାନ୍ତି । ମାୟାମୁଗ୍ଧ ବ୍ୟକ୍ତିମାନେ ସର୍ବଗତ ଅଦ୍ୱୈତ ସ୍ୱରୂପ ପରମେଶ୍ୱରଙ୍କ ଅବ୍ୟୟ ରୂପକୁ ଜାଣିପାରନ୍ତି ନାହିଁ । କିନ୍ତୁ ଯେଉଁମାନେ ଭକ୍ତିପୂର୍ବକ ଭଗବାନଙ୍କୁ ଭଜନ କରନ୍ତି; ସେହି-ମାନେ ହିଁ ତାଙ୍କର ପରମ ରୂପ ଅବଗତ ହୋଇ ମାୟାଜାଲରୁ ଉତ୍ତୀର୍ଣ୍ଣ ହୋଇଥାନ୍ତି । ସୂକ୍ଷ୍ମରୂପ ସଦୃଶ ସ୍ଥୂଳରୂପରେ ମଧ୍ୟ ଭଗବାନ ଏହି ସମଗ୍ର ବିଶ୍ୱପରିବ୍ୟାପ୍ତ ହୋଇ ରହିଛନ୍ତି । ସୁତରାଂ ସମସ୍ତ ରୂପ ହିଁ ତାଙ୍କ ସ୍ଥୂଳରୂପ ମଧ୍ୟରେ ଗଣ୍ୟ । ତଥାପି ନିଜ ନିଜ ଗୁରୁପଦିଷ୍ଟ ଧେୟମୂର୍ତ୍ତିର ଆରାଧନା କରିବାକୁ ହେବ । କାରଣ, ତାହା ହିଁ ଶୀଘ୍ର ମୁକ୍ତିଦାନରେ ସମର୍ଥ । ଏହିପରି ଉପାସନା କରୁ କରୁ ଯେତେବେଳେ ଗାଢ଼ଭକ୍ତିର ଉଦୟ ହେବ; ସେତେ-ବେଳେ ପରମାତ୍ମ ସ୍ୱରୂପ ଇଷ୍ଟଦେବଙ୍କ ସୂକ୍ଷ୍ମରୂପ ପ୍ରତ୍ୟକ୍ଷୀଭୂତ ହେବ । ସେତେବେଳେ ଜଗତର କୌଣସି ରମଣୀୟ ବସ୍ତୁ ତାଙ୍କ ଅପେକ୍ଷା ଅଧିକ ରମଣୀୟ ବୋଲି ବୋଧହେବ ନାହିଁ; ଜଗତର କୌଣସି ଲାଭ ସେହି ଲାଭ ଅପେକ୍ଷା ଅଧିକ ବୋଲି ଜ୍ଞାନ ହେବ ନାହିଁ । ମନଃପ୍ରାଣ ତାଙ୍କର ପ୍ରେମର-

ମାଧୁର୍ଯ୍ୟରେ ଚିରକାଳ ପାଇଁ ବୁଡ଼ିଯିବ । ତଦ୍ଦ୍ୱାରା ସେହି ମହାତ୍ମାମାନେ ଆଉ ଦୁଃଖର ଆଳୟ ଅନିତ୍ୟ ପୁନର୍ଜନ୍ମ ଭୋଗ କରିବେ ନାହିଁ । ଅନନ୍ୟମନା ହୋଇ ଯେଉଁ ବ୍ୟକ୍ତି ଭଗବାନଙ୍କୁ ସର୍ବଦା ସ୍ମରଣ କରନ୍ତି; ସେହି ବ୍ୟକ୍ତିହିଁ ଅଚିରେ ଦୁସ୍ତର ଭବସାଗରରୁ ଉଦ୍ଧାର ଲାଭ କରିଥାନ୍ତି ।'' ବ୍ରହ୍ମରସ ସ୍ୱରୂପ ସେହି ରସ ସ୍ୱରୂପଙ୍କୁ ପ୍ରାପ୍ତ ହେଲେ ଜୀବ ଆନନ୍ଦରେ ହିଁ ପରିଣତ ହୋଇ-ଯାଏ ।'' × × × ''ଯେତେବେଳେ ମନୁଷ୍ୟର ସମସ୍ତ ବୃତ୍ତି ଈଶ୍ୱରାଭି-ମୁଖୀ ବା ଈଶ୍ୱରାନୁବର୍ତ୍ତୀ ହୁଏ, ସେତେବେଳେ ସେହି ଅବସ୍ଥାକୁ ଭକ୍ତି କୁହାଯାଏ । ସୁତରାଂ ସମଗ୍ର ଚିତ୍ତବୃତ୍ତି ଈଶ୍ୱରଙ୍କଠାରେ ଅର୍ପିତ ହେଲେ ତାଙ୍କର ଆନନ୍ଦ ସ୍ୱରୂପ ଭକ୍ତଙ୍କର ବିଶୁଦ୍ଧ ଚିତ୍ତକ୍ଷେତ୍ରରେ ପ୍ରତିବିମ୍ବିତ ହୋଇ ପରମାନନ୍ଦ ପ୍ରଦାନ କରିଥାଏ । ଯେପରି ଦର୍ପଣକୁ ସମ୍ମୁଖରେ ରଖି ହସିଲେ ଦର୍ପଣସ୍ଥ ପ୍ରତିବିମ୍ବ ମଧ୍ୟ ହାସ୍ୟ କରେ; ସେହିପରି ମାନବର ସମସ୍ତ ବୃତ୍ତି ଭଗବାନଙ୍କ ପ୍ରତି ଏକମୁଖୀ ହେଲେ ଶୁଦ୍ଧ ଚିତ୍ତରେ ତାଙ୍କର ସ୍ୱରୂପ ପ୍ରତିଭାତ ହୋଇଥାଏ । ସେ ଆନନ୍ଦମୟ, ସେ ଆକାଂକ୍ଷା-ପରିଶୂନ୍ୟ, ସୁତରାଂ ଭକ୍ତଙ୍କଠାରେ ମଧ୍ୟ ଅନୁରୂପ ଭକ୍ତିଭାବର ଉଦୟ ହେବା ସ୍ୱାଭାବିକ । ସେତେ-ବେଳେ ସାଧକ ପରମାନନ୍ଦ ଆସ୍ୱାଦନ କରିଥାନ୍ତି । ଏହିଭଳି ଅବସ୍ଥାରେ ହିଁ ମନୁଷ୍ୟ ପ୍ରକୃତ ପକ୍ଷରେ ସୁଖୀ ହୋଇଥାଏ; ସେଭଳି ଅବସ୍ଥାରେ ତାହାର ଆଉ କିଛି ନିଜତ୍ୱ ବୋଧ ରହେ ନାହିଁ । ସେ ଆଉ କିଛି ମାତ୍ର ଉପଲବ୍ଧି କରିପାରେ ନାହିଁ । ସେତେବେଳେ ଭଗବାନଙ୍କ ଆନନ୍ଦରେ ହିଁ ତାର ଆନନ୍ଦ; ସେହି ଭାବରେ ହିଁ ସେ ବିଭୋର । ସମସ୍ତ ପ୍ରକାର ଭାବ ସହିତ; ସବୁ ପ୍ରକାର ବୃତ୍ତି ସହିତ; ସବୁପ୍ରକାର ବାସନା ସହିତ; ସବୁ ପ୍ରକାର କାମନା ସହିତ ଏବଂ ସମୁଦାୟ ଜ୍ଞାନ ସହିତ ଈଶ୍ୱରଙ୍କଠାରେ ଅନୁରକ୍ତିର ନାମ ହିଁ ପ୍ରେମ ଭକ୍ତି । ଭକ୍ତି ଅନୁଶୀଳନରୁ ପ୍ରେମର ଉତ୍ପତ୍ତି ହୁଏ ଏବଂ ପ୍ରେମର ଉଦୟ ହେଲେ ଜୀବ ଜୀବନ୍ମୁକ୍ତି ଅବସ୍ଥା ଲାଭ କରେ ।''

ପ୍ରେମ ଓ ପ୍ରେମଭକ୍ତି କଅଣ ତାହା ଶ୍ରୀ ଶ୍ରୀ ଠାକୁର ଏହି ପ୍ରେମିକଗୁରୁ ଗ୍ରନ୍ଥର ପୂର୍ବସ୍କନ୍ଧରେ ବିଶଦଭାବରେ ଆଲୋଚନା କରିଛନ୍ତି । ପ୍ରେମ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁରଙ୍କର ମତ ହେଲା ''ଯାହାଦ୍ୱାରା ଚିତ୍ତ ସର୍ବତୋଭାବରେ ନିର୍ମଳ

ହୁଏ ଏବଂ ଯାହା ଅତି ମମତା ସମ୍ପନ୍ନ, ଏପରି ଯେଉଁ ଭାବ ତାହା ଗାଢ଼ତା ପ୍ରାପ୍ତ ହେଲେ ପଣ୍ଡିତମାନେ ତାହାକୁ ପ୍ରେମ ବୋଲି କୀର୍ତ୍ତନ କରିଥାନ୍ତି ।" ସାଧନଭକ୍ତି ଯାଜନ କରୁ କରୁ ରତିହୁଏ; ସେହି ରତି ଗାଢ଼ ହେଲେ ତାହାକୁ ପ୍ରେମ କୁହାଯାଏ । ଅନ୍ୟ ସମସ୍ତଙ୍କପ୍ରତି ମମତା ପରିହାର ପୂର୍ବକ ଭଗବାନଙ୍କ ଠାରେ ଯେଉଁ ମମତା, ତାହାର ନାମ ପ୍ରେମ; ଏହି ପ୍ରେମ ଭକ୍ତି ଦୁଇ ଶ୍ରେଣୀରେ ବିଭକ୍ତ—ଗୋଟିଏ ଭାବରୁ ଜାତ, ଅପରଟି ଭଗବାନଙ୍କର ଏକାନ୍ତ ପ୍ରସନ୍ନତାରୁ ଉତ୍ପନ୍ନ । ଅନ୍ତରଙ୍ଗ ଭକ୍ତିଅଙ୍ଗ ସମୂହର ନିରନ୍ତର ଅନୁଶୀଳନ ବା ନିରବଚ୍ଛିନ୍ନ ଅନୁଶୀଳନ ଦ୍ୱାରା ଭାବ ପରମ ଉତ୍କର୍ଷ ପ୍ରାପ୍ତ ହେଲେ ଯାଇ ତାହା ଭାବୋତ୍ଥ ପ୍ରେମ ବୋଲି କଥିତ ହୋଇଥାଏ । ପୁଣି ଭଗବାନ ଶ୍ରୀହରିଙ୍କର ସ୍ୱୀୟ ସଙ୍ଗଦାନାଦିକୁ ହିଁ ଅତି 'ପ୍ରସାଦୋତ୍ଥ ପ୍ରେମ' କୁହାଯାଏ । ଏହା ପୁଣି ମାହାତ୍ମ୍ୟଜ୍ଞାନଯୁକ୍ତ ଏବଂ କେବଳ ଅର୍ଥାତ୍ ମାଧୁର୍ଯ୍ୟ ଜ୍ଞାନଯୁକ୍ତ—ଏହି ଦୁଇ ଶ୍ରେଣୀରେ ବିଭକ୍ତ । ବିଧିମାର୍ଗାନୁବର୍ତ୍ତୀ ଭକ୍ତ-ମାନଙ୍କର ଯେଉଁ ଅତି ପ୍ରସାଦୋତ୍ଥ ପ୍ରେମ, ତାହା ମହିମ ଜ୍ଞାନଯୁକ୍ତ ଏବଂ ରାଗାନୁଗାଶ୍ରିତ ଭକ୍ତମାନଙ୍କର ପ୍ରେମ କେବଳ ଅର୍ଥାତ୍ ମାଧୁର୍ଯ୍ୟଜ୍ଞାନଯୁକ୍ତ ହୋଇଥାଏ । × × × × ଭଗବାନଙ୍କଠାରେ କାମଗନ୍ଧଶୂନ୍ୟ ଯେଉଁ ଅନୁରକ୍ତି, ତାହାରି ନାମ ପ୍ରେମ । ଯେଉଁଠାରେ ଏହି ଭାବ ଅଛି, ସେହି-ଠାରେ ପ୍ରେମ ଅଛି ବୋଲି ଜାଣିବ । ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛାର ନାମ କାମ । ଅତଏବ ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ପରି ଶୂନ୍ୟ ହୋଇ ଯାହାଙ୍କଠାରେ ଅନୁରକ୍ତି ଜାତ ହେବ ତାଙ୍କରିଠାରେ ପ୍ରେମ ଜାତ ହେବ । ମୁଁ ତାଙ୍କୁ ସୁଖପାଏ ତେଣୁ ତାଙ୍କର ଯେତେ କାର୍ଯ୍ୟ ସେ ସମସ୍ତ ମୋ ପକ୍ଷରେ ଶ୍ରେୟଃ; ସେ ସୁନ୍ଦରରୂପକୁ ସୁଖପାଆନ୍ତି, ତେଣୁ ମୁଁ ରୂପର ଉତ୍କର୍ଷ ସାଧନ କରିବନାହିଁ କାହିଁକି ? ସେ ଫୁଲମାଳାକୁ ସୁଖ ପାଆନ୍ତି; ତେଣୁ ବନଭ୍ରମଣ କରି ମୁଁ ଏତେ ଫୁଲ ତୋଳିବାର ଅୟୋଜନ କରୁଛି ଏବଂ ମାଳା ଗୁନ୍ଥୁଛି । × × × × ଯାହାଙ୍କ ନିମିତ୍ତ ଏତେ ମାଲ୍ୟ ରଚନା, ସେ କାହାନ୍ତି ? ତେଣୁ ଏ ମାଳାରେ ମୋର ପ୍ରୟୋଜନ ନାହିଁ । ସେ ଯଦି ନ ଆସିବେ, ତାଙ୍କ ଗଳାରେ ଯଦି ଏହି ମାଳା ଦୋଳାୟିତ ନହେବ, ମାଳାର ସୁବାସରେ ସେ ଯଦି ପୁଲକିତ ନ ହେବେ, ତେବେ ଏହି ମାଳା ଗ୍ରନ୍ଥନରେ

କୌଣସି ପ୍ରୟୋଜନ ନାହିଁ । ସେ ଆନନ୍ଦିତ ହେଲେ ତ ମୋର ଆନନ୍ଦ ! ଅନ୍ୟଥା ଜଗତରେ ମୋର ଆଉ କି ଆନନ୍ଦ ଅଛି ! ସେ ସୁଖୀ ହେଲେ ଯାଇ ମୋର ସୁଖ ।'' ଏହା ହିଁ ପ୍ରେମ । ଦେଶର ଉପକାର କରି, ଦଶର ଉପକାର କରି, ଜନସାଧାରଣଙ୍କର ଉପକାର କରି, ଧର୍ମର ଉପକାର କରି, ଦରିଦ୍ରର ଉପକାରକରି, ସୁନ୍ଦରର ଉପକାରକରି, କୁତ୍ସିତର ଉପକାର କରି, ତଦ୍ଦ୍ୱାରା ସେମାନଙ୍କର ଯେଉଁ ଆନନ୍ଦ, ସେହି ଆନନ୍ଦର ପ୍ରତିଘାତରେ ହିଁ ମୋର ଆନନ୍ଦ; ଏହା ହିଁ ବ୍ୟଷ୍ଟିଭାବର ଆନନ୍ଦ । ପୁଣି ସମଷ୍ଟି ଭାବର ଆନନ୍ଦ ହେଉଛି ଈଶ୍ୱରାନନ୍ଦ । ଭଗବାନଙ୍କ ସେବାକରି, ଭଗବାନଙ୍କ ସୌନ୍ଦର୍ଯ୍ୟ ଉପଭୋଗ କରାଇ, ଭଗବାନଙ୍କୁ ହୃଦୟରେ ଧାରଣକରି ଆନନ୍ଦର ଯେଉଁ ପୂର୍ଣ୍ଣତମ ଭାବ, ତାହାର ନାମ ପ୍ରେମ ।'' ପ୍ରେମଭକ୍ତି ଜୀବ ମାତ୍ରକେ ସମସ୍ତଙ୍କ ସ୍ୱାଭାବିକ ଧର୍ମ । ଆବୋରକା ମାୟାଶକ୍ତି କର୍ତ୍ତୃକ ଜୀବର ନିତ୍ୟ ଶୁଦ୍ଧ ଆତ୍ମ ସ୍ୱରୂପ ଓ ତଦୀୟ ବିଶୁଦ୍ଧ ଧର୍ମ ଆବୃତ ହେବା ଫଳରେ ଜୀବ ଭୂତଗ୍ରସ୍ତ ମାନବପରି ବିଭ୍ରାନ୍ତ ହୋଇ ପଡ଼ିଛି । ସାଧୁଶାସ୍ତ୍ରକୃପାରୁ ବିସ୍ମୃତ ହୋଇଥିବା ନିତ୍ୟ ସମ୍ପଦର ସନ୍ଧାନ ଲାଭକଲେ ସେ ଭଗବତ୍ ଅଭିମୁଖୀ ହୋଇ ଇନ୍ଦ୍ରିୟ-ମାନଙ୍କ ପ୍ରେରଣାରେ ନିଜ ହୃଦୟରେ ପ୍ରେମଭକ୍ତି ପ୍ରକଟିତ କରିବାକୁ ଚେଷ୍ଟାକରେ ।

ପରାନୁରକ୍ତି ବା ପରପ୍ରତି ଆକର୍ଷଣ ପ୍ରେମର ମୂଳଭିତ୍ତି । ଏହି ପରାନୁ-ରକ୍ତି ଶକ୍ତି କାହାରି ଅର୍ଜିତ ନୁହେଁ । ସୃଷ୍ଟି ଆରମ୍ଭରୁ ବିଧାତା ଏହି ଶକ୍ତି ସମସ୍ତଙ୍କୁ ପ୍ରଦାନ କରି ବିଶ୍ୱ ସଂସାର ରଚନା କରିଛନ୍ତି । କେବଳ ଇନ୍ଦ୍ରିୟ ମାନଙ୍କ କଥା କହିବି କାହିଁକି ? ପରମାଣୁଠାରୁ ଆରମ୍ଭକରି ପରମ ମହତ୍ତତ୍ତ୍ୱ ପର୍ଯ୍ୟନ୍ତ ସମସ୍ତେ ଉକ୍ତ ବୃତ୍ତିର ଅନୁରୋଧରେ ଅବଶଭାବରେ ଅନ୍ୟସହିତ ସମ୍ମିଳିତ ହେବା ନିମିତ୍ତ ଆକାଂକ୍ଷା ପ୍ରକାଶ କରିଥାନ୍ତି । ବିରାଟ ପର୍ବତ ବାୟବୀୟ ଅଣୁସମୂହରେ ମିଳିତ ହେବା ନିମିତ୍ତ ରେଣୁ ରେଣୁ ହୋଇ ସୂକ୍ଷ୍ମ ବାଲୁକା କଣାରେ ପରିଣତ ହେଉଅଛି । ପୁଣି ବାଲୁକାମୟ ସୂକ୍ଷ୍ମ ଅଣୁ ସମୂହ ପରସ୍ପର ମିଳିତ ହୋଇ କାଳକ୍ରମେ ପର୍ବତାକାରରେ ପର୍ଯ୍ୟ-ବସିତ ହେଉଛନ୍ତି । ମୃତ୍ତିକା ବୃକ୍ଷ ରୂପରେ ଏବଂ ବୃକ୍ଷ ମୃତ୍ତିକାରେ

ରୂପାନ୍ତରିତ ହୋଇ ପରସ୍ପର ସମ୍ମେଳନର ପରିଚୟ ଦେଉଛନ୍ତି । ଚରାଚର ଜଗତର ପ୍ରତ୍ୟେକ ପଦାର୍ଥ ଯେ ଏହି ପ୍ରକାରରେ ରୂପାନ୍ତରିତ ହୋଇ ଅନ୍ୟ ପଦାର୍ଥରେ ପରିଣତ ହେଉଅଛି, ଏହା ଉକ୍ତ ପରାନୁରକ୍ତିର ଫଳ ବ୍ୟତୀତ ଆଉ କିଛି ନୁହେଁ । ଅତଏବ ଅଭାବବୋଧ ଓ ଅନ୍ୟଠାରେ ନିଜର ଅଭାବ ପୂରଣର ଆକାଂକ୍ଷାରୁ ଅନ୍ୟପ୍ରତି ଆକର୍ଷଣ, ଆସକ୍ତି ଓ ପ୍ରେମର ସୃଷ୍ଟି ହୋଇଥାଏ । କିନ୍ତୁ ଅଭାବମୟ ପ୍ରାକୃତ ପଦାର୍ଥ ଦ୍ୱାରା କାହାରି ହେଲେ ସ୍ୱାଭାବିକ ଅଭାବ ଦୂର ହେବାର ନୁହେଁ । ତେବେ ଯେଉଁ ଭଗବାନ ଅଭାବ ଦେଇ ଜଗତକୁ ସୃଷ୍ଟି କରିଛନ୍ତି ସେହି ଅନନ୍ତ ମାଧୁର୍ଯ୍ୟର ଉତ୍ସ ସ୍ୱରୂପ ପରମ ପୁରୁଷ ଭଗବାନଙ୍କଠାରେ ଜୀବ ଅନୁରକ୍ତ ହୋଇ ସ୍ଥିରତା ଲାଭକଲେ ଇନ୍ଦ୍ରିୟମାନଙ୍କର ଲୋଭନୀୟ କୌଣସି ବିଷୟର ଅଭାବ ରହେ ନାହିଁ । ଜଗତରେ ଯେଉଁଠାରେ ଯେ କୌଣସି ଚିତ୍ତାକର୍ଷକ ଭାବ ବିଦ୍ୟମାନ ସେ ସମସ୍ତ ହିଁ ସେହି ସର୍ବକାରଣ ଭଗବାନଙ୍କର ଅନନ୍ତ ରୂପ ରସାଦିର ଆଭାସ ମାତ୍ର । ଥରେ ଦୈବ ବଶରୁ ଇନ୍ଦ୍ରିୟମାନଙ୍କର ସେଥିପ୍ରତି ଗତି ଜାତ ହେଲେ, ସେହି ଅନନ୍ତ ସୁଖର ଆସ୍ୱାଦ ଥରେ ଲାଭକରି ପାରିଲେ, ଆଉ ଥରେ ସେଥିରୁ ପ୍ରତିନିବୃତ୍ତ ହେବାର ସମ୍ଭାବନା ରହେ ନାହିଁ । ସଚ୍ଚିଦାନନ୍ଦ ରସମୟ ଭଗବାନଙ୍କ ପ୍ରତି ଜୀବର ଇନ୍ଦ୍ରିୟ ସମୂହର ଏତାଦୃଶ ଐକାନ୍ତିକ ପ୍ରବଣତାକୁ ଭକ୍ତି କୁହାଯାଏ । ପରାନୁରକ୍ତି ବୃତ୍ତି ବିଷୟପ୍ରତି ଧାବିତ ହେଲେ ଆସକ୍ତି ଏବଂ ଭଗବାନଙ୍କ ପ୍ରତି ଧାବିତ ହେଲେ ଭକ୍ତି ନାମରେ ଆଖ୍ୟାତ ହୁଏ । ଭକ୍ତିଲାଭ ହେଲେ ବୈରାଗ୍ୟର ଉଦୟ ହୋଇଥାଏ । ବୈରାଗ୍ୟ ଜାତ ହେଲେ ଜ୍ଞାନ ଉତ୍ପନ୍ନ ହୋଇଥାଏ ଏବଂ ଏହି ଜ୍ଞାନ ଫଳରେ ଜୀବ ମୁକ୍ତିଲାଭର ଅଧିକାରୀ ହୁଏ ।

ଚିତ୍ତଶୁଦ୍ଧି ମୁକ୍ତିଲାଭର ପ୍ରଥମ ସୋପାନ ସ୍ୱରୂପ । ଚିତ୍ତଶୁଦ୍ଧି ହେଲେ ଯାହାଙ୍କର ଯେଉଁ ଭାବରେ, ଯେଉଁ ମତରେ ବିଶ୍ୱାସ ହେବ, ସେ ସେହି ଭାବ, ସେହି ମତ ଓ ସେହି ପଥ ଅବଲମ୍ବନ କରିବେ । ଏହା ପରେ ବିଶ୍ୱାସ ଦୃଢ଼ ହୋଇ ଭାବ ପୁଷ୍ଟ ହୋଇ ଲକ୍ଷ୍ୟ ସ୍ଥିର ହେଲେ ତଦନୁରୂପ ସାଧନ ପ୍ରଣାଳୀ ଅବଲମ୍ବନ କରିବା ବିଧେୟ । ସାଧନାରେ ଲକ୍ଷ୍ୟବସ୍ତୁର ଉପଲବ୍ଧି

ହେଲ ମାନେ ତାଙ୍କ ପ୍ରତି ଭକ୍ତିର ସଞ୍ଚାର ହେବ ଏବଂ ତାଙ୍କୁ ପାଇବା ପାଇଁ ପ୍ରାଣ ବ୍ୟାକୁଳ ହୋଇଉଠିବ । ସେତେବେଳେ ସଂସାରର ଯାବତୀୟ ବସ୍ତୁରେ ବିରାଗ ଜାତ ହୋଇ ଅଭୀଷ୍ଟ ବସ୍ତୁରେ ଚିତ୍ତର ଅବଚ୍ଛିନ୍ନ ଏକମୁଖୀ ଗତି ହେବ । ଫଳରେ ଚିତ୍ତବୃତ୍ତିର ନିରୋଧ ହୋଇ ତତ୍ତ୍ୱଜ୍ଞାନ ପ୍ରକାଶ ପାଇବ । ସେତେବେଳେ ଜୀବ ଆତ୍ମସ୍ୱରୂପ ଲଭିକରି କୃତାର୍ଥ ହେବ ଏବଂ ମୁକ୍ତ ପଥରେ ଅବସ୍ଥାନ କରିବ । କିନ୍ତୁ ମୁକ୍ତିଲାଭ କରିବାକୁ ହେଲେ ଜଣେ ମୁକ୍ତ ବ୍ୟକ୍ତିଙ୍କର ସାହାଯ୍ୟ ଏକାନ୍ତ ଆବଶ୍ୟକ । ସେ ହେଉଛନ୍ତି ସଦ୍‌ଗୁରୁ । ତାଙ୍କର କୃପା ବ୍ୟତୀତ ମୁକ୍ତିପଥରେ ପଦେହେଲେ ଅଗ୍ରସର ହେବାର ଉପାୟ ନାହିଁ । ସଦ୍‌ଗୁରୁ ଶିଷ୍ୟ-ଭକ୍ତଙ୍କଠାରେ ଆଧ୍ୟାତ୍ମିକ ଶକ୍ତି ସଞ୍ଚାର କରି ନ ଦେଲେ ଅଧ୍ୟାତ୍ମଜ୍ଞାନ ଲଭିକରି କୃତାର୍ଥ ହେବା ସମ୍ଭବପର ହେବ ନାହିଁ ।

ପାଠକମାନେ ସ୍ମରଣ ରଖିବେ ଯେ ପ୍ରେମପ୍ରୀତି ମାନବର ପରମ ଶୁଭକାଂକ୍ଷୀ ସଦ୍‌ବୃତ୍ତି । ତେଣୁ ଧର୍ମରେ ପ୍ରେମର ଆସନ ବହୁତ ଉଚ୍ଚରେ ଅବସ୍ଥିତ । ମାନବ ମନରେ ଯେତେଗୁଡ଼ିଏ ଉଚ୍ଚ ଦୈବୀଶକ୍ତି ଅଛି ତନ୍ମଧ୍ୟରେ ଭକ୍ତି ଓ ପ୍ରେମ ସର୍ବଶ୍ରେଷ୍ଠ । ଭକ୍ତି ଓ ପ୍ରେମ ପଥରେ ସାଧନା କରି ଭକ୍ତମାନେ ଭଗବାନଙ୍କୁ ଅନ୍ତରରେ ଉପଲବ୍‌ଧି କରିଥାଆନ୍ତି । ଏହି ଉପଲବ୍‌ଧିକୁ ସବିକଳ୍ପ ସମାଧି ଲାଭ କୁହାଯାଏ । ଯୋଗବଳରେ ପରଂ-ବ୍ରହ୍ମତ୍ୱ ଲାଭ କରିବାର ନାମ ନିର୍ବିକଳ୍ପ ସମାଧି । ବୈଷ୍ଣବମାନଙ୍କ ମତରେ ନିର୍ବିକଳ୍ପ ଅବସ୍ଥାଠାରୁ ପ୍ରେମଭକ୍ତି ଦ୍ୱାରା ମୂର୍ତ୍ତି ଭଗବାନଙ୍କୁ ଲାଭକରିବା ହିଁ ଶ୍ରେଷ୍ଠ ଓ ଆନନ୍ଦପ୍ରଦ । ପ୍ରେମ ଓ ଭକ୍ତିଦ୍ୱାରା ସାଧକମାନେ ନାନା ଭାବରେ ଭଗବତ୍ ଉପାସନା କରିଥାନ୍ତି । ତନ୍ମଧ୍ୟରେ ପଞ୍ଚଭାବ ପ୍ରଧାନ । ମଧୁର ଭାବର ସାଧନା ସବୁଠାରୁ ଶ୍ରେଷ୍ଠ । ମାନବ ନିଜକୁ ପ୍ରକୃତି ଭାବରେ ଭାବନା କରି ସେହି ଭାବର ସାଧନା କରିଥାନ୍ତି । ଯୋଗ ଓ ଜ୍ଞାନ ଦ୍ୱାରା ଭଗବାନ ନିରାକାର ଭାବରେ ଉପଲବ୍‌ଧ ହୋଇଥାନ୍ତି । କିନ୍ତୁ ନାମ ଓ ରୂପ ବିଶିଷ୍ଟ ସାକାର ଭଗବାନଙ୍କ ଅସ୍ତିତ୍ୱରେ ବିଶ୍ୱାସ କରି ନାମ ଭଜନ ଦ୍ୱାରା ତାଙ୍କୁ ଲାଭ କରିବା ହିଁ ଏ ଯୁଗର ଶ୍ରେଷ୍ଠ ସାଧନା । ଏହା ହିଁ ବୈଷ୍ଣବ ଧର୍ମର ମତ । ଏହି ପଥର ପ୍ରେମିକ ଭକ୍ତ ଭଗବାନଙ୍କର ଅନ୍ତରଙ୍ଗ । କିନ୍ତୁ ପ୍ରେମ ଭକ୍ତି ଲାଭ

କରିବାକୁ ହେଲେ ଭକ୍ତମାନଙ୍କ ସଙ୍ଗ ଲାଭକରି ନାମକୀର୍ତ୍ତନ, ହରିଗୁଣଗାନ ଏବଂ ଗୁରୁପଦାଶ୍ରୟ ଗ୍ରହଣ ପୂର୍ବକ ଅପରାଧ ବର୍ଜ୍ଜିତ ହୋଇ ଭଗବତ୍ ସେବା କରିବା ଆବଶ୍ୟକ । ସାଧୁସଙ୍ଗରେ ଅବସ୍ଥାନ ପୂର୍ବକ ଭକ୍ତି ଅଙ୍ଗର ଅନୁଶୀଳନ ଫଳରେ କ୍ରମେ ନିଷ୍ଠା, ରୁଚି, ଆସକ୍ତି, ଭାବ ଓ ଅନ୍ତିମରେ ପ୍ରେମ ଲାଭ ହୋଇଥାଏ । ଅନ୍ତରରେ ପ୍ରେମ-ଭକ୍ତି ଲାଭ ହେଲେ ଭଗବତ୍ ବିରହ ଜାତ ହୋଇ ସାଧକଙ୍କୁ ଭଗବତ୍ ପ୍ରାପ୍ତିର ଚରମ ସୋପାନରେ ଉପନୀତ କରାଇ ଦିଏ । ଭଗବାନଙ୍କୁ ଲାଭ କରିବା ସମସ୍ତଙ୍କର ଲକ୍ଷ୍ୟ, କିନ୍ତୁ ଭଗବାନ ସାଧନ ଭଜନର ବଶୀଭୂତ ନୁହନ୍ତି, ସେ ଭାବ ବା ପ୍ରେମର ବଶୀଭୂତ ।

ଭଗବାନ ବା ପରମାତ୍ମା ଚକ୍ଷୁ ଦ୍ୱାରା ଗ୍ରାହ୍ୟ ହୁଅନ୍ତି ନାହିଁ, କାରଣ ସେ ଅରୂପ । ବାକ୍ୟଦ୍ୱାରା ତାଙ୍କୁ ପ୍ରକାଶ କରାଯାଇପାରେ ନାହିଁ, କାରଣ ସେ ଅନିର୍ବଚନୀୟ । ଇନ୍ଦ୍ରିୟ ସମୂହ ଦ୍ୱାରା ତାଙ୍କୁ ଜଣାଯାଏ ନାହିଁ, କାରଣ ସେ ଅତୀନ୍ଦ୍ରିୟ ସତ୍ତା । ତପସ୍ୟା କିମ୍ବା କୌଣସି ଯାଗଯଜ୍ଞାଦି ଦ୍ୱାରା ଭଗବାନ ଲାଭ ହୋଇ ପାରନ୍ତି ନାହିଁ । ତାଙ୍କୁ ଜାଣିବାର ଏକମାତ୍ର ଉପାୟ ହେଉଛି ନିର୍ମଳ ପ୍ରେମଭକ୍ତି ଓ ଜ୍ଞାନଦ୍ୱାରା ବିଶୁଦ୍ଧାନ୍ତକରଣ ହୋଇ ଧ୍ୟାନ ଯୋଗଦ୍ୱାରା ତାଙ୍କୁ ଅନ୍ତର ମଧ୍ୟରେ ପ୍ରତ୍ୟକ୍ଷ କରିବା । କେବଳ ଶୁଷ୍କଜ୍ଞାନ ଦ୍ୱାରା ମଧ୍ୟ ଭଗବାନଙ୍କୁ ଜାଣି ହୁଏ ନାହିଁ । ବିଶୁଦ୍ଧ ଏକାଗ୍ର ପ୍ରେମଭକ୍ତିପୂର୍ଣ୍ଣ ଅନ୍ତଃକରଣରେ ହିଁ ସେହି ଅରୂପଙ୍କର ପ୍ରେମମୟ ଚିରସୁନ୍ଦର ରୂପ ଫୁଟି ଉଠେ । ଭକ୍ତମାନେ ତାଙ୍କୁ ଯେଉଁ ଭାବରେ ସୁଖ ପାଇବେ ସେହି ଭାବରେ ଅନ୍ତର ମଧ୍ୟରେ ଅନୁଭବ କରିପାରିବେ । ସରଳତା ପୂର୍ଣ୍ଣ ପ୍ରେମ ଓ ଏକନିଷ୍ଠ ଭାବରେ ତାଙ୍କୁ 'ନିଜର' ଜ୍ଞାନ କଲେ ଭକ୍ତମାନେ ଭଗବତ୍ ପ୍ରେମ ଲାଭ କରି ଧନ୍ୟ ହେବେ । ଭକ୍ତମାନେ କେବଳ ଭକ୍ତି ଡୋରରେ ଭକ୍ତପ୍ରିୟ ଭଗବାନଙ୍କୁ ପ୍ରେମରଜ୍ଜୁରେ ବନ୍ଧନ କରିବାକୁ ସମର୍ଥ ହୋଇଥାନ୍ତି ।

ଭଗବାନଙ୍କ ସହିତ ଜୀବର ନିତ୍ୟ ସମ୍ବନ୍ଧ ବିଦ୍ୟମାନ । ସେ ପରମ ପିତା, ପୁତ୍ର, ସ୍ୱାମୀ, ସଖା ଓ ବନ୍ଧୁ । ଭଗବାନ ହିଁ ଜୀବର ପ୍ରକୃତ ସ୍ୱଜନ । ସେ ଭକ୍ତମାନଙ୍କର ନିଜସ୍ୱ । ସେ ଭକ୍ତମାନଙ୍କର ଜୀବନ ଅର୍ଥାତ୍ ଭଗବାନ

ଜୀବର ଜୀବନ । ମାନବ ହୃଦୟରେ ହିଁ ଭଗବାନଙ୍କର ଆସନ ବା ନିତ୍ୟ ସିଂହାସନ । ସେ ଆସନରେ ଅନ୍ୟର ବସିବାର ଅଧିକାର ନାହିଁ । ପ୍ରେମ ବିନିମୟର ପାତ୍ର, ମାତ୍ର ଦୁଇଜଣ—ଜୀବ ଓ ଭଗବାନ । ଭଗବାନ ପରମ ପ୍ରେମାସ୍ପଦ ଓ ପରମ ଦୟାଳୁ । ତାଙ୍କୁ ଭାବିଲା ମାତ୍ରେ ସେ ଭକ୍ତଙ୍କ ହୃଦୟରେ ଅବତରଣ କରନ୍ତି । କିନ୍ତୁ ତାଙ୍କର ଆସନରେ ତାଙ୍କ ସ୍ଥାନରେ ଅନ୍ୟ କାହାର ବସିଥିବାର ଦେଖିଲେ ସେ ପ୍ରତ୍ୟାବର୍ତ୍ତନ କରନ୍ତି । ଏଥିପାଇଁ ଭଗବତ୍ ପ୍ରେମଲାଭ ନିମିତ୍ତ ଭଗବାନଙ୍କୁ ହୃଦୟରେ ସ୍ଥାନ ଦେବାକୁ ହେବ । ଶାସ୍ତ୍ରରେ ଅଛି—“ଅନନ୍ୟ ମମତା ବିଷ୍ଣୌ ମମତା ପ୍ରେମସଙ୍ଗତା ।” ଅର୍ଥାତ୍ ଅନ୍ୟ ପ୍ରାକୃତ ବସ୍ତୁରେ ମମତ୍ୱ ଜ୍ଞାନ ନ ଥାଇ କେବଳ ଭଗବାନଙ୍କୁ ‘ମୋର’ ବୋଲି ଦୃଢ଼ ବିଶ୍ୱାସ ଜାତ ହେଲେ ଭଗବତ୍ ପ୍ରେମ ଲାଭ ହୋଇଥାଏ । ତେଣୁ ପ୍ରାକୃତ ସୃଷ୍ଟ ବସ୍ତୁରେ ଆନନ୍ଦ ନାହିଁ । ତାହା ଲାଭକରି ମାନବ କେବେ ହେଲେ ଚରମ ତୃପ୍ତି ଲାଭକରି ପାରେ ନାହିଁ । ସଂସାରର ଅର୍ଥକାମରୁ ଆନନ୍ଦ ପାଇବାକୁ ଯାଇ ଜୀବ କେବଳ ପ୍ରତାରିତ ହୋଇଥାଏ । ତେଣୁ ପ୍ରକୃତ ପ୍ରେମ ଏକମାତ୍ର ବିଶ୍ୱପିତା ମାତାଙ୍କ ସହିତ କରାଯାଏ, ଅର୍ଥାତ୍ ଏକମାତ୍ର ସ୍ରଷ୍ଟାଙ୍କ ସହିତ ପ୍ରୀତିଭାବ ରକ୍ଷା କରାଯାଏ । ତାଙ୍କ ସୃଷ୍ଟ ଜୀବଙ୍କ ସହିତ କେବେ ହେଲେ ପ୍ରକୃତ ପ୍ରେମପ୍ରୀତି ସମ୍ବନ୍ଧ ସ୍ଥାପନ କରାଯାଇପାରେ ନାହିଁ । ଆତ୍ମା ଯେଉଁ ପରମାତ୍ମାଙ୍କୁ ଆଶ୍ରୟ କରି କ୍ରିୟାଶୀଳ, ସେହି ପରମାତ୍ମା ଜୀବର ଅତି ପ୍ରିୟତମ । ତେଣୁ ସେହି ପ୍ରିୟତମଙ୍କ ଧ୍ୟାନ, ତାଙ୍କ ପ୍ରସଙ୍ଗ ଆଲୋଚନା, ତାଙ୍କର ନାମଗୁଣ କୀର୍ତ୍ତନ, ତାଙ୍କର ଭଜନ-ପୂଜନ, ତାଙ୍କର ସ୍ତବସ୍ତୁତି, ତାଙ୍କର ନାମ, ରୂପ, ଲୀଳା, ବିଗ୍ରହର ଉପାସନା, ତାଙ୍କର ପ୍ରାର୍ଥନା, ବନ୍ଦନା, ଆରାଧନା, ସେବା ପ୍ରଭୃତି ଭକ୍ତମାନଙ୍କର ସ୍ୱଧର୍ମାଚରଣ । ଏହିସବୁ ଦ୍ୱାରା ଭକ୍ତମାନେ ଭଗବାନଙ୍କ ନିକଟବର୍ତ୍ତୀ ହୋଇ ଭଗବତ୍ ସାନ୍ନିଧ୍ୟ ଲାଭ କରି ପ୍ରେମାନନ୍ଦ ଆସ୍ୱାଦନ କରିଥାନ୍ତି ।

ଭଗବାନଙ୍କ ପ୍ରତି ଭକ୍ତମାନଙ୍କର ଯଥାର୍ଥ ପ୍ରେମପ୍ରୀତି ଭାବ ଜାଗ୍ରତ ହେଲେ ଭଗବାନ ଭକ୍ତମାନଙ୍କ ସହିତ ସର୍ବଦା ଅବସ୍ଥାନ କରିବାକୁ ସୁଖ

ପାଆନ୍ତି । ସେ ପ୍ରେମାସ୍ପଦଙ୍କୁ ପ୍ରତ୍ୟେକଙ୍କ ଅନ୍ତରାଳରେ ଦର୍ଶନ କରିଥାନ୍ତି । ଅନ୍ୟବସ୍ତୁ ପ୍ରତି ତାଙ୍କର ପ୍ରୀତି ଉତ୍ପନ୍ନ ହୋଇପାରେ ନାହିଁ । କେବଳ ଭଗବାନଙ୍କ ପ୍ରତି ତାଙ୍କର ଏକନିଷ୍ଠ ଓ ଅଭିନ୍ନ ଭାବରେ ତନ୍ମୟତା ଜନ୍ମେ । ପ୍ରିୟତମଙ୍କର ସମସ୍ତ ହିଁ ଭକ୍ତଙ୍କୁ ପ୍ରିୟ ବୋଲି ବୋଧ ହୋଇଥାଏ । ଏହି ଭଗବତ୍ ପ୍ରେମ ଅପ୍ରାକୃତ ଅମୂଲ୍ୟ ବସ୍ତୁ । ଏହା ମାନବକୁ ସ୍ୱର୍ଗୀୟ ସୁଖ ପ୍ରଦାନ କରିଥାଏ । ଜୀବ ଏହି ଭଗବତ୍ ପ୍ରେମ ଆସ୍ୱାଦନ ନିମିତ୍ତ ଜୀବ ସାଜରେ ଏହି ଜଗତକୁ ଆସିଛି । ପ୍ରେମଭକ୍ତି ଲାଭ ହିଁ ଜୀବର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ । ଭଗବାନ ଓ ଜୀବ ମଧ୍ୟରେ ଯେଉଁ ସଂଯୋଜକ ଶକ୍ତି ତାହାକୁ ହିଁ ପ୍ରେମ କୁହାଯାଏ । ପ୍ରେମ ଏକପ୍ରକାର ଆକର୍ଷଣୀ ଶକ୍ତି ବିଶେଷ । ଏହି ଶକ୍ତି ମାନବ ଓ ଭଗବାନ ଅର୍ଥାତ୍ ଭକ୍ତ ଓ ଭଗବାନଙ୍କ ମଧ୍ୟରେ କ୍ରିୟା କରିଥାଏ । ଏହି ପ୍ରେମ ଲାଭର ବିବିଧ ସଙ୍କେତ ଏହି ଗ୍ରନ୍ଥରେ ଶ୍ରୀ ଶ୍ରୀ ଠାକୁର ବର୍ଣ୍ଣନା କରିଛନ୍ତି ।

ଭଗବାନଙ୍କ ସ୍ୱରୂପ ଶକ୍ତିର ନାମ ଭକ୍ତି । ସେହି ଶକ୍ତି ଭକ୍ତମାନଙ୍କ ହୃଦୟରେ ପ୍ରବେଶ କରି ଭକ୍ତମାନଙ୍କ ହୃଦୟକୁ ବିଗଳିତ କରି ଭଗବାନଙ୍କୁ ମଧ୍ୟ ଆକର୍ଷଣ କରେ । ଭକ୍ତମାନଙ୍କ ଅନ୍ତରରେ ପ୍ରେମ ଭାବର ଉଦ୍ରେକ ହୋଇ ଭଗବାନଙ୍କ ନିମିତ୍ତ ବ୍ୟାକୁଳତା ଜାତ ହେଲେ ଭଗବାନ ମଧ୍ୟ ଭକ୍ତଙ୍କର ସଙ୍ଗସୁଖଲାଭ ନିମିତ୍ତ ବ୍ୟାକୁଳ ହୋଇ ଉଠନ୍ତି । ଭକ୍ତି କେବଳ ଭକ୍ତଙ୍କର କାମ୍ୟ ନୁହେଁ । ସ୍ୱୟଂ ଭଗବାନ ପ୍ରେମରସ ଆସ୍ୱାଦନ ଲୋଭରେ ଭକ୍ତଙ୍କ ହୃଦୟରେ ପ୍ରବେଶକରି ଭକ୍ତଙ୍କୁ ସେହି ରସରେ ରସିକ କରିଥାନ୍ତି । ଭକ୍ତଙ୍କ ହୃଦୟରେ ପ୍ରେମର ନିବାସ । ଭକ୍ତ ଭକ୍ତିବଳରେ ଭଗବାନଙ୍କୁ ନିଜର ବୋଲି ଅନୁଭବ କରନ୍ତି । ଭଗବାନ ପ୍ରେମ ସ୍ୱରୂପ, ଭକ୍ତି ସେହି ପ୍ରେମ ସ୍ୱରୂପ ଭଗବାନଙ୍କ ସହିତ ଭକ୍ତମାନଙ୍କୁ ଗୋଟିଏ ସୂତ୍ରରେ ବାନ୍ଧିଦିଏ । ଭକ୍ତିର ଉଦୟ ହେଲେ ଭକ୍ତଙ୍କ ମନରେ ଯେଉଁ ପ୍ରେମଭାବର ସୃଷ୍ଟିହୁଏ ତାହାର ଦୁଇଟି ଦିଗ—ଗୋଟିଏ ଭଗବାନଙ୍କପ୍ରତି, ଅନ୍ୟଟି ମାନବ ପ୍ରତି । ଭଗବତ୍ ପ୍ରେମ ଚିର ବିଶୁଦ୍ଧ । ଯେତେବେଳେ ଈଶ୍ୱର-ପ୍ରୀତିରୁ ମାନବ-ପ୍ରୀତି ଜନ୍ମେ, ସେତେବେଳେ ତାହା ଶୁଦ୍ଧଭାବ ଧାରଣକରେ । କିନ୍ତୁ ଈଶ୍ୱରଙ୍କୁ ତ୍ୟାଗକରି

ଯେଉଁ ନର-ପ୍ରୀତି, ତାହା ଆବିଲତାମୟ । ଏହାର ନାମ ଆସକ୍ତି ବା କାମନା । ଏହି କାମନାରୁ ବିବିଧ ଦୁଃଖଭୋଗ ହୋଇଥାଏ । ଜୀବ ଯେତେବେଳେ ଏହି ଜଗତର ପ୍ରାକୃତ ବିଷୟ ରସରେ ମଜ୍ଜିଯାଏ, ସେତେ-ବେଳେ ସେ ସୁଖ ଦୁଃଖ ଭୋଗ କରିବାକୁ ବାଧ୍ୟ ହୁଏ । କିନ୍ତୁ ସଦ୍‌ଗୁରୁଙ୍କ କୃପାରୁ ଜୀବ ଯେତେବେଳେ ଭଗବାନଙ୍କ ପ୍ରତି ଅଗ୍ରସର ହୁଏ, ସେତେ-ବେଳେ ଜୀବ ସୁଖଦୁଃଖ ଭାବକୁ ଅତିକ୍ରମ କରି କେବଳ ଆନନ୍ଦ ଲାଭ କରିଥାଏ । ସୁତରାଂ ଜାଗତିକ ସୁଖଦୁଃଖଠାରୁ ଏହି ଆନନ୍ଦ ସ୍ୱତନ୍ତ୍ର । ତେଣୁ ଭଗବତ ରସାସ୍ୱାଦନ ବା ପ୍ରେମାନନ୍ଦ ଭାବ ଜାଗତିକ ସୁଖଦୁଃଖର ଅତୀତ, ଆତ୍ମାଦ୍ୱାରା ଆସ୍ୱାଦିତ ଏକପ୍ରକାର ଆନନ୍ଦ ରସ ଅର୍ଥାତ୍ ପ୍ରସନ୍ନତା ପୂର୍ଣ୍ଣ ସ୍ୱତଃସିଦ୍ଧ ରସମୟ ଭାବ । ସାଧନ ପଥରେ ଭଗବାନଙ୍କ ଆଡ଼କୁ ଗତି କରିବା ବେଳେ ଯେଉଁ ସ୍ୱତଃସ୍ଫୁର୍ତ୍ତି ରସମୟ ପ୍ରେମାନନ୍ଦ ଭାବର ସ୍ଫୁରଣ ହୁଏ ତାହା ଦୁର୍ଲ୍ଲଭ ବସ୍ତୁ ।

କାମ ଓ ପ୍ରେମ ମାନବ-ମନର ସ୍ୱାଭାବିକ ବୃତ୍ତିବିଶେଷ । କିନ୍ତୁ ଉଭୟଙ୍କ ମଧ୍ୟରେ ଆକାଶ ପାତାଳ ପ୍ରଭେଦ । କାମ ଗୋଟିଏ ସ୍ଥାନରେ ତୃପ୍ତି ଲାଭ କରିପାରେ ନାହିଁ, କିନ୍ତୁ ପ୍ରେମ ଏକନିଷ୍ଠ । କାମ ଓ ପ୍ରେମ ଉଭୟେ ଆନନ୍ଦଲାଭ ଇଚ୍ଛା କରନ୍ତି; ମାତ୍ର କାମ ପ୍ରାକୃତ ବିଷୟରୁ ଆନନ୍ଦ ଲାଭ କରେ, କିନ୍ତୁ ପ୍ରେମିକ ନିତ୍ୟ ଅପ୍ରାକୃତ ବସ୍ତୁର ପ୍ରାପ୍ତିରେ ହିଁ ଆନନ୍ଦ ଲାଭ କରିଥାନ୍ତି । ଚରିତାମୃତକାର ପ୍ରେମ ଓ କାମର ପାର୍ଥକ୍ୟ ଦର୍ଶାଇ କାମ ପ୍ରେମର ସ୍ୱରୂପ ବର୍ଣ୍ଣନା କରିଛନ୍ତି :—

"ତାତ୍ପର୍ଯ୍ୟ କାମର ନିଜ ସମ୍ଭୋଗ କେବଳ
କୃଷ୍ଣ ସୁଖ ତାତ୍ପର୍ଯ୍ୟ ହିଏ ପ୍ରେମ ମହାବଳ ।
ବେଦ ଧର୍ମ ଲୋକ ଧର୍ମ ଦେହ ଧର୍ମ କର୍ମ
ଲଜ୍ଜା ଧୈର୍ଯ୍ୟ ଦେହ ସୁଖ ଆତ୍ମ ସୁଖ ମର୍ମ ।
ଦୁସ୍ତ୍ୟଜ୍ୟ ଯେ ଆର୍ଯ୍ୟପଥ ନିଜ ପରିଜନ
ସ୍ୱଜନେ କରିଏ ଯେ ତ ତାଡ଼ନ ଭର୍ତ୍ସନ ।

ସଂଙ୍ଗ ତ୍ୟାଗ କରି କରେ ଶ୍ରୀକୃଷ୍ଣ ଭଜନ
କୃଷ୍ଣ ସୁଖ ହେତୁ କରେ ପ୍ରେମର ସେବନ ।
କୃଷ୍ଣେ ଦୃଢ଼ ଅନୁରାଗୀ ସେହିଟି ବୋଲାଏ
ଶୁକଲ ବସନେ ଯଥା କାଲିମା ନଥାଏ ।
ଏ ଖାତରେ କାମ ପ୍ରେମ ବହୁତ ଅନ୍ତର
କାମ ଅନ୍ଧତମ; ପ୍ରେମ ନିର୍ମଳ ଭାସ୍କର ।
ଗୋପୀ ମିଳନରେ ତେଣୁ ନାହିଁ କାମ ଗନ୍ଧ
କୃଷ୍ଣ ସୁଖ ଲାଗି ମାତ୍ର କୃଷ୍ଣର ସମ୍ବନ୍ଧ ।"

(ଚୈତନ୍ୟ ଚରିତାମୃତ)

ପ୍ରେମଭକ୍ତିର ସାଧନ ପଥରେ ଅଗ୍ରସର ହେବା ପୂର୍ବରୁ ଭକ୍ତିସାଧନର କ୍ରମ ସମ୍ପର୍କରେ ଅବହିତ ଥିବା ଆବଶ୍ୟକ । ଭକ୍ତି ସାଧନ ପଥରେ ଭଗବାନଙ୍କ ପ୍ରତି ଶ୍ରଦ୍ଧାର ଉନ୍ମେଷ ହୁଏ । ଶ୍ରଦ୍ଧାର ଉଦୟ ହେଲେ ସାଧୁସଙ୍ଗ କରିବାକୁ ମନ ସ୍ୱତଃ ଧାବିତ ହୁଏ । ସାଧୁସଙ୍ଗ ପ୍ରଭାବରୁ ସାଧନାରେ ଉତ୍ସାହ ଓ ରୁଚି ଜାତ ହୁଏ । ଏହି ରୁଚି ଫଳରେ ଚିତ୍ତ ଶୁଦ୍ଧଭାବ ଧାରଣ କରି ଦ୍ରବୀଭୂତ ହୋଇଯାଏ । ଏହି ଦ୍ରବୀଭୂତ ଚିତ୍ତରେ ଭକ୍ତି ଓ ଭାବ ଲାଭ ହୁଏ । ପ୍ରେମ ଯଦି ପ୍ରଦୀପ୍ତ ମଧ୍ୟାହ୍ନ ସୂର୍ଯ୍ୟ ହୁଏ, ତେବେ ଭାବ ଉଷାର ଅରୁଣ କିରଣ ସଦୃଶ । ତେଣୁ ଶାସ୍ତ୍ର ଅନୁସାରେ 'ଭାବଃ ପ୍ରେମଃ ପ୍ରଥମ ଛବିରୂପଃ ।' ଏହି ଭାବ ମାଧ୍ୟମରେ ଭଗବାନ ଭକ୍ତଙ୍କ ଅନ୍ତରରେ ପ୍ରକାଶିତ ହୁଅନ୍ତି । ଏହା ଭଗବାନଙ୍କର ଆନନ୍ଦସ୍ୱରୂପର ଅନ୍ତର୍ଗତ । ଭାବ ଗାଢ଼ ହେଲେ ପ୍ରେମ ନାମରେ ଅଭିହିତ ହୁଏ । ସେତେବେଳେ ଭଗବାନଙ୍କ ପ୍ରତି ମମତ୍ୱ ଭାବ ଜାତହୁଏ ଅର୍ଥାତ୍ ସେତେବେଳେ 'ସେ ମୋର ଓ ମୁଁ ତାଙ୍କର' ଏହି ଭାବ ବ୍ୟତୀତ ଅନ୍ୟ ଭାବ ରହେ ନାହିଁ । ସାଧକମାନଙ୍କଠାରେ ପ୍ରଥମେ ଭକ୍ତିର ଉନ୍ମେଷ ହୋଇ ପରିଣାମରେ ତାହା ଉଜ୍ଜ୍ୱଳ ପ୍ରେମରେ ପର୍ଯ୍ୟବସିତ ହୁଏ ସେ ସମ୍ବନ୍ଧରେ ମଧ୍ୟ ଶ୍ରୀ ଶ୍ରୀ ଠାକୁର ବିଶେଷ ଭାବରେ ଏହି ପ୍ରେମିକଗୁରୁ ଗ୍ରନ୍ଥରେ ଆଲୋଚନା କରିଛନ୍ତି ।

"ଆଦୌ ଶ୍ରଦ୍ଧା ତତଃ ସାଧୁସଙ୍ଗୋଽଥ ଭଜନକ୍ରିୟା
ତତୋଽନର୍ଥନିବୃତ୍ତିଃ ସ୍ୟାତ୍ତତୋ ନିଷ୍ଠା ରୁଚିସ୍ତତଃ ।
ଅଥାସକ୍ତିସ୍ତତୋ ଭାବସ୍ତତଃ ପ୍ରେମାଭ୍ୟୁଦଞ୍ଚତି
ସାଧକାନାମୟଂ ପ୍ରେମ୍ଣଃ ପ୍ରାଦୁର୍ଭାବେ ଭବେତ୍ କ୍ରମଃ ।"

ପ୍ରେମଭକ୍ତି ଆଧ୍ୟାତ୍ମିକ ଦିବ୍ୟାନୁଭୂତିର ବିଦ୍ୟୁତ୍ ପ୍ରବାହ । ପ୍ରକୃତ ପ୍ରେମଭକ୍ତିର ଅନୁଶୀଳନ ଫଳରେ ଭକ୍ତମାନଙ୍କ ପ୍ରାଣରେ ଦୁର୍ବଳତା ପରିବର୍ତ୍ତେ ତେଜ, ବୀର୍ଯ୍ୟ ଓ ବଳ ଅସାଧାରଣ ଭାବରେ ଦେଖାଦେଇଥାଏ । ପ୍ରେମିକ ଦେଶରେ ବା ପ୍ରେମିକ ଜାତି ମଧ୍ୟରେ ଶକ୍ତିର ଅସାଧାରଣ ମହିମା ବିକଶିତ ହୋଇଉଠେ । ସୁଖ ପାଇବାର ଶକ୍ତି ବଳରେ ଭଗବାନ ଆକର୍ଷିତ ହୋଇ ଆସନ୍ତି । ଭକ୍ତଙ୍କ ନିକଟରେ ଭଗବାନ ସ୍ୱତନ୍ତ୍ର ହୋଇ ମଧ୍ୟ ପରତନ୍ତ୍ର । ପ୍ରକୃତ ପ୍ରେମଭକ୍ତିର ଶକ୍ତି ଅସାଧାରଣ, ସେହି ଶକ୍ତିର ଆକର୍ଷଣରେ ଭଗବାନ ସ୍ଥିର ନ ହୋଇ ଚଞ୍ଚଳ ହୋଇଥାନ୍ତି । ମନପ୍ରାଣ ଦେଇ ଭଗବାନଙ୍କୁ ସୁଖ ପାଇଲେ ତାଙ୍କ ଶକ୍ତି ଅଲକ୍ଷରେ ସଞ୍ଚାରିତ ହୋଇ ଉଠେ । ତେଣୁ ପ୍ରେମିକ ଭକ୍ତ ଶକ୍ତିମାନ୍ ସାଧକ । ଯେଉଁଠାରେ ଭକ୍ତମାନଙ୍କର ସମ୍ମେଳନ ହୁଏ ସେଠାରେ ଆଶ୍ଚର୍ଯ୍ୟ ଶକ୍ତିର ସ୍ଫୁରଣ ଦେଖିବାକୁ ମିଳେ । ବିବେକାନନ୍ଦ କେବଳ ଗୁରୁ ଶ୍ରୀରାମକୃଷ୍ଣଦେବଙ୍କୁ ସୁଖ ପାଇଥିଲେ ବୋଲି ତାଙ୍କ ଭିତରେ ଜଗତ୍‌ଜୟ କରିବାର ଶକ୍ତି ଫୁଟି ଉଠିଥିଲା । ଅପରର ଶକ୍ତିକୁ ନିଜ ଭିତରକୁ ଆକର୍ଷଣ କରି ନେବାର ଏକମାତ୍ର ଉପାୟ ହେଲା ଭକ୍ତି ବା ସୁଖ ପାଇବା । ସାଧକମାନେ ଭକ୍ତିପଥରେ ଗତି କଲେ ସହଜରେ ଜ୍ଞାନଲାଭ କରନ୍ତି ଅର୍ଥାତ୍ ଉନ୍ନତିଲାଭ କରିଥାନ୍ତି । ଏହି ପ୍ରେମ ବା ସୁଖ ପାଇବାରୁ ତ୍ୟାଗଧର୍ମର ଉଦ୍ଭବ ହୋଇଅଛି । ପ୍ରେମିକ ଭକ୍ତମାନେ ହିଁ ଯଥାର୍ଥ ଶକ୍ତିଶାଳୀ ବୀରସାଧକ । ପ୍ରକୃତ ଭକ୍ତଙ୍କଠାରେ ନିଷ୍ଠା ଓ ଆନ୍ତରିକତାର ସହିତ ଭଗବାନଙ୍କ କାର୍ଯ୍ୟ କରିବା ସମୟରେ କେଉଁଠାରୁ ଯେ ଧାରଣାତୀତ ଶକ୍ତି ଦେଖାଦିଏ, ତାହା କେବେ କେହି ଅନୁଭବ ବ୍ୟତୀତ ଅନୁମାନଦ୍ୱାରା ଧାରଣା କରିପାରିବେ ନାହିଁ । ଭଗବାନଙ୍କୁ ଯଥାର୍ଥ ସୁଖ ପାଇପାରିଲେ ଭକ୍ତମାନଙ୍କ ଭିତରେ ଯେ ମହାଶକ୍ତିଙ୍କର ଆବିର୍ଭାବ ହୁଏ, ରାମାୟଣରେ

ହନୁମାନ ହିଁ ତାହାର ଉଦାହରଣ । ତେଣୁ ଶ୍ରୀଗୁରୁ ଭଗବାନଙ୍କୁ **ଯଥାର୍ଥ** ସୁଖ ପାଇପାରିଲେ ମାନବ ଭିତରେ ଯେ ମହାଶକ୍ତିଙ୍କର ଜାଗରଣ ସହଜରେ ହୋଇପାରିବ, ଏହା ଶାସ୍ତ୍ର ଓ ଗୁରୁବାକ୍ୟ ବର୍ଣ୍ଣିତ ସତ୍ୟ । ପ୍ରେମିକଭକ୍ତ ଶକ୍ତିଜୟୀ ପୁରୁଷ ମଧ୍ୟରେ ଗଣ୍ୟ । ପ୍ରେମିକ ଭକ୍ତଙ୍କ ନିକଟରେ ଶକ୍ତି ଅନୁଗତ; କିନ୍ତୁ ପ୍ରେମ ବା ସୁଖ ପାଇବା ପଥରେ ଗତିକରି ସାଧକମାନେ ଯଦି ଶକ୍ତିହୀନ ଓ ଦୁର୍ବଳ ହୋଇପଡ଼ନ୍ତି, ତେବେ ସେହି ପଥରେ ନିଶ୍ଚୟ କିଛି ଦୋଷତ୍ରୁଟି ରହିଯାଇଛି ବୋଲି ବୁଝିବାକୁ ହେବ । ସାଧକମାନେ ବୁଝିବା ଉଚିତ ଯେ, ପ୍ରେମ ବା ସୁଖ ପାଇବା ହିଁ ମହାଶକ୍ତି । ଯାହାଙ୍କ ହାତରେ ଭଗବାନ ଯେଉଁ ଶକ୍ତି ଦାନ କରନ୍ତି, ତାଙ୍କୁ ସେହି ଶକ୍ତି ବହନ କରିବାର ବଳ ମଧ୍ୟ ଭଗବାନ ପ୍ରଦାନ କରିଥାନ୍ତି । ଯେଉଁମାନେ ପ୍ରକୃତରେ ଭଗବାନଙ୍କୁ ସୁଖ ପାଆନ୍ତି, ତାଙ୍କୁ ପାଇବା ପଥରେ ଯେଉଁସବୁ ବାଧାବିଘ୍ନ ଦେଖାଦେଇଥାଏ, ସେ ସମସ୍ତ ଅତିକ୍ରମ କରିବାର ଶକ୍ତି ସାମର୍ଥ୍ୟ ମଧ୍ୟ ଭଗବାନ ସେମାନଙ୍କୁ ଦେଇଥାନ୍ତି । ଏହି କାରଣରୁ ଭକ୍ତମାନଙ୍କ ମଧ୍ୟରେ ଅଟଳବୀର୍ଯ୍ୟ, ସାହସ, ଧୈର୍ଯ୍ୟ, ସ୍ଥୈର୍ଯ୍ୟ ଦେଖିବାକୁ ମିଳେ । ଏହି ବୀର୍ଯ୍ୟ ବା ଶକ୍ତି ହିଁ ଭକ୍ତିର ମୂଳକେନ୍ଦ୍ର ।

ଭକ୍ତି ସହିତ ଶକ୍ତିଲାଭ ହେଉ ନଥିଲେ ଭକ୍ତିପଥର ସମସ୍ତ ବାଧାବିଘ୍ନକୁ ସାଧକମାନେ କେବେହେଲେ ଅତିକ୍ରମ କରିପାରୁ ନ ଥାନ୍ତେ । ସାଧକଙ୍କ ଭିତରେ ଶକ୍ତି ଜାଗ୍ରତ ହୋଇ ଉଠିଲେ ଜାଗତିକ ଲୋକଙ୍କର ଅଯଥା କୁତ୍ସା, ନିନ୍ଦା ସେତେବେଳେ ସେମାନଙ୍କ ଅନ୍ତରକୁ ସ୍ପର୍ଶ କରିପାରେ ନାହିଁ । ସେତେବେଳେ ଭକ୍ତ ଅଧିକ ଭାବରେ ଭଗବାନଙ୍କ ପ୍ରତି ଅନୁରକ୍ତ ହୋଇଥାନ୍ତି ।

କିଭଳି ପ୍ରେମଭକ୍ତି ସାଧନ ପଥରେ ଗତିକଲେ ଭକ୍ତ ଭଗବାନଙ୍କୁ ଅନୁଭବ କରିପାରିବେ ତାହାର ବିବିଧ ସଙ୍କେତ ଶ୍ରୀ ଶ୍ରୀ ଠାକୁର ଏହି ପ୍ରେମିକ ଗୁରୁ ଗ୍ରନ୍ଥରେ ପ୍ରଦାନ କରିଛନ୍ତି ।

ପ୍ରେମ ହିଁ ମହାଶକ୍ତି ଏବଂ ସେହି ଶକ୍ତିକୁ ଭଗବାନଙ୍କ କାର୍ଯ୍ୟରେ ବିନିଯୋଗ କରିବା ହିଁ ଭକ୍ତଙ୍କର କର୍ତ୍ତବ୍ୟ । ପ୍ରେମଭକ୍ତି ପଥରେ ଶକ୍ତିର

ଆବର୍ତ୍ତନ ସହଜରେ ହୋଇଥାଏ । ଯଥାର୍ଥ ପ୍ରେମ ଭିତରେ ମହାଶକ୍ତିଙ୍କ ସ୍ୱରୂପ ବିଦ୍ୟମାନ । ଭକ୍ତଙ୍କ ଭିତରେ ଯଦି ଶକ୍ତିର ସ୍ଫୁରଣ ନ ହୁଏ, ତେବେ ବୁଝିବାକୁ ହେବ ଯେ, ସେ ଯଥାର୍ଥ ଭକ୍ତ ପଦବାଚ୍ୟ ନୁହଁନ୍ତି । ପ୍ରେମ ବା ଭକ୍ତିପଥରେ ସାଧକମାନେ ବୀର୍ଯ୍ୟଶାଳୀ ହୋଇଥାନ୍ତି । ପ୍ରେମଭକ୍ତି ପଥରେ ତମୋଗୁଣର ସ୍ଥାନ ନାହିଁ, ଆଳସ୍ୟ ଜଡ଼ତାର ଅବକାଶ ନାହିଁ । ପ୍ରେମ-ଭକ୍ତି ପଥରେ ଜଗଜ୍ଜୟୀ ଶକ୍ତି ନିହିତ । * ସୁତରାଂ ସ୍ୱସୁଖ ବାସନା ତ୍ୟାଗକରି ଭକ୍ତି ପଥରେ ଅଗ୍ରସର ହେବା କର୍ତ୍ତବ୍ୟ । କିନ୍ତୁ ଭକ୍ତିପଥର ପ୍ରଥମ ଓ ପ୍ରଧାନ ସୂତ୍ର ହେଉଛି ଶ୍ରୀଗୁରୁଙ୍କ ବାକ୍ୟରେ ବିଶ୍ୱାସ । ଏହି ବିଶ୍ୱାସ ହିଁ ଭକ୍ତି ପଥର ଜନନୀ ।

ଭକ୍ତି ଓ ସୁଖ ପାଇବା ଏକା କଥା । ସୂର୍ଯ୍ୟଙ୍କ କିରଣ ପଡ଼ିଲେ ପଦ୍ମ ପ୍ରସ୍ଫୁଟିତ ହୋଇଥାଏ । ସେହିପରି ଶ୍ରୀଗୁରୁଦେବଙ୍କୁ ଟିକିଏ ସୁଖ ପାଇପାରିଲେ ଭଗବତ୍ ଶକ୍ତି ବା ପ୍ରେମଭକ୍ତି ଭାବ କ୍ରମଶଃ ଜାଗ୍ରତ ହୋଇଉଠେ । ଏଥିପାଇଁ ଗୁରୁଦେବଙ୍କ ମହତ୍ କୃପାରୁ ପ୍ରେମଭକ୍ତି ଲାଭ ହୁଏ ବୋଲି କୁହାଯାଏ । ଗୁଣମୟ ଶିଷ୍ୟଙ୍କର ଶ୍ରୀଗୁରୁଙ୍କଠାରେ ଆତ୍ମନିବେଦନ ଏବଂ ଗୁଣାତୀତଙ୍କ ପ୍ରତି ଆକର୍ଷଣ ହେଉଛି ସମ୍ବନ୍ଧତତ୍ତ୍ୱ । ପ୍ରେମ ଯଦି ଆତ୍ମାର ସ୍ୱଭାବ, ସମ୍ବନ୍ଧତତ୍ତ୍ୱ ଯଦି ଜୀବର ରସାୟନ, ତେବେ ଗୁରୁଶିଷ୍ୟ, ଭକ୍ତ-ଭଗବାନ ଉଭୟଙ୍କ ପ୍ରୀତିରେ ଭଗବାନଙ୍କ ପ୍ରକାଶ । ତେଣୁ କେବଳ ସିଦ୍ଧ-ଗୁରୁ ମିଳିଲେ ଯେ ଭଗବାନ ଲାଭ ହେବେ ଏପରି ନୁହେଁ । ଶିଷ୍ୟଙ୍କୁ ମଧ୍ୟ ଶୁଦ୍ଧଚିତ୍ତ ହେବାକୁ ପଡ଼ିବ । ଆତ୍ମଜ୍ଞ ଗୁରୁ ଓ ଉପଯୁକ୍ତ ଶିଷ୍ୟଙ୍କ ସମ୍ମେଳନରେ ଅର୍ଥାତ୍ ସିଦ୍ଧଗୁରୁ ଓ ସାଧନସମ୍ପନ୍ନ ଶିଷ୍ୟଙ୍କ ସମ୍ମେଳନରେ ସେହି ଭକ୍ତଙ୍କ ହୃଦୟରେ ଭଗବତ୍ ଶକ୍ତିର ବିକାଶ ହୋଇ ପ୍ରେମ-ଭକ୍ତି ଲାଭ ହୋଇଥାଏ । ରଜୋଗୁଣୀ ମାନବକୁ କର୍ମଶୃଙ୍ଖଳା ଭାବତ୍ୟାଗକରି ଗୁଣକ୍ଷୟ ନିମିତ୍ତ ଶ୍ରୀଗୁରୁଦେବଙ୍କ ନିଷ୍କାମ କର୍ମରେ ଆତ୍ମନିୟୋଗ କରିବାକୁ ହୁଏ ।

---

* ୧୩୩୮ ସାଲ ଆର୍ଯ୍ୟଦର୍ପଣରେ ପ୍ରକାଶିତ 'ପ୍ରେମ ମହାବଳ' ପ୍ରବନ୍ଧ ଦ୍ରଷ୍ଟବ୍ୟ ।

ଏଭଳି ପ୍ରପନ୍ନ ଶିଷ୍ୟମାନେ ସାଧନପଥରେ ଗତି କରି ସତ୍ତ୍ୱଗୁଣରେ ଉପନୀତ ହେଲେ ସେମାନେ ଜ୍ଞାନଅଜ୍ଞାନ ତ୍ୟାଗ କରି ଆତ୍ମଯୋଗ ଅର୍ଥାତ୍ ଜ୍ଞାନଶୂନ୍ୟ ଭକ୍ତିପଥକୁ ଆଶ୍ରୟ କରି ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥାନ୍ତି । ସର୍ବଶେଷରେ ତ୍ରିଗୁଣାତୀତ ଅବସ୍ଥାରେ ସାଧକମାନେ ପ୍ରେମ-ଭକ୍ତି ସାଧନପଥରେ ଅଗ୍ରସର ହୋଇ ଲୀଳାନନ୍ଦରେ ମଗ୍ନ ହୁଅନ୍ତି । ଏହି ପ୍ରେମ-ଭାବ ବା ଭଗବତ୍ ପଦ ତ୍ରିଗୁଣାତୀତ ସାମ୍ୟ ଆନନ୍ଦମୟ ଅବସ୍ଥା । ଏହାକୁ ରାଧା ପ୍ରେମ ବା ରାଧାଭାବ କୁହାଯାଏ । ଶୁଦ୍ଧଚିତ୍ତରେ ଭଗବତ୍ ସ୍ୱରୂପ ପ୍ରକାଶିତ ହେଲେ ଭଗବାନଙ୍କ ନିମିତ୍ତ ପ୍ରକୃତ ବିରହ ବ୍ୟଥା ଜାତ ହୋଇଥାଏ । ଏହି କାରଣରୁ ବିରହ ହିଁ ମିଳନର ପୂର୍ବାଭାସ । ଶୁଦ୍ଧଚିତ୍ତରେ ତାଙ୍କର ବିରହ ବେଦନା ହିଁ ଅନୁଭୂତ ହୁଏ । ମିଳନ ହୁଏ ତାଙ୍କ କୃପାରୁ । ଏହି ବିରହ ହିଁ ଭଗବତ ପ୍ରେମ । ଏହି ପ୍ରେମ ଶୃଙ୍ଖଳରେ ଭଗବାନ ଆବଦ୍ଧ ।

ଭକ୍ତିପଥରେ ଚାଲି କିଭଳି ଏହି ପ୍ରେମରେ ପ୍ରତିଷ୍ଠିତ ହୋଇ ସେବକମାନେ ଲୀଳାନନ୍ଦ ଉପଭୋଗ କରନ୍ତି ତାହା ଏହି ପ୍ରେମିକ ଗୁରୁ ଗ୍ରନ୍ଥରେ ଆଲୋଚିତ ହୋଇଅଛି ।

ମାନବ ଜୀବନରେ ଜ୍ଞାନ ଓ ପ୍ରେମର ପରସ୍ପର ବିରୋଧୀ ଭୂମିକା ପରିବର୍ତ୍ତେ ସାମଞ୍ଜସ୍ୟର ଭୂମିକା ହିଁ ଅଭିପ୍ରେତ । ଜ୍ଞାନ ଓ ପ୍ରେମ ଉଭୟ ମାନବ ଜୀବନର ଆଦର୍ଶ । ଜ୍ଞାନ ପଥରେ ନିରାକାର ବା ଅରୂପଙ୍କ ସନ୍ଧାନ ମିଳେ, କିନ୍ତୁ ପ୍ରେମ ରୂପର ଆକାଂକ୍ଷା କରେ । ଜ୍ଞାନୀଙ୍କ ନିକଟରେ ଏହି ଜଗତ୍ ମାୟାମୟ, କିନ୍ତୁ ପ୍ରେମିକ ଏ ଜଗତକୁ ବୃନ୍ଦାବନ ବୋଲି ମନେ କରି ଭଗବତ୍ ଉପାସନା କରିଥାନ୍ତି । କିନ୍ତୁ ଜ୍ଞାନ ବ୍ୟତୀତ ପ୍ରେମର ପ୍ରତିଷ୍ଠା ହୋଇପାରେ ନାହିଁ । ଅଜ୍ଞାନୀମାନଙ୍କ ସୁଖ ପାଇବା ଆସକ୍ତି, ଏହା ପ୍ରକୃତ ସୁଖ ପାଇବା ନୁହେଁ । ଆସକ୍ତିର ଅପର ନାମ କାମ । କାମ ଦାବାନଳ, କିନ୍ତୁ ପ୍ରେମ ସୁଶୀତଳ । ଜ୍ଞାନ ପ୍ରେମକୁ ମର୍ତ୍ତ୍ୟରେ ସ୍ଥାୟୀ ଭାବରେ ପ୍ରତିଷ୍ଠିତ କରିଥାଏ । କିନ୍ତୁ ଜ୍ଞାନହୀନ ପ୍ରେମ ଅଳ୍ପକାଳ ମଧ୍ୟରେ ତିରୋହିତ ହୋଇଯାଏ । ଏହି କାରଣରୁ ଜ୍ଞାନ ସାଧନା ଦ୍ୱାରା ଅନ୍ତରରେ ପ୍ରେମ ପ୍ରତିଷ୍ଠା

କରିବାକୁ ହେବ । ବିଷୟଚିନ୍ତା କଲେ ଯେପରି କାମ ସ୍ୱାଭାବିକ ଭାବରେ ଜାଗ୍ରତ ହୁଏ, ସେହିପରି ଭଗବତ୍ ଚିନ୍ତାକଲେ ଅନ୍ତରରେ ପ୍ରେମଭକ୍ତି ସହଜରେ ପ୍ରତିଷ୍ଠିତ ହୁଏ । କର୍ମଯୋଗ ସାଧନାରେ ଜ୍ଞାନ ପ୍ରେମର ସାମଞ୍ଜସ୍ୟ ପ୍ରତିଷ୍ଠିତ କରିବାକୁ ହେବ । ଯୋଗସାଧନା ଦ୍ୱାରା ଜ୍ଞାନ ପ୍ରେମକୁ ପ୍ରତିଷ୍ଠିତ କରିପାରିଲେ କର୍ମ ମାଧ୍ୟମରେ ତାହାର ଅଭିବ୍ୟକ୍ତି ଘଟିବ । ଏହା ହିଁ ପୂର୍ଣ୍ଣତାର ସଙ୍କେତ । ପୂର୍ଣ୍ଣଜ୍ଞାନରେ ପ୍ରତିଷ୍ଠିତ ଥାଇ ଭଗବତ ଭଜନକୁହିଁ ଯଥାର୍ଥ ପ୍ରେମ କୁହାଯାଏ ।

ଆତ୍ମଜ୍ଞାନୀଙ୍କ ବ୍ୟତୀତ ଅନ୍ୟ କେହି ଭଗବତ୍ ଭାବରେ ବ୍ୟାକୁଳ ହୋଇପାରନ୍ତି ନାହିଁ । ଏହି ଭଗବତ୍ ଅଭାବବୋଧର ନାମ ଭାବ । ଭକ୍ତି ପଥରେ ଚଞ୍ଚଳତା ନାହିଁ । ସମସ୍ତ ଇନ୍ଦ୍ରିୟକୁ ବାହ୍ୟ ଜଗତରୁ ପ୍ରତ୍ୟାହୃତ କରି ଚିତ୍ତକୁ ଏକାଗ୍ର କରିବାର ନାମ ପ୍ରକୃତ ସୁଖ ପାଇବା । ତ୍ୟାଗଭାବ ଦେଖିଲେ ସମସ୍ତେ ସୁଖ ଅନୁଭବ କରନ୍ତି । ପ୍ରେମପ୍ରୀତି ମୂଳରେ ରହିଛି ଆନନ୍ଦ । ପ୍ରେମ ମୂଳରେ ରହିଛି ପ୍ରେମାସ୍ପଦ ଭଗବାନଙ୍କୁ ସୁଖୀ କରିବାର ଅଦମ୍ୟ ଇଚ୍ଛା । ପ୍ରେମ ପଥରେ ଆନନ୍ଦ ଚିନ୍ମୟ ରୂପଧରି ପ୍ରକାଶିତ ହୁଏ । ପ୍ରେମିକଙ୍କ ପ୍ରତି ପ୍ରକୃତିର ସହଜ ଆକର୍ଷଣ ହୁଏ । ସଂସାରରେ ଯେଉଁଠାରେ ସ୍ୱାର୍ଥଶୂନ୍ୟ ସୁଖପାଇବା ରହିଛି, ସେହିଠାରେ ହିଁ ପ୍ରେମ ପ୍ରତିଷ୍ଠିତ ରହି ଯଥାର୍ଥ ଆନନ୍ଦର ରସାସ୍ୱାଦନ କରାଇଥାଏ । ଏହି ତ୍ୟାଗ ମୂଳରେ ବା ନିଃସ୍ୱାର୍ଥ ସୁଖ ପାଇବାର ଅନ୍ତରାଳରେ ଅଛି ଚିତ୍ ଶକ୍ତିର କ୍ରିୟା । ନିର୍ଭୁଲ ଚିତ୍ତରେ ତ୍ୟାଗର ମହିମା ସହଜରେ ଫୁଟିଉଠେ । ସାଧାରଣଙ୍କ ଚିତ୍ତରେ କେବେହେଲେ ଏହି ଭକ୍ତିଭାବ ଉଦୟ ହୁଏ ନାହିଁ । ଯଦି କେତେବେଳେ ଉଦୟ ହୁଏ ସେଥିରେ ପ୍ରିୟଜନଙ୍କ ନିଃସ୍ୱାର୍ଥ ସେବା ସମ୍ଭବ ହୋଇପାରେ ନାହିଁ । କିନ୍ତୁ ପ୍ରେମର ଉଚ୍ଚ ସ୍ତରରେ ଅଛି ସମର୍ଥା ରତି । ସେହି ସ୍ତରରେ ଉପନୀତ ହେଲେ ଭକ୍ତ କହନ୍ତି, 'ମୁଁ ସବୁ ପ୍ରକାର ଦୁଃଖ ସହ୍ୟ କରି ମୋ ପ୍ରିୟଜନଙ୍କୁ କିପରି ସୁଖୀ କରିବି, ତାହାର ଚେଷ୍ଟା କରିବି ।' ଏହାହିଁ ପ୍ରେମର ଶ୍ରେଷ୍ଠ ପ୍ରକାଶ । ରତି ତିନିପ୍ରକାର—(୧) ସାଧାରଣୀ ରତି (୨) ସମଞ୍ଜସା ରତି (୩) ସମର୍ଥା ରତି । 'ମୁଁ ନିଜେ ତାଙ୍କୁ ଦେଖି ସୁଖ ପାଉଛି'

—ଏହା ସାଧାରଣୀ ରତି । ସମଞ୍ଜସା ରତିରେ 'ମୁଁ ପ୍ରିୟତମଙ୍କ ସୁଖରେ ରଖି ନିଜେ ସୁଖୀ ହେବି'—ଏହି ଭାବ । କିନ୍ତୁ ସମର୍ଥା ରତିର ଭାବ ହେଲା ଯେ 'ମୁଁ ନିଜେ ଦୁଃଖରେ ଥିଲେ ମଧ୍ୟ ସବୁ ସହ୍ୟ କରି ମୋର ପ୍ରିୟଜନଙ୍କୁ ସୁଖରେ ରଖିବି ।' ଉପର୍ଯ୍ୟୁକ୍ତ ଭାବରେ ତ୍ୟାଗ ଉପରେ ଯାହାର ପ୍ରତିଷ୍ଠା ତାହା ହିଁ ଯଥାର୍ଥ ପ୍ରେମ ଏବଂ ସେହି ବ୍ୟକ୍ତି ହିଁ ଯଥାର୍ଥ ପ୍ରେମିକ ।

ଆନନ୍ଦସ୍ୱରୂପ ଶ୍ରୀ ଭଗବାନଙ୍କର ଲୀଳାବିଳାସରେ ପ୍ରେମର ମାଧୁର୍ଯ୍ୟ ଫୁଟି ଉଠିଥାଏ । ଶ୍ରୀ ଭଗବାନଙ୍କର ନିର୍ଗୁଣରୁ ସଗୁଣକୁ ଅବତରଣର ନାମ ଲୀଳା । ଭଗବାନ ହିଁ ଲୀଳାରେ ମୂର୍ତ୍ତି ବିଗ୍ରହ ରୂପରେ ପ୍ରକଟିତ ହୁଅନ୍ତି । ସେତେବେଳେ ଆମେ ତାଙ୍କର ଆସ୍ୱାଦନ ଲାଭ କରିଥାଉଁ । ସେ ଅନନ୍ତ ମାଧୁର୍ଯ୍ୟମୟ ଓ ସମସ୍ତ ଐଶ୍ୱର୍ଯ୍ୟର ଅଧୀଶ୍ୱର । ସେହି ଭଗବାନ ହିଁ ଲୀଳାର କର୍ତ୍ତା; ଆମେ କେବଳ ସେହି ଲୀଳା ଆସ୍ୱାଦନର ଅଧିକାରୀ । ଲୀଳା ଆସ୍ୱାଦନ ବ୍ୟତୀତ ଜୀବ ସେହି ଲୀଳାତତ୍ତ୍ୱ ଅନୁଭବ କରିପାରେ ନାହିଁ । ଭଗବାନ ଓ ଜୀବ ମଧ୍ୟରେ ମାୟା ଜଗତ ବିଦ୍ୟମାନ । ସେହି ଜଗତକୁ ଅତିକ୍ରମ କରି ତାଙ୍କୁ ଉପଲବ୍ଧି କରିବା ପରେ ପୁଣି ତାଙ୍କୁ ଧରି ଏହି ଜଗତକୁ ଫେରି ଆସିଲେ ଲୀଳା ଆସ୍ୱାଦନ ହୋଇ ପାରିବ । କିନ୍ତୁ ଲୀଳା ପ୍ରାକୃତ ବସ୍ତୁ ନୁହେଁ, ଅପ୍ରାକୃତ । ଏହି ଅପ୍ରାକୃତ ଜଗତର ଛାୟାରେ ପ୍ରାକୃତ ଜଗତ ଫୁଟି ଉଠିଛି । ଏହି ଜଗତର ଅନୁକରଣରେ ଲୀଳାର ସୃଷ୍ଟି ହୋଇ ନାହିଁ । ମାୟିକ ଜଗତରେ ସଂକୀର୍ଣ୍ଣତା ବିଦ୍ୟମାନ । କିନ୍ତୁ ଶ୍ରୀଭଗବାନଙ୍କ ଅପ୍ରାକୃତ ପ୍ରେମଲୀଳାରେ ସଙ୍କୀର୍ଣ୍ଣତା ନାହିଁ । ଏହା ପୂର୍ଣ୍ଣ-ଭାବରେ ପ୍ରେମ ରସରେ ବିଗଳିତ । ଏଥିପାଇଁ ପ୍ରାକୃତ ଜଗତରେ ଅପ୍ରାକୃତ ଲୀଳାରସ ଆସ୍ୱାଦନ କରିବା କଷ୍ଟକର । କାରଣ ବିଷୟାସକ୍ତ ଜୀବ ଲୀଳାରସ ଆସ୍ୱାଦନ କରିବା ପାଇଁ ସମ୍ପୂର୍ଣ୍ଣ ଅସମର୍ଥ । କେବଳ ଜ୍ଞାନୀ ସାଧୁମାନେ ହିଁ ନିର୍ବିକାର ପ୍ରଶାନ୍ତ ଭୂମିରେ ଅବସ୍ଥାନ କରି ଏହି ଅପ୍ରାକୃତ ଲୀଳାରସ ଆସ୍ୱାଦନ କରିଥାନ୍ତି । ପ୍ରଥମେ ଅନ୍ତରକୁ ଶୁଦ୍ଧ ଓ ପବିତ୍ର ଭାବ ଦେଇ ଗଠନ କରିପାରିଲେ ଭକ୍ତମାନେ ସେହିଶୁଦ୍ଧ ଚିତ୍ତରେ ଲୀଳା ଆସ୍ୱାଦନ କରିପାରିବେ । ଭକ୍ତମାନେ ସୌନ୍ଦର୍ଯ୍ୟ ମାଧ୍ୟମରେ ସେହି ଚିର ସୁନ୍ଦରଙ୍କ ପ୍ରେମ ଆସ୍ୱାଦନ

କରିଥାନ୍ତି । ଭଗବାନ ଜୀବକୁ ତାଙ୍କ ମାଧୁର୍ଯ୍ୟ ଆସ୍ୱାଦନ କରାଇବା ନିମିତ୍ତ ସୃଷ୍ଟି କରିଛନ୍ତି । ଭଗବାନ ଚିତ୍‌ଶକ୍ତି ସ୍ୱରୂପ ଯୋଗମାୟାଙ୍କ ଆଶ୍ରୟରେ ଲୀଳା କରିଥାନ୍ତି । ଯେଉଁ ଶକ୍ତିକୁ ଆଶ୍ରୟ କରି ଭଗବାନଙ୍କର ଆନନ୍ଦମୟ ପ୍ରକାଶ, ସେହି ଶକ୍ତି ସତ୍ୟ-ଶିବ ସୁନ୍ଦର ଭାବରେ ଭକ୍ତମାନଙ୍କ ନିକଟରେ ଆନନ୍ଦମୟରୂପରେ ପ୍ରକାଶିତ ହୁଅନ୍ତି । ଏହା ହିଁ ଭଗବାନଙ୍କର ଲୀଳା କରିବାର ଉଦ୍ଦେଶ୍ୟ । ଏହି ଲୀଳା ଆସ୍ୱାଦନ ନିମିତ୍ତ ଭଗବାନଙ୍କଠାରେ ଆତ୍ମସମର୍ପଣ କରି ତାଙ୍କରି ଭାବରେ ତନ୍ମୟ ହେବାକୁ ପଡ଼ିବ । ଭକ୍ତମାନେ ଭଗବାନଙ୍କର ସେହି ଆନନ୍ଦ ପ୍ରକାଶର ଉପଲକ୍ଷ୍ୟ ମାତ୍ର । ନିଜର କ୍ଷୁଦ୍ର ଅହଂତ୍ୱକୁ ବିସର୍ଜନ ଦେଇ ଅନ୍ତରରେ ତାଙ୍କୁ ହିଁ ପ୍ରତିଷ୍ଠିତ କରିପାରିଲେ ଲୀଳା-ଆସ୍ୱାଦନ ହୋଇ ପାରିବ । ଅହଂତ୍ୱକୁ ବିସର୍ଜନ ଦେଲେ ଯାଇ ଅନ୍ତରରେ ସେହି ପ୍ରେମମୟ ଆନନ୍ଦମୟଙ୍କ ପ୍ରତିଷ୍ଠା ସମ୍ଭବ ହୋଇଥାଏ ।

ଶ୍ରୀ ଶ୍ରୀ ଠାକୁର ପ୍ରେମ ଭିତ୍ତିରେ ଧର୍ମଜଗତ ପ୍ରତିଷ୍ଠା କରିବାର ଇଚ୍ଛା ପୋଷଣ କରିଛନ୍ତି । ସେ କହିଛନ୍ତି—"ଧର୍ମ ଭିତ୍ତିରେ ପ୍ରେମରାଜ୍ୟ ପ୍ରତିଷ୍ଠିତ ନ ହେଲେ ଜଗତରେ ଶାନ୍ତିଲାଭ ଅସମ୍ଭବ ।" ଶ୍ରୀ ଶ୍ରୀ ଠାକୁର କହିଛନ୍ତି—"ତୁମେମାନେ ସୃଷ୍ଟିର ଅନ୍ତରାଳରେ ବିଦ୍ୟମାନ ସ୍ରଷ୍ଟାଙ୍କୁ ଉପଲବ୍‌ଧି କଲେ ପ୍ରାଣରେ ଅଫୁରନ୍ତ ଶକ୍ତି ବା ଆନନ୍ଦ ଲାଭକରି ପାରିବ । ଜଗତର ପ୍ରତ୍ୟେକ ବସ୍ତୁ ମଧ୍ୟରେ ସେହି ଚିରସୁନ୍ଦର ଭଗବାନ ଅବସ୍ଥାନ କରୁଛନ୍ତି । ସେ ଚୈତନ୍ୟ ରୂପରେ ସର୍ବବସ୍ତୁରେ ଅନୁପ୍ରବେଶ କରିଛନ୍ତି ବୋଲି ଜଗତ ଏତେ ସୁନ୍ଦର । ଜଡ଼ ଜଗତର ନିଜସ୍ୱ କୌଣସି ସୌନ୍ଦର୍ଯ୍ୟ ନାହିଁ । ଜଡ଼ ଓ ଚେତନ ପ୍ରତ୍ୟେକଙ୍କ ଅନ୍ତରରେ ଯେଉଁ ଚୈତନ୍ୟ ସତ୍ତା ବିରାଜିତ, ସେ ହିଁ ଭଗବାନ । ସେହି ଭଗବାନ କେବଳ ଆମର ଆତ୍ମା ନୁହନ୍ତି, ସେ ଜଗତର ଆତ୍ମା । ସେ ବିଶ୍ୱ ଜଗତର ପ୍ରତି ଜୀବ ଅନ୍ତରରେ ନିତ୍ୟ ବିରାଜିତ । ସୁତରାଂ ଜଗତକୁ ଏହି ଦୃଷ୍ଟିରେ ଦେଖିବା ଲାଗି ଅଭ୍ୟାସ କରିପାରିଲେ ଅନ୍ତରରେ ଏକତତ୍ତ୍ୱର ଅନୁଭୂତି ଲାଭ ହୋଇପାରିବ ଏବଂ ସମସ୍ତଙ୍କ ପ୍ରତି ପ୍ରକୃତ ଏକପ୍ରାଣତା ଜାତ ହେବ । ଫଳରେ ଜଗତରୁ ହିଂସା ଦ୍ୱେଷାଦି ଦୂରୀଭୂତ ହୋଇଯିବ ।" ଶ୍ରୀ ଶ୍ରୀ ଠାକୁରଙ୍କର ଏହି ବାଣୀ ଅନୁସରଣ କରି ଜଗତର

ପ୍ରତି ଅଣୁ ପରମାଣୁର ଅନ୍ତରାଳରେ ସେହି ଭଗବାନଙ୍କୁ ପ୍ରତ୍ୟକ୍ଷ କରି ସୁଖ ପାଇପାରିଲେ ପ୍ରକୃତ ଭାଗବତ୍ ପ୍ରେମ ଲାଭ ହେବ ଏବଂ ମାନବର ସଙ୍କୀର୍ଣ୍ଣ ଅହଂତ୍ୱର ପ୍ରସାର ଘଟି ବିଶ୍ୱ ପ୍ରେମ ଓ ବିଶ୍ୱ ମୈତ୍ରୀ ପ୍ରତିଷ୍ଠିତ ହୋଇ ପାରିବ ।

ଶ୍ରୀ ଶ୍ରୀ ଠାକୁରଙ୍କର ଏହି ପ୍ରେମିକ ଗୁରୁ ପୁସ୍ତକର ଉପସଂହାରରେ ଯେଉଁ ଅପୂର୍ବ ଦେଶପ୍ରେମ ଫୁଟି ଉଠିଛି ତାହା ମଧ୍ୟ ଲକ୍ଷ୍ୟ କରିବାର କଥା । ଏଥିରେ ସେ ଧର୍ମଜଗତର ଅବସ୍ଥା ଓ ଆଧୁନିକ ହିନ୍ଦୁ ସମାଜର ଅଧୋଗତିର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇ ସେ ସବୁର ସମାଧାନର ଯେଉଁ ପନ୍ଥା ନିର୍ଦ୍ଦେଶ କରିଛନ୍ତି ତାହା ସବୁଶ୍ରେଣୀର ଲୋକମାନଙ୍କ ପକ୍ଷରେ ବିଶେଷ ପ୍ରଣିଧାନ ଯୋଗ୍ୟ । ଏହି ବିଷମ ସମୟରେ ଈଶ୍ୱର ପ୍ରଦତ୍ତ ମନୁଷ୍ୟତ୍ୱ ଓ ଜ୍ଞାନକୁ ଆଶ୍ରୟ କରି ବିବେକର ବଶବର୍ତ୍ତୀ ହୋଇ ଚଳିବା ଆମର କର୍ତ୍ତବ୍ୟ ବୋଲି ଶ୍ରୀ ଶ୍ରୀ ଠାକୁର ଉପଦେଶ ପ୍ରଦାନ କରିଛନ୍ତି । ପ୍ରତି ମନୁଷ୍ୟ ଅନ୍ତରରେ ବିବେକ ଜାଗ୍ରତ କରିବା ନିମିତ୍ତ ଚିତ୍ତଶୁଦ୍ଧି ସାଧନା ପୂର୍ବକ ଭଗବତ୍ ନିର୍ଦ୍ଦିଷ୍ଟ ନୀତି ନିୟମ ଅପରିହାର୍ଯ୍ୟ ବୋଲି ଶ୍ରୀଶ୍ରୀ ଠାକୁରଙ୍କର ମତ । ଶ୍ରୀଶ୍ରୀ ଠାକୁର କହିଛନ୍ତି—"ମୁକ୍ତାବସ୍ଥା ଆମର ସ୍ୱଭାବ, ସୁତରାଂ ତାହା ଲାଭ କରିବା ଯାବତୀୟ କାର୍ଯ୍ୟ ଅପେକ୍ଷା ସହଜ । ଧର୍ମଲାଭ କରିବା ପାଇଁ ବିଦ୍ୟା, ବୁଦ୍ଧି ମୂଳଧନ କିମ୍ବା ବଳବୀର୍ଯ୍ୟର ପ୍ରୟୋଜନ ହୁଏ ନାହିଁ । ଏଥି-ପାଇଁ କେବଳ ପ୍ରାଣଭରା ବିଶ୍ୱାସ ଓ ଭକ୍ତି ଏକାନ୍ତ ଆବଶ୍ୟକ ।" ବିଶ୍ୱମାନବ ପ୍ରତି ଶ୍ରୀ ଶ୍ରୀ ଠାକୁରଙ୍କର ଏହାହିଁ ସର୍ବଶ୍ରେଷ୍ଠ ଓ ଅମୋଘ ଉପଦେଶ ।

ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଣୀତ ସମସ୍ତ ଗ୍ରନ୍ଥର ଅନ୍ୟ ଏକ ବୈଶିଷ୍ଟ୍ୟ ହେଲା —ଶ୍ରୀ ଶ୍ରୀ ଠାକୁର ତାଙ୍କର ଗୁରୁଦେବଙ୍କ ଆଦେଶରେ ସେ ସବୁ ଲେଖିଥିଲେ । * ପ୍ରେମିକଗୁରୁ ଗ୍ରନ୍ଥର ଉପସଂହାରରେ ସେ ଏହା ପ୍ରକାଶ

---

* ଯାହାଙ୍କ କୃପାରୁ ପଙ୍ଗୁ ସଚଳ ଓ ମୂକ ବାଗ୍ମୀ ହୁଅନ୍ତି, ତାଙ୍କର କୃପା ଆଦେଶ ପ୍ରାପ୍ତ ହୋଇ ମୁଁ ଆଜି 'ପ୍ରେମିକ ଗୁରୁ' ଗ୍ରନ୍ଥ ଲେଖିବାକୁ ଅଗ୍ରସର ହେଉଅଛି ।" (ଗ୍ରନ୍ଥକାରଙ୍କ ବକ୍ତବ୍ୟ)

କରି ଲେଖିଛନ୍ତି—"ପାଠକଗଣ ! ସଚ୍ଚିଦାନନ୍ଦ ଘନବିଗ୍ରହ ସ୍ୱରୂପ ସଦ୍‌ଗୁରୁ ଯେଉଁ ଗୁରୁଭାର ମୋ ଉପରେ ନ୍ୟସ୍ତ ଦେଇଛନ୍ତି, ଆଜି ପାଞ୍ଚ ବର୍ଷ ପରେ ମୁଁ ସେହି ଗୁରୁଭାରରୁ ମୁକ୍ତିଲାଭ କରି ଟିକିଏ ସ୍ୱସ୍ତିର ନିଃଶ୍ୱାସ ମାରିପାରିଲି ବୋଲି ବିଶେଷ ଆନନ୍ଦିତ । ସେ ମୋତେ ସମନ୍ୱୟ ଓ ସାମଞ୍ଜସ୍ୟ କରି ସମସ୍ତ ଶାସ୍ତ୍ରର ଗୂଢ଼ ଅର୍ଥ ପ୍ରକାଶ ଓ ସାଧନପନ୍ଥା ପ୍ରକଟିତ କରି ଗ୍ରନ୍ଥ ପ୍ରଚାର କରିବାକୁ ଆଦେଶ କରିଥିଲେ । ମୁଁ ତାଙ୍କ ସେବକମାନଙ୍କ ମଧ୍ୟରେ ବିଦ୍ୟା ବୁଦ୍ଧିରେ ଅଧମ ହେଲେ ମଧ୍ୟ ତାଙ୍କର ଆଶୀର୍ବାଦ ବଳରେ ସେ ମୋତେ ଯେପରି ଜ୍ଞାନ ଓ ଶକ୍ତି ଅର୍ପଣ କରିଥିଲେ, ତଦନୁସାରେ ମୁଁ ସମସ୍ତ ହିନ୍ଦୁ ଶାସ୍ତ୍ରକୁ ଚିତ୍ତଶୁଦ୍ଧି ଓ ଜ୍ଞାନ, କର୍ମଯୋଗ ଏବଂ ଭକ୍ତି ଏହି କେତେଗୋଟି ପ୍ରଧାନ ସ୍ତରରେ ବିଭକ୍ତ କରି ତାହାର ସ୍ଥୂଳକର୍ମ ବ୍ରହ୍ମଚର୍ଯ୍ୟ ସାଧନ, ଯୋଗୀଗୁରୁ, ଜ୍ଞାନୀଗୁରୁ, ତାନ୍ତ୍ରିକଗୁରୁ ଏବଂ ଏହି ପ୍ରେମିକ ଗୁରୁ ଗ୍ରନ୍ଥରେ ବିବୃତ କରି ତାହାର ସାଧନଭାର ସାଧାରଣଙ୍କ ସ୍କନ୍ଧରେ ନ୍ୟସ୍ତ କରି ନିଶ୍ଚିନ୍ତ ହେଲି ।" ଏହି ଅଂଶଟି ପାଠକଲେ ପାଠକମାନେ ପ୍ରେମିକଗୁରୁ ଗ୍ରନ୍ଥ ସମେତ ଶ୍ରୀ ଶ୍ରୀ ଠାକୁରଙ୍କ ରଚିତ ସମସ୍ତ ଗ୍ରନ୍ଥର ବୈଶିଷ୍ଟ୍ୟ ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ସେଥିରୁ ସମସ୍ତ ଶାସ୍ତ୍ରର ସମନ୍ୱୟ ଓ ସାମଞ୍ଜସ୍ୟମୂଳକ ଗୂଢ଼ ଅର୍ଥ ଏବଂ ସାଧନପନ୍ଥା ଜ୍ଞାତ ହୋଇ ପାରିବେ ଏଥିରେ ସନ୍ଦେହ ନାହିଁ ।

ପ୍ରେମିକଗୁରୁ ଗ୍ରନ୍ଥରେ ଶ୍ରୀ ଶ୍ରୀ ଠାକୁରଙ୍କର ଅପୂର୍ବ ରଚନା କୌଶଳ ଓ ସାହିତ୍ୟ ଶୈଳୀ ମଧ୍ୟ ଫୁଟି ଉଠିଛି । ଯେ କୌଣସି ଭାରତୀୟ ଭାଷାରେ ବିରଚିତ ଧର୍ମଗ୍ରନ୍ଥସମୂହରେ ଏହାର ସ୍ଥାନ ଅସାଧାରଣ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଗ୍ରନ୍ଥ ଖଣ୍ଡିକ ଗଦ୍ୟରେ ତତ୍ତ୍ୱ ଏବଂ ସାହିତ୍ୟର ଯୁକ୍ତବେଣୀ । ପାଠକବର୍ଗଙ୍କ ନିକଟରେ କଠିନ ଅଧ୍ୟାତ୍ମ କଥାର ବିଶ୍ଳେଷଣ କରିବାକୁ ଯାଇ ଗ୍ରନ୍ଥକାର ରସସିକ୍ତ ଭାଷାରେ ଅପୂର୍ବ ସାହିତ୍ୟ ସୃଷ୍ଟି କରିଛନ୍ତି । ଭାରତୀୟ ନନ୍ଦନ ଶାସ୍ତ୍ରର ରୀତି ପ୍ରସ୍ଥାନ ଅନୁଯାୟୀ ତାଙ୍କର ରଚନାରେ ବୈଦର୍ଭୀ ରୀତି ଏବଂ ଗୁଣ ପ୍ରସ୍ଥାନ ଅନୁଯାୟୀ ପ୍ରସାଦ ଗୁଣର

ଅଧିକ ଅଧିଷ୍ଠାନ ଦେଖିବାକୁ ମିଳେ । * ଯେଉଁ ଲଳିତାତ୍ମିକା ବିଶିଷ୍ଟ ପଦ ରଚନା ମଧ୍ୟରେ ଅମ୍ଳତା ଲକ୍ଷିତ ହୁଏ ତାହାର ନାମ ବୈଦର୍ଭୀ ରୀତି । ଯେଉଁ ରଚନା ପାଠ କରିବା ସଙ୍ଗେ ସଙ୍ଗେ ପାଠକଙ୍କ ଚିତ୍ତରେ ଅର୍ଥୋପଲବ୍ଧି ଘଟେ ସେଥିରେ ପ୍ରସାଦଗୁଣର ଅବସ୍ଥିତି ବୁଝିବାକୁ ହେବ । ବିଶ୍ୱନାଥ କବିରାଜ ତାଙ୍କର 'ସାହିତ୍ୟ ଦର୍ପଣ'ରେ ବୈଦର୍ଭୀ ଲକ୍ଷଣ ସମ୍ପର୍କରେ ଲେଖିଛନ୍ତି—

"ମାଧୁର୍ଯ୍ୟ ବ୍ୟଞ୍ଜ କୈର୍ବଣୈଃ ରଚନା ଲଲିତାତ୍ମିକା ।
ଅବୃତ୍ତିରଲ୍ପବୃତ୍ତିର୍ବା ବୈଦର୍ଭୀ ରୀତି ରିଷ୍ୟତେ ॥"

ପୁନଶ୍ଚ ପ୍ରସାଦ ଗୁଣ ସମ୍ପର୍କରେ ତାଙ୍କର ସୂତ୍ର ହେଲା—

"ଚିତ୍ତଂ ବ୍ୟାପ୍ନୋତି ଯଃ କ୍ଷିପ୍ରଂ ଶୁଷ୍କେନ୍ଧନ ମିବାନଲଃ ।
ସ ପ୍ରସାଦଃ ସମସ୍ତେଷୁ ରସେଷୁ ରଚନା ସୁ ଚ ॥"

ଅନଳ ଯେପରି ଶୁଷ୍କ ଇନ୍ଧନକୁ ଦ୍ରୁତ ବେଗରେ ଗ୍ରାସ କରେ ସେହିପରି ଯେଉଁ ଗୁଣ ଦ୍ରୁତବେଗରେ ଚିତ୍ତକୁ ଗ୍ରାସ କରେ ତାହାର ନାମ ପ୍ରସାଦ । ସବୁ ରସରେ ଏବଂ ରଚନାରେ ଏହାର ପ୍ରସାର ।

ଶ୍ରୀ ଶ୍ରୀ ଠାକୁରଙ୍କର 'ପ୍ରେମିକ ଗୁରୁ' ପୁସ୍ତକ ପାଠ କଲେ ମାନେ ପାଠକଙ୍କ ହୃଦୟରେ ଭାଷାର ଲାଳିତ୍ୟ ଅନୁଭୂତ ହେବା ସଙ୍ଗେ ସଙ୍ଗେ ଅର୍ଥାବବୋଧର କୌଣସି ବାଧା ରହେ ନାହିଁ । ତେଣୁ ଶ୍ରୀ ଶ୍ରୀ ଠାକୁରଙ୍କର ଏହି ଗ୍ରନ୍ଥଟିର ରଚନା ଶୈଳୀରେ ବୈଦର୍ଭୀ ରୀତି ଏବଂ ପ୍ରସାଦଗୁଣର ଅପୂର୍ବ ସମନ୍ୱୟ ପରିଲକ୍ଷିତ ହୁଏ । ପୁସ୍ତକଟିରେ ପ୍ରାପ୍ତ ସବନ୍ଧ ସେହି ଏକ

---

* ଆସାମ ବଙ୍ଗୀୟ ସାରସ୍ୱତ ମଠ ପ୍ରକାଶିତ 'ଶ୍ରୀ ଶ୍ରୀ ନିଗମାନନ୍ଦ ଜନ୍ମ ଶତବାର୍ଷିକୀ ସ୍ମାରକ ଗ୍ରନ୍ଥ'ରେ ସନ୍ନିବେଶିତ ଅଧ୍ୟାପକ ଡଃ ରାମଜୀବନ ଆଚାର୍ଯ୍ୟଙ୍କ ଲିଖିତ 'ଶ୍ରୀ ଶ୍ରୀ ନିଗମାନନ୍ଦ ସରସ୍ୱତୀଙ୍କ ସାହିତ୍ୟ ଶୈଳୀ ପ୍ରସଙ୍ଗ-ପ୍ରେମିକଗୁରୁ' ପ୍ରବନ୍ଧ ଦ୍ରଷ୍ଟବ୍ୟ ।

ସ୍ଥିତ ଏବଂ ଗୁଣ । 'ପ୍ରେମିକ ଗୁରୁ' ଗ୍ରନ୍ଥରୁ ନିମ୍ନରେ ପ୍ରଦତ୍ତ କେତୋଟି ଉଦ୍ଧୃତିରୁ ଏହା ସୁପରିସ୍ଫୁଟ ହେବ ।

ଭଗବତ୍‌ପ୍ରାଣ ଭକ୍ତଙ୍କର ପ୍ରକୃତି ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଲେଖିଛନ୍ତି—"ଭକ୍ତ ଭଗବାନଙ୍କ ନିମିତ୍ତ ଆତ୍ମହରା ହୋଇଯାନ୍ତି । ସେ ହିଁ ଭକ୍ତ ଭାବରେ ବିଭୋର ହୋଇ ଭଗବାନଙ୍କୁ ନିଜର ବୋଲି ଜ୍ଞାନକରି ତାଙ୍କୁ ସର୍ବତ୍ର ପରିଦର୍ଶନ କରନ୍ତି । ଜଳରେ, ସ୍ଥଳରେ, ଚନ୍ଦ୍ରସୂର୍ଯ୍ୟଙ୍କ ଠାରେ, ଗ୍ରହ ନକ୍ଷତ୍ରରେ, ମେଘରେ, ଆକାଶରେ ଓ ସାଗରରେ, ଗଙ୍ଗା-ଗୋଦାବରୀ ନଦୀରେ, କାଶୀ-ପ୍ରୟାଗ ତୀର୍ଥରେ, ଅଗ୍ନି, ବାୟୁରେ, ଅଶ୍ୱତ୍ଥ ଓ ବଟ ବୃକ୍ଷରେ, ସର୍ବ ଘଟରେ, ବିଶ୍ୱବ୍ୟାପୀ ରୂପରେ ତାଙ୍କୁ ଦର୍ଶନ କରି ତାଙ୍କଠାରେ ଆତ୍ମସମର୍ପିତ ହୋଇ ମନ-ବୁଦ୍ଧି-ଅହଙ୍କାର ପ୍ରଭୃତି ସମସ୍ତ ତତ୍ତ୍ୱ ତାଙ୍କର ଚରଣରେ ଅର୍ପଣ କରି ଭକ୍ତ କୃତାର୍ଥ ହୋଇଥାନ୍ତି । ଭକ୍ତ ଆକୁଳ କଣ୍ଠରେ ଭଗବାନଙ୍କୁ ପ୍ରାର୍ଥନା କରନ୍ତି—"ପ୍ରଭୋ ! ତୁମେ ସମସ୍ତଙ୍କର ସବୁ ଓ ସମସ୍ତେ ତୁମର । ମୁଁ ତପ-ଜପ-ହୋମ-ବ୍ରତ-ନିୟମ କିଛି ଜାଣିନାହିଁ, ମୁଁ ତୁମ ବ୍ୟତୀତ ଅନ୍ୟ କିଛି ଜାଣେ ନାହିଁ । ମୁଁ ତୁମ ଛଡ଼ା ଆଉ କିଛି ଚାହେଁ ନାହିଁ । ମୁଁ ତୁମକୁ ଅନ୍ତରରେ ଲାଭ କରି ପାରିଲେ କୃତାର୍ଥ ହୋଇଯିବି । ପ୍ରାଣାଧିକ ! ତୁମେ ଦୟା କର, ମୋତେ ତୁମର ଚରଣରେଣୁ କରି ରଖ ।" ଭକ୍ତି ବଳରେ ଯେ ଅସାଧ୍ୟ ସାଧନ ହୁଏ ତାହା ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ଲେଖିଛନ୍ତି—"ଭକ୍ତିରେ ପିତଳ ପ୍ରତିମା ଅନ୍ନଭକ୍ଷଣ କରନ୍ତି, ଭକ୍ତିବଳରେ ନୋଲକ ପିନ୍ଧିବା ନିମିତ୍ତ ପାଷାଣ ପ୍ରତିମାଙ୍କ ନାକରେ ଛିଦ୍ର ହୁଏ, ଭକ୍ତିରେ ଶାଳଗ୍ରାମ ଶିଳା ଅଳଙ୍କାର ପିନ୍ଧିବା ନିମିତ୍ତ ହସ୍ତ ପ୍ରସାରଣ କରନ୍ତି । ଭକ୍ତି ବଳରେ କେବଳ ଏପରି ଅସମ୍ଭବ ସମ୍ଭବପର ହୋଇଥାଏ । ତେଣୁ ଭକ୍ତିର ଅସାଧ୍ୟ ହୋଇ ଜଗତରେ କିଛି ନାହିଁ । ସେଥିପାଇଁ ଭକ୍ତ ଚୂଡ଼ାମଣିପ୍ରହ୍ଲାଦଙ୍କ ଭକ୍ତିରେ ସ୍ଫଟିକ ସ୍ତମ୍ଭ ବିଦାରଣ ପୂର୍ବକ ନୃସିଂହ ମୂର୍ତ୍ତିଙ୍କର ଆବିର୍ଭାବ ଘଟିଥିଲି ।" ଆଉ ଭକ୍ତି କ'ଣ ତାହା ବୁଝାଇବାକୁ ଯାଇ ଶ୍ରୀଶ୍ରୀଠାକୁର ଲେଖିଛନ୍ତି—"ସରଳ କଥାରେ ସ୍ନେହମୟୀ ମାତା ପୁତ୍ରଚିନ୍ତାରେ, ପତିବ୍ରତା ସତୀ ପତି ଚିନ୍ତାରେ ଓ କୃପଣ

ଧନ ଚିନ୍ତାରେ ଯେପରି ସର୍ବଦା ବ୍ୟାକୁଳ ହୋଇଥାନ୍ତି, ସର୍ବଚିନ୍ତା ପରିତ୍ୟାଗ କରି ସେହିପରି ଏକମାତ୍ର ଭଗବତ୍ ଚିନ୍ତାରେ ବ୍ୟାକୁଳ ହେବାର ନାମ ଭକ୍ତି ।''

ଗ୍ରନ୍ଥଟିର ରଚନା ଶୈଳୀରେ ଶ୍ରୀ ଶ୍ରୀ ଠାକୁର ବହୁ ଅନୁପ୍ରାସ, ରୂପକ, ଉପମା. ଇତ୍ୟାଦି ଅଳଙ୍କାର ବ୍ୟବହାର କରି ଏହାର ସୌନ୍ଦର୍ଯ୍ୟ ପରିବର୍ଦ୍ଧିତ କରିଛନ୍ତି । ରୂପକ ଏବଂ ଉପମା ସମ୍ବଳିତ ଗୋଟିଏ ଉଦ୍ଧୃତି ହେଲା—''ଜୀବ ପୂର୍ଣ୍ଣ ସୁଖର କାଙ୍ଗାଳ । ପୂର୍ଣ୍ଣାନନ୍ଦର ଯେଉଁ ସୁଖ ଜୀବ ଥରେ ଆସ୍ୱାଦନ କରିଛି ଆଂଶିକ ଜଗତର କୌଣସି ପଦାର୍ଥରୁ ସେ ସୁଖ ସେ ଲଭି କରି ପାରେ ନାହିଁ । ତେଣୁ ଅପରିତୃପ୍ତ ହୃଦୟରେ ସୁଖ ନିମିତ୍ତ ତୃଷାର୍ତ୍ତ ମୃଗର ମରୀଚିକାରେ ଜଳଭ୍ରମ ସଦୃଶ ବିନ୍ଦୁଏ ଜଳ ପାଇଁ ସେ ସଂସାର ମରୁଭୂମିରେ ଇତସ୍ତତଃ ଧାବିତ ହୁଏ ।'' ପୁନଶ୍ଚ ଉପମାଳଙ୍କାରର ବ୍ୟବହାର ଗ୍ରନ୍ଥଟିରେ ବିପୁଳ ଭାବରେ ପରିଲକ୍ଷିତ ହୋଇଅଛି । ତାହାର ଗୋଟିଏ ଉଦାହରଣ ହେଲା—''ସେତେବେଳେ ପତିତପାବନୀ ଭାଗୀରଥୀଙ୍କ ଜଳ ପ୍ରବାହ ସଦୃଶ ଯାବତୀୟ ବାଧାବିଘ୍ନ ଅତିକ୍ରମପୂର୍ବକ ଇନ୍ଦ୍ରିୟମାନେ ଶତମୁଖରେ ଶ୍ରୀ ଭଗବାନଙ୍କ ମାଧୁର୍ଯ୍ୟ ସାଗରରେ ଲୀନ ହୋଇଯାନ୍ତି । (ଓଡ଼ିଆ ଦ୍ୱିତୀୟ ସଂସ୍କରଣ ପୃ:୧୫) । ଅନ୍ୟ ଏକ ଉଦାହରଣ ହେଲା— ''ଜ୍ୱାଳାମୁଖୀ ସଙ୍କୁଳ ହିମାଳୟ ମଧ୍ୟରୁ ଯେପରି ପବିତ୍ର ମନ୍ଦାକିନୀର ସଲିଳ ପ୍ରବାହିତ ହୋଇ ଜଗତ୍‌ବାସୀଙ୍କୁ ପବିତ୍ର ଓ ଶୀତଳ କରୁଅଛି, ସେହିଭଳି ଶ୍ରୀରାଧାଙ୍କ ପ୍ରେମଜ୍ୱାଳାମୁଖରୁ ଶତ ଶତ ଭାବପ୍ରବାହ ପ୍ରବାହିତ ହୋଇ ଭକ୍ତମାନଙ୍କୁ ପବିତ୍ର ଓ କୃତାର୍ଥ କରୁଅଛି ।'' (ପୃ:୧୨)

ଶ୍ରୀ ଶ୍ରୀ ଠାକୁର ତାଙ୍କ 'ପ୍ରେମିକ ଗୁରୁ' ଗ୍ରନ୍ଥର ବହୁ ସ୍ଥଳରେ ବିବିଧ ଲୌକିକ ଉଦାହରଣ ଦେଇ ତାଙ୍କର ବକ୍ତବ୍ୟ ପ୍ରତିପାଦିତ କରିଛନ୍ତି । ଲୌକିକ ଉଦାହରଣ ଦ୍ୱାରା ଅର୍ଥାବଗତି ନିମିତ୍ତ ସାଧାରଣଙ୍କର ସୁବିଧା ହୋଇଥାଏ । ଭଗବାନ କିଭଳି ଭକ୍ତାଧୀନ ତାହା ବୁଝାଇବାକୁ ଯାଇ ସେ ଲେଖିଛନ୍ତି—''ଯେପରି ଜଣେ ଦୁର୍ଦ୍ଦଣ୍ଡ ପ୍ରତାପାନ୍ୱିତ ବିଶ୍ୱପତି ଜଣେ ବିଦ୍ୟାବୁଦ୍ଧି ଓ ଶକ୍ତି ସମ୍ପନ୍ନ ମାନବ ହୋଇ ମଧ୍ୟ ତାଙ୍କର ଶିଶୁପୁତ୍ରର

ଅନୁରୋଧରେ ନଜେ ଘୋଡ଼ା ସାଜବାକୁ ବାଧ୍ୟ ହୁଅନ୍ତି, ସେହିପରି ଜ୍ଞାନମୟ ଓ ଶକ୍ତିମୟ ବିରାଟ ଭଗବାନ ତାଙ୍କ ଭକ୍ତଙ୍କ ଅଳରେ ଭକ୍ତଙ୍କର ମନୋମୟୀ ମୂର୍ତ୍ତିରେ ଆବିର୍ଭୂତ ହୋଇଥାନ୍ତି । ଉକ୍ତ ବିତ୍ତର ପିତାଙ୍କ ସହିତ ଅନ୍ୟମାନେ ପଦେ କଥା କହିବାକୁ ସେ ଭୀତତ୍ରସ୍ତ ଓ ସଙ୍କୁଚିତ ହୋଇ ପଡ଼ନ୍ତି; କିନ୍ତୁ ତାଙ୍କର ପୁତ୍ର ଯେପରି ତାଙ୍କ ଦାଢ଼ିକୁ ଧରି ତାଙ୍କୁ ଘୋଡ଼ା ସାଜିବାକୁ ବାଧ୍ୟ କରେ, ସେହିପରି ଅନ୍ୟମାନେ ଭଗବାନଙ୍କର ବିଶ୍ୱରୂପ ଓ ବିରାଟ ବିଭୂତି ଦର୍ଶନ କରି ଆତ୍ମହରା ହୋଇଯାନ୍ତି ସତ; କିନ୍ତୁ ଯେଉଁ ଭାଗ୍ୟବାନ ବ୍ୟକ୍ତି ଭଗବାନଙ୍କ କୃପାରୁ 'ତାଙ୍କୁ' ନିଜର ବୋଲି ମନେ କରନ୍ତି, ସେହି ଭକ୍ତଙ୍କ ନିକଟରେ ଭଗବାନ ତାଙ୍କର ଇଚ୍ଛାନୁସାରେ ମୂର୍ତ୍ତି ପରିଗ୍ରହ କରି ଦର୍ଶନ ଦେଇଥାନ୍ତି ।" (ପୃ୩) ଲୋକଶିକ୍ଷା ନିମିତ୍ତ ଲୌକିକ ଜଗତର ଏହିଭଳି ବହୁ ଉଦାହରଣ ପରମ ପୁରୁଷ ଶ୍ରୀରାମକୃଷ୍ଣ ଦେବ ପ୍ରାୟ ବ୍ୟବହାର କରୁଥିଲେ । ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ମଧ୍ୟ ଥିଲେ ଅନ୍ୟତମ ଲୋକଶିକ୍ଷକ । ସେ ଚାହିଁଥିଲେ 'ପୁସ୍ତକଟିକୁ ସର୍ବସାଧାରଣଙ୍କ ଉପଯୋଗୀ କରି ପ୍ରଣୟନ କରିବାକୁ ହେବ' (ଗ୍ରନ୍ଥକାରଙ୍କ ବକ୍ତବ୍ୟ) ।

ଭାରତୀୟ ନାଟ୍ୟ ସାହିତ୍ୟର ଇତିହାସରେ ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ଚନ୍ଦେଲ୍ ବଂଶୀୟ ରାଜା କୀର୍ତ୍ତିବର୍ମାଙ୍କ ସମୟରେ ଆବିର୍ଭୂତ କବି କୃଷ୍ଣମିଶ୍ର ଯତିଙ୍କର 'ପ୍ରବୋଧ ଚନ୍ଦ୍ରୋଦୟ' ଏକ ଅନୁପମ ଗ୍ରନ୍ଥ । ଏହି ନାଟକର ପ୍ରଥମରେ ହିଁ ମାନବଚିତ୍ତର ବୃତ୍ତିଗୁଡ଼ିକ ଯଥା—ବିବେକ, ଭକ୍ତି, ପ୍ରବୋଧ, ମୋହ ଇତ୍ୟାଦି ନାଟକୀୟ ପାତ୍ରପାତ୍ରୀ ରୂପେ ବ୍ୟବହୃତ ହୋଇଛି । 'ପ୍ରେମିକ ଗୁରୁ'ର ଏକ ସ୍ଥାନରେ ଶ୍ରୀ ଶ୍ରୀ ଠାକୁର ଯେତେବେଳେ ଲେଖିଛନ୍ତି—"ଜ୍ଞାନ ଓ ଭକ୍ତି ସହୋଦର ଭାଇ ଭଉଣୀ ପରି" (ପୃ୫) ସେତେବେଳେ 'ପ୍ରବୋଧ ଚନ୍ଦ୍ରୋଦୟ' କଥା ମନେ ପଡ଼େ । ଏହି ପ୍ରସଙ୍ଗରେ ସେ ଯେତେବେଳେ ଲେଖିଛନ୍ତି—"ସେହି ଭାଇ ଭଉଣୀ ଯେଉଁ ସ୍ଥାନରେ ଏକତ୍ର ଅବସ୍ଥାନ କରନ୍ତି, ସେ ସ୍ଥାନ ଗୋଟିଏ ଦୈବୀ ଆଲୋକରେ ଉଦ୍ଭାସିତ ହୋଇ ଉଠେ । ସେ ସ୍ଥାନରେ ପାରିଜାତ ଗନ୍ଧ ପ୍ରବାହିତ ହୁଏ । ସ୍ୱର୍ଗର ମନ୍ଦାକିନୀ ଆପେ ଆପେ ଉଜାଣୀ ବାହିନୀ କ୍ଷୀରଧାରା ନେଇ ସେହି ସ୍ଥାନ ବିଧୌତ କରିଦିଏ ।

ଏହି ସମୟରେ ଜ୍ଞାନ ଅନ୍ତରାଳରେ ବସି ସ୍ନେହ ଚକ୍ଷୁରେ ଭଗିନୀଙ୍କୁ ନିରୀକ୍ଷଣ କରେ ଏବଂ ବାଳିକା ଭକ୍ତି ନିଃସଙ୍କୋଚରେ ଏକାକିନୀ କେତେ ଲୀଳା ଖେଳା-କରେ, କେତେ ଆନନ୍ଦ ଜଗାଇଦିଏ । ସେତେବେଳେ ସେହି ଶୁଭ୍ରାଶୀତଳା ମଧୁର ପୀୟୂଷବରଣା ଆଲୋକ—ଆନନ୍ଦମୟୀ ବାଳିକା ରୂପିଣୀ ଭକ୍ତି ଭକ୍ତଙ୍କର ହୃଦୟାସନରେ ମୂର୍ତ୍ତିମତୀ ଅଧିଷ୍ଠାତ୍ରୀ ଦେବୀ ରୂପରେ ଉପବିଷ୍ଟ ହୋଇ ହୃଦୟଦ୍ୱାର ଉନ୍ମୁକ୍ତ କରି ଦିଅନ୍ତି"—ସେତେବେଳେ ଏହାର ରଚନାରୀତି ଲେଖକଙ୍କର ସମ୍ପର୍କୀୟ କଥା ସମ୍ରାଟ ବଙ୍କିମଚନ୍ଦ୍ରଙ୍କ ରଚନା-ରୀତିକୁ ସ୍ମରଣ କରାଇଦିଏ । 'ପ୍ରେମିକ ଗୁରୁ'ର ନିମ୍ନଲିଖିତ ଅଂଶରେ ମଧ୍ୟ ବଙ୍କିମ ଚନ୍ଦ୍ରଙ୍କ ରଚନା ଶୈଳୀର ଛାୟା ପ୍ରତିଫଳିତ ହୋଇଛି । "ବିଶେଷତଃ ତୀର୍ଥଭ୍ରମଣ ଉଦ୍ଦେଶ୍ୟରେ ନାନା ଦେଶ ଭ୍ରମଣ କଲେ ଭଗବାନଙ୍କ ବିଶ୍ୱ-ସୃଷ୍ଟି କୌଶଳର ବିଚିତ୍ର ଘଟନାବଳୀ—କେତେ ନଦନଦୀ, କେତେ ହ୍ରଦସାଗର, କେତେ ପାହାଡ଼ ପର୍ବତ, କେତେ ଅଧିତ୍ୟକା, କେତେ ଉପତ୍ୟକା, କେତେ ଶ୍ୱାପଦସଙ୍କୁଳ ବନଭୂମି ଏବଂ ନାନାଜାତି କୁସୁମର ସୁନ୍ଦର ସୁଷମା ସନ୍ଦର୍ଶନ କଲେ କାହାର ପ୍ରାଣ ବା ଭକ୍ତିରସରେ ଆପ୍ଲୁତ ନ ହେବ !" ବଙ୍କିମ ଚନ୍ଦ୍ରଙ୍କ ରଚନାରେ କେତେକ ସ୍ଥାନରେ ପାଠକଙ୍କ ପ୍ରତି ସମ୍ବୋଧନ ଲକ୍ଷିତ ହୁଏ । ସେ ଶୈଳୀ ମଧ୍ୟ 'ପ୍ରେମିକ ଗୁରୁ' ଗ୍ରନ୍ଥରେ ବିଦ୍ୟମାନ ।

ରଚନାକୁ ଲଳିତ ଶବ୍ଦ ସମାବେଶରେ ସୁରୁ କରିବା କଥା ପଣ୍ଡିତ-ରାଜ ଜଗନ୍ନାଥ ତାଙ୍କର 'ରସ ଗଙ୍ଗାଧର' ଗ୍ରନ୍ଥରେ ଲେଖିଛନ୍ତି । ରଚନା-ଶୈଳୀର ଅପୂର୍ବ ଶକ୍ତିରେ ଲଳିତ ମଧୁର ପଦ ସଂଯୋଜନାରେ ରଚନାକି ଭଳି ମାଧୁର୍ଯ୍ୟମଣ୍ଡିତ ଓ ରସସିକ୍ତ ହୁଏ ସେ ସମ୍ପର୍କରେ ଆଚାର୍ଯ୍ୟ ଦଣ୍ଡୀ ତାଙ୍କର 'କାବ୍ୟାଦର୍ଶ'ରେ ଲେଖିଛନ୍ତି—

"ମଧୁରଂ ରସବଦ୍ ବାଚି ବସ୍ତୁନ୍ୟପି ରସସ୍ଥିତିଃ ।
ଯେନ ମାଦ୍ୟନ୍ତି ଧୀମନ୍ତୋ ମଧୁନେବ ମଧୁବ୍ରତାଃ ॥"

'ସାହିତ୍ୟ ଦର୍ପଣ'ର ଅଷ୍ଟମ ପରିଚ୍ଛେଦରେ କବିବର ବିଶ୍ୱନାଥ ଲେଖିଛନ୍ତି—

"ଚଉଦ୍ରଙ୍ଗୀ ଶ୍ରବମଯ୍ୟୋ ହ୍ଲାଦୋ ମାଧୁର୍ଯ୍ୟମୁଚ୍ୟତେ ।
ସମ୍ଭୋଗେ କରୁଣେ ବିପ୍ରଲମ୍ଭେ ଶାନ୍ତେଽଧିକଂ କ୍ରମାତ୍ ॥"

ଶ୍ରୀଶ୍ରୀଠାକୁରଙ୍କର 'ପ୍ରେମିକ ଗୁରୁ' ଗ୍ରନ୍ଥ ଏକ ଆଦର୍ଶ ମଧୁର କାବ୍ୟ-ରଚନାର ସମସ୍ତ ଶୈଳୀ ବହନ କରି ଏକ ଅନୁପମ ଅନବାଦ୍ୟ ରସସିକ୍ତ ରଚନାରେ ପରିଣତ ହୋଇଅଛି । ଏହି ସମ୍ପର୍କରେ 'ପ୍ରେମିକ ଗୁରୁ' ଗ୍ରନ୍ଥରୁ ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ । ଶ୍ରୀଶ୍ରୀଠାକୁର ରସତତ୍ତ୍ୱ ଏବଂ ସାଧ୍ୟସାଧନ ପ୍ରସଙ୍ଗରେ ଲେଖିଛନ୍ତି—"ରସପିପାସା ଜୀବର ପ୍ରାଣେ ପ୍ରାଣେ ନିହିତ । କେବଳ ଜୀବ କାହିଁକି ? କୁସୁମ ଫୁଟିଲେ ରୂପରସରେ ଫାଟି ପଡ଼େ । ବୃକ୍ଷର ନବୀନ ଶ୍ୟାମପତ୍ର କୁଞ୍ଜରେ କେବଳ ରୂପ ଏବଂ ରସ । ସମଗ୍ର ପୃଥିବୀରେ ରୂପ ଆଉ ରସର ବିଚିତ୍ର ଲୀଳା ଚାଲିଛି । ସ୍ୱର୍ଗ ଓ ମର୍ତ୍ତ୍ୟ ଏହିରୂପ ଓ ରସର ଅଚ୍ଛେଦ୍ୟ ବନ୍ଧନରେ ଆବଦ୍ଧ । କୋକିଳର କୁହୁତାନ ଏହି ରୂପ ଓ ରସର ପଞ୍ଚମତାନ; ଶିଶିର ହେଉଛି ରୂପ ରସର ଅଶ୍ରୁ, ମଳୟାନିଳ ଏହି ରୂପରସର ସ୍ନିଗ୍ଧଶ୍ୱାସ, ନୈଶଗଗନରେ ଦିଗନ୍ତବ୍ୟାପୀ ସଙ୍ଗୀତମୟ ମାଧୁର୍ଯ୍ୟ ସେହି ରୂପ ଆଉ ରସର ଜୀବନ୍ତ ମର୍ତ୍ତ୍ୟଲୀଳା ।" ପ୍ରେମିକ ଗୁରୁ 'ଗ୍ରନ୍ଥକାରଙ୍କ ବକ୍ତବ୍ୟ'ରେ ଶ୍ରୀ ଶ୍ରୀ ଠାକୁର ଲେଖିଛନ୍ତି—"ଏହି ପୁସ୍ତକର ସୁନ୍ଦର ଅଂଶଗୁଡ଼ିକ ଶ୍ୟାମସୁନ୍ଦର ଭଗବାନଙ୍କର ଦ୍ୟୁତି ମାତ୍ର ।" କିନ୍ତୁ ସମଗ୍ର ଗ୍ରନ୍ଥଟି ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କର ଦ୍ୟୁତି, ଯେ କୌଣସି ପାଠକ ଏହା ଅନୁଭବ କରି ପାରିବେ ।

ଗ୍ରନ୍ଥଟି ପାଠ କରି ସାରିଲେ ମହାକବି କାଳିଦାସଙ୍କ ଉକ୍ତି 'ନ ଖଳୁ କଶ୍ଚିଦ୍ ବିଷୟେ ଧୀମତାମ୍' । ପ୍ରତିଭାବାନ ଲେଖକଙ୍କ ନିକଟରେ ଅବିଷୟ ବୋଲି କିଛି ରହେ ନାହିଁ । ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ଥିଲେ ସେହିଭଳି ଜଣେ ପ୍ରତିଭାବାନ୍ ଲେଖକ । ଶୁଷ୍କ ତତ୍ତ୍ୱ କଥା ଯେ ରସାଳ ସାହିତ୍ୟ ହୋଇପାରେ —ଏହି 'ପ୍ରେମିକ ଗୁରୁ' ଗ୍ରନ୍ଥଟି ତାହାର ଏକ ସମୁଜ୍ଜ୍ୱଳ ନିଦର୍ଶନ । ଗ୍ରନ୍ଥଟିର ଯେ କୌଣସି ପାଠକ ଶ୍ରଦ୍ଧାବିମିଶ୍ର ବିସ୍ମୟରେ ଏହା ହିଁ ଅନୁଭବ କରିପାରିବେ—ଏଥିରେ ସନ୍ଦେହ ନାହିଁ ।

ପରିଶିଷ୍ଟ

ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିରେ ପ୍ରେମ

୧ । ବାସ୍ତବିକ୍ ସୁଖ ପାଇବା କି ପଦାର୍ଥ ତାହା ଏ ପର୍ଯ୍ୟନ୍ତ କେହି ଠିକ୍ କରିପାରି ନାହାନ୍ତି । ଯେପରି ଶିଶୁର ଉଦର ପୂର୍ତ୍ତି କରିବାକୁ କେହି ତାକୁ କହନ୍ତି ନାହିଁ, ସେହିପରି ସୁଖ ପାଇବା କେହି କାହାକୁ ଶିଖାନ୍ତି ନାହିଁ । ଜଣେ ଜଣକ ପାଇଁ ଆକୃଷ୍ଟ ହେବାର ନାମ ବା ଗୋଟିଏ ଜୀବ ଆଉ ଗୋଟିଏ ଜୀବ ପ୍ରତି ଯେଉଁ ଶକ୍ତି ଦ୍ୱାରା ଆକୃଷ୍ଟ ହୁଏ, ତାହାର ନାମ ସୁଖ ପାଇବା । ଅର୍ଥାତ୍ ଏକ ଆତ୍ମା ଅନ୍ୟ ଏକ ଆତ୍ମା ସହିତ ସମ୍ମିଳିତ ହେବାର ଇଚ୍ଛା ହେଲି ସୁଖ ପାଇବା । ଯାହା ସହିତ ଯାହାର ମନର ଭାବ ଯେତେ ଅଧିକ ବିନିମୟ ହୁଏ, ତାଙ୍କ ସହିତ ତାଙ୍କର ସେତେ ଅଧିକ ସୁଖ ପାଇବା ଥାଏ । ପ୍ରାଣକୁ ଯାହା ସୁଖ ଲଗେ ଆମେ ତାହାକୁ ହିଁ ସୁଖପାଉ; ମନଲାଖି ନ ହେଲେ ଆମେ ସେଥିରୁ ମୁଖ ଫେରାଇ ନେଇଥାଉ । ଜଣକୁ ସୁଖପାଇବୁଁ ଆଉ ଜଣକୁ ସୁଖ ପାଇବୁ ନାହିଁ—ଏହାର କୌଣସି ଶାସ୍ତ୍ର ନାହିଁ । ଯାହାଙ୍କୁ ସୁଖପାଉ ତା ପାଇଁ ପ୍ରାଣ କାନ୍ଦେ ଓ ସ୍ୱଭାବତଃ ତାଙ୍କ ପ୍ରତି ମନ ଆକୃଷ୍ଟ ହୋଇଥାଏ । କେବଳ ଚୁମ୍ବକରେ ଶକ୍ତି ଅଛି ବୋଲି କିଏ କୁହେ ? ଏହାଠାରୁ ପ୍ରଣୟର ଆକର୍ଷଣ, ସୁଖ ପାଇବାର ଆକର୍ଷଣ ଆହୁରି ଦୃଢ଼ତର । ଏହି ଆକର୍ଷଣରେ ପଡ଼ି କେତେ ବ୍ୟକ୍ତି ନଷ୍ଟ ହୋଇଛନ୍ତି, ଭାରତରେ କେତେ ଗୁରୁତର କାଣ୍ଡସବୁ ସଂଘଟିତ ହୋଇଛି, କେତେ ଲୋକ ସନ୍ନ୍ୟାସୀ ବେଶରେ ଦେଶ ଦେଶ ଭ୍ରମଣ କରିଛନ୍ତି, କାହାର ବା ଦିବାନିଶି ନୟନ ଜଳରେ ବକ୍ଷ ସିକ୍ତ ହୋଇଛି ତାହାର ସୀମାନାହିଁ ।

ସୁଖ ପାଇବାରେ ଜାତିଭେଦ ନାହିଁ, ସୁନ୍ଦର କୁତ୍ସିତ ଜ୍ଞାନ ନାହିଁ । ରୂପଟା ଯେ କିଛି ନୁହେଁ, ଏହା ଅସ୍ଥାୟୀ ଜୁଆରର ଜଳ ଭଳି । ମୁଁ ଯାହାକୁ ଅପସରା ବୋଲି ଜ୍ଞାନ କରେ, ସେ ହୁଏତ ଅନ୍ୟ ନିକଟରେ

ଅତୀବ କୁତ୍ସିତ ବୋଲି ପ୍ରତୀତ ହୋଇପାରେ । ମୁଁ ଯାହାକୁ ଦେବୀ ବୋଲି ଭାବେ, ଅନ୍ୟ ନିକଟରେ ସେ ହୁଏତ ପିଶାଚୀ । ମୋ ପାଖରେ ଯିଏ ଅମୃତର କଳସୀ, ଅନ୍ୟ ନିକଟରେ ସେ ବିଷର ଆକର ହୋଇପାରେ । ସୁଖପାଇବାର ଚକ୍ଷୁରେ ଯେ କୌଣସି ବସ୍ତୁକୁ ଦେଖିଲେ ସେ ସମସ୍ତ ସୁନ୍ଦର ବୋଲି ପ୍ରତୀତ ହୁଏ । ଏହି ବ୍ରହ୍ମାଣ୍ଡ ସୁଖ ପାଇବାରେ ବନ୍ଧା । ମୁଁ ଯଦି ମୋର ପ୍ରଣୟିନୀକୁ ସୁଖ ନ ପାଏ, ମାତା ଯଦି ପୁତ୍ରକୁ ପାଳନ ନ କରେ, ପିତା ଯଦି କାୟିକ ପରିଶ୍ରମ କରି ପୁତ୍ରର ଭରଣପୋଷଣ ନ କରନ୍ତି ତାହା ହେଲେ ଏହା ଭିତରେ ବିଶ୍ୱପିତାଙ୍କ ବିଶ୍ୱରାଜ୍ୟ ବିଲୁପ୍ତ ହୋଇ ସାରନ୍ତାଣି । ଧନକ ପାଇଁ ମଧ୍ୟ-ସଂସାର ଚଳନ୍ତା ନାହିଁ । ମନୁଷ୍ୟ ମାତ୍ରକେ ଏହି ସୁଖପାଇବାର ଦାସ । ପ୍ରେମ, ପ୍ରଣୟ, ଶ୍ରଦ୍ଧା, ବାତ୍ସଲ୍ୟ, ଭକ୍ତି, ଦୟାମାୟା ସମସ୍ତ ହିଁ ଏହି ସୁଖ ପାଇବାରୁ ଉତ୍ପନ୍ନ । କିନ୍ତୁ ଏହି ସୁଖ ପାଇବା ସମୟାନୁସାରେ ବିଭିନ୍ନ ମୂର୍ତ୍ତିରେ ଦେଖା ଦେଇଥାଏ ।

ମଣିଷ ବାଲ୍ୟକାଳଠାରୁ ଏହି ସୁଖପାଇବା ଦ୍ୱାରା ଆକୃଷ୍ଟ । ଶୈଶବରେ ଯେ ଜହ୍ନମାମୁର ଅନୁରାଗୀ, ଯୌବନରେ ଯେ ରମଣୀର ଅନୁରାଗୀ, ବୃଦ୍ଧକାଳରେ ସେ ହୋଇଯାଏ ଯୋଗୀ । ପ୍ରାବୃଟ କାଳରେ ପୂର୍ଣ୍ଣ ତରଙ୍ଗିଣୀର ସୁମଧୁର କୁଳୁକୁଳୁ ଧ୍ୱନି, ଶରତ କାଳର ନିଶାଭାଗରେ ନୀଳ କାଦମ୍ବିନୀ ଉପରେ ପତିତ ପୂର୍ଣ୍ଣଚନ୍ଦ୍ରର ବିମଳ ଜ୍ୟୋତି, ହେମନ୍ତ କାଳରେ ଶିଶିର ବିନ୍ଦୁ ପରିଶୋଭିତ ନବ ଦୂର୍ବାଦଳ କ୍ଷେତ୍ର, ବସନ୍ତ କାଳରେ ସୁଖମୟ ପ୍ରଭାତ ସମୟର ମୃଦୁମଳୟ ମରୁତ ହିଲ୍ଲୋଳ, ମାଧବୀ ଲତାର ସଦ୍ୟ ପ୍ରସ୍ଫୁଟିତ ପୁଷ୍ପ ଉପରେ ମକରନ୍ଦ ପାନାଭିଳାଷୀ ମଧୁପର ସୁମଧୁର ଗୁଣୁଗୁଣୁ ଧ୍ୱନି, ନବ ନୀରଦାଗମରେ ଆଲୁଳାୟିତ ଜଟାଦାମ ପରିଶୋଭିତ ଚନ୍ଦ୍ରଶେଖରଙ୍କ ଅଙ୍ଗଭୂଷଣ, ପତିଗତପ୍ରାଣା ପ୍ରଣୟିନୀର ସରଳତା ଭରା ମୁଖର ନବରାଗରଞ୍ଜିତ ହସ—ଏ ସବୁ କିଏ ବା ସୁଖ ନ ପାଏ ? କ୍ଷୁଦ୍ର ଶିଶୁଠି ପର୍ଯ୍ୟନ୍ତ ସମସ୍ତେ ଏ ସବୁକୁ ସୁଖ ପାଆନ୍ତି ।

ସୁଖପାଇବା କାହାକୁ କହନ୍ତି ମୁଁ ଜାଣେ ନାହିଁ । ଶୁଣିଛି; ସୁଖ ପାଇଲେ ମନୁଷ୍ୟ ସୁଖୀ ହୁଏ, ସୁଖପାଇବା ଭିତରେ ଦୁଇଜଣ ଏକ

ହୋଇଯାନ୍ତି, ପ୍ରାଣରେ ସ୍ଫୂର୍ତ୍ତି ଜାଗ୍ରତ ହୁଏ, ଚକ୍ଷୁରେ ଜ୍ୟୋତି ଫୁଟି ଉଠେ, ମୁଖମଣ୍ଡଳରେ କାନ୍ତି ଫୁଟି ଉଠେ, ବୁକୁରେ ଆସେ ଅଜସ୍ର ବଳ । ଆଉ ଶୁଣିଛୁ—ସୁଖ ପାଇବା ଦ୍ୱାରା ପଶୁ ମଣିଷ ହୁଏ, ମଣିଷ ଦେବତା ହୁଏ, କଣ୍ଠରେ ସଙ୍ଗୀତ ସ୍ଫୁରେ, ଅଧରରେ ହସ ଫୁଟେ, ଚକ୍ଷୁରେ ତଡ଼ିତ ଛୁଟେ । ସୁଖପାଇବା ସମାନ ସମାନଙ୍କ ମଧ୍ୟରେ ହୁଏ ।

ଏହି ସୁଖ ପାଇବା ଦୁଇ ଭାଗରେ ବିଭକ୍ତ—ପ୍ରେମ ଓ ପ୍ରୀତି । କେବଳ ସୁଖ ପାଇବା ପାଇଁ ଯେଉଁ ସୁଖ ପାଇବା ତାହାର ନାମ ପ୍ରେମ ଏବଂ ଯୌବନ ସୁଲଭ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଯେଉଁ ସୁଖପାଇବା ତାହାର ନାମ ପ୍ରୀତି । ପ୍ରେମ ଯେପରି ସୁନ୍ଦର ଓ ପବିତ୍ର, ସୁଖ ଓ ଶାନ୍ତିର ପଥ ପ୍ରଦର୍ଶକ, ଅପବିତ୍ର ପ୍ରୀତି ସେହିପରି ଦୁଃଖ ଓ ନରକର ହେତୁ । ପବିତ୍ର ପ୍ରଣୟ ଅତିଶୟ ଦୁର୍ଲ୍ଲଭ । ପରର ପ୍ରାଣ ନ ପାଇଲେ ଆଜି କାଲି ଆମେ ଆମର ପ୍ରାଣ ଦେବାକୁ ଇଚ୍ଛା କରୁନାହିଁ । ପାଠକେ ! ମୁଁ ନଦୀତୀରର ସାନ୍ଧ୍ୟ ସମୀରଣ ପାଇନାହିଁ, ତଟିନୀର କୁଳୁକୁଳୁ ଧ୍ୱନି ଶୁଣି ନାହିଁ, କୋକିଳର ଅସ୍ଫୁଟ କୂଜନ ମୋର କର୍ଣ୍ଣକୁହରରେ ପ୍ରବେଶ କରିନାହିଁ, ଶାରଦୀୟ ଉତ୍ସବରେ ଦୀପାବଳୀର ଉଜ୍ଜ୍ୱଳତା ମୁଁ ଦେଖି ନାହିଁ, ବଙ୍କିମଚନ୍ଦ୍ରଙ୍କ 'ବିଷବୃକ୍ଷର' ନଗେନ୍ଦ୍ର ସମୀପରେ କୁଳନନ୍ଦିନୀର କୁନ୍ଦଦନ୍ତର ଈଷତ୍ ବିକାଶ ବର୍ଣ୍ଣନା ପାଠ କରିନାହିଁ, ଉଷା ସମାଗମରେ ପ୍ରକୃତିର ନବ ମନୋମୁଗ୍ଧ-କର ସୌନ୍ଦର୍ଯ୍ୟ ଅବଲୋକନ ସୁଖ ଅନୁଭବ କରି ପାରିନାହିଁ । ଆଜି ତେଣୁ ସୁଖପାଇବାର ବ୍ୟାଖ୍ୟା ସୁଖରୁ ମୁଁ ବଞ୍ଚିତ ହେଲି ।

ସେ କି ଭାବ ? କୌଣସି କବି, ଦାର୍ଶନିକ, ବୈଜ୍ଞାନିକ, ନୈୟାୟିକ ଏ ପର୍ଯ୍ୟନ୍ତ ଠିକ୍ କରି ପାରିନାହାନ୍ତି । ଚିତ୍ରକର ଚିତ୍ର ଆଙ୍କି ସେ ଭାବ ଆଙ୍କି ପାରିବେ ନାହିଁ । କବି କବିତା ଭିତରେ ସେ ଭାବ ପ୍ରକାଶ କରି ପାରିବେ ନାହିଁ । ବକ୍ତା ବକ୍ତୃତା ଦ୍ୱାରା ସେ ଭାବ କାହାକୁ ବୁଝାଇ ପାରିବ ନାହିଁ । ଅତଏବ ପାଠକେ ! ମୁଁ ମଧ୍ୟ ସେ ଭାବ ଆପଣମାନଙ୍କୁ ବୁଝାଇବାକୁ ସକ୍ଷମ ହୋଇ ପାରିଲି ନାହିଁ ।

(ହଂସାଶ୍ରମରେ ଲିଖିତ 'ସୁଧାଂଶୁବାଳା' ଉପନ୍ୟାସର ୪ର୍ଥ ଓ ୧୧ଶ ପରିଚ୍ଛେଦରୁ ଗୃହୀତ, ପ୍ରକାଶକାଳ—୧୮୯୧ ଖ୍ରୀଷ୍ଟାବ୍ଦ)

୨—"ଆତ୍ମସୁଖ ପାଇଁ ଯାହା କରାଯାଏ, ତାହା ହିଁ ବନ୍ଧନର କାରଣ, ଆଉ ଈଶ୍ୱର ପ୍ରେମରେ ଅନୁଗତ ହୋଇ ତାଙ୍କର ପ୍ରୀତି ସମ୍ପାଦନ ଉଦ୍ଦେଶ୍ୟରେ ଯାହା କରାଯାଏ, ସେଥିରେ ପଦ୍ମପତ୍ରରେ ଜଳ ସଦୃଶ ଆସକ୍ତି ବା ପାପରେ ଲିପ୍ତ ହେବାକୁ ପଡ଼େ ନାହିଁ । ଭକ୍ତିଯୋଗର ଶ୍ରେଷ୍ଠାଧିକାରୀ କବିରାଜ ଗୋସ୍ୱାମୀ ଲେଖିଛନ୍ତି—

"ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାର ନାମ କାମ ।
କୃଷ୍ଣେନ୍ଦ୍ରିୟ ପ୍ରୀତି ଇଚ୍ଛା ଧରେ ପ୍ରେମ ନାମ ।।
କାମର ତାତ୍ପର୍ଯ୍ୟ ନିଜ ସମ୍ଭୋଗ କେବଳ ।
କୃଷ୍ଣସୁଖ—ତାତ୍ପର୍ଯ୍ୟ ମାତ୍ର ପ୍ରେମରେ ପ୍ରବଳ ।।"
—ଚୈତନ୍ୟ ଚରିତାମୃତ

ଆତ୍ମେନ୍ଦ୍ରିୟ ପରିତୃପ୍ତି ନିମିତ୍ତ ଯେଉଁ କାର୍ଯ୍ୟ କରାଯାଏ, ତାହାକୁ କାମ କହନ୍ତି । ଆଉ କୃଷ୍ଣ ଅର୍ଥାତ୍ ଈଶ୍ୱରେନ୍ଦ୍ରିୟ ପ୍ରୀତି ନିମିତ୍ତ ଯାହା କରାଯାଏ, ତାହାକୁ ପ୍ରେମ କହନ୍ତି । ସମସ୍ତ କାର୍ଯ୍ୟ ନିଜ ସମ୍ଭୋଗ ପାଇଁ ପ୍ରୟୋଗ ନ କରି କୃଷ୍ଣସୁଖ ତାତ୍ପର୍ଯ୍ୟରେ ପ୍ରୟୋଗ କଲେ ସେଥିରେ ଆଉ ଫଳାଫଳ ଭୋଗ କରିବାକୁ ହେବ ନାହିଁ । ପରର ଉପକାର କଲେ କାହାର ଆନନ୍ଦ ହୁଏ ତେଣୁ ସେ ପରୋପକାରୀ, ଦୁଃଖୀଙ୍କୁ ଖୁଆଇଲେ ଜଣକର ସୁଖ ହୁଏ ତେଣୁ ସେ ଦାତା; ଜଣେ ଖୁବ ନାମଯଶ ହେଲେ ସୁଖୀ ହୁଅନ୍ତି ତେଣୁ ସେ ଯାଗଯଜ୍ଞାଦି ବ୍ରତ ଉପବାସାଦି କରିଥାନ୍ତି । ଏମାନଙ୍କ ମଧ୍ୟରେ କାହାରି କାର୍ଯ୍ୟ କାମଗନ୍ଧଶୂନ୍ୟ ନୁହେଁ; ସବୁରି ମୂଳରେ ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ରହିଅଛି । କାରଣ ଏହିପରି କଲେ ମୋର ସୁଖ ହୁଏ, ତେଣୁ ମୁଁ ଏହା କରେ । ଭଗବାନ ସର୍ବଭୂତଙ୍କର ହୃଦୟରେ ଅଧିଷ୍ଠିତ । ତାଙ୍କରି ପ୍ରୀତି ସମ୍ପାଦନ ପାଇଁ ମୁଁ କର୍ମକରେ, ତାଙ୍କ ସେବାରେ ଆନନ୍ଦ ପାଏ, ତେଣୁ ତାଙ୍କର ସୁଖ ନିମନ୍ତେ ମୁଁ କାର୍ଯ୍ୟ କରେ । ସେ ସୌନ୍ଦର୍ଯ୍ୟ ସୁଖ ପାନ୍ତି; ଆମେ ରୂପର ଉତ୍କର୍ଷ ସାଧନ ନ କରିବା କାହିଁକି ? ସେ ଚନ୍ଦନ ଚୁଆ ସୁଖ ପାଇଥାନ୍ତି । ଆମେ ଲେଭେଣ୍ଡର ଇଉଡ଼ିକୋଲନ୍ ଅତର ବ୍ୟବହାର ନକରିବା କାହିଁକି ? ସେ ଫୁଲମାଳ ସୁଖ ପାଆନ୍ତି, ଆମେ ଚେନ୍, ମୁଦି ଲଗାଇଲେ

ଦୋଷ କଅଣ ? ତାଙ୍କର ଆନନ୍ଦ ହିଁ ଆମର ଆନନ୍ଦ, ଧନୀ, ଦରିଦ୍ର, ପଣ୍ଡିତ, ମୂର୍ଖ, କଣା, ଛୋଟା, ରୋଗୀ, ଭୋଗୀ—ଏମାନଙ୍କର ଉପକାର କଲେ ସେମାନଙ୍କର ଯେଉଁ ଆନନ୍ଦ ହୁଏ, ସେହି ଆନନ୍ଦର ପ୍ରତିଭାସ ହିଁ ମୋର ଆନନ୍ଦ । ମୋର ପୃଥକ୍ ଆନନ୍ଦ ଆଉ କଅଣ ? ଏହାର ନାମ ଈଶ୍ୱରାନନ୍ଦ । ଭଗବାନଙ୍କୁ ସୌନ୍ଦର୍ଯ୍ୟ ଉପଭୋଗ କରାଇ ଭଗବାନଙ୍କର ସେବା କରି ଯେଉଁ ଆନନ୍ଦର ପୂର୍ଣ୍ଣତମ ଭାବ, ତାହା ହିଁ ପ୍ରେମ । ଧର୍ମଜଗତର ଶ୍ରେଷ୍ଠ ମହାଜନ ଲେଖିଛନ୍ତି—

"ଆଉ ଏକ ଅଦଭୁତ ଗୋପୀଭାବର ସ୍ୱଭାବ ।
ବୁଦ୍ଧିର ଗୋଚର ନୁହ ଯାହାର ପ୍ରଭାବ ।।
ଗୋପୀଗଣ କରନ୍ତି ଯେ କୃଷ୍ଣ ଦରଶନ ।
ସୁଖବାଞ୍ଛା ନାହିଁ, ସୁଖ ହୁଏ କୋଟିଗୁଣ ।।
ଗୋପିକା ଦର୍ଶନେ କୃଷ୍ଣ ଯେ ଆନନ୍ଦ ପାଏ ।
ତହୁଁ ବଳି କୋଟିଗୁଣ ଗୋପୀ ଆସ୍ୱାଦଏ ।।
ସେମାନଙ୍କ ନାହିଁ ନିଜ ସୁଖ ଅନୁରୋଧ ।
ତଥାପି ବାଢ଼ଇ ସୁଖ—ପଡ଼ିଲା ବିରୋଧ ।।
ଏ ବିରୋଧର ଏକ ଅଟେ ଦେଖି ସମାଧାନ ।
ଗୋପିକାଙ୍କ ସୁଖ କୃଷ୍ଣସୁଖେ ପର୍ଯ୍ୟାବସାନ ।"

—ଚୈତନ୍ୟ ଚରିତାମୃତ

ଗୋପୀମାନଙ୍କର କୃଷ୍ଣ-ଦର୍ଶନରେ ସୁଖ ବାଞ୍ଛା ନାହିଁ; କିନ୍ତୁ କୃଷ୍ଣଙ୍କୁ ଦର୍ଶନ କରି ସେମାନଙ୍କର କୋଟିଗୁଣ ସୁଖର ଉଦୟ ହୁଏ । ଏହା ଗୋଟିଏ ବଡ଼ କଠିନ ବ୍ୟାପାର । ଏହାର ଭାବ ଅନୁଭବ କରିବା ପାଣ୍ଡିତ୍ୟ ବୁଦ୍ଧିର ସାଧ୍ୟାୟତ୍ତ ନୁହେଁ । ଗୋପୀମାନଙ୍କୁ ଦେଖି କୃଷ୍ଣଙ୍କର ଯେଉଁ ଆନନ୍ଦ ହୁଏ, ତାହା ଅପେକ୍ଷା ଗୋପୀମାନଙ୍କର କୋଟି ଗୁଣ ଅଧିକ ଆନନ୍ଦ ହୁଏ । କାହିଁକି ? ଗୋପୀମାନଙ୍କର ସୁଖ ଯେ କୃଷ୍ଣ ସୁଖରେ ପର୍ଯ୍ୟବସିତ । କୃଷ୍ଣ ସୁଖୀ ହୋଇଛନ୍ତି ଦେଖିଲେ ଗୋପୀମାନଙ୍କର ସୁଖ ଅର୍ଥାତ୍ ସେମାନଙ୍କର ସ୍ୱକୀୟ ଇନ୍ଦ୍ରିୟାଦିର ସୁଖସ୍ପୃହା ନାହିଁ; କୃଷ୍ଣ ସୁଖ ହିଁ ସେମାନଙ୍କର ସୁଖ ।

ଆହା କି ମଧୁର ଭାବ ! ଏଇଥିପାଇଁ ଗୋପୀଭାବ ଶ୍ରେଷ୍ଠ । କେତେଜଣ କାଣ୍ଡଜ୍ଞାନ ଶୂନ୍ୟ ବ୍ୟକ୍ତି ଏହି ନିର୍ମଳ ଭାବ ହୃଦୟଙ୍ଗମ କରି ନ ପାରି କଦର୍ଯ୍ୟ ଭାବରେ ଏହାର ବ୍ୟାଖ୍ୟା କରିଥାଆନ୍ତି ।

ତେଣୁ କହୁଥିଲି, କୃଷ୍ଣମୟ ସର୍ବଭୂତଙ୍କ ସୁଖରେ ସୁଖୀ ହେବାକୁ ହେବ । ଭଲ କାର୍ଯ୍ୟ କରୁଛି ବୋଲି ଆନନ୍ଦିତ ହେବାକୁ ହେବ ନାହିଁ । ମୋ କାର୍ଯ୍ୟରେ ବିଶ୍ୱରୂପ ଭଗବାନଙ୍କର ସୁଖ ହୋଇଛି ବୋଲି ମୋର ମଧ୍ୟ ସୁଖ । ସ୍ତ୍ରୀ-ପୁତ୍ରଙ୍କର, ଦେଶର, ସମାଜର ସେବା କରି ସେମାନଙ୍କର ଯେଉଁ ଆନନ୍ଦ, ତାହା ହିଁ ମୋର ଆନନ୍ଦ । ସମୁଦାୟ ଭୂତଙ୍କର, ସମୁଦାୟ ବିଶ୍ୱର ପ୍ରୀତି ଇଚ୍ଛା ସାଧନ ହିଁ ପ୍ରେମ । ଭୋଜନ, ବଳସଂଗ୍ରହ, ସୌନ୍ଦର୍ଯ୍ୟ ସଂରକ୍ଷଣ, ବସନ ଭୂଷଣ ପରିଧାନ ସମସ୍ତ ହିଁ ବିଶ୍ୱର ସର୍ବଭୂତଙ୍କର ପ୍ରୟୋଜନ ନିମିତ୍ତ । ଯେତେବେଳେ ଯେଉଁ କାର୍ଯ୍ୟରେ ଯାହା ପ୍ରୟୋଜନ, ସେହି କାର୍ଯ୍ୟରେ ତାହା ବିନିଯୋଗ କରିବାକୁ ହେବ । ସେ ସମସ୍ତ କରିବାକୁ ପଡ଼ିବ, ନ କଲେ ସର୍ବଭୂତର କାର୍ଯ୍ୟ କରିବି ବା କିପରି ? ବିଶ୍ୱକାର୍ଯ୍ୟରେ ଲାଗିବ ବୋଲି ତ ଦେହର ଏତେ ଯତ୍ନ ! କିନ୍ତୁ ଆସକ୍ତିର ଛାୟା ପଡ଼ିଲା ମାତ୍ରେ ତାହା ଆଉ ପ୍ରେମ ହେଲା ନାହିଁ । ଆସକ୍ତି ହିଁ କାମ । ଅତଏବ ଫଳଲାଭ ଆଶା ପରିତ୍ୟାଗ କରି, କେବଳ ଭଗବାନଙ୍କ ତୁଷ୍ଟି ସମ୍ପାଦନ ଉଦ୍ଦେଶ୍ୟରେ ଯେଉଁ କାର୍ଯ୍ୟ କରାଯାଏ, ତାହା ହିଁ ଶ୍ରେଷ୍ଠ ।"

(ଯୋଗୀଗୁରୁ, ପ୍ରକାଶ ସମୟ—୧୯୦୫ ଖ୍ରୀଷ୍ଟାବ୍ଦ)

ଗ—"ଯାହାଦ୍ୱାରା ଚିତ୍ତ ସର୍ବତୋଭାବରେ ନିର୍ମଳ ହୁଏ ଏବଂ ଯାହା ଅତି ମମତା ସମ୍ପନ୍ନ, ଏପରି ଯେଉଁ ଭାବ, ତାହା ଗାଢ଼ତା ପ୍ରାପ୍ତ ହେଲେ ପଣ୍ଡିତମାନେ ତାହାକୁ ପ୍ରେମ ବୋଲି କୀର୍ତ୍ତନ କରନ୍ତି ।

"ସମ୍ୟଙ୍ମସୃଣିତସ୍ୱାନ୍ତୋ ମମତ୍ୱାତିଶୟାଙ୍କିତଃ
ଭାବନା ଏବ ସାନ୍ଦ୍ରାତ୍ମା ବୁଧୈଃ ପ୍ରେମା ନିଗଦ୍ୟତେ ।"

(ଭକ୍ତିରସାମୃତ ସିନ୍ଧୁ)

ସାଧନ ଭକ୍ତି ଯାଜନ କରୁ କରୁ ରତି ହୁଏ, ସେହି ରତି ଗାଢ଼ ହେଲେ ତାହାକୁ ପ୍ରେମ କୁହାଯାଏ । ଏହି ପ୍ରେମକୁ ହିଁ ପ୍ରହ୍ଲାଦ, ଉଦ୍ଧବ, ଭୀଷ୍ମ, ନାରଦ ପ୍ରଭୃତି ଭକ୍ତମାନେ ଭକ୍ତି ବୋଲି କୀର୍ତ୍ତନ କରିଛନ୍ତି । ଅନ୍ୟପ୍ରତି ମମତା ପରିହାର ପୂର୍ବକ ଭଗବାନଙ୍କଠାରେ ଯେଉଁ ମମତା, ତାହାର ନାମ ପ୍ରେମ ।

ଏହି ପ୍ରେମଭକ୍ତି ଦୁଇ ଶ୍ରେଣୀରେ ବିଭକ୍ତ । ଗୋଟିଏ ଭାବରୁ ଜାତ, ଅପରଟି ଭଗବାନଙ୍କର ଏକାନ୍ତ ପ୍ରସନ୍ନତାରୁ ଉତ୍ପନ୍ନ ।

ଭକ୍ତିର ସାଧନା କରୁ କରୁ ପ୍ରଥମେ ଶ୍ରଦ୍ଧା, ତପରେ ସାଧୁସଙ୍ଗ, ତାହା ପରେ ଭଜନକ୍ରିୟା, ତଦନନ୍ତର ଅନର୍ଥନିବୃତ୍ତି, ତପରେ ନିଷ୍ଠା, ତାହାପରେ ରୁଚି, ତପରେ ଆସକ୍ତି, ତଦନନ୍ତର ଭାବ, ତାହାପରେ ପ୍ରେମ ଉଦିତ ହୋଇଥାଏ । ପ୍ରେମ ସଞ୍ଚାର ମାନେ ସ୍ତମ୍ଭନ, ସ୍ୱେଦ, ରୋମାଞ୍ଚ, ସ୍ୱରଭେଦ, କମ୍ପନ, ବୈବର୍ଣ୍ଣ୍ୟ, ଅଶ୍ରୁ ଓ ପ୍ରଳୟ—ଏହି ଆଠପ୍ରକାର ସାତ୍ତ୍ୱିକ ଭାବର ବିକାଶ ହୁଏ ।

ଯେପରି ବୀଜ କ୍ରମେ ଆଖୁ, ରସ, ଗୁଡ଼, ଖଣ୍ଡ ଶର୍କରା, ମିଶ୍ରି ଓ ଉତ୍କୃଷ୍ଟ ମିଶ୍ରିରେ ପରିଣତ ହୋଇ ଅଧିକତର ନିର୍ମଳ ଓ ସୁସ୍ୱାଦୁ ହୁଏ, ସେହିପରି ସମର୍ଥା ରତି ମଧ୍ୟ ପ୍ରେମ ବିଳାସରେ କ୍ରମେ ପରିପକ୍ୱ ହୋଇ ସ୍ନେହ, ମାନ, ପ୍ରଣୟ, ରାଗ, ଅନୁରାଗ ଓ ଭାବରେ ପର୍ଯ୍ୟବସିତ ହୋଇଥାଏ । ସ୍ନେହଠାରୁ ଆରମ୍ଭ କରି ଭାବ ପର୍ଯ୍ୟନ୍ତ ଏହି ଷଟ୍‌ପ୍ରେମ ବିଳାସକୁ ପଣ୍ଡିତମାନେ ପ୍ରାୟଶଃ ପ୍ରେମ ବୋଲି କୀର୍ତ୍ତନ କରିଥାନ୍ତି ।

ସମସ୍ତ ପ୍ରକାର ଭାବ ସହିତ, ସବୁ ପ୍ରକାର ବୃତ୍ତି ସହିତ, ସବୁ ପ୍ରକାର ବାସନା ସହିତ, ସବୁ ପ୍ରକାର କାମନା ସହିତ ଏବଂ ସମୁଦାୟ ଜ୍ଞାନ ସହିତ ଈଶ୍ୱରଙ୍କଠାରେ ଅନୁରକ୍ତି ହିଁ ପ୍ରେମ ଭକ୍ତି । ଭକ୍ତି ଅନୁଶୀଳନରୁ ପ୍ରେମର ଉତ୍ପତ୍ତି ହୁଏ ଓ ପ୍ରେମର ଉଦୟ ହେଲେ ଜୀବ ଜୀବନ୍ମୁକ୍ତ ଅବସ୍ଥା ଲାଭ କରେ ।

ପତ୍ନୀ ଯେପରି ପତିଙ୍କୁ ସୁଖ ପାଏ, କାନ୍ତ ଉପରେ କାନ୍ତାର ଯେପରି ଅନୁରାଗ, ଭଗବାନଙ୍କୁ ସେହିପରି ଭାବରେ ସୁଖ ପାଇବାର ନାମ ମଧୁର ଭାବ । ସବୁପ୍ରକାର ଭାବ ମଧ୍ୟରେ ଏହି ଭାବ ଶ୍ରେଷ୍ଠ ।

ପ୍ରେମ-ସଞ୍ଚାର ମାତ୍ରକେ ମାନବର ସମସ୍ତ ପ୍ରକୃତି ଅପରିବର୍ତ୍ତିତ ହୋଇଯାଏ, ଅନ୍ତରରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି ହୋଇଥାଏ । ଏହି ପ୍ରେମ ମାନବର ପ୍ରତି ପରମାଣୁ ମଧ୍ୟ ଦେଇ ସଞ୍ଚାରିତ ହେବା ଫଳରେ ଭକ୍ତମାନଙ୍କୁ ଏହା ପାଗଳ କରିପକାଏ । ନିଜ ପ୍ରକୃତିର ବିସ୍ମରଣ ହୋଇ-ଯାଏ । ପ୍ରକୃତ ସତୀ ନାରୀର ପ୍ରେମ ହିଁ ଯଥାର୍ଥ ଆତ୍ମତ୍ୟାଗ । ସତୀନାରୀ ସ୍ୱାମୀ ପ୍ରେମରେ ମଗ୍ନ ହୋଇ ଜ୍ୱଳନ୍ତ ଚିତାରେ ଶୟନ କରେ । ପ୍ରେମରେ ଆତ୍ମହରା ହୋଇ କେବଳ ବାଞ୍ଛିତଙ୍କ ଭାବନାରେ ତାହାର ହୃଦୟ ପରିପୂର୍ଣ୍ଣ ହୋଇଯାଏ, ନିଜକୁ ଭୁଲିଯାଇ ସର୍ବସ୍ୱ ବିସର୍ଜନ ଦେଇ ପତ୍ନୀ ପତିଙ୍କର ପୂଜା କରିଥାଏ । ସ୍ୱାମୀଙ୍କ ପ୍ରୀତି ନିମିତ୍ତ ତାହାର ଜୀବନ-ଯୌବନ-ରୂପ-ରସ, ଆହାର ବିହାର ଯାହା କିଛି ଅଛି ସେ ସମସ୍ତ ବ୍ୟୟିତ ହୁଏ, ତାହାର ସବୁ ଅଳି ଅଭିମାନ, ତାହାର ଧର୍ମ-କର୍ମ ସମସ୍ତ ହିଁ ସ୍ୱାମୀଙ୍କ ନିମିତ୍ତ ଉଦ୍ଦିଷ୍ଟ ହୁଏ । ଏଭଳି ହୃଦୟ-ହୃଦୟ ମଧ୍ୟରେ ପ୍ରାଣ-ପ୍ରାଣ ମଧ୍ୟରେ, ଅଙ୍ଗ-ଅଙ୍ଗ ମଧ୍ୟରେ, ଅଣୁ ପରମାଣୁ ଭିତରେ ସମ୍ବନ୍ଧ ଅନ୍ୟତ୍ର ଦୃଷ୍ଟିଗୋଚର ହୁଏ ନାହିଁ । ସ୍ତ୍ରୀ ସ୍ୱାମୀଙ୍କ ଛାୟା ସଦୃଶ, କାୟା ଯେଉଁ କାର୍ଯ୍ୟରେ ରତ ଛାୟା ମଧ୍ୟ ତାହା କରିଥାଏ । ସ୍ୱାମୀ ଯେଉଁଥିରେ ସୁଖୀ, ସ୍ତ୍ରୀ ସର୍ବାନ୍ତଃକରଣରେ ତାହାହିଁ କରିଥାଏ । ମୁହୂର୍ତ୍ତିକ ପାଇଁ ବିରହ ମଧ୍ୟ ତା ଅନ୍ତରରେ ଅନନ୍ତ ଯାତନା ପ୍ରଦାନ କରିଥାଏ । ମୁହଁରେ ସାମାନ୍ୟ ଟିକିଏ ଅବହେଳାର ଭାବ ପ୍ରକାଶ ପାଇଲେ ପ୍ରାଣରେ ପ୍ରଳୟ ଅଗ୍ନି ସଦୃଶ ବ୍ୟଥା ସୃଷ୍ଟି ହୋଇଥାଏ । ଡାକିଲା ମାତ୍ରେ ଉତ୍ତର ନ ପାଇଲେ ସେ ଚକ୍ଷୁ ମୁଦ୍ରିତ କରିଦିଏ ଓ ମଥା ଅବନତ କରି ବସିରହେ । ଅନ୍ୟ ସହିତ ହାସ ପରିହାସ କରିବାର ଦେଖିଲେ ଅଭିମାନ ଅନଳରେ ଦଗ୍ଧ ହୋଇଥାଏ । ମୁହୂର୍ତ୍ତି ମାତ୍ରକ ବିରହରେ ଜଗତ୍ ଶୂନ୍ୟ ବୋଧହୁଏ, ଅନ୍ତରରେ ଦାରୁଣ ବିରହାଗ୍ନି ଜଳି ଉଠେ, ପ୍ରାଣ ଉଚ୍ଛନ୍ନ ହୋଇପଡ଼େ, 'ପ୍ରିୟତମ କାହାନ୍ତି' ବୋଲି ପ୍ରାଣର

ଆବେଗରେ ପାଗଳିନୀ ପରି କାନ୍ଦି ବୁଲେ । ଏହିଭଳି ସ୍ତ୍ରୀର ସ୍ନେହ ମମତା, ଏହିଭଳି ସ୍ତ୍ରୀର ପ୍ରେମସମ୍ଭ ଭଗବାନଙ୍କୁ ସୁଖ ପାଇପାରିଲେ, ତଦନୁରୂପ ପ୍ରେମ ତାଙ୍କଠାରେ ଅର୍ପଣ କରିପାରିଲେ, ଜୀବ ତାଙ୍କୁ ସହଜରେ ଲଭ କରିଥାଏ । ସେଥିପାଇଁ ଅନ୍ୟାନ୍ୟ ଭାବଠାରୁ ମଧୁର ଭାବ ଶ୍ରେଷ୍ଠ ।

ଭଗବାନଙ୍କଠାରେ କାମଗନ୍ଧଶୂନ୍ୟ ଯେଉଁ ଅନୁରକ୍ତି, ତାହାର ନାମ ପ୍ରେମ । ଯେଉଁଠାରେ ଏହି ଭାବ ଅଛି, ସେହିଠାରେ ପ୍ରେମ ଅଛି ବୋଲି ଜାଣିବ । ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛାର ନାମ କାମ । ଅତଏବ ଆତ୍ମେନ୍ଦ୍ରିୟ ପ୍ରୀତିଇଚ୍ଛା ପରିଶୂନ୍ୟ ହୋଇ ଯାହାଙ୍କଠାରେ ଅନୁରକ୍ତ ହେବ ତାଙ୍କରି-ଠାରେ ପ୍ରେମ ଜାତ ହେବ । ମୁଁ ତାଙ୍କୁ ସୁଖ ପାଏ ତେଣୁ ତାଙ୍କର ଯେତେ କର୍ମ ସେ ସମସ୍ତ ମୋ ପକ୍ଷରେ ଶ୍ରେଷ୍ଠ, ସେ ସୁନ୍ଦର ରୂପକୁ ସୁଖ ପାଆନ୍ତି; ତେଣୁ ମୁଁ ରୂପର ଉତ୍କର୍ଷ ସାଧନ କରିବି ନାହିଁ କାହିଁକି ? ସେ ଫୁଲ-ମାଳାକୁ ସୁଖ ପାଆନ୍ତି, ତେଣୁ ବନଭ୍ରମଣ କରି ମୁଁ ଏତେ ଫୁଲ ତୋଳିବାର ଆୟୋଜନ କରୁଛି ଏବଂ ମାଳା ଗୁନ୍ଥୁଛି ।

ଭଗବାନଙ୍କଠାରେ ଉପରୋକ୍ତ ଭାବରେ ପ୍ରେମପ୍ରୀତି ଜାତ ହେଲେ, ଫୁଲ ଫୁଟିଲେ, ମଳୟ ବହିଲେ, ସୁବାସ ମହକିଲେ, କୋକିଳ ଡାକିଲେ, ଭ୍ରମର ଗୁଞ୍ଜନ କଲେ, ସେହି ପ୍ରିୟତମଙ୍କ ଶ୍ରୀମୁଖ ମନରେ ଉଦିତ ହୁଏ । ପୁଣି ମେଘର ଗର୍ଜନରେ, ବିଦ୍ୟୁତର ଚମକରେ, ଅମାବାସ୍ୟାର ଗାଢ଼ ଅନ୍ଧକାରରେ, ହତାଶାର ଦୀର୍ଘ ଶ୍ୱାସରେ, ଦରିଦ୍ରର ଆକୁଳ କ୍ରନ୍ଦନରେ ତାଙ୍କର ସ୍ମରଣ ହୁଏ ଏବଂ ସବୁ ତାଙ୍କର ବିଭୂତି ବୋଲି ଧାରଣା ଜାତ ହୁଏ । ଏମାନଙ୍କର ସେବା ମଧ୍ୟ ତାଙ୍କରି ସେବା ମଧ୍ୟରେ ଗଣ୍ୟ ହୁଏ । ପ୍ରେମ ଜାତ ହେଲେ ମନୁଷ୍ୟର ସମସ୍ତ ବୃତ୍ତି ତାଙ୍କର ଆଶ୍ରିତ ହୋଇଯାଏ । ଭକ୍ତ ସେତେବେଳେ ତଦ୍‌ଗତ ଚିତ୍ତରେ କହନ୍ତି—ମୁଁ ଜ୍ଞାନ ଚାହେଁ ନାହିଁ, କିଛି ଚାହେଁ ନାହିଁ, ମୁକ୍ତି ବା ସାଲୋକ୍ୟାଦି କିଛି ମାତ୍ର ଚାହେଁ ନାହିଁ, କେବଳ ମୁଁ ତୁମକୁ ହିଁ ଚାହେଁ । ତୁମେ ମୋ ପ୍ରାଣର ପ୍ରାଣ, ତୁମେ ଯେ ବିଶ୍ୱର ପ୍ରାଣ, ତୁମେ ଆସ, ମୋ ହୃଦୟ-ନିକୁଞ୍ଜରେ ଉଦିତ ହୁଅ । ଥରେ ମୋତେ 'ମୋର' ବୋଲି ସମ୍ବୋଧନ କର ।

ମନର ଠିକ ଏହି ଅବସ୍ଥାର ନାମ ପ୍ରେମ । କିନ୍ତୁ ନିଜକୁ କ୍ଷୁଦ୍ର, ହୀନ, ସାନ୍ତ ଓ ଈଶ୍ୱରଙ୍କୁ ବିରାଟ, ବିପୁଳ ଓ ଅନନ୍ତ ଏପରି ଧାରଣା କଲେ ସେ ଭକ୍ତଙ୍କଠାରୁ ଦୂରରେ ରହନ୍ତି । ଫଳରେ ତାଙ୍କ ସହିତ ପ୍ରେମ-ପ୍ରୀତି ସମ୍ବନ୍ଧ ସ୍ଥାପିତ ହୋଇପାରେ ନାହିଁ । ତାଙ୍କ ଉପରେ ଭକ୍ତଙ୍କର ଏକାତ୍ମ ଭାବ, ମାନ, ଅଭିମାନ, ଆଦର ସୁଆଗର ଗୁସ୍ସା ପ୍ରଭୃତି ଓତପ୍ରୋତ ଭାବ ନ ଥିଲେ ପ୍ରେମର ସ୍ଫୁର୍ତ୍ତି ହୋଇପାରେ ନାହିଁ । ଯଶୋଦା ଦେବୀଙ୍କର ଶାସନ, ନନ୍ଦରାଜାଙ୍କର ଭାର୍ ବହନ, ଗୋପବାଳକମାନଙ୍କର ଉଚ୍ଛିଷ୍ଟ ଭକ୍ଷଣ ଓ ସେମାନଙ୍କୁ ସ୍କନ୍ଧରେ ବହନ ଏବଂ ଗୋପବାଳାମାନଙ୍କର ପଦଧରି ମାନ-ଭଞ୍ଜନ ପ୍ରଭୃତି ସମସ୍ତ ହିଁ ବ୍ରଜଭାବ ଲୁବ୍ଧ ଭକ୍ତଙ୍କର ପରମ ଆଦର୍ଶ । ମହିମଜ୍ଞାନରେ ପ୍ରେମ ସଙ୍କୁଚିତ ହୁଏ । ଭାବାନୁଯାୟୀ ଭଗବାନଙ୍କୁ ଆତ୍ମସମ ବା ନିଜଠାରୁ ଶ୍ରେଷ୍ଠ ବୋଲି ଭାବି ନ ପାରିଲେ ପ୍ରେମ ଲାଭ ହୋଇପାରେ ନାହିଁ । ତେଣୁ ଗୋପୀଭାବର ଆଦର୍ଶ ଧରି ପ୍ରେମର ସାଧନା କରିବାକୁ ହେବ । ପ୍ରେମର ସାଧନା ହିଁ ଶ୍ରେଷ୍ଠ ସାଧନା । ପ୍ରେମବଶରେ ଭଗବାନ ଆକୃଷ୍ଟ ହୋଇଥାନ୍ତି । ସେହି ପ୍ରେମ ଆକର୍ଷଣରେ ସେ ସ୍ଥିର ରହିପାରନ୍ତି ନାହିଁ । ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ପ୍ରଭୃତି ଭାବ ସାଧନାରେ ଭଗବାନ ତାହାର ପ୍ରତିଦାନ ଦେଇପାରନ୍ତି; କିନ୍ତୁ ଗୋପୀପ୍ରେମର ପ୍ରତିଦାନ ସେ ଦେଇ ପାରନ୍ତି ନାହିଁ । ମୁଁ ତୁମକୁ ସୁଖ ପାଏ, ତୁମ ବ୍ୟତୀତ ଅନ୍ୟ କିଛି ମୁଁ ଜାଣେ ନାହିଁ—ଏଥିରେ କଅଣ ବା ପ୍ରାର୍ଥନା ଅଛି ? ପ୍ରାର୍ଥନା ନ ଥିଲେ ପୂରଣ କରିବେ ବା କ'ଣ ? ପ୍ରତିଦାନ ଦେବେ ବା କିପରି ? ଭକ୍ତ କେବଳ ଭଗବାନଙ୍କୁ ହିଁ ଗ୍ରହାନ୍ତି । ତେଣୁ ଦେବାକୁ ହେଲେ ନିଜକୁ ହିଁ ଦେବାକୁ ପଡ଼େ । ଏଥିପାଇଁ ଭଗବାନ ଗୋପୀପ୍ରେମ ନିକଟରେ ଋଣୀ ।

କିନ୍ତୁ ଭଗବାନଙ୍କ ସହିତ ପ୍ରେମ ସମ୍ବନ୍ଧ ସ୍ଥାପନ କରିବା ଅତିଶୟ କଠିନ ସମସ୍ୟା । କାରଣ ତାଙ୍କୁ ସୁଖ ପାଇଲେ ଅନ୍ୟ ସମସ୍ତ ସୁଖ ଭୁଲି-ଯିବାକୁ ହେବ । ଧର୍ମାଧର୍ମ, ଭଲମନ୍ଦ, ଜାତିକୁଳ, ସୁଖଦୁଃଖ ସମସ୍ତ ଭୁଲି ତାଙ୍କଠାରେ ଆତ୍ମସମର୍ପଣ କରିବାକୁ ପଡ଼ିବ । କିନ୍ତୁ ଭଲମନ୍ଦ କେବଳ ତ୍ୟାଗ କରିଦେଲେ ଚଳିବ ନାହିଁ । ଭଲମନ୍ଦ ଜ୍ଞାନ ଥିଲେ ପ୍ରେମ ହୁଏ

ନାହିଁ । ଶାସ୍ତ୍ର ଯାହା କହେ, ସମାଜ ଯାହା କହେ ଓ ଜନସାଧାରଣ ଯାହା କହନ୍ତି, କରନ୍ତି, ସେ ବିଷୟକୁ କର୍ଣ୍ଣପାତ କଲେ, ଭଗବତ୍ ପ୍ରେମ କେବେ-ହେଲେ ଲାଭ ହୋଇ ପାରିବ ନାହିଁ । ଭଗବାନ ଯେଉଁଥିରେ ସୁଖୀ ହୁଅନ୍ତି, ସେହିଭଳି କର୍ମ କରିବାକୁ ପଡ଼ିବ । ବିଧିନିଷେଧ ମାନି ଚଳିଲେ କ'ଣ ପ୍ରେମ ହୋଇ ପାରିବ ? ପ୍ରେମଭକ୍ତି ତଦନୁରକ୍ତିର ବିକାଶ । ନିଜକୁ ଭୁଲିଯାଇ, ଧର୍ମକର୍ମ, ଜାତିକୁଳମାନଙ୍କୁ ଜଳାଞ୍ଜଳି ଦେଇ ବାଞ୍ଛିତଙ୍କର ଅନୁସରଣ କରିବା ହିଁ ପ୍ରେମଭକ୍ତି । ଏହି ଭାବ କେବଳ ଗୋପୀମାନଙ୍କଠାରେ ବିଦ୍ୟମାନ ଥିଲା । ସେଥିନିମିତ୍ତ ଭଗବତ୍ ଆରାଧନାରେ ଗୋପୀଭାବ ଶ୍ରେଷ୍ଠ ।''

(ପ୍ରେମିକ ଗୁରୁ'—ପ୍ରକାଶ ସମୟ ୧୯୧୦ ମସିହା)

୪—''ପ୍ରେମ ବଡ଼ ଉଚ୍ଚ କଥା । ଯାହାଙ୍କୁ ପ୍ରେମ କରନା କାହିଁକି, ପ୍ରେମ ଯଦି ପବିତ୍ର ଓ ଅକପଟ ହୁଏ ତାହାହେଲେ ଉପଯୁକ୍ତ ସମୟରେ ପ୍ରେମର ପାତ୍ରକୁ ଠେଲି ଦେଇ ଭଗବାନ ଆସି ସେ ସ୍ଥାନରେ ଉପସ୍ଥିତ ହେବେ । ଅହଂତ୍ୱକୁ ଭୁଲି ପ୍ରେମର ପାତ୍ରକୁ ତନ୍ମୟ ହୋଇ ପ୍ରେମ କରିବାକୁ ହିଁ ପ୍ରେମ କୁହାଯାଏ । ପ୍ରେମ ଓ କାମ ମଧ୍ୟରେ ବାହ୍ୟତଃ ବିଶେଷ ପାର୍ଥକ୍ୟ ନ ଥିଲେ ମଧ୍ୟ ସ୍ୱରୂପତଃ ଉଭୟ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ବିଦ୍ୟମାନ ।

''କାମ ବୋଲି ଯାହା କହନ୍ତି ଜଗତେ
ତାହା ଆତ୍ମେନ୍ଦ୍ରିୟ ପ୍ରୀତି
କୃଷ୍ଣେନ୍ଦ୍ରିୟ ପ୍ରୀତି ବୋଲି ନାମ ଯାର
ସେହି ଏକା ପ୍ରେମ ଖ୍ୟାତି ।

ଅର୍ଥାତ୍ ତୁମେ ଯାହାକୁ ପ୍ରେମ କର, ସେ ପ୍ରେମ ଯଦି ତୁମର ସୁଖ ପାଇଁ ହୋଇଥାଏ ତାହାହେଲେ ତାକୁ 'କାମ' ବୋଲି ଆଖ୍ୟା ଦିଆଯିବ । କିନ୍ତୁ ତୁମେ ଯାହାକୁ ପ୍ରେମ କରୁଛ, ସେ ପ୍ରେମ ଯଦି ତୁମ ସୁଖ ପାଇଁ ନ ହୋଇ କେବଳ ତାଙ୍କ ସୁଖ ପାଇଁ ହୋଇଥାଏ ତେବେ ତାହାକୁ ହିଁ ପ୍ରେମ ଆଖ୍ୟା ଦିଆଯିବ । ଫଳରେ ପ୍ରେମ ଭିତରେ କଣିକାଏ ହେଲେ ସ୍ୱ ସୁଖକର

ଇଚ୍ଛା ରହିଲେ ତାହା ପ୍ରେମ ନୁହେଁ, କାମ ମାତ୍ର । ପ୍ରେମ ଅକପଟ ହେଲେ କପଟ ପ୍ରେମପାତ୍ରକୁ ଠେଲି ଦେଇ ଭଗବାନ ଆସି ଉପସ୍ଥିତ ହୁଅନ୍ତି, ତାର ଦୃଷ୍ଟାନ୍ତ ବିଲ୍ୱମଙ୍ଗଳ । ବିଲ୍ୱମଙ୍ଗଳ ସମସ୍ତ ମନ ପ୍ରାଣ ଦେଇ ଚିନ୍ତାମଣିଙ୍କୁ ପ୍ରେମ କରୁଥିଲେ । ପ୍ରେମରେ ବିଲ୍ୱମଙ୍ଗଳ ସିଦ୍ଧ ହୋଇଥିଲେ । କେବଳ ସାମାନ୍ୟ ଆବରଣ ଥିଲା ମାତ୍ର । ଚିନ୍ତାମଣିଙ୍କର ତିରସ୍କାରରେ ସେ ଆବରଣ ଅପସୃତ ହେଲା । ଏହି ଭାବରେ ଚିନ୍ତାମଣିଙ୍କୁ ଘୁଞ୍ଚାଇ ଦେଇ ଭଗବାନ ଶ୍ରୀକୃଷ୍ଣ ଆସି ବିଲ୍ୱମଙ୍ଗଳଙ୍କ ହୃଦୟ ଅଧିକାର କରି ବସିଲେ । ସାଧାରଣତଃ ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମ ହୋଇଥାଏ । ଅନେକ ସ୍ଥଳରେ ସେ ପ୍ରେମ ଭିତରେ କାମଜ ମୋହ ରହିଥାଏ । କିନ୍ତୁ ଯଦି ପୁରୁଷ-ପୁରୁଷ ମଧ୍ୟରେ, ସ୍ତ୍ରୀ-ସ୍ତ୍ରୀ ମଧ୍ୟରେ ପ୍ରେମ ହୁଏ, ତାହାହେଲେ ସେହି ପ୍ରେମ ବିଶୁଦ୍ଧ ଭାବରେ ହିଁ ହେବାର କଥା ।

ଆଜିକାଲି କାହାକୁ ଯଦି କେହି ଟିକିଏ ସୁଖ ପାଆନ୍ତି, ତେବେ ସେ ଲୋକଙ୍କ ନିକଟରୁ ପ୍ରଶଂସା ପାଇବା ଆଶାରେ ଏହି କଥା କହି ବୁଲନ୍ତି । ଏହାକୁ କିଣ ପ୍ରେମ କହନ୍ତି ? ପ୍ରକୃତରେ ଯେ ପ୍ରେମ କରି ଜାଣନ୍ତି, ସେ ଯାହାକୁ ପ୍ରେମ କରିବେ ସେ କଥା ତାହାଙ୍କୁ ବା ଅନ୍ୟ କାହାକୁ ଜଣାଇବେ ନାହିଁ । ଯଦି କୌଣସି ଯୁବକ କୌଣସି ଯୁବତୀକୁ ପ୍ରକୃତରେ ପ୍ରେମ କରନ୍ତି ଏବଂ ସେହି ଯୁବତୀର ଯଦି ଅନ୍ୟ କୌଣସି ଯୁବକ ସହିତ ବିବାହ ହୁଏ, ତାହାହେଲେ ସେହି ଯୁବକ ସେହି ସ୍ୱାମୀ-ସ୍ତ୍ରୀଙ୍କ ମିଳନ ଦେଖି ଆନନ୍ଦରେ ଆତ୍ମହରା ହୋଇଯିବେ । ସେହି ସ୍ୱାମୀ-ସ୍ତ୍ରୀ ଯେପରି ସୁଖୀ ହୋଇପାରନ୍ତି, ସେ ପ୍ରାଣପଣ ସେହିପରି ଚେଷ୍ଟା କରିବେ । ଏହାକୁ ହିଁ ପ୍ରକୃତ ପ୍ରେମ କୁହାଯାଏ ।

('ଶ୍ରୀ ଶ୍ରୀ ନିଗମାନନ୍ଦ କଥାମୃତ'—ସ୍ୱାମୀ ପ୍ରେମାନନ୍ଦ ସରସ୍ୱତୀ)

୫—"ପ୍ରେମଭକ୍ତି ପଥରେ ଭଗବାନଙ୍କୁ ପାଇବାକୁ ହେଲେ ଦୁଃଖ-ଜ୍ୱାଳା-ଯନ୍ତ୍ରଣା ସହ୍ୟ କରିବାକୁ ହେବ । କ୍ରମଶଃ ସଂସାର ବିଷବତ୍ ବୋଧ ହେବ; ସବୁ ସୁଖପାଇବା ତାଙ୍କର ଦାଗକୁ ଯିବ । କାର୍ଯ୍ୟତଃ ସଂସାରର କୌଣସି ବସ୍ତୁରେ ଆଉ ତୃପ୍ତି ମିଳିବ ନାହିଁ । ଚିତ୍ତ ଏକମୁଖୀ ହୋଇ

କେବଳ ଜଣକ ଆଡ଼କୁ ଧାବିତ ହେବ । ଆଉ ତାଙ୍କ ପାଇଁ ପ୍ରାଣ ଛିନ୍ନକଣ୍ଠ କପୋତ ପରି ଛଟ୍‌ପଟ୍ ହେବ, ତେବେ ଯାଇ ସିନା ତାଙ୍କ ପ୍ରେମଲାଭ ହେବ ?...ବ୍ୟାକୁଳତା ଆକୁଳତା ·ଯେ ତାଙ୍କୁ ପାଇବାର ଏକମାତ୍ର ପଥ । ଏହି ବିରହାଗ୍ନିରେ ମାନବଚିତ୍ତ ଯେ ପରିମାଣରେ ଦଗ୍ଧ ହେବ, ସେହି ପରିମାଣରେ ଭାବମୟ ଦେହ ପୁଷ୍ଟ ହେବ, ଭାବମୟ ଦେହ ପରିଣତ ହେଲେ କୃଷ୍ଣ ସଙ୍ଗସୁଖ ଲାଭ ହୁଏ ଏବଂ ଅନ୍ତିମରେ ପ୍ରେମସେବୋତ୍ତର ଗତି ହୋଇଥାଏ ।

(ଠାକୁରଙ୍କ ଚିଠି ୨।୨)

"ପ୍ରେମ ଭଗବାନଙ୍କର ସ୍ୱରୂପ । ପ୍ରେମ ସ୍ୱର୍ଗର ବସ୍ତୁ । ସେହି ପ୍ରେମ ଲାଭ କରିବା ବଡ଼ କଠିନ କଥା । ଥରେ ସେହି ପ୍ରେମରେ ମଜ୍ଜିଲେ, ସେଥିରେ ତନ୍ମୟ ହେଲେ ସଂସାର ହୋଇଉଠେ ସୁଖର ଆଗାର, ନନ୍ଦନ-କାନନ । ପ୍ରେମର ଉତ୍ସ ଭଗବାନଙ୍କର ବଂଶୀବାଣୀ । ସେହି ଉତ୍ସ ଧରି ସେହି ଉତ୍ସରେ ପ୍ରାଣମନ ସମର୍ପଣ କରିଦେଲେ, ଶରୀର ଭସାଇ ଦେଲେ ଭଗବାନଙ୍କର ସାକ୍ଷାତ୍କାର ଲାଭ ଅତି ସହଜ ହୋଇଥାଏ । ଭକ୍ତିର ଉନ୍ନତ ଅବସ୍ଥା ହିଁ ପ୍ରେମ । ଏକେ ତ ଭକ୍ତିଲାଭ କରିବା ସୁକଠିନ, ପ୍ରେମଲାଭ କରିବା ତ ଆହୁରି କଠିନ କଥା । ତେବେ ସେ ପ୍ରେମ କ'ଣ ସଂସାରରେ କେହି ଲାଭ କରିପାରନ୍ତି ନାହିଁ । ନିଶ୍ଚୟ ପାରନ୍ତି । ତାଙ୍କର ଇଚ୍ଛାରେ ହିଁ ସବୁ ହୁଏ ।

ପୂର୍ବ ପୂର୍ବଜନ୍ମର ବହୁ ପୁଣ୍ୟ ଫଳରେ, ବହୁ ତପସ୍ୟା ବଳରେ ପ୍ରେମ ଲାଭ ହୁଏ । ପ୍ରେମ ହିଁ ଭଗବାନଙ୍କର ଆଶୀର୍ବାଦ ।

ବିଂଶ ଶତାବ୍ଦୀର ନବ ଆଲୋକରେ ଉଦ୍ଭାସିତ ଯୁବକଗଣ ପ୍ରେମକୁ ଅପବିତ୍ର ଭାବରେ ଗ୍ରହଣ କରି ତାହାକୁ ଅତିଶୟ ନିନ୍ଦନୀୟ ଭାବରେ ହାସ୍ୟରସ କଥାରେ ବ୍ୟବହାର କରିଥାନ୍ତି । ଯେଉଁ ପ୍ରେମ ଭଗବାନଙ୍କର ସ୍ୱରୂପ ବୋଲି ଆଖ୍ୟାତ, ଯାହା ପ୍ରତ୍ୟେକ ଅବତାରଙ୍କର ଅଙ୍ଗର ଭୂଷଣ, ହୃଦୟର ଧନ, ଯେଉଁ ପ୍ରେମ ଜଗତରେ ଅତୁଳନୀୟ, ମହାମୂଲ୍ୟ ଧନ ସେହି

ପ୍ରେମକୁ ବ୍ୟଙ୍ଗବଦ୍ରୂପରେ ବିକୃତ କରି ବ୍ୟବହାର କରିବା କ'ଣ ସମୀଚୀନ ।

ଯେଉଁ ପ୍ରେମସିନ୍ଧୁର ସାମାନ୍ୟ ବିନ୍ଦୁ ଲାଭ କରିବା ନିମିତ୍ତ ସହସ୍ର ସହସ୍ର ସାଧକ ମଥା ପିଟି କାନ୍ଦିଥାନ୍ତି, ଯେଉଁ ମଧୁର ଗୋପୀଭାବ ନିମିତ୍ତ ଶ୍ରୀ ଚୈତନ୍ୟ ଦେବ, ଭଗବାନ ରାମକୃଷ୍ଣ ପ୍ରଭୃତି କଳିର ଅବତାରଗଣ ଆକୁଳ ଭାବରେ କେତେ ଯେ କ୍ରନ୍ଦନ କରିଛନ୍ତି ସେହି ଅପୂର୍ବ ଗୋପୀଭାବକୁ ଆଧୁନିକ ଶିକ୍ଷିତ ସମାଜ କିଭଳି ଅଶ୍ଳୀଳ, କୁରୁଚିପୂର୍ଣ୍ଣ ଦୃଷ୍ଟିରେ ଦର୍ଶନ କରୁଛନ୍ତି ଭାବିଲେ ବିସ୍ମିତ ହେବାକୁ ପଡ଼େ । କିନ୍ତୁ ସେଥିରେ ପ୍ରକୃତ ପ୍ରେମର କୌଣସି ବିକୃତି ଘଟିବ ନାହିଁ । ପ୍ରେମ ପ୍ରେମ ହିଁ ରହିବ । ପ୍ରେମର ଇତର ବିଶେଷ ନାହିଁ, ନିଜର କୌଣସି ସଂଜ୍ଞା ନାହିଁ । ଯେ ଯେତେ ଉନ୍ନତ ସେ ପ୍ରେମକୁ ସେତେ ଉଚ୍ଚାବସ୍ଥା ପ୍ରଦାନ କରିଛନ୍ତି । ବସ୍ତୁତଃ ପ୍ରେମ ଯେ କେତେ ଉନ୍ନତ ଭାବ ତାହାର ସୀମାନିର୍ଦ୍ଧେଶ କେହି କରିପାରି ନାହାନ୍ତି । ସାଗରର ଗଭୀରତା ନିର୍ଣ୍ଣୟ କରିବାକୁ ଯାଇ ଲବଣ ପିତୁଳାର ଯେଉଁ ଦୁର୍ଦ୍ଦଶା ହୁଏ, ପ୍ରେମ-ଜଗତରେ ଠିକ ତାହା ହିଁ ପ୍ରଯୁଜ୍ୟ । ଯେଉଁମାନେ ଏହି ପ୍ରେମ-ସାଗରରେ ନିମଜ୍ଜିତ ହୋଇଛନ୍ତି ସେମାନେ ଆଉ ସେଥିରୁ ଉଠିପାରି ନାହାନ୍ତି । ସେହି ପ୍ରେମରେ ଚିରଦିନ ପାଇଁ ସମାଧି ଲାଭ କରିଛନ୍ତି ।

('ପ୍ରେମେ ସମାଧି'ର ଭୂମିକା—ଆର୍ଯ୍ୟଦର୍ପଣ ୧୩୬୦ ସାଲ ୧ମ ସଂଖ୍ୟା)

"ଜ୍ଞାନ ପରେ ପରାଭକ୍ତି ବା ପ୍ରେମ ଲାଭ ହୁଏ । ସେଥିପାଇଁ ପ୍ରଥମେ ଶଙ୍କର, ପରେ ଗୌରାଙ୍ଗ । ପ୍ରଥମେ ଜ୍ଞାନ, ତାପରେ ପ୍ରେମ । ସେଥିପାଇଁ ମୁଁ ତୁମମାନଙ୍କୁ ଶଙ୍କରଙ୍କର ମତ ଓ ଗୌରାଙ୍ଗଙ୍କର ପଥ ଅର୍ଥାତ୍ ଶଙ୍କରଙ୍କର ଜ୍ଞାନ ଓ ଗୌରାଙ୍ଗଙ୍କର ପ୍ରେମ ଦେବାକୁ ଇଚ୍ଛା କରୁଛି । ଜ୍ଞାନଲାଭ ପରେ ଯେଉଁ ପ୍ରେମ ତାହା ହିଁ ଶ୍ରେଷ୍ଠ ପ୍ରେମ । ସେହି ପ୍ରେମ ହିଁ ମଧୁର ।

ପ୍ରକୃତ ଜ୍ଞାନରେ ପ୍ରତିଷ୍ଠିତ ହୋଇ ନ ପାରିଲେ ପ୍ରେମଲାଭ ଅସମ୍ଭବ । ଯେ ନିଜର ସ୍ୱରୂପ ଜାଣନ୍ତି ନାହିଁ, ଭଗବାନଙ୍କର ସ୍ୱରୂପ ଚିହ୍ନନ୍ତି ନାହିଁ,

ସେ ଭଗବାନଙ୍କ ସହିତ କପରି ପ୍ରେମ କରିବେ ? ଜଡଭାବରେ ଥାଇ ସଚ୍ଚିଦାନନ୍ଦ ଘନବିଗ୍ରହଙ୍କ ସହିତ ପ୍ରେମ କରିବା କ'ଣ ସମ୍ଭବପର ?

ପ୍ରେମସାଧନା କେବେ ହେଲେ ସିଦ୍ଧ ହୁଏ ନାହିଁ । କାରଣ ସିଦ୍ଧ ହେଲେ ତ ସାଯୁଜ୍ୟ ହୋଇଯିବ । ଆଉ ସାଯୁଜ୍ୟ ହେଲେ ତ ସେ ଲୟ ହୋଇଯିବ । ତାପରେ ତ ତାଙ୍କର ଆଦୌ ଅହଂତ୍ୱ ରହିବ ନାହିଁ । ସେ ସିଦ୍ଧ ହୋଇଛନ୍ତି କି ନ ହୋଇଛନ୍ତି ଜାଣିବେ କପରି ? ଏକମାତ୍ର ପରମପୁରୁଷ ହିଁ ପ୍ରେମସାଧନସିଦ୍ଧ । ସେ ମୂର୍ତ୍ତିମାନ୍ ପ୍ରେମ ରୂପରେ ନିତ୍ୟଧାମରେ ବିରାଜିତ । ଆଉ ଏଇ ଯେଉଁ ପ୍ରେମର ସାଧନା, ଇଷ୍ଟଙ୍କୁ ନ ଦେଖିଲେ ଏହାର ସାଧନା ହୋଇପାରେ ନାହିଁ । ତାଙ୍କୁ ନ ଦେଖିଲେ ସାଧନା କପରି ହେବ ? କାହାକୁ ନେଇ ବା ସାଧନା ହେବ ? ପାଗଳ ନ ହେଲେ ତ ପ୍ରେମର ସାଧନା ହୁଏ ନାହିଁ । ଯେତେବେଳେ ସେ ବିଦ୍ୟୁତ୍ ଚମକ ପରି କ୍ଷଣିକ ଦେଖା ଦେଇ ଅଦୃଶ୍ୟ ହୁଅନ୍ତି, ସାଧକ ସେତେବେଳେ ଚମକି ଉଠନ୍ତି, ସେ ଆନନ୍ଦରେ ବିଭୋର ହୋଇ ତାଙ୍କୁ ସର୍ବଦା ଦେଖିବା ପାଇଁ ପାଗଳ ହୋଇ ପଡ଼ନ୍ତି । ଏପରି ନ ହେଲେ ଏ ଅବସ୍ଥା ପୂର୍ବରୁ ସାଧାରଣତଃ ଲୋକେ ପ୍ରେମର ଯେଉଁ ସାଧନା କରନ୍ତି ସେଗୁଡ଼ିକ ସବୁ ଭଣ୍ଡାମି । ତାଙ୍କୁ ଦେଖିବା ପୂର୍ବରୁ ପ୍ରେମର ସାଧନା କୌଣସିମତେ ହୋଇପାରିବ ନାହିଁ । ତେବେ ତାହା ଭକ୍ତିର ସାଧନା ହୋଇପାରେ ।

ଜଣେ ସାଧାରଣ ମନୁଷ୍ୟକୁ ମଧ୍ୟ କେହି ଠିକ୍ ପ୍ରାଣ ଦେଇ ସୁଖ ପାନ୍ତି ତା ହେଲେ ତାଙ୍କ ଭିତରେ ମଧ୍ୟ ଭଗବାନ ଫୁଟି ଉଠିବେ । କିନ୍ତୁ ସୁଖ ପାଇବା ଖାଣ୍ଟି ହେବା ଆବଶ୍ୟକ । ଚଣ୍ଡୀଦାସ ସାମାନ୍ୟ ଜଣେ ରଜକିନୀକୁ ସହଜ ମନୁଷ୍ୟ ଭାବରେ ସୁଖ ପାଇଥିଲେ । କିନ୍ତୁ କ୍ରମେ ଚଣ୍ଡୀଦାସଙ୍କ ନିକଟରେ ରଜକିନୀ-ରୂପ କିଶୋରୀ-ସ୍ୱରୂପ କାମ-ଗନ୍ଧ ଶୂନ୍ୟ ହୋଇ ଉଠିଲା । ଅସଲ କଥା ହେଲା ଖାଣ୍ଟି ପ୍ରେମ ବା ସୁଖ ପାଇବା । ସୁଖ ଦାଇ ଯେପରି ଚରିତ୍ର ଉତ୍କର୍ଷ ହୁଏ, ସୁଖ ପାଇବା ଲାଭ କରି ମଧ୍ୟ ସେହିପରି ଚରିତ୍ର ଉତ୍କର୍ଷ ହୋଇଥାଏ । ଯେପରି ଖୁବ୍ କମ ଲୋକ ଖାଣ୍ଟି ଭାବରେ ସୁଖ

ପାଇ ପାରନ୍ତି ସେହିପରି ଖୁବ୍ କମ୍ ଲୋକ ମଧ୍ୟ ଖାଣ୍ଟି ସୁଖ ପାଇବା ଲାଭ କରିବାର ସୌଭାଗ୍ୟ ଲାଭ କରିଥାନ୍ତି । ଖାଣ୍ଟି ପ୍ରେମ ବା ସୁଖ ପାଇବା ଲାଭ କରିବା ବହୁତ ସୌଭାଗ୍ୟର କଥା । ମୁଁ ଏହି ଭଲ ପାଇବା କଥା ହିଁ ପ୍ରଚାର କରିବାକୁ ଚାହେଁ । ସାଧନ ଭଜନ କରି ମୋ ଶିଷ୍ୟମାନଙ୍କ ଭିତରୁ କେହି କିଛି ପାଇ ନାହାନ୍ତି । ମୋତେ ସୁଖପାଇ ଯାହା କିଛି ପାଇଛନ୍ତି ବା ପାଇଛନ୍ତି । ସୁତରାଂ ଅସଲ କଥା ହେଲା ସୁଖପାଇବା । ପ୍ରତ୍ୟେକଙ୍କ ଭିତରେ ଏହି ସୁଖପାଇବା ଅଛି । ପ୍ରତ୍ୟେକ ସୁଖପାଇବାକୁ ଇଚ୍ଛା କରନ୍ତି ଏବଂ ସୁଖପାଇବା ଲାଭ କରିବାକୁ ମଧ୍ୟ ଚାହାନ୍ତି । କିନ୍ତୁ ପ୍ରକୃତ ସୁଖ ପାଇବା ଲାଭ କରିବା କ୍ୱଚିତ୍ କାହା ଭାଗ୍ୟରେ ଘଟେ ?

(ଜୀବନୀ ଓ ବାଣୀ)

"ପ୍ରେମ ସର୍ବାପେକ୍ଷା ଶ୍ରେଷ୍ଠ । ମାୟାକୁ ଜୟ ନ କଲେ ପ୍ରେମୋଦୟ ବା ପ୍ରେମ ଅର୍ପଣ ସମ୍ଭବ ହୁଏ ନାହିଁ । ସତ୍ୟବସ୍ତୁ ମାୟାତୀତ । ସେହି ସତ୍ୟବସ୍ତୁକୁ ତୁମେ ଯେଉଁ ଭାବରେ ଯାହାଙ୍କ ଭିତରେ ଦର୍ଶନ କରି ତାଙ୍କୁ ତୁମର ପ୍ରେମ ଅର୍ପଣ କରିବ, ତାହା ସ୍ୱତଃ ମାୟା ସହିତ ସମ୍ବନ୍ଧଶୂନ୍ୟ ହୋଇଯିବ । ତୁମେ ଯାହାଙ୍କୁ ଅଜ୍ଞାନ ବୋଲି ଭାବୁଛ, ତାଙ୍କ ଭିତରେ ମୁଁ କିନ୍ତୁ କେବଳ ଚୈତନ୍ୟଙ୍କୁ ଦେଖିବାକୁ ପାଉଛି, ସୁତରାଂ କୌଣସି ଅଜ୍ଞାନ ବ୍ୟକ୍ତିଙ୍କଠାରେ ତୁମେ ସତ୍ୟବସ୍ତୁ ଆରୋପ କଲେ ମଧ୍ୟ ପ୍ରକୃତ ଭାବରେ ଦେଖିବାକୁ ଗଲେ 'ସତ୍ୟ ସର୍ବଦା ହିଁ ସତ୍ୟ; କେବେହେଲେ ତାହା ଆରୋପିତ ନୁହେଁ । ଯେଉଁ ବ୍ୟକ୍ତି ଅନ୍ୟ ଭିତରେ ସତ୍ୟ ଆରୋପ କରି ତାହାକୁ ପ୍ରେମ ଅର୍ପଣ କରନ୍ତି, ତାଙ୍କୁ ସୁଖ ପାନ୍ତି, ତାଙ୍କର ସେହି ନିଃସ୍ୱାର୍ଥ ସୁଖ ପାଇବା ସହିତ ମାୟାର ସମ୍ବନ୍ଧ କିପରି ବା ସ୍ଥାପିତ ହୋଇପାରିବ ? ପ୍ରେମ ସହିତ ମାୟାର ଯେ ବିରୁଦ୍ଧ ସମ୍ବନ୍ଧ ବିଦ୍ୟମାନ ।

(ଶ୍ରୀ ଶ୍ରୀ ନିଗମାନନ୍ଦ କଥାସଂଗ୍ରହ, ପ୍ରଥମ ଭାଗ,—ଶିଶିର କୁମାର ବସୁ)